
ଉତ୍କଳ ପ୍ରସଙ୍ଗ
ରଥଯାତ୍ରା ବିଶେଷାଙ୍କ
୧୯୭୯

ଟର ହରେକୃଷ୍ଣ ମହତାବ ଦୀପ ଜଳାଇ ୧୯୭୯ ମଇ
୭ ତାରିଖ ଦିନ ଭୁବନେଶ୍ୱରଠାରେ ଓଡ଼ିଶାର ସାମରିକ
ପରା ସମ୍ପର୍କିତ ଏକ ୪ ଦିନିଆ ଆଲୋଚନାଚକ୍ର
ଉଦ୍‌ଘାଟନ କରୁଛନ୍ତି ।





ଭୁବନେଶ୍ୱରରେ ପାଇକ ଆଖଡ଼ା ପ୍ରତିଯୋଗିତା ଉପଲକ୍ଷେ ୧୯୭୯ ମଇ ୨୭ ତାରିଖ ଦିନ ପାଇକ-ମାନେ ବରୁଣେଇ ପାହାଡ଼ରୁ ଶୋଭାଯାତ୍ରାରେ ପ୍ରଦୀପ୍ତ ଅଗ୍ନିଶିଖା ଧରି ଆସୁଛନ୍ତି ।



'ନୀଳାଦ୍ରୌଶଂଖ ମଧ୍ୟେ ଶତଦଳ କମଳେ ରତ୍ନ ସିଂହାସନସ୍ଥ
ସର୍ବାଳଂକାର ଯୁକ୍ତଂ ନବଘନରୁଚିରଂ ସଂଯୁତଂ ଚାଗ୍ରଜେନ ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟଂ
ବେଦାନାଂ ସାରମେକଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ॥

ରମାରମଣ ହେ, ତୁମ୍ଭେ ପର ଦୟାସିନ୍ଧୁ
ଦୀନଠାରେ କିମ୍ପା ହୃଦେ ଅନୁକମ୍ପା
ହେଉନାହିଁ ଦୀନବନ୍ଧୁ !

ତ୍ରିଭୁବନ ଦୁଷ୍ଟ ନିବାରଣ ତୁଷ୍ଟ
ବାଡ଼ବାଗ୍ନି ଗର୍ଭେ ଭରି
ଲୋକାଲୋକ ଗିରି ଜଗତ ମଣ୍ଡଳୀ
ମଧ୍ୟେ ହୋଇଛ ମାଧୁରୀ । ୧ ।

ଅଗାଧ ସୁଷମା ଅଶେଷ ମହିମା
ସଙ୍କୁଳେ ହୋଇ ସଚୁର
ମଛ କଛ ଜଳଚର ଅବତାରଙ୍କର
ଅଟ ଜନ୍ମସ୍ଥଳ । ୨ ।

ଜଳଦ ଗଭୀର ବାଣୀ ସୁମଧୁର
ଘୋଷକୁ କରି ବିଦିତ
ତରଙ୍ଗ ବିଶେଷ ମହା ମହୋଲ୍ଲାସ
ଭରେ ହୋଇଛି ରଞ୍ଜିତ । ୩ ।

ତରଙ୍ଗିଣୀ ବୃନ୍ଦ ସୁମନସ କଦମ୍ବର
ନୃପତି ବୋଲାଇ
ମହତୀ ପରମ ଯୋଗେ ଦୁରାଧମ
ଜନକୁ କରୁଛ ଛାଡ଼ି । ୪ ।

ଅଣିମାଦି ଅଷ୍ଟ- ରତନ ବିଶିଷ୍ଟ
ସଦାନେ କୁଶଳ ହୋଇ
କଷ୍ଟକୁ ଲୋକର ହରୁଛ ନିକର
ଭଞ୍ଜ ବୀରବର କହି । ୫ ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ—

# ଶ୍ରୀ ଆରତ ଦଳନ ଜଣାଣ

(ରାଗ—ପ୍ରଭାତ ଭୈରବ)

ଆହେ ନୀଳଶଇଳ-ପ୍ରବଳ-ମତ୍ତ-ବାରଣ !
ମୋ ଆରତ-ନଳିନୀ-ବନକୁ କର ଦଳନ । ଘୋଷା ।

ଗଜରାଜ ଚିନ୍ତାକଲା ଥାଇ ଘୋର ଜଳେଣ
ଚକ୍ର ପେଷି ଗ୍ରାହ ନାଶି ଉଦ୍ଧରିଲ ଆପଣ ॥ ୧ ॥

ଘୋରବନେ ମୃଗୁଣୀକି ପଡ଼ିଥିଲା କଷଣ
କେତେ ବଡ଼ ବିପତ୍ତିରୁ କରିଅଛ ତାରଣ ॥ ୨ ॥

କୁରୁ ସଭାତଳେ ଶୁଣି ଦ୍ରୌପଦୀର ଜଣାଣ
କୋଟି ବସ୍ତ୍ରଦେଇ ହେଲେ ଲଜ୍ଜାକଲ ବାରଣ ॥ ୩ ॥

ରାବଣର ଭାଇ ବିଭୀଷଣ ଗଲା ଶରଣ
ଶରଣ ସମ୍ଭାଳି ତାକୁ ଲଙ୍କେ କଲ ରାଜନ ॥ ୪ ॥

ପ୍ରହଲ୍ଲାଦ-ପିତା ସେ ଯେ ବଡ ଦୁଷ୍ଟ ଦାରୁଣ
ସ୍ତମ୍ଭରୁ ବାହାରି ତାକୁ ବିଦାରିଲ ତକ୍ଷଣ ॥ ୫ ॥

କହେ ସାଲବେଗ ହୀନ ଜାତିରେ ମୁଁ ଯବନ
ଶ୍ରୀରଙ୍ଗାଚରଣ ତଳେ କରୁଅଛି ଜଣାଣ ॥ ୬ ॥

—ସାଲବେଗ—

ସିଂହଦ୍ୱାରେ ସର୍ବେ ରହିଛନ୍ତି ହେ, ପ୍ରାଣପତି ।
ଆସି ଯତି ସତୀ । ଘୋଷା ।

ବ୍ରହ୍ମବାସୀ ମୁନିଗଣେ ଆସିଛନ୍ତି ଦରଶନେ
ବେଦମୁଖୀ ବ୍ରହ୍ମମାନେ ଉଚ୍ଚରି ସାମ ଗାନେ
ବେଦଧ୍ୱନି ଦ୍ୱାରେ କରୁଛନ୍ତି ହେ ॥ ୧ ॥

ଆସିଛନ୍ତି ରୁଦ୍ରକୁଳ ଘେନି ଡମ୍ବରୁ ତ୍ରିଶୂଳ
ଅଷ୍ଟକୁଳା ନାଗବର ଆଣି କ୍ଷୀରସିନ୍ଧୁ ଜଳ
ଅବ୍ୟକତ ବିଷ୍ଣୁ ଆସିଛନ୍ତି ହେ ॥ ୨ ॥

ସୁରପତି ଶଚଚନ୍ଦ୍ର ସଙ୍ଗେ ଘେନି ଦେବବୃନ୍ଦ
ବଜାଇ ଦୁନ୍ଦୁଭି ବାଦ୍ୟ ନାଚୁଛନ୍ତି ଉନମାଦ
ପାରିଜାତ ପୁଷ୍ପ ଆଣିଛନ୍ତି ହେ ॥ ୩ ॥

ଋଷିଯୁଗ ହୋଇ ଠୁଳ ପଢୁଅଛନ୍ତି ମଙ୍ଗଳ
ଦରଶନେ ଆଖିଜଳ ଭିଡ଼ି ହୋଇ ଠେଲୁଁଠେଲ
ବାଟ ନାହିଁ ହୋନ୍ତି ଯନ୍ତାଯନ୍ତି ହେ ॥ ୪ ॥

ଛପ୍ନ କୋଟି ଜୀବ ଯେତେ ଆଶା କରିଛନ୍ତି ଚିତ୍ତେ
ପତି ପାଇବା ନିମନ୍ତେ ହଣ୍ଡକୁ ଯାଚି ସମସ୍ତେ
ନେଲେ ଯାଇ କୁଟୁମ୍ବ ପୋଷନ୍ତି ହେ ॥ ୫ ॥

ଭଣେ ଭୀମସେନ ଖେଇ ଶ୍ରୀଗୁରୁ ଚରଣେ ଧ୍ୟାଇ
ଥିବ କେତେ ଠିଆ ହୋଇ ଦୟା ହେଲେ ଯିବ ସେଠି
ଜଣାଉଛି ଘେନ ମୋ ବିନତି ହେ ॥ ୬ ॥

—ଭୀମ ଭୋଇ

୧୯୭୯ ଜୁନ୍
ଜ୍ୟେଷ୍ଠ/ଆଷାଢ଼
୧୯୦୧ ଶକାବ୍ଦ
୩୫ ଭାଗ: ଏକାଦଶ ସଂଖ୍ୟା

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସମ୍ପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ସଜ୍ଜା ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦'୦୦


ପ୍ରତିଖଣ୍ଡ—ଟ ୧'୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।


| | |
|---|---|
| ଦାରୁବ୍ରହ୍ମ .. | ୧ |
| ଯୁଗଯୁଗର ଘୋଷଯାତ୍ରା—ଗୁଣ୍ଡିଚା .. | ୪ |
| ରଥ ପ୍ରସ୍ଥାନ .. | ୮ |
| ବାମନ .. | ୧୨ |
| ଆଖିର ପଲକ ତୋର—ଆଖିର ଗୋଲକ (କବିତା) .. | ୧୫ |
| ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ .. | ୧୭ |
| ଆମ ସାହିତ୍ୟରେ ଶ୍ରୀ ଜଗନ୍ନାଥ .. | ୨୩ |
| ସନ୍ଥ କବି ଆର୍ତ୍ତ ଦାସ .. | ୨୮ |
| ଜଗନ୍ନାଥଙ୍କ ସମ୍ପର୍କରେ ଦୁଇଟି ସୂଚନା .. | ୩୫ |
| ଦିଅଁଙ୍କ ଅଭିସାର .. | ୩୭ |
| ବଡ଼ ଦେଉଳ (କବିତା) .. | ୪୨ |
| ଯୁଗକୁ ଯୁଗ ଏହି ମତେ .. | ୪୩ |
| ଶ୍ରୀକ୍ଷେତ୍ରରେ ରାମାୟଣର ଅବଶେଷ .. | ୫୧ |
| "ଗୁଣ୍ଡିଚା ବିଜେ" କବି ବ୍ରଜନାଥ .. | ୫୫ |
| ଜୟ କଳା ବଦନ .. | ୬୦ |
| ଜୟ ଜଗନ୍ନାଥ (କବିତା) .. | ୬୧ |
| ହରିରଥ ବର୍ଣ୍ଣନା | ୬୨ |
| ହେ ସାତ୍ତ୍ୱନାମୟ (କବିତା) .. | ୬୪ |
| ନନ୍ଦିଘୋଷରେ ଜଗନ୍ନାଥ .. | ୬୬ |
| ପ୍ରଳୟ ପରେ ସୃଷ୍ଟି .. | ୭୨ |
| ସୁଖ କହିବି କି ଦୁଃଖ କହିବି .. | ୭୩ |
| ବିନା ମାଟିରେ ବୃକ୍ଷ .. | ୭୬ |
| ମଞ୍ଚ ଓ ବେତାର ନାଟ୍ୟକଳା .. | ୭୮ |
| ଶିଶୁର ଖାଦ୍ୟ ସମସ୍ୟା .. | ୮୧ |
| ମଦ ନୁହେଁ, ମହାକାଳ ବିଷ .. | ୮୩ |
| ସମବାୟ ଭିତ୍ତିରେ ସାହିତ୍ୟ ସେବା ଓ ପୁସ୍ତକ ପ୍ରକାଶନ .. | ୮୬ |
| ଜିଲ୍ଲା ପରିକ୍ରମା .. | ୮୯ |
| ଆମ ଗଡ଼୍ୟ .. | ୧୦୩ |

# ଦାରୁବ୍ରହ୍ମ



## କୈଳାସ ଚନ୍ଦ୍ର ମିଶ୍ର

ଯେଉଁ ବିଷୟ ଯେତିକି ପରିବ୍ୟାପ୍ତ ତା'ର ଆଲୋଚନାର ଦିଗ ସେତିକି ଅଧିକ । ଦେବ ଦେବ ଜଗନ୍ନାଥଙ୍କ ପବିତ୍ର ବିଷୟ ଆଲୋଚନା କଲାବେଳେ ଏହି ଧାରଣା ମନରେ ସ୍ୱତଃ ଜାଗ୍ରତ ହୁଏ । ବହୁ ପୁରାଣକାର, ବହୁ ବିଜ୍ଞ ବ୍ୟକ୍ତି ପ୍ରଭୁଙ୍କ ସଂପର୍କରେ ବହୁ ଦିଗରୁ ଆଲୋକପାତ କରିଅଛନ୍ତି । ପ୍ରଭୁଙ୍କ ମହାତ୍ମ୍ୟ ବର୍ଣ୍ଣନା ବା କୀର୍ତ୍ତନ କରିବାବେଳେ ପୁରାଣରୁ ମଧ୍ୟ ବହୁ ଉଦାହରଣ ଦେଇ ଅଛନ୍ତି । ତେବେ ଗୋଟିଏ ପ୍ରଶ୍ନ ମନକୁ ବାରମ୍ବାର ଆଲୋଡ଼ିତ କରେ—ଠାକୁରଙ୍କ ସ୍ଥାପନା ଆଗ ନା ପୁରାଣ ଆଗ ? ଏହି ସଂପର୍କରେ ଆଦିକବି ବାଲ୍ମୀକିଙ୍କ କଥା ମନେ ପଡ଼େ । ବାଲ୍ମୀକିଙ୍କ ପୂର୍ବରୁ କବିତା ନଥିଲା । ସେ ନିଷାଦ ଶରବିଦ୍ଧ କ୍ରୌଞ୍ଚ ଦୁଃଖରେ ଅଭିଭୂତ ହୋଇ ପ୍ରଥମେ କବିତା ସର୍ଜନା କରିଥିଲେ । ଅତଏବ ସବୁ କାବ୍ୟ କବିତା (ପ୍ରସଙ୍ଗତଃ ସଂସ୍କୃତ ଶ୍ଳୋକ) ରଚନା ବାଲ୍ମୀକିଙ୍କର ପରବର୍ତ୍ତୀ ଯୁଗର କଥା । ତାଙ୍କ ରଚିତ ମହାପୁରାଣ ରାମାୟଣ ମଧ୍ୟ ଘଟଣା ଘଟି ସାରିବାର ବହୁ ପରବର୍ତ୍ତୀ କାଳର ରଚନା । କିନ୍ତୁ ରାମାୟଣରୁ ଜଣାପଡ଼େ ଯେ ଯେତେବେଳେ ବିଭୀଷଣ ରାମଚନ୍ଦ୍ରଙ୍କୁ କିପରି ଯୁଗେ ଯୁଗେ ଦର୍ଶନ ଲାଭ କରିବେ ବୋଲି ଅନୁରୋଧ କଲେ ସେତେବେଳେ ସେ ନୀଳାଚଳ ଧାମର ଜଗନ୍ନାଥଙ୍କୁ ଦର୍ଶନ କରିବା ବ୍ୟବସ୍ଥା କରିଥିଲେ । ଅଦ୍ୟାବଧି ବଡ଼ ଏକାଦଶୀ ଦିନ ଶ୍ରୀକ୍ଷେତ୍ରରେ ବିଭୀଷଣ ଦର୍ଶନର ବ୍ୟବସ୍ଥା ପ୍ରଚଳିତ ରହିଛି । ରଥଯାତ୍ରା ସମୟରେ ମଧ୍ୟ ନବମୀ ଦିନଟି ବିଭୀଷଣ ଦର୍ଶନ ଦିବସ ବୋଲି କଥିତ ହୁଏ । ଏହି ପରିପ୍ରେକ୍ଷୀରେ ପୁରାଣ କଥା ମାଧ୍ୟମରେ ଠାକୁରଙ୍କ ବିଷୟରେ ଚର୍ଚ୍ଚା ନ କରି କିମ୍ବଦନ୍ତୀ ସଂପର୍କିତ ପର୍ଯ୍ୟାଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଦାରୁବ୍ରହ୍ମ ଶବ୍ଦ ଜଗନ୍ନାଥଙ୍କ ପ୍ରତି ପ୍ରଯୋଜ୍ୟ ହୋଇଥାଏ । କିନ୍ତୁ ନବ କଳେବର କଲାବେଳେ ସଂକ୍ରାନ୍ତିଯୁକ୍ତ ଅମାବାସ୍ୟାର ଘୋର ରାତ୍ରିରେ ଦଇତାପତିମାନେ ସ୍ପର୍ଶ ସୁଦ୍ଧା ଅନୁଭବ କରି ନ ପାରିବା ଭଳି ହାତରେ ପଟି ବାନ୍ଧି, ଦେଖି ନ ପାରିବା ଭଳି ଆଖିରେ ପଟି ବାନ୍ଧି ପ୍ରାଚୀନ ବିଗ୍ରହମାନଙ୍କରୁ ବ୍ରହ୍ମଙ୍କୁ ବାହାର କରି ଆଣି ନୂତନ ବିଗ୍ରହ ମାନଙ୍କରେ ସ୍ଥାପନା କରନ୍ତି । ଏଥିରୁ ଏହା ସୁସ୍ପଷ୍ଟ ଯେ ଗୋଟିଯାକ ବିଗ୍ରହଙ୍କର ହୃଦୟରେ ବ୍ରହ୍ମ ନାମକ ଏକ ଅଲୌକିକ ପଦାର୍ଥ ରଖାଯାଏ । ଅତଏବ ଦାରୁବ୍ରହ୍ମ ଶବ୍ଦରୁ ଆମେ କଅଣ ବୁଝିବା ? ଯେହେତୁ ଠାକୁରଙ୍କର ଗୋଟି ଯାକ ବିଗ୍ରହ ଦାରୁ ବା କାଷ୍ଠରେ ନିର୍ମିତ, ଯେହେତୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ହୃଦୟରେ ବ୍ରହ୍ମ ସ୍ଥାପନା କରିବାର ପ୍ରମାଣ ଅଛି, ତେଣୁ 'ଦାରୁବ୍ରହ୍ମ' ଶବ୍ଦରୁ କ'ଣ ବୁଝା ଯାଉଛି ? ଦାରୁ ମଧ୍ୟସ୍ଥିତ ବ୍ରହ୍ମ ନା 'ଦାରୁ ଓ ବ୍ରହ୍ମର ସମଷ୍ଟି' ନା ଯେଉଁ ଦାରୁରେ ବ୍ରହ୍ମ ବିଦ୍ୟମାନ ? ତେବେ ଶେଷ ପ୍ରଶ୍ନର ଉତ୍ତର ଦେବାକୁ ହେଲେ ଆମେ କହିବା, ବ୍ରହ୍ମ ସର୍ବତ୍ର ବିଦ୍ୟମାନ କେବଳ ଏହି ଦାରୁରେ ସୀମିତ ରହିବେ କାହିଁକି ? ସ୍ମରଣ ହୁଏ ପ୍ରବଳ ପରାକ୍ରମୀ ହିରଣ୍ୟାସୁରର ପୁତ୍ରକୁ ତାଡ଼ନା କରିବା କଥା । ରାକ୍ଷସ ପଚାରିଥିଲା— ତୋ ଠାକୁର କେଉଁଠି ? ଉତ୍ତର ଦେଲା ଭକ୍ତପ୍ରବର ପ୍ରହ୍ଲାଦ ପ୍ରଭୁ ସର୍ବତ୍ର ବିଦ୍ୟମାନ ! ନିକଟସ୍ଥ ମଣ୍ଡପ ସ୍ତମ୍ଭରେ ମଧ୍ୟ ସେ ଅଛନ୍ତି କି ବୋଲି ପ୍ରଶ୍ନ ହେଲା । କିଞ୍ଚିତ ଚିନ୍ତାକୁଳ ହେଲେ ପ୍ରହ୍ଲାଦ । ଏହି ସମୟରେ ମଣ୍ଡପର ସ୍ତମ୍ଭରେ ଦର୍ଶନ ପାଇଲେ ବ୍ରହ୍ମାଣ୍ଡପତିଙ୍କର । ସେହିକଥା ସେ କ୍ରୁଦ୍ଧ ପିତାଙ୍କୁ ଦେଖାଇବାରୁ ଦୁଷ୍ଟ ହିରଣ୍ୟକଶିପୁ ସ୍ତମ୍ଭ ଉପରେ ଗଦା ପ୍ରହାର କଲେ । ପରବର୍ତ୍ତୀ ଘଟଣାର ବର୍ଣ୍ଣନା ଅନାବଶ୍ୟକ । ତେବେ ସେହି କାଳ ଅର୍ଥାତ ସତ୍ୟ ଯୁଗରେ ମଧ୍ୟ ଦାରୁରେ ବ୍ରହ୍ମଙ୍କର ଅବସ୍ଥିତି ପରିକଳ୍ପନା କରାଯାଇଛି ।

କିମ୍ବଦନ୍ତୀରୁ ସୁସ୍ପଷ୍ଟ ଯେ ଶବରରାଜା ବିଶ୍ୱାବସୁ ପୂଜିତ ଠାକୁରଙ୍କୁ ଛଳନା କରି ନେଇ ଆସିଲେ ମନ୍ତ୍ରୀ

ପ୍ରବର ବିଦ୍ୟାପତି । ଠାକୁରଙ୍କ ଅବସ୍ଥିତି ଜାଣିବା ପାଇଁ ଶବରରାଜଙ୍କର ଅଲ୍ୟବ କନ୍ୟାଙ୍କର ପାଣି ଗ୍ରହଣ ମଧ୍ୟ କରିଥିଲେ । କିନ୍ତୁ କିମ୍ବଦନ୍ତୀରୁ ବିଶ୍ୱାବସୁ ପୂଜିତ ଠାକୁରଙ୍କର ଆକାର କିପରି ଥିଲା ତାହା ବୁଝି ହେଉ ନାହିଁ । କିନ୍ତୁ ଏତିକି ସୁସ୍ପଷ୍ଟ ଯେ ସେହି ଠାକୁର ନଦୀ ସ୍ରୋତରେ ଭାସି ଭାସି ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଆସିଥିଲେ ଏବଂ ନାରାୟଣାନ୍ୱେଷୀ ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦିଷ୍ଟ ହେଲେ "ମହୋଦଧିରେ ଭାସମାନ ହେଉଛି ଯେଉଁ ଦାରୁ, ଯାହାର ତେଜପୁଞ୍ଜ ଦିଗବିଦିଗ ଉଦ୍ଭାସିତ କରୁଅଛି ତାହାଙ୍କୁ ଆଣି ମନ୍ଦିରରେ ସ୍ଥାପନ କରି ସେବା ଆରାଧନା କର" । ସେହି ଦାରୁକୁ ଇନ୍ଦ୍ରଦ୍ୟୁମ୍ନ ନେଇ ଆସିଲେ ଏବଂ ମୂର୍ତ୍ତି ନିର୍ମାଣ କରିବାର ପରିକଳ୍ପନା କଲେ । କିମ୍ବଦନ୍ତୀ କହେ ଜଣେ ବୃଦ୍ଧ ବର୍ଦ୍ଧକୀ ନିହାଣ ମୁଗୁର ହାତରେ ଠାକୁର ନିର୍ମାଣ କରିଥିଲେ । ଏଠାରେ ଗୋଟିଏ ପ୍ରଶ୍ନ ମନରେ ଜାଗ୍ରତ ହୁଏ । ତାହାହେଲେ ଯେଉଁ ବିଶ୍ୱାବସୁ ପୂଜିତ ଠାକୁର ନଦୀ ସ୍ରୋତରେ ଭାସି ଆସିଥିଲେ ସେହି ଦାରୁକୁ ନେଇ ସେ ମନ୍ଦିରରେ ସ୍ଥାପନା କରି ଥାଆନ୍ତେ । ପୁଣି ମୂର୍ତ୍ତି ନିର୍ମାଣର ମସୁଧା ହେଲା କାହିଁକି ? ଏହା ସ୍ୱତଃ ଅନୁମେୟ ଯେ ବିଶ୍ୱାବସୁଙ୍କ ଆରାଧ୍ୟ ଦେବତା ସ୍ତମ୍ଭରୂପୀ ଶବର-ଅନାର୍ଯ୍ୟ ପୂଜ୍ୟ । ଅତଏବ ଅନାର୍ଯ୍ୟ ପୂଜିତ ଠାକୁରଙ୍କୁ ଆର୍ଯ୍ୟଶ୍ରେଷ୍ଠ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜା କରାଇଥିଲେ ହୁଏତ ଅସୁବିଧା ହୋଇ ଥାଆନ୍ତା । ସାକାର ବିଷ୍ଣୁଙ୍କୁ ପୂଜା କରୁଥିବା ବ୍ରାହ୍ମଣ ଜାତିର ମହତ୍ତ୍ୱରେ ହୁଏତ କଳଙ୍କ ଲାଗି ଥାଆନ୍ତା । ତେବେ ଏ ପ୍ରଶ୍ନର ମୀମାଂସା କିଏ ବା କରିପାରି ଥାଆନ୍ତା । ଏକ ଦିଗରେ ଭକ୍ତ ପ୍ରବର ବିଶ୍ୱାବସୁ ଅନ୍ୟ ଦିଗରେ ମହାଭକ୍ତ ଇନ୍ଦ୍ରଦ୍ୟୁମ୍ନ ଯିଏ ଯୁଗ ଯୁଗ ଧରି ନିର୍ମିତ ମନ୍ଦିର ପାଇଁ ଉପଯୁକ୍ତ ବିଗ୍ରହ ଅନ୍ୱେଷଣରତ । ଏଣୁ ସ୍ୱୟଂ ପ୍ରଭୁ ଦେଲେ ଏ ପ୍ରଶ୍ନର ଉତ୍ତର । ବହୁବର୍ଷ ଧରି ପୂଜା ପାଉଥିବା ବିଶ୍ୱାବସୁଙ୍କର ମମତା ତୁଟାଇ ପାରିଲେ ନାହିଁ କି ପରମ ଭକ୍ତ ଇନ୍ଦ୍ରଦ୍ୟୁମ୍ନଙ୍କ ମନରେ ଆଘାତ ଦେବାର ଇଚ୍ଛା କଲେ ନାହିଁ । ଅତଏବ ଏହିପରି ସ୍ୱଗୋଟି ବିଗ୍ରହ ନିର୍ମାଣ କଲେ ଯହିଁରୁ ସମସ୍ତ କିମ୍ବଦନ୍ତୀ ସ୍ୱତଃ ପ୍ରତିପାଦିତ ହୋଇଯାଉଛି । ସୁଦର୍ଶନଙ୍କ ବିଗ୍ରହକୁ ଲକ୍ଷ୍ୟ କଲେ ଜଣାପିବ, ସେ କେବଳ ସ୍ତମ୍ଭରୂପୀ ଯାହା ହୁଏତ ପ୍ରଭୁଙ୍କର ମୂଳ ରୂପ ଥିଲା । ସୁଭଦ୍ରାଙ୍କ ବିଗ୍ରହକୁ ଲକ୍ଷ୍ୟ କଲେ ଗୋଟିଏ ସ୍ତମ୍ଭର ଉପରି ଭାଗରେ ଗୋଟିଏ ମନୁଷ୍ୟ ମସ୍ତକର ଅସ୍ପଷ୍ଟ ପରିକଳ୍ପନା । ଆଉ ଯେଉଁ ଦୁଇ ବିଗ୍ରହ ରହିଲେ ସେଥିରେ ହାତ ପରି ପ୍ରତୀତ ହେଉଥିବା ଦୁଇଟି କାଷ୍ଠ ଖଣ୍ଡର ସଂଯୋଗ । ମାନବ କଳ୍ପିତ ଅଧିକାଂଶ ଦେବାଦେବୀ କେବଳ ମାନବାକାର । କେଉଁ କେଉଁ ଦେବ ଦେବୀଙ୍କର ଶିର ବା ହସ୍ତ ସଂଖ୍ୟା ବେଶି ଯଥା ବ୍ରହ୍ମା ଚତୁର୍ମୁଖ, ମହାଦେବ ପଞ୍ଚାନନ, ନାରାୟଣ ଚର୍ତୁହସ୍ତଧାରୀ ଓ ଦେବୀ ଦୁର୍ଗା ବହୁଭୁଜା । ତେବେ ଦାରୁବ୍ରହ୍ମଙ୍କର ଏପରି କଳ୍ପନା କାହିଁକି ? ବୋଧହୁଏ ଦର୍ଶକଙ୍କୁ ସ୍ମରଣ କରିଦେବା ପାଇଁ ଯେ ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କର ସର୍ଜନା ସୁଦର୍ଶନ ସ୍ୱରୂପୀ ମୂଳ ଦାରୁରୁ । ଆଉ ବିଶେଷତ୍ୱ ହେଉଛି ଏହି ବିଗ୍ରହ ଅନନୁକରଣୀୟ; ଅତଏବ ପରଂବ୍ରହ୍ମ ସ୍ୱରୂପ । ଏହିପରି ଆକାର ପ୍ରକଟ କରିବା ଦ୍ୱାରା ନିରକ୍ଷର ଶବରର କଳ୍ପନା ଠାରୁ ଆରମ୍ଭ କରି ସୁଶିକ୍ଷିତ ଆର୍ଯ୍ୟମାନଙ୍କର ଦେବାଦେବୀ ପରିକଳ୍ପନା ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇଛି । ଏହାଙ୍କର ସେବା କରନ୍ତି ଦଇତାପତି ଯେଉଁମାନେ ବ୍ରାହ୍ମଣ ବିଦ୍ୟାପତି ଏବଂ ଶବର କନ୍ୟାଙ୍କର ଦାୟାଦ । କି ବିଚିତ୍ର ପରିକଳ୍ପନା ! ଜାତି ଜାତି ମଧ୍ୟରେ କି ଅଦ୍ଭୁତ ସମନ୍ୱୟ । ଏପରି ଠାକୁରଙ୍କର ଦ୍ୱିତୀୟ ରୂପ ରହିଲା କିପରି ? ଏହି ଠାକୁରଙ୍କର ପ୍ରସାଦ ଆବ୍ରାହ୍ମଣ ଚଣ୍ଡାଳ ଗୋଟିଏ ପାତ୍ରରେ ଭୋଜନ କରିବେ । ତେଣୁ ଏହାର ନାମ ଅଭଡ଼ା ବା ଯାହା ବଢ଼ାଯାଏ ନାହିଁ ବା ପରିବେଷଣ କରାଯାଏ ନାହିଁ । ଶବର ପ୍ରଭୃତି ଜାତିମାନଙ୍କର ଖାଦ୍ୟ ଖାଇବାରେ ମଧ୍ୟ ବିବିଧ ପଦ୍ଧତି ଅନୁସୃତ ହୁଏ । ତେବେ ସାଧାରଣତଃ ଗୋଟିଏ ଆଧାରରୁ ସମସ୍ତେ ଖାଆନ୍ତି । ଉଚ୍ଛିଷ୍ଟ ବୋଲି କାହାରି କିଛି ଧାରଣା ନଥାଏ । ଏହିପରି ଜାତି ବର୍ଣ୍ଣ ନିର୍ବିଶେଷରେ ଭୋଜନ ପତିତପାବନ ପୁରୁଷୋତ୍ତମ କ୍ଷେତ୍ର ଭିନ୍ନ ଆଉ କେଉଁଠି ଅଛିକି ?

ଏ ସବୁ ସତ୍ତ୍ୱେ ଆଉ ଗୋଟିଏ ବିଷୟ ପ୍ରତି ଦୃଷ୍ଟି ଦେବାକୁ ହେବ । ତାହା ହେଲା ବିଗ୍ରହଙ୍କର ହୃଦଦେଶରେ ବ୍ରହ୍ମ ସ୍ଥାପନ । ଏ ବ୍ରହ୍ମ ପଦାର୍ଥକୁ କେହି କେହି ମର୍କତ ଲିଙ୍ଗ ବା ଶାଳଗ୍ରାମ ବୋଲି କହନ୍ତି । ଅପ୍ରତିଷ୍ଠିତ ଦାରୁ ବିଗ୍ରହଙ୍କୁ ବ୍ରାହ୍ମଣ ପୂଜା କରିବା ପାଇଁ ପ୍ରକାଶ୍ୟ ଅନିଚ୍ଛା ପ୍ରକାଶ କରିବାର ସୁବିଧା ନ ପାଇ ପ୍ରକାରାନ୍ତରେ ପ୍ରତିଷ୍ଠିତ ଶାଳଗ୍ରାମକୁ ସ୍ଥାପନା କରି ନିଜ ମନର ଗ୍ଳାନି ଅପନୋଦନ କରିବାର ବ୍ୟବସ୍ଥା କରିନାହାନ୍ତି ? ସଭିଙ୍କ ଅଜ୍ଞାତରେ ଏହି ବ୍ୟବସ୍ଥା ହୋଇଥିବାରୁ ପ୍ରକୃତ କଥା କେହି ଜାଣିଲେ ନାହିଁ । ସମସ୍ତେ ସେହି ଦାରୁ ବିଗ୍ରହଙ୍କୁ ପୂଜା କଲେ । ଦାରୁବ୍ରହ୍ମର ପ୍ରଶସ୍ତି ସର୍ବତ୍ର ପ୍ରଚାରିତ ହେଲା କିନ୍ତୁ ଅନ୍ତର୍ନିହିତ ତତ୍ତ୍ୱ ହେଲା ଦାରୁ କଳେବରରେ ବ୍ରହ୍ମର ସ୍ଥାପନ ଶବର ଏବଂ ବ୍ରାହ୍ମଣ ଦେବତାର ସମନ୍ୱୟ । ସେହି ଏକତ୍ରିକରଣ ଯେ କେବଳ ବଡ଼ ଦେଉଳ ମଧ୍ୟରେ ସୀମିତ ତାହାନୁହେଁ । ଏହା ଆଖ ପାଖ ଅଞ୍ଚଳରେ ମଧ୍ୟ ପ୍ରସାର ଲାଭ କରିଛି । ବିଶ୍ୱାବସୁଙ୍କ ଆରାଧ୍ୟ ଦେବତାଙ୍କର ନାମ ଥିଲା ନୀଳ ମାଧବ । ଏ ନୀଳମାଧବ କେବଳ କଣ୍ଟିଲୋ ଗ୍ରାମର ନୀଳମାଧବ ନୁହଁନ୍ତି ଅଥବା ସମ୍ବଲପୁର ନିକଟବର୍ତ୍ତୀ ମହାନଦୀ ଶଂଖର ପାଖାପାଖି ମନ୍ଦିରର ନୀଳମାଧବ ନୁହନ୍ତି । ତେବେ ଯେହେତୁ ସେ ନଦୀ ଗର୍ଭରେ ଭାସି ଭାସି ଆସିଥିଲେ ସେ ଅଞ୍ଚଳ ନିଶ୍ଚୟ ମହାନଦୀ ତୀରବର୍ତ୍ତୀ ସ୍ଥାନ । ଗୋଟିଏ ବିଷୟ ପ୍ରତି ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇପାରେ ।


ଅଦ୍ୟାବଧି ଜରାଶବର ବଂଶର ରାଜାମାନେ ନିଜକୁ ଶବର ରାଜ ବୋଲି ଆଖ୍ୟାୟିତ କରନ୍ତି ଓ ସେମାନେ ତାଙ୍କର ଗୃହ ଦେବତା ରୂପେ ନୀଳ ମାଧବଙ୍କୁ ଆରାଧନା କରନ୍ତି । ଆନ୍ଧ୍ର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶର ସନ୍ଧିସ୍ଥଳ ଦାରବୋଷ୍ଟାଠାରେ ମଧ୍ୟ ନୀଳ ମାଧବଙ୍କୁ ପ୍ରତିବର୍ଷ ଆରାଧନା କରାଯାଏ । ପୁନଶ୍ଚ ଏହି ନୀଳ ମାଧବ ବିଷ୍ଣୁ ରୂପୀ ଚତୁର୍ଭୁଜଧାରୀ ଏବଂ ଏହି ରାଜା ମାନେ କଣ୍ଟିଲୋ

ନୀଳ ମାଧବଙ୍କ ଆରାଧନା କରିବା ପାଇଁ ବେଳେବେଳେ କଣ୍ଟିଲେ ଆଗମନ କରିବା କଥା ଡକ୍ଟର କାହ୍ନୁ ଚରଣ ମିଶ୍ର ଉଲ୍ଲେଖ କରିଛନ୍ତି । ପୁନଶ୍ଚ ଏହିପରି ବହୁତ ମାଧବ ଯଥା, ନିଆଳି ମାଧବ, ଲଳିତ ମାଧବ, ଗଙ୍ଗା ମାଧବ ତଥା ସମସ୍ତଙ୍କୁ ବିଦିତ ଏବଂ ଏହିପରି ଚଉଦ ଗୋଟି ମାଧବ ପୀଠ ଓଡ଼ିଶାରେ ଥିବା କଥା ଡକ୍ଟର ମିଶ୍ର ମଧ୍ୟ ଉଲ୍ଲେଖ କରିଛନ୍ତି । ସେମାନଙ୍କ ଭାଷାରେ ଠାକୁରଙ୍କର ନାମ ହେଲା 'ଜଗନାଇଲେ' ଅର୍ଥାତ୍ କାଷ୍ଠ ନିର୍ମିତ ଏବଂ ସେ ହେଉଛନ୍ତି ବିଶ୍ୱ ଆରାଧ୍ୟ ଜଗନ୍ନାଥ ।

ଏହି ମାଧବ ନାମ ଆମ ସଭ୍ୟତାରେ ଏତେଦୂର ସଂଶ୍ଳିଷ୍ଟ ହୋଇ ସାରିଛି ଯେ ଯାବତୀୟ ଶୁଭ କାର୍ଯ୍ୟରେ ଆମେ ଦୁର୍ଗାମାଧବଙ୍କୁ ସ୍ଥାପନା କରିଥାଉଁ । ଦୁର୍ଗାଙ୍କର କଥା ଉଲ୍ଲେଖ କଲାବେଳେ ପୁଣି ଆମେ ସେହି ଶବର ସଭ୍ୟତା ପ୍ରତି ଆକୃଷ୍ଟ ହୋଇଥାଉ । ପ୍ରତ୍ୟେକ ଗ୍ରାମ ବା ନଗରର ଦେବତା ହେଲେ ଗ୍ରାମ ଦେବତୀ । ସାଧାରଣତଃ ଏହା ଦୁର୍ଗାଙ୍କର ଅନ୍ୟ ଏକ ନାମ । ତାଙ୍କ ଆକାର ସୂଚିତ କରୁଥିବା କାଷ୍ଠ ବା ପ୍ରସ୍ତର ମୂର୍ତ୍ତିର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ । ଶବର ବା ଜାନି ତାଙ୍କର ଦୈନନ୍ଦିନ ପୂଜା କରେ । କିନ୍ତୁ ପୂଜା ନ କରି ବା ତାଙ୍କୁ ପ୍ରଥମେ ବରଣ ନକରି ଗ୍ରାମରେ କିଛି ଶୁଭ କାର୍ଯ୍ୟ ହୋଇ ପାରେନା । ଏଣେ ସେହି ଦୁର୍ଗାଙ୍କୁ ଚତୁର୍ଭୁଜା ଦୁର୍ଗା ବିଗ୍ରହ ରୂପରେ ଇଷ୍ଟ ଦେବୀ ବୋଲି ଆରାଧନା କରେ ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣ । ମାଧବ ହେଉଛନ୍ତି କେବଳ ଜଗନ୍ନାଥ ବିଗ୍ରହ ବା ଦଧି ବାମନ ବିଗ୍ରହ । ଏଥିରୁ ଏହା କଅଣ ଅନୁମିତ ହେବ ଯେ ଦୁର୍ଗା ତଥା ମାଧବଙ୍କ ପୂଜା ଆରାଧନା କେବଳ ଶବର ବା ଆଦିମ ଅଧିବାସୀ ବା ଆଦିବାସୀମାନଙ୍କଠାରୁ ଆରମ୍ଭ ହୋଇଥିଲା । କର୍ମଜ୍ଞ ବ୍ରାହ୍ମଣ ସେହି ଆରାଧନାକୁ ବଜାୟ ରଖିଲା ଉଭୟ ଗୋଷ୍ଠୀ ମଧ୍ୟରେ ସାମ୍ୟ, ମୈତ୍ରୀ ସ୍ଥାପନ କରିବା ନିମିତ୍ତ ଏବଂ ପୂଜା ପଦ୍ଧତିରେ ମଧ୍ୟ ସଂସ୍କାର କଲା । ସବୁରି ଅଜ୍ଞାତରେ ଦାରୁ ବିଗ୍ରହରେ ବ୍ରହ୍ମକୁ ସ୍ଥାପନା କରି ନିଜର ବିଶ୍ୱାସ ବଜାୟ ରଖିଲା । ଏହା ଦ୍ୱାରା ସବୁ ବିଶ୍ୱାସ ଭିତରେ ମଧ୍ୟ ସମନ୍ୱୟ ଘଟିଲା । ଆଦିମ ଅଧିବାସୀ ଅଧ୍ୟୁଷିତ ଅଞ୍ଚଳରେ ବ୍ରାହ୍ମଣର ଚଳ ପ୍ରଚଳନରେ ବାଧା ମଧ୍ୟ ରହିଲା ନାହିଁ । ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସେଇ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଚରଣ କମଳରେ ଅର୍ପଣ କଲେ ନିଜର ଶ୍ରଦ୍ଧା ଓ ଭକ୍ତି ବିନମ୍ର ଭାବରେ । ସେହି କାରଣରୁ ହିନ୍ଦୁ ଜଗତରେ ବହୁ ଦେବା ଦେବୀଙ୍କର ପ୍ରଚଳନ ଥିଲେ ମଧ୍ୟ କେବଳ ଦେବ ଦେବ ଜଗନ୍ନାଥଙ୍କର ଯେପରି ବ୍ୟାପକ ଆରାଧନା ସମଗ୍ର ବିଶ୍ୱରେ ଅନୁସୃତ ହେଉଛି ଅନ୍ୟ କୌଣସି ଦେବତା ସେତେ ଭକ୍ତିର ଅଧିକାରୀ ହୋଇ ପାରି ନାହାନ୍ତି । ହିନ୍ଦୁ ଇତର ଜାତି ମଧ୍ୟ ଆଜି ଠାକୁରଙ୍କର ଦର୍ଶନ ନିମିତ୍ତ ବ୍ୟାକୁଳ । ଏହାର କାରଣ ଦାରୁରେ ବ୍ରହ୍ମଙ୍କର ପରିପ୍ରକାଶକୁ ଅତି ଅଶିକ୍ଷିତ ଠାରୁ ଆରମ୍ଭ କରି ଅତି ଉଚ୍ଚ ଶିକ୍ଷିତ ଦାର୍ଶନିକ ପର୍ଯ୍ୟନ୍ତ ହୃଦବୋଧ କରିପାରିବେ । କୌଣସି ଆକାର ନଥିଲେ ମଧ୍ୟ ଅତି ସୁନ୍ଦର ଭାବେ ଗଠିତ ଅନ୍ୟ ଦେବା ଦେବୀଙ୍କର କମନୀୟ ରୂପଠାରୁ ମଧ୍ୟ ଏହି ଦାରୁ ବ୍ରହ୍ମ ଅଧିକ ସୁନ୍ଦର ଓ ପ୍ରାଣସ୍ପର୍ଶୀ । ବ୍ରହ୍ମର ସ୍ଥିତି ଅନ୍ତର୍ନିହିତ ହୋଇଥିବାରୁ ବ୍ରହ୍ମାଣ୍ଡ ଯାକରେ ଏହାଙ୍କର ପ୍ରଭାବ ଅତୁଳନୀୟ ।

ଏହି ବ୍ରହ୍ମାଣ୍ଡ ଠାକୁରଙ୍କର ଚରଣାରବିନ୍ଦରେ ଏତିକି ମାତ୍ର ଜଣାଣ ଯେ ପ୍ରଭୁ ଯୁଗେ ଯୁଗେ ମଣିଷ ମଣିଷ ମଧ୍ୟରେ ଜାତି, ବର୍ଣ୍ଣର ସମନ୍ୱୟ ରକ୍ଷା କରନ୍ତୁ । ଯୁଗେ ଯୁଗେ ପୃଥିବୀବାସୀଙ୍କ ପ୍ରତି ସଦୟ ଦୃଷ୍ଟି ଦିଅନ୍ତୁ । ସମସ୍ତେ ମୈତ୍ରୀ ଭାବରେ ଆବଦ୍ଧ ହୋଇ ପରଂବ୍ରହ୍ମଙ୍କର ଗୁଣ କୀର୍ତ୍ତନ କରନ୍ତୁ । ଆଉ ବଡ଼ ଦାଣ୍ଡରେ ଠିଆ ହୋଇ ପ୍ରଭୁ ଦର୍ଶକୁ ଥରେ ଲକ୍ଷ ଲକ୍ଷ ଦର୍ଶକଙ୍କ ହୃଦୟରୁ ଅହଂକାର ଦୂରୀଭୂତ କରନ୍ତୁ, ଭରି ଦିଅନ୍ତୁ ବ୍ରହ୍ମାନନ୍ଦର ଅକ୍ଷୟ ଆହ୍ଲାଦ ଓ ଅମୃତ ଚେତନା ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର



# ଯୁଗ ଯୁଗର ଘୋଷଯାତ୍ରା

# ଶ୍ରୀଗୁଣ୍ଡିଚା

ସଦାଶିବ ରଥ ଶର୍ମା

"ଚକଡ଼ା" ଶବ୍ଦ ଓଡ଼ିଶାର ଏକ ବିଶିଷ୍ଟ ଶବ୍ଦ । ଐତିହାସିକ ଘଟଣା ବା ବଂଶାବଳିର ଖଣ୍ଡାତ୍ମକ ବର୍ଣ୍ଣନାର ନାମ ଚକଡ଼ା । ଖୋରଧା ଚକଡ଼ା, ରାମେଶ୍ୱର ଚକଡ଼ା ପ୍ରଭୃତି କେତେଗୁଡ଼ିଏ ଚକଡ଼ା ଦେଖିବାକୁ ମିଳେ ଯାହା ସ୍ଥାନର ଇତିହାସ ଭାବରେ ପରିଚିତ ବା ବିଦିତ । ଗୋବିନ୍ଦ ଦାଶଙ୍କ ଚକଡ଼ା, ମଠକର୍ମାଙ୍ଗୀ ବା ମଠ ଚକଡ଼ା, ଚୈତନ୍ୟ ଚକଡ଼ା ପ୍ରଭୃତି ଏକ ନିର୍ଦ୍ଦିଷ୍ଟ ଇତିହାସ ରୂପରେ ଖ୍ୟାତ । ଏଗୁଡ଼ିକ ବିଶେଷରେ ରାଜକୀୟ କର୍ମଚାରୀ ବା କରଣମାନଙ୍କ ଦ୍ୱାରା ଲିଖିତ ସେଥିରେ କିମ୍ବଦନ୍ତୀ ବା ମନୋଜ୍ଞଭାବ ପ୍ରକାଶ ଭଙ୍ଗୀ ଥାଇପାରେ ମାତ୍ର ୨୪ କରଣ ସାମନ୍ତମାନଙ୍କର ଏହିପରି ପଞ୍ଜିର ଯଥେଷ୍ଟ ମୂଲ୍ୟ ଅଛି । ଏହିପରି ଚକଡ଼ାମାନଙ୍କ ମଧ୍ୟରେ ରଥ ଚକଡ଼ା ଅନ୍ୟତମ । ଏହି ଚକଡ଼ାର ଲେଖକ ଭିକାରି ପଟ୍ଟନାୟକ । ଅନୁମାନ କରାଯାଏ ସେ ଜଗନ୍ନାଥ ମନ୍ଦିରର କରଣ ସାମନ୍ତ ଯେ କି ଶ୍ରୀ ବୀରକେଶରୀ ଦେବ ମହାରାଜାଙ୍କର ୭ ଅଙ୍କ ସ୍ତୁ ୧୨୬୬ ସାଲ (ଇଂ: ୧୮୫୯) ମେଷ ୧୬ ଦିନ କୃଷ୍ଣ ଦଶମୀ ବୁଧବାରରେ ସଂଗୃହୀତ ବା ଲେଖନ ସମାପ୍ତ ହୋଇଛି । ଏହାର ପାଣ୍ଡୁଲିପି ବାସେଳି ସାହିର ରଥ ଅମୀନ ଫକୀର ମହାପାତ୍ରଙ୍କ (ରଥକାର) ଠାରୁ ପ୍ରାପ୍ତ ଓ ବଡ଼ ଓଡ଼ିଆ ମଠରେ ସୁରକ୍ଷିତ । ଏହି ଚକଡ଼ାରେ ପୁରୁଷୋତ୍ତମଙ୍କର ପ୍ରସିଦ୍ଧ ରଥଯାତ୍ରାର ଏକ ମନୋରମ ବିବରଣୀ ନିଜର ଅପୂର୍ବ ସଂଗ୍ରହ ଭାବରେ ଉପସ୍ଥାପିତ କରି ଅଛନ୍ତି ।

ସେ ଯାହା ଲେଖିଛନ୍ତି ତାହା ପୌରାଣିକ ନୁହେଁ ଐତିହାସିକ ଦୃଷ୍ଟିଭଙ୍ଗୀରେ ପର୍ଯ୍ୟବସିତ, ଏହି ଚକଡ଼ାରେ ଯାହା ବର୍ଣ୍ଣନା ହୋଇଛି ସେଥିରୁ ରଥଯାତ୍ରାର ରଥ ନିର୍ମାଣ ଓ ନୀତିରୀତିର କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ ଯାହା ଅନୁଧ୍ୟାନଯୋଗ୍ୟ ।

ସେ କହନ୍ତି, "ସତ୍ୟ ଯୁଗରେ ତଥା ତ୍ରେତା ଓ ଦ୍ୱାପରରେ ରଥ ଯାତ୍ରା କିପରି ହେଉଥିଲା ଆମ୍ଭେ ଜାଣିବା ଦୁରୂହ । ମାତ୍ର କଳିଯୁଗର ରଥଯାତ୍ରାର ବିଷୟ ଯାହା ପୂର୍ବପୁରୁଷ କରଣକୁଳ ସାମନ୍ତମାନେ ଲେଖିରଖିଛନ୍ତି ତାହା ହିଁ ଚକଡ଼ାରେ ଲେଖାଯାଇଛି । ସେ କଳିଯୁଗର ରାଜା ଭାବେ ସୋମବଂଶୀ ଯଯାତି କେଶରୀଙ୍କୁ ନେଇଛନ୍ତି । ସେ ଲେଖିଛନ୍ତି "ସୋମବଂଶୀ କ୍ଷତ୍ରି ଯଯାତି କେଶରୀ ରାଜାଙ୍କ (ଆ : ୮୦୦ ଖ୍ରୀ: କାଳରେ ଯବନ ବା ଶୂନ୍ୟ ଡିଙ୍ଗରି ( ? ) ମାନଙ୍କଦ୍ୱାରା ଜଗନ୍ନାଥ ଦେଉଳ ଛାରଖାର ହୋଇଥିଲା ।" ଶୂନ୍ୟ ଡିଙ୍ଗରି ଶବ୍ଦ ଉତ୍କଳ ସାହିତ୍ୟରେ ପ୍ରଥମ ହେଲେ ମଧ୍ୟ ଯବନ ଅର୍ଥାତ୍ ବିଦେଶୀ ଓ ଶୂନ୍ୟ ଡିଙ୍ଗରିର ଅର୍ଥ ଶୂନ୍ୟବାଦୀ ବୌଦ୍ଧ ହୋଇପାରନ୍ତି । ସେ ଯାହାହେଉ ଯଯାତିଙ୍କ ବେଳେ ଜଗନ୍ନାଥ ମନ୍ଦିରର ଉଚ୍ଚତା ମାତ୍ର ୪୮ ହାତ ଥିଲା । ଠାକୁରେ ୨ ହାତ ଦଶ ଆଙ୍ଗୁଳର ଥିଲେ ଓ ରଥମାନ ୧୮ ହାତ ଉଚ୍ଚ ଥିଲା । (ତିନି ରଥ ବୋଧହୁଏ ସମାନ ଥିଲା ) । ରଥ ଛଅଗୋଟି ହେଉଥିଲା । ବଳଗଣ୍ଡି ପର୍ଯ୍ୟନ୍ତ ତିନିରଥ ଯାଉଥିଲା, ଇନ୍ଦ୍ରଦ୍ୟୁମ୍ନ ପାଟଣାର ତିନିରଥ ହେଉଥିଲା ଯେଉଁ ତିନିଗୋଟି ମାଳିନୀ ବା ବଡ଼ ନଈର ଉରର ଭୂମିରେ ଆଡ଼ପମଣ୍ଡପ ବା ଗୁଣ୍ଡିଚା ଘରକୁ ଯାଉଥିଲା । ସିଂହଦ୍ୱାରରୁ ବଳଗଣ୍ଡି ପର୍ଯ୍ୟନ୍ତ ଯାଉଥିବା ରଥ ଷୋହଳ ଚକିଆ ଚଉଦ ଚକିଆ ବାରଚକିଆ ଥିଲା । ରଥ ଉପରେ

ସୁନାର ତିନି ବେଣ୍ଟିଆ ଧ୍ୱଜ କଳସ ଲାଗୁଥିଲା, କନକ ମଣ୍ଡାଇରେ ରତ୍ନ ଗୁନ୍ଥା ଟଣା ହେଉଥିଲା । ଅନ୍ୟ ଗୋଟିଏ ଛୋଟ ରଥରେ ବଦନ୍ତରିରଥ ଘଣ୍ଟ, ବାଦ୍ୟକାରମାନେ ଯାଉଥିଲେ ଆଗେ ଆଗେ । ତାହାକୁ ଘୋଡ଼ା ଟାଣୁଥିଲେ । ପଛରେ ତିନିରଥକୁ ଭଗତେ ଟାଣୁଥିଲେ । ରଥରେ ସ୍ୱଭଳ ନଡ଼ିଆ ଖଣ୍ଡ ପକ୍ଷି ଭୋଗ ଲଗୁଥିଲା, ତାହା ଅଲ୍ପ ସଂଖ୍ୟକ ସମବେତ ଭକ୍ତଗଣଙ୍କୁ ବଣ୍ଟନ କରାଯାଉଥିଲା, ସେ ଏହି ପଦ ମଧ୍ୟ ଲେଖିଛନ୍ତି—

ଯାଉରଥ ଯାଉ ବଳ ଗଣ୍ଡିଠି ଥାଉ
ଉଆସ୍ୱଭଳ ଖଣ୍ଡ ନଡ଼ିଆ ଟାଇଟୋଇକଣି ଖାଉ

ବଳଗଣ୍ଡିଠାରେ ରଥ ପହଞ୍ଚିଲେ ବୋଳସ୍ୱପରେ ନଇ-ଘାଇ ହୋଇ ଆଉପଟକୁ ଯାଇ ଠାକୁରମାନେ "ପାଟଣୀ ଘାଇ ହୋଇ ଆଉପଟକୁ..." ରଥ ସ୍ୱରିଚକିଆ କିଆପଟୁକାରେ ହୋଇଛି ଛିଆ" ଏପରି ସ୍ୱରିଚକିଆ ଶଗଡ଼ି ରଥରେ ବସି ଗୁଣ୍ଡିଚ୍ଚ ମନ୍ଦିର ବେଢାକୁ ଯାନ୍ତି । ଏହା ଗୋଟିଏ ଦିନର ଯାତ୍ରା ଥିଲା । "ଯାତାୟତ ଦଶୋମଧ୍ୟେ ସପ୍ତାହ ମଣ୍ଡପେ ସ୍ଥିତଃ" ନିୟମରେ ୭ ଦିନ ପରେ ନବଦିନ ଯାତ୍ରା ବାହୁଡ଼ା ଯାତ୍ରାଦି ହେଉଥିଲା । ଏହି କ୍ରମ ସ୍ୱଲିଲା ବା ସ୍ୱଲିଥିଲା ।୧୮ ହାତିଆ ରଥର ଯାତ୍ରା ପରଶ୍ କେଶରୀ ନାମକ ରାଜା ମାତ୍ର ୨ ବର୍ଷ ରାଜତ୍ୱ କରିବା କାଳରେ ଥରେ ରଥଯାତ୍ରା ହୋଇପାରି ନ ଥିଲା । ଅକାଳ ମୂଷଳ ଧାରା ବୃଷ୍ଟି ହେବାରୁ ରଥ ଯାତ୍ରା ନ ହୋଇ ସିଂହ ଦ୍ୱାରରେ ରଥ ରହି ଦକ୍ଷିଣାମୁଖୀ ପୂଜା ହେଲା ମାତ୍ର ସେବକେ ଯାଇ (ଗୁଣ୍ଡିଚ୍ଚ ଘର) ଆଡ଼ପ ମଣ୍ଡପରେ ଧ୍ୱଜପୂଜା ପିଣ୍ଡିପୂଜା କରିଥିଲେ । ଏହାପରେ ଘେଡ଼ଗଙ୍ଗ ଦେଉଳ କଲେ ୧୨୫ ହାତ, ରଥ କଲେ ୩୨ ହାତ, ଦିଅଁ କଲେ ସାତପା । ଅମରାବତୀରୁ କାଠ ଆସି ମହାଖଳା (ରଥଦାଣ୍ଡ)ରେ ରଥ ତିଆରି ହେଲା । ରଥମାନ ଛଅଟି ହସ୍ତୀ ଦ୍ୱାରା ଟଣା ଯାଉଥିଲା । ବଳଗଣ୍ଡି ଛଡା ତଳେ ରଥରହି ପୂର୍ବ ରୀତିରେ ସ୍ୱପରେ ଦିଅଁ ଆଉପଟେ ଥିବା ରଥକୁ ଓ ପରେ ଆଡ଼ପ ମଣ୍ଡପକୁ ଯାଉଥିଲେ । ଘେଡ଼ଗଙ୍ଗ ମହୀପତି ସ୍ୱୟଂ ରଥ ଦଉଡ଼ି ଧରି ଟାଣିଲେ ଅନ୍ୟେ (ଅନ୍ୟମାନେ) ଟାଣୁଥିଲେ ଓ ହାତୀ ଦ୍ୱାରା ଟଣା ଯାଉଥିଲା । ରଥ ଉପରେ ନାନମାନ ଭୋଗ ହେଉ-ଥିଲା । ରଥ ଟାଣିବା ନିମନ୍ତେ ବୁଢ଼ଶ ଜଣ ବ୍ରାହ୍ମଣ ରହୁ-ଥିଲେ । ମାଳିସାହିର ମାଳିମାନେ ରଥକୁ ଫୁଲରେ ମଣ୍ଡନ କରୁଥିଲେ । ରାଜା ଘେଡ଼ଗଙ୍ଗ ବଳଗଣ୍ଡି ଆଗକୁ ମାଳିସାହି ସ୍ଥାପନ କରିଥିଲେ । ରାଘବ ଦେବ ରାଜା ରଥ ପାଇଁ ତୁଡ଼ଙ୍ଗ ସାହି ମଧୁପୁର ପାଟଣାରେ "ରଥକାର" ମାନଙ୍କୁ ସ୍ଥାପନ କଲେ । (ଯାହାଙ୍କର ସମୟ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗ ଥିଲା ।) ରଥକାଠ ଅମରାବତୀ କଟକରୁ ଆସୁଥିଲା । ରଥ ଛଅଗୋଟି ହେଉଥିଲା । ଏପରି ଛଅ ପୁରୁଷ ସ୍ୱଲିବା ପରେ ଅନଙ୍ଗଭୀମ ନରପତି ରଥଯାତ୍ରା ପାଇଁ ଛତିଶା ନିଯୋଗ ଗଢ଼ିଲେ । ରଥକାର ନାୟକ, ଚଳି ବଢ଼େଇ, ଭାଇ ବଢ଼େଇ, ତାମରା କମାର କଣ୍ଟା, ସୁତୁଲି, ଦରଜି, ରୂପକାର, ଘରଘରିଆ (?) ଦଉଡ଼ିବଳା, ରଥ ମୃଦୁଲି, ବଇଠାଲୁ, ରଥ ଜଗିଆ, ହାହୁକ, ରଥ ଘଣ୍ଟୁଆ, ରଥ ବଦୟତୀ, ରଥ ଭୋଇ, କରତିଆ, ନୃତ୍ତିମରା ମହାରଣା, ରଥ ଖରକା, ଜଳ ଖାଳିଆ, ପିଣ୍ଡିକିଆ(?), ଘେପଦାର, ଚିତ୍ରକାର, ଖୁଣ୍ଟିଆ, ରଥ ଦଳାଇ, ରଥ ପାଇକ, ଘ୍ୱପଦଳାଇ, ପହଣିଆ, ଦୋଳିଆ, ଜଗିଆ ଝାଙ୍କକାର, ଛତ୍ରକାର, ବଢ଼କାଟିଆ, ଚକା ଅସରପ ଯୋଗଣିଆ ।

ଏହି ନିଯୋଗ ପ୍ରବିଲୁ ଜଣାଯାଏ ସେତେବେଳକୁ ରଥ ସମ୍ପୂର୍ଣ୍ଣତଃ ବର୍ତ୍ତମାନର ରଥ ପରି ହୋଇଗଲାଣି ।

ବର୍ତ୍ତମାନ ନିର୍ମିତ ହେଉଥିବା ରଥରେ ଉପରୋକ୍ତ ଯୋଗୀଙ୍କ ଅନେକେ ସେବା କରୁଅଛନ୍ତି । ଅନଙ୍ଗଭୀମଙ୍କ ସମୟରେ କାଶ୍ମୀର ରାଜ୍ୟର ରାଜାଙ୍କ ପାଖକୁ ଦୂତ ପଠାଇ ସୁନ୍ଦରକୁଳି ସାଇ ବନାତ ଅଣାଇ ରଥରେ ମଣ୍ଡଣି କରିଲେ । ରାଜ-ରାଜେଶ୍ୱର ବେଶ କରାଇ ଶକ ୧୧୫୪ (ଖ୍ରୀ ୧୨୩୨) ରେ ରଥର ଧ୍ୱଜ କୁମ୍ଭ ଖସିପଡ଼ି ବଡ଼ ଅକାଳ ପଡ଼ିଲା । ତାହାକୁ ଗୁଣ୍ଡିଚ୍ଚ ବାଡ଼ି ଆଖ୍ୟା ଦେଇଛନ୍ତି । ତାହାଙ୍କର ପୁତ୍ର ନରସିଂହ ଦେବ ସୂର୍ଯ୍ୟ ଭକ୍ତ ଥିବାରୁ ପଦ୍ମକ୍ଷେତ୍ରରେ ରଥଦେଉଳ କରାଇବା ପରେ ପୁରୁଷୋତ୍ତମଙ୍କ ରଥରେ ୪ ନାହାକା ସ୍ଥାନରେ ୧୨ ନାହାକା ପୋଟଳ ଭାଉଟି ଅଧିକା କରି ରଥକୁ ଆହୁରି ରମଣୀୟ କଲେ । ରଥକାଠ ତ୍ରିଭୁବନ ସୁନ୍ଦର ଅରଣ୍ୟରୁ ଆସିବାକୁ ସେ ସିଦ୍ଧି କଲେ । ନଦୀରେ କାଠ ଭେଳା ଆଣିବା କାର୍ଯ୍ୟ କରିଥିବାରୁ ରଥକାଠ କଟାଳି ନାୟକ ଦାମୋଦର ମହାପାତ୍ରଙ୍କୁ ଶାଢ଼ି ଦେଇଥିଲେ । ଏ ରାଜା ହରିବଂଶପୁର ମଉଜାରେ କରତିଆମାନଙ୍କପାଇଁ କରତି ସାହି, ଚିତ୍ରକାରମାନଙ୍କ ପାଇଁ ଚିତ୍ରକାର ସାହି ବସାଇ ରଥ କାର୍ଯ୍ୟକୁ ସହାୟତା କରିଥିଲେ । ତାହାଙ୍କର ପୁତ୍ର ଭାନୁ-ଦେବ ଶକ ୧୧୯୨ ରେ (ଖ୍ରୀ ୧୨୭୦) ମାଧବାଶ୍ରମଙ୍କର ଦର୍ଶନରୁ ଶୁଣିଲେ ଏକଯାତ୍ରାରେ ଦୁଇଯାନ ସୁନ୍ଦର ନୁହେଁ ରଥ ତିନିଗୋଟିକର । ଗୁରୁ ଆଜ୍ଞାପାଇ ଭାନୁରାଜା ବଳଗଣ୍ଡି ଆଡୁ ଶରଧା ବାଲି ଆଡୁ ମାଟି ଦେଇ ବାଙ୍କି ମୁହାଣ ମାଳିନୀ ନଦୀକୁ ପୋତାଇବା ସାହସ କରି ନିର୍ଣ୍ଣୟଦାତା ବଳିଆର ବୋଲାଇଲେ ଓ ବର୍ତ୍ତମାନର ରଥପରି ୩ ଗୋଟି ରଥ ସିଧା ଶ୍ରୀ ଗୁଣ୍ଡିଚ୍ଚ ମନ୍ଦିର ପର୍ଯ୍ୟନ୍ତ ଲଗାଇ ଆଡ଼ପ ମଣ୍ଡପରେ ନିର୍ଣ୍ଣୟଦାତା ବୋଲି ବିଦିତ ହେଲେ । ଏ ବାଙ୍କି ମୁହାଁଣ ରାମଚଣ୍ଡୀଙ୍କୁ ସ୍ଥାପନ କରିଲେ । ତତ୍ତୀରେ ଏହିରାଜାଙ୍କର ଅମଳରୁ ବର୍ତ୍ତମାନପରି ମଠ ବସାଇଲେ । ଅଭାମଚଣ୍ଡୀ ଅଠରନଳା କାଠ ପ୍ରଚଳିତ ୩ରଥ କରିଲେ । ଅଭାମଚଣ୍ଡୀ ଅଠରନଳା କାଠ-ପୋଲକୁ ପଥର ଯୋଡ଼ାଦେଇ ଦୃଢ଼ତର କଲେ । ବଡ଼ଶଂଖ କଲେ । ରଥ ତିନିଗୋଟି ହେଲା । ଗିଆସଉଦ୍ଦିନ ଯବନ ତହାର ଠାରୁ ଭୟ ହେବାରୁ ଏ ମହାପ୍ରଭୁଙ୍କର ଅଣସରରେ ଝୁଣା କରାଇ ପାଟଆଦି ବଢ଼ାଇ ମୂର୍ତ୍ତିକୁ ବିଶାଳକଲେ । ରଥ ଦଉଡ଼ା ବୋହାଇବା ପାଇଁ ୫ ଶାସନର ବ୍ରାହ୍ମଣମାନଙ୍କ ଆଜଟରେ ଛାଡ଼ିଦେଲେ । ଶାସନର ବ୍ରାହ୍ମଣମାନେ ଦଉଡ଼ି ବୋହାଇବାର ବ୍ୟବସ୍ଥା ଚଳିଲା । ରଥ ୩୨ ହାତ ଉଚ୍ଚ ହେଲା । ଏହିପରି ୭ ଜଣ ରାଜା ଭାନୁ ବାସୁଦେବ ନାମରେ ରାଜତ୍ୱ କରିବା ପରେ କପିଳେନ୍ଦ୍ରର ଦେବ ହେଲା ଯାତ୍ରାର ବିଧାନକୁ ଆଜମର (ଆଟପ) ରେ କରାଇଲେ । ପୂର୍ବରୁ

ମନ୍ତ କାବ୍ୟରେ ଲକ୍ଷ୍ମୀନାରାୟଣ ବନ୍ଦାପନା କରାଯାଉଥିଲା ଯାତ୍ରାର ୨ୟ ଦିବସରେ କପିଳେନ୍ଦ୍ର ପ୍ରବର୍ତ୍ତ ଲକ୍ଷ୍ମୀ କରାଇ ଛେରା ଗୋବିନ୍ଦ କରାଇ ଆଜମରାନେ ପଞ୍ଚାୟତଙ୍କୁ ନେଇ ଛେରାପହଁରା କଲେ ।

ଆଗେ ରଥର ସାରଥି ଘୋଡ଼ିଏ ଦ୍ୱାର ଥିଲା । ଏହି ପ୍ରସିଦ୍ଧ ରାଜା ନିଜର ରାଣୀଙ୍କର ନାବାଳଗତ ବିନିମୟରେ ଆଉ ଘୋଡ଼ିଏ ଦ୍ୱାର ବା ନାଇଚେଣା ଦୁଆର (ମନ୍ଦିର) ପ୍ରତ୍ୟାର ପଶ୍ଚିମ ଦୁଆର ନାମରେ ଖଣ୍ଡଧା ବାଇକି ଦିଲେ ଭଳିଗଲେ । ୧୩୮୨ ଶକାବ୍ଦରେ ୧୩୮୨+୭୮=୧୪୬୦ ଖ୍ରୀ: ଅ: ପ୍ରତାପରୁଦ୍ର ଦେବ ଗଜପତି ଉପାଧିରେ (ନେଗାପଦ ସା) ଯାହିବବେ ନିଜେ ରଥଦାଣ ଅନାର ଉଜ୍ଜାନ ସାରଥିଲେ । ଏହାଙ୍କ ବାପା ପୁରୁଷୋତ୍ତମ ଦେବ ରଥରେ ଥିବା ଚିତ୍ର ସାରଥି ପରିବର୍ତ୍ତେ ୪ହାତ ୫ ଆଙ୍ଗୁଳରେ ବସାପାରଥି ତିନିକାଠ ଜଳେବର ପଡ଼ିଥିବାକୁ ପ୍ରତିଷ୍ଠା କରାଇ ଲଗାଉଲେ ବା ଜଗାଉଲେ । ଚାର ଘୋଡ଼ା ପୂର୍ବେ ରଥ ନଦାଣିରେ ଚିତ୍ର ହେଉଥିଲେ । ଏହି ସମୟରୁ ବା ପୁରୁଷୋତ୍ତମଙ୍କ ସମୟରୁ ତାହା ମନୋରମ ମୂର୍ତ୍ତିରେ ପରିଣତ ହେଲା । ରୂପକାର ନାରାୟଣ ମହାପାତ୍ର, ବାଜୁକି ମହାପାତ୍ର ଶାଢ଼ୀ ପାଇଲେ । ଏହାଙ୍କ ପୁଅ ପ୍ରତାପ ରୁଦ୍ର ରଥ ଆଗେ ସନ୍ଥ ସନ୍ଥମାନେ କୀର୍ତ୍ତନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏ ରାଜା ଖରକା ନିଯୋଗର ଅଧିକାର ଦେବତାଙ୍କ ମହାପ୍ରଭୁଙ୍କୁ ଦେଇ ଗୁଣ୍ଡିଚା ମାର୍ଜନା ଅଧିକାରରେ ଆପଣେ ଆଉ ମାନଣା ବଢ଼ାଇଲେ । ବଡ଼-ଶଙ୍ଖିଠାରୁ ପାହାଚ ମଣ୍ଡପ ପର୍ଯ୍ୟନ୍ତ ସ୍ଥାନ ପ୍ରତିଦିନ ମାର୍ଜନା ନିମନ୍ତେ ନିଜେ ମାର୍ଜଣା ଯାଗା ସାପନକଲେ । ଏହାପରେ କାଳୁଆପ୍ରତାପ ଚକ୍ରପ୍ରତାପ ନାମକ ଛୋଟ ରାଜା ଯଥାକ୍ରମେ ରଥ ଟନାଉଥିବା ମଧ୍ୟରେ ଉପରାମ ଛୋଟରାଜ ପର୍ବେ ମୁକୁନ୍ଦଦେବଙ୍କ ରାଜତ୍ (ରାଜୁତି) ୧୪୮୯ ଶକାବ୍ଦରେ ମୁସଲମାନ କଲରାନିଙ୍କ ଚଢ଼ରେ ସୁହେଲ ଖାଁ ରଥମାନଙ୍କ ଉପରେ ଚଢ଼ାଉକରି ବାରମାତ୍ରର ଧ୍ୱଜା ଧ୍ୱଜ ଜବତ ନେଇଗଲା । ମଣ୍ଡଳି ହୋଇଥିବା ଦ୍ରବ୍ୟମାନ ପେନିଗଲା ତିନିରଥ ହରିଣିଘାଟ ପାଖେ ଥିବାବେଳେ ଏହି ମହାନ୍ ଦୁର୍ଘଟଣା ଘଟିଗଲା । ଠାକୁରଙ୍କୁ ସେବକେ ଜାକି-ଧରି ରଖିଲେ । ଗରିଜଣ ରଥରେଣୁ ମଲେ । ସେହିବର୍ଷ ସେହି ରାଗରେ କଳାପାହାଡ଼ ଯବନ ପଶ୍ଚିମ ଦ୍ୱାରରୁ ଆକ୍ରମଣ କରି କପଟଠାକୁରଙ୍କୁ ବା ବଟମାଧବଙ୍କୁ ନେଇଗଲା । ରଥରୁ ଠାକୁରେ ନିଳାଦ୍ରି ବିଜେ ଅନ୍ତେ ଏପରି ଘଟିଲା । ରାମଚନ୍ଦ୍ର ବଡ଼ଜେନା ରାଉତ ରାଜୁତିରେ ମୁନିମ୍ ଖାଁ ଡରରେ ପାଇରେ ପଡ଼ି ମୁଗଲ ବୋଲାଇଲେ । ଶକ ବର୍ଷରେ ୧୫୦୮ ରେ ରଥଯାତ୍ରାରେ ରାଜା ଆଉ ମୁଗଲ ହୋଇଥିବାରୁ ଛେରା-ପହଁରା କରିବା ନୋହିଲା । ମୁଦିରଥ (ମୁଦ୍ରହସ୍ତ) ଶାଢ଼ୀ ନଥିବାରୁ ଛେରାପହଁରା ପରିଛା ଦାମୋଦର ଚମ୍ପତିରା ଛେରା ପହଁରା କରିବା କଥା ଉଠିଲା । ମାତ୍ର ପରିଶେଷରେ ଭିତରଛ ନାରାୟଣ ମହାପାତ୍ର ଛେରାପହଁରା କଲେ ।

ତାହାଙ୍କର ପୁତ୍ର ପୁରୁଷୋତ୍ତମ ଦେବ ରାଜାହେବା କାଳରେ କେଶୋଦାସ ମାରୁ ନାମକ ଏକ ରାଜପୁତ ବଡ଼ ସେନାନିକୁ ଦଖଲ କରିନେଲା । ସେତେବେଳକୁ ଆଷାଢ଼ ମାସ ତିଥି ଅଣସରରେ, ଦେଉଳର ଦ୍ୱାର ବନ୍ଦ । ବେଢ଼ାରେ କେଶୋଦାସର ସୈନ୍ୟ । ରାଜା ଖୋରଧାର (ଖୁରଧା) ପାଦ୍ରୁ ବହୁସୈନ୍ୟ ନେଇ ହାତୀମାନଙ୍କ ସାହାଯ୍ୟରେ ପାଟେଣି ସମତୁଲରେ ଗୁଣ୍ଡିଚା ଯାତ୍ରାକୁ ତିଆରି ହୋଇଥିବା ରଥକୁ ରଖି ପାଚେରି ଡେଇଁ ପ୍ରତ୍ୟାକ୍ରମଣ କଲେ । ମାତ୍ର ମାଦଳପୁଟବାଣ ଭିତରେ ଥିବା ମଞ୍ଚାକୁ ଭାଙ୍ଗି ସେଥିରେ ମଶାଲ କରି ରଥମାନଙ୍କୁ ପୋଡ଼ିଦେଲେ । ପୁରୁଷୋତ୍ତମ ଦେବ ନିଶ୍ଚିନ୍ତେ ପଥର ପୋଡ଼ିଗଲା । ଯାତ୍ରା କିପରି ହେବ ଚିନ୍ତାରେ ବ୍ୟସ୍ତ ହୋଇ କେଶୋମାରୁଙ୍କର ଶରଣ ପଶିଲେ । କେଶୋମାରୁ ରାଜାଙ୍କ ଠାରୁ ବହୁ ଅର୍ଥ ନେଇ କଟକ ଗଲେ । ସେ ମୁଗଲଙ୍କର ଚଳିଆଶହ ଥଲେ । କେଶୋମାରୁ କଟକ ଗଲା ମାତ୍ର ରଥଯାତ୍ରା ହୋଇପାରିଲା ନାହିଁ । ମହାପ୍ରଭୁଙ୍କୁ ଶଗଡ଼ିରେ ବସାଇ ଗୁଣ୍ଡିଚା ଘରକୁ ନିଆଗଲା । ଏହା ବିଚିତ୍ର ଯାତ୍ରା ବୋଲି ଲେଖକ ଲେଖିଛନ୍ତି । କଲାଇର ଖାଁ ଙ୍କ ସମୟରୁ ୬ ବର୍ଷକାଳ ରଥଯାତ୍ରା ଠିକ୍ ଭାବରେ ହୋଇପାରିନାହିଁ ମକରମ ଖାଁ ଦୁର୍ବଳ ରାଜା ପୁରୁଷୋତ୍ତମଙ୍କ କୁଳ କର୍ଣ୍ଣ ପୁଣି ଆକ୍ରମଣ କଲା । ଶକ ୧୫୩୯ ଅବ୍ଦରେ ମକରମ ଖାଁ ଆକ୍ରମଣ କରିବାକୁ ଆସୁଛି ନାଣି ପତିଆରି, ଖୁଣ୍ଟିଆ ଓ ମହାଜନମାନେ ପରିଛା ଦାମୋଦର ଚମ୍ପତିରାଙ୍କ ଅକ୍ଳାନ୍ତ ପରିଶ୍ରମରେ ଜଗନ୍ନାଥଙ୍କୁ ବାଣପୁର ହନୁଆଡ଼ ଗଡପଦାକୁ ନେଇଗଲେ । ସେଠାରେ ଥିବାବେଳେ ଆଷାଢ଼ ମାସ ପଡ଼ିଲା । ବୈଦ୍ୟନାଥ ଭଞ୍ଜଙ୍କର ଚେଷ୍ଟାରେ ୧୫ ହାତ ମଣ୍ଡପରଥରେ ଜଗନ୍ନାଥେ ବସି ନାମକୁ ମାତ୍ର ରଥ ଯାତ୍ରାହେଲା । ବୈଦ୍ୟନାଥ ଭଞ୍ଜ ରଥ ଦଉଡ଼ି ଟାଣିଲେ । ମୋଗଲଙ୍କ ଡରରେ ରଥଯାତ୍ରା ନିରାଡ଼ମ୍ବରରେ ବାଣପୁରରେ ହେଲା । ଏହି ଅପରାଧରେ ସାଠିଏ ଜମିଦାରଙ୍କୁ ହତ୍ୟା କରାଗଲା । ଓଡ଼ିଶା ରାଜା ବଳଭଦ୍ର ଦେବ ଗଙ୍ଗାଧର ଜେନାମଣିଙ୍କର ବିବାଦ ଏପରି ହେଲା ଯେ ମଝିରେ ବର୍ଷେ ରଥଯାତ୍ରା ନାମକୁ ମାତ୍ର ଗଡପଦାରେ ହେଲା । ଦଳବେହେରାମାନେ ଏ ରଥ ଯାତ୍ରା ଚଳାଇଥିଲେ । ଭାଟପଡ଼ା ଦଳ ବେହେରା ଏ ରଥ ଯାତ୍ରାର ଛେରା ପଂହରା କରି ବିଧିରକ୍ଷା କରିଥିବାରୁ ବହୁକାଳ ପର୍ଯ୍ୟନ୍ତ ରଥ ଓଳିଆ ଖଡ଼ିକା ମୁଠା ତାଙ୍କର ପ୍ରାପ୍ୟ ରୂପେ ରହିଥିଲା । ଆଉରଙ୍ଗଜେବ ନବାବଙ୍କ ସମୟରେ ଦେଶର ଅବସ୍ଥା ବଡ଼ କଟିନ ହୋଇଥିଲା । ୧୭୧୯ ଶକବର୍ଷରେ ଦିବ୍ୟସିଂହଦେବ ନାମକ ରାଜା ପୁଣି ସାରଥି, ରଥ, ପାର୍ଶ୍ୱ ମୂର୍ତ୍ତିମାନ ତିଆରି ରଥଯାତ୍ରା କରିବାକୁ ଆୟୋଜନ କରୁଛନ୍ତି ଖବର ପାଇ ଏକରାମ ମୁଗଲ ଗୋଲକୁଣ୍ଡାରୁ ଆଜ୍ଞାପାଇ ପୁରୀ ଆକ୍ରମଣ କଲା । ରାଜା ଖବର ପାଇଁ ସାରଥିଙ୍କୁ ଭାଙ୍ଗି ଅନ୍ୟ ରମଣୀୟ ରଥ ପାର୍ଶ୍ୱ ଦେବତା ସଖିମାନଙ୍କୁ ସଏଦ ଖାଁ ଙ୍କୁ ସମର୍ପଣ କଲେ । ସେତେବେଳେ ଆଉରଙ୍ଗ-ଜେବ ଶୁଣୁଥିଲେ ରଥଯାତ୍ରା କିପରି ଚିରଦିନ ପାଇଁ ବନ୍ଦ ହୋଇଯାଉ । ଏଣେ ସେବକେ, ପରିଛାମାନେ ଆପ୍ରାଣ ଚେଷ୍ଟାକରୁଥିଲେ ଯେ ବିଧିଚଳୁ । ଚନ୍ଦନ ଯାତ୍ରା ବୈଶାଖରେ ହୋଇ ପାରିଲା ନାହିଁ । ରଥ ବା କୁଆଡ଼ୁ ହେବ ? ମାତ୍ର ସେବକ ଗଣ, ପରିଛାମାନେ ସ୍ନାନ ଓ ଗୁଣ୍ଡିଚା ଏ ଦୁଇଟି ଉତ୍ସବ ଯଥାତଥା ଚଳାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ

କରୁଥିଲେ । ଆଉରଙ୍ଗଜେବ ନିଜ ମହନ୍ତଙ୍କୁ ଆଦେଶ ଦେଲେ ଯେ ଓଡ଼ିଶାର ଘୋଷଯାତ୍ରା ବା ରଥଯାତ୍ରା ବନ୍ଦ କରାଅ । ଛତିଶଗଡ଼ ଝାଡ଼ଖଣ୍ଡ ଓ ପଶ୍ଚିମ ଓଡ଼ିଶା (ଗଡ଼ଜାତରୁ) ଯେଉଁ ଲୋକ ରଥ ଯାତ୍ରାକୁ ନଆସନ୍ତି ସେଥିପାଇଁ ସେନାମାନେ ରାସ୍ତାରେ ଭୟପ୍ରଦର୍ଶନ କରି ଘଉଡାଉ ଦେଉଥାନ୍ତି । ଏହି ସମୟରେ ମହନ୍ତ ରାମଦାସଙ୍କ ଗୋସ୍ୱାମୀ ଦିନାନାଥ ନୃସିଂହଙ୍କ ଭକ୍ତ ନବାବଙ୍କଠାରୁ ରଥଯାତ୍ରା ମାନୁ କରିବାକୁ ଆଜ୍ଞା ଆଣିବାକୁ ଗୋଲକୁଣ୍ଡା ଗଲେ । ସୌଭାଗ୍ୟ ବଶତଃ ଆଉରଙ୍ଗଜେବ ସ୍ୱପ୍ନରେ ଦେଖିଲେ ଯେ ତାଙ୍କର ଖୁଦା ଜଗନ୍ନାଥଙ୍କ ରୂପ ଧାରଣ କରିଛନ୍ତି ଓ ରଥଯାତ୍ରା କର ବୋଲି ଆଦେଶ ଦେଉଛନ୍ତି । ଆଉରଙ୍ଗଜେବ ଏହି ସ୍ୱପ୍ନ ଦେଖି ରଥଯାତ୍ରା ବିଷୟରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଭାବିବା ବେଳେ ରାମଦାସଙ୍କ ପଦ୍ଧତିରୁ ସେ "ସୃଷ୍ଟିର ବିଚିତ୍ର ହିନ୍ଦୁ ଦେବତା" ଜଗନ୍ନାଥଙ୍କୁ ମାର୍କଣ୍ଡପୁର ତହସିଲ ଦାନଦେଇ ରକ୍ଷାପାଇ-ଥିଲେ । ମୁର୍ଶିଦ କୁଲି ଖାଁ (ମୁର୍ଶିଦ କୁଲି ଖାଁ) ସେତେ-ବେଳର ସୁବେଦାର । ସେ ଏକଥା ଦେଖି ଜଗନ୍ନାଥଙ୍କ ରଥଯାତ୍ରା ଉପରେ ହୋଇଥିବା କଟକଣା ଉଠାଇ ଦେଲେ । ଦଣ୍ଡଦେବ ପାଟସାହାଣି, କୃତ୍ତିବାସ ବଡ଼ଜେନା ବାଣପୁରରୁ ମହାପ୍ରଭୁଙ୍କୁ ଅଣାଇ ବାଣପୁରର କାଠ ଅଣାଇ ପୁଣି ୩୨ ହାତର ଦିବ୍ୟ ନନ୍ଦିଘୋଷ କରାଇ ରଥଯାତ୍ରା କଲେ । ସେ ରଥଯାତ୍ରାରେ ଓଡ଼ିଶାର ଅଣଷଠି ବୈଷ୍ଣବ ଦୀର୍ଘ କଟକଣାର ପରେ ଯୋଗଦେଇ ବଡ଼ ଉତ୍ସାହରେ କୀର୍ତ୍ତନାଦି କରି ଗୁଣ୍ଡିଚା ଯାତ୍ରାକୁ ସର୍ବାଙ୍ଗସୁନ୍ଦର କରିଥିଲେ । ମହନ୍ତ ରାମଦାସଙ୍କ ନରେନ୍ଦ୍ର ପୁଷ୍କରିଣୀ ସଂସ୍କାର କରି ଯାତ୍ରାର ପୁନଃ ପ୍ରଚଳନ କରି ବଡ଼ମଠ ମହନ୍ତାଇ କଲେ (ଶ୍ରୀ ରାମଦାସ ମଠ) । ଏପରି ମୋଗଲ ଯୁଗର ରଥଯାତ୍ରାର ବର୍ଣ୍ଣନା ଭିକାରି ପଟ୍ଟନାୟକ କହିଛନ୍ତି ତାହାର ସତ୍ୟତା ପ୍ରମାଣ କରୁଛି ଆଲମ୍ ଓ ଗିରିଙ୍କର ଭୂମିଦାନ ଦଲିଲ ଯାହା ଓଡ଼ିଶା ଆର୍କା-ଇଭସ୍ ବିଭାଗରେ ସୁରକ୍ଷିତ ଅଛି । ମୁର୍ଶିଦ କୁଲିଙ୍କ ଆକ୍ରମଣ କିପରି ସ୍ୱଭାବରେ ବନ୍ଦ ହୋଇଥିଲା ସେ ସମ୍ବନ୍ଧରେ ମଧ୍ୟ ଏକ ଦଲିଲ ପ୍ରୋଢ଼ ଅନୁଷ୍ଠାନରେ ଅଛି । ଏହାପରେ ମରହଟ୍ଟାମାନଙ୍କର ରାଜତ୍ୱ ଆସିଲା । ମରହଟ୍ଟାମାନେ ଜଗନ୍ନାଥଙ୍କର ଯାତ୍ରାଦିର ଯଥେଷ୍ଟ ଉନ୍ନତି ବିଧାନ କରିଛନ୍ତି । ରଥଯାତ୍ରାରେ ଶିବରାମ ଶାଠିଆ ନାମକ ଏକ ୧୭୬୭ ଅବ୍ଦରେ ରଥରେ କଳସ ପ୍ରଭୃତି ପ୍ରଭୃତି ମଣ୍ଡନ (ସିଂହାସନ) କଲେ । ସାଠିଆ ପରି ନାମରେ ଏକ ଭୋଗ ଖଞ୍ଜା କଲେ । ସେମାନେ ବାହୁଡ଼ା ଯାତ୍ରାକୁ ବଡ଼ ଗୁରୁତ୍ୱ ଦେଉଥିଲେ । ମରହଟ୍ଟାମାନଙ୍କର ଗୁରୁ ବାବା ବ୍ରହ୍ମଚାରୀ ନିଜେ ଠାକୁର ଦେଲେ ସେବା କରୁଥିଲେ । ବେଦପାଠର ବ୍ୟବସ୍ଥା କରାଇଲେ । ଗଣେଶଜୀ ନାମକ ମରହଟ୍ଟା ଶାସକ କଟକରେ ଗଣେଶ ମନ୍ଦିର କରି ଗୁଣ୍ଡିଚାଘର ଘାଟ ଅଗଣା କଲେ । ଗୁଣ୍ଡିଚା ଯାତ୍ରାରେ ମରହଟ୍ଟାମାନେ ନାନା ଭୋଗ ଓ ସିଦ୍ଧି ଭକ୍ତଙ୍କରେ ଗୋସ୍ୱାମୀଙ୍କ ମାଧ୍ୟମରେ ବଢ଼ାଇଲେ । ରାଣୀ ଅହଲ୍ୟା ବାଈ ଜଗନ୍ନାଥ ସଡ଼କ କରାଇବାରୁ ଯାତ୍ରୀ ସଂଖ୍ୟା ବଢ଼ିଲା । ରାଜାରାମ ପଣ୍ଡିତ ରଥଯାତ୍ରା ସମୟରେ ଭିଡ଼ ହେଉଥିବା ଦେଖି ସାହି ସାହିରେ ପଥର କୂଅ ଖୋଳାଇଲେ । ଏହି ସମୟରେ ରାମଚନ୍ଦ୍ର ଦେବ ପଠାଣ ହେବା କଥାରୁ ଛେରା ପହଁରା କଥା ଉଠିଥିବା ପୂର୍ବରୁ କହିଛନ୍ତି । ତାଙ୍କର ବଂଶଧର ବୀର କିଶୋର ଦେବ ରଥଯାତ୍ରାରେ ବହୁବିଧ ଉନ୍ନତି ବିଧାନ କରିଛନ୍ତି । ଚବିଶ-କୁଦର କଳା ବେଠିଆ ବା ରଥ ରକ୍ଷକ, ରଥ ଟାଣିବା ପାଇଁ ବେଠିଆ ପ୍ରଥା ଚଳାଇଲେ । ଆଠଗଡ଼ର ରାଜା ଭାଇ ଧନଞ୍ଜୟ ହରିଚନ୍ଦନ ଜଗଦେବ ରଥରେ ଚାମର ସେବା କଲେ । ଏହା ପରଠାରୁ ରଥଯାତ୍ରାରେ ଆଉ କୌଣସି ବିଶେଷ ଘଟଣା ଉଲ୍ଲେଖ ନାହିଁ । କେବଳ ରଥ ତଳେ ମଣିଷ ମରିବାରୁ କମ୍ପାନି (ଇଷ୍ଟଇଣ୍ଡିଆ କମ୍ପାନି) ଅମଳରେ ଘୋଡ଼ା ସବାର ସିପାହି ରଥ ଯାତ୍ରାକୁ ଆସୁଥିଲେ । ରଥ ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷାକରୁଥିଲେ । ଏହିପରି ଭାବରେ ଚକଡ଼ା ଶେଷ ହୋଇଛି ଓ ଚଣାଯାଉଛି ଯୁଗ ଯୁଗ ଧରି ଐତିହାସିକ ରାଜବଂଶ ଶାସକମାନେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାକୁ ଗୁରୁତ୍ୱ ଦେଇ ଆସିଛନ୍ତି । ଯଯାତି କେଶରୀଙ୍କ ଠାରୁ "ରଥାରୂଢ଼ ଗଚ୍ଛନ୍ ପଥି ମିଳିତ ଭୂଦେବ ପଟଳ" ଅବଧି ମିଳିଆସୁଛନ୍ତି ନାନା ଅନ୍ତରାୟ ମଧ୍ୟରେ । ସହସ୍ର ବର୍ଷର ଏହି ପ୍ରାଚୀନ ଯାତ୍ରା ବାସ୍ତବରେ ମହନୀୟ ।

ଗବେଷକ, ଶ୍ରୀମନ୍ଦିର, ପୁରୀ



# ରଥ-ପ୍ରସ୍ଥାନ

ଶ୍ରୀ ଚନ୍ଦ୍ରଶେଖର ରଥ

ପରମ ପାବନ ମୁହୂର୍ତ୍ତରେ ରଥାରୂଢ଼ ହୋଇ ଶୋଭାପାଉଛନ୍ତି ବାମନ ବିଷ୍ଣୁ । ଅସମ୍ଭବ ସମ୍ଭବିଲାପରି ବେଦାନ୍ତ ବେଦ୍ୟ ପୁରୁଷ ପ୍ରକଟ ହୋଇଛନ୍ତି ଅର୍ଦ୍ଧାଙ୍ଗଣରେ । ବଡ଼ଦାଣ୍ଡର ଅଗଣିତ ଭକ୍ତଜନଙ୍କର ଭାବସମୁଦ୍ରରେ ଚନ୍ଦ୍ରୋଦୟ ଘଟିଛି । ଉଲ୍ଲସିତ ପଦ୍ମବନରେ ଉଦୟ ହୋଇଛନ୍ତି ସବିତା । ପ୍ରଭୁ ବିଜେ ହୋଇଛନ୍ତି । ଧରଣୀ ମଣ୍ଡିଲ ପରାଏ ଶୋଭୁଛନ୍ତି କି ଉରା । ଧଳା କଳା ବେନି ଭାଇ ଗୋ କୁହେଁ ବୁହିକି ଶୋଭା । ସ୍ୱଚ୍ଛ ନୀଳ ଆକାଶକୁ ଆଛନ୍ନ କରି ରହିଛି ମଧୁକ୍ଷରା କାଦମ୍ବିନୀ । ଦୁଗ୍ଧଧାରା ଗାଭୀପରି ଅହେତୁକୀ କୃପା ଅବିପ୍ରଣବ ରୂପରେ ଟଳମଳ ହେଉଛନ୍ତି । ଅହୋଭାଗ୍ୟ ମଣୁଛନ୍ତି କୃତାର୍ଥ ଭକ୍ତଜନେ । ବସ୍ତୁ ସଂଘରେ ବିମୂର୍ତ୍ତ ଚର୍ମଚକ୍ଷୁ ଶଂଖନାଭି ମଣ୍ଡଳରେ ପଖାଳି ହୋଇ ଗୁହିଁ ରହିଛି ଆଶ୍ଚର୍ଯ୍ୟବତ୍ ଉତ୍ତମ ରହସ୍ୟକୁ । ପ୍ରଭୁ ବିଜେ ହୋଇଛନ୍ତି । ବିଜେ ହୋଇଛନ୍ତି ନୀଳାଦ୍ରିନାଥ କୈବଲ୍ୟ ଧାମକୁ । ବାହୁ ପ୍ରସାରି ଅଙ୍ଗୀକାର କରିଛନ୍ତି । ପ୍ରତ୍ୟେକ ପ୍ରାଣର ଆତ୍ମାର ଭାବ ସଂପର୍କ । ପିତା, ମାତା, ସଖା, ସୋଦର, ଭ୍ରାତା ଭର୍ତ୍ତା ରୂପେ ଘନିଷ୍ଠତମ ଆଶ୍ଳେଷରେ ଧରା ଦେଉଛନ୍ତି ଦୁରଙ୍ଗମ ଜ୍ୟୋତିଷାଂ ଜ୍ୟୋତିରେକ ! ଚେତନାର କେନ୍ଦ୍ର ଏବଂ ଦିଗଚକ୍ରକୁ ଆଛନ୍ନ କରି, ଦୂରତମ ଏବଂ ନିକଟତମକୁ ଏକାକାର କରି, କ୍ଷରାକ୍ଷର ପୁରୁଷୋତ୍ତମ ବଡ଼ଦାଣ୍ଡରେ ଉଭା ହୋଇଛନ୍ତି । ବେଦଦୁର୍ଲ୍ଲଭ ମାହେନ୍ଦ୍ର ବେଳାରେ ସ୍ଥାବର ଜଙ୍ଗମ ଜଡ଼ ଚେତନ ଜଳ ସ୍ଥଳ ଆକାଶରେ ଏକସ୍ତୁ ଜ୍ୟୋତିଃ ବ୍ୟାପ୍ତା, ନିସ୍ତରିଲି ନିସ୍ତରିଲି ଭାବର ପ୍ଳାବନ । ଦେହ ପିଞ୍ଜରିକୁ ଆବଦ୍ଧ କରି ମନ ଚୈତନ୍ୟ କହୁଛନ୍ତି ଦେଖିବାରେ ସ୍ୱାହାଁ ମଥୁରା ବାଞ୍ଛେ ଗୋବିନ୍ଦ ବିଜେ ।

ସତେ ଆସି ବିଜେ ହେଲ ସାଆନ୍ତେ ? ସତେ ଏ ପାପ ଅଙ୍ଗ ଗଙ୍ଗା ସ୍ନାନ କଲା ? କହି ବୃଦ୍ଧ ସରଣିଆ ଏ କୋଟି ବ୍ରହ୍ମାଣ୍ଡରୂପ ଧ୍ୟାନ କରି କରି ଯୁଗ ବିତି ଯାଇଥିଲା ପ୍ରଭୁ ! ସମୁଦ୍ର ହୋଇଥିଲା ଯମୁନା । କୁଞ୍ଜର ପେଲୁଥିଲା ଅଶ୍ରୁ । ଉଲଗ୍ନ ନଥିଲ ଏ ଘନ ଘୋର ଅନ୍ଧକାର ରାତ୍ରି ପାହିବ ବୋଲିଁ, ଜଗନ୍ନାଥେ, ହୋ ! କାନ ନଥାଇ ମଣିମା ଶୁଣାଇ ଶୁଣନ୍ତି ଡାକି ଶୋକେ କହୁଥିଲେ । କେବେ ଭଗବାନ ଏଠୁ ନଥିଲେ । ଶାଙ୍ଖିପାଦ ନଥାଇ ରତ୍ନ ସିଂହାସନରୁ ବିଜେ ହୋଇ ଆସିଲ ।

ଏ ଅଧମକୁ କୃତାର୍ଥ କଲ ପ୍ରଭୁ ! ତାହାଙ୍କ ବୈଦମହେ ଶୁଣିଲ, ମୁଁ କି ଭାଜନ ବୁଝିବାକୁ ! ଇଚ୍ଛାମୟ ଇଚ୍ଛାରେ ପ୍ରକଟ ହେଲ । କରୁଣା ବାରିଧି ଲହଡ଼ି ମାରୁଛି । ମୁଁ ତୋତେ କିଛି ମାଗୁନାହିଁ । ଜଗନ୍ନାଥ ! ଚିର ଅପରାଧୀ ମୁଁ । ବୁଢ଼ାଏ ଛିଟିକି ଆସିଲେ ପ୍ରାଣପକ୍ଷୀ ଶୀତଳ ହୋଇଯାନ୍ତା । ମୋର ଏଡ଼େ ଭାଗ୍ୟ ହେବ କି ? ତୋର ସେବାକୁ ଅଭାଜନ, ମୁଁ ଶରଧା ବାଲିରେ ଲୋଟୁଥାନ୍ତି । ତୋତେ ଗୁହିଁ, ତୋର ଭକ୍ତଜନଙ୍କ ପାଦପଦ୍ମ ପଖାଳି ଦିଅନ୍ତି । ତୋର ପାଦ ତ', ବ୍ରହ୍ମାଙ୍କୁ ଗୁପ୍ତ, ମୁଁ କି ଛାର ତାକୁ ପାନ କରିବାକୁ ! "ଶୁଣିଥିଲି ସେ ତାହାରି ଇଚ୍ଛାରେ ମହିମାମୟ ହିମବନ୍ତ ଅଚଳ-ପ୍ରତିଷ୍ଠିତ ଅଛନ୍ତି, ଉଲ୍ଲାସରେ ନୀଳାମ୍ବୁରାଶି ସ୍ୱେ ମହିମ୍ନି ଲୀଳାୟିତ ହେଉଛନ୍ତି । ଦିଗବିଦିଗରେ ତାହାରି ଅଗଣିତ ବିଶାଳ ଭୁଜ ବିସ୍ତୃତ ହୋଇ ରହିଛି । ଖୋଜିଥିଲି ସେ କିଂଭୂତ ଆଦିପୁରୁଷକୁ । କାହାକୁ ହବି ଅର୍ପଣ କରିବି ବୋଲି ଶୂନ୍ୟକୁ ଗୁହିଁ ପ୍ରଶ୍ନ କରିଥିଲି । ପଗ୍ରରିଥିଲି ସେ ଅଛି ନା ନାହିଁ ବୋଲି । ଶୂନ୍ୟ ଚୈତନ୍ୟମୟ ହୋଇ ଚତୁର୍ଦ୍ଦିଗରୁ ଘଣ୍ଟା ଘୋଷରେ ଉତ୍ତର ଦେଉଛନ୍ତି ଅସ୍ତି,.........ଭାତି ! ସେ ଅଛି ଅବଶ୍ୟ ଅଛି । ହେଲେ, ସେ ଜାଡ଼୍ୟମାନ ଝଟକୁଛି !' ବହୁ କାଳରୁ ଚେକି ରଖିଥିବା ହବି ଅର୍ପଣ କରୁଛି, ହେ ଯଜ୍ଞ ପୁରୁଷ, କୃପା ପରବଶ ହୋଇ ଗ୍ରହଣ କରନ୍ତୁ ।"

ଭୂଲୋକରୁ ସତ୍ୟ ଲୋକଯାଏଁ କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସିଦ୍ଧ ଗନ୍ଧର୍ବ ବିଦ୍ୟାଧର, ମୁନି ଋଷି, ଯକ୍ଷ, ରକ୍ଷ, ଦେବତା କୃତାଞ୍ଜଳି ହୋଇ ସ୍ତବଗାନ କରୁଛନ୍ତି । ଆକାଶରେ ବଜ୍ର ଗମ୍ଭୀର ଘୋଷ ! ଶିଙ୍ଗା, ପଟହ, ଡମ୍ବରୁ, ଖେମଟା କରତାଳି ସହିତ ବୀଣା ନୂପୁର ନାଦ ଏବଂ ମହିମ୍ନ ବେଦଧ୍ୱନି ନିବେଦିତ ହେଉଛନ୍ତି । ମଣିଷ ସ୍ୱରରେ, ସ୍ପୁଟ ଅସ୍ପୁଟ ପ୍ରକଟ ଅପ୍ରକଟ ଭାଷାରେ ଅସଂଖ୍ୟ ପ୍ରାଣର ଆକୂତି ସହିତ ଧ୍ୱନିତ ହେଉଛି ଅସଂଖ୍ୟ ବାଦ୍ୟ ଘୋଷ । ପାଟେ ଠାଟେ ଗୋଳ ଚହଳ ବେଣୁ ଶିଙ୍ଗା ବଇଁଶୀ ମନୋହର୍ଷ ସହସ୍ରେ ମହା ଶଂଖର ଘୋଷରେ ନିବେଦନ କରୁଛନ୍ତି । ଅସଂଖ୍ୟ ଘୋଷର ଟମ୍ବୁକ ନିର୍ଘୋଷ ଛନ୍ଦରେ ନନ୍ଦିଘୋଷ କମ୍ପିତ ହେଉଛି । ଅତି ସୁସଜ୍ଜ ରଥପିଣ୍ଡ

ନିର୍ମାଣିଛନ୍ତି ବିଶ୍ୱକର୍ମା । ସେଥିରେ ରଥୀ ଅନୁପ୍ରବିଷ୍ଟ ହେଲାପରେ ଚୈତନ୍ୟମୟ ହୋଇଛି ସୃଷ୍ଟି । ସାର୍ଥକ ହୋଇଛନ୍ତି ଅଭିମାନୀ ଦେବତାମାନେ । ଆଚମ୍ବିତ ଜଗତ୍ ସ୍ତବ୍ଧ ହୋଇ ଅପେକ୍ଷା କରିଛି ! ଜଡ଼ ଚେତନର ଏ ଅଦ୍ଭୁତ ସମାହାରକୁ । ଏ ବିପରୀତ ତତ୍ତ୍ୱ ଏକତ୍ର କ୍ରିୟାଶୀଳ ହେବେ କି ସ୍ତମ୍ଭିତ ହୋଇ ରହିଯିବେ ? କିଏ କାହାକୁ ସ୍ଖଳିତ କରିବ ? ଜଗତର ଶିଖରରୁ ଗହ୍ୱରକୁ ଗମନ କରିବ କିଏ ? ଘୋଷ ଯାତ୍ରାର ଆନନ୍ଦ ବିଭୋର ଘଣ୍ଟା ଘୋଷରେ ଶୁଭୁଛି——'ସେ, ସେ, ସେ ! ସେ ହିଁ ଅବତରଣ କରିଛି । ସେ ସ୍ୱୀକାର କରିଛି ଏ ଯାତ୍ରା । ନୀଳାଚଳ ଶୀର୍ଷରୁ ନଦୀଗର୍ଭ ପର୍ଯ୍ୟନ୍ତ । ଜଡ଼କୁ ଧାରଣ କରି ଚୈତନ୍ୟର ପ୍ରସ୍ଥାନ ଯାତ୍ରା । ସେ ସ୍ୱୀକାର କରିଛି ଜଡ଼ର ମେଦ ମଜ୍ଜା ଭେଦକରି ତାର ମର୍ମସ୍ପର୍ଶ କରିବାକୁ, ବହୁଧା ବିକୀର୍ଣ୍ଣ ଜଡ଼ରେଣୁରେ ସ୍ୱୟଂ ବାସ କରିବାକୁ । ଜଡ଼କୁ ଜୀବନ୍ୟାସ ଦେବାକୁ । ସୁଖ ଦୁଃଖରେ କ୍ଷେପଣ କରି ପୁନଶ୍ଚ ଉଦ୍ଧାର କରିବାକୁ, ଜୀବ ରୂପରେ ଭୋଗିବାକୁ, ସାକ୍ଷୀ ରୂପରେ ନିଷ୍ପଲକ ଚାହିଁରହିବାକୁ । ମୃତ୍ୟୁକୁ ସୃଷ୍ଟି କରି ତା ଭିତରେ ଅମୃତକୁ ମନ୍ଥନ କରିବାକୁ । ସେ ସୃଷ୍ଟି, ସେ ସୃଜନ, ସେ ସ୍ରଷ୍ଟା । ତଟସ୍ଥ ରହି ଚାହିଁଥାଅ ପୁରଜନେ । ସେ ରେଣୁ ରେଣୁରେ ପୂରିତ ହେବ । ତ୍ରିଗୁଣ ରଜ୍ଜୁରେ ଚଳମାନ ହେବେ ରଥାରୂଢ଼ ବିଷ୍ଣୁ । ସମୁଦ୍ର ଇଚ୍ଛା କରିଛି ଲୀଳାୟିତ ହେବ, ତରଙ୍ଗରେ ପ୍ରବାହିତ ହେବ ! ସଦା ସଂଯୁକ୍ତ ଏକକ ସମୁଦ୍ର ଅସଂଖ୍ୟ ବିଯୋଗର ଅବଳୀଳା ପ୍ରଦର୍ଶନ କରିବ ।"

ଦିବ୍ୟ ରଥମାନେ ଝଲମଲ କରୁଛନ୍ତି । ଭ୍ରୁଭଙ୍ଗୀ ପ୍ରସନ୍ନ ମୁଦ୍ରାରେ ସାରଥିମାନେ ବାଗ ଦଉଡ଼ି ଭିଡ଼ି ଧରିଛନ୍ତି । ଯୋଖି ହୋଇଥିବା ସୁଲକ୍ଷଣ ଅଶ୍ୱମାନେ ଟାଣିହୋଇ ରହିଛନ୍ତି । ଛଡ଼ି ଦେଲେ "ଚକ୍ଷୁ ମଟକେ ଅତି ଛଟକେ" ସ୍ୱର୍ଗ ସୀମା ବଳିଯିବେ । କୌଣସି ସଙ୍କେତକୁ ଅପେକ୍ଷା କରି ରହିଛନ୍ତି ତ୍ରିଭୁବନ । ଅପେକ୍ଷା କରିଛନ୍ତି ମହତୀ ସ୍ପନ୍ଦନମାନେ । ବସୁଧାର ତପୋମଗ୍ନ ଚେତନା ବଡ଼ ଦାଣ୍ଡରେ ଉତ୍ଥାନ ଅପେକ୍ଷା କରିଛନ୍ତି । ଭକ୍ତମାନେ ଚାହିଁ ରହିଛନ୍ତି । ଠେଲାପେଲା ଗହଳ ଭିତରେ ସତ୍ୟ, ଦ୍ୱାପର, କଳି ଗୁଂଥି ହୋଇ ରହିଛନ୍ତି । ଦେହର ମଳିଝଳି ପରି ଚେତନାରେ ଶୁଦ୍ଧା ଶୁଦ୍ଧ ମଣିଷମାନେ ସାନ ବଡ଼ ଭୁଲିଯାଇ ଗୋଳି ହୋଇଛନ୍ତି । ସମସ୍ତଙ୍କ ଆଖି ଉପରକୁ, ମନ ଉପରକୁ ଘିଅ ଦୀପ ପରି ଟୋଳିହୋଇ ଜଳୁଛି ଦୃଷ୍ଟି । ମୁଣ୍ଡରେ ଜଟାଭାର ବୋହି ଭସ୍ମ ଲେପିତ କୌପୀନବନ୍ତ ପୁରୁଷ ଜଣେ ଏକାକୀ ଠିଆ ହୋଇ ଦେବ ଦର୍ଶନ କରୁଛନ୍ତି । ତାଙ୍କ ପାଖକୁ ଘେରି ଠିଆ ହୋଇଛନ୍ତି ହାତ ଧରା ଧରି କାଳି ଧରା ଧରି ହୋଇ କାଚ ଝମ ଝମ କରୁଥିବା କାଲୁଲୁ କାଲୁଲୁ ହେଉଥିବା ତେଲ ଜୁଡୁବୁଡୁ ମୁଣ୍ଡ, ଦଣ୍ଡି ପିନ୍ଧା ନାକ ଝାଡ଼ି ହକା ହକାହୋଇ ପୁରସ୍ତମ ଆସି ଠାକୁରକୁ ଦେଖି ଦେଖାଉଥିବା ଗାଁ ମାଇପେ । ତାଙ୍କୁ ଘେରି ନୁଖୁରି ମୁଣ୍ଡି ଝସକୁରି ପାଣ୍ଡହାତ ନାଲି କଣ୍ଠା ଗୁଡ଼େଇହୋଇ ଫୁଲୁରୁ ଫୁଲୁରୁ ଡେଇଁଥିବା କଣେଇ ପରି ଗାଁ ଝିଅଗୁଡ଼ିକ । ସବା ଆଗରେ ସମସ୍ତିଙ୍କ ମାଉସୀ ହାତ ଯୋଡ଼ି ଥକ ଥକ ଆଖିରେ ଚାହିଁଛି ରଥ ଗସ୍ତୀରାକୁ । ତା' ବାହୁରେ ବିଦମାଳ ଚିତାକୁଟା ଚମ ଧୁକୁ ଧୁକୁ ହେଣା, "ମତେ ଏ କଙ୍କାଳକୁ ନେଇଯା ଠାକୁର । ମଥାରୁ ସିନ୍ଦୂର ଲିଭେଇଲୁ । ମୋ ସୁନ୍ଦୁଣି ହାତୀକୁ ଛଡ଼େଇଲୁ । ମାରିଦେ ଠାକୁର ମତେ ମାରିଦେ'-ବୋହୂ ଭୁଆସୁଣି ହାତକାଚ ବଜର ହେବାକୁ ନିରଛାଳି ହେଉଛନ୍ତି । ରଥ ଦଉଡ଼ିକୁ ଶିଆଳି ଶିଅ ଛିଣ୍ଡାଇ ଘରେ କଣ୍ଠାକୁ ଢଙ୍କରେ ବାନ୍ଧିବାକୁ ମନ କରୁଛନ୍ତି । ସମୁଦ୍ର ପରି ଘୁଁ ଘୁଁ ଶଂଖନାଦ ଭିତରେ ଘଣ୍ଟୁଆ ଧାଡ଼ିବାନ୍ଧି ଛନ୍ଦ ଡୋଳିଲେ । ଡାହୁକ ବେତ ଧରି ରଥ ମଙ୍ଗ ଆବୋରିଲେ । ଚଉଦଚକ ଉପରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡର ଭାର ବହନ କରି ତାଳଧ୍ୱଜ ମୃଦୁ କଂପିତ ହେଲା । ଶୁଭଙ୍କର ଅନୁକୂଳ ପବନରେ ଧ୍ୱଜା ଲହରିତ ହେଲା । ଶିଶୁ ବାସୁକି ପରି ତିନୋଟି ରଥ ରଜ୍ଜୁ ଲମ୍ବି ଆସିଲେ ବଡ଼ଦାଣ୍ଡ ଉପରକୁ । ବଇଠି ଉପରେ ତୁଳମାଳ ବିଭୂଷିତ, ମତ୍ତ ମାତଙ୍ଗ ଠାଣିରେ ଦରହସିତ ଚାହିଁଥିବା ଠେକାଭିଡ଼ା ଠାକୁରେ ! ଚନ୍ଦନ ପଙ୍କରୁ ଉଠି ଆସିଥିବା ଲୀଳାଚପଳ ଶ୍ୱେତ ହସ୍ତୀ ବାହୁ ଟୋଳି ଉହୁଙ୍କି ଆସୁଛି । ବିପୁଳ ବକ୍ଷ ଉପରେ ବିଚିତ୍ର ବର୍ଣ୍ଣର ପୁଷ୍ପ ପଦକ । ବଳିଆର ଭୁଜ ଉପରେ ରାଶି ରାଶି ଫୁଲ ମାଳ——ଡାହୁକ ଡାକିଲା । ଭକ୍ତେ ଟେକିଲେ ବିମାନ ରଜ୍ଜୁ । ରଥ ଦୋଳୁକିଲା ।, ଠାକୁରେ ହଲୁସିଲେ । ବିସ୍ତୃତ ବିଜେ ମାର୍ଗ ଉପରକୁ ଗୁମୁଗୁମ ଘୋଷରେ ପ୍ରତିଧ୍ୱନିତ କରି ଚଳିଗଲେ ତାଳଧ୍ୱଜ । ମକର କୁଣ୍ଡଳ ଝମକିଲା । ଚନ୍ଦ୍ରଚିତା ଝଲମଲ ହେଲା, ମୃଦୁ କଂପିତ ହେଲେ ବିସ୍ତୃତ ବାହୁ ଯୁଗଳ । ସ୍ଥାଣୁ ପୁରୁଷ ଗତି ଛନ୍ଦରେ ଆମୋଦିତ ହେଲେ । ସକଳ ଦିଗକୁ ଅତିକ୍ରମ କରିଥିବା ଅନନ୍ତ ଉଚ୍ଚନୀଚ ଭୂମିରେ ଦୋଳନରେ ସ୍ପନ୍ଦିତ ହେଲେ । ଅଳକାନନ୍ଦାଙ୍କର ବିଶୁଦ୍ଧ ଧାର ପରି ଓହ୍ଲାଇ ଯାଉଛନ୍ତି ରଥାରୋହୀ ବଡ଼ଠାକୁରେ । ବ୍ରଜ ଦାଣ୍ଡରେ ସୁନ୍ଦା ଜାମୁଡ଼ାଳି ନାଚକୁ କରଛଡ଼ା ଦେଇ ଲଙ୍କବୁଡ଼ା କଲର ପରି ଆପଣ ଚିଜେ ହେବା ମୁନିଜନମାନେ ଦେଖିଛନ୍ତି । ଚପଳ ହେଲେ ଉଦ୍ୟତ ଲଙ୍ଗଳ—ସଂଗ୍ରାମୀ ରୂପରେ ଆପଣ ଯୁଦ୍ଧ ଭୂମିକୁ ମର୍ଦ୍ଦନ କରିବା କଥା ଦେବତାମାନେ ସାକ୍ଷ୍ୟଦାନ କରନ୍ତି । ମହାକାଶ କଂପିତ ହୋଇ ଜାଣନ୍ତି ନାହିଁ । ହେ ଅନନ୍ତ ମହାପ୍ରଭୁ, ଲୀଳା ମଧୁର ହୋଇ ଅନୁଗତମାନଙ୍କ ଦ୍ୱାରା ଆକର୍ଷିତ ତାଳଧ୍ୱଜର ମୃଦୁ କଂପନକୁ ଆପଣ କଉତୁକ ମଣି ସଲଜ୍ଜ ସ୍ୱୀକାର କରୁଥିବା ଦୃଶ୍ୟର ପଟାନ୍ତର ନାହିଁ ମଣି ମା, ଅଚଳ ଚଳିବାର ଏ ଚଳାଚଳ ଦୃଶ୍ୟର ପଟାନ୍ତର ନାହିଁ !

ବିଶୁଦ୍ଧ ଗଙ୍ଗାଧାର ସହିତ ତ୍ରିବେଣୀ ସଙ୍ଗମରେ ମୂର୍ତ୍ତିମତୀ ସରସ୍ୱତୀ ପରି ଦେବଦଳନ ପ୍ରବାହିତ ହେଉଛନ୍ତି । କାନ୍ତି, ଦ୍ୟୁତି, ଶକ୍ତି, ଦ୍ୱାଦଶ ଆଦିତ୍ୟଙ୍କ ତେଜରେ ବିଚ୍ଛୁରିତ ହୋଇ ଯାଉଛନ୍ତି ଅନନ୍ତ ବ୍ରହ୍ମାଣ୍ଡରେ । ମହାଶୂନ୍ୟରେ ଆଦ୍ୟାଶକ୍ତିଙ୍କର ସଞ୍ଚାର ହେବା ସୃଷ୍ଟିର ଆଦିମତମ ସୂଚନା । ଇଚ୍ଛାରେ ତରଙ୍ଗ ସୃଷ୍ଟି ହେଲାପରି ସୁବର୍ଣ୍ଣ ବର୍ଣ୍ଣା ସୁଭଦ୍ରା ବିଚିତ୍ର ଛନ୍ଦରେ ଦୋଳାୟିତ ହୋଇ ବଳରାମଙ୍କର ଅନୁବର୍ତ୍ତିନୀ ହୋଇଛନ୍ତି । ଅବତରଣ କରୁଛନ୍ତି ସ୍ୱୟଂ ମାହେଶ୍ୱରୀ । ତପସ୍ୟାର ଶୁଦ୍ଧ ଗାମ୍ଭୀର୍ଯ୍ୟପରେ, ସମ୍ବସ୍ତରମାନଙ୍କୁ ଗର୍ଭରେ

ଧାରଣ କରି କାଢ଼ଗାଡ଼ି ଅବତରଣ କରୁଛନ୍ତି । ଅନନ୍ତ ଜ୍ୟୋତିର୍ମୟୀ, ଅନନ୍ତ ଶକ୍ତିମୟୀ ତେଜୋମୟୀ ବିଶ୍ୱ ଜନନୀ ସୁଭଦ୍ରେ ! ତୁମର ଅନନ୍ତ ଯାତ୍ରା ପଦ୍ମ ମଣ୍ଡିତ ହେଉ ! ତୁମର ସ୍ପର୍ଶରେ ଜଡ଼ର ଜାଡ଼୍ୟ ଅପସାରିତ ହେଉ । ସେ ବିସ୍ମୟବନ୍ତ, ଆସ୍ପୃହାବନ୍ତ ହେଉ ।

ଆଡ଼ ହୋଇଯାଅ, ଯେ ଯେଉଁଠି ଅଛ, ହୋ ବଡ଼ ଦାଣ୍ଡିଆ ଭଗତେ, ମାଲିକେ ବିଜେ ହେଉଛନ୍ତି । ନନ୍ଦି ଡାକିଲେଣି ଶୂନ୍ୟରେ । ଦକ୍ଷିଣା ପବନରେ ନେତ ଉଡ଼ିଲେଣି । ତ୍ରିଗୁଣ ରଜ୍ଜୁକୁ ଆସେ ଭିଡ଼ି ଧରିଥାଅ, ଭଗତେ, ଦିଶୁଥାଉ ତୁମେ ତାଙ୍କୁ ବାନ୍ଧିଛ ବୋଲି । ଦିଶୁଥାଉ ତୁମେ ତାଙ୍କୁ ଚଳାଉଛ ବୋଲି । ଅନେକ ହୃଦର ଜାଣିଥିବା କୂଟ କପଟିଆ ନାଟର ଗୋବର୍ଦ୍ଧନ ସେ ! ଆଖିମିଟିକା ମାରି ଚାହିଁଲେ ଜଣାଯିବ 'ତ୍ରିଗୁଣ ରଜ୍ଜୁକରେ ଧରି, ମୃଗୀ ନଚାଏ ନର ହରି ।' ଷୋଳଚକ ରାଉ ରାଉ ଡାକୁଛି । ମନ୍ଦର ଗିରି ପରି ନନ୍ଦିଘୋଷ ଗୁମୁ ଗୁମୁ କମ୍ପୁଛି । ଅବ୍ୟକ୍ତ ସନାତନ ବ୍ୟକ୍ତ ଭୂମିରେ ପ୍ରବେଶ କରୁଛନ୍ତି, ଉଦେ ହେଉଛନ୍ତି ସୂର୍ଯ୍ୟ । ସେ ଅବତରଣ ନକଲେ ଉଗରଣର ମାର୍ଗ ଦିଶିବ ନାହିଁ । ସଂସାରର ସବୁଠାରୁ କଠିନତମ ଗ୍ରନ୍ଥି ସେ ଭେଦିଯିବ, ସବୁଠାରୁ ଦୁର୍ବହ ସୁଖ ଦୁଃଖର ଭାର ସେ ନିଜେ ବହନ କରିବ । ଦୁର୍ଲଂଘ୍ୟ ସଙ୍କଟ ପାରି ହୋଇଯିବ । ସଂସାରର ଅପରିମେୟ ଦ୍ୱନ୍ଦ୍ୱମାନ ଯଜ୍ଞକୁଣ୍ଡରେ ପରମ ପୁରୁଷ ପଶୁପରି ପ୍ରୋକ୍ଷଣ ହୋଇଯିବ । ନହେଲେ ଜଗତ୍ ଉଦ୍ଧାର ହେବ କିପରି ? ସେ ସ୍ୱେଚ୍ଛାରେ ଅବତରଣ କରୁଛି । ଆଡ଼ ହୋଇଯାଅ । ରହିଥାଅ ଏ ମହାରଜ୍ଜୁରେ ଗୁଣ୍ଡି ହୋଇ । ତୁମେ କି ଭିଡ଼ିବ ରଥ ! ପ୍ରତି ପଟରେ ଷୋଳ ପାଖୁଡ଼ା ପଦ୍ମ ଉଳୁଟାଇ ସେ ନିଜେ ଗଡ଼ିଯିବ, ନୀଳାଦ୍ରି ଶିଖରରୁ ଶରଧା ବାଲିଯାଏଁ !

ଅପ୍ରାକୃତ ପ୍ରେମ ମୂର୍ତ୍ତି ମଧୁବର୍ଷା କରୁଛନ୍ତି ନନ୍ଦିଘୋଷ ଉପରୁ । ମହାଭାବର ଯମୁନା ବୋହିଯାଉଛି ରଥ ପ୍ରବାହରେ ପ୍ରେମରେ ଢଳ ଢଳ ଲାବଣ୍ୟନିଧି ନାନା ବିଚିତ୍ର ଭଙ୍ଗୀରେ ଝୁଲୁଛନ୍ତି । ରଥ ଦୋହଲୁଛି ବିଚିତ୍ର ଭଙ୍ଗୀରେ । ଲାଜ ଭୟ ଅଭିମାନ ତେଜି କୁଢ଼େଇ ହୋଇ ପଡ଼ିଛନ୍ତି ଲକ୍ଷ ଲକ୍ଷ ଅନୁଗତ ଭକ୍ତ । ଯମୁନାରେ ନିରାବରଣ ଠିଆ ହୋଇଛନ୍ତି ବିମୁଗ୍ଧ ଆତ୍ମା ଗୁଡ଼ିକ । "ଯେ ଯେତେ କହନ୍ତୁ ନିନ୍ଦା କୁବଚନ, ଗଣିଧନ ମୋର କାଳିଆ କାଞ୍ଚନ, ମୁଁ ତ କିଣା କିଙ୍କରୀ ତାହାର ଲୋ; ମୁଁ ତ କୁଳଟା ହେଲି ବାହାର ବାହାର ଲୋ" ତାକୁ ଚାହିଁ ହସୁଛନ୍ତି ଚୀରଚୋରା ଗୋପୀନାଥ । ନାନା ରୂପର ନିର୍ମୋକ ଖସି ପଡ଼ିଲେ ନାନାତ୍ୱର ପ୍ରତ୍ୟୟ ଓଦା ଲୁଗାଟିଏ ପରି ଖସି ପଡ଼ିଲେ, ସର୍ବତ୍ର ସେଇ ଢଳ ଢଳ ଦୁଇଟି ଚୈତନ୍ୟ ଚିହ୍ନମାତ୍ର ଚକାଆଖି ଚାହିଁ ରହିଛି । ମହାତ୍ମାଙ୍କୁ ଦିଶୁଛି, ରଥ ସେହି, ରଥୀ ସେହି, ସାରଥି ଅଶ୍ୱ, ଅଶ୍ୱରଜ୍ଜୁ ସେଇ । ରଥ ଦଉଡ଼ି, ଦଉଡ଼ି ଧରିଥିବା ଅସଂଖ୍ୟ ନରନାରୀ, ବିଜେ ଦାଣ୍ଡ, ନବର ଅଟାଳି ସବୁ ସେଇ । ସର୍ବତ୍ର ବାସୁଦେବ ସର୍ବମୟ ବାସୁଦେବ ! ! ମୁହଁ ମେଲେଇ ଦେଲେ ଗର୍ଭରେ ଚଉଦ ବ୍ରହ୍ମାଣ୍ଡ ଲହଡ଼ି ମାରୁଛି । ମୁହୂର୍ତ୍ତକେ ପୁଣି ଲହଡ଼ି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଚୂରିଯୋଇଁ ଯାଉଛି । ବଡ଼ ଦାଣ୍ଡରେ ରଥ ବିଜେ, ରଥ ଉପରେ ପ୍ରଭୁ ବିଜେ ପରିଚିତ ଛନ୍ଦରେ ସଂସାର ପୁଣି ଚାଲିଛି । ପ୍ରଭୁ ଅବତରଣ କରୁଛନ୍ତି ଜଗତ ପ୍ରବାହର ଜଡ଼ ଭୂମିକୁ ! ଲୀଳା ପ୍ରବଣ, କରୁଣା ପ୍ରବଣ ହୋଇଛନ୍ତି ଜଗନ୍ନାଥ !

'ଅଗାଧ ଜଳରାଶିରେ ବୁଡ଼ିଗଲି, ପ୍ରଭୁ ! ମୋର ଚେତନା ମୂହ୍ୟମାନ । ବୁଦ୍ଧି ବିବେକ ମନ ଜ୍ଞାନ ସବୁ ବିନଷ୍ଟ । ଅକଳନୀୟ ଶୀତଳ ଜଳାର୍ଣ୍ଣବ ରୂପେ ମୃତ୍ୟୁ ମୋତେ ଗ୍ରାସ କରିଯାଉଛି । ମୁଁ ମୋର ବେଦ—ଚୈତନ୍ୟ ହରାଇ ସାରିଛି । ସଂସାର ପାରାବାର ମୋପାଇଁ ଥଳକୂଳ ନଥିବା ପ୍ରଳୟ ପୟୋଧି । ମୁଁ ବିମୂଢ଼ । ମୁଁ ପରାସ୍ତ । ତୋର ଶରଣାଗତ ।

"ମୁଁ ସେଥିପାଇଁ ତୋର ଘର ଗ୍ରହଣ କରିବି ! ଜଳରେ ମହାକାୟ ଜଳଚର ହୋଇ ବିଚରଣ କରିବି ! ଆଲୋଡ଼ନ କରିବି, ପ୍ରଳୟ ଜଳରାଶିର ଦିଗ୍‌ବିଦିଗ । ଆକୁଳାୟିତ କରିବି ସମୁଦ୍ର ! ତୋର ଅପହୃତ ଚୈତନ୍ୟ ଉଦ୍ଧାର କରିବି । ବେଦ ଉଦ୍ଧାର କରିବି ।"

"ମୋତେ ଦୁର୍ବଳ, କ୍ଷୁଦ୍ର ଜୀବ କରି ଗଢ଼ିଲୁ ! ମୋ ଉପରେ ଜନ୍ମ ମୃତ୍ୟୁ ଜରା ବ୍ୟାଧିର ବିନ୍ଧ୍ୟାଚଳ ମଡ଼େଇ ହୋଇ ପଡ଼ିଛି । ଏ ବିପୁଳା ପୃଥିବୀର ଗୁରୁଭାର ମୋ ଚେତନାର ଲତା ଜାଲରେ ସମ୍ଭାଳି ବହିବାକୁ ମୁଁ ସମର୍ଥ ନୁହେଁ, ମୁଁ ପେଷି ହୋଇଗଲି ପ୍ରଭୁ, ଅକୂଳାନ ଦୁଃଖର ମୁଦଗର ତଳେ ମୋର ସମଗ୍ର ପୃଥିବୀ ଗଳି ପଡୁଛି ଅତଳ ଶୂନ୍ୟକୁ ।"

"ମୁଁ ମୋର କମଠ ପୃଷ୍ଠରେ ଏ ସମସ୍ତ ଗୁରୁଭାର ଧରଣୀ ଧାରଣ କରିବି । ଶୂନ୍ୟକୁ ଆବୋରି ମୋର ମହାକାୟା ବିସ୍ତାର କରି । ଦନ୍ତାଗ୍ରେ ତୋଳି ଧରିବି ଏ ଭସମାନ ପୃଥ୍ୱୀ । ତୋତେ ରକ୍ଷିବି, , ଅବଶ୍ୟ ରକ୍ଷିବି ।"

"କିପରି ରକ୍ଷିବୁ ଜଗନ୍ନାଥ ! ତୋର ନିର୍ଦ୍ଦେଶରେ ଯେ ମୋତେ ପାଳନ କରିଥାନ୍ତା, ଯେ ମୋର ପୋଷଣକର୍ତ୍ତା, ଯାହାଠାରୁ ରସ ଗ୍ରହଣ କରି ମୁଁ ପରିପୁଷ୍ଟ ହୋଇଥାନ୍ତି, ସେ ଧର୍ମଲଂଘନ କରୁଛି । ମୁଁ ଜାଣିଥିଲି ତୁ ହିଁ ଏକମାତ୍ର କର୍ତ୍ତା । ଏ ସଂସାର 'ତୋର ଖେଳ ଘର । ତୋର ଅନୁଗତ ହେବାରେ ଅପ୍ରାଧ ଅର୍ଜିଲି । ଜାଣି ନଥିଲି ତୋର ସଂସାରରେ ତୋତେ ବିରୋଧ କରି ଏତେ ବଡ଼ ଅପଶକ୍ତି ମୋତେ ଘେରି ରହିଛି । ମୁଁ ଦୁର୍ବଳ ଶିଶୁ ପରି ଅସହାୟ । ସେ ମୋତେ ମାରିଦେଉ, ମୋର ଦୁଃଖ ନାହିଁ । ସେ ତୋତେ ଅସ୍ୱୀକାର କରୁଛି, ଅପ୍ରମାଣିତ କରୁଛି । ତୁ, କେଉଁଠି ଅଛୁ ପ୍ରଭୁ, ପ୍ରକଟ ହୁଅ ମୋର ଦୁଃଖ ନାଶ କର ।"

"ମୁଁ ଜଳ ସ୍ଥଳ ଆକାଶରେ ପରିପୂର୍ଣ୍ଣ ହୋଇ ରହିଛି । ସବୁ ଘଟରେ ମୁଁ ହିଁ ବିଦ୍ୟମାନ । ମୁଁ ଏକଦା, ଏ ସୃଷ୍ଟିର ମୂର୍ଦ୍ଧା, ବିଦୀର୍ଣ୍ଣ କରି ପ୍ରବେଶ କରିଥିଲି । ଜଡ଼ ସ୍ତମ୍ଭକୁ ବିଦୀର୍ଣ୍ଣ କରି ମୁଁ ପ୍ରକଟ ହେବି । ମୋର ହୁଂକାରରେ ସେ ମୂର୍ଚ୍ଛିତ ହେବ । ମୁଁ ତାକୁ ବିଦୀର୍ଣ୍ଣ କରି ତା ଭିତରୁ ନିର୍ଗତ

ହେବି । ତୁ ଦୁର୍ବଳ ଶିଶୁ ନୁହେଁ, ତୁ ଅସହାୟ ନୁହେଁ । କାହାର ସାହାସ ଅଛି ତୋର କେଶାଗ୍ର ସ୍ପର୍ଶ କରିବ ? ତୁ ମୋର ପ୍ରଣତ ଭକ୍ତ । ଆ, ମୋ କୋଳକୁ, ମୁଁ ତୋତେ ଲେହନ କରିବି ! ତୋର ଦୁଃଖ, କ୍ଳେଶ ଅସହାୟତାକୁ ଲେହନ କରି ନିଶ୍ଚିହ୍ନ କରିଦେବି ।”

“ମୁଁ ଖର୍ବ । ମୁଁ ସଙ୍କୀର୍ଣ୍ଣ ସୀମା ଭିତରେ ଅପ୍ରସାରିତ ଆତ୍ମା । ମୋର ବିସ୍ତାର ନାହିଁ । ମୁଁ କାର୍ପଣ୍ୟ ଦୋଷରେ ମ୍ରିୟମାଣ ! ତୋର ଭୂମା-ବିଭୂତି ମୋ ପାଇଁ କେବଳ ଅସମ୍ଭବ ବିଶ୍ୱାସ । ଏଭଳି ରୁଦ୍ଧ ରଖିଥିବା ସୀମା ଭିତରୁ କିପରି ଅସୀମର ବିସ୍ତାର ସମ୍ଭବ ? ମୋର ଆସ୍ପୃହା ନାହିଁ । ମୋର ଚେତନାରେ ଖର୍ବର ଛାୟା । ମୁଁ ଦ୍ୱନ୍ଦ୍ୱ, ସଂଶୟ, ଅବିଶ୍ୱାସରେ ସାକୁଡ଼ି ଯାଉଛି ପ୍ରଭୁ, ମୋତେ ଉନ୍ମୁକ୍ତ କର । ରକ୍ଷାକର ଏ ବାମନତ୍ୱରୁ ।”

“କିଏ ବାମନ ? ଅଣୁରୁ ଅଣୀୟାନ୍ । ମହତ୍‌ରୁ ମହୀୟାନ୍ ଏକ ଏବଂ ଅଭିନ୍ନ ସତ୍ତା । ମୁଁ ତୋତେ ତୋର ଖର୍ବ ଅବିଦ୍ୟାରୁ ମୁକ୍ତ କରିବି । ଖର୍ବରୂପ ଭିତରୁ ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଆଚ୍ଛନ୍ନ କରି ବିକ୍ରମି ଯିବି । ଭୂତ, ଭବିଷ୍ୟତ ବର୍ତ୍ତମାନକୁ ସ୍ତମ୍ଭିତ କରି ସମଗ୍ର ବିଶ୍ୱକୁ ଲୋମ-କୂପରେ ଧାରଣ କରିବି ! ତୁ ମୋଠାରୁ ଅଭିନ୍ନ । ତୋର ଖର୍ବତ୍ୱ ନାହିଁ । ତୋର ଦେଶକାଳର ସୀମା ନାହିଁ । ତୁ ଭୂମା, ତୁ ତ୍ରିବିକ୍ରମ, ତୁହି ଅଖଣ୍ଡେକ ଚିନ୍ମୟ-ସତ୍ତା—“ତୁ ତାପିତ ହେଲେ ମୁଁ ଅସ୍ଥିର ହୁଏ । ମୁଁ କୁପିତ ହୁଏ । କୁଠାର ନେଇ ମୁଁ ଅପଶକ୍ତିକୁ ସଂହାର କରିବି । ତାର ରକ୍ତରେ କ୍ଷାଳନ କରିବି ତୋର ପୃଥ୍ୱୀ ।”


“ମୁଁ ବାରମ୍ବାର ବିଡ଼ମ୍ବିତ ହେଲି ପ୍ରଭୁ ! ଭାଗ୍ୟର କ୍ରୁର ପରିହାସ ଦୁଃସହ ! ମୋର ନ୍ୟାଯ୍ୟ ଅଧିକାର ମୋର ଅଭୁକ୍ତ ଆହାରରୁ ମୁଁ ସଦା ବଞ୍ଚିତ ହେଲି । ଜୀବନ ଯାତନା ତୁ କଣ ବୁଝିବୁ ପ୍ରଭୁ, ତୋର ଐଶ୍ୱର୍ଯ୍ୟମୟ ବୈକୁଣ୍ଠରେ ଏ ଜୀବନର ଦୁଃଖ ନାହିଁ । ଏ ଦୁଃଖ, ଏ ଯନ୍ତ୍ରଣା ଏଭଳି ବିଡ଼ମ୍ବନା କାହିଁ ! ଏଭଳି ନିଃସଙ୍ଗ ବ୍ୟର୍ଥତା କାହିଁ ?”

“କିବା ସୁଖ, କିବା ଅଧିକାରରୁ ତୁ ବଞ୍ଚିତ ହେଲୁ ? ରାଜମୁକୁଟ ପରିବର୍ତ୍ତେ ବନବାସୀର ଜଟାଭାର ତୁ କ'ଣ ବହନ କରିଛୁ ? ମୁଁ ତୋର ତୀବ୍ରତମ ଯାତନା ସ୍ୱୟଂ ଗ୍ରହଣ କରିବି । ଅନାହାର କଷ୍ଟ ଭିତରେ ପତ୍ନୀ ଅପ-ହରଣର ଲାଞ୍ଛନା ସହି ସତ୍ୟନିଷ୍ଠ ରହିବି ! ମାନବ ଜୀବନର ସୀମା ଭିତରେ ତାର ଦୁର୍ଦ୍ଧର୍ଷ ଶତ୍ରୁ ଦାପନର ଶକ୍ତି ପ୍ରମାଣିତ କରିବି । ଯାତନା ସହି ଯାତନାକୁ ଅତିକ୍ରମ କରିବି ! ତୋ ପାଇଁ ମୁଁ ନ୍ୟୂନତମ ଭୂମିରେ ଜନ୍ମନେବି ! କାରାଗାରରେ ଶୃଙ୍ଖଳବଦ୍ଧ ମୋର ଜନକ ଜନନୀ । ମୋ ମାତୁଳ ମୋର ଶତ୍ରୁ । ଏଭଳି ସଙ୍କଟରୁ ମାନବ ଶରୀରରେ ପୁରୁଷୋତ୍ତମ ରୂପେ ଉଦୟ ହେବି । ଏକାକୀ ଭ୍ରମିବି ପୃଥିବୀ ! ତୋ ପାଇଁ ଧର୍ମ ସ୍ଥାପନ କରିବି । କୌଣସି ନିର୍ଜ୍ଜନ ଅରଣ୍ୟରେ ଅବହେଳାର ବିଷଦଗ୍ଧ ଶରଫଳରେ ମୋ ଶରୀର ବିଦ୍ଧ ହେବ । ଯନ୍ତ୍ରଣା ଦେହା-ବସାନ, ନିଃସଙ୍ଗତାର ସୀମା ସୂଚିତ କରି ତାକୁ ଅତିକ୍ରମ କରିଯିବି ।”

“ତୋ ପାଇଁ ମୋର ଅଦେୟ କିଛି ନାହିଁ । ମୁଁ ତୋ ପାଇଁ ଅହରହ ବଂଶୀବାଦନ କରେ । ତୁ ନଥିଲେ ମୋର ପ୍ରେମ ମିଥ୍ୟା ! ତୁ ମୋତେ ଦେଖି ନ ପାରିବା ଏକ ବିଡ଼ମ୍ବନା । ପଲକ ମାତ୍ର ଫିଟାଇବାର ଅଧିକାର ତୋର ! ମୁଁ ଆକାଶରେ ମେଘ ରୂପରେ, ବନସ୍ପତିର ସୌରଭ ରୂପରେ, ପର୍ବତ ମାଳାର ଶୀର୍ଷ ରୂପରେ ସର୍ବତ୍ର ତୋର ଅପେକ୍ଷାରେ ରହିଛି । ପରିଶେଷରେ ତୋ ସମ୍ମୁଖରେ ଏଇ ଉଭା ହେଇଛି । ତୁ ଯେପରି ଇଚ୍ଛା ଗ୍ରହଣ କର ! ଯେପରି ଇଚ୍ଛା ମୋତେ ଟାଣିନେ ।”

ହେ ଚାହୁକ, ନିର୍ଦ୍ଦେଶ ଦିଅ । ହେ ନନ୍ଦିଘୋଷ, ବିଜୟ କର ! ହେ ଦାରୁକ, ହେ ଅଶ୍ୱମାନେ, ହେ ବସୁଧା—ସେ ଯାହା ସ୍ଥାନ ଆବୋରି ରହ ! ଅବତୀର୍ଣ୍ଣ ହୁଅନ୍ତୁ ଠାକୁରେ; ଜଗତ୍ ପ୍ରବାହରେ ରୂପାୟିତ ହୁଅନ୍ତୁ ଜଗଦୀଶ ।

ଉପାଧ୍ୟକ୍ଷ,
ବି. ଜେ. ବି. କଲେଜ,
ଭୁବନେଶ୍ୱର



# • ବାମନ •

ଅଖିଳମୋହନ ପଟ୍ଟନାୟକ

ଶ୍ରୀଜଗନ୍ନାଥଙ୍କୁ ଯୁଗେ ଯୁଗେ କୋଟି କୋଟି ନରନାରୀ ନିଜ ଅନ୍ତରର ଅକୃତ୍ରିମ ପ୍ରେମ ନିବେଦନ କରିଆସିଛନ୍ତି ଓ ଏ ଦେଶର ବହୁ ମହାପୁରୁଷ ସେହି ପୁରୁଷୋତ୍ତମଙ୍କୁ ପୁରୁଷୋତ୍ତମ କ୍ଷେତ୍ରରେ ଦର୍ଶନ କରି ନିଜକୁ ଧନ୍ୟ ମନେକରିଛନ୍ତି । ଭାରତୀୟମାନେ ଜଗନ୍ନାଥଙ୍କୁ ମନେକରନ୍ତି ସର୍ବଶ୍ରେଷ୍ଠ ଠାକୁର, ଆଉ ଓଡ଼ିଆମାନେ ତ ମନେକରନ୍ତି ଯେପରି ଓଡ଼ିଶାକୁ ଓ ଉତ୍କଳବାସୀଙ୍କୁ ଏକ ଅଭୟ ମୁଦ୍ରା ତଳେ ଆଶ୍ରୟ ଦବା ପାଇଁ ସ୍ୱୟଂ ନାରାୟଣ ଏହି ଦାରୁବ୍ରହ୍ମ ରୂପ ପରିଗ୍ରହ କରିଛନ୍ତି । ସେଥିପାଇଁ ଆମମାନଙ୍କର କଥା-କଥାକେ ଜଗନ୍ନାଥ, ପ୍ରତି ବିଧିବିଧାନରେ ମହାପ୍ରସାଦ ନହେଲେ କୈବଲ୍ୟ କଣିକା, ନହେଲେ ବିଧି ଅଚଳ । ଏପରିକି ଆମର 'ବାହା' ପୁଆଣିରେ ଆମେ ସର୍ବପ୍ରଥମ ନିମନ୍ତ୍ରଣ ଚିଟାଉ ଭେଟିଦଉଁ ଜଗନ୍ନାଥଙ୍କୁ ।

ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତ୍ରିମୂର୍ତ୍ତିଙ୍କ ଉପରେ ପର୍ଯ୍ୟାପ୍ତ ତାତ୍ତ୍ୱିକ ଗବେଷଣା ଯେ କରାଯାଇ ନାହିଁ ତା' ନୁହଁ । କେତେବେଳେ ବୟାନ କରାଯାଇଛି ତାଙ୍କୁ କାଳଭୈରବ ରୂପେ ଯିଏ କି ବାମାଶ୍ରର ପୂଜା ବିଧିରେ ପୂଜିତ ହୁଅନ୍ତି । ପୁଣି କେତେବେଳେ କୁହାଯାଇଛି ସେ ହେଉଛନ୍ତି ମାର୍ଜ୍ଜିତ ବୌଦ୍ଧ ଧର୍ମର ବୁଦ୍ଧ ବିଗ୍ରହ, ଅଥଚ କେତେକ ହୀନାସ୍ତ୍ରୀ ବୌଦ୍ଧ ଗୋଷ୍ଠୀର ଲୋକମାନେ ଜଗନ୍ନାଥ ପୂଜାକୁ ବର୍ଜନ କରିଥାଆନ୍ତି । ଜଗନ୍ନାଥଙ୍କର ଅସମାପ୍ତ ବିଗ୍ରହକୁ ଅର୍ଥ କରିବାକୁ ଯାଇ କେହି କେହି ଶାସ୍ତ୍ରଜ୍ଞ ମତ ପ୍ରକାଶ କରନ୍ତି ଯେ, ସ୍ୱୟଂ ନିର୍ଗୁଣ ବ୍ରହ୍ମଙ୍କୁ ଆଉ କି ପ୍ରକାରର ରୂପ ଦିଆଯାଇ ପାରନ୍ତା ! ଅନ୍ୟ ଦିଗରେ କେହି କେହି ଗବେଷକଙ୍କ ମତରେ ଆଦିମାନବର ବୃକ୍ଷ ଆରାଧନା ରୀତିରେ ଜଗନ୍ନାଥଙ୍କ ବିଗ୍ରହ ଏକ ପରିମାର୍ଜ୍ଜିତ ସଂସ୍କରଣ ମାତ୍ର । କିନ୍ତୁ ଏତିକି ସତ୍ୟ ଯେ ବହୁ ଯୁକ୍ତିତର୍କ, ବହୁ ପରୀକ୍ଷା ନିରୀକ୍ଷା ଓ ଶାସ୍ତ୍ରଜ୍ଞମାନଙ୍କର ନୀତି ବୟାନର ଊର୍ଦ୍ଧ୍ୱରେ ରହି ଏହି ନିବିଡ଼ ରହସ୍ୟାବୃତ ତ୍ରିମୂର୍ତ୍ତି ଯୁଗେ ଯୁଗେ ଜନତାର ଆଶା ଆକାଂକ୍ଷାର ସିଦ୍ଧି-ଦେବତା ରୂପେ ପୂଜିତ ହୋଇ ଆସୁଛନ୍ତି ଓ ଆସିବେ ।

ସବୁଠାରୁ ବେଶି ପ୍ରଣିଧାନଯୋଗ୍ୟ ଜଗନ୍ନାଥଙ୍କର ଚାରିପଟେ ଗଢ଼ି ଉଠିଥିବା ଅସଂଖ୍ୟ କିମ୍ବଦନ୍ତୀ । ବହୁ ପ୍ରାଚୀନ ପୁରାଣରେ ଜଗନ୍ନାଥଙ୍କ ଇତିବୃତ୍ତ ଓ ଇନ୍ଦ୍ରଦ୍ୟୁମ୍ନ ରାଜନଙ୍କ କଥା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ଯଦିଓ ପ୍ରତ୍ୟେକଟିର ବକ୍ତବ୍ୟ ଅନ୍ୟଟିଠାରୁ ସାମାନ୍ୟ ଭିନ୍ନ ପ୍ରକାରର । କିନ୍ତୁ ମୋଟାମୋଟି ସ୍ୱୀକାର କରାଯାଏ ଯେ ବିଷ୍ଣୁ ବରାହ ରୂପ ପରିଗ୍ରହ କରି ମହାପ୍ରଳୟରୁ ପୃଥିବୀକୁ ରକ୍ଷା କରିବା ପରେ ଆଉ ବୈକୁଣ୍ଠ ଧାମକୁ ପ୍ରତ୍ୟାବର୍ତ୍ତନ ନକରି ରହି-ଯାଇଥିଲେ ନୀଳଗିରିର ଏକ କ୍ରୋଶ ବ୍ୟାପୀ କଳ୍ପବୃକ୍ଷର ଆଶ୍ରୟରେ ଓ ବିଶ୍ୱାବସୁ ଶବର ଗୋପନରେ ନୀଳମାଧବଙ୍କୁ ପୂଜା କରୁଥିଲା ଏବଂ ସ୍ୱର୍ଗରୁ ଦେବତାମାନେ ନୀଳ-ମାଧବଙ୍କର ଦର୍ଶନ ପାଇଁ ସେଠାକୁ ପ୍ରତ୍ୟହ ଯାତାୟତ କରୁଥିଲେ । ଅବନ୍ତୀର ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର କୁଳ-ପୁରୋହିତଙ୍କ ଭ୍ରାତା ବିଦ୍ୟାପତିଙ୍କୁ ବିଷ୍ଣୁଙ୍କ ସନ୍ଧାନ କରିବା ପାଇଁ ଉତ୍କଳ ଖଣ୍ଡକୁ ପଠାଇଥିଲେ । ସେଠାରେ ବିଦ୍ୟାପତି ବିଶ୍ୱାବସୁଙ୍କ ସହିତ ବନ୍ଧୁତା ସ୍ଥାପନ କରି ନୀଳମାଧବଙ୍କର ଦର୍ଶନ ଓ ତପରେ ବିଶ୍ୱାସଘାତକତା କରି ନୀଳମାଧବଙ୍କର ଅପସାରଣ ଓ ମନ୍ଦିର ନିର୍ମାଣ କରି ତାଙ୍କୁ ଦାରୁବ୍ରହ୍ମ ରୂପେ ସ୍ଥାପନ ଉପାଖ୍ୟାନ ଅଳ୍ପ ଅଧିକେ ସମସ୍ତଙ୍କୁ ବିଦିତ ।

କିନ୍ତୁ କାଳକ୍ରମେ ସେହି ଶବର ସେବିତ ପ୍ରସ୍ତର ଖଣ୍ଡ ପରିଣତ ହେଲେ ଦାରୁରେ ଓ ହୋଇ ଉଠିଲେ ପ୍ରବଳ ବିଳାସୀ ମଣିମା । ତାଙ୍କ ପାଇଁ ଖଞ୍ଜା ହେଲା ଛପନ ପଉଟି ଭୋଗ ଓ ତାଙ୍କର ସେବାରେ ଅହରହ ଲାଗି ରହିଲେ ଛତିଶା ନିଯୋଗ । ତାଙ୍କର ପିନ୍ଧିବା ବସନ ହେଲା ରଙ୍ଗୀନ ଝୀନ ରେଶମର ବସ୍ତ୍ର । ମଣିମା ବଶମ୍ବଦ ଡ଼ାକରେ ତାଙ୍କର ପହୁଡ଼ ଭାଙ୍ଗେ, ତାଙ୍କର ଆନୁଷ୍ଠାନିକ ଭାବରେ ଦାନ୍ତଘଷା କରାଯାଏ, କର୍ପୂର ଚନ୍ଦନ ମିଶ୍ରିତ ସୁବାସିତ ଜଳରେ ସ୍ନାନାଦି କରାଯାଏ ଓ "ମଣିମା" "ମଣିମା" କୋଳାହଳ ଭିତରେ ତାଙ୍କର ସମସ୍ତ ଶରୀରରେ ଚନ୍ଦନ ଲେପନ କରାଯାଏ । ପ୍ରାତଃଭୋଜନ ପରେ ପରେ ସୁବେଶ ହୋଇ ଦାରୁବ୍ରହ୍ମ ଅପେକ୍ଷା କରନ୍ତି ଭକ୍ତ, ଆର୍ତ୍ତ ନିରିମାଖୀମାନଙ୍କର ହାଲ ହକତ ଶୁଣିବା ପାଇଁ । ପୁଣି ମଧ୍ୟାହ୍ନ ଭୋଜନ ଏକ ରାଜକୀୟ ଗ୍ରାସ ଯେଉଁଥିରେ ଅନ୍ୟୁନ ବ୍ରିଶ ପ୍ରକାରର ଭୋଜ୍ୟଦ୍ରବ୍ୟ ଅର୍ପିତ ହୋଇଥାଏ । ଏହା ପରେ ସେହି ବଶମ୍ବଦ କୋଳାହଳ, "ମଣିମା" "ମଣିମା" ରତ୍ନ

ପଲ୍ୟଙ୍କରେ ପହୁଡ଼ିବା ହୁଅନ୍ତୁ । "ପର୍ଯ୍ୟାୟ କ୍ରମେ ଏହି ନୀତି ପ୍ରତିଥର ପ୍ରାୟ ରାତ୍ରି ଏଗାରଟା ପର୍ଯ୍ୟନ୍ତ ଯେତେବେଳେ ଜଗନ୍ନାଥ ପ୍ରାକ୍-ରାତ୍ରିଶୟନ ଗ୍ରାସ ଭୁଞ୍ଜି ରାତ୍ରିକ ପାଇଁ ପହୁଡ଼ନ୍ତି । ଚଣାଣ ଗାନ, ବୀଣାବାଦନ ଓ ଭୁଜଙ୍ଗୀ ନର୍ତ୍ତକୀ ମାନଙ୍କର ନୂପୁର ଧ୍ୱନିରେ ନିଦ୍ରା ଯାଆନ୍ତି ଚରାଚର ନାଥ ।

ରାତି ମଧ୍ୟରେ ଏକ ଚିରନ୍ତନ ପ୍ରତିଷ୍ଠିତ ମୂର୍ତ୍ତି ପରି ତାଙ୍କର ରତ୍ନ ସିଂହାସନରେ ବସି ରହିଥାଆନ୍ତି [illegible] ତାଙ୍କର ସବୁ ଦେଖି ପାରିଲା ଭଳି ଚକା ଚକା ଡୋଳାରେ ପଲକ ନ ପକାଇ । କିଏ ଜାଣେ ତାଙ୍କର ଅତନ୍ଦ୍ର ନିର୍ନିମେଷ ଦୃଷ୍ଟିରେ ସେ କଅଣ ଦେଖୁଥାଆନ୍ତି । କିଏ ଜାଣେ ତାଙ୍କର ଛପନ ପଉଟି ଭୋଗରୁ ସିଏ ଭୋଜନ କରନ୍ତି କେତେ, କିନ୍ତୁ ଏହା ସତ୍ୟ ଯେ ତାଙ୍କର ଉଚ୍ଛିଷ୍ଟ ଭକ୍ଷଣ କରିବା ପାଇଁ ପ୍ରତ୍ୟହ ଅଧୀର ହୋଇ ଅପେକ୍ଷାମାଣ ଥାଆନ୍ତି ହଜାର ହଜାର ଲୋକ । କିଏ ଜାଣେ ସେ ପ୍ରତ୍ୟହ କେତେ ଦୁଃଖୀ, ଭକ୍ତ ଓ ଆର୍ତ୍ତ ବ୍ୟକ୍ତିଙ୍କର ଦୁଃଖ ହରଣ କରନ୍ତି କିନ୍ତୁ ସେଇ ଆଶାରେ ତାଙ୍କର ଦରବାରରେ ପ୍ରତିଦିନ ଠିଆ ହୋଇ ରହିଥାଆନ୍ତି ଲକ୍ଷ ଲକ୍ଷ ପ୍ରାର୍ଥୀ । କିଏ ଦେଉଳ ଭିତରେ ବସି ଭଜନ ବୋଲୁଥାଏ, କିଏ ଅଶ୍ରୁ ପ୍ଲାବିତ ନୟନରେ ଅରୁଣ ସ୍ତମ୍ଭ ନିକଟରେ ନିରୋଳାକି ହେଉଥାଏ ଆଉ କିଏ ବଡ଼ଦାଣ୍ଡ ଧୂଳିରେ ଗଡ଼ି ଗଡ଼ି ନିଜର ଶରୀର ଓ ଆତ୍ମାକୁ ପବିତ୍ର ମଣୁଥାଏ ।

ଜଗନ୍ନାଥ ଅଚଳ ମହାମେରୁ, ଜଗନ୍ନାଥ ହସ୍ତପଦ ବିହୀନ ଏକ ବିକଳ ଦାରୁ ବିଗ୍ରହ, ଜଗନ୍ନାଥ ବାକ୍ ଶକ୍ତି ରହିତ, କେବଳ ଯାହା ଦେଖିହୁଏ ବା ଅନୁଭବକୁ ଆସିହୁଏ ତା' ହେଲା ତାଙ୍କର ସର୍ବ ଦୃଷ୍ଟିମାନ୍ ଦୁଇ ବିଶାଳ ଚକ୍ଷୁ ଗୋଲକରୁ ଯେପରି ଅସୀମ କରୁଣାର ବାରି [illegible] ଚିରନ୍ତନ ସମାନ ।

[illegible] ବୋଲି, [illegible] ଲୋଟଣୀ [illegible] ! ସେ' [illegible] ଅବସ୍ଥା ବଢ଼ୁଥିଲା । କହିଲେ [illegible] କୁହନ୍ତି, '[illegible] କାହାକୁ ଦିଅନ୍ତି ପାଟ— ପୀତାମ୍ବରୀ କାହାକୁ ଦିଅନ୍ତି [illegible] ।"

ଆମେ ମାନୁଚୁ ଶେଷକୁ ନିଜର ମହାନ ବାହୁ ପ୍ରସାରି କରି ଆପଣ ଦାସିଆ ବାଉରୀର ନଡ଼ିଆଟିକୁ ଗ୍ରହଣ କଲେ, ମାନୁଚୁ ଆପଣ ବନ୍ଧୁ ମହାନ୍ତି ମୁଣ୍ଡରେ ଗଜପତିଙ୍କ ନିଜ ହାତରେ ଶାଢ଼ୀ ଶିରପା ବନ୍ଧାଇଲେ । ମାନୁଚୁ ଆପଣ ବାରମ୍ବାର କହିଗଲେ ଆପଣଙ୍କ ଭକ୍ତ ଛାୟାତଳେ ଆଶ୍ରିତ ବ୍ୟକ୍ତି ଭିତରୁ କେହି ଛୁଆଁ କେହି ଅଛୁଆଁ ନୁହଁ, ଆପଣ କହିଗଲେ ଗଜପତି ଓ ବନ୍ଧୁ ମହାନ୍ତି ସମସ୍ତେ ସମାନ, ସମସ୍ତେ ମଣିଷ । କିନ୍ତୁ ଏ କି ଅଗ୍ନି ପରୀକ୍ଷା ! ଆପଣଙ୍କ ଭକ୍ତମାନେ କାନ୍ଦି କାନ୍ଦି, ଦୀନ ଦରିଦ୍ର ଭାବରେ ସମାଜରେ ଉପସ୍ଥିତ ହୋଇ, ଆପଣଙ୍କର ହୃଦ ପଦ୍ମରେ ମନୋନିବେଶ କରି ଯମଦ୍ୱାର ପର୍ଯ୍ୟନ୍ତ ଗଲେ ପାଇ ଆପଣ ଆସି କୋଳରେ ଟେକିନେବେ ଏବଂ ହେବେ ଦୀନବନ୍ଧୁ ଓ ପତିତପାବନ ।

ଆଜି ବ୍ୟକ୍ତିଗତ ପରୀକ୍ଷା ନୁହଁ, ଏ ପରୀକ୍ଷାରେ ଓଡ଼ିଆ ଜାତିକୁ ବାରମ୍ବାର ସାମୂହିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଛି । ରକ୍ତବାହୁ ଆସି ପହଞ୍ଚିଥିଲେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କୁ ନେଇଯିବା ପାଇଁ । ସେବକ ମାନେ ମହାପ୍ରଭୁଙ୍କୁ ରତ୍ନ ସିଂହାସନରୁ ଉଠେଇ ନେଇ ପଳେଇଗଲେ ସୁଦୂର ସୋନପୁର । ରକ୍ତବାହୁର ଚର ମଧ୍ୟ ସେଠି ପହଞ୍ଚିଲା ସେଥିପାଇଁ ସେଠାରେ ତାଙ୍କୁ ମାଟିତଳେ ପୋତି ଦିଆଯାଇ ପାତାଳୀ କରିଦିଆଗଲା ଏକଶହ ଛୟାଳିଶି ବର୍ଷ ଏବଂ ଓଡ଼ିଶାବାସୀଙ୍କର ଏକ ଅନ୍ଧଯୁଗର ଅବସାନ ଘଟିଲା ଯଯାତି କେଶରୀଙ୍କର ରାଜତ୍ୱରେ । ଏହା ପରେ ପରେ ଆସିଲା କଳାପାହାଡ଼ ଓଡ଼ିଶା ଅଭିଯାନରେ ଏବଂ ପୁଣି ଥରେ ଜଗନ୍ନାଥ ରତ୍ନସିଂହାସନଚ୍ୟୁତ ହୋଇ ଗୋପ୍ୟ କରାହେଲେ ସୁଦୂର ପାରିକୁଦରେ । କଳାପାହାଡ଼ ତାଙ୍କୁ ସେଠି ଠାବ [illegible] ମହାପ୍ରଭୁଙ୍କୁ ହାତୀରେ ଲଦେଇ ଗଙ୍ଗାକୂଳ ଯାଏ ନେଲା, ନିଆଁରେ ଲଗେଇ ପୋଡ଼ିଲା ଆଉ ଫିଙ୍ଗିଦେଲା ଗଙ୍ଗା [illegible] ରହିଥିଲେ ।

[illegible] ଜାତି [illegible] ରତ୍ନ ସିଂହାସନରେ [illegible] କଳା, ସଂସ୍କୃତି, [illegible] ସବୁ କିଛି ଶୂନ୍ୟ ହୋଇଗଲା ! ଏହା ପରୀକ୍ଷା ନୁହଁ ତ ଆଉ କ'ଣ ?

ତମେ ଆପଣ ଜାଣ ଯେ ତମେ ପାଣିରେ ବୁଡ଼ିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ । ଯାହାଙ୍କର ଦୁଇ ଆଖି ସୂର୍ଯ୍ୟ ଓ ଚନ୍ଦ୍ର, ଯିଏ ଅନନ୍ତ ନାଗ ଉପରେ କ୍ଷୀର ସାଗରରେ ଶୟନ କରିଥାନ୍ତି, ଯାହାର ଇଛାରେ ବିଶ୍ୱ ବ୍ରହ୍ମାଣ୍ଡ ନିୟନ୍ତ୍ରିତ ହୁଏ,. ସିଏ କି ଲୁଚିବାକୁ ପଳେଇବ ଚିକାବାଲି ଆଉ ପାରିବ୍ରତ, ସିଏ କି ହାତୀରେ ଚଢ଼ା ହୋଇ ଭାସିବ ଘଣା ଜଳରେ ଆଉ ତାକୁ ମୃଦଙ୍ଗ ଭିତରେ ପୂରେଇ ଶୂନ୍ୟ ଶୂନ୍ୟରେ ଟେକି ଆଣିବ ବିଶର ମହାନ୍ତି ! ଏ କାଟି ଆପଣଙ୍କ ପରୀକ୍ଷାରେ ଅଦ୍ୟାବଧି ଉତ୍ତୀର୍ଣ୍ଣ ହୋଇଛି ଏହା ଆପଣଙ୍କୁ ସ୍ୱୀକାର କରିବାକୁ ପଡ଼ିବ ।

ଆପଣଙ୍କର ପ୍ରାତଃ ଭୋଜନ ପରେ ଶ୍ରୀ ମନ୍ଦିରର ଜ୍ୟୋତି-ଶାସ୍ତ୍ରୀ ଆପଣଙ୍କ ପାଖରେ ସେହି ଦିନର ନକ୍ଷତ୍ର ବିଗ୍ରହ ଆପଣଙ୍କୁ ପଢ଼ି ଶୁଣାଏ । କିନ୍ତୁ କର୍ମ ଫଳରୁ ଆପଣଙ୍କର କି ମୁକ୍ତି ନାହିଁ ! କାହିଁ କେତେଦିନ ତଳେ ଆପଣ ବାମନ ବେଶରେ ଦାନବୀର ବଳୀ ସହିତ ଛଳନା କରି ତ୍ରିପାଦ ଭୂମି ଭିକ୍ଷା କରିଥିଲେ । [illegible] ଆକାଶ, ଅନ୍ୟପାଦ ପୃଥିବୀ ଓ ଆପଣଙ୍କ [illegible] ଉତ୍ଥିତ ତୃତୀୟ ପାଦ ବଳୀଙ୍କ [illegible] । ଆପଣ ପୂଜା ପାଉଛନ୍ତି ସେହି ବାମନ ରୂପରେ ।

ଆଉ କିଏ ଜାଣିଛି ? [illegible] ଉଦ୍‌ଭାସିତ । ଉତ୍ତୁଙ୍ଗ ଦାରୁବ୍ରହ୍ମ ମହିମା ମହିମା, ବ୍ରହ୍ମା [illegible] କରୁଛନ୍ତି । ଆପଣ ଆସନ୍ତୁ, ହସ୍ତୀ ପରି ଝୁଲି ଝୁଲି ପହଣ୍ଡି ବିଜେ କରନ୍ତୁ । ନନ୍ଦିଘୋଷ ରଥ ଉପରକୁ ବିଜେ କରନ୍ତୁ । ଆପଣଙ୍କର ଚିରହାସ୍ୟମୟ ଗଙ୍ଗାଧର ଓ ପରମ କାରୁଣ୍ୟର ଚକ୍ଷୁ ଯୁଗଳ ଦେଖି ଉଦ୍‌ବେଳିତ ଭକ୍ତଙ୍କ ବାହାରି ଆସୁଛି ଅଶ୍ରୁଧାରା ।

ଆମେ ସାଧାରଣ ଲୋକ । ଆମେ କି ସୁଦାମା, ବନ୍ଧୁ ମହାନ୍ତି, ବିଶର ମହାନ୍ତି ଭଳି [illegible] ତମେ ଆପଣ ତମର କୃପା କୈବଲ୍ୟ ଏ ଜାତିର ପରେ [illegible] ପହଞ୍ଚେଇ ଦିଅ, ତମର ବଡ଼ଦାଣ୍ଡର [illegible] ବଢ଼ି ଉଠିଥାଏ ।

କାଳିପଡ଼,
ଭୁବନେଶ୍ୱର–୭୫୧୦୦୨

ପ୍ରବଳରେ ମୋତେ ରଖ ମହାବାହୁ
ବିପୁଳ ଭୁଜ ବିଞ୍ଚାରି ଦେଲେ ଛାଇ
ବାହୁ ତଳେ ନେଲେ ରଖି,
କି କରି ପାରିବ ଦୁଃଖ । (ଘୋଷା)

ସବୁ ହୋଇଯିବ ନନ୍ଦିଘୋଷ ରଥ
ତୁମେ ଦୀନବନ୍ଧୁ ! ନିର୍ଦ୍ଦୟ ହୋଇଲେ
ମୁଁ ଯିବି କୁଆ ଦେଖାରେ
କି ବୋଲିବେ ଏ ସଂସାରେ ।(୧)

ଏ ଉଜରାଜି ଭିଡି ମତି ଲୀଳାପରି
ଭୁବନ ମୋହନ ବଦନକମଳକୁ
ରହିଏ ଲୁଚଇ ନାହିଁ ।
ଯେତେବେଳେ ଚିଏ ଗୁହ ।(୨)

ଦିନକୁ ଦିନ ତ ଦୁଃଖ ପଡ଼ିଲେଣ
ଭାସିଯାଉଅଛି ଏ ଭବ ସାଗରେ
ସୁଖ ତ ଦିଶଇ ନାହିଁ,
ତମାକର ଆଦରଗ୍ରାହୀ । (୩)

ଶ୍ରୀକ୍ଷେତ୍ର ନଗରେ ମହା ବିଗ୍ରହରେ
ବାଉଣି ପାବନ କ ଗଡ଼ିବା ଯାଏଁ
ଥିଲେହେଁ ଜଗନ୍ନାଥ ଜାଣି,
ଆନନ୍ଦ ନ ପାଏ ଚାହିଁ । (୪)

ସେବାକୁ ଦେଉଚ ଦେଖି ଶୋଭେ ପ୍ରଭୁ,
ଓହ୍ଲାଇ ନବୀନ କିମ୍ବା ମୋ ମନାକୁ
ଏ ପ୍ରାଣ ଥିବ କିମ୍ପାଇଁ ।
ଜିଆଦ ଭାର ହୋଇଛି । (୫)

ମୁଁ ଛାର ପତିତ ଉଦ୍ଧାର ବିହିନ୍ତି
ଶ୍ରୀ ବୀରକେଶରୀ ମହାନ୍ତି [illegible] ଭଣେ
ଶ୍ରୀରାଧା ଚରଣ ତଳେ
ଦୟାକର ଏତେବେଳେ । (୬)

# ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ

ଶ୍ରୀ ରାଜକିଶୋର ରାୟ

ବିଶ୍ୱମୟ ଜଗନ୍ନାଥ । ଜଗନ୍ନାଥ ହିଁ ପରମ ସତ୍ୟ ଓ ପରମ ଭଗବତ । ଶ୍ରୀ ଜଗନ୍ନାଥ ଉପାସନାରୁ ଉଦ୍ଭୂତ ଚେତନା ଯଦି ଜଗନ୍ନାଥ ସଂସ୍କୃତି ହୁଏ, ତେବେ ଏ ସଂସ୍କୃତିର ଆବେଗରେ କେଉଁ ଜାତି, କେଉଁ ଦେଶ, କେଉଁ ଗଷ୍ଠ ପ୍ରଭାବିତ ନୁହେଁ ? କେବଳ କଥଣ ଓଡ଼ିଆ ସାହିତ୍ୟ ପ୍ରଭାବିତ ?

ଓଡ଼ିଆର ଓଡ଼ିଆତ୍ୱ, ଓଡ଼ିଆ ଦେଶର ଦେଶତ୍ୱ, ଓଡ଼ିଆ ଚିନ୍ତାର ଚିନ୍ତନ,ଓଡ଼ିଆ ଜାତିର ଜାତୀୟତା, ସବୁ ତ ଅଭିମଣ୍ଡିତ ଏଇ ତିନୋଟି ଦାରୁ ମୂର୍ତ୍ତିର ମୂର୍ତ୍ତ ବୈଭବରେ.......

ଶ୍ରୀ ଜଗନ୍ନାଥ କହିଲେ, ସର୍ବଧର୍ମ ସମନ୍ୱୟର କଥା ଆସେ, ସନାତନ ଧର୍ମ କଥା ଆସେ, ଶାଶ୍ୱତ ଯାହା ସବୁ ଶ୍ରୀ ଜଗନ୍ନାଥ କହିଲେ, ସର୍ବଧର୍ମ ସମନ୍ୱୟର କଥା ଆସେ, ସନାତନ ଧର୍ମ କଥା ଆସେ, ଶାଶ୍ୱତ ଯାହା ସବୁ ମାନବୀୟ ମୂଲ୍ୟବୋଧ ସବୁ ଏ ମହା ପ୍ରାଙ୍ଗଣକୁ ମଧୁକ୍ଷର ସ୍ରୋତରେ ବହି ଆସେ । ତେଣୁ ଯେଉଁ ମୂଲ୍ୟବୋଧର ସନାତନତ୍ୱ ଯୁଗ ପ୍ରବାହରେ ଅକ୍ଷୟତ୍ୱ ଲାଭ କରିଛି, ତାହାହିଁ ଜଗନ୍ନାଥ ସଂସ୍କୃତି । ଏହି ଦାରୁ ଦେବତାର ଗର୍ଭରେ କଥଣ ଯେ ଆମୃଷ୍ଟ ଓ ସମୀକୃତ ନ ହୋଇଛି, କିଏ କେବେ କଳନା କରି ପାରିବ ?

ଦୁଇଟି ସରଣୀରେ ଏ ପ୍ରସଙ୍ଗଟିକୁ ବିଚାର କରଯାଉ ।କେଏକ ଜଗନ୍ନାଥ ବନ୍ଦନା ଅର୍ଥାତ୍ ତାଙ୍କର ମହିମା କୀର୍ତ୍ତନ କରି, କେଉଁଠି ଅଭିମାନ କରି, କେଉଁଠି ଭର୍ତ୍ସନା କରି, କେଉଁଠି ଭୟ ପାଇ, କେଉଁଠି ବା ତାଙ୍କ ରୂପଶ୍ରୀ ଦର୍ଶନରେ ତଟସ୍ଥ ହୋଇ, କବି, କାବ୍ୟକାର, ପଲ୍ଲୀର ଚାରଣ ଗୀତ୍ୟକାର ଭଜନ, ଜଣାଣ, ଚଉତିଶାରେ ଭରି ଦେଇଛନ୍ତି ଓଡ଼ିଆ ପ୍ରାଚୀନ, ମଧ୍ୟଯୁଗୀୟ ସାହିତ୍ୟକୁ—ଏ ଗୋଟିଏ ଧାରା; ଅନ୍ୟଟି ଜଗନ୍ନାଥ ଯେଉଁ ଶାଶ୍ୱତ ଚେତନାଟିକୁ ବିଶ୍ୱମୟ କରି ବେଦ, ଉପନିଷଦ, ଦର୍ଶନ, ପୁରାଣରେ ପ୍ରତୀକ ରହି ପୂଜିତ, ତାହାତ ଓଡ଼ିଆ ସାହିତ୍ୟର ଧର୍ମଭିତ୍ତିକ ମହାପ୍ଲାବନ !!

ପ୍ରଥମେ ଆଖିରେ ପଡେ ଶୂଦ୍ରମୁନି ସାରଳା ଦାସଙ୍କର ବନପର୍ବରେ ପୁରୁଷୋତ୍ତମଙ୍କର ଅଭିନବ ଇତିହାସ !

ଦେଖିଲେକ କଣ୍ଠାଦାରୁ ତିନିଯେ ମୂରତି
ଶୁକ୍ଳ କୃଷ୍ଣ କୁଙ୍କୁମ ଦିଶଇ ତାଙ୍କ ଜ୍ୟୋତି
ସତ୍ତ୍ୱ ରଜ ତମ ତାଙ୍କ ଦେହ ବିଷୟର
ଗଣ୍ଡସ୍ଥଳ ଅଙ୍ଗୁଳି ଯେ ଚରଣ କିଛି ନାହିଁ
ନାସା କର ତାହାଙ୍କର କିଛି ହିଁ ନଦିଶଇ
ବାହୁ ଦୁଇଭୁଜ ବକ୍ଷସ୍ଥଳକୁ ଦିଶାଇଲ
ପୀତ କୁସୁମ ବରନ ସେଇ ବ୍ରହ୍ମମୂର୍ତ୍ତି
ଡାହାଣେ ଶୁକ୍ଳ ବରନ ମହାଦେବ ଜ୍ୟୋତି !!

ମହାସ୍ରୋତମୟ ଏପରି ଭକ୍ତି ନଥିଲେ ରୂପ ବର୍ଣ୍ଣନା ଏତେ ଆନ୍ତର ଓ ଆନ୍ତରିକ ହୋଇ ନଥାନ୍ତା !

ମତ ବଳରାମ ଗୁପ୍ତଗୀତାରେ ଗାନ କଲେ.......

ବଳଭଦ୍ର ଯେ ସାମ ହୋଇ
ଋକ୍ ଯେ ସୁଭଦ୍ରା ବୋଲଇ
ଯଜୁର୍ବେଦ ଯେ ଶ୍ରୀ ଜଗନ୍ନାଥ
ଅଥର୍ବ ସୁଦର୍ଶନ ପାର୍ଥ

ଧନ୍ୟ ବଳରାମ ! ତମେ ପ୍ରକୃତରେ ଏତେ ସ୍ମାର୍ତ୍ତ ନହୋଇଥିଲେ ଏମିତି ଚାରିଗୋଟି ବେଦକୁ ଆଣି ତ୍ରିବିଗ୍ରହ ଭିତରେ ଖଞ୍ଜି ଦେଇ ନଥାନ୍ତ !!

ଅର୍ଜୁନଦାସ ପୁଣି ଲେଖିଲେ—

ଯେ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ସୁଦର୍ଶନ
ଏ ଚାରି ସାମନ୍ତରୁ ନ ଜାଣଇ ଆନ ।

ଦେବତା ବର୍ତ୍ତମାନ ସାମନ୍ତ ହୋଇଗଲେ । ଭକ୍ତର ବିଚାର । କିଏ ବା କଅଣ କହିବ ?

ନୀଳାଦ୍ରି ମହୋତ୍ସବରେ ଲୋକନାଥ ବିଦ୍ୟାଧର

ଜଗତ ଭିତରେ ଦାରୁ କଳେବର ଧରି
ନୀଳଚକ୍ରେ ବିଜେ କରିଛନ୍ତି ଦଇତାରି
ଉତ୍ସବମାନଙ୍କୁ କରିବାକୁ ଯେ କାରଣ
ଏମନ୍ତ ପ୍ରଭୁ ଥାଉ ଥାଉ ଜନେ ଏତେ ଅଜାଣ ।

ରୂପ ଓ ଆସ୍ଥାନ ବିଷୟରେ ଏ କବିଗଣ ଏତେ ସୁନ୍ଦର କଥା ଗାଇଗଲେ । କିନ୍ତୁ ଦୁଃଖ, ଦୁଃଖୀ ସରିବତ ? ଆସିଲେ ଦୀନକୃଷ୍ଣ । ନାମରତ୍ନ ଗୀତାରେ ଗାଇଲେ——

ଅବଲୋକନ କରିବା ମାତ୍ରେ
ଅଶେଷ ଦୁଃଖ ନରହେ ତ୍ରାସେ

ପରମାନନ୍ଦ ସେହି ପବିତ୍ର ପରମ ସୁଖ ଗୋ............

ଖାଲି ଚାହିଁ ଦେଲେ ହବନି, ଅବଲୋକନ କର, ତେବେଯାଇ ପରମ ସୁଖ ଗୋ—— ଏ ଅବଲୋକନ ଭିତରେ ନିବିଡ଼ ପ୍ରୀତି ସଂଚରିତ ହେଉ, ତେବେ ଯାଇ ନିର୍ବାଣ........

ଯେଉଁ ଶୂଦ୍ରାକ ପତିତ, ତାଙ୍କୁ କୈବଲ୍ୟ ମିଳିବ କି ?

କି ପରମ ଭକ୍ତିରେ ଅଚ୍ୟୁତାନନ୍ଦ ହରିବଂଶରେ ଗାଇଲେ........

ଜଗନ୍ନାଥଙ୍କ ପାଦେ ସର୍ବେ କଲେ ପୂଜା,
ଗରୁଡ଼ ପିଠିରେ ବିଜେ ସେ ଦେବାଧି ରଜା
ଜୟ ଜୟ ଜଗନ୍ନାଥ ଆରତ ଭଂଜନ,
ପତିତପାବନ ସ୍ୱାମୀ ଶ୍ରୀମଧୁସୂଦନ !

ଏଠାରେ ପ୍ରଥମ କରି ଜଗନ୍ନାଥ ସ୍ୱାମୀ ହୋଇଗଲେ.........

ଶଙ୍କରାଚାର୍ଯ୍ୟଙ୍କର ସେହି ଅନିର୍ବଚନୀୟ ଭବାବେଶ——

ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ........

ଓଡ଼ିଆ କବି ଓଡ଼ିଆ ଆଉ ଫୋଲଟି ମିଶାଇ, ହିନ୍ଦୀର ପାକପୁଟ ଦେଇ, ବଙ୍ଗଳା ରସ ଚୋବାଇ ଗଢ଼ିଦେଲେ, କିମିତି କବିତା........ସେ ହେଲେ ବ୍ରଜନାଥ ବଡ଼ଜେନା ।

ବାଦଲ କାଲ କାଦମ୍ବିନୀଙ୍କ କାନ୍ତି
ସୁକାନ୍ତ କାୟାମୁଖ ଭଜନ ଯାରେ
ଚନ୍ଦ୍ର ଭାଲଧର, ଚନ୍ଦ୍ର ବଉଦର
ଘନ ପ୍ରବାଲ ଜବାଧର ଭରେ.........

ବାଃ, ଚେନାଏ, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତମର ସିଆରକେଟା ଶୈଳୀ ତ ଭିନ୍ନ ।।

ରୂପ ଦେଖି ଭକ୍ତ କାନ୍ଦିଛି କି ? ଅଶ୍ରୁ........ପୁଲକ........ନିଶ୍ଚୟ କାନ୍ଦିଛି—ମାଧବୀ ଦାସୀ ।

ଗରୁଡ଼ ସ୍ତମ୍ଭ ପାଖରୁ ବରକ୍ଷଣ ବାହିଲେ
ଗର ନୟନ କମଳ ଭବ ବିକ୍ଷେପିଲେ ।
ଯାର ହିଆ ନ ଦ୍ରବିବ, ଅଶ୍ରୁ ନ ଗଡ଼ିବ,
ମୁହିଁ ଚୋର ବୋଲି, କେହୁ ଭକ୍ଷା ନ ପଡ଼ିବ ?

ଚିଠିଟିଏ ଲେଖିଲେ ତ ମନେ ପଡ଼ନ୍ତି ଶ୍ରୀ ଜଗନ୍ନାଥ । ବାପାଙ୍କ ପାଖକୁ ଚିଠି........"ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣେ ଶରଣ........"

ଲୋକ ଗୀତିରେ ଶ୍ରୀ ଜଗନ୍ନାଥ........
ପ୍ରଭୁ କିସ ବାହୁନିବି ଭୁଜକୁ
ଭୁଜ ସୁନ୍ଦର ବିଶାଳ ଯୁଝକୁ
ପ୍ରଭୁ କିସ ବାହୁନିବି ଡୋଳାକୁ
ଡୋଳା ସୁନ୍ଦର ଭ୍ରମର କଳାକୁ

ପ୍ରଣବରୂପୀ ଶ୍ରୀ ଜଗନ୍ନାଥ । ଓଁକାରକୁ ପୋଖିଦେଲେ ତ ଶ୍ରୀ ଜଗନ୍ନାଥ ପ୍ରଣବ ରୂପ ଧରନ୍ତି । ଏଥିପାଇଁ ଜଗନ୍ନାଥ ଦାସେ କହିଲେ—

ଶ୍ରୀ ଜଗନ୍ନାଥ ରୂପ ଅଶେଷ କରୁଣା କୂପ
ସକଳ ମନ୍ତ୍ରଙ୍କ ରୂପ ଷୋଡ଼ ଅକ୍ଷରେ
ସର୍ବଦା ବପୁରେ ଧରେ ଛମେଣ ଷଟ ଚକ୍ରରେ
ଯନ୍ତ୍ର ବପୁଧରି ମନ୍ତ୍ରେ କରଇ ବିହାର ।

ଆଦ୍ୟ ଚକ୍ରେ ଉର୍ଦ୍ଧ୍ୱ ମଣ୍ଡଳେ
ବେନି ପାଶ କାମ ବୀଜ ବସେ ଯୁଗଳେ ।
ମହାଗଟ ବିଶ୍ୱରାଟ ଏ ବିରାଟୁ ସେ ବିରାଟ
ବିରାଟୁ ଅଖିଳ କୋଟି ହୁଏ ପ୍ରକଟ ।

ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ଯେତେ ଘଟ
ତହିଁ ଜୀବ ବଳଦେବ ଶ୍ରେଷ୍ଠ କନିଷ୍ଠ
ଜଗନ୍ନାଥ ପରମ ରୂପୀ
ପ୍ରକୃତି ଅଂଶେ ସୁଭଦ୍ରା ଅଶେଷ ବ୍ୟାପୀ ।

ବଳରାମ ଦାସଙ୍କର 'ବଟ ଅବକାଶ', ''ଭବ ସମୁଦ୍ର'' ଓ ଲକ୍ଷ୍ମୀ ପୁରାଣ; ଜଗନ୍ନାଥ ଦାସଙ୍କର 'ଦାରୁବ୍ରହ୍ମ ଗୀତା'— ସବୁଥିରେ କି ଅପୂର୍ବ ଜଗନ୍ନାଥ ମହିମାର କୀର୍ତ୍ତନ ନ ହୋଇଛି ।

ଶୂନ୍ୟ ସଂହିତାରେ ଅଚ୍ୟୁତାନନ୍ଦ ଦାସ ଚତୁର୍ଦ୍ଧା ମୂର୍ତ୍ତିରେ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟର ମହାମନ୍ତ୍ର ଗାଇଛନ୍ତି—

ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଦର୍ଶନ
ମହାମନ୍ତ୍ର, ମନ୍ତ୍ରରାଜ, ରୂପ ଦାରୁବ୍ରହ୍ମ
ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ଯେନି ସିଂହାସନ ପରେ
ବିଜୟ କରିଅଛନ୍ତି ଚତୁର୍ଦ୍ଧା ରୂପରେ ।

ପଞ୍ଚଦଶ ଶତାବ୍ଦୀରୁ ବିଂଶ ଶତାବ୍ଦୀ ଯାଏ ବହୁ କବି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଭକ୍ତି ଗୀତିକା ରଚନା କରିଛନ୍ତି—ଯଥା ସାଲବେଗ, ଦୀନକୃଷ୍ଣ, ବନମାଳୀ, ଗୌରଚରଣ, ଯଦୁମଣି, କବିସୂର୍ଯ୍ୟ ବଳଦେବ ରଥ, ଶ୍ୟାମଘନ, ଶ୍ରୀଚନ୍ଦନ, ସାରିଆ, ଅଭିମନ୍ୟୁ, ରଘୁନାଥ, ଛୁଦାନନ୍ଦ, ନିତ୍ୟାନନ୍ଦ, ଭକ୍ତଚରଣ, କଳ୍ପଲତା ଜେମା, କୁଞ୍ଜଲତା, ଦିବ୍ୟସିଂହଦେବ, ଦୀନବନ୍ଧୁ ହରିଚନ୍ଦନ, ନୃସିଂହ ଗଜପତି, ମଦନ ପଦ୍ମନାଭ, ବୀରକିଶୋର ଦେବ, ମାନଗୋବିନ୍ଦ ହୋତା ଇତ୍ୟାଦି ।

ଗଜପତି ମୁକୁନ୍ଦ ଦେବ ଇଂରେଜମାନଙ୍କଦ୍ୱାରା କଟକରେ ବନ୍ଦୀ ଥିବାବେଳେ କାନ୍ଦି କାନ୍ଦି ଗାଇଥିଲେ—

ଅହେ ନୀଳାଦ୍ରି ବିହାରୀ
କଟକେ ଅଟକ ହେବାରୁ ମୋ ଦିନ

ସନ୍ତୁନାହିଁ ଝୁରି ଝୁରି
ଭଣ୍ଡାରସ୍ଥ ଖଣ୍ଡା ବାହାର କରିଣ
ପ୍ରଭୁ ଓଡ଼ିଆ ଶତ୍ରୁ ନିବାର ।

କିନ୍ତୁ ସଂସାର ବିରାଗୀ ଭକ୍ତ ଜଣାଉଛି—
ଜଗନ୍ନାଥ ହେ, କିଛି ମାଗୁନାହିଁ ତୋତେ
ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧାବାଲିରୁ ହାତେ ।

ଲୋକଗୀତିରେ ଏଇ ଭାବ କେତେ ଚମତ୍କାର !!

ପାଦ ଯେ ବୋଲଇରେ ମନ ସହସ୍ର ବଚନ
ମହାପ୍ରଭୁଙ୍କର ଶରଧା ବାଲିରେ ଗଡ଼ିଯିବାକୁ ମନ
ପାଟି ଯେ ବୋଲଇରେ ମନ ସହସ୍ର ବଚନ
ମହାପ୍ରଭୁଙ୍କର ଡବଡ ଖେଚଡ଼ି ଖାଉଥିବାକୁ ମନ

ଏବେ ବି ଆର୍ତ୍ତ ଦୁଃଖୀ ଶରଣାଗତ ଜନ ଗାଆନ୍ତି···

କୃପାସିନ୍ଧୁ ବଦନ କରି ଅବଲୋକନ
ଅବା—ଆହେ ନୀଳ ଶଇଳ ପ୍ରବଳ ମତ୍ତବାରଣ...........

ସର୍ବଧର୍ମ ସମନ୍ୱୟ, ଆତ୍ମାର୍ପଣ, ରାଗାନୁରାଗଭକ୍ତି, ଅଦ୍ୱୈତ, ଦ୍ୱୈତ, ବିଶିଷ୍ଟା ଦ୍ୱୈତ, ଶାକ୍ତ, ବୈଷ୍ଣବ, ତାନ୍ତ୍ରିକ, ଗାଣପତ୍ୟ, ସୌର, ଅଲେଖ, ଶାବରୀ, ବୁଦ୍ଧ, ଜୈନ---ସର୍ବପ୍ରକାର ସମ୍ବନ୍ଧଯୁକ୍ତ ଏଇ ଜଗନ୍ନାଥଙ୍କୁ ଦେଖିବା ଆଧୁନିକ କବିମାନେ କିପରି କେଉଁଠି ଖୋଜିଛନ୍ତି---ଏଠାରେ ବି ପରଂପରାର ବିଚ୍ୟୁତି ନାହିଁ, ଯଦିଓ ଆଧୁନିକ କବି ମନ ବସ୍ତୁତାନ୍ତ୍ରିକତା ଓ କେତେକାଂଶରେ ନିରୀଶ୍ୱରବାଦ ଉପରେ ଆଧାରିତ ରହିଛି ।

ବୈଷ୍ଣବ ପାଣିଙ୍କ କଣ୍ଠରେ—

କଳା ତୁଳସୀ ଦଳମାଳିଆ ତୁହି କାଳିଆରେ
ନୀଳ ଶଇଳ ଦେଉଳେ ଅଛୁ
ବସି ଦକ୍ଷିଣେ ରଇ ବଳିଆରେ
ଶବରୀ ଅଇଁଠା ଚଟା ହଟହଟା ଦକ୍ଷିଣ ସିନ୍ଧୁ କୂଳିଆରେ

ପଶ୍ଚିମ ଓଡ଼ିଶା କବି ସମ୍ବଲପୁରୀ ଭାଷାରେ ଗାଇଛନ୍ତି—

ମାଆର ଗର୍ଭେ ଥିଲୁ ବୋଲ୍‌କେ ପୁରିପୁଡ଼ା ହାଉ
ଡାକ୍ ଦେଲୁ ରଖ୍ ମୋତେ ପ୍ରଭୁ ଜଗନ୍ନାଥ୍
ଧରୁତିଥି ଯେନ୍ ପଡ଼ଥିଲ ସେ କଥାକେ ଭୁଲି ଗଲୁରେ
ଖେଳିବୁଲି ନ ବୁଦ୍ଧି ତେଗି ହେଲୁରେ ଶୁଆଲ
ଦେଖୁଛେ ତଥାପି ନାଇଁ କଲୁରେ ହେତୁ ଜ୍ଞାନ୍ ।

ଭକ୍ତିପ୍ରୀତି ଭବରଙ୍ଗ ଅପେକ୍ଷା କ୍ରୋଧ, ବିଦ୍ରୋହ, ଜିଜ୍ଞାସା ଓ ପ୍ରଶ୍ନବାଚୀରେ ଆଧୁନିକ କବିର କବିତା—

କି ମାନ ମିଳିବ ପ୍ରଭୁ
ଜପି ଜପି ତମ ନାମ ଅଯଥାରେ
କଷ୍ଟ ଦେଇ ଆପଣା ଶରୀରେ କି ସୁଖ ପାଇବା ପାଇଁ
ଆମେ ସବୁ ଦିନ ରାତି ହାଉଯାଉ
ଶରଧା ବାଲିରେ ମନ୍ଦିରେ ଜମିଛି ଭିଡ଼ ସାଲୁ ସାଲୁ
ପାପ ପୁଣ୍ୟ, ସମୁଦ୍ର କୂଳରେ ପ୍ରଭୁ ଚକା ଡୋଳା
ସାଲୁ ସାଲୁ ଚିତା ବାଘ, ବନ୍ୟଜନ୍ତୁ ଭୟଙ୍କର ପ୍ରୀତି ।

ରାଧାନାଥ ମହାଯାତ୍ରାରେ—

ପଣ ଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ
ପୁଷ୍ପକାଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ
ଶ୍ରେଷ୍ଠ ଏ ନୀଳାଦ୍ରି ଧାମ ସମଗ୍ର ଉତ୍କଳେ

ଶ୍ରୀ ଜଗନ୍ନାଥଙ୍କୁ ଛାଡ଼ି ଗୋପବନ୍ଧୁଙ୍କର ଉଭୟ ଆତ୍ମିକ ଓ ଶାରୀରିକ ସତ୍ତା ନ ଥିଲା । ସେ ଲେଖିଲେ—

ଏହି ସେ ଉତ୍କଳ ପୁଣ୍ୟ ଦେବପୁରୀ
ହୋଇଛନ୍ତି ଧୂଳ ଯହିଁ ତୀର୍ଥାବଳୀ
ତା' ମଧ୍ୟେ ବିରାଜେ ପୁଣ୍ୟ ନୀଳାଚଳ
ଭାରତର ଧର୍ମହ୍ରଦ-ଶତଦଳ
ଏବେ ନୀଳାଚଳେ କିଳେ ଜଗନ୍ନାଥ
ତେବେ କିପାଁ କହ ଉତ୍କଳ ଅନାଥ ?
ଏବେ ମୂର୍ତ୍ତି ଦେଖ ନୀଳାଚଳେ ଯାଇ
କଳା ଧଳା ଘୋଡ଼ାପରେ ବେନି ଭାଇ
ବୀର ମୂର୍ତ୍ତି ଦିଶେ ଯେସନେ ଅଗ୍ନିଶିଖା
ବଧି ମୃନ୍ୟ ମାରେ ଛାମୁରେ ମାଣିକା ।

ଏହି ଜଗନ୍ନାଥ ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱତତ୍ତ୍ୱର ଏତନ ପରାଣ, ମୂଳ ବସ୍ତୁ. ସେ ହେଉଛନ୍ତି ଶୁଦ୍ଧ ବୁଦ୍ଧ ଜଗନ୍ନାଥ—ଏହା ଥିଲା ପଣ୍ଡିତ ନୀଳକଣ୍ଠଙ୍କର ବାଣୀ—

ଛାନିଦୀଚରଣ ଜଗନ୍ନାଥଙ୍କୁ ପ୍ରଶ୍ନ କଲେ—

କାଷ୍ଠ ପାଷାଣେ ଗଠିତ ହେ
ନିର୍ଜୀବ ଦେବତା ମୂରତି
ମାନବର ହସ୍ତେ ବହି ରୂପ
ପଙ୍ଗୁ ତାର କରୁଛି ବିଦ୍ରୂପ ?
ଅନ୍ତର ଗୁହାରି, ଶୁଣ କି ତାହାରି
ଶୂନ୍ୟ ପ୍ରାଣ, ହେ ପାଷାଣ (ପୁରୀ ମନ୍ଦିର)

ରବୀନ୍ଦ୍ର ପ୍ରଭାବ ପ୍ରସୂତ ଏଇ କବିତାରେ ଭକ୍ତ ଛଡ଼ା ଜଗନ୍ନାଥଙ୍କ ପ୍ରତି ରହିଛି ବାସ୍ତବବାଦୀ ଶିଳ୍ପୀର ଜୀବନ ଜିଜ୍ଞାସା ଧର୍ମ ।

ଆଶ୍ଚର୍ଯ୍ୟ ଯେ କବି ସଚି ରାଉତରାୟ ଧର୍ମକୁ ଅଫିମର ନିଶା କହି ତା' ପାଖରୁ ଲମ୍ଫ ଦେଇଥିଲେ, ସେ 'ସ୍ୱଗତ' କବିତାରେ କହିଲେ—

ତେଣୁ ମୁଁ ତ ଭଗ୍ନଜାନୁ . ଖସିପଡ଼େ ମୋର ରାଇଫେଲ୍
ଉଠାଇ ପାରେନା ଆଉ ଗାଣ୍ଡିବ ଯେ ହାତ ଥର ଥର
ହେ ମୋର ଶେଷ ଚିହ୍ନ, ସଂଗ୍ରାମର ଶୁଭ୍ର କ୍ଷତ ସବୁ
ତୁମେ ମତେ ଶାନ୍ତି ଦିଅ, ଦିଅ ନିଦ୍ରା
ଟାଣିନିଅ ତୁମ ମାୟା ତନ୍ତୁ

ତୁମେ ପର ଆହେ ବରଧ ମୂରତି
ବସିଚ ଆସନେ ଧର୍ମ କୀରତି,
ତୁମେ ପରା ଚିର ଶାନ୍ତି ପ୍ରତୀତି
ନୀଳ ଚକ୍ରେ ବାନ୍ଧିଛ ବନାତି
ନିସ୍ତାର ନିଆଁ କିଏ ହେ ?
କହ ମହାପ୍ରଭୁ କହ ହେ........

ପୁଣି—

ନୀଳଚକ୍ର ସେ ତ୍ରିବସ୍ତ୍ର କରୁଣାର ଚିଠି ଖୋସି ରହେ
ବିଦାୟବେ କଲ୍ୟାଣୀ କରୁଣା ଶାଗି ବିଶ୍ୱ ଅବଗାହେ

ମାର୍କସବାଦୀ କବି ଅନନ୍ତ ପଟ୍ଟନାୟକ ପ୍ରାକୃତିକ ମଣିଷର ଯନ୍ତ୍ରଣାକ୍ତ ଓ ମୁମୂର୍ଷୁ ପ୍ରାଣରେ ଜଗନ୍ନାଥଙ୍କର ବୀଜ ଓଁକାର ସୃଷ୍ଟି କରି ନୂତନ ଚେତନା ପ୍ରକାଶିଲେ—

ମୁଁ ଚିରେ ଖୋଜୁଛି ମର୍ମର ଶଣି
ମନ୍ତ୍ର ଓଁକାରେ 'ଜାଗ' ଜୀବନରେ କେତେ
ଝୁମୁଥିଲ ଜ୍ୱଳା ?

କବି ଗୁରୁପ୍ରସାଦ କହନ୍ତି—

ମହାପ୍ରଭୁ ମୁକ୍ତି ଦିଅ
ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା
ଏ ଦେହରୁ ତୁମର ସଂହାର ଡ଼ୋରି
ବହୁତ ବହୁତ କ୍ଲାନ୍ତି ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କାରୁଣ୍ୟର ସମୁଦ୍ର କୂଳରୁ
ମହାପ୍ରଭୁ ସେଇ ଜଗନ୍ନାଥ ।

ସୀତାକାନ୍ତ ମହାପାତ୍ରଙ୍କର ଶବ୍ଦର ଆକାଶ ଦେଳରୁ ସେହି ନୀଳାଦ୍ରି ଚେତନା ପୁଣି ଶବ୍ଦ ରୂପ ଧାରଣ କରିଛି । 'ବିଦୂଷକ' କବିତାରେ.............

ମହାପ୍ରଭୁ ନୀଳ କନ୍ଦର ବିହାରୀ
(ଘେନ ଦୟାବହି ମୋର ଗୁହାରି)

ତୁମେ ମତେ କ୍ଷମାଦିଅ, ସକଳ ଅଜ୍ଞାନ ମୋର
ଯେହେତୁ ମୁଁ କ୍ଷମା ଦେଲି

ବେଦନାର ଗ୍ୟାଲେରୀରେ ତୃତୀୟ ପାହାଚେ ବସି
ବିଭିନ୍ନ ମୁଦ୍ରା ଓ ମୁଖାନାଇ

ମହା ବିଦୂଷକ ଆହେ ତୁମେ ଯେତେ
ଯୁଗ ଯୁଗ ଗଲ ମୋତେ ହସେଇ କନ୍ଦେଇ,

ପୁଣି-ତୁମେ ମଧ୍ୟ ସମୁଦ୍ରରୁ ଦାବୀଠାରୁ
ଆପଣାକୁ ଦୂରରେ ରଖିବ ?

କି ଥିଲା ଆହେ ମହାବାହୁ ପାଚିରୀ ତୁମର ସତେ
କେତେ ଦମ୍ଭ କେତେ ଯେ ବଧିର, ସ୍ତବ୍ଧ ଆଉ କେତେ ଉଚ୍ଚ

ସମୁଦ୍ରର ଏତେ ବି ପାଟି ତୁମ୍ଭ ଡାକହାକ ସବୁ ସେଠି, ସତେ ଅପହଞ୍ଚ ।

ପନୀ ମହାନ୍ତିଙ୍କର ସ୍ୱର ଆକୃତିଭରା—

ପ୍ରଭୁ ହେ ଥରେ ବା ଦେଖନ୍ତି ଯଦି ତମ ବିଶ୍ୱରୂପ
ପାପତାପ ରୋଗ ଶୋକ କଟିଯାନ୍ତା ମୋହର
କଙ୍କାଳରେ ଆପେ ଆପେ ନେସି ହୋଇ ଯାନ୍ତା
ତମ କଳା ତନୁର ପ୍ରଲେପ ।

ଅନାମଙ୍କର ରହସ୍ୟ କୁଣ୍ଡଳିତ କୁଣ୍ଡଳିନୀର ଜାଗୃତି ଏଥିରେ—

ଜଗା ଭୁଜ ବଳୀୟାର
ତୁ ଅଛୁତ ମୁଁ ଅଛି
ତୁ ନାହୁଁ ତ ମୁଁ ନାହିଁ
ରୋଦନ କରୁ କାହିଁ ପାଇଁ
ଅଛି ନାହିଁର ଉଇଁରି କରି
ରଖିଛି ଜଗା ଭେଳିକି କରି

ସେହି ଭେଳିକିର ଦିନ ଏଇ ରଥଯାତ୍ରା-ପହଣ୍ଡିର ଭେଳିକି, ଛେରା ପହରା ରହସ୍ୟ, ପତିତପାବନ ରୂପର ଭେଳିକି ନୟନ ମନ ସାର୍ଥକ କରୁ.......... ମଣିଷକୁ ଉଚ୍ଚକୁ ନେଇ ଯାଇ....... ତାକୁ ଶାଶ୍ୱତ କରୁ ନିଜ ଅଧିକାରରେ,....... ନିଜ କ୍ଷମତାରେ—

ବଳଗଣ୍ଡି ସାହି, ପୁରୀ

# ଆମ ସାହିତ୍ୟରେ ଶ୍ରୀଜଗନ୍ନାଥ

ଶ୍ରୀ ନୀଳମଣି ମିଶ୍ର

ଶ୍ରୀଜଗନ୍ନାଥ ମହାପ୍ରଭୁ ଆମର ଜାତୀୟ ବିଗ୍ରହ ହୋଇଥିବାରୁ ଏ ଜାତି ତାଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦର୍ଶନ କରି ଆସୁଛି । ବୈଦିକ ଯୁଗରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ; ସେ ଦାରୁବ୍ରହ୍ମ, ପୁରୁଷୋତ୍ତମ, ନୀଳାଦ୍ରିନାଥ ଓ ଶ୍ରୀଜଗନ୍ନାଥ ପ୍ରଭୃତି ବହୁ ନାମରେ କଥିତ ହୋଇଛନ୍ତି । ଜୈନ ଯୁଗରେ ସେ 'ଜୀନନାଥ', ବୌଦ୍ଧ ଯୁଗରେ 'ବୁଦ୍ଧ', ତନ୍ତ୍ରଯୁଗରେ 'ଭୈରବ' ରୂପେ ସମାଜରେ ଖ୍ୟାତିପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ଜନଜୀବନକୁ ଉଦ୍‌ବୁଦ୍ଧ କରିଛନ୍ତି; ଜନତାର ଆରାଧ୍ୟ ରୂପେ ଅସୀମ ସାହସ, ବିକ୍ରମ ତଥା ଶୌର୍ଯ୍ୟ ପ୍ରଦାନ କରିଛନ୍ତି । ଯୁଗେ ଯୁଗେ ଆମ ଜାତୀୟତାର ପ୍ରତୀକରୂପେ ଶ୍ରୀଜଗନ୍ନାଥ ସର୍ବତୋଭାବେ ଆମ ସାହିତ୍ୟର ପ୍ରତି ଛତ୍ରେଛତ୍ରେ ବର୍ଣ୍ଣିତ ହୋଇଛନ୍ତି ।

ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀରେ ରଚିତ କବି ମୁରାରି ମିଶ୍ର 'ଅନର୍ଘ ରାଘବ ନାଟକ' ନାମରେ ରାମାୟଣ ଚରିତ ଅବଲମ୍ବନରେ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ । ସେ ପୁସ୍ତକର ମଙ୍ଗଳାଚରଣରେ 'ଜଗନ୍ନିଧି' ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଗୋଟିଏ ଶ୍ଳୋକ ରଚନା କରିଛନ୍ତି—

"ବିରମତି ମହାକଳ୍ପେ ନାଭି ପଥୈକ ନିକେତନ—
ସ୍ତ୍ରିଭୁବନ ପୁରଃଶିଳ୍ପୀ ଯସ୍ୟ ପ୍ରତିକ୍ଷଣମାତ୍ମଭୂଃ ।
କିମଧି କରଣଂ କୀଦୃକ୍ କସ୍ୟ ବ୍ୟବସ୍ଥିତିରିତ୍ୟସା—
ବୁଦର ମବିଶଦ୍ ଦ୍ରଷ୍ଟୁଂ ତସ୍ମୈ ଜଗନ୍ନିଧୟେ ନମଃ" ॥

ମହାକବି କାଳିଦାସଙ୍କ 'ମେଘଦୂତ' କାବ୍ୟଟି ବିରହୀଯକ୍ଷର ନିଜପତ୍ନୀ ନିକଟକୁ ସନ୍ଦେଶ ଉଦ୍ଦେଶ୍ୟରେ ଲିଖିତ ହୋଇଥିବାର ପ୍ରସିଦ୍ଧି ରହିଛି । କିନ୍ତୁ ଓଡ଼ିଆ ବିଦ୍ୱାନ୍ ଗଞ୍ଜାମ ଜିଲ୍ଲା ନିବାସୀ ମହାମହୋପାଧ୍ୟାୟ ନରହରି 'ମେଘଦୂତ' କାବ୍ୟକୁ ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରାର ବର୍ଣ୍ଣନା ବୋଲି ଅର୍ଥ କରିଛନ୍ତି । ସେ ଶ୍ରୀଜଗନ୍ନାଥଙ୍କୁ ଚତୁର୍ବର୍ଗ ଦାୟକ ଜଳବର୍ଷଣକାରୀ ମେଘ ରୂପେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଭବସମୁଦ୍ରମଧ୍ୟରେ ସମସ୍ତ ପୁରୁଷାର୍ଥସାଧକ ଶ୍ରୀଜଗନ୍ନାଥ ମହାପ୍ରଭୁ ମେଘକୁ ଦୂତରୂପେ ବିଶ୍ୱବାସୀଙ୍କ ନିକଟକୁ ପଠାଉ ଥିବାର ଚିତ୍ରଣ କରିଛନ୍ତି ।

"ନମୋ ନୀଳାଚଳୋତ୍ତଙ୍ଗ ବାସିନେ ଚଞ୍ଚଳା ଭୃତେ ।
ନୀଳାଦ୍ରିଚର ମେଘାୟ ଚତୁର୍ବର୍ଗାମ୍ବୁ ବର୍ଷିଣେ ॥

ଭବଖଳ୍ୱ ସର୍ବାନେବ ଜୀବାନ୍ ସଂସାରଜଳୋପପ୍ଳୁତାନ୍ ଅବେକ୍ଷ ତନ୍ମଧ୍ୟବର୍ତ୍ତୀ ସକଳ ପୁରୁଷାର୍ଥ ସାଧକ ନୀଳାଦ୍ରିଭୁବମାରୋପ ୟିତୁଂ କବି—ର୍ମେଘଦୂତାଖ୍ୟଂ କାବ୍ୟଂ ପ୍ରଣିନାୟ । ମେଘବାକ୍ୟଂ ଶ୍ରୁତ୍ୱା ଗୃହ୍ଣିସ୍ତ୍ୱଥଂ ସର୍ବେଷାଂ ବିଶ୍ୱଜନାନା ମାଗମାତ୍ ଦୂତଇବ ଦୂତୋ ମେଘୋଅସ୍ମିନ୍ନିତି ଗ୍ରନ୍ଥନାମ" ।

ମେଘ ଯକ୍ଷର ଦୂତ ହୋଇ ନପାରେ ଏବଂ କୁବେରଙ୍କ ଦ୍ୱାରା ଶାପଗ୍ରସ୍ତ ହେବାର ଯକ୍ଷପକ୍ଷରେ କୌଣସି କାରଣ ଗ୍ରନ୍ଥ ମଧ୍ୟରେ ଲିପିବଦ୍ଧ ହୋଇ ନଥିବାରୁ, ଏ ପ୍ରକାର ଯୁକ୍ତି କରାଯିବାର କୌଣସି କାରଣ ନାହିଁ ବୋଲି ପଣ୍ଡିତ ନରହରି ଟୀକାର ପ୍ରାରମ୍ଭରେ ଯୁକ୍ତି ଦର୍ଶାଇଛନ୍ତି ।

"ନତୁ ମେଘୋ ଯକ୍ଷସ୍ୟ ଦୂତୋ ଭବିତୁ ମର୍ହତି ।
ଶାପେ ଦାତବ୍ୟେ କୋ ହେତୁ? କୋ ବା ତସ୍ୟା ପରାଧଃ,
କଥଂ ଗ୍ରନ୍ଥେ ନ ନିବଦ୍ଧଃ । ତଦ୍ ଦର୍ଶନେ ବା କିଂ
ପ୍ରୟୋଜନଂ ? ମୂଳଂ ଚ ନାସ୍ତି, ତ ସ୍ମର୍ବ ମ ଯୁକ୍ତ ତରଂ" ।

ଏହିପରି ଭାବରେ ଯୁକ୍ତି କରି ପଣ୍ଡିତ ନରହରି 'ମେଘଦୂତ' ଖଣ୍ଡକାବ୍ୟର ପ୍ରତ୍ୟେକ ପଦକୁ ବ୍ୟାକରଣ ଓ ଅଭିଧାନ ସାହାଯ୍ୟରେ ଖଣ୍ଡ ବିଖଣ୍ଡିତ କରି, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡ଼ାଯାତ୍ରା ସମ୍ବନ୍ଧରେ ଉକ୍ତ କାବ୍ୟର ଶ୍ଳୋକଗୁଡ଼ିକ ରଚନା କରି ଥିବାର ବର୍ଣ୍ଣନା କରିଛନ୍ତି ।

ଶ୍ରୀଜଗନ୍ନାଥ ମହାପ୍ରଭୁ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ବେଳକୁ ଶ୍ରୀକୃଷ୍ଣ ରୂପେ କୀର୍ତ୍ତିତ ହୋଇଥିଲେ । ବିଶେଷତଃ ଶ୍ରୀକୃଷ୍ଣଲୀଳାର ମହାନ୍ ପ୍ରଚାରକ ନିମ୍ବାର୍କ ସ୍ୱାମୀ ଶ୍ରୀକ୍ଷେତ୍ର ଆସିବା ପରେ ପରେ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ

ଅଭେଦ କଳ୍ପନାର ଧାରା ସୃଷ୍ଟି ହୋଇଥିଲା । ସେହି ଦୃଷ୍ଟିରୁ ଉତ୍କଳୀୟ ବିଦ୍ୱାନ୍ ଶ୍ରୀଜୟଦେବ ଜଗନ୍ନାଥ ମହାପ୍ରଭୁଙ୍କୁ ଶ୍ରୀକୃଷ୍ଣ ରୂପେ ବର୍ଣ୍ଣନା କରି 'ଗୀତ ଗୋବିନ୍ଦ' କାବ୍ୟର ପ୍ରଣୟନ କରିଥିଲେ ।

ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀରୁ ଆରମ୍ଭ କରି ଗଙ୍ଗରାଜତ୍ୱ ଅର୍ଥାତ୍ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳରେ ତନ୍ତ୍ର ମତବାଦର ପ୍ରଚଳନ ଜନସମାଜଦ୍ୱାରା ସମର୍ଥିତ ହୋଇଥିଲା । ଶୈବମତବାଦକୁ ଶାକ୍ତ-ମତବାଦର ପରିପୋଷକ ରୂପେ ଗ୍ରହଣ କରି ତାନ୍ତ୍ରିକମାନେ 'ଦକ୍ଷିଣାଗ୍ରର ତନ୍ତ୍ର' ଓ ପରବର୍ତ୍ତୀ କାଳରେ 'ବାମାଗ୍ରର ତନ୍ତ୍ର'ର ପ୍ରଚଳନ କରାଇଥିଲେ । ସେମାନେ କେବଳ ଜନ-ସାଧାରଣଙ୍କୁ କାହିଁକି, ତାନ୍ତ୍ରିକ ପ୍ରୟୋଗଦ୍ୱାରା ଶାସନଶକ୍ତିକୁ ପ୍ରଭାବିତ କରାଇଥିଲେ । ରାଜାମାନେ ତନ୍ତ୍ରର ପରି-ପୋଷକ ହୋଇଥିବାରୁ ଓଡ଼ିଶାରେ ତାନ୍ତ୍ରିକ ଭାବଧାରା ଲୋକପ୍ରିୟତା ଅର୍ଜନ କରିଥିଲା । ବୌଦ୍ଧତାନ୍ତ୍ରିକମାନେ ଶୈବ ଓ ଶାକ୍ତ ତାନ୍ତ୍ରିକମାନଙ୍କ ସହିତ ମିଶିଯାଇ ଓଡ଼ିଶାରେ ମାରଣ ମୋହନ ବଶ୍ୟ ଉଚ୍ଚାଟନ' ଆଦି ଅଭିଚାରିକ କର୍ମରେ ତତ୍ପର ହୋଇ ଉଠିଲେ । ସେମାନଙ୍କ ପ୍ରଚେଷ୍ଟାରେ 'କାମ୍ୟରତ୍ନ, ଉଡଡୀଶ୍ୱତନ୍ତ୍ର' ପ୍ରଭୃତି ଆଭିଚାରିକ କର୍ମମୂଳକ ଗ୍ରନ୍ଥ ରଚିତ ହୋଇ ଓଡ଼ିଶାରେ ପ୍ରଚାରିତ ହୋଇଥିଲା । 'ପଞ୍ଚମକାର' ର ପ୍ରଚଳନ ଫଳରେ ସାଧାରଣ ଜନତା, ବିଶେଷତଃ ଅନୁନ୍ନତ ଶ୍ରେଣୀୟ ଲୋକମାନେ ବାମାଗ୍ରର ତନ୍ତ୍ର ଆଡ଼କୁ ଅଧିକ ଆକୃଷ୍ଟ ହେଲେ । ମଦ୍ୟ ଓ ମୈଥୁନର ବହୁଳ ପ୍ରଚାର ଫଳରେ କେବଳ ନୀଚଜାତୀୟ ଲୋକେ କାହିଁକି, ଉଚ୍ଚକୁଳସମ୍ଭୂତ ବ୍ୟକ୍ତିମାନେ ମଧ୍ୟ ତାନ୍ତ୍ରିକ ସାଧନ ବା କୌଳସାଜି ସମାଜରେ ନାରୀଧର୍ଷଣ ଓ ମଦ୍ୟ ପାନ ଜନିତ ବ୍ୟଭିଚାରକୁ ସାମାଜିକ ମର୍ଯ୍ୟାଦା ପ୍ରଦାନ କଲେ । ତା'ଫଳରେ ସମାଜ ନିତାନ୍ତ ବ୍ୟାଧିଗ୍ରସ୍ତ ହୋଇ ଉଠିଲା । ତାନ୍ତ୍ରିକମାନେ କେବଳ ମାତାଙ୍କ ବ୍ୟତୀତ ଅନ୍ୟ ନାରୀମାନଙ୍କ ସହିତ ମୈଥୁନ କ୍ରିୟାରେ ରତ ହେବା ଲାଗି ତାନ୍ତ୍ରିକ ବଚନମାନ ପ୍ରଣୟନ କରିଦେଲେ—

"ମାତୃଯୋନିଂ ପରିତ୍ୟଜ୍ୟ ବିହରେତ୍ ସର୍ବଯୋନିଷୁ" ।

ଏହାଫଳରେ ସାମାଜିକ ମର୍ଯ୍ୟାଦା ଦିନକୁ ଦିନ ନିମ୍ନ-ସ୍ତରକୁ ଖସି ଆସିଲା । ଏହି ସମୟରେ ପରମବୈଷ୍ଣବ ଗଙ୍ଗରାଜାମାନେ ଓଡ଼ିଶାର ରାଜସିଂହାସନ ଅଧିକାର କରିଥିଲେ । ସେମାନେ ବୈଷ୍ଣବ ମତବାଦର ପରିପୋଷକ ହୋଇଥିବାରୁ ତାନ୍ତ୍ରିକମତବାଦକୁ ଆଦୌ ସର୍ବାନ୍ତଃ-କରଣରେ ସମର୍ଥନ କଲେ ନାହିଁ । କିନ୍ତୁ ସାମାଜିକ ପ୍ରଚଳନକୁ ହଠାତ୍ ରାଜାଦେଶ ବଳରେ ବନ୍ଦ କରାଇଦେବା ମଧ୍ୟ ସେମାନଙ୍କ ପକ୍ଷରେ ସହଜସାଧ୍ୟ ବ୍ୟାପାର ନଥିଲା । ତେଣୁ ସେମାନେ ଓଡ଼ିଶାର ଜାତୀୟ ବିଗ୍ରହ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ସେବା ପୂଜାରେ ତନ୍ତ୍ରାଗ୍ରର ପରିବର୍ତ୍ତେ 'ବୈଷ୍ଣବାଚାର' ର ପ୍ରବର୍ତ୍ତନ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥ ମନ୍ଦିର ତଥା ଗୋପୀନାଥ କୃଷ୍ଣଙ୍କ ମନ୍ଦିର ପ୍ରତିଷ୍ଠା କରାଇ କୌଶଳକ୍ରମେ ବୈଷ୍ଣବ-ମତବାଦର ପ୍ରଚଳନ କରାଇଲେ । ସେତିକିବେଳେ ଭୁବନେଶ୍ୱରରେ 'ବଳ, କୃଷ୍ଣ, ସୁଭଦ୍ରା' ଙ୍କ ବିଗ୍ରହ ରଖାଇ 'ଅନନ୍ତ ବାସୁଦେବ' ମନ୍ଦିର ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଭୁବନେଶ୍ୱରର ପ୍ରସିଦ୍ଧ ବିଗ୍ରହ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ଶୈବ ଓ ଶାକ୍ତ ମତବାଦର ପ୍ରତୀକ ରୂପେ ଗ୍ରହଣ ନ କରି, 'ହରିହର'ଙ୍କ ପ୍ରତୀକ ରୂପେ ବର୍ଣ୍ଣନା କଲେ ଏବଂ ସେଠାରେ ବେଲପତ୍ରୀ ସହିତ ତୁଳସୀ ତଥା ଅଭକ୍ଷ୍ୟ ଶିବ-ନିର୍ମାଲ୍ୟ କୁ ସର୍ବଜନସେବ୍ୟ କରାଇଲେ । ଗଙ୍ଗ-ରାଜାମାନଙ୍କର ଏ' ପ୍ରକାର ନୀତିଗତ କୌଶଳକୁ ସକ୍ରିୟ ଭାବରେ ସାହାଯ୍ୟ କଲେ ଆଚାର୍ଯ୍ୟ ଜୟଦେବ । ଦେଶବାସୀଙ୍କ ଶୃଙ୍ଗାରୀ ମନୋଭାବକୁ ସୁହାଇଲା ପରି ସେ ରାଧାକୃଷ୍ଣରତି—'କେଳିକଳାବିଳାସ' ପୂର୍ଣ୍ଣ 'ଗୀତ-ଗୋବିନ୍ଦ' ରଚନା କରିଥିଲେ । ସେ 'ଗୀତଗୋବିନ୍ଦ' କାବ୍ୟରେ କ'ଣ ବର୍ଣ୍ଣନା କରିବାକୁ ଯାଉଛନ୍ତି, ତାହାର ସୂଚନା ଦେଇ ପ୍ରଥମ ଶ୍ଳୋକରେ ଲେଖିଛନ୍ତି—

"ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ" ।

ତତ୍କାଳୀନ ସମାଜ ଏପରି ଏକ ଶୋଚନୀୟ ପରିସ୍ଥିତିରେ ଉପନୀତ ହୋଇଥିଲା ଯେ, ଆଦି ରସାତ୍ମକ କାବ୍ୟ ମାଧ୍ୟମରେ ଜନତାର ରୁଚିକୁ ଭିନ୍ନମୁଖୀ କରାଇବା ବ୍ୟତୀତ ଜୟଦେବଙ୍କର ଆଉ ଅନ୍ୟ ଉପାୟ ନଥିଲା । ସେ ରାଧାକୃଷ୍ଣଙ୍କ ପ୍ରେମଲୀଳାର ବର୍ଣ୍ଣନା କରି ତାହାକୁ ତାଙ୍କର ଉପାସ୍ୟ ଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ । ତେଣୁ ସେ ପ୍ରଥମେ ଦଶାବତାରୀ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦଶାବତାର ସ୍ତୁତି କରିଛନ୍ତି ଏବଂ ପ୍ରତ୍ୟେକ ସ୍ତୁତି ଶେଷରେ 'ଜୟଜଗଦୀଶ ହରେ' ବୋଲି ଶ୍ରୀଜଗନ୍ନାଥଙ୍କୁ ଭଣିତା କରିଛନ୍ତି ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦଶାବତାର ମଧ୍ୟରେ ସେ ବୁଦ୍ଧଙ୍କୁ ସ୍ଥାନ ଦେଇ 'ବଜ୍ରଯାନୀଶାଖା'ର ବୌଦ୍ଧ-ମତାବଲମ୍ବୀ ଜନତାଙ୍କୁ ଖୁସି କରାଇଛନ୍ତି । ତେଣୁ ନିଃସନ୍ଦେହରେ କହିହୁଏ ଯେ, ଜୟଦେବ ଜଣେ ସମାଜ-ସଂସ୍କାରକର ଭୂମିକାରେ ଅବତୀର୍ଣ୍ଣ ହୋଇ ଗଙ୍ଗବଂଶୀୟ ରାଜାମାନଙ୍କ ଉଦ୍ଦେଶ୍ୟ ପୂରଣ କରିବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସାର୍ବଭୌମତ୍ୱ ପ୍ରଖ୍ୟାପନ କରିଛନ୍ତି । ସେଇଥିପାଇଁ 'ଭକ୍ତମାଳା' ର ପ୍ରଣେତା ଚନ୍ଦ୍ରଦତ୍ତ ଲେଖିଛନ୍ତି—

"ନିର୍ମାୟ ଗୀତଗୋବିନ୍ଦଂ କାବ୍ୟଂ ଶ୍ରୀପୁରୁଷୋତ୍ତମେ ।
ନିବେଦ୍ୟ କୃତକୃତ୍ୟୋଽଅସୌ ଜୟଦେବ-ମହାମନା" ।।

ବୋଧହୁଏ ସେହି ଉଦ୍ଦେଶ୍ୟରେ 'ଆର୍ଯ୍ୟାସପ୍ତଶତୀ' ଗ୍ରନ୍ଥର ପ୍ରଣେତା ଆଚାର୍ଯ୍ୟ ଗୋବର୍ଦ୍ଧନ ଜୟଦେବଙ୍କ କାର୍ଯ୍ୟକୁ ପ୍ରଶଂସା କରି ଗଙ୍ଗରାଜାଙ୍କୁ କହିଥିଲେ—"ହେ ଉତ୍କଳ-ଭୂପତି, ଆପଣଙ୍କ ସଭାରେ ଯେତେ ପଣ୍ଡିତ ଅଛନ୍ତି,

ଜୟଦେବ ପଣ୍ଡିତ କବି, ସେମାନଙ୍କ ମଧ୍ୟରେ ଶୀର୍ଷ-ସ୍ଥାନୀୟ ଅଟନ୍ତି" ।

"ଯେ କେଽପ୍ୟୁତ୍କଳ ଭୂପତେ ତବସଭା ସମ୍ମାନିତାଃ ପଣ୍ଡିତାଃ ।
ତତ୍ର ଶ୍ରୀଜୟଦେବ ପଣ୍ଡିତ କବି ସ୍ତନ୍ମୂର୍ଦ୍ଧ୍ନି ବିନ୍ୟସ୍ୟତି"
(ଅଳଙ୍କାରଶେଖର)

ତେଣୁ ଶ୍ରୀଜୟଦେବଙ୍କ 'ଗୀତଗୋବିନ୍ଦ' ଗ୍ରନ୍ଥଟି ମୁଖ୍ୟତଃ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଚିତ ବୋଲି ନିଃସନ୍ଦେହରେ କହିହୁଏ ।

ଜୟଦେବଙ୍କ ପଦାଙ୍କ ଅନୁସରଣ କରି କବିଚନ୍ଦ୍ର ରାୟ ଦିବାକର ମିଶ୍ର 'ଅଭିନବ ଗୀତଗୋବିନ୍ଦ' ଶୀର୍ଷକ ଖଣ୍ଡିଏ ଗୀତକାବ୍ୟ ରଚନା କରି ଗଜପତି ପୁରୁଷୋତ୍ତମ ଦେବଙ୍କ ନାମରେ ଉତ୍ସର୍ଗ କରିଥିଲେ । କବିଚନ୍ଦ୍ର ମିଶ୍ର ଜୟଦେବଙ୍କ ପରି ଅପ୍ରତ୍ୟକ୍ଷ ଭାବରେ ଶ୍ରୀଜଗନ୍ନାଥଙ୍କୁ ବର୍ଣ୍ଣନା ନକରି ପ୍ରତ୍ୟକ୍ଷ ଭାବରେ ବର୍ଣ୍ଣନା କରିଛନ୍ତି—

"ବାରି-ପରିତ ଗଗନ କନ୍ଦର ଜଳଧିମଗ୍ନ ମହାସୁରଂ
ଶଙ୍ଖଂ ନାମକ ମାଶୁଭୀତ୍ୱା କଳିତ ବେଦ ମନାତରମ୍ ।
ନମତ ମୀନଶରୀର ମଦ୍ଭୁତ ମଣିକ ମୁନିଜନ ବନ୍ଦିତଂ
ଜନନ ପାଳନ ନାଶ କାରଣ ନୀଳଗିରିପତି ମଚ୍ୟୁତ ॥

× × ×

ନୀଳଗିରି ପତି ଚରଣ ସରସିଜ ମତ୍ତମଧୁକର ରୂପିଣା ।
ରଚିତ ମେତତ୍ ପୁରୁଷୋତ୍ତମ ଭୂଭୁଜା ମତି ସ୍ତୃଣା" ॥

'ଅଭିନବ 'ଗୀତଗୋବିନ୍ଦ'ର ପରବର୍ତ୍ତୀ ରଚନା ହେଉଛି—'ମୁକୁନ୍ଦ ବିଳାସ' । ଏଥିରେ କବି ରଘୁରାମତୀର୍ଥ ଶ୍ରୀରାଧାକୃଷ୍ଣଙ୍କ କେଳୀ ବର୍ଣ୍ଣନା କରିବାକୁ ଯାଇ ମଙ୍ଗଳା-ଚରଣରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ 'ପ୍ରକୃତି ପୁରୁଷ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ତଥା ବୃନ୍ଦାବନର ଶ୍ରୀରାଧାକୃଷ୍ଣ ରୂପେ ବର୍ଣ୍ଣନା କରିଛନ୍ତି ।

"ଯୋ ଦ୍ୱେଧା ପ୍ରକୃତି ପୁମାନ୍ନିତି ମତଃ ସ୍ତ୍ରୀ ପୁଂସଦେହାଶ୍ରିତୋ—
ଯ ସ୍ତ୍ରେଧା ବିଧି ବିଷ୍ଣୁଶଙ୍କର ବପୁର୍ଦ୍ଧାରୀ ହରୀଦୃଶ୍ୟତେ ।
ଶ୍ରୀମନ୍ନୀଳ ଗିରୌଚ ଦାରୁତନୁଧୃକ୍ ଯୋଽସୌ ଚତୁର୍ଦ୍ଧାହିତୋ
ରାଧାକୃଷ୍ଣ ତନୁଧରୋ ବିଜୟତେ ବୃନ୍ଦାବନେ ସ ପ୍ରଭୁଃ ॥

ଏହି ସମୟରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପରମ ଭକ୍ତ, ଶ୍ରୀଚୈତନ୍ୟଙ୍କ ଗୁରୁକଳ୍ପ, ରାଜମହେନ୍ଦ୍ରୀର ଶାସକ ତଥା ଶ୍ରୀକୃଷ୍ଣଲୀଳାର ଅଚିନ୍ତ୍ୟ ଭେଦାଭେଦ' ମତବାଦର ପ୍ରବର୍ତ୍ତକ ରାୟ ରାମାନନ୍ଦ ପଟ୍ଟନାୟକ ଶ୍ରୀ ରାଧାକୃଷ୍ଣଙ୍କ ଲୀଳା ସମ୍ବଳିତ ଖଣ୍ଡିଏ ନାଟକ ଲେଖିଥିଲେ । ସେ ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ଅଭେଦ କଳ୍ପନା କରିବାକୁ ଯାଇ ପୁସ୍ତକଟିର ନାମ ରଖିଥିଲେ 'ଶ୍ରୀ ଜଗନ୍ନାଥ ବଲ୍ଲଭ ନାଟକ' । ସେଥିରେ ରାୟ ରାମାନନ୍ଦ ଜୟଦେବ ପ୍ରଭୃତି ଭକ୍ତ କବିଙ୍କ ପଦାଙ୍କ ଅନୁସରଣ କରି ନାଟକର ଶ୍ଳୋକ ଯୋଜନା ସ୍ଥଳରେ 'ଗୀତ ଗୋବିନ୍ଦ'ର ଛାନ୍ଦବନ୍ଧ ଗୀତ ପରି କେତୋଟି ଗାଥା ଅର୍ଥାତ୍ ଗୀତ ସଂଯୋଜନ କରିଛନ୍ତି । ସେହିପରି ଭାବରେ ଉତ୍କଳୀୟ ବିଦ୍ୱାନ୍ ହଳଧର ମିଶ୍ର ବସନ୍ତୋତ୍ସବ ମହାକାବ୍ୟ ରଚନା କରି ଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା-ଦିର ବର୍ଣ୍ଣନା କରିଛନ୍ତି ।

ଅନ୍ୟାନ୍ୟ କବିମାନେ ସ୍ୱସ୍ୱ ରଚନାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବର୍ଣ୍ଣନା ମଙ୍ଗଳାଚରଣରେ ସ୍ଥାନ ଦେଇଥିଲେ ହେଁ, ନୀଳଗିରି ନାଥ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ଲୀଳା ତଥା ଯାତ୍ରାଦିର ବର୍ଣ୍ଣନା କରି ଚକ୍ରପାଣି ପଟ୍ଟନାୟକ 'ଗୁଣ୍ଡିଚା ବିଜୟ ଚମ୍ପୂ', ଭଗବାନ୍ ବ୍ରହ୍ମା 'ଗୁଣ୍ଡିଚା ଶତକ', ନୀଳାମ୍ବର ଆଚାର୍ଯ୍ୟ 'ଚନ୍ଦନ ଯାତ୍ରା ଚମ୍ପୂ' ଆଦି ବହୁ ପୁସ୍ତକ ସଂସ୍କୃତରେ ରଚନା କରିଛନ୍ତି ।

ସଂସ୍କୃତ କାବ୍ୟ ବ୍ୟତୀତ ସାରଳା ଦାସଙ୍କ ଠାରୁ ଆରମ୍ଭ କରି କବିସୂର୍ଯ୍ୟ ଓ ବଳଦେବ ରଥଙ୍କ ପର୍ଯ୍ୟନ୍ତ ଶତାଧିକ ଓଡ଼ିଆ କବି ସ୍ୱ ସ୍ୱ ପୁସ୍ତକରେ ମହାପ୍ରଭୁ ଜଗନ୍ନାଥଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇ ଆସିଛନ୍ତି । ଉତ୍କଳର ବ୍ୟାସଦେବ ସାରଳା ଦାସ । 'ମହାଭାରତ'ରେ ଶ୍ରୀ ଜଗନ୍ନାଥଙ୍କୁ ମୁଖ୍ୟ ସ୍ଥାନ ଦେଇଛନ୍ତି । ତାଙ୍କ ଦୃଷ୍ଟିରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ ଏବଂ ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ କୌଣସି ଭେଦ ନାହିଁ । ଦ୍ୱାରକାଧୀଶ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧରେ ଯେଉଁ ସବୁ କୃତ୍ୟମାନ କରୁଥିଲେ ତାହା ନୀଳଗିରିପତି ଶ୍ରୀ ଜଗନ୍ନାଥଙ୍କ କୃତ୍ୟ ବୋଲି ସାରଳା ଦାସ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ 'ମୂଷଳୀପର୍ବରେ' ଶ୍ରୀ ଦାରୁ ବ୍ରହ୍ମଙ୍କ ରହସ୍ୟ ଉଦ୍‌ଘାଟନ କରିଛନ୍ତି ।

ସାରଳା ଦାସଙ୍କ ପରବର୍ତ୍ତୀ କବି ବଳରାମ ଦାସ ଶ୍ରୀରାମଙ୍କ ଚରିତ ଅବଲମ୍ବନରେ ଖଣ୍ଡିଏ ରାମାୟଣ ରଚନା କରିଥିଲେ ହେଁ, ଉକ୍ତ ପୁସ୍ତକର ସେ ନାମକରଣ କରିଛନ୍ତି 'ଜଗମୋହନ ରାମାୟଣ' । ସେଥିରେ ସେ ଜଗନ୍ନାଥ ମହାପ୍ରଭୁଙ୍କୁ ପରଂବ୍ରହ୍ମ ଓ ଶ୍ରୀ ରାମଙ୍କୁ ଅବତାର ରୂପେ କଳ୍ପନା କରି, ଶ୍ରୀ ରାମଙ୍କୁ ଓଡ଼ିଶା ଯେନି ଆସିବା ସଙ୍ଗେ ସଙ୍ଗେ ତାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅର୍ଚ୍ଚନା କରାଇଛନ୍ତି ।

"କେତେହେଁକ ଦୂରେ ଦେଖିଲେ ସେ ନୀଳଗିରି'
ତହିରେ ବିଜେ କରିଣ ଅଛନ୍ତି ଶ୍ରୀହରି"
ଦକ୍ଷିଣ ସିନ୍ଧୁରେ ରାମ ସ୍ନାହାନ ସାରିଲେ ।
ଦାରୁବ୍ରହ୍ମ ସ୍ୱରୂପଙ୍କୁ ଯାଇଣ ଦେଖିଲେ ।"
ନୀଳ ଧବଳବର୍ଣ୍ଣ ଯେ ଅଳଙ୍କାର ମୂର୍ତ୍ତି
ତ୍ରିବିଧ ରୂପ ତହିଁ ଦେଖିଲେ ସୀତା ପତି" ॥

(ଜଗମୋହନ ରାମାୟଣ)

କେବଳ ସେତିକି ନୁହେଁ, ରାମାୟଣର ପ୍ରତ୍ୟେକ ସ୍ଥଳରେ ଶ୍ରୀ ଜଗନ୍ନାଥଙ୍କ ବୈଶିଷ୍ଟ୍ୟ ଦେଖାଇ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ 'ବଟ ଅବକାଶ' ଓ 'ଲକ୍ଷ୍ମୀ ପୁରାଣ' ଆଦି ରଚନା କରି ନୀଳଗିରିନାଥଙ୍କ ମହିମା ଗାନ କରିଛନ୍ତି ।

ପଞ୍ଚସଖା ମଣ୍ଡଳୀର ଅନ୍ୟାନ୍ୟ ଚାରିଜଣ କବି ମଧ୍ୟ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହିମା ଗାନରେ ନିଜ ନିଜ ପୁସ୍ତକକୁ ମହିମାନ୍ୱିତ କରାଇ ଅଛନ୍ତି । ଅନ୍ୟାନ୍ୟ କବିମାନଙ୍କ ମଧ୍ୟରେ ସାଲବେଗ ଆଦି ବହୁ କବି ଶ୍ରୀ ଜଗନ୍ନାଥଙ୍କ ଭଜନ ରଚନାରେ ବିଶେଷ ଚମତ୍କାରିତା ପ୍ରଦର୍ଶନ କରିଛନ୍ତି ।

ଯବନ କବି ସାଲବେଗଙ୍କ ସମାଧି ବଡ଼ଦାଣ୍ଡରେ ଦେଖିଲେ ମନରେ ସ୍ୱତଃ ଧାରଣା ହୁଏ, ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର କଠୋର ସାମାଜିକ ବନ୍ଧନ ମଧ୍ୟରେ କିପରି ଜଣେ ଯବନର ସମାଧି ବଡ଼ଦାଣ୍ଡରେ ରହି ପାରିଲା ? ତଥ୍ୟାନୁସନ୍ଧାନରୁ ଜଣାଯାଏ ଯେ, ସାଲବେଗ ଥିଲେ ପତିତପାବନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଜନୈକ ନିଷ୍ପାପର ଭକ୍ତ । ତାଙ୍କରି ନିବେଦନକୁ କାନ ଡେରି ପ୍ରଭୁ ବଳଗଣ୍ଡିଠାରେ ଦୀର୍ଘଦିନ ପର୍ଯ୍ୟନ୍ତ ରଥରେ ରହିଥିଲେ । ସାଲବେଗ ବୃନ୍ଦାବନରୁ ଫେରି ଶ୍ରୀଗୁଣ୍ଡିଚାରେ ପ୍ରଭୁଙ୍କ ଦର୍ଶନ ପାଇବାର କୌଣସି ଉପାୟ ନ ଦେଖି ଆର୍ତ୍ତସ୍ୱରରେ ଗାନ କରିଥିଲେ—

"ଜଗବନ୍ଧୁହେ ଗୋସାଇଁ ।
ତୁମ୍ଭଶ୍ରୀଚରଣ ବିନୁ ଅନ୍ୟ ଗତି ନାହିଁ ।
ଯାଦଶ ପଞ୍ଚାଶ କୋଶ ଦିଗଦିଶୁ ନାହିଁ ।
ମୋହ ଯିବା ଯାଏଁ ନନ୍ଦିଘୋଷେ ଥିବ ରହି ।।

× × × ×

କହେ ସାଲବେଗ ହୀନ ଜାତିରେ ଯବନ ।
ଏହିମତେ ଆଜ୍ଞା ହେଉ ଶିରି ବୃନ୍ଦାବନ " ।।

ଭକ୍ତ କବି ସାଲବେଗ ଥିଲେ ଶ୍ରୀ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ । ତାଙ୍କ ଭଜନର ପ୍ରତି ଛତ୍ରେ ଛତ୍ରେ ଫୁଟି ଉଠିଛି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ଅଚଳା ଭକ୍ତି । ସେ ନିଜକୁ ଜଣେ ପତିତ ବୋଲି ମନେ କରି ପ୍ରଭୁଙ୍କ ଶ୍ରୀପୟରେ ଆର୍ତ୍ତ ଜଣାଣ କରିଛନ୍ତି । ଯେତେବେଳେ ଶ୍ରୀମନ୍ଦିର ତଥା ଦାରୁ ବ୍ରହ୍ମଙ୍କ ଉପରେ ବୈଦେଶିକ ଆକ୍ରମଣ ହୋଇଛି, ତାଙ୍କର ଭକ୍ତପ୍ରାଣ ଅତ୍ୟନ୍ତ ବିକଳ ହୋଇ ଉଠିଛି । ପୁରୀର ଉପକଣ୍ଠରେ ଯବନ ଆକ୍ରମଣର ସମ୍ବାଦ ପାଇ ପଣ୍ଡାମାନେ ମହାପ୍ରଭୁଙ୍କୁ ଶଗଡ଼ିରେ ବିଜେ କରାଇ ମଙ୍ଗଳା ଘାଟ ମାର୍ଗରେ ଖପଡଙ୍ଗାରେ କେଉଁ ଅଜଣା ସ୍ଥାନକୁ ନେଇ ଯାଉଛନ୍ତି । ଏହି ହୃଦୟ ବିଦାରକ ଦୃଶ୍ୟରେ ଭକ୍ତ ସାଲବେଗଙ୍କ ପ୍ରାଣ କାନ୍ଦି ଉଠିଛି । ସେ ଆକୁଳ କଣ୍ଠରେ ଗାଇ ଉଠିଛନ୍ତି—

"କେଉଣେ ଘେନି ଯାଉଛ ଜଗନ୍ନାଥଙ୍କୁ ।
ଆମ୍ଭେ ଦର୍ଶନ କରିବୁ କାହାକୁ ?

× × × ×

ବଡ଼ଦେଉଳୁ ବାହାରି ଶଗଡ଼ିରେ ବିଜେ କରି
ରେଣୁ ଯେ ପଡୁଥିବ ଶ୍ରୀମୁଖକୁ ।
କହଇ ସାଲବେଗ ନିର୍ମାଲ୍ୟ ବାହୁଁ ହେବ,
ଧିକ ଧିକ ଆମ୍ଭ ଜୀବନକୁ" ।।

ସାଲବେଗଙ୍କ ପରି ଦୀନକୃଷ୍ଣ, ଉପେନ୍ଦ୍ରଭଞ୍ଜ ପ୍ରଭୃତି ମହାକବିମାନେ ଶତ ଶତ ସଂଖ୍ୟାରେ ଶ୍ରୀ ଜଗନ୍ନାଥଙ୍କ ବିଭିନ୍ନ ଲୀଳାର ଅବତାରଣା କରି ଭଜନ ରଚନା କରିଛନ୍ତି ।

ଭକ୍ତ ସାଲବେଗଙ୍କ ପରି ଦାସିଆ ବାଉରୀ ଥିଲେ ଆଉ ଜଣେ ଭକ୍ତ କବି । ତାଙ୍କ ଦ୍ୱାରା ରଚିତ 'ଆଗତ ଭବିଷ୍ୟ' ଓ 'ଭକ୍ତମାଳିକା' ପୁସ୍ତକରେ ମଧ୍ୟ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହିମା ଗାନ କରାଯାଇଛି ଏବଂ ଭକ୍ତ ରାମଦାସ ଦାସିଆ ବାଉରୀ ଅଚଳା ଭକ୍ତିର କେତୋଟି ଉପାଖ୍ୟାନ 'ଦାର୍ଢ୍ୟତା ଭକ୍ତିରସାମୃତ'ରେ ଲିପିବଦ୍ଧ କରିଛନ୍ତି ।

ସେହିପରି ଆଉଜଣେ ବିଶିଷ୍ଟ ଭକ୍ତ ହେଉଛନ୍ତି— 'ରଘୁଅରକ୍ଷିତ' । ଢେଙ୍କାନାଳର ପ୍ରସିଦ୍ଧ କବି ବ୍ରଜନାଥ ବଡ଼ଜେନାଙ୍କ ବଂଶଧର ରଘୁଅରକ୍ଷିତଙ୍କ ପ୍ରଣୀତ ବହୁ ଭଜନ ମଧ୍ୟରେ ଗୋଟିଏ ଦୁଇଟି ଶ୍ରୀ ଜଗନ୍ନାଥଙ୍କ ଭଜନ ଅତ୍ୟନ୍ତ ମନୋରମ ହୋଇଛି ।

"ସବୁରି ସବୁଅଛି ମୋହର କେହି ନାହିଁ
ଏକା ମୋ ପ୍ରଭୁ ଜଗନ୍ନାଥ ।
ତୁମ୍ଭରି ନାମ ଧରି ବିଷ ମୁଁ ଭକ୍ଷି ଅଛି
ସେ ମୋତେ ହୋଇଛି ଅମୃତ ହେ, ମହାପ୍ରଭୁ !

ବାଲିରେ ପଡ଼ିଥାଇ ନୀଳଚକ୍ରକୁ ଚାହିଁ
ପ୍ରାଣ ମୋ ଶୋଷି ହୋଇ ଥାଉ ।
ବାଲିରେ ଗଡ଼ିକରି ମାଂସକୁ ମିଳାଇବି,
ଚକ୍ରକୁ ହାଡ଼ ଥିବ ଧ୍ୟାୟି ହେ, ମହାପ୍ରଭୁ !

× × × ×

ଏମନ୍ତେ କହୁଅଛି ଶୁଣହେ ଶିରିବଚ୍ଛି
ରୁକ୍ମଣୀ ଦେବୀଙ୍କର କାନ୍ତ ।
ରଘୁଅର୍କ୍ଷିତ ଏହୁ ଭାବରେ ଭଣିଲେ,
ଏଥୁ ଉଦ୍ଧର ଜଗନ୍ନାଥ ହେ, ମହାପ୍ରଭୁ !

ଶ୍ରୀ ଜଗନ୍ନାଥଙ୍କ ଲୀଳା ଓ ଯାତ୍ରାଦି ବର୍ଣ୍ଣନା କରି ଓଡ଼ିଆ ଭାଷାରେ ଶତ ଶତ ସଂଖ୍ୟାରେ ଭଜନ, ଜଣାଣ ଚଉତିଶାଦି ରଚିତ ହୋଇଛି । ଲୋକନାଥ, ବିଦ୍ୟାଧର ଗୋପୀନାଥସିଂହ, ଦାମଦାସ ନାମକ ତିନିଜଣ କବି ଯଥାକ୍ରମେ 'ନୀଳାଦ୍ରି ମହୋତ୍ସବ' ନୀଳଗିରି ବିହାର' ତଥା 'ଦେଉଳତୋଳା' ଶୀର୍ଷକ ତିନିଖଣ୍ଡି ପୂର୍ଣ୍ଣାଙ୍ଗ ଶ୍ରୀଜଗନ୍ନାଥଚରିତ ଲେଖି ଓଡ଼ିଆ ପାଠକ ପାଠିକା ଆଗରେ ଅକ୍ଷୟ କୀର୍ତ୍ତି ରଖି ଯାଇଛନ୍ତି ; ତଦ୍‌ବ୍ୟତୀତ ବ୍ରଜନାଥ ବଡ଼ଜେନା ହିନ୍ଦୀଭାଷାରେ 'ଗୁଣ୍ଡିଚା ବିଜେ' ଶୀର୍ଷକ

ଖଣ୍ଡିଏ ବହି ଲେଖି ସର୍ବଭାରତୀୟ ସ୍ତରରେ ବଡ଼ଠାକୁରଙ୍କ ମାହାତ୍ମ୍ୟ ଗାନ କରିଛନ୍ତି—

"ନନ୍ଦୀ ନିକେତନ ସ୍ୟନ୍ଦନ କେ ପର
ବୈଠତ ଯୋ ଜଗନ୍ନାଥ ଯୋ ପ୍ୟାରେ ।
ବାଦଲ କାଲ କଜ୍ଜଳପୁଞ୍ଜକାନ୍ତି
ସୁକାନ୍ତ କଞ୍ଜମୁଖ ରାଜତ ଜାରେ ॥

ସ୍ୱଚ୍ଛକଞ୍ଜଧର ଶ୍ରୀଚନ୍ଦ ବରାବର
ଲଲ ପ୍ରବାଲ ଲଓ୍ୟାଧର ତାରେ ।
ଆପ ବିଶାଲ ଭୁଜ ଦୋଉ ତୋଲକେ
ଦୀନ କୋ ଜୋ ରଖନେକୋ ପୁକାରେ" ॥

× × × ×

ଦେଖ ଓ ବଲଦେବ ତାଲଧ୍ୱଜ କାମପାଲ '
ଧବଲ ବରନ ଦୟିତ କାଲ ମନ୍ଦ ମନ୍ଦ ହାସୀ ।
କାଦମ୍ବରୀ ମଦିର ମତ୍ତ ପ୍ରବଲ ଅମଲ ଘୂର୍ମିତ ନେତ୍ର,
କାକେ ନାହିଁ ବୈରି ମିତ୍ର ବହତ କରୁଣା ରାଶି ॥


ରେବତୀ ପତି କୁମୁଦଚନ୍ଦ୍ର ମଙ୍ଗଲମୟ ହରଷ ଜଦ
ବୃନ୍ଦାରକ ବୃନ୍ଦବନ୍ଦ୍ୟ ସୁନ୍ଦରନୀଲ ବାସୀ" ।

× × × ×

ଓ ଦେବୀ ସୁଭଦ୍ରା ଭଏ ଭଦ୍ରଭଦ୍ରା
ସବ ଲୋକମାତା ଭବାନୀ ଦୟାର୍ଦ୍ରା ।
ବଲୀ ହେମ ଗୋରୀ ସଦା ହି କିଶୋରୀ,
ସୁରୋଗୀ ବିନାସୀ ଅନାଶୀ ଅଛିଦ୍ରା " ।

ଏହିପରି ଭାବରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚତୁର୍ଦ୍ଧା ମୂର୍ତ୍ତିକୁ ବର୍ଣ୍ଣନା କରି ବହୁ କବି ସ୍ୱତନ୍ତ୍ର ପୁସ୍ତକ ଏବଂ ଅନ୍ୟ କେତେକ କବି ଶହ ଶହ ସଂଖ୍ୟାରେ ଭଜନ, ଚଉତିଶା ଆଦି ରଚନା କରିଛନ୍ତି । ତେଣୁ ଆମ ଓଡ଼ିଶାର ସାହିତ୍ୟ ଶ୍ରୀ ଜଗନ୍ନାଥଙ୍କ ମହିମା ଗାନରେ ସମୃଦ୍ଧ ହୋଇ ପାରିଛି । ଭାରତର ଅନ୍ୟ କୌଣସି ରାଜ୍ୟର ଆଞ୍ଚଳିକ ସାହିତ୍ୟରେ ଗୋଟିଏ ବିଗ୍ରହଙ୍କ ସମ୍ବନ୍ଧରେ ଏତେ ସଂଖ୍ୟକ ସାହିତ୍ୟିକ ରଚନା ଥିବାର ଦୃଷ୍ଟାନ୍ତ ବିରଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କ୍ୟୁରେଟର,
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର ।



## କଟକ ଜିଲ୍ଲାରେ ୩,୬୯୭ଟି ଗ୍ରାମ ବିଦ୍ୟୁତ୍‌କରଣ ହୋଇଛି

୧୯୭୮ ମାର୍ଚ୍ଚ ମାସ ଶେଷ ସୁଦ୍ଧା କଟକ ଜିଲ୍ଲାର ସମୁଦାୟ ୩,୩୮୨ଟି ଗ୍ରାମକୁ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ଅନୁଯାୟୀ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିଲା । ଏଗୁଡ଼ିକ ମଧ୍ୟରେ ୩୯୩ଟି ପଡ଼ାଗ୍ରାମ ଅନ୍ତର୍ଭୁକ୍ତ । ଗତ ଆର୍ଥିକ ବର୍ଷ ମଧ୍ୟରେ ଜିଲ୍ଲାର ୪୨୬ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ୩୧୫ଟି ଗ୍ରାମ୍ୟ ବିଦ୍ୟୁତ୍‌କରଣ ହୋଇଛି । ଜିଲ୍ଲାର ସମୁଦାୟ ୭ହଜାର ୨୭ଟି ଗ୍ରାମ ମଧ୍ୟରୁ ବିଦ୍ୟୁତ୍‌କରଣ ହୋଇଥିବା ଗ୍ରାମ ସଂଖ୍ୟା ହେଲା ୩,୬୯୭ ।

# ସନ୍ଥକବି ଆର୍ତ୍ତ ଦାସ

ଶ୍ରୀ ଜାନକୀ ବଲ୍ଲଭ ମହାନ୍ତ
(ଭରଦ୍ୱାଜ)

ଭକ୍ତ କବି, ସାଧକ ଓ ଧର୍ମ ପ୍ରଚାରକ ଭାବେ ମହାପୁରୁଷ ଆର୍ତ୍ତ (ତ୍ରାଣ) ଦାସ ଓଡ଼ିଶାରେ ଅପରିଚିତ ନୁହନ୍ତି । ମାତ୍ର ଉପଯୁକ୍ତ ଅନୁଶୀଳନ ଅଭାବରୁ ତାହାଙ୍କ ଜୀବନ ଚରିତ ଓ ବହୁ ରଚନା ଏ ପର୍ଯ୍ୟନ୍ତ ଅଜ୍ଞାତ ରହିଅଛି । ତାହାଙ୍କ ରଚିତ ମାତ୍ର ୫ । ୬ ଗୋଟି ଭକ୍ତି ସଂଗୀତ ପ୍ରକାଶିତ ହୋଇଥିଲେ ହେଁ ଅନ୍ୟାନ୍ୟ ରଚନାବଳୀ ଏ ଯାବତ୍ ଲୋକ ଲୋଚନକୁ ଆସି ପାରି ନାହିଁ । ତଥାପି ଏହି ସଂପ୍ରଦାୟର ବହୁ ଶିଷ୍ୟ ଓ ଭଜନ ପ୍ରେମୀ ଏବେ ମଧ୍ୟ ତାହାଙ୍କ ରଚିତ ଗୀତିକା ସମୂହ ଶ୍ରଦ୍ଧାର ସହିତ ଗାନ କରୁ ଅଛନ୍ତି ।

ପୁରୀ ଜିଲ୍ଲା-ନିମାପଡ଼ା ଥାନାର ପଡ଼ାଗୁଆଡିରା ନାମକ ଏକ ଗ୍ରାମରେ ଅଷ୍ଟାଦଶ ଶତକର ଶେଷ ପାଦରେ ସେ ଭୂମିଷ୍ଠ ହୋଇଥିଲେ । ଏହି ଗ୍ରାମର ଉପାନ୍ତବର୍ତ୍ତୀ ଏକ ଡିହ ଏ ପର୍ଯ୍ୟନ୍ତ ପରଂପରାକ୍ରମେ ଆର୍ତ୍ତଦାସଙ୍କ ଡିହ ନାମରେ ଚିହ୍ନିତ ହୋଇ ଆସିଛି । କୃଷି କର୍ମହିଁ ତାଙ୍କ ଜୀବିକାର୍ଜ୍ଜନର ଏକ ମାତ୍ର ଉପାୟ ଥିଲା । କୈଶୋରାବସ୍ଥାରୁ ତାଙ୍କଠାରେ ଅଲୌକିକ ଶକ୍ତିର ବିକାଶ ହୋଇଥିଲା । ବିଲରେ ହଳ ବୁଲାଇବା ବେଳେ ବା ପାଣି ବୁହାଇବା ବେଳେ ମେଘ ତାଙ୍କ ଉପରେ ଛାଇ ଡ଼ାକି ଦେଉଥିଲା । ତାହାଙ୍କ ପ୍ରତି ଏପରି ଦୈବାନୁଗ୍ରହ ଦେଖି ସମସ୍ତେ ବିସ୍ମିତ ହେଉଥିଲେ ଓ ଲୋକେ ତାଙ୍କୁ କାମରେ ଲଗାଇବାକୁ ସଂକୁଚିତ ବା ଅନିଚ୍ଛୁକ ହେଉଥିଲେ । ଫଳରେ ଏହି ଦୈବାନୁଗ୍ରହହିଁ ତାହାଙ୍କ ଜୀବିକାର୍ଜ୍ଜନର ପ୍ରଧାନ ଅନ୍ତରାୟ ହୋଇଥିଲା ।

ପରେ ଆର୍ତ୍ତଦାସ ଗୃହ ସଂସାର ତ୍ୟାଗ କରି ଆପଣାକୁ ଭଗବତ୍ ଚର୍ଚ୍ଚା ଓ ଆଧ୍ୟାତ୍ମିକ ସାଧନାରେ ନିୟୋଜିତ କଲେ । ଆନୁମାନିକ ୩୫ ବର୍ଷ ବୟସରେ ସେ ସନ୍ନ୍ୟାସୀ ହୋଇ ଯିବା ପରେ ବିସରପୁର ନାମକ ଗ୍ରାମରେ ଏକ ଗାଦି ବା ମଠ ସ୍ଥାପନ କରି ସେଠାରେ ଅବସ୍ଥାନ କରିଥିଲେ । କ୍ରମେ ଦାମଦେଇପୁର, ଅଣ୍ଡରା, ବିଜିପୁର, କୋଟରାଦ୍ୟ ପ୍ରଭୃତି ସ୍ଥାନରେ ତାହାଙ୍କ ଦ୍ୱାରା ଗାଦିସମୂହ ସ୍ଥାପିତ ହୋଇଥିଲା । ଲୋକମାନଙ୍କୁ ସେ ଧର୍ମୋପଦେଶ ପ୍ରଦାନ କରିବା ସଂଗେ ସଂଗେ ଆପଣାର ଅଲୌକିକ ଶକ୍ତି ବଳରେ ସେମାନଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିପାରୁଥିଲେ ।

ତାହାଙ୍କ ଧର୍ମୋପଦେଶ ଓ ଭଜନ ଶୁଣିବା ଲାଗି ଜନସାଧାରଣଙ୍କ ମଧ୍ୟରେ ଅପୂର୍ବ ଆଗ୍ରହ ଖେଳି ଯାଇଥିଲା । କୌଣସି ଗ୍ରାମର ଅଧିବାସୀ ତାଂକୁ ନିମନ୍ତ୍ରଣ କଲେ ସେଇ ଗ୍ରାମରେ ଗାଦି ସ୍ଥାପିତ ହେଲେ ସେ ସେଠାକୁ ଯିବାକୁ ସମ୍ମତ ହେଉଥିଲେ । ଶୁଣା ଯାଏ ଏହିପରି ଭାବେ ଆର୍ତ୍ତଦାସ ୭୫୨ଟି ଗାଦି ପ୍ରତିଷ୍ଠା କରି ଯାଇ ଅଛନ୍ତି । ଏହି ସଂଖ୍ୟା ଅତିରଂଜିତ ହୋଇପାରେ । ମାତ୍ର ଗାଦି ପ୍ରତିଷ୍ଠା ପୂର୍ବକ ଜନସାଧାରଣଙ୍କୁ ଧର୍ମାନୁରାଗୀ କରିବା ହିଁ ଏହି ସନ୍ଥ କବିଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ତାହାଙ୍କ ଗାଦିଗୁଡ଼ିକ ମୁଖ୍ୟତଃ ପୁରୀ ଓ କଟକ ଜିଲ୍ଲାରେ ଦେଖାଯାଏ । ମାଟିରେ ପ୍ରସ୍ତୁତ ଏହି ଗାଦିଗୁଡ଼ିକ 'ଆର୍ତ୍ତତ୍ରାଣ ଗାଦି' ନାମରେ ପରିଚିତ । ଏ ଗୁଡ଼ିକୁ ଜନ ସାଧାରଣ ନବବସ୍ତ୍ର ଓ ପୁଷ୍ପରେ ସୁସଜ୍ଜିତ କରି ଦେବତା ରୂପେ ପୂଜା କରିଥାନ୍ତି । ସମ୍ଭବତଃ ଗାଦିକୁ ବ୍ରହ୍ମ ବା ଭଗବାନଙ୍କ ପ୍ରତୀକ ରୂପେ ପୂଜା କରା ଯାଉଥିବାରୁ "ଗାଦିବ୍ରହ୍ମ" ଶବ୍ଦଟି ଆର୍ତ୍ତଦାସଙ୍କ ଦ୍ୱାରା ଓଡ଼ିଶାରେ ସୁପ୍ରଚଳିତ ହୋଇଅଛି । ପଞ୍ଚଭୂତ ମଧ୍ୟରୁ ଧରଣୀ ବା ମୃତ୍ତିକାର ମହତ୍ତ୍ୱକୁ କବି ଗୋଟିଏ ଭଜନରେ ଏହିପରି ଭାବେ ବର୍ଣ୍ଣନା କରିଛନ୍ତି—

"ମାଟି ଶସ୍ୟ ଦାତା ପିଣ୍ଡ କରତା
ମାଟି ହେବାଇ ନାନା ରଂଗେ କଥା ।

ମାଟି ଲାଗି ବଡ଼ ଲୋକ ବୋଲନ୍ତି
କିମ୍ବା ଦେବତା ପରଜା ପାଳନ୍ତି

ମାଟିକୁ ଆଗେ ଦଣ୍ଡବତ କର
ଗୁରୁ ଚରଣ ମାଟି ଅଙ୍ଗେ ବୋଳ ।"

❊ ❊ ❊ ❊

ଜଣେ ଆରତ କଥା ମାତ୍ର ଥିବ
ମାଟି ଶରୀର ମାଟିରେ ମିଶିବ ।"

ଏକଦା ସ୍ୱପ୍ନାଦିଷ୍ଟ ହେବାରୁ ଆର୍ତ୍ତଦାସ ଡେରଙ୍ଗ ନିକଟବର୍ତ୍ତୀ ବେନ୍ନୁପଡ଼ା ଗ୍ରାମକୁ ଯାତ୍ରା କଲେ । ସେତେବେଳେ ବେନ୍ନୁପଡ଼ାରେ ମହାପୁରୁଷ ବାଇ (ବାଇଧର) ଦାସ ଏକ ମଠ ପ୍ରତିଷ୍ଠା କରିଥାନ୍ତି । ବାଇଦାସ ଏହି ନବାଗତ ସାଧକଙ୍କୁ ଆପଣାର ସୁଯୋଗ୍ୟ ଉତ୍ତରାଧିକାରୀ ଭାବେ ଗ୍ରହଣ କରିଥିଲେ । ବାଇ ଦାସ ମଧ୍ୟ ଜଣେ ସୁକବି ଓ ଅଲୌକିକ ଶକ୍ତିସଂପନ୍ନ ସାଧକ । ତାହାଙ୍କ ସମସ୍ତ ଶକ୍ତି ଯେପରି ଆର୍ତ୍ତଦାସଙ୍କ ମଧ୍ୟରେ ଅପୂର୍ବ ଭାବେ ସଂକ୍ରମିତ ହୋଇ ଯାଇଥିଲା । ଗୋଟିଏ ଭକ୍ତି ଗୀତରୁ ଏହି ସଂପର୍କର ସୂଚନା ମିଳି ଥାଏ ।

"ବାଇ ହେଲେ ଆର୍ତ୍ତରୂପ—ଆର୍ତ୍ତ ହେଲେ ବାଇ ସ୍ୱରୂପ ।
ପଦ ଯୋଡ଼ି କରି ଗାଇଲେ ଗୀତ—ଶୁଣିବା ଲୋକର ଆନନ୍ଦ ଚିତ୍ତ ।

ଆର୍ତ୍ତ ଦାସ ଥିଲେ ବଚନସିଦ୍ଧ । ଯାହାକୁ ଯାହା କହୁଥିଲେ ତାହାହିଁ ଘଟୁଥିଲା । ଏହି ସଂପର୍କରେ ମଧ୍ୟ ବହୁ ଅଲୌକିକ କିମ୍ବଦନ୍ତୀ ଶୁଣାଯାଏ । ଗୃହ ତ୍ୟାଗ କରି ସନ୍ନ୍ୟାସୀ ହୋଇ ଗଲା ବେଳେ ତାଙ୍କର ବିଧବା ମାତା କିପରି ଚଳିବେ ବୋଲି ତାଙ୍କୁ ପଚାରିବାରୁ ସେ ଘରେ ଥିବା ଗୋଟିଏ ଓଳିଆରୁ ପ୍ରତ୍ୟହ ଧାନ ଗାଳି ନେଇ ଚଳିବାକୁ କହିଥିଲେ । ମାତ୍ର ଓଳିଆଟିକୁ ନ ଫିଟାଇବାକୁ କହିଥିଲେହେଁ ମାଆ କେତେ ମାସ ପରେ ଓଳିଆଟିକୁ ଲୋଭ ବଶତଃ ଦିନେ ଫିଟାଇ ଦେବାରୁ ସେଥିରୁ ଆଉ ଧାନ ବାହାରି ନ ଥିଲା । ପରେ ମାଆଙ୍କୁ ସେ ଏଥିପାଇଁ ଯାହା କହିଥିଲେ ତାହା ମଧ୍ୟ ମାଆଙ୍କ ଜୀବନରେ ଘଟିଥିଲା । ଆର୍ତ୍ତଦାସ ବିବାହ କରିବାର ଚତୁର୍ଥ ଦିବସରେ ଗୃହତ୍ୟାଗ କରିଥିବା ମଧ୍ୟ ଶୁଣାଯାଏ ।

ବିଗତ ଶତାବ୍ଦିର ମଧ୍ୟଭାଗରେ ସେ ବେନ୍ନୁପଡ଼ା ମଠର ମଠାଧୀଶ ଭାବରେ ଅଧିଷ୍ଠିତ ହୋଇଥିଲେ । ଏହାପରେ ବିଧାନଅନୁଯାୟୀ ତାଙ୍କୁ ଏହି ମଠର ପରିସର ମଧ୍ୟରେ ହିଁ ରହିବାକୁ ପଡୁଥିଲା । ତାଙ୍କର ଅଲୌକିକ ମହିମା ଯୋଗୁଁ ବହୁ ଲୋକ ଉପକୃତ ହେବା ସଂଗେ ସଂଗେ ଏହି ମଠ ତଥା ଆର୍ତ୍ତଦାସଙ୍କ ଖ୍ୟାତି ଚତୁର୍ଦ୍ଦିଗରେ ବିସ୍ତାରିତ ହୋଇ ଯାଇଥିଲା । ବସ୍ତୁତଃ ଆର୍ତ୍ତଦାସ ହେଉଛନ୍ତି ଏହି ମଠର ତୃତୀୟ ମଠାଧୀଶ । ତାହାଙ୍କ ଗୁରୁ ପରଂପରା ସଂପର୍କରେ କୁହାଯାଏ —

"ପଶ୍ଚିମୁ ଅଇଲେ ବାଇ ଦାସେ
ଗାଦିରେ ବସିଲେ କୃଷ୍ଣ ଦାସେ
ଆର୍ତ୍ତଦାସଙ୍କୁ ଟୋପି ବାଡ଼ି ଦେଇ
ନାମ ବିଖ୍ୟାତିଲେ ଦେଶେ ଦେଶେ ।"

ଦୀର୍ଘ ୨୦ ବର୍ଷ ସେ ଏହି ମଠର ଅଧିକାରୀ ଭାବେ ଅବସ୍ଥାନ କରିଥିଲେ । ତାହାଙ୍କ ଦ୍ୱାରା ମଠର ବହୁ ଉନ୍ନତି ସାଧିତ ହୋଇଥିଲା । ଥରେ ଆର୍ତ୍ତଦାସ ଟୋପି, ବାଡ଼ି ପ୍ରଭୃତି ଧରି ବଂଶୀ ବଜାଇ ଚଳି ଚଳି ଯାଉଥିଲେ । ଏହି ସମୟରେ ସେହି ବାଟରେ ଘୋଡ଼ାରେ ବସି ଯାଉଥିଲେ ଗୋରା ସେଟଲ୍‌ମେଣ୍ଟ ଅଫିସର । ଘୋଡ଼ାଟି ସେହି ବଂଶୀ ଧ୍ୱନି ଶୁଣି ଅଥବା ଆର୍ତ୍ତଦାସଙ୍କ ଅଲୌକିକ ପ୍ରଭାବ ଯୋଗୁଁ ଅସ୍ଥିର ଓ ଚଞ୍ଚଳ ହୋଇ ପଡ଼ିଲା । ତାହାକୁ ନିୟନ୍ତ୍ରିତ କରିବାରେ ଅଫିସରଙ୍କ ସମସ୍ତ ପ୍ରକାର ଉଦ୍ୟମ ବ୍ୟର୍ଥ ହେଲା । ଅଫିସର ଏଥିରେ ଅପମାନିତ ବୋଧକରି ଅଦ୍ଭୁତ ବେଶଧାରୀ ଏହି ସନ୍ନ୍ୟାସୀଙ୍କୁ ଚାବୁକରେ ଆଘାତ କରିବାକୁ ଉଦ୍ୟତ ହେଲେ ।

ମାତ୍ର ଲୋକେ ଅଫିସରଙ୍କୁ ଏଥିରୁ ନିବୃତ୍ତ କରାଇ ଥିଲେ । ହେଲେହେଁ ଅଫିସରଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିଥିଲା । ପୁରୀ ବାସଭବନରେ ଉପସ୍ଥିତ ହୋଇ ସେ ଦେଖିଲେ ତାହାଙ୍କ ଗୃହରେ ସମସ୍ତେ ହଠାତ୍ ଅଳ୍ପ ସମୟ ମଧ୍ୟରେ ଅଦ୍ଭୁତ ଭାବେ ରୋଗାକ୍ରାନ୍ତ ହୋଇ ପଡ଼ିଛନ୍ତି । ସାହେବଙ୍କର ହୃଦ୍‌ବୋଧ ହେଲା, ଏହା ବେନ୍ନୁପଡ଼ା ବାବାଜିଙ୍କୁ ଅପମାନିତ ଓ ଦଣ୍ଡିତ କରିବାକୁ ଅଭିଳାଷୀ ହେବାରହିଁ ପରିଣାମ । ପରିବାରବର୍ଗଙ୍କୁ ରୋଗମୁକ୍ତ କରିବାକୁ ସାହେବଙ୍କ ସମସ୍ତ ଉଦ୍ୟମ ବ୍ୟର୍ଥ ହେଲା ! ସେ ପୁନଶ୍ଚ ଘୋଡ଼ାରେ ପ୍ରତ୍ୟାବର୍ତ୍ତନ କଲେ ଆର୍ତ୍ତଦାସଙ୍କ ନିକଟକୁ । ତାହାଙ୍କୁ ଆପଣା କୃତ କର୍ମ ପାଇଁ କ୍ଷମା ପ୍ରାର୍ଥନା କଲେ । ଆର୍ତ୍ତ ଦାସ କହିଲେ—ଯା....ଯା....ତୋ ଘରେ ସମସ୍ତେ ଭଲ ହୋଇ ଗଲେଣି । ସାହେବ ଘରକୁ ଫେରି ଆସି ତାହାହିଁ ଦେଖିଲେ । ତତ୍କାଳୀନ ଏହି ଗୋରା ସେଟଲ୍‌ମେଣ୍ଟ ଅଫିସରହିଁ ମଠ ନାମରେ ପ୍ରାୟ ୮୦ ଏକର ଜମି ନିଷ୍କର ଭାବରେ ସରକାରୀ କାଗଜ ପତ୍ରରେ ଲେଖି ଦେଇ ଯାଇଥିଲେ । ସେତିକି ମାତ୍ର ସଂପତ୍ତି ବର୍ତ୍ତମାନ ମଠର ଅଧିକାରରେ ଅଛି ।

ଆର୍ତ୍ତଦାସଙ୍କ ଦେହ ତ୍ୟାଗ ସଂପର୍କରେ ଏକ କିମ୍ବଦନ୍ତି ଶୁଣାଯାଏ । ବେନୁପଡ଼ା ମଠରେ ସଜ୍ଞାନରେ ନାମ ଜପ କରୁ କରୁହିଁ ସେ ଦେହତ୍ୟାଗ କରିଥିଲେ । ସେ ଦିନଟି ଥିଲା ବାହୁଡ଼ା ଏକାଦଶୀ । ଜଗନ୍ନାଥ ଗୁଣ୍ଡିଚ୍ଚା ଘରେ ଆଡ଼ପ ମଣ୍ଡପରେ ଥାଆନ୍ତି । ବେନୁପଡ଼ାର ସୁଦାମ ନାମକ ଜନୈକ ବ୍ୟକ୍ତି ଠାକୁରଙ୍କୁ ଦର୍ଶନ ସାରି ବେନୁପଡ଼ା ଫେରୁଥିଲେ ବାଟରେ ଅଠର ନଳା ପାଖରେ ସେ ଆର୍ତ୍ତଦାସଙ୍କୁ ପୁରୀ ଆଡ଼େ ଯାଉଥିବା ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ 'ମହାପ୍ରଭୁ, ଆପଣ କିପରି ମଠ ଛାଡ଼ି ଆସିଲେ ।'

'ଆର୍ତ୍ତଦାସ' କହିଲେ—"ଆରେ ଠାକୁରଙ୍କୁ ଟିକିଏ ଆଡ଼ପ ମଣ୍ଡପରେ ଦେଖିବାକୁ ଇଚ୍ଛାହେଲା, ଚାଲି ଆସିଲି । ମଠରେ ମାଧବ ଦାସଙ୍କୁ କହି ଆସିନି । ତାଙ୍କୁ ଏଇ ସନ୍ତକ ଦେବୁ—କହିବୁ, 'ଗାଦିରେ ବସି ମଠ କଥା ବୁଝା ବୁଝି କରିବେ ।"

ସୁଦାମ ବେନୁପଡ଼ାରେ ପହଞ୍ଚି ଶୁଣିବାକୁ ପାଇଲେ ଆର୍ତ୍ତଦାସେ ଦେହ ରକ୍ଷା କରି ସାରିଛନ୍ତି । ମାଧବ ଦାସଙ୍କୁ ସନ୍ତକ ଦେବାରୁ ସେ ଆର୍ତ୍ତଦାସଙ୍କ ପରେ ମଠାଧୀଶ ହୋଇଥିଲେ । ଟୋପି ଓ ବାଡ଼ି ହେଉଛି ଏ ମଠ ମହନ୍ତଙ୍କ ସନ୍ତକ । ଟୋପି ଗୁଡ଼ିକ ସମଦ୍ୱିବାହୁ ତ୍ରିଭୂଜାକାର । ମଠଟି ଚାରଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ ହେଁ ଏହା ଆର୍ତ୍ତଦାସଙ୍କ ଗାଦି ନାମରେ ଏବେ ବି ପରିଚିତ । ଏହି ମଠରେ ଯେଉଁ ପଞ୍ଚ ମହାପୁରୁଷଙ୍କ ସମାଧି ବା ଗାଦି ସବୁ ପୂଜିତ ହେଉଅଛି ସେମାନେ ଯଥାକ୍ରମେ ହେଉଛନ୍ତି ଚାରଧର ଦାସ, ଦୀନକୃଷ୍ଣ ଦାସ, ଆର୍ତ୍ତତ୍ରାଣ ଦାସ, ମାଧବଦାସ, ନୀଳାଦ୍ରିଦାସ । ଏମାନେ ବ୍ରହ୍ମ ସଂପ୍ରଦାୟ, ଅଚ୍ୟୁତ ଗୋତ୍ରୀ ଓ ଅନନ୍ତ ଶାଖା ଅନ୍ତର୍ଭୁକ୍ତ ବୋଲି ପ୍ରକାଶ କରିଥାନ୍ତି । ଏହି ମହାପୁରୁଷମାନେ ପ୍ରତ୍ୟେକେ ସୁନ୍ଦର ଭକ୍ତି କବିତା ରଚନା କରି ଯାଇ ଅଛନ୍ତି ।

ଏହି ମଠର ଗାଦି ଓ ଆର୍ତ୍ତ ଦାସ ପ୍ରଭୃତିଙ୍କ ରଚନାବଳୀରେ ଅଣାକାର, ଅଲେଖ ପ୍ରଭୃତି ଶବ୍ଦର ବ୍ୟବହାର ଦେଖି ପଦ୍ମଶ୍ରୀ ପଣ୍ଡିତ ସତ୍ୟନାରାୟଣ ରାଜଗୁରୁ ଏହି ଧର୍ମ ମତବାଦ ବୌଦ୍ଧ ଧର୍ମ ପ୍ରଭାବିତ ବୋଲି ଏକଦା ମତ ବ୍ୟକ୍ତ କରିଥିଲେ (୧) । ମାତ୍ର ଏମାନଙ୍କର ଧର୍ମାଚରଣ ରୀତି ଅନୁଧ୍ୟାନ କଲେ ଅଥବା ଏହି ଭକ୍ତ କବି ମାନଙ୍କ ରଚନାବଳୀ ପାଠ କଲେ ଏହା ବିଶ୍ୱାସଯୋଗ୍ୟ ମନେ ହୁଏ ନାହିଁ । ଏହି ସଂପ୍ରଦାୟ ସଂପୂର୍ଣ୍ଣ ଉତ୍କଳୀୟ ବୈଷ୍ଣବ ପରଂପରା ଉପରେ ପ୍ରତିଷ୍ଠିତ ।

ଆଧ୍ୟାତ୍ମବାଦୀ ଭକ୍ତକବି ତଥା ସନ୍ନ୍ୟାସୀ ହେଲେହେଁ ଆର୍ତ୍ତଦାସଙ୍କର ଉତ୍କଳୀୟ ଭାବରେ ପ୍ରଚୁର ସ୍ୱାଭିମାନ ଥିଲା । ତାହା ତାଙ୍କ ରଚନାବଳୀରୁ ସ୍ପଷ୍ଟରୂପେ ଜଣାଯାଏ । ଓଡ଼ିଶାର ପ୍ରାଚୀନ ଓ ମଧ୍ୟକାଳୀନ ଭକ୍ତକବିମାନଙ୍କଠାରୁ ଏହି ଦୃଷ୍ଟିରୁ ଆର୍ତ୍ତଦାସଙ୍କ ଭକ୍ତିକବିତାର ସ୍ୱାତନ୍ତ୍ର୍ୟ ଉଲ୍ଲେଖଯୋଗ୍ୟ । ବହୁ କବିତାରେ କବି ନିଜକୁ "ଓଡ଼ିଆ କୁମର" ଭାବେ ଅଭିହିତ କରିଯାଇଛନ୍ତି । ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା, ନୀତିହୀନ ବିଶୃଙ୍ଖଳ ଜୀବନଯାପନ ସମାଜ ସଚେତନ ଏହି ଭକ୍ତକବିଙ୍କ ମନରେ ଗଭୀର ଦୁଃଖ ଜାତ କରିଥିଲା । ତାହାଙ୍କ ରଚିତ 'ମାଳିକା' ଓ ଭଜନମାନଙ୍କରୁ ତାହାର ପରିଚୟ ମିଳିଥାଏ ।

"କହ କଳିଯୁଗ ରୀତି କଳହ ତାମସା
କଳିଗୋଳ ହେବ ଦକ୍ଷିଣ ଦିଗରେ
ମୋର ଭାଙ୍ଗିବ ଓଡ଼ିଶା ।୧।
ଖୁରା ଟାପୁ ଘାତେ କମ୍ପମାନ ହେବ ମହୀ
ଖୋରଧା ନଗରେ କଳିଯୁଗରେ ଲୋ ବଉଳ
ମୋର ନ ରହିବେ କେହି" ।୨।

ଓଡ଼ିଶା ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହେବା ପରବର୍ତ୍ତୀକାଳୀନ ବିଶୃଙ୍ଖଳା ସାମାଜିକ ଜୀବନର ଚିତ୍ର ତାହାଙ୍କ ବହୁ କବିତାରେ ସୁସ୍ପଷ୍ଟ । ଯବନ ଶାସନ କାଳରେ ତଥା ଇଂରାଜୀ ରାଜତ୍ୱ କାଳରେ ଓଡ଼ିଶାର ଜନସାଧାରଣଙ୍କ ଧର୍ମାନ୍ତର ଗ୍ରହଣ ତଥା ଧର୍ମହୀନ ଜୀବନଯାପନ କବିଙ୍କ ମନରେ ଗଭୀର ବେଦନା ଜାତ କରିଥିଲା । ଆଧ୍ୟାତ୍ମବାଦୀ ସାଧକ ହେଲେହେଁ କବି ଏଥିରେ ବିଚଳିତ ହୋଇଛନ୍ତି । ଓଡ଼ିଶାରେ କ୍ଷାତ୍ର ଧର୍ମର ଅଧୋଗତି ମଧ୍ୟ କବିଙ୍କ ମନରେ କମ୍ ନୈରାଶ୍ୟ ଜନ୍ମାଇ ନାହିଁ । ଏଣୁ କବି ଗୋଟିଏ ଭଜନରେ ଓଡ଼ିଶାର ଏହି ଦୁର୍ଗତି ଦୂର କରିବା ଲାଗି ଜଗନ୍ନାଥଙ୍କୁ କରୁଣ ନିବେଦନ ଜଣାଉଛନ୍ତି ।

"ମହାକ୍ଷେତ୍ରୀ ନାଶ କଲ ମେଚ୍ଛ (ମ୍ଳେଚ୍ଛ) କରଇକି
ନାଶ ଗଲେ ହିନ୍ଦୁ ଲୋକ ଦରହସିବା ପାଇଁକି
ଓଡ଼ିଶା ଜନଙ୍କୁ ତୁମ୍ଭ ହୃଦେ ଦୟା ନାହିଁକି
ପରମ ପୁରୁଷ ଦେବ ନ ଶୁଣୁଛ କାହିଁକି
ଦନୁଜ ଜନଙ୍କୁ ମାର ଚକ୍ର କରେ ଧରିକି
ଭଣିଲେ ଆରତ ମୋର ଭୟ ଦୂର ନୋହିକି ।"

---

(୧) ଉତ୍କଳରେ ବୌଦ୍ଧ ଧର୍ମର ପ୍ରଭାବ—ଝଙ୍କାର ସାହିତ୍ୟ ୧୯୩୮-୩୯, ୨ୟ ସଂଖ୍ୟା

ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଶାର ଭକ୍ତକବିଙ୍କର ରଚନାରେ ଏତାଦୃଶ ଜାତୀୟଚେତନା ଯେ ବିରଳ ଏହା କହିବା ଅନାବଶ୍ୟକ । ଆର୍ତ୍ତଦାସଙ୍କ ରଚିତ ଭଜନ, ମାଳିକା, ଚଉତିଶା ପ୍ରଭୃତିର ପରିମାଣ ସ୍ୱଳ୍ପ ନୁହେଁ । ଭକ୍ତି କବିତା ପ୍ରଣେତା ବା ଭକ୍ତକବି ଭାବେ ତାହାଙ୍କ ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ । ବେନୁପଡ଼ା ମଠ ଓ ବିଭିନ୍ନ ଗାଦିରେ ତାହାଙ୍କ ଭଜନ ସବୁ ସଂରକ୍ଷିତ ହୋଇ ରହିଅଛି । ତନ୍ମଧ୍ୟରୁ ମାତ୍ର ଅଳ୍ପ କେତେଗୋଟି ଭଜନ ଭଜନ-ସଂଗ୍ରହମାନଙ୍କରେ ପ୍ରକାଶ ପାଇଥିଲେହେଁ ବହୁସଂଖ୍ୟକ ରଚନା ଏପର୍ଯ୍ୟନ୍ତ ସଂଗୃହୀତ ବା ମୁଦ୍ରିତ ହୋଇନାହିଁ । ସୌଭାଗ୍ୟବଶତଃ ଆର୍ତ୍ତଦାସଙ୍କ ଶତାଧିକ ଭଜନ ସମ୍ବଳିତ ଏକ ପୋଥୀ ତାହାଙ୍କ ଜନ୍ମସ୍ଥାନ ଗଡ଼ା ଗୁଆଡିରା ଗ୍ରାମରୁ ମିଳିଅଛି ।

ତାହାଙ୍କ ଭକ୍ତି କବିତାଗୁଡ଼ିକ ପାଠକଲେ ଏଯୁଗର ପାଠକ ମନରେ ମଧ୍ୟ ବିସ୍ମୟ ଓ ଆନନ୍ଦ ଜାତ ହୋଇଥାଏ । ନାମ, ଖ୍ୟାତି, ପ୍ରତିଷ୍ଠା ବା ଅର୍ଥୋପାର୍ଜନ ଲାଗି ଏହି ଭକ୍ତକବି ଯେ କବିତା ରଚନା କରିନଥିଲେ ଏହା କହିବା ଅନାବଶ୍ୟକ । ସେ ଶାସ୍ତ୍ରାଧ୍ୟୟନ ମଧ୍ୟ କରିନଥିଲେ । ଓଡ଼ିଶାର ଲୋକ-ପ୍ରଚଳିତ ଭକ୍ତି କବିତା ଶୁଣିବାର ସୁଯୋଗ ହୁଏତ ତାଙ୍କୁ ମିଳିଥିବ । ମାତ୍ର ଅନ୍ତରର ସୁଗଭୀର ଅନୁଭୂତି ଥିଲା ତାଙ୍କର ପରମ ସମ୍ବଳ । ତାହାହିଁ ସେ ଆପଣାର କବିତାରେ ପ୍ରକାଶ କରି-ଯାଇଅଛନ୍ତି । ଏଗୁଡ଼ିକ ଯେପରି ତାହାଙ୍କ ପ୍ରାଣର ଉଚ୍ଚାରଣ । କୌଣସି କାବ୍ୟିକ କାରୁକାର୍ଯ୍ୟ, ଭାଷା ଓ ଅଳଙ୍କାର ଯୋଜନାର ଚତୁରୀ ତାଙ୍କୁ ଜଣା ନଥିଲା । ତଥାପି ତାଙ୍କ କବିତା ପ୍ରାଣସ୍ପର୍ଶରେ ଜୀବନ୍ତ । ମଧୁସୂଦନଙ୍କ ଭାଷାରେ କହିଲେ “ଅମଣ୍ଡନା ଦୀନବପ୍ତେ ମନୋଜ୍ଞ ମଣ୍ଡନା” । ସାଧକୋଚିତ ଅଲୌକିକ ଦିବ୍ୟାନୁଭୂତିର ବର୍ଣ୍ଣନା ବ୍ୟତୀତ ଜାତୀୟତା ଓ ଅପୂର୍ବ କଳ୍ପନାର ପରିଚୟ ମଧ୍ୟ ତାହାଙ୍କ କବିତାଗୁଡ଼ିକରୁ ଉପଲବ୍ଧ ହୁଏ । ପୃଥିବୀର ସବୁଧର୍ମ ପ୍ରବର୍ତ୍ତକ, ସନ୍ଥକବିଙ୍କ ଭଳି ସରଳ ଲୋକ ପ୍ରଚଳିତ ଭାଷାହିଁ ଥିଲା ତାଙ୍କର ଭାବ ଅଭିବ୍ୟକ୍ତିର ଏକମାତ୍ର ମାଧ୍ୟମ । ଆର୍ତ୍ତଦାସଙ୍କ କବିତା ଏ ଦେଶର ମାଟିର ବାଣୀ; କୃଷକ ଭକ୍ତର ଏକ ଅକପଟ ସ୍ୱୀକାରୋକ୍ତି । ଶିଶିରବିନ୍ଦୁ ଭଳି ତାହା ସ୍ୱଚ୍ଛ ଓ ଢଳ ଢଳ ।

କବି ଉତ୍କଳୀୟ ବୈଷ୍ଣବ ଥିବା ବିଷୟ ପୂର୍ବରୁ କଥିତ । ଉତ୍କଳୀୟ ବୈଷ୍ଣବମତରେ ତାନ୍ତ୍ରିକ ପ୍ରଭାବ ସୁବିଦିତ । ଫଳତଃ କବି ଦେବୀଙ୍କ ଉଦ୍ଦେଶ୍ୟରେ ବନ୍ଦନା ଲେଖିଥିବା ବିଚିତ୍ର ମନେହୁଏ ନାହିଁ । ଦେବୀ ବନ୍ଦନାମୂଳକ ନିମ୍ନୋକ୍ତ ଗୀତିକାଟି ତାହାର ପ୍ରକୃଷ୍ଟ ନିଦର୍ଶନ ।

‘କୃପାମୟୀ
ବାରେ କରକୃପା କିଞ୍ଚିତେ ଅନାଇଗୋ ।୦ ।

✻ ✻ ✻

ଜଗତ ବଲ୍ଲଭୀ ତୁହି ସର୍ବଜୀବେ ଦୟାବହି
କର କୃପା ମୋଠାରେ କିଞ୍ଚିତ ।

✻ ✻ ✻

ଆରତ କରେ ଗାୟନ ବିଦ୍ୟାଧରୀ କରତ୍ରାଣ
ପଶୁଅଛି ତୋ ପାଦେ ଶରଣ ।’

ରାଧାକୃଷ୍ଣ ଲୀଳାକୁ ଉପଜୀବ୍ୟ କରି କବି ବହୁ ସଙ୍ଗୀତ ରଚନା କରିଥିବା ସ୍ୱାଭାବିକ୍ । ତାହାଙ୍କ ରଚିତ ରାଧାକୃଷ୍ଣ ଲୀଳାତ୍ମକ ଗୀତମାନଙ୍କରେ କବି ହୃଦୟର ମନୋଜ୍ଞ କଳ୍ପନା, ଭକ୍ତର ଗୋପୀଭାବ ତନ୍ମୟତା ସୁପରିସ୍ଫୁଟ । ନିମ୍ନୋକ୍ତ ଗୀତରୁ ତାହା ଅନୁମେୟ । ସୁଦୂର ବୃନ୍ଦାବନର ବଂଶୀବଟ ନିକଟରୁ ଗୋପୀମାନେ ପୁରୀର କଳ୍ପବଟ ନିକଟକୁ ଆସୁଛନ୍ତି—ଆସୁଛନ୍ତି ବର୍ଷାକାଳରେ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାଲାଗି । ପୁରୀରେ ପହଞ୍ଚି ଏଠିକାର ସବୁ ବିଷୟ ତାଙ୍କୁ ବିଚିତ୍ର ମନେ ହେଉଛି— ଏ କ୍ଷେତ୍ରରେ ତାଙ୍କର ସ୍ୱାମୀ ଶ୍ରୀକୃଷ୍ଣଙ୍କୁ ଲୋକେ କାହିଁକି ‘ଜଗନ୍ନାଥ’ ବୋଲି ଡାକୁଛନ୍ତି ତାହାର ହେତୁ ମଧ୍ୟ ସେମାନେ ବୁଝି ପାରୁନାହାନ୍ତି । ତା’ଛଡ଼ା ଏ କ୍ଷେତ୍ରରେ ବାହ୍ମଣ ଚଣ୍ଡାଳ ଭେଦ ନାହିଁ । ତାଙ୍କର ସ୍ୱାମୀ ବୃନ୍ଦାବନର ଖାଦ୍ୟ ଛାଡ଼ି କିପରିବା ଅଭଡ଼ା ଡ଼ାଲି ପ୍ରଭୃତି ସନ୍ତୋଷରେ ଖାଉଛନ୍ତି ? ବୃନ୍ଦାବନର ଗୋପିକାମାନଙ୍କ ସଂପର୍କରେ ଏତାଦୃଶ ପରିକଳ୍ପନା ଯେ ଓଡ଼ିଆ ବୈଷ୍ଣବ ଗୀତିକବିତା କ୍ଷେତ୍ରରେ ଅପୂର୍ବ ଓ ଅଭିନବ ଏହା କହିବା ବାହୁଲ୍ୟ ମାତ୍ର । ଶ୍ରୀକ୍ଷେତ୍ରରେ ଉପସ୍ଥିତ ହୋଇଥିବା ଗୋପକନ୍ୟାମାନଙ୍କ ଉକ୍ତି ଏହିପରି—

‘ଆହୁରି କଥାଏ ଶୁଣ କହୁଅଛି ବଡ଼ କଉତୁକ ରସ ଗୋ
ଶୁଦ୍ରଠାରୁ ଅନ୍ନ ଛଡ଼ାଇ ବାହ୍ମଣ ଖାଉଛନ୍ତି ଅବଶେଷ ଗୋ । ୩ ।
ଗୋପେ ଥିଲାବେଳେ ଖାଇବା ବିନାତ ପାଉଥିଲେ କେତେ କ୍ଲେଶ ଗୋ
ଦରଫୁଟା ଭାତ ହରଡ଼ ଆସିନ ଏବେ କରୁଛନ୍ତି ଗ୍ରାସ ଗୋ । ୪ ।
ଏକି ବିଡ଼ମ୍ବନ କଥାଏ ଶୁଣଗୋ କହିଲେ ମାଡ଼ିବ ହସ ଗୋ
କେମନ୍ତ ଲେଖାରେ ସୁଭଦ୍ରା ଭଉଣୀ ତାକୁ ନଛାଡନ୍ତି ପାଶଗୋ । ୫ ।

✻ ✻ ✻ ✻

କଲେ ଅନୁକୂଳ ଗୋପର ଯୁବତୀ ପହୁଡ଼ିଲେ ଝିନ ବାସଗୋ
ଭଣିଲେ ଆରତ ମୋତେ ସଙ୍ଗେ ନିଅ ମୁଁ ପରା ତୁମ୍ଭର ଦାସଗୋ । ୬ ।

କବି ବାତ୍ସଲ୍ୟ ରସାତ୍ମକ ଓ ପ୍ରଭାତ ଅବକାଶ ମୂଳକ କେତେକ ଗୀତ ମଧ୍ୟ ରଚନା କରିଅଛନ୍ତି । ଅନ୍ୟ ଏକ ଭକ୍ତି ଭାବାଶ୍ରିତ ସୁମଧୁର ଗୀତିକାରେ କବି ଜଗନ୍ନାଥଙ୍କ ରୂପରେ କିପରି ଆତ୍ମହରା ହୋଇ ପଡ଼ିଛନ୍ତି ତାହା ବର୍ଣ୍ଣିତ । ସାଧାରଣ ଦୃଷ୍ଟିରେ ଜଗନ୍ନାଥ ବଳଭଦ୍ର ପ୍ରଭୃତିଙ୍କ ପ୍ରତିମାରେ କମନୀୟତା ପରିସ୍ଫୁଟ ନହେଲେ ହେଁ ଭକ୍ତ ଦୃଷ୍ଟିରେ ତାହା ଅତୀବ ଭାବପୂର୍ଣ୍ଣ ଓ ସୌନ୍ଦର୍ଯ୍ୟମୟ । ଏଣୁ ଭକ୍ତକବି ଲେଖିଛନ୍ତି—

'ସୁନ୍ଦର ଦେଉଳେ ହରିହେ ସୁନ୍ଦର ଦେଉଳେ ହରି
ସୁନ୍ଦରୀକି ଘେନି ବିଜେ କରିଛନ୍ତି ମହାପ୍ରଭୁହେ
ଶଙ୍ଖ ଚକ୍ର ଗଦାଧାରୀ ।୦।

ସୁନ୍ଦର ମୋହନ ଚୂଳ ହେ ସୁନ୍ଦର ମୋହନ ଚୂଳ
ଶ୍ରୀ ଜଗନ୍ନାଥଙ୍କୁ ସୁନ୍ଦର ଦିଶଇ, ମହାପ୍ରଭୁହେ
ଧଣ୍ଡା କଉଡ଼ିଆ ମାଳ ।୧।

❊ ❊ ❊ ❊

ସୁନ୍ଦର କଳପବଟହେ ସୁନ୍ଦର କଳପ ବଟ
ଶ୍ରୀ ଜଗନ୍ନାଥଙ୍କୁ ସୁନ୍ଦର ଦିଶଇ, ମହାପ୍ରଭୁହେ
ଲାଗିଛି କୈବଲ୍ୟ ହାଟ ।୩।

ଭଣନ୍ତି ଆରତ ଧୀର ହେ ଦୋଷ କ୍ଷମାକର ମୋର
ଶ୍ରୀ ଜଗନ୍ନାଥଙ୍କ ଚରଣେ ଶରଣ ମହାପ୍ରଭୁ ହେ
ରକ୍ଷା କର ଚକ୍ରଧର ।୪।

କବି ଭଜନୀୟ ବୈଷ୍ଣବ ଥିବାରୁ ହିଁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସର୍ବାଧିକ ତଥା ଅତୀବ ମର୍ମସ୍ପର୍ଶୀ ଓ ସୁଗଭୀର ଭକ୍ତିଭାବ-ଦ୍ୟୋତକ ଭକ୍ତି ଗୀତିକା ରଚନା କରିଅଛନ୍ତି । ତାହାଙ୍କ 'ପତିତ ପାବନ ବାନା ଆଉ କେତେ ବେଳକୁ' (୧), 'ଆହେ ନୀଳାଦ୍ରି ବିହାରୀ', 'ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ', 'ଆହେ ଚକାଆଖି', 'ହରି ବଡ଼ଙ୍କ ସୁନ୍ଦର, ଶ୍ରୀ ନୀଳକନ୍ଦରେ ଲୀଳା ତୁମର', 'ଆରେ ବାଇଦର', 'ଜଗନ୍ନାଥ ହେ ଶ୍ରୀ ନୀଳକନ୍ଦରେ କରିଛ ଲୀଳା' ପ୍ରଭୃତି ଗୀତଗୁଡ଼ିକ ତାହାର ପ୍ରକୃଷ୍ଟ ନିଦର୍ଶନ ।

ଭଜନୀୟ ବୈଷ୍ଣବ ଭାବେ ଜଗନ୍ନାଥ ନିତ୍ୟ ପୁରୁଷ, ଅବତାରୀ ଓ ସେ ଲୀଳା କରିବା ଲାଗି ବୃନ୍ଦାବନରେ କୃଷ୍ଣ ରୂପରେ ଆବିର୍ଭୂତ ହୋଇଥିବା ବିଷୟ ଶେଷୋକ୍ତ ଗୀତ ତଥା ଅନ୍ୟାନ୍ୟ ଗୀତମାନଙ୍କରୁ ଉତ୍ତମ ରୂପରେ ଜଣାଯାଏ ।

'ଗୋପରେ ଗୋପୀଯେ ଗୋପାଳ ତାରିଲ
ମୁରଲି ଧରିଣ ନୟନ ଠର ।
ଭାବେ ଭଣ୍ଡିଗଲ ମଥୁରାପୁରକୁ
ଭଣିଲେ ଆରତ ମଉଳା ମର ।

ଅତି ସାଧାରଣ ବିଷୟ ମଧ୍ୟ କବିଙ୍କ ଦୃଷ୍ଟିରେ ଦିବ୍ୟ ଭାବର ଦ୍ୟୋତକ । ଗୋଟିଏ ଆମ୍ବଗଛ କବିଙ୍କ ଦୃଷ୍ଟିରେ ଏକ ସାଧୁ ମହାତ୍ମା ରୂପରେ ପ୍ରତିଭାତ ହୋଇଛି—

'ପାଚିଲେ ସୁରମ୍ୟ ଦିଶୁଅଛ
ପୋପଡ଼ା ମାରନ୍ତି ବାଳବଛ
ପେଣ୍ଡି ପେଣ୍ଡି ହୋଇ ଝଡ଼ି ପଡୁଅଛ
ସାଧୁ ରୂପେ ଭଲ ସହିଅଛ ।

ଦେବ ଅଙ୍ଗୁ ଜାତ ହୋଇଅଛ
ପଥିକୀ ଛାୟାକୁ ଦେଉଅଛ
ଭଣିଲେ ଆରତ ତରୁମୂଳେ ବସି
କି ସୁନ୍ଦର ଦିଶ ଶିଖବୃକ୍ଷ ।'

ଆର୍ତ୍ତ ଦାସ ବହୁ ମାଳିକା ରଚନା କରି ଯାଇଅଛନ୍ତି । ଏଗୁଡ଼ିକ ଜନସାଧାରଣଙ୍କ ମଧ୍ୟରେ ଜନପ୍ରିୟ । ଦେଶରେ ଜନସାଧାରଣ ନୈତିକ ଓ ଧାର୍ମିକ ପରମ୍ପରା ଛାଡ଼ି ଅସଞ୍ଜତ, ନୀତିହୀନ ଜୀବନ ଯାପନ କରୁଥିବାରୁ କବିଙ୍କ ମନରେ କିପରି ଦୁଃଖ ଜାତ ହୋଇଛି ତାହା ଏଥିରେ ବର୍ଣ୍ଣିତ । କଳି ଯୁଗର ଜନସାଧାରଣଙ୍କ ଅସଂଯତ ଆଚରଣକୁ ମଧ୍ୟ ସେ ଏଥିରେ ଉଲ୍ଲେଖ କରିଛନ୍ତି ।

---

୧। ଏହି ଗୀତଟିକୁ କେହି ଭ୍ରମବଶତଃ ବୀର କିଶୋର ନାମରେ ଭଣିତା ଯୁକ୍ତ କରି ଅଛନ୍ତି ।

ଉଦାହରଣ ସ୍ୱରୂପ—

"ତୁଣ୍ଡ ପ୍ରବଳ ହୋଇବ
ତୁନିହେବେ ସନ୍ଥସର୍ବେ
ଗୋଡ଼ାଣିଆମାନେ
ବସିବେ ଆସନେ
ତଳେ ବସିବେ ବିବେକ—ମୋ ଭଜ ଅଲେଖ ବାଉ ।

ଥାନୀମାନେ ଯିବେ ହସି
ଥାନରେ ବେଥାନୀ ବସି
ଥୋଇଲି ଭାଗିଯା
ପାଉଥିବେ ପୂଜା
ଘରଣୀ ହୋଇବେ ଦାସୀ—ମୋ ଭଜ ଅଲେଖ ବାଉ ।

ଧର୍ମ ନକରିବେ କେହି
ଧାର୍ମିକ ରହିବେ ନାହିଁ
ଧରମ ଛାଡ଼ିବ
ଧରିତ୍ରୀ କମ୍ପିବ
ନିର୍ଦ୍ଧନ ଧନୀ ବୋଲାଇ—ମୋ ଭଜ ଅଲେଖ ବାଉ ।"

ଓଡ଼ିଶାର ପ୍ରାଚୀନ ଗୀତି କାବ୍ୟ ରୂପମାନଙ୍କ ମଧ୍ୟରେ ଚଉତିଶା ଥିଲା ବହୁଜନପ୍ରିୟ । କବି ଏହି ଚଉତିଶା ରୀତିରେ ଅନେକ ରଚନା ପ୍ରଣୟନ କରି ଅଛନ୍ତି । ତାହାଙ୍କ କେତେକ ମାଳିକା ଚଉତିଶା ରୀତିରେ ରଚିତ । କେତେକ ପ୍ରାଚୀନ ଓଡ଼ିଆ ଚଉତିଶାର ବିଧାନ ଅନୁଯାୟୀ ସେ ଚଉତିଶାର ଦ୍ୱାଦଶ, ଚତୁର୍ଦ୍ଦଶ, ପଦରେ ସ୍ୱନାମର ଉଲ୍ଲେଖ କରିଅଛନ୍ତି । ତାହାଙ୍କ "ବଉଳ ଚଉତିଶାରେ" ଆଧ୍ୟାତ୍ମିକ ଉପଲବ୍ଧି ବିଷୟ ବର୍ଣ୍ଣିତ ହୋଇଅଛି । ପ୍ରତ୍ୟେକ ପଦରେ 'ବଉଳ' ସମ୍ବୋଧିତ ହୋଇଥିବାରୁ ଏହାର ଏତାଦୃଶ ନାମକରଣ ହୋଇଥିବା ପରମ୍ପରାସିଦ୍ଧ । ସାଧକ ଉବରେ ଷଡ଼ଚକ୍ର ଭେଦ କିପରି ସାଧିତ ହୁଏ ତାହାକୁ କବି ସରଳ ଭାଷାରେ ସରସ ଭାବେ ଏଥିରେ ବର୍ଣ୍ଣନା କରିଅଛନ୍ତି । ଏତାଦୃଶ ଉତ୍କଳୀୟ ସାଧନା ପଦ୍ଧତିରେ ପ୍ରଚଳିତ ବଙ୍କନାଳ, କାଉଁରିମଣ୍ଡଳ, ଗୋଳାହାଟ, ତ୍ରିକୂଟ, ଫୁଙ୍କାବନ୍ଧ, ଅଜପାଜପ, ଶୁଷୁମ୍ନା, ଶିଶୁବେଦ, ପ୍ରଭୃତି ପାରିଭାଷିକ ବା ସାଙ୍କେତିକ ଶବ୍ଦାବଳୀର ପ୍ରୟୋଗ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ ତହିଁରୁ ଗୋଟିଏ ପଦ ଏଠାରେ ଉଲ୍ଲେଖ କରାଯାଇପାରେ ।

"ବଙ୍କନାଳରେ କମାର କରି ଅଛି ଶାଳ
ବିନା କିଳିଣୀରେ କଣ୍ଡି ପଡ଼ିଛିରେ ବଉଳ
ଶୂନ୍ୟେ ରହିଛି କମାରରେ ।
ଭ୍ରୂଲତା ମଧ୍ୟକୁ ଗୁରୁ ବାଟ ଦେଲେ କହି
ଭୁଲେ ଭ୍ରମମନ ଭୁଲି କହିଲରେ ବଉଳ
ମୋର ଭବ ଭୟ ନାହିଁରେ ।

(ବଉଳ ଚଉତିଶା—୨୩–୨୪ ପାଦ)

ଉତ୍କଳୀୟ ବୈଷ୍ଣବ ତଥା ସନ୍ଥକବିଗଣ ଥିଲେ ମୈତ୍ରୀର ପ୍ରସ୍ତରକ । ଏମାନେ ଜାତିଭେଦ ସ୍ୱୀକାର କରୁନଥିଲେ । ବିଶେଷତଃ ଜାତ୍ୟଭିମାନର ଥିଲେ ଏମାନେ ବିରୋଧୀ । ସେଥିପାଇଁ କୃଷିର ମହତ୍ତ୍ୱ ଆର୍ତ୍ତଦାସଙ୍କ କବିତାରେ ପ୍ରତିପାଦିତ ହୋଇଅଛି । ଏହି ମଠର ସନ୍ନ୍ୟାସୀମାନେ ଧର୍ମାଚରଣର ଅଙ୍ଗ ସ୍ୱରୂପ ଆପଣାକୁ ନିଃସଙ୍କୋଚରେ କୃଷିକର୍ମରେ ନିୟୋଜିତ କରିଥାଆନ୍ତି । ସମ୍ଭବତଃ ସେଥିପାଇଁ ଆର୍ତ୍ତଦାସଙ୍କ ସମକାଳରେ ଜାତ୍ୟଭିମାନୀ ବ୍ୟକ୍ତିମାନଙ୍କଦ୍ୱାରା ସେ ସମାଲୋଚିତ ହୋଇଥିଲେ । କେତେକ କବିତାରୁ ତାହାର ନିଦର୍ଶନ ମିଳିଥାଏ—

"ଚଉଖାନୀ ଲୋକେ ଠୁଳ ଭକ୍ତିଭାବ କରି
ଚଷା ଚଷା ବୋଲି ଥୋକେ ଦେଉଛନ୍ତି ଗାଳି ।
ଚଷାକୁ ଉତ୍ପନ୍ନ ହୋଇ ନଜାଣନ୍ତି ଭେଦ
ଅଜ୍ଞାନ ପାମର ଜନେ ଖୋଜୁଛନ୍ତି ବେଦ ।'

ଏହି କୃଷିର ମହତ୍ତ୍ୱ ତାଙ୍କର ଅନ୍ୟ ଏକ କବିତାରେ ସୁସ୍ପଷ୍ଟ—

'ଆବର ଯେ କୃଷି ଚଷା ସଂସାର ଧାରକ
ଯଦା ଯେ ନକଲେ ସର୍ବେ ହୋଇବେ ମାରକ
ମାତା ପିତା ରମଣ ଚଷାରୁ ଜାତ ହୋଇ
ଏବେ ଦେହ ବହିବାରୁ କରଣ ବୋଲାଇ ।"(୧)

୧ । ଆର୍ତ୍ତଦାସ ଯାଉଥିବାବେଳେ ଜଣେ କରଣ ତାଙ୍କୁ "ଚଷା" ବୋଲି କହିବାରୁ ସେ ଏହି ଗୀତଟି ବୋଲିଥିବା ଜନଶ୍ରୁତିରୁ ଜଣାଯାଏ

ଧର୍ମ ଓ ଦେବାୟତନ ନାମରେ ଶୋଷଣ, ଲୁଣ୍ଠନ ଓ ଭୋଗ ବିଳାସର ଦୃଷ୍ଟାନ୍ତ ପ୍ରଚୁର ରହିଛି । ମଠଗୁଡ଼ିକ ମହତ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥିଲେହେଁ କ୍ରମେ ତାହା ଶୋଷଣ, ଅତ୍ୟାଚାର, ସମ୍ଭୋଗ ଓ ବୈଷୟିକ ସମୃଦ୍ଧି ସାଧନର କେନ୍ଦ୍ର ହୋଇ କଳୁଷିତ ଓ ଅଧଃପତିତ ହୋଇ ଯାଇଥିଲ । ଆର୍ତ୍ତଦାସଙ୍କ ପ୍ରତିଷ୍ଠିତ ପ୍ରଥମ ମଠଟି କୁଶଭଦ୍ରା ବନ୍ୟାରେ ନିଶ୍ଚିହ୍ନ, ବହୁ ମଠ ବିଲୁପ୍ତ ଓ ଶୋଚନୀୟ କେବଳ ଏକମାତ୍ର ବେନୁପଡ଼ା ମଠହିଁ ତାହାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିପାରିଛି । ତାହାଙ୍କ ପୁଣ୍ୟ ପ୍ରେରଣା ଓ ଆଦର୍ଶ କ୍ରମେ ଏହି ମଠର ପରିବ୍ରାଜକ ସନ୍ନ୍ୟାସୀଗଣ (ଏମାନଙ୍କ ସଂଖ୍ୟା ଅତୀବ ସୀମିତ, ପ୍ରାୟ ୧୦।୧୨ ହେବ) ଏ ଯାବତ୍ ବହୁ ଜନସାଧାରଣଙ୍କ ଆଶା, ଉତ୍ସାହ ଓ ଭରସା ହୋଇ ଆସିଛନ୍ତି ; ସେମାନଙ୍କୁ ବୈରାଗ୍ୟର ବାର୍ତ୍ତା ନଶୁଣାଇ ଶୁଣାଇଛନ୍ତି ଉନ୍ନତ କର୍ମର ସନ୍ଦେଶ ହୋଇଛନ୍ତି ଜନ ସାଧାରଣଙ୍କ ବିପଦ, ଆପଦ ରୋଗ ଶୋକର ଭରସା । ସେମାନଙ୍କ ଯୋଗୁଁ ବହୁ ବ୍ୟକ୍ତି ଆଲୌକିକ ଭାବେ ଦୁରାରୋଗ୍ୟ ରୋଗମୁକ୍ତ ହୋଇଥିବା ମଧ୍ୟ ଶୁଣାଯାଏ ।

ଏହି ପରିବ୍ରାଜକମାନେ ଗ୍ରାମାଞ୍ଚଳରୁ ଯାହା ଭିକ୍ଷା କରି ଆଣନ୍ତି ତାହା ମଠର ପରିଚାଳନା ସଦାବର୍ତ୍ତ ବ୍ୟବସ୍ଥାରେ ହିଁ ବ୍ୟୟିତ ହୋଇଥାଏ । ଏହିପରି ଭୋଗ ପରିବର୍ତ୍ତେ ତ୍ୟାଗ ଓ ଜନସେବା ହିଁ ଏହି ସନ୍ନ୍ୟାସୀମାନଙ୍କ ଆଦର୍ଶ ହୋଇଆସିଛି । ଏବେ ମଧ୍ୟ ଅତିଥି ଚର୍ଚ୍ଚା ଏହି ମଠର ଏକ ମହାନ୍ କର୍ତ୍ତବ୍ୟଭାବେ ଗୃହୀତ । ଆର୍ତ୍ତଦାସଙ୍କ ସମୟରୁ ଏହା ଚାଲି ଆସୁଛି । ଓଡ଼ିଶାରେ ଏତାଦୃଶ ପରମ୍ପରା ବିରଳ ଓ ସେହି ଦୃଷ୍ଟିରୁ ବୈଷୟିକ ବିଭବ ରହିତ ଏହି ମଠ ଜାତୀୟ ସଂସ୍କୃତିର ସମୁଚ୍ଚ ଆଦର୍ଶ ମୈତ୍ରୀ ଓ ମାନବ ସେବାର ଏକ ପ୍ରଧାନ ପୀଠ । ସନ୍ଥକବିଙ୍କ ସାଧନା ପୀଠ ଓ ତାହାଙ୍କ ରଚନାବଳୀରୁ ଏହାହିଁ ଆମର ଶିକ୍ଷଣୀୟ । ଏହି ମହାନ ସନ୍ଥକବି ଓ ସାଧକଙ୍କ ଜୀବନ ଚରିତ ପ୍ରଣୟନ ଓ ତାହାଙ୍କ ରଚନାବଳୀର ସଂରକ୍ଷଣ ଯେ ଆମର ଏକାନ୍ତ କାମ୍ୟ ଏହା ଲେଖିବା ନିଷ୍ପ୍ରୟୋଜନ ।

ଅଧ୍ୟାପକ
ରେଭେନ୍ସା କଲେଜ,
କଟକ



# ଜଗନ୍ନାଥଙ୍କ ସଂପର୍କରେ ଦୁଇଟି ସୂଚନା

ଶ୍ରୀ ଗୌରୀ କୁମାର ବ୍ରହ୍ମା

ଜଗନ୍ନାଥ ଓଡ଼ିଶାର ସର୍ବଶ୍ରେଷ୍ଠ ସଂପଦ । ଓଡ଼ିଆ ଜାତି ଏହି ସଂପତ୍ତି ହରାଇଲେ ଏକାବେଳକେ ଶ୍ରୀହୀନ ହୋଇ ପଡ଼ିବ । ଏବେ ମଧ୍ୟ ଭାରତର ବିଭିନ୍ନ ଅଂଚଳର ଲକ୍ଷ ଲକ୍ଷ ଲୋକ ଜଗନ୍ନାଥଙ୍କ ବାଟେ ହିଁ ଓଡ଼ିଆକୁ ଚିହ୍ନନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଜଗନ୍ନାଥଙ୍କ ସଂପର୍କରେ ବହୁ କଥା ଅଜ୍ଞାତ ରହି ଯାଇଛି । ମନେହୁଏ, ଜଗନ୍ନାଥଙ୍କର ଅତୀତ ଇତିହାସ ଜାଣିବା ପାଇଁ ହୁଏତ ବହୁଯୁଗ ବିତିଯିବ । କିମ୍ବା, ବହୁ ଯୁଗ ବିତିବା ପରେ ମଧ୍ୟ, ଅଜ୍ଞାନର ଅନ୍ଧକାର ଆହୁରି ଘନୀଭୂତ ହୋଇଯିବ । ଏହାର ଅର୍ଥ ନୁହେଁ ଯେ, ଗବେଷଣା ବଳରେ ଜଗନ୍ନାଥଙ୍କର ଆଦିମ ଇତିହାସ ସଂପର୍କରେ ନୂଆ ନୂଆ ତଥ୍ୟ ମିଳିବ ନାହିଁ । କଥା ହେଉଛି, ନୂଆ ନୂଆ ତଥ୍ୟ ଏବେ ବି ମିଳୁଛି । ପୁଣି, ଭବିଷ୍ୟତରେ ଆହୁରି ନୂତନ ତଥ୍ୟମାନ ଅବଶ୍ୟ ଆମମାନଙ୍କର ଦୃଷ୍ଟିକୁ ଆସିବ । କିନ୍ତୁ, ଯେତିକି ଯେତିକି ନୂଆ ନୂଆ ତଥ୍ୟ ମିଳୁଛି ଜଗନ୍ନାଥଙ୍କର ବ୍ୟାପକତା ସଂପର୍କରେ ସେତିକି ସେତିକି ଜଟିଳ ଓ ଅସମାଧେୟ ସମସ୍ୟାମାନ ଗବେଷକମାନଙ୍କ ଆଖି ଆଗରେ ଠିଆ ହେଉଛି । ଏଥିରୁ ଅନୁମିତ ହେଉଅଛି ଯେ, ଭବିଷ୍ୟତରେ ଅନେକ ତଥ୍ୟ ଉଦ୍‌ଘାଟିତ ହେବ ସତ କିନ୍ତୁ ତାହା ଫଳରେ ଜଗନ୍ନାଥଙ୍କର ଉତ୍ପତ୍ତି ଏବଂ ବ୍ୟାପକତା ସଂପର୍କୀୟ ଧାରଣା ଜଟିଳରୁ ଜଟିଳତର ହୋଇ ଉଠିବ । ତେବେ, ଆମର କାମନା, ଏହିଭଳି ଏକ ସମ୍ଭାବନା ଅସତ୍ୟ ହେଉ ଏବଂ ଜଗନ୍ନାଥଙ୍କର ପ୍ରାଚୀନତମ ଇତିହାସ, ତାଙ୍କରି କୃପାରୁ ଜଟିଳତର ନ ହୋଇ, ସ୍ପଷ୍ଟତର ହେଉ ।

ଏଠାରେ ମୁଁ ଜଗନ୍ନାଥଙ୍କର ଅତୀତ ଇତିହାସ ସଂପର୍କରେ ଦୁଇଟି କଥା ଉଲ୍ଲେଖ କରୁଅଛି । ପ୍ରଥମଟି, ଜଗନ୍ନାଥଙ୍କ ରଥ ଯାତ୍ରାରେ ଅଶ୍ଳୀଳ ଗୀତର ପରିବେଷଣ । ଦ୍ୱିତୀୟଟି ସୁଦୂର ମଙ୍ଗୋଲିଆରେ ଜଗନ୍ନାଥଙ୍କର ସଙ୍କେତ ।

ଜଗନ୍ନାଥଙ୍କର ରଥ ଯାତ୍ରାରେ ଏବଂ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ଅଶୋକାଷ୍ଟମୀ ରଥଯାତ୍ରାରେ ଅଶ୍ଳୀଳ ସଂଗୀତ ବୋଲାଯାଏ । ରଥ ଗୁଡିକ ଥିବା ହଜାର ହଜାର ଲୋକ ତାହା ଶୁଣନ୍ତି । ଆଜକୁ ପ୍ରାୟ ତିରିଶ ବର୍ଷ ତଳେ ଏଭଳି ଅଶ୍ଳୀଳ ଗୀତ ବିରୁଦ୍ଧରେ ଓଡ଼ିଶାର କେତେଜଣ ଉଚ୍ଚ ଶିକ୍ଷିତ ଲୋକ ସ୍ୱର ଉତ୍ତୋଳନ କରିଥିଲେ । ସେହି ସମୟରୁ ମୋ ମନରେ ଗୋଟିଏ ପ୍ରଶ୍ନ ଜାଗ୍ରତ ରହିଅଛି । ସମାଧାନ କରିବାକୁ ଯୁକ୍ତି ଖୋଜିଛି । କିନ୍ତୁ ସମାଧାନ କରି ପାରି ନାହିଁ । ପ୍ରାୟ ଦଶବର୍ଷ ତଳେ ସାଂସ୍କୃତିକ ବ୍ୟାପାର ବିଭାଗର ଡାଇରେକ୍‌ଟର ଶ୍ରୀ ବିମଳ କିଶୋର ମିଶ୍ରଙ୍କ ସହିତ ଏ ବିଷୟରେ ଆଲୋଚନା ହୋଇଥିଲା । କିନ୍ତୁ ପ୍ରଶ୍ନ ରହିଲା ଅସମାଧେୟ । ଓଡ଼ିଆମାନଙ୍କର ଗୌରବମୟ, ଧାର୍ମିକ ମହୋତ୍ସବରେ ଏଭଳି ଅଶ୍ଳୀଳ ଗୀତ ବୋଲାଯାଏ ନା ପୃଥିବୀର ଆଉ କେଉଁ ଦେଶରେ ଏଭଳି ଚଳଣି ରହିଛି, ଏହା ଜାଣିବା ପାଇଁ ଭାରତର ଏବଂ ଭାରତ ବାହାରର ବହୁ ବିଶିଷ୍ଟ ଲୋକଙ୍କୁ ପଚାରିଛି ।

ଥରେ ଆମେରିକାରୁ ଜଣେ ପର୍ଯ୍ୟଟକ ଆସିଥିଲେ । ଯେତେଦୂର ମନେ ପଡୁଛି, ତାଙ୍କର ନାମ ମୋରୋ କୁସିସ୍ । ଓଡ଼ିଶା ସଂପର୍କରେ ତାଙ୍କର ଗୋଟିଏ ମନ୍ତବ୍ୟ, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକାଶ ପାଉଥିବା Tourism Newsletter ରେ ପ୍ରକାଶିତ ହୋଇଅଛି । ପୁରୀ ସହରଠାରୁ ପ୍ରାୟ ୭ ମାଇଲ ଉତ୍ତରରେ ଥିବା ଫୁଲପାଟଣା (ବାଲିଘାଇ) ନିକଟସ୍ଥ ସମୁଦ୍ର ବେଳା ଦେଖି ସେ ଏଭଳି ବିମୁଗ୍ଧ ହୋଇଗଲେ ଯେ, କହିଲେ "ସମଗ୍ର ପୃଥିବୀରେ ଏଭଳି ମନୋରମ ବେଳାଭୂମି ନାହିଁ ।" କଥା ପ୍ରସଙ୍ଗରେ ସେ କୋଣାର୍କ ମନ୍ଦିର ଏବଂ ପୁରୀ ମନ୍ଦିରର ସୌନ୍ଦର୍ଯ୍ୟ ଏବଂ ମହତ୍ତ୍ୱ ବର୍ଣ୍ଣନା କରି, ଓଡ଼ିଶାର ଉଚ୍ଚ ପ୍ରଶଂସା କଲେ । ତାଙ୍କ ସହିତ ଏହି ଆଲୋଚନା ହେଲା ବେଳେ ପର୍ଯ୍ୟଟନ ବିଭାଗର ସେକ୍ରେଟେରୀ ଏବଂ ଡାଇରେକ୍‌ଟର ଶ୍ରୀଯୁକ୍ତ ଅଓ୍ୱଧ ନାରାୟଣ ତିଓ୍ୱାରି ମଧ୍ୟ ତାଙ୍କ ଗହଣରେ ଥିଲେ ।

କୋଣାର୍କ ଏବଂ ଜଗନ୍ନାଥ ମନ୍ଦିର କଥା ପଡୁ ପଡୁ କୋଣାର୍କର ନିର୍ମାଣ କୌଶଳ ଏବଂ ଜଗନ୍ନାଥଙ୍କ ରଥ

ଯାତ୍ରା କଥା ମଧ୍ୟ ପଡ଼ିଲା । ସେ ବହୁବାର ପୃଥିବୀର ବହୁ ଦେଶ ଭ୍ରମଣ କରିଛନ୍ତି ବୋଲି କହିବାରୁ ମୁଁ ତାଙ୍କୁ ଦୁଇଟି କଥା ପଚାରିଲି । ପ୍ରଥମ କଥା, ପୃଥିବୀର ଅନ୍ୟ କୌଣସି ଦେଶରେ ଅନ୍ତତଃ ୨୦୦୦ ବର୍ଷ ପୂର୍ବେ ରଥଯାତ୍ରା ପ୍ରଚଳିତ ଥିବା ସେ ଜାଣନ୍ତି କି ? ଯଦି ଜାଣନ୍ତି, ରଥଯାତ୍ରା ଦିନ ରଥ ଉପରୁ ଅନ୍ୟ କେଉଁଠାରେ ଅଶ୍ଳୀଳ ସଂଗୀତ ଶୁଣାଇବାର ଚଳଣି ଅଛି ବୋଲି ସେ ଜାଣନ୍ତି କି ?

ମୋ ପ୍ରଶ୍ନର ଉତ୍ତରରେ ସେ ଯାହା କହିଲେ, ତାହା ଶୁଣି ମୁଁ ତାଟକା ହୋଇଗଲି । ସେ କହିଲେ, ଆଫ୍ରିକାର ପୂର୍ବ ବେଳାଭୂମିରେ, ଇଜିପ୍ଟର ଟିକିଏ ଦକ୍ଷିଣରେ, ଗୋଟିଏ ବିରାଟ ମନ୍ଦିର ଠିଆ ହୋଇଛି । କୋଣାର୍କ ମନ୍ଦିରର ସମୟ ହେଉଛି ପ୍ରାୟ ୧୨୫୦ ଏ. ଡ଼ି. । କିନ୍ତୁ ଆଫ୍ରିକାର ଏହି ମନ୍ଦିରର ସମୟ ପ୍ରାୟ ୧୨୫୦ ବି. ସି. । ସେ ମନ୍ଦିର ଏଭଳି ଭାବରେ ତିଆରି ହୋଇଥିଲା ଯେ ସୂର୍ଯ୍ୟ ଉଦୟ ହେବା ସଙ୍ଗେ ସଙ୍ଗେ ସୂର୍ଯ୍ୟଙ୍କର କିରଣ ଆସି ମନ୍ଦିରର ସିଂହାସନ ଉପରେ ସ୍ଥାପିତ ହୋଇଥିବା ଦେବ ମୂର୍ତ୍ତିର କପାଳ ସ୍ପର୍ଶ କରୁଥିଲା ।

ଆହୁରି ମଧ୍ୟ, ସେହି ମନ୍ଦିରରେ ପୁରୀର ରଥଯାତ୍ରା ପରି ରଥଯାତ୍ରା ହୁଏ । ସେହି ରଥଯାତ୍ରାରେ ହଜାର ହଜାର ଲୋକ ଯୋଗ ଦିଅନ୍ତି ଏବଂ ରଥ ଉପରୁ ଅଶ୍ଳୀଳ ସଂଗୀତ ପରିବେଷଣ କରାଯାଏ ।

ଏହା ଶୁଣିବା ପରେ, ଜଗନ୍ନାଥଙ୍କର ପ୍ରାଚୀନତା ସଂପର୍କରେ କୌତୁହଳ ଉଦ୍ଦୀପକ ପ୍ରଶ୍ନମାନ ଜାଗ୍ରତ ହେଲା ଏବଂ ମନେ ହେଲା, ବୋଇତ ବାଣିଜ୍ୟକାରୀ ଓଡ଼ିଆମାନେ ଖାଲି ଯେ ଜାଭା, ବାଲି ପ୍ରଭୃତିକୁ ଯାଇ ନିଜ ସଂସ୍କୃତିର ବିଜୟ ବୈଜୟନ୍ତୀ ଉଡ଼ାଇ ଥିଲେ, ତାହା ନୁହେଁ, ଭାରତର ଦକ୍ଷିଣ ପଶ୍ଚିମ ଅଂଚଳକୁ ମଧ୍ୟ ଯାତ୍ରା କରି, "ଜଗନ୍ନାଥ ସଂସ୍କୃତି" ପ୍ରତିଷ୍ଠା କରିଥିଲେ । ତେବେ, ଏ ସଂପର୍କରେ ଏକ ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଓଡ଼ିଶାର ଦଳେ ଗବେଷକ ଆଫ୍ରିକାର ସେହି ପ୍ରାଚୀନ ମନ୍ଦିର ଦେଖି ଆସିବା ଦରକାର । ମୋର ଏଭଳି ଏକ ସ୍ୱପ୍ନ ଯଦି କାର୍ଯ୍ୟକାରୀ ହୁଏ, ତେବେ ଓଡ଼ିଶାର ଗୌରବ-କେତନ ଜଗନ୍ନାଥଙ୍କ ସଂପର୍କରେ ଆମର ଜ୍ଞାନର ଦିଗ୍-ବଳୟ ସଂପ୍ରସାରିତ ହୁଅନ୍ତା ।

ତା'ପରେ ଦ୍ୱିତୀୟ କଥା । ଭାରତର ବହୁ ସହସ୍ର କିଲୋମିଟର ଉତ୍ତରରେ ମଙ୍ଗୋଲିୟା ରାଜ୍ୟ । ଏକ ସମୟରେ ସେଠାରେ ଥିଲା ବୌଦ୍ଧ ଧର୍ମର ଅଖଣ୍ଡ ପ୍ରଭାବ । ବର୍ତ୍ତମାନ କିନ୍ତୁ ତାହା ଏକ ସାମ୍ୟବାଦୀ ରାଜ୍ୟ । ଆମ ଦେଶ ପରି ଧର୍ମାନୁଷ୍ଠାନ, ବା ଧର୍ମ ସଂସ୍ଥା ସେଠାରେ ନାହିଁ । କିନ୍ତୁ ସେ ରାଜ୍ୟର ରାଜଧାନୀ ଉଲାନ୍‌ବାଟୁରଠାରେ ଗୋଟିଏ ଲାମା ମନ୍ଦିର (ଲାମା ଟେମ୍ପଲ) ଅଦ୍ୟାପି ରହିଅଛି । ସେଠାରେ ପ୍ରାୟ ସାଢ଼େ ପାଞ୍ଚ ଶହ ବୌଦ୍ଧ ମୂର୍ତ୍ତି ପୂଜିତ ହେଉ ଅଛନ୍ତି । ପ୍ରତିଦିନ ସେଠାରେ ବୌଦ୍ଧ ସାହିତ୍ୟ ପାରାୟଣ କରାଯାଏ । ମନ୍ଦିରର ଆୟତନ ସୁବିଶାଳ ; ତାହାର କେନ୍ଦ୍ରସ୍ଥଳ ବା ଗର୍ଭ ଗୃହକୁ ଯିବାବେଳେ ଦ୍ୱାରର ଦୁଇ ପାର୍ଶ୍ୱରେ କଳା ଓ ଧଳା ରଙ୍ଗର ଦୁଇଟି ମୂର୍ତ୍ତି ଆମ ଆଖିରେ ପଡ଼େ । ମନେ ହୁଏ ସେ ଦୁଇଟି ମୂର୍ତ୍ତି ଜଗନ୍ନାଥ ଓ ବଳଭଦ୍ରଙ୍କର ପ୍ରତୀକ । ପ୍ରସାଦ ପୂଜା ବିଧି, ଉତ୍ତଳ ଶାୟୀ ହୋଇ ମନ୍ଦିରକୁ ଯିବାର ବିଧି ପ୍ରଭୃତି ଦୃଷ୍ଟିରୁ ଏବଂ ତାନ୍ତ୍ରିକ ବୌଦ୍ଧ ଧର୍ମର ଇତିହାସ ଦୃଷ୍ଟିରୁ ସେ ଅଂଚଳ ସଙ୍ଗେ କଳିଙ୍ଗର ସଂପର୍କ ଥିବା ଅସମ୍ଭବ ନୁହେଁ । ସେଠାର ଜଣେ ଭଦ୍ରଲୋକ କହିଲେ, "ଆମ ଏଠାରେ (ଉଲାନ୍-ବାଟୁଠାରେ) ହଜାର ହଜାର ତାଳପତ୍ର ପୋଥି ରହିଛି । ଏ ସବୁ ତାଳପତ୍ର ଭାରତର ପୂର୍ବାଞ୍ଚଳରୁ ଆସିଛି ବୋଲି ଆମେ ଶୁଣିଛୁ । ଆପଣଙ୍କ ଦେଶ ତ ଗରମ ଦେଶ । ତେଣୁ ତାଅଳପତ୍ର ପୋଥି ବେଶି ଦିନ ରହେ ନାହିଁ । କିନ୍ତୁ ଆମର ଏଠି ପୋଥି ଗୁଡ଼ିକ ସହଜରେ ନଷ୍ଟ ହୁଏ ନାହିଁ । ଏ ପର୍ଯ୍ୟନ୍ତ ପଢ଼ାଯାଇ ନ ଥିବା ହଜାର ହଜାର ପୋଥି ଆମର ରହିଛି । ଡକ୍‌ଟର ରଘୁବୀର ଏବଂ କୃଷ୍ଣଚନ୍ଦ୍ର ପାଣ୍ଡେ ନାମକ ଦୁଇଜଣ ଭାରତୀୟ ଆସି ଆମର କେତେକ ତାଳପତ୍ର ପୋଥିର ବିଷୟବସ୍ତୁ ସଂପର୍କରେ ଅନୁଧ୍ୟାନ କରିଥିଲେ" ।

ମୋର ମନେ ହେଲା, ଓଡ଼ିଶାରୁ କେତେଜଣ ଐତି-ହାସିକ ଯଦି ଉଲାନ୍‌ବାଟୁର ଯାଆନ୍ତେ ସେଠାର ମୂର୍ତ୍ତିଗୁଡ଼ିକର ଇତିହାସ ସଂଗ୍ରହ କରନ୍ତେ, ସୁରକ୍ଷିତ ଅଥଚ ପଢ଼ାଯାଇ ନ ଥିବା ହଜାର ହଜାର ତାଳପତ୍ର ପୋଥିରୁ କେତୋଟି ଉଲ୍ଲାବରେ ଦେଖନ୍ତେ, ତାହାହେଲେ ପ୍ରାୟ ୧୫୦୦ ବର୍ଷ ପୂର୍ବେ ଜଗନ୍ନାଥ ଦେଶର ସଂସ୍କୃତି ସେଠାକୁ ଯାଇଥିବା ସଂପର୍କରେ କେତୋଟି ବିସ୍ମୟକର ତଥ୍ୟ ହୁଏତ ଆମର ଉପଲବ୍ଧ ହୁଅନ୍ତା । କଳା ଧଳା ଦୁଇଟି ମୂର୍ତ୍ତିର ରହସ୍ୟ ଅବଶ୍ୟ ଉଦ୍‌ଘାଟିତ ହୋଇ ପାରନ୍ତା ।

ଏ ଦିଗରେ ଓଡ଼ିଶା ସରକାର ଏବଂ ଓଡ଼ିଶାର ବିଶ୍ୱ ବିଦ୍ୟାଳୟଗୁଡ଼ିକ ଦୃଷ୍ଟି ଦେବା ବିଧେୟ ଜଗନ୍ନାଥଙ୍କର ତଥା ଓଡ଼ିଶାର ସାଂସ୍କୃତିକ ଇତିହାସ ପା ଏହା ଦ୍ୱାରା ବହୁ ନୂତନ ଉପାଦାନ ମିଳି ପାରିବା ବିଶେଷ ସମ୍ଭବପର ।

ମାଉସୀମା
ପୁରୁଣା ଭୁବନେଶ୍ୱର

# ଦିଅଁଙ୍କ ଅଭିସାରେ

### ଗଣେଶ ପ୍ରସାଦ ପରିଜା

ମହାପ୍ରଭୁମାନେ ବଡ଼ସିଂହାର ବେଶ ହେଉଛନ୍ତି । ଏହାପରେ ବଡ଼ସିଂହାର ଭୋଗ ହେବ, ତାପରେ ମହାପ୍ରଭୁମାନେ ରାତିଟି ପାଇଁ ବିଶ୍ରାମ ନେବେ । ପୁଣି ଦର୍ଶନ ହେବ ରାତି ପାହିଲାପରେ, ପ୍ରଭାତରେ । ଏହି ସମୟରେ ଦ୍ୱାର ବନ୍ଦ ହେବ । ମୁଦୁଲି ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରି ଦେଇ ଚାବି ଦେବେ । ତାପରେ ଦ୍ୱାର ମୁଦ ଦାୟିତ୍ୱ ତଳିଛୁଙ୍କର ।

ବେଶି ସମୟ ନହେଲେ ମଧ୍ୟ ଏହି କେଇ ଘଡ଼ି ଭକ୍ତଙ୍କ ପକ୍ଷରେ ଦୀର୍ଘ ସମୟ ସେମାନେ ରହାନ୍ତି ଅହୋରାତ୍ର ମହାପ୍ରଭୁମାନଙ୍କୁ ଦର୍ଶନ କରିବେ । ତ୍ରେତୟା ଯୁଗର ଲକ୍ଷ୍ମଣ ଯେପରି ଅହୋରାତ୍ର ଶ୍ରୀରାମଙ୍କ ସେବାରେ ନିଯୁକ୍ତ ଥିଲେ, ସେହିଭଳି ସେମାନେ ଅନ୍ୟ କିଛି କରନ୍ତୁ ନ କରନ୍ତୁ ମହାପ୍ରଭୁଙ୍କ ଶ୍ରୀମୁଖକୁ ଅନାଇ ରହିବେ । ଯେଉଁ କଳାଶ୍ରୀମୁଖ ଦର୍ଶନ ପାଇଁ ଦ୍ୱାପର ଯୁଗରେ ଗୋପୀମାନେ ପାଗଳ ହୋଇ ଯାଉଥିଲେ—ବଂଶୀଧ୍ୱନି ଶୁଣିବା ମାତ୍ରେ ସ୍ୱାମୀ, ସଂସାର ତ୍ୟାଗ କରି ଧାଇଁ ଆସୁଥିଲେ, ସେହିଭଳି ସେମାନେ ମଧ୍ୟ ଧାଇଁଯିବେ ନିଦ୍ରା, ଆଳସ୍ୟ ପରିତ୍ୟାଗ କରି ଟିକିଏ ସେହି କଳାଶ୍ରୀମୁଖ ଦର୍ଶନ କରିବାକୁ, ଆଉ ଚକାନୟନକୁ ଅନାଇ ଆଖିରୁ ଦିଠୋପା ଆନନ୍ଦ–ବେଦନାର ଅଶ୍ରୁ ଗଡ଼ାଇବାକୁ ।

ତିନି ଠାକୁରଙ୍କ ପାଖରେ ତିନିଜଣ ପୁଷ୍ପାଳକ ଦିଅଙ୍କର ବଡ଼ସିଂହାର ବେଶ କରୁଛନ୍ତି । ଏ ବେଶ ନୁହେଁ ବଡ଼ସିଂହାର—ବଡ଼ ଶୃଙ୍ଗାର । ଦିନର ସମସ୍ତ କାର୍ଯ୍ୟ ସରିଲାପରେ ସାଧାରଣ ଲୋକେ ଯେଉଁଭଳି ଟିକିଏ ଆନନ୍ଦ ପାଇଁ ଶୃଙ୍ଗାର ରସରେ ନିଜକୁ ଅଜାଡ଼ି ଦିଅନ୍ତି, ସେହିଭଳି ଦିଅଁମାନେ ସାରାଦିନ ବହୁଲୋକଙ୍କ ଗୁହାରି ଶୁଣି କାହାପ୍ରତି କି ବ୍ୟବସ୍ଥା କରାଯିବ ତାହାର ବିହିତ ବନ୍ଦୋବସ୍ତ କରି ରାତି ଅଧରେ ଟିକିଏ ବିଶ୍ରାମ ନିଅନ୍ତି । ଏହି ବିଶ୍ରାମ ପୂର୍ବରୁ ସେ ନିଜକୁ ସଜାନ୍ତି ଶୃଙ୍ଗାର ବେଶରେ । ଭିତରଗାଏଣୀ ଯାଏ ଗୀତଗୋବିନ୍ଦ ବୋଲିବାକୁ । ଗୀତଗୋବିନ୍ଦ ପରେ ପହୁଡ଼ ହୁଏ । ମହାପ୍ରଭୁମାନେ ଏଥର ରାତିଟି ବିଶ୍ରାମ ନେବେ ଗୁଣ୍ଡିଚା ମେକାପ ବଡ଼ସିଂହାର ବେଶକୁ ଲୁଗା ଯୋଗାଇବାରେ ବ୍ୟସ୍ତ । ଖୁଣ୍ଟିଆ ବିଶ୍ୱର ମଣିମାଙ୍କର ଶ୍ରୀଅଙ୍ଗ ରକ୍ଷାକରି ମଣିମା ଡାକରେ ଭକ୍ତଜନଙ୍କୁ ବିଭୋର କରି ପକାଉଛନ୍ତି ।

ବଡ଼ସିଂହାର ବେଶ ସରିଲାପରେ, ବଡ଼ ସିଂହାର ଭୋଗ ଦିଅଁମାନଙ୍କ ପାଖରେ ବଢ଼ାଯିବ । ତିନିଠାକୁରଙ୍କ ପାଖରେ ତିନୋଟି କଂସାପାତ୍ରରେ ବଢ଼ାଯିବ ପଇଡ଼ ପାଣି । ତିନିଜଣ ପୂଜାପଣ୍ଡା ଚଳୁଧରି ତାହା ଦିଅଁମାନଙ୍କୁ ସମର୍ପଣ କରିବେ ।

ଡେରାପଡ଼ିଲାଣି । ବଡ଼ସିଂହାର ବେଶପରେ ବଡ଼ସିଂହାର ଭୋଗ ବଢ଼ା ଯାଉଛି । ସାରାଦିନ ବିଭିନ୍ନ ସେବା କରି କରି ଘରମୁହାଁ ହେବାପାଇଁ ସେବକେ ତର ତର । ଦିଅଁଙ୍କ ପହୁଡ଼ ପରେ ପରେ ନିଶ୍ଚିନ୍ତରେ ଅବଶିଷ୍ଟ ରାତିଟି ବିଶ୍ରାମ ନେବାପାଇଁ ଘରକୁ ଫେରିଯିବେ । ପୁଣି ସେମାନେ ଆସିବେ ପ୍ରଭାତରେ—ଦିଅଁ ଯେତେବେଳେ ପହୁଡ଼ ଭାଙ୍ଗିବେ ।

ଦିଅଁମାନଙ୍କ ଖାଦ୍ୟ ଗ୍ରହଣ କରିବା ଅବସ୍ଥା ସମସ୍ତେ ନ ଦେଖିବାକୁ ଡେରା ପଡ଼ିଲାଣି । ଛାମୁକୁ ମଧ୍ୟ ଭୋଗ ନେଲେଣି ସୁଆର ବଡ଼ୁ । ପୂଜାର ଉପସ୍କର ପତ୍ରିବଡ଼ୁ ପ୍ରସ୍ତୁତ କରି ଛିଡ଼ା ହୋଇଛନ୍ତି । ଦ୍ୱାର ଜଗି ରହିଛନ୍ତି ବଡ଼ଦ୍ୱାର ପ୍ରତିହାରି । ପ୍ରଧାନୀ, ତୁଣ ସୁଆର ଓ ତୋଳାବଡ଼ୁ ପ୍ରତ୍ୟେକ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ।

ଦିନ ଆରମ୍ଭରେ ସକାଳୁ ମଙ୍ଗଳଆଳତି ଦେଖିବା ପାଇଁ ଯେଉଁଭଳି ଭକ୍ତମାନେ ଧାଇଁ ଆସିଥାନ୍ତି, ସେହିଭଳି ଦିନକର ଶେଷ ଦର୍ଶନ ବଡ଼ସିଂହାର ବେଶ ଓ ପହୁଡ଼ ଦେଖିବାକୁ ଭକ୍ତମାନେ ଉପସ୍ଥିତ ହୁଅନ୍ତି ।

ଦେଖୁ ଦେଖୁ ବଡ଼ସିଂହାର ଭୋଗ ବଢ଼ିଲା । ଏଣିକି ପହୁଡ଼ ହେବ । ପୁଷ୍ପାଳକ ତିନିଜଣ ଅବକାଶ କାର୍ଯ୍ୟରେ ବ୍ୟସ୍ତ । ଗରାବଡ଼ୁ ଠାକୁରଙ୍କର ପହୁଡ଼ ବିଜେ କରିବା ପାଇଁ ପ୍ରସ୍ତୁତ ହେଲେଣି । ପାଳିଆ ଖୁଣ୍ଟିଆ, ସୁଆର ବଡ଼ୁ, ମୁଦୁଲି, ପାଳିଆ ମେକାପ, ବାସି ପାଳିଆ ଗରାବଡ଼ୁ, ଭଣ୍ଡାର ମେକାପ, ଛତ୍ର ସେବକ, କାହାଳିଆ ସମସ୍ତେ ଉପସ୍ଥିତ ।

ପ୍ରତ୍ୟେକ ମଧ୍ୟ ନିଜ ନିଜ ସେବାରେ ତତ୍ପର । ତଳିଛୁ ମହାପାତ୍ର ଅପେକ୍ଷା କରିଛନ୍ତି ସବୁ କାମ ସରିଲେ ଦ୍ୱାର ବନ୍ଦ କରି ମୁଦ ଦେବାକୁ । ତଳିଛୁ ଦ୍ୱାର ବନ୍ଦ କଲାପରେ ମୁଦୁଲି ଦ୍ୱାରର ଖିଳି ବନ୍ଦ କରିବେ । କିନ୍ତୁ ଭିତର ଗାଏଣୀ ମହାପ୍ରଭୁମାନଙ୍କ ପାଖରେ ଲାସ୍ୟଭଙ୍ଗୀରେ ଗୀତ ଗୋବିନ୍ଦର କୃଷ୍ଣ ପ୍ରେମ ବୋଲି ସେବା ନ ସାରିବା ପର୍ଯ୍ୟନ୍ତ ଦ୍ୱାରର ଖିଳି ପଡ଼ି ପାରିବନାହିଁ । ତଥାପି ପୂର୍ବ ଦ୍ୱାର ବନ୍ଦ କରି ଦିଆ-ଗଲଣି । ଭିତର ଗାଏଣୀର ସେବା ଅନ୍ୟମାନଙ୍କର ଦେଖିବା ନିଷେଧ । ଏହା ଏକ ପ୍ରକାର ଗୁପ୍ତ ସେବା । କେବଳ ଦିଅଁମାନଙ୍କ ବ୍ୟତୀତ ଅନ୍ୟମାନେ ତାହା ଦେଖିଲେ ଅପ୍ରାଧ । ଜୟଦେବଙ୍କ ପୂର୍ବରୁ ସେ କେଉଁ ଗୀତ ବୋଲୁ-ଥିଲେ ତାହା କେଉଁଠାରେ ଉଲ୍ଲେଖ ନାହିଁ । ଭିତର ଗାଏଣୀଙ୍କ ପାଇଁ ଜୟଦେବ ଗୋସାଇଁ ରାଧାକୃଷ୍ଣଙ୍କୁ ନାୟକ-ନାୟିକା କରି ପ୍ରେମଗୀତ ରଚନା କରିଛନ୍ତି । ସେତେ-ବେଳେ ଓଡ଼ିଆରେ ସେଭଳି ରଚନା ନଥିଲା । ସାରା ଦେଶରେ ଗ୍ରହିଥିଲା ଦେବଭାଷା ସଂସ୍କୃତ । ତେଣୁ ଜୟଦେବ ସରଳ ସଂସ୍କୃତରେ ରଚନା କରିପାରିଛନ୍ତି ଗୀତ-ଗୋବିନ୍ଦ, କେବଳ ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ବୋଲା ହେବାପାଇଁ ।

ଭିତର ଗାଏଣୀ ମନ୍ଦିର ମଧ୍ୟକୁ ଯିବା ପରେ ଭକ୍ତମାନେ ଦିନକର ଶେଷ ଦର୍ଶନ ସାରି ବାହୁଡ଼ିଯାନ୍ତି ରାତିଟି ବିଶ୍ରାମ ପାଇଁ । ଅଳ୍ପ କେତେକ ମଧ୍ୟ ଅପେକ୍ଷା କରିଥାନ୍ତି ମହାପ୍ରଭୁଙ୍କ ପହୁଡ଼ ପରେ ଫେରିଯିବାର ବାସନା ପୋଷି । ଯେପର୍ଯ୍ୟନ୍ତ ମହାପ୍ରଭୁ ଶୋଇଲେ ବୋଲି ସେମାନେ ନ ଜାଣିବେ ସେପର୍ଯ୍ୟନ୍ତ ସେମାନେ ବା ଶୋଇବେ କିପରି ! ଭିତରଗାଏଣୀ ତାର ସେବା କରି ଫେରିଲାପରେ ମହାପ୍ରଭୁ-ମାନେ ଶୋଇଲେ ବୋଲି ଧରାଯିବ । ତେଣୁ ଭିତର ଗାଏଣୀ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ।

ଭିତର ଗାଏଣୀ ଉତ୍ତର ଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପଶିଗଲା । ସାରା ଦେହରେ ତାର ଯୌବନ ଲହଡ଼ି ଭାଙ୍ଗୁଛି । ପୃଥୁଳ ଉରଜ ଉପରେ ଅଙ୍ଗବାସ ସୁଦୃଢ଼ ଭାବେ ପଡ଼ିଥିଲେ ମଧ୍ୟ ବାହାରକୁ ତାହା ସ୍ପଷ୍ଟଭାବେ ଜଣା ପଡୁଥାଏ । ସେ ମହାପ୍ରଭୁଙ୍କ ଛାମୁରେ ପ୍ରଣତି ଜଣାଇ ଥରେ ତାର ଏଣିନୟନକୁ ଟେରେଇଛେଇ ଶ୍ରୀ ଜଗନ୍ନାଥଙ୍କୁ ଚାହିଁଦେଲା । ମହାପ୍ରଭୁଙ୍କ ରଙ୍ଗ ଅଧରରେ ମନ୍ଦହାସ । ସାରା ଦେହରେ ତାର ଖେଳିଗଲା ଲଜ୍ୟାର ଏକ ଆସ୍ତରଣ । ଜକେଇ ଆସିଲା ତା ଦେହରୁ ବିନା ଶ୍ରମରେ ଶ୍ରମ ଝାଳ । ଯୌବନ ଅଙ୍ଗଲତା ଉପରେ ସତେ ଯେପରି ସେ ପୁରୁଷର ଦିବ୍ୟ ଦୃଷ୍ଟି ଅନୁଭବ କରିଛି—ସତେ ଯେପରି ଏକ ବଳିଷ୍ଠ ପୁରୁଷ ତାକୁ ଟାଣି ଧରିଛନ୍ତି । ସେ ଭାବ-ବିଭୋର ହୋଇ ପଡ଼ିଲା । ତା ଶରୀରର ଜ୍ୱାଳା ତାକୁ ଅଥୟ କରି-ଦେଲା । ଦୃଢ଼ଭାବେ ବନ୍ଧାହୋଇଥିବା ଅଙ୍ଗ ପଟ୍ଟ ବସ୍ତ୍ର କେତେବେଳେ ଆପେ ଆପେ ଖୋଲିଗଲା ସେ ଜାଣିପାରିଲା ନାହିଁ । ଖୋଲିଗଲା ମଧ୍ୟ ବୁକୁରେ ଭିଡ଼ା ହୋଇଥିବା ରେଶମି କାଞ୍ଚଲା । କେବଳ ଦେହରେ ଜଡ଼ିରହିଲା ରତ୍ନ ଆଭରଣ ଗୁଡ଼ିକ । ଆପେ ଆପେ ଚହଲି ଉଠିଲା ତାର ପାଦ ଦୁଇଟି । ପାଦରେ ଥିବା ନୂପୁରର ନିକ୍ୱଣ ମୁଖରିତ ହୋଇ ଉଠିଲା ।

ଦେବଦାସୀ ଭିତର ଗାଏଣୀର ସମସ୍ତ ଅବୟବ ଆପେ ଆପେ ଦୋହଲି ଉଠୁଛି । ସୁଲଳିତ କଣ୍ଠରୁ ନିଃସୃତ ହେଉଛି ଗୀତ ଗୋବିନ୍ଦର ପଦ ।

ସତେ ଯେପରି ସେ ଦେଖୁଛି ତାହାରି ଆଗରେ ନାୟକ ଶେଖର ଦଣ୍ଡାୟମାନ ହୋଇଛନ୍ତି । ତାଙ୍କ ରଙ୍ଗ ଅଧରରୁ ମନ୍ଦହାସ ଉଛୁଳି ପଡୁଛି । ପୁଣି ସେ ଦେଖୁଛି ତା ନୃତ୍ୟରେ ବିମୋହିତ ହୋଇ ତାଳିମାରି ଠୋ ଠୋ ହସି ଉଠୁଛନ୍ତି ସେ ।

ବେଳକୁବେଳ ଭିତରର ଗାଏଣୀ ପ୍ରେମ ବିଭୋର ହୋଇ ପଡ଼ିଲା । ବିଶ୍ୱର ଶ୍ରେଷ୍ଠ ପ୍ରେମିକ ତା ସମ୍ମୁଖରେ । ସେ ମଧ୍ୟ ଅପୂର୍ବ ଠାଣିରେ ଦୋହଲୁଛନ୍ତି, ନାଚୁଛନ୍ତି । ଦ୍ୱାପର ଯୁଗରେ ଷୋଳସହସ୍ର ଗୋପୀ ସେ ନୃତ୍ୟ ଦେଖିଛନ୍ତି କି ନା ଭିତର ଗାଏଣୀ ତାହା ଜାଣେନାହିଁ । ମାତ୍ର ସେ ଦେଖୁଛି ସେହି ନୃତ୍ୟ । ତାଙ୍କର ସେହି ଅପୂର୍ବ ନୃତ୍ୟର ତାଳେ ତାଳେ ଚହଲିଉଠୁଛି ତାର ପାଦ, ତାର ଅବୟବ । ଝଙ୍କୃତ ନୂପୁରଧ୍ୱନି ସହିତ ନାଚିଉଠୁଛି ତାର ବକ୍ଷୋଜ ଯୁଗଳ । ସିଂହକଟୀ ସଦୃଶ ତାର କଟୀ ଅପୂର୍ବ ଭଙ୍ଗୀରେ ବାଙ୍କି ଯାଉଛି— ହଲି ଉଠୁଛି ମଧ୍ୟ ନିତମ୍ବ ।

ଦୀର୍ଘ ସମୟ ଗତ ହେବା ଦେଖି ବାହାରେ ସେବକମାନେ ବ୍ୟସ୍ତହୋଇ ପଡ଼ିଲେଣି । ତଳିଛୁ ଦ୍ୱାର ଦେଶରେ କାନ ଦେଇ ଶୁଣିଲେ ଅସ୍ପଷ୍ଟଭାବେ ନୂପୁର ଧ୍ୱନି ସହିତ ଭିତର ଗାଏଣୀର ଗୀତିଗୋବିନ୍ଦର ମୃଦୁ ସଙ୍ଗୀତ ଝଙ୍କାର ଶୁଣା-ଯାଉଛି ।

ତଳିଛୁ ମୁଦୁଲିଙ୍କ ଆଡ଼କୁ ଅନାଇ କହିଲେ, ହଇହେ ମୁଦୁଲିଏ ! ଭିତର ଗାଏଣୀ କଣ ପୁରା ଗୀତ ଗୋବିନ୍ଦକୁ ଦିଅଁଙ୍କୁ ଶୁଣାଉଛି କି ?

"ହଁ ହେ, ସେୟା ନୁହେଁ ତ ଆଉ କଣ ! ସେତିକିବେଳୁ ସେ ଗଲଣି ଯେ ଏତେବେଳଯାଏ ଫେରୁ ନାହିଁ । ବୋଧେ ପୁରା ଗୀତ ଗୋବିନ୍ଦକୁ କେହି ବୋଲିଥିଲେ ବି ସରିଯାନ୍ତାଣି ।"

କାହାର କିଛି ଉପାୟ ନାହିଁ । ଭିତର ଗାଏଣୀ ନ ଫେରିବା ପର୍ଯ୍ୟନ୍ତ ଆଉ କେହି ଶୁଅନ୍ତୁ ନ ଶୁଅନ୍ତୁ, ତଳିଛ ମହାପାତ୍ରେ ଆଉ ମୁଦୁଲି ରହିବାକୁ ବାଧ୍ୟ ।

ଶ୍ରୀଜଗନ୍ନାଥ ଆଉ ଶ୍ରୀକୃଷ୍ଣଙ୍କ ମଧ୍ୟରେ ପ୍ରଭେଦ କିଛି ନାହିଁ । ଷୋଳ ସହସ୍ର ଗୋପୀଙ୍କ ସହିତ ଶ୍ରୀକୃଷ୍ଣ ଯେତେ କେଳି କଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ସେହି କେଳି ଗୋଟିଏ କଳା ସହିତ ସମାନ । ଶ୍ରୀଜଗନ୍ନାଥ ଷୋଳ କଳାର ଦେବତା । ସବୁ ଅବତାର ତାହାରି କଳା । କାର୍ଯ୍ୟ ପାଇଁ ସେମାନେ ଅବତାର ହୁଅନ୍ତି ଏବଂ କାର୍ଯ୍ୟ ଶେଷରେ

ସେମାନେ ଆସି ତାଙ୍କରି ମଧ୍ୟରେ ମିଶି ଏକହୋଇ ଯାନ୍ତି । ସମ୍ମୁଖରେ ସେ ପୁଣି ନିଜେ ନାଚି ତାଙ୍କୁ ନଚାଉଛନ୍ତି । ହେଲେ ସେ ସଙ୍ଗମ ଧର୍ମୀ ନୁହନ୍ତି । ସେଥିପାଇଁ ଶିର ଦେଶରେ ତାଙ୍କର ଶୋଭାପାଏ ମୟୂର ଚୂଳ । ମୟୂର ପ୍ରତ୍ୟକ୍ଷ ସଙ୍ଗମ କରେ ନାହିଁ ।

ଭିତର ଗାଏଣୀ ନାଚି ଚାଲିଛି, ଗାଇ ଚାଲିଛି ଗୀତ-ଗୋବିନ୍ଦ । ଯେତେ ଗାଇଲେ ଯେତେ ନାଚିଲେ ବି ତା ମନରେ ଅବସାଦ ଆସୁନାହିଁ । ରସିକ ଶେଖରଙ୍କୁ ସମ୍ମୁଖରେ ପାଇ କେଉଁ ରସିକା ପଛେଇ ଯିବ ତାଙ୍କୁ ଖୁସି ନକରି !

ବାହାରେ ଅପେକ୍ଷା କରିଥିବା ଭକ୍ତ ସେବକମାନେ ବ୍ୟସ୍ତ ହୋଇ ପଡ଼ିଲେଣି । କଣ ଏତେବେଳଯାଏ ଭିତର ଗାଏଣୀଟା କରୁଛି ? ଏଭଳି ତ କେଉଁଦିନ କେହି ଏତେ ଡେରି କରନ୍ତି ନାହିଁ । କେହି କେହି ଭାବିଲେ, ସେ କଣ ଆଉ ସେଠାରେ ଶୋଇପଡ଼ିଲା କି ? କିନ୍ତୁ ତଳିଛୁ କହୁଛନ୍ତି ଭିତର ଗାଏଣୀର ଗୀତ ନୂପୁର ଶୁଭୁଛି ବୋଲି ।

ବହୁ ସମୟ ପରେ ଭିତର ଗାଏଣୀ ଫେରିଲା, ଏ କଣ ? ଗାଏଣୀ କଣ ଅଭୁତ ଲଙ୍ଗଳା ; ଛାତିରେ ତାର କାଞ୍ଚୁଲା ନାହିଁକି ଦେହରେ ତାର ଅଙ୍ଗବାସ ନାହିଁ । ତା ଦେହରୁ ପବନରେ ଭାସିଆସୁଛି କର୍ପୁର, କସ୍ତୁରୀର ଗନ୍ଧ । ଢଳି ଢଳି ସେ ଚାଲିଛି—ସତେ ଯେପରି ସେ ପେଟେ ମଦ ପିଇଦେଇଛି ।

ଯୁବକ ପାଳିଆ ଅଣ୍ଡିଆ ତାର ନଗ୍ନ ଦେହକୁ ଚାହିଁ ଆଶ୍ଚର୍ଯ୍ୟ ଭଙ୍ଗୀରେ ତାକୁ ଅନାଇ ରହିଲେ । ପାଳିଆ ମେକାପ ବଡ଼ ପାଟିରେ ଡାକ ପକାଇଲେ, 'ହଇ ହେ, ଏଇଟା କଣ ପୂରା ଲଙ୍ଗଳା' ? କିନ୍ତୁ ସେ ଟିକିଏ ହେଲେ ପଛକୁ ଫେରି ଅନାଇଲେ ନାହିଁ । ସତେ ଯେପରି ତା କାନକୁ କିଛି ଶୁଭୁ ନାହିଁ । ସେ ଧୀରେ ଧୀରେ ଢଳି ଢଳି ଚାଲିଯାଉଛି ମନ୍ଦିର, ବେଢ଼ା ଇତ୍ୟାଦି ସବୁକୁ ପଛରେ ପକାଇ—ଲଜ୍ଜା ସରମ ସବୁ ଭୁଲି ।

ସମସ୍ତେ ଦେଖୁଛନ୍ତି ଭିତର ଗାଏଣୀଟା ଅଭୁତ ଲଙ୍ଗଳା । ସୂତା ଖିଏ ବି ତା ଦେହରେ ନାହିଁ । ଏଇଟା କଣ ଦିଅଁଙ୍କ ଆଗରେ ଉଲଗ୍ନ ହୋଇ ନାଚୁଥିଲା ? ଏହାର ତ ସାହସ କମି ନୁହେଁ । ଜଗତର ଯେ ନାଥ, ତା ଆଗରେ ଦାରିଆଣୀଟା ଲଙ୍ଗଳା ହେବା ତ କମ୍ କଥା ନୁହେଁ ? ଯାହା କଲାତ କଲା, ସମସ୍ତଙ୍କ ଆଗରେ ବେସରମୀଟା କିପରି ହଲି ହଲି ଯାଉଛି ? ଟିକିଏ ହେଲେ ମନରେ ତାର ସଙ୍କୋଚ ଆସୁନାହିଁ ? ତା ଆଗରେ ଆମେ ସିନା କେହି ନୋହୁ, ହେଲେ ଦିଅଁମାନେ ତ ଅଛନ୍ତି ?

ତଳିଛୁ ମୁଦୁଲି କବାଟ ପକାଇ ମାଟିର ମୁଦ ଦେଇ ଫେରିଲେ । ସେମାନେ ମଧ୍ୟ ଦେଖିଛନ୍ତି ଭିତର ଗାଏଣୀଟା ଅଦ୍ଭୁତ ଲଙ୍ଗଳା ହୋଇ ଭିତରୁ ଚାଲି ଆସିଛି । ବୋଧେ ତାର ଲୁଗା ଭିତରେ ରହିଯାଇଛି । କାଲି ସକାଳୁ ଦ୍ୱାର ଖୋଲା ହେଲାବେଳେ ସମସ୍ତେ ତାର ପିନ୍ଧା ଲୁଗାକୁ ଦେଖିବେ । ଓହୋ—କଣ ନ କଲା ସେ । ଲଙ୍ଗଳା ହୋଇ ଭାନୁ ଯୌବନ ହଲଇ ଦିଅଁଙ୍କ ଆଗରେ ମନଇଛା ନାଚି, ପୁଣି ତାର ପିନ୍ଧାଲୁଗାକୁ ଛାଡ଼ି ଚାଲିଗଲା । ରାତି ପାହୁ ନ ପାହୁଣୁ ବ୍ରହ୍ମାଦି ଦେବତାମାନେ ଆସିବେ ଦିଅଁଙ୍କ ଦର୍ଶନ ପାଇଁ । ।ସେମାନେ ଛୁଇଁବେ ନା ଦାରିଆଣୀଟାର ଛଡ଼ା ଲୁଗାକୁ' ?

ଭଣ୍ଡାର ମେକାପ ବଡ଼ ପାଟିରେ ଏତେଗୁଡ଼ାଏ କଥା କହିଲାପରେ ତଳିଛୁ କହିଲେ 'ଏପରା ଦିଅଁଙ୍କର କୂଟ । ସେ ଯଦି ଲଙ୍ଗଳାହୋଇ ନାଚି ପୁଣି ଲୁଗାପିନ୍ଧି ଚାଲି ଯାଉଥାନ୍ତା, ତେବେ ତାର ବେଢ଼ଙ୍ଗ କଣ କେହି ଦେଖିଥାନ୍ତେ । ଏଠି ଅନ୍ୟାୟ କରି କେହି କଣ ରହି ପାରିଲଣି ଯେ ସେ ରହି ପାରିବ ? ଏ କଥା ତ ମହାରାଜାଙ୍କ କାନକୁ ନ ଗଲେ ଚଳିବ ନାହିଁ ' ।

ତଳିଛୁ ମହାପାତ୍ରଙ୍କ କଥା ଶୁଣି ସୁଆର ବଡ଼୍ କହିଲେ 'ଏ କଥା ପୁଣି କହୁଛ । ଆଜି ଆମେ ପଛେ ଶୋଇବା ନାହିଁ, ମହାରାଜାଙ୍କୁ ସବୁ ଜଣାଇ ଦେଇ ଯିବା । ତା ନ ହେଲେ ରାତିରେ କଣ ଆମକୁ ନିଦ ହେବ ? ବର୍ତ୍ତମାନ ମହାରାଜାଙ୍କୁ ସବୁ କଥା କହିଲେ, କାଲି ସକାଳେ ମନ୍ଦିର ଖୋଲା ହେଲାବେଳକୁ ମହାରାଜ ଉପସ୍ଥିତ ହେବେ ଏ ସବୁର ପ୍ରମାଣ ପାଇଁ । ମନ୍ଦିର ଭିତରେ ତାର ଲୁଗା ତ ନିଶ୍ଚୟ ପଡ଼ି ରହିଥିବ । ନିଜେ ମହାରାଜ ସ୍ୱ ଚକ୍ଷୁରେ ସବୁ ଦେଖିଯିବେ ।

ସମସ୍ତେ ଏକ ସଙ୍ଗେ ସୁଆର ବଡ଼ୁଙ୍କ କଥାକୁ ସମର୍ଥନ ଜଣାଇଲେ । ସମସ୍ତ ଦ୍ୱାର ବନ୍ଦ କରି ପ୍ରତ୍ୟେକ ଚାଲିଲେ ମହାରାଜାଙ୍କ ନଅର ଆଡ଼କୁ । ସେହି କେଇଦିନ ହେବ ମହାରାଜା ପୁରୀରେ ଅବସ୍ଥାନ କରୁଥାନ୍ତି । ତାଙ୍କର ଅଜା କପିଳେନ୍ଦ୍ର କାହିଁକି ତାଙ୍କ ପୂର୍ବରୁ ନରସିଂହଦେବଙ୍କ ଅମଳରୁ ସମଗ୍ର ଓଡ଼ିଶାର ମହାରାଜା ଶ୍ରୀଜଗନ୍ନାଥ ବୋଲି ଘୋଷିତ ହୋଇ ଆସିଛି । ଗଜପତି ମହାରାଜା କେବଳ ତାଙ୍କର ସେବକ । ତେଣୁ ଶ୍ରୀଜଗନ୍ନାଥଙ୍କ ପହୁଡ଼ ନ ପଡ଼ିବା ପର୍ଯ୍ୟନ୍ତ ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଶୋଇବାକୁ ଯାଆନ୍ତି ନାହିଁ ।

ସେବକମାନେ ରାଜନଅର ପାଖରେ ପହଞ୍ଚି ଦ୍ୱାରୀକୁ କହିଲେ ମହାରାଜାଙ୍କୁ ସମ୍ବାଦ ଦେବାପାଇଁ । ଶ୍ରୀମନ୍ଦିରରେ ଅଘଟଣ ଘଟିଛି, ଏଥିପାଇଁ ଧାଇଁ ଆସିଛନ୍ତି ମହାପ୍ରଭୁଙ୍କ ସେବକମାନେ । ମହାରାଜାଙ୍କୁ ସବୁକଥା ଜଣାଇଲାପରେ ସେମାନେ ନିଜ ଘରକୁ ବାହୁଡ଼ିବେ ।

ଶ୍ରୀମନ୍ଦିରର ସେବକମାନେ ଆସିଛନ୍ତି—ମନ୍ଦିରରେ କୌଣସି ଏକ ଅଶୁଭ ଘଟଣା ଘଟିଛି—ଶୁଣୁ ଶୁଣୁ ମହାରାଜା ଚମକି ଉଠିଲେ । ଯେଉଁ ମହାପ୍ରଭୁଙ୍କ ପାଇଁ ସେ ମହାରାଜା ତମକି ଉଠିଲେ । ଯେଉଁ ମହାପ୍ରଭୁଙ୍କ ପାଇଁ ସେ ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ

କନକବର୍ଣ୍ଣେଶ୍ୱର ବୋଲାଉଛନ୍ତି, ତାଙ୍କ ମନ୍ଦିରରେ, ପୁଣି ନିଜେ ସେ ଶ୍ରୀକ୍ଷେତ୍ରରେ ଅବସ୍ଥାନ ବେଳେ ଅଘଟଣ ଘଟିଛି ।

ଗଜପତି ମହାରାଜା ପ୍ରତାପରୁଦ୍ର ଦେବ ଟିକିଏ କ୍ଳାନ୍ତି ଅନୁଭବ କରୁଥିଲେ । ଶୁଣୁ ଶୁଣୁ ତାଙ୍କର କ୍ଳାନ୍ତି କେଉଁଆଡ଼େ ଉଭେଇଗଲା । ସପକ୍ଷାନେ ସେବକମାନଙ୍କୁ ତାଙ୍କ ପାଖକୁ ପାଛୋଟି ଆଣିବାକୁ ପାରିଷଦଙ୍କୁ ଆଦେଶ ଦେଲେ ।

ଭିତର ଗାଏଣୀ ଉଲଗ୍ନହୋଇ ବିଅଁଙ୍କ ପାଖରେ ନାଚୁଥିଲା ଏବଂ ଗଲାବେଳେ ଶ୍ରୀମନ୍ଦିରରେ ତାର ପାଟଣା ଲୁଗା ଛାଡ଼ି ଚାଲିଯାଇଛି, ଏହା ଶୁଣୁ ଶୁଣୁ ଗଜପତି ମହାରାଜା ପ୍ରତାପରୁଦ୍ରଙ୍କ କ୍ରୋଧ ବଢ଼ିବାକୁ ଲାଗିଲା । କମ୍ ସାହସ ତ ନୁହେଁ ଗୋଟାଏ ନଚୁଣୀ ବେଶ୍ୟାର ! ଗୀତ ଗୋବିନ୍ଦ ବୋଲିବାକୁ ଯାଇ ସେ ବିଅଁଙ୍କ ପାଖରେ ଲଙ୍ଗଳା ହୋଇ ନାଚୁଛି !

ସେହି ମୁହୂର୍ତ୍ତରେ ମହାରାଜା ତାର ବିଚାର କରିଥାନ୍ତେ । ମାତ୍ର ସେବକମାନେ ରାତି ପାହିଲେ ତାର ବିଚାର ହେଉ ବୋଲି କହିଲେ । ସେତେବେଳକୁ ପାତ୍ର, ଅମାତ୍ୟ ସମସ୍ତେ ମଧ୍ୟ ଉପସ୍ଥିତ ଥିବେ । ସ୍ୱୟଂ ମହାରାଜା ମଧ୍ୟ ଜୟ ବିଜୟ ଦ୍ୱାର ଖୋଲିବା ପୂର୍ବରୁ ସେଠାରେ ଉପସ୍ଥିତ ରହି ଭିତର ଗାଏଣୀର ପାଟଣା ଲୁଗା ସ୍ୱଚକ୍ଷୁରେ ଦେଖି ପାରିବେ ।

"ତାହାହିଁ ହେବ" କହି ମହାରାଜା ସେବକମାନଙ୍କୁ ବିଦାୟ ଦେଲେ ।

ମହାରାଜା ପ୍ରତାପରୁଦ୍ର ଶୋଇବାକୁ ଗଲେ ମଧ୍ୟ ତାଙ୍କୁ ନିଦ ଆସିଲା ନାହିଁ । ଦୁଶ୍ଚିନ୍ତାରେ ସେ ଏପଟ ସେପଟ ହେବାକୁ ଲାଗିଲେ । ସେ ଭାବିଲେ, ଏହା ଏକ ଅଶୁଭ ସଙ୍କେତ । ବୋଧହୁଏ ଉତ୍କଳକୁ ବିଶେଷ କୌଣସି ବିପଦ ମାଡ଼ିଆସୁଛି ଓ ଏହା ତାର ପୂର୍ବାଭାସ । ତାଙ୍କର ଗୋସାଇଁ ବାପ କପିଳେନ୍ଦ୍ର ଦେବ ନିଜର ବାହୁବଳରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିରାଟ ଭୂଖଣ୍ଡକୁ ନିଜ ଆୟତ୍ତକୁ ଆଣି ବିଶାଳ ଉତ୍କଳ ଗଢ଼ି ଯାଇଛନ୍ତି । ତାଙ୍କର ପିତା ପୁରୁଷୋତ୍ତମ ଦେବ ବିଜୟୀ ପିତାଙ୍କର ସେହି ଅଞ୍ଚଳକୁ ନିଜର ସୀମା ମଧ୍ୟରେ ଆବଦ୍ଧ ରଖିବାକୁ ବହୁ ଚେଷ୍ଟା କରିଛନ୍ତି ସାରାଜୀବନ । ତାଙ୍କପରେ ସେ ଯେତେବେଳେ ରାଜା ହେଲେ ସେତେବେଳେ ଉତ୍ତରର ଗୌଡ଼ରାଜା ପ୍ରବଳ ହୋଇଉଠିଲେ । ତାଙ୍କୁ ପରାସ୍ତ କରିବାକୁ ସେ ଧାଇଁଲେ ଉତ୍ତରକୁ । ଓଡ଼ିଆ ରାଜାଙ୍କ ବିରାଟ ସୈନ୍ୟବାହିନୀ ଦେଖି ଗୌଡ଼ରାଜା ଭୟରେ ପଳାୟନ କଲେ । ସବୁ ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁଁ ସମ୍ଭବ ହୋଇଛି । ଅନଙ୍ଗଭୀମ ଦେବଙ୍କ ସମୟରୁ ଓଡ଼ିଶା ଜଗନ୍ନାଥଙ୍କ ସାମ୍ରାଜ୍ୟରୂପେ ଘୋଷିତ । ତେଣୁ ଆଜି ଜଗନ୍ନାଥଙ୍କ ପାଖରେ ଏହି ଅନୀତି ସେ କେବେ ବରଦାସ୍ତ କରିବେ ନାହିଁ ।

ଅସୀମ ଚିନ୍ତା ରାଜ୍ୟରେ ବିଚରଣ କରୁ କରୁ କେତେବେଳେ ନିଦ୍ରା ତାଙ୍କୁ କବଳିତ କଲା । ସେ ଜାଣିପାରିଲେ ନାହିଁ । ହଠାତ୍ ସେ ଦେଖିଲେ ମହାପ୍ରଭୁ ଜଗନ୍ନାଥ ତାଙ୍କୁ ଡାକି କହୁଛନ୍ତି, ତୁ କଣ ଭାବିଛୁ ମୋର ଆଖି ନାହିଁ । ମୁଁ କିଛି ଦେଖି ପାରୁନାହିଁ ? ଭିତର ଗାଏଣୀ ଉଲଗ୍ନ ହୋଇ ମୋ ପାଖରେ ନାଚୁଥିଲା ଏହା କଣ ମୁଁ ଦେଖିନାହିଁ ? ମୋ ଆଖିଠାରୁ କଣ ତୋ ଆଖି ବଡ଼, ନା ମୋ ଆଖିଠାରୁ ତୋ ଆଖି ଅନବରତ କେବେ ବୁଜି ନ ହୋଇ ସବୁ ଦେଖିବାରେ ବ୍ୟସ୍ତ ଥାଏ ? ଆଉ ଦଣ୍ଡ ଦେବାର କ୍ଷମତା କଣ ମୋଠାରୁ ତୋର ବେଶି ? ତାର ଉଲଗ୍ନ ନୃତ୍ୟ ମୁଁ ଇଚ୍ଛା କରିଥିଲି ଦେଖିବାକୁ, ତେଣୁ ଭାବ ବିଭୋର ହୋଇ ସେ ନାଚିଥିଲା । ମୋ ସେବକକୁ ଦଣ୍ଡ ଦେବାର ଅଧିକାର ତୁମର ନାହିଁ । ଯଦି ଉଲଗ୍ନ ହୋଇ ମୋ ପାଖରେ ନାଚିଲା ବୋଲି ଦୋଷ ଗାଏଣୀର ହେଲା, ତେବେ ଗୀତ ଗୋବିନ୍ଦ ମୋ ପାଖରେ ବୋଲା ହେବ କାହିଁକି ? ସେ କଣ ସଂପୂର୍ଣ୍ଣ ଭକ୍ତିର ଶାସ୍ତ୍ର ? ଆଉ ରାତି ପାହିଲେ ଭିତର ଗାଏଣୀର ଲୁଗା ସେବକମାନେ ମନ୍ଦିରରେ ଖୋଜିବେ—ତାହା ଆଉ ମନ୍ଦିରରେ ନାହିଁ । ବର୍ତ୍ତମାନ ଭିତର ଗାଏଣୀ ଘରେ ନିଜେ ମୁଁ ନେଇ ଦେଇ ଆସିଛି । ତୋର ଯଦି ପ୍ରକୃତ ଜ୍ଞାନୋଦୟ ହୋଇଥାଏ ତେବେ ଗୀତ ଗୋବିନ୍ଦ ନିତ୍ୟ ମୋ ପାଖରେ ବୋଲା ହେବାପାଇଁ ବ୍ୟବସ୍ଥା କରିବୁ । ଭିତର ଗାଏଣୀ ମୋର ପ୍ରାଣ, ତାକୁ କେହି ବାଧା ଦେବେ ନାହିଁ ।

ହଠାତ୍ ମହାରାଜା ପ୍ରତାପରୁଦ୍ରଙ୍କ ନିଦ ଭାଙ୍ଗିଗଲା । ସେ ଧଡ଼ପଡ଼ ହୋଇ ଉଠିବସିଲେ । ଯେଉଁଠାରେ ମହାପ୍ରଭୁ ଛିଡ଼ାହୋଇ ତାଙ୍କୁ ଆଦେଶ କରୁଥିଲେ ବୋଲି ସେ ସ୍ୱପ୍ନରେ ଦେଖିଥିଲେ ସେଠାରେ ମହାପ୍ରଭୁଙ୍କ ଗୁଣାଟି ପଡ଼ିରହିଛି । ଅତି ଅମୂଲ୍ୟ ସଂପଦ ଭଳି ମହାରାଜା ସେହି ଫୁଲର ଗୁଣାଟି ତଳୁ ଗୋଟାଇ ମୁଣ୍ଡରେ ଲଗାଇଲେ । ସତେ କି ନିର୍ବୋଧ ସେ । ଶ୍ରୀଜଗନ୍ନାଥଙ୍କ ପାଖରେ କଣ ହେଲା ନ ହେଲା ତାର ବିଚାର କରିବେ ସେ ?

ଏ ଯେ ସ୍ୱପ୍ନ ନୁହେଁ ବାସ୍ତବ, ତା'ର ପ୍ରମାଣ ମହାପ୍ରଭୁଙ୍କ ମୁଖର ଗୁଣା । ବାକି ସେବକମାନେ ପ୍ରମାଣ ପାଇବେ ଭିତର ଗାଏଣୀର ଲୁଗା ସେଠାରେ ନ ଦେଖି ।

ପ୍ରଭାତ ହେବା ମାତ୍ରେ ତଳିଚ୍ଛୁ ମହାପାତ୍ରେ, ପୁଷ୍ପାଳକ, ସୁଆର ବଡୁ, ମୁଦୁଲି ପ୍ରଭୃତି ଶ୍ରୀମନ୍ଦିରରେ ପ୍ରବେଶ କଲେ । ଗତ କାଲିର ଘଟଣା ତାଙ୍କଠାରୁ ଅନ୍ୟମାନେ ମଧ୍ୟ ଶୁଣିଲେ । ମନ୍ଦିର ଖୋଲା ହେବାବେଳେ ସ୍ୱୟଂ ମହାରାଜା ଉପସ୍ଥିତ ହେବେ—ବିଚାର ହେବ ଭିତର ଗାଏଣୀର । ସେ ଯେ ବିଅଁଙ୍କ ଆଗରେ ଲଙ୍ଗଳାହୋଇ ନାଚୁଥିଲା ଏବଂ ସେହି ଉଲଗ୍ନ ଅବସ୍ଥାରେ ଚାଲିଯାଇଛି ତାର ପ୍ରମାଣ ସ୍ୱରୂପ ଗାଏଣୀର ଲୁଗା ବଡ଼ ଦେଉଳରେ ପଡ଼ିରହିଛି ।

ତଳିଚ୍ଛୁ ମହାପାତ୍ରେ ଏବଂ ମୁଦୁଲି ମୁଦ ପରୀକ୍ଷା କରି ଦେଖିଲେ । ଗତ ରାତିରେ କବାଟ ବନ୍ଦ କରି ସେ ଯେଉଁ କାଦୁଅର ମୁଦ ଦେଇ ଯାଇଥିଲେ ତାହା ଠିକ୍ ଅଛି । କିନ୍ତୁ ମୁଦଭାଙ୍ଗି ଦେଉଳ ଖୋଲା ହେଲାବେଳେ ସ୍ୱୟଂ ମହାରାଜା ଉପସ୍ଥିତ ରହିବେ ।

ହେଇ ମହାରାଜ ଆସୁଛନ୍ତି । ଖୁଣ୍ଟିଆଙ୍କ 'ହାମୁ ହାଡ଼' ତାଙ୍କ ନିକଟରେ ଆସିଲାଣି ।

ମହାରାଜ ଆସିଗଲେ ! ସମସ୍ତେ ଆଡ଼େଇ ହୋଇ ବାଟ ଛାଡ଼ିଦେଲେ ମହାରାଜାଙ୍କୁ, ମୁଦଗାଳି କବାଟ ଖୋଲାଗଲା । ଅତି ସାବଧାନରେ ତଲାସ କରାଗଲା ଭିତର ଗାଏଣୀର ପାଲଟା ଲୁଗା । କିନ୍ତୁ କାହିଁ ? ତାର ପାଲଟା ଲୁଗା ସତେ ଯେପରି ଉଭାନ୍ ହୋଇଯାଇଛି । କେବଳ ଗାଏଣୀ ଯେଉଁଠାରେ ନାଚୁଥିଲା ସେଠାରେ ଏଣେ ତେଣେ ହୋଇ ପ୍ରଭୁଙ୍କ ଫୁଲ ତୁଳସୀ ପଡ଼ିରହିଛି ।

ପରିବେଶ ନୀରବ ।

ଚକିନ୍ତୁ ଅନାଇଲେ ଖୁଣ୍ଟିଆଙ୍କ ମୁହଁକୁ । ସମସ୍ତେ କାବା ।

ହଠାତ୍ କାହାର ପରିଚିତ କୋମଳ ମୃଦୁଗମ୍ଭୀର କଣ୍ଠସ୍ୱର ଶୁଣାଗଲା ; 'ହେ ମହାପ୍ରଭୁ, ଅପରାଧ କରିଛି କ୍ଷମା କର' ।

ସମସ୍ତେ ଚାହିଁ ଦେଖିଲେ ସ୍ୱୟଂ ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର ବୀରାଧିବୀରବର ଶ୍ରୀ ପ୍ରତାପରୁଦ୍ର ଦେବ ଆଭୂମି ପ୍ରଣତ ହୋଇ ଦିଅଁକୁ କ୍ଷମା ପ୍ରାର୍ଥନା କରୁଛନ୍ତି । ଦୁଇଧାର ପ୍ରେମାଶ୍ରୁ ଝରି ଯାଉଛି ତାଙ୍କର ନୟନପ୍ରାନ୍ତରୁ । ଅନ୍ତରରେ ଖେଳୁଛି ଭକ୍ତିର ଭାବୋଚ୍ଛ୍ୱାସ ।

କ୍ୱାଟର ନଂ ୭୭
ଗୋପବନ୍ଧୁ ନଗର (ଡେଲ୍ଟା)
ଭୁବନେଶ୍ୱର—୧୨



ତପସିଲଭୁକ୍ତ ଜାତିର ଲୋକଙ୍କ ପାଇଁ ସମବାୟ ଅର୍ଥ କର୍ପୋରେସନ ଓ ପୁଲିସ କର୍ମଚାରୀଙ୍କ ପାଇଁ ଗୃହନିର୍ମାଣ କର୍ପୋରେସନ ଗଠନ

## ରାଜ୍ୟ ମନ୍ତ୍ରିମଣ୍ଡଳର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଅଧ୍ୟକ୍ଷତାରେ ୧୯୭୯ ମଇ ୧୬ ତାରିଖରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ନିଷ୍ପତ୍ତି ମଧ୍ୟରୁ ଦୁଇଟି ପ୍ରଧାନ ବିଷୟ ହେଲା, ତପସିଲଭୁକ୍ତ ଜାତି ଲୋକମାନଙ୍କର ଅର୍ଥନୈତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଗୋଟିଏ ସମବାୟ ଅର୍ଥ କର୍ପୋରେସନ ଗଠନ କରାଯିବ । ତପସିଲଭୁକ୍ତ ଜାତିର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇପାରିବା ଭଳି ଅର୍ଥନୈତିକ ପରିକଳ୍ପନାଗୁଡ଼ିକୁ ଏହି କର୍ପୋରେସନ ଚିହ୍ନଟ କରିବେ । କର୍ପୋରେସନର ଅଂଶ ମୂଳ ଧନ ୨୦୦ ଲକ୍ଷ ଟଙ୍କା ହେବ ।

ମନ୍ତ୍ରିମଣ୍ଡଳର ଏହି ବୈଠକରେ ପୁଲିସ ଇନ୍ସପେକ୍ଟର ତଥା ତତ୍ତୁଲ୍ୟ ପଦବୀର ପୁଲିସ ଅଫିସରମାନଙ୍କୁ ଗେଜେଟେଡ୍ ପାହ୍ୟା ପ୍ରଦାନ କରାଯାଇଛି । ତଳ ପାହ୍ୟା ପୁଲିସ କର୍ମଚାରୀଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ଗୃହ ନିର୍ମାଣ କର୍ପୋରେସନ ଗଢ଼ା ଯିବାକୁ ସ୍ଥିର ହୋଇଛି । ଏହି କର୍ପୋରେସନକୁ ହୁଡକୋ ଆବଶ୍ୟକୀୟ ଋଣ ଯୋଗାଇବେ ।

# ନୀଳଚକ୍ର

ସାମନ୍ତ ଚନ୍ଦ୍ରଶେଖର ମହାପାତ୍ର

ଏଠି ସତେ ଝରେ ସୁଧା
　　ମାତିଉଠେ ତନ୍ମୟ ଉତ୍ସବ
ଏଠି ସତେ ମନ ଖୋଳେ
　　ଈଶ୍ୱରୀୟ ବର୍ଣ୍ଣିଳ ବିଭବ ।

ଅନ୍ତରର ବ୍ୟଥା ଯେତେ
　　ଏଠି ସତେ ଧୋଇ ହୋଇଯାଏ
ପବନର ପାଖୁଡ଼ାରେ
　　ସତେ କିଏ ପ୍ରାଣେ ପ୍ରାଣେ ଆଶ୍ୱାସନା ଦିଏ ।

ଦିପାଳୀର ଶିଖା ଦେଉ
　　କେତେ ନିବେଦନ
ସତେ କେଉଁ ମହାଶକ୍ତି
　　ମାନସରେ ହେଉଛି ବିଲୀନ ।

ପ୍ରତ୍ୟୁଷରେ ଝରି ଆସେ
　　ସସ୍ନେହ ସ୍ୱୀକୃତି
କିଏସେ ଦେବତା ଦିଏ
　　ଦିଗ୍‌ଦର୍ଶନ ସାଗ ବିଶ୍ୱପତି ।

କିଏ ଏହି ପରମାତ୍ମା
　　କିଛି କ୍ଷଣ ପାଇଁ
କୋଟି ମନ ନିଜ ପ୍ରାଣେ
　　ନେଉଛି ମିଶାଇ
ପ୍ରକ୍ଷାଳିତ କରି ତାକୁ
　　ପର କ୍ଷଣେ ଦିଏ ଲେଉଟାଇ ।

ମନ କହେ ଏ ସୁରମ୍ୟ
　　ମାର୍ମିକ କମ୍ପନ
　　　ଆମ ପାଇଁ ହେଉ ଚିରନ୍ତନ ।

ଅନ୍ଧାରର କାଳ କାଟି
　　ମହାଦୀପ ଉଠେ
ହୃଦୟ କାଳିମା ଧୋଇ
　　ବିବେକ ଉକୁଟେ ।

ପତିତପାବନ ବାନା
　　"ମା ଭେଟି"ର ସାଙ୍କେତିକ ଗାଏ
ଆଧ୍ୟାତ୍ମିକ ଗୁରୁ କିଏ
　　ବିଶ୍ୱ ପାଇଁ ଦିଗ୍‌ଦର୍ଶନ ଦିଏ ।

ସୃଷ୍ଟିର ଗୋପନ ସ୍ତରେ
　　ସତେ ଏକି କେନ୍ଦ୍ର ବିନ୍ଦୁ ସତ୍ତା
ସତେ ଏ ଜଗତନାଥ
　　ସୃଷ୍ଟି ସ୍ଥିତି ଲୟର ଦେବତା ।

ଏ ଜଡ଼ ବିଗ୍ରହ ପ୍ରାଣେ
　　ଚେତନାର ସମୁଦ୍ର ସତେକି
ପ୍ରଶାନ୍ତିରେ ଉଚ୍ଛୁଳୁଛି
　　ଅଭୟର ସାଙ୍କେତିକ ଚେକି ।

ବାଡ଼ ହରେକୃଷ୍ଣ ପୁର, ପୁରୀ-୨

# ଯୁଗକୁ ଯୁଗ ଏହି ମତେ

ନରହରି ଉପାଧ୍ୟାୟ

ରାମ, କୃଷ୍ଣ, ବାମନ, ପରଶୁରାମ, ମହାବୀର, ବୁଦ୍ଧ, ନାନକ, ଚୈତନ୍ୟ ଏମାନେ ସମସ୍ତେ ଭଗବାନ । ଉଦାର ସନାତନପନ୍ଥୀ ତାର ଧର୍ମ ଦର୍ଶନ ପରିସର ମଧ୍ୟରେ ଯେ କୌଣସି ସିଦ୍ଧ-ସାଧକ ଓ ମହାପୁରୁଷଙ୍କୁ ଭଗବାନ ପର୍ଯ୍ୟାୟଭୁକ୍ତ କରିନେଇଥାଏ । ଏପରି କି ଦେଶାନ୍ତରଜାତ ଧର୍ମାନ୍ତରବାଦୀ ଯୀଶୁ, ମହମ୍ମଦଙ୍କ ପରି ଧରାବତୀର୍ଣ୍ଣ ଯୋଗଜନ୍ମା ଯୁଗାନ୍ତକାରୀ ମହାପୁରୁଷମାନଙ୍କୁ ମଧ୍ୟ ଭଗବାନଙ୍କର ପଦମର୍ଯ୍ୟାଦା ଦେବାକୁ ଦ୍ୱିଧା ବୋଧ କରେ ନାହିଁ । 'ଭଗ' ବା ଅଣିମା, ଲଘିମା, ପ୍ରାପ୍ତିଃ, ପ୍ରାକାମ୍ୟ, ମହିମା, ଇଶିତ୍ୱ, ବଶିତ୍ୱ ଏବଂ କାମାବସାୟିତାଦି ଅଷ୍ଟୈଶ୍ୱର୍ଯ୍ୟର ଅଧିକାରୀ ରାମାଦି ନାମଧାରୀ ଦିବ୍ୟ-ଚେତନାମୟ ମହାପୁରୁଷଗଣ କର୍ତ୍ତବ୍ୟର ଆହ୍ୱାନରେ ଯୁଗାବତାର ରୂପେ ଧରାବତରଣ କରିଛନ୍ତି । ପୁଣି ଉର୍ଦ୍ଦିଷ୍ଟ ଲୌକିକ ଲୀଳା ସମାପନ କରି ସ୍ୱସ୍ଥାନକୁ ଗ୍ଲଳି ଯାଇଛନ୍ତି । ମହାମତି ଶ୍ରୀରାମ ଦଶରଥଙ୍କ ପୂର୍ଣ୍ଣାୟୁ ପୁତ୍ରରୂପେ ଏହି ମନୁଷ୍ୟ ଲୋକରେ "ଦଶ ବର୍ଷ ସହସ୍ରାଣି ଦଶବର୍ଷ ଶତାନି ଚ" (ବା : ରା : ଉତ୍ତରାକାଣ୍ଡ ୧୦୪।୧୨) ଅର୍ଥାତ୍ ଏଗାର ସହସ୍ର ବର୍ଷ ଭୋଗ କରି ସର୍ଯ୍ୟୁରେ ବୈଷ୍ଣବୀ ତେଜ ମଧ୍ୟରେ ପ୍ରବେଶ କଲେ । ଶ୍ରୀକୃଷ୍ଣ ସେହିପରି ଦ୍ୱାପର-ଲୀଳା ଶେଷରେ ଜାରା ଶବର ବାଣାଘାତରେ ମରଶରୀର ବିସର୍ଜନ କରି ବୈକୁଣ୍ଠ ଗମନ କଲେ । ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହୋଇ ପ୍ରାଣ ତ୍ୟାଗ କଲେ ; ମହମ୍ମଦ ହତହତ୍ୟାର ଶିକାର ହୋଇ ଇହ ଲୀଳା ସମ୍ବରଣ କଲେ । "ମର୍ତ୍ତ୍ୟେ ମାନବ ଦେହବହି, ଦେବତା ହୋଇଲେ ମରଇ", ଭାଗବତର ଏହି ବାଣୀ ମର୍ତ୍ତ୍ୟାବତୀର୍ଣ୍ଣ ଦେବଅଂଶୀ ଦିବ୍ୟପୁରୁଷମାନଙ୍କର ଅନିତ୍ୟତା ପ୍ରତିପାଦନ କରୁଛି । ତେଣୁ ସତ୍ୟାନୁରାଗୀ ଅନୁସନ୍ଧିତ୍ସୁ ମନରେ ସ୍ୱତଃ ପ୍ରଶ୍ନ ଉଠେ, 'ନିତ୍ୟ' ତାହାହେଲେ କିଏ ? ନିତ୍ୟ ହିଁ ବିଷ୍ଣୁ ଓ ବୈକୁଣ୍ଠ । କେବଳ ଏହି ମାତ୍ର ଉତ୍ତର ଜିଜ୍ଞାସୁକୁ ପୂର୍ଣ୍ଣ ସନ୍ତୋଷ ଦେଇ ପାରେ ନାହିଁ । ବିଷ୍ଣୁ କିଂଭୂତ କିମାକାର ; ବୈକୁଣ୍ଠର ସ୍ଥିତି କେଉଁଠି ; ଇତ୍ୟାଦି ପ୍ରଶ୍ନ ଅନିବାର୍ଯ୍ୟ ହୋଇପଡ଼େ । କଥାରେ ଅଛି, "ଯାହା ନଦେଖିବ ବେନି ନୟନେ, ପରତେ ନ ଯିବ ଗୁରୁ ବଚନେ" । ତେଣୁ ଏକ ନିତ୍ୟ ପୁର ଓ ପୁରୁଷର ଅସ୍ତିତ୍ୱବାଚକ ଶାସ୍ତ୍ରପୁରାଣୋକ୍ତ ସିଦ୍ଧାନ୍ତ ଉପରେ ଭିତ୍ତିକରି ଏହି ଧରାଧାମରେ ଚର୍ମଚକ୍ଷୁ ସୀମା ଭିତରେ ସେହି ନିତ୍ୟ ଧାମ ଓ ନିତ୍ୟ ନାମୀର ସତ୍ତା ଅନୁସଂଧାନ କରିବାକୁ ହିଁ ହେବ । ବଡ଼ ବଡ଼ ମୁନି ଋଷିଙ୍କ କଥା ଏ ଆଲୋଚନା ପରିସର ମଧ୍ୟକୁ ଅଣାଯାଉ ନାହିଁ । ଆମର ଓଡ଼ିଆ କବି ରସ-ବିନୋଦକାର ଦୀନକୃଷ୍ଣ ଦାସଙ୍କ ଦିବ୍ୟ ଦୃଷ୍ଟି ଏବଂ ତାତ୍ତ୍ୱିକ ବିଚାରରେ—"ନିତ୍ୟ ଯେ ଶ୍ରୀ ପୁରୁଷୋତ୍ତମ" ଏବଂ "ଦେଖିଲି ଶ୍ରୀ ପୁରୁଷୋତ୍ତମ, କ୍ଷେତ୍ରମାନଙ୍କ ଯେ ଉତ୍ତମ" । ଅତଏବ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଏବଂ ପୁରୁଷୋତ୍ତମାଖ୍ୟ ତାଙ୍କର ଆୟତନ ଶ୍ରୀକ୍ଷେତ୍ର ହିଁ 'ନିତ୍ୟ' । ପଞ୍ଚସଖାଯୁଗ ସାହିତ୍ୟର ସୂକ୍ଷ୍ମ ଆଲୋଡ଼ନ କଲେ ଦେଖାଯିବ ଯେ, ପୂର୍ବ ସିନ୍ଧୁ କୂଳେ ବିରାଜମାନ ନୀଳାଦ୍ରି 'ନିତ୍ୟ ସ୍ଥଳ ଗୋଲକ' ଏବଂ ତତ୍ରାଧିଷ୍ଠିତ ନୀଳାଦ୍ରିବିହାରୀ ଜଗନ୍ନାଥ ନିତ୍ୟନିରଞ୍ଜନ 'ଗୋଲକ ବିହାରୀ' ରୂପେ ଦୃଢ଼ ଯୁକ୍ତି ବଳରେ ପ୍ରତିପାଦିତ । ଦୀନକୃଷ୍ଣଙ୍କ ପୂର୍ବ ସୂରୀ ଅତିବଡ଼ି ଜଗନ୍ନାଥ ଦାସଙ୍କର ଭଜନର ଏକ ପଂକ୍ତି ଏଠାରେ ଉଦ୍ଧାରଯୋଗ୍ୟ—

"ଅଶେଷ ବ୍ରହ୍ମାଣ୍ଡ ସାର ଅନନ୍ତ ଶିର ଉପର
ନୀଳାଦ୍ରି ଅବ୍ୟୟ ନିତ୍ୟସ୍ଥଳ ଗୋଲକ ।"

ଏହିପରି ପଞ୍ଚସଖାଙ୍କ ମଧ୍ୟରୁ ବଳରାମଙ୍କ 'ବେଦାନ୍ତ ସାର ଗୁପ୍ତଗୀତା' ଓ 'ବଟ ଅବକାଶ', ଅଚ୍ୟୁତଙ୍କ 'ଗୁରୁଭକ୍ତି ଗୀତା', ଜଗନ୍ନାଥଙ୍କ 'ଦାରୁବ୍ରହ୍ମ ଗୀତା', ଯଶୋବନ୍ତଙ୍କ 'ପ୍ରେମ ଭକ୍ତି ବ୍ରହ୍ମଗୀତା' ଆଦି ଏବଂ ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ', ଦୀନକୃଷ୍ଣ ଦାସଙ୍କ 'ନାମରତ୍ନ ଗୀତା' ପ୍ରଭୃତିରେ ପୁରୁଷୋତ୍ତମ କ୍ଷେତ୍ର ଓ କ୍ଷେତ୍ରାଧିପତି ପୁରୁଷୋତ୍ତମଙ୍କ ମାହାତ୍ମ୍ୟର ଭୂରି ଭୂରି ତାତ୍ପର୍ଯ୍ୟପୂର୍ଣ୍ଣ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି । ସବୁ କଥା ଆଲୋଚନା କଲେ, 'ଗୋଲକ, ନୀଳକନ୍ଦର 'ଗୋଲକାଧିପତି' ଶ୍ରୀ ଜଗନ୍ନାଥ, ଏହି ସାର ତତ୍ତ୍ୱଟି ପ୍ରତିପନ୍ନ ହୁଏ । ଜଗନ୍ନାଥଙ୍କ ସ୍ୱରୂପ, ନାମକରଣ ଓ ସମୟସୀମାଦି ନିରୂପଣ ପାଇଁ ବହୁ ଶାସ୍ତ୍ରବିତ ପଣ୍ଡିତ, ପ୍ରତ୍ନତତ୍ତ୍ୱବିତ୍, ଐତିହାସିକ, ଗବେଷକ ଶତାବ୍ଦୀ ଶତାବ୍ଦୀ ଧରି ନିରବଚ୍ଛିନ୍ନ ଉଦ୍ୟମ

ଚଳାଇ ଆସିଥିଲେ ହେଁ ସର୍ବଜନଗ୍ରାହ୍ୟ କୌଣସି ଏକ ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇଥିବା ପରି ମନେହୁଏ ନାହିଁ । ନାନା ମୁନିଙ୍କର ନାନା ମତ । ଋକ୍ ବେଦ ମନ୍ତ୍ର—

"ଅଦୋ ଯଦାରୁ ପ୍ଳବତେ      ସିନ୍ଧୋଃ ପାରେ ଅପୁରୁଷମ
ତଦାରଭସ୍ୱ ଦୁର୍ହଣୋ      ତେନ ଗଛ ପରସ୍ତରମ୍" ।

ପୁଣି ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ସତ୍ୟ ଯୁଗର ସୂର୍ଯ୍ୟବଂଶୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭୂମିକା, ଏବଂ "ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ", ଗୀତା ପ୍ରବଚନାଦି ପରିପ୍ରେକ୍ଷୀରେ ପ୍ରାକ୍‌ବୈଦିକ ଯୁଗରୁ ଆରମ୍ଭ କରି ଐତିହାସିକ ଯୁଗ ଏବଂ ସତ୍ୟ ଯୁଗରୁ ଆରମ୍ଭ କରି ଉପସ୍ଥିତ କଳିଯୁଗ ପର୍ଯ୍ୟନ୍ତ ଆଲୋଚିତ ସମୟ ସୀମାର ପରିବ୍ୟାପ୍ତି । ସ୍ୱର୍ଗୀୟ ଜଗବନ୍ଧୁ ସିଂହ ତାଙ୍କର 'ପ୍ରାଚୀନ ଉତ୍କଳ' ଗ୍ରନ୍ଥରେ (ପୃ ୪୮) ମାଦଳା ପାଞ୍ଜି ବର୍ଣ୍ଣିତ ସମୟସୀମା ସୂଚିତ କରିଛନ୍ତି, ଯଥା—"ବ୍ରହ୍ମାଙ୍କ ପ୍ରଥମ ପରାର୍ଦ୍ଧରେ ପରମେଶ୍ୱର ଭୂଲୋକରେ ଜମ୍ବୁଦ୍ୱୀପର ଭରତ ଖଣ୍ଡର ଉତ୍ତର ଦେଶରେ ଦକ୍ଷିଣ ମହୋଦଧିର ଉତ୍ତର ତୀରରେ ଶ୍ରୀ ପୁରୁଷୋତ୍ତମ ବୈକୁଣ୍ଠରେ ଦଶ ଯୋଜନ ମଧ୍ୟରେ ଦକ୍ଷିଣାବର୍ତ୍ତ ଶଂଖ, ପଞ୍ଚକ୍ରୋଶ ଭିତରେ ଶଂଖର ନାଭିମଣ୍ଡଳସ୍ଥ ନୀଳକନ୍ଦର ପର୍ବତରେ ନୀଳମଣି ଗଠିତ ଶଂଖ, ଚକ୍ର ଓ ଗଦା ପଦ୍ମ ସହିତ ଚତୁର୍ଭୁଜ ହୋଇ ନୀଳମଣି ଅବତାର ହେଲେ...." ସେ ଯାହାହେଉ, ଜଗନ୍ନାଥଙ୍କର ଅସ୍ତିତ୍ୱ ଏବଂ ତତ୍ ସଂପର୍କିତ ଧର୍ମ ଓ ସଂସ୍କୃତି ଯେ ବହୁ ପ୍ରାଚୀନ, ଏ ବିଷୟରେ ଦ୍ୱିମତ ବା ଦ୍ୱିରୁକ୍ତିର ଅବକାଶ ଘଟି ନାହିଁ । ଗବେଷଣାତ୍ମକ ଦୃଷ୍ଟିକୋଣରୁ ଜଟିଳ ଜଗନ୍ନାଥ ତତ୍ତ୍ୱ ଉପରେ ଆଲୋକପାତ କରିବା ଏ ନିବନ୍ଧର ଲକ୍ଷ୍ୟ ନୁହେଁ । କେବଳ ଓଡ଼ିଆ ସାହିତ୍ୟରେ ଜଗନ୍ନାଥଙ୍କ ଗୌରବ ଗରିମା ପ୍ରସଙ୍ଗରେ ଜାତୀୟ ଚେତନା ଓ ଜଗନ୍ନାଥ ପ୍ରୀତି ଓଡ଼ିଆ କବି କଳାପ କଣ୍ଠରେ ଯେଉଁ ଉଦାତ୍ତ ସ୍ୱରଝଙ୍କାର ତୋଳିଛି, ଆଲୋଚିତ ପୃଷ୍ଠ-ଭୂମିରେ ତାର ଯତ୍କିଞ୍ଚିତ୍ ଆଲୋଚନା କାମ୍ୟ ।

ଅନାଦି ଅନନ୍ତ ଜଗନ୍ନାଥଙ୍କର ଆଦି ଅନ୍ତ ଖୋଜିବା ନିରର୍ଥକ । "ସେ ହେଉଛନ୍ତି ଅନନ୍ତ ବିଶ୍ୱ ପ୍ରକାଶର ବହୁରେ ଏକ, ପୁଣି ବିଶ୍ୱତତ୍ତ୍ୱର ଏକରେ ପ୍ରକାଶ ରୂପ ବହୁ (ଦାରୁ ଦେବତା, ଡକ୍ଟର ବେଣୀମାଧବ ପାଢ଼ୀ), ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ବା ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣାଦି ଯୁଗାବତାରମାନଙ୍କ ପରି ପ୍ରତିଶ୍ରୁତିବଦ୍ଧ କର୍ମ ସାଧନ ପାଇଁ ସେ ଆତ୍ମ-ପ୍ରକାଶ କରିନାହାନ୍ତି । ତେଣୁ ଅବତାରବାଦ ବିଶ୍ୱରରେ ତାଙ୍କର ସ୍ଥିତି ଭିନ୍ନ । ସେ ଅବତାର ନୁହନ୍ତି, ବରଂ ବଡ଼ ଦେଉଳର ବଡ଼ଭାଇ ପଦମର୍ଯ୍ୟାଦାପ୍ରାପ୍ତ ତାଙ୍କର ସହପୂଜିତ ପ୍ରଭୁ ବଳଭଦ୍ର ଦଶାବତାର ମଧ୍ୟରେ ଅନ୍ୟତମ । ଉତ୍କଳୀୟ କବି ସାଧୁସତ୍ତମ ଜୟଦେବ ଗାଇଛନ୍ତି—

"ବହସି ବପୁସି ବିଶଦେ ବସନଂ ଜଳଦାଭଂ
ହଳହତି ଭୀତି ମିଳିତ ଯମୁନାଭଂ
କେଶବ ! ଧୃତ ହଳଧର ରୂପ, ଜୟ ଜଗଦୀଶ ହରେ"

ତେବେ ଜଗନ୍ନାଥ ସ୍ୱରୂପତଃ କଣ ? ଓଡ଼ିଶୀ ବୈଷ୍ଣବୀୟ ଭାବଧାରା ଅନୁସୃତ ମତବାଦରେ—"ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦ ବଳା" (ଜଗନ୍ନାଥ ଚରିତାମୃତ) । ମହୀବୈକୁଣ୍ଠ ଶ୍ରୀ କ୍ଷେତ୍ରର ନାଥ ଜଗନ୍ନାଥ ହିଁ ଷୋଳକଳା ପୂର୍ଣ୍ଣ ପୂର୍ଣ୍ଣବ୍ରହ୍ମ ପରମେଶ୍ୱର ; ଗୋପଗୋବିନ୍ଦକୃଷ୍ଣ ତାଙ୍କର ଅଙ୍ଗଜାତ ଅଂଶାବତାର ବିଶେଷ, ତେଣୁ କୁହାଯାଇଛି—"କଳାକୁ ଷୋଳକଳା କରି, ଗୋପେ ବିହରେ ନରହରି" । ଉତ୍କଳର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଯଶୋବନ୍ତ ଦାସ ଜଗନ୍ନାଥଙ୍କ ଅବତାରିତ୍ୱ ପ୍ରତିପାଦନ କରିବାକୁ ଯାଇ ତାଙ୍କର 'ପ୍ରେମ ଭକ୍ତି ବ୍ରହ୍ମଗୀତା'ରେ କହିଛନ୍ତି—

"ଅନାଦି ଉପରେ ଅନାଦି      ସର୍ବ କାରଣ ପରସିଦ୍ଧି
ଶ୍ରୀ ଜଗନ୍ନାଥ ଶ୍ରୀ ମୂରତି      ଏଥୁଁଟି ସର୍ବ ଉତପତ୍ତି",

ଦିବାକର ଦାସଙ୍କ ଅନୁରୂପ ମତ ହେଲା—

"ଈଶ୍ୱର ଉପରେ ଈଶ୍ୱର      ପରମ ପରେ ପରାପର
ବ୍ରହ୍ମ ଉପରେ ବ୍ରହ୍ମ ଏହି      କୃଷ୍ଣ ଉପରେ କୃଷ୍ଣ ସେହି" ।

ତେଣୁ ଜଗନ୍ନାଥଙ୍କୁ ମୂଳାଧାର ରୂପେ ପ୍ରତିପାଦନ କରି ଉପସଂହାର କରିଛନ୍ତି—

"ପରମବ୍ରହ୍ମ ଜଗନ୍ନାଥ      ଅବତାର ପରେ ସଂସ୍ଥିତ
କୋଟି କୋଟି ଯେ ଅବତାର      ଜଗନ୍ନାଥ ଅଙ୍ଗୁ ବାହାର",

କୃପାସିନ୍ଧୁ ବଳରାମ ଦାସଙ୍କ 'ବେଦାନ୍ତସାର ଗୁପ୍ତଗୀତା' ଉକ୍ତିରେ—

"ଓଡ୍ର ରାଷ୍ଟ୍ରରେ ନୀଳଗିରି      ଯହିଁ ବିଜୟେ ନରହରି
ଜଗତ ଈଶ୍ୱର ଠାକୁର      ଲୀଳାଯେ ନାନା ଅବତାର",

ମରାମର ତ୍ରାଣକର୍ତ୍ତା ରୂପେ ଯୁଗେ ଯୁଗେ ଜଗନ୍ନାଥ ନିଜ ମାୟା ବଳରେ ଅବତାର ଗ୍ରହଣ କରୁଥିବା ସୂଚାଇ ଦୀନକୃଷ୍ଣ ଦାସ ଉଲ୍ଲେଖ କରନ୍ତି—

"ଯୁଗେ ଯୁଗେ ଅବତରି ନିଜ ମାୟା ବଳେ
ଦୁଷ୍ଟଙ୍କୁ ସଂହରୁ ଅଛ ଦେବଙ୍କର ଛଳେ" (ନାମରତ୍ନ ଗୀତା)

ପୁନଶ୍ଚ ଅବତାର ସ୍ରଷ୍ଟା ରୂପେ—

"କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ
କରିବାକୁ ଜାତ ଜଗନ୍ନାଥ ଜନକ (ରସ କଲ୍ଲୋଳ)

କବି ତାଙ୍କର ପ୍ରୋକ୍ତ ମତବାଦର ଯାଥାର୍ଥ୍ୟ ପ୍ରତିପାଦନ କରିବାପାଇଁ ତାଙ୍କର କୃଷ୍ଣକାବ୍ୟ 'ରସକଲ୍ଲୋଳର'ଭିତ୍ତି ପ୍ରସ୍ତୁତ କରିଛନ୍ତି । ସୁବାହୁ ଦ୍ୱାପର ଯୁଗରେ ଦୁର୍ଦ୍ଦାନ୍ତ କୌଣପ କଂସ ପାଦଭାର ପ୍ରପୀଡ଼ିତା ଧରଣୀ ନିଷ୍କୃତି ଉଭର ପ୍ରତିକାର ପାଇଁ ବିନୟ ସହକାରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଯେତେବେଳେ ଆତୁର ନିବେଦନ ଜଣାଇଲେ, ସେତେବେଳେ ସେ ପୁରାଣ ବର୍ଣ୍ଣିତ ଅନନ୍ତ କୋଦଣ୍ଡଶାୟୀ ଲକ୍ଷ୍ମୀ ସରସ୍ୱତୀ ସେବିତ କ୍ଷୀର ସାଗରବାସୀ ଅନାଦି ବିଷ୍ଣୁଙ୍କ ପରିବର୍ତ୍ତେ ନୀଳାଚଳବାସୀ ଜଗନ୍ନାଥଙ୍କ ଶ୍ରୀ ଛାମୁରେ ଦୁଃଖ ନିବେଦନ କରିଛନ୍ତି—"କୁଶକେତୁ ଶୁଣି ଏକଥା, କହିଲେ ଜଗନ୍ନାଥଙ୍କୁ ଅବନୀ ବ୍ୟଥା" । ତା'ପରେ ଦନୁଜ ଦଳନ ପାଇଁ ମିଳିଛି କୃଷ୍ଣାବତାର ଗ୍ରହଣର ପ୍ରତିଶ୍ରୁତି । ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ଷଷ୍ଠ ଅଧ୍ୟାୟରେ ଅବତାର ଅବତାରୀ ବାଦର ଉପସଂହାର କରିବାକୁ ଯାଇ କହିଛନ୍ତି—

"ଯୁଗକୁ ଯୁଗ ଏହି ମତେ ପରମାନନ୍ଦ ଏ ଜଗତେ" ।

ଭାରତୀୟ ଐତିହ୍ୟର ଭିତ୍ତି ହେଲା ନୈତିକତା, ଆଧ୍ୟାତ୍ମିକତା, ବିଶ୍ୱପ୍ରାଣତା ଓ ବିଶ୍ୱଜନୀନତା । ଏହି ଗରିମାମୟ ପାରମ୍ପରିକ ଆଦର୍ଶରୁ ବିଚ୍ୟୁତି ଘଟିଲେ ସ୍ୱାର୍ଥପରତା, ଅହମିକା, ଈର୍ଷାଦ୍ୱେଷ, ଦ୍ୱନ୍ଦ୍ୱ କଳହ, ଅନାଚାର ଅତ୍ୟାଚାର, ଅନ୍ୟାୟ ଅସତ୍ୟ ଆଦି ପରିବ୍ୟାପ୍ତ ହୋଇ ସମାଜର ଅଧଃପତନ ଘଟାଏ ଏବଂ ସଂହତି ବ୍ୟାହତ ହୁଏ । ଫଳତଃ ଆଧ୍ୟାତ୍ମିକ ଚେତନାଶୀଳ ଶକ୍ତି ଏବଂ ହିଂସା ପ୍ରଣୋଦିତ ନୀତିଗର୍ହିତ ଦାନବୀୟ ବା ଦାନବୋଚିତ ଖଳଶକ୍ତି ମଧ୍ୟରେ ତୀବ୍ର ସଂଘର୍ଷର ସୂତ୍ରପାତ ହୋଇ ସଚରାଚର ସୃଷ୍ଟିରେ ଦୁଃଖ ଦୁର୍ବିପାକ, ଯାତନା ଲାଞ୍ଛନା, ପ୍ରାଣୀକ୍ଷୟ, ଧର୍ମଗ୍ଳାନି ଆଦି ଘଟେ । ସର୍ବତ୍ର ସୃଷ୍ଟି ବିପର୍ଯ୍ୟୟର ସମ୍ମୁଖୀନ ହୁଏ । ଏହି ପରି ଘଡ଼ି ସଂଧି ବେଳରେ ଦୁର୍ଗତ ମାନବ ତଥା ଦେବ ସୃଷ୍ଟିର ପରିତ୍ରାଣ ପାଇଁ ସେହି ନିତ୍ୟ ସନାତନ ଅନନ୍ତ ଅବିନଶ୍ୱର ପରମପୁରୁଷ ନଶ୍ୱର ଦେହ ଧାରଣ କରି ମରଧାମରେ ଅବତୀର୍ଣ୍ଣ ହୁଅନ୍ତି । କବି ସମ୍ରାଟ ଭଞ୍ଜ ଗାଇଛନ୍ତି—"ଅରି-ଦର-କର ବିଭୋ ଅରି-ଦର-କର, ଯୁଗେ ଯୁଗେ ଧର ନାନାବିଧ ଅବତାର ଯେ" । କେତେବେଳେ ମତ୍ସ୍ୟ ରୂପେ ଜଳରୁ, ନୃସିଂହ ରୂପେ ସ୍ତମ୍ଭରୁ ବା ସାଧାରଣ ନରରୂପେ ମାତୃ ଗର୍ଭରୁ ଅବତୀର୍ଣ୍ଣ ହୁଅନ୍ତି । ଯୁଗେ ଯୁଗେ ସୃଷ୍ଟିର ପ୍ରାକ୍ କାଳରୁ ଏ ଏକ ପ୍ରବହମାନଧାରା, ଭାଗବତକାର ଯଥାର୍ଥରେ ଗାଇଛନ୍ତି—"ଧରଣୀ ମଧ୍ୟେ ଅବତରି, ଭ୍ରମଇ ନାନା ରୂପ ଧରି" । ଅଶେଷ ପ୍ରାଣୀଙ୍କ ନିସ୍ତାର ପାଇଁ ଅବତାର । ଉଦ୍ଧବ ଶ୍ରୀକୃଷ୍ଣଙ୍କ ସମକ୍ଷରେ ରାମାବତାର ତତ୍ତ୍ୱ ସୂଚାଇ କହିଛନ୍ତି—

"ଏ କଥା ଅଦଭୁତ କି ତୋତେ
ତୁ ଯେ ଭକତ ଜନ ହିତେ
ବାନର ଭାଲୁଙ୍କର ମେଳେ
ତୋ ଅବତାର ମହୀ ତଳେ
ରାମ ଶରୀରେ ନିଜ ଅଂଶେ
ତୋହରେ ଜନ୍ମ ରଘୁବଂଶେ" ।

ନିତ୍ୟସତ୍ତାର ଅଂଶବିଶେଷ ରୂପେ ଖଳ କୃତାନ୍ତ କାରୁଣ୍ୟ—ପାତ୍ର ଧର୍ମାବତାର ଧର୍ମ, ଅର୍ଥ, କାମ, ମୋକ୍ଷାଦି ଚତୁର୍ବର୍ଗ ଫଳ-ଦାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ରାମ, ପୁରାଣ ପ୍ରସିଦ୍ଧ ବିଶ୍ୱ-ବିଶ୍ରୁତ ରଘୁବଂଶର ଦାୟାଦରୂପେ ଆତ୍ମ ପ୍ରକାଶ କରିଥିଲେ, ତ୍ରିପାଦ ଧର୍ମ ସହିତ ଏକପାଦ ଅଧର୍ମର ପ୍ରାଦୁର୍ଭାବ ଘଟିଥିବା ତ୍ରେତା ଯୁଗରେ, ସେ ଥିଲେ ଧର୍ମିଷ୍ଠ ସତ୍ୟସନ୍ଧ ସର୍ବଗୁଣାକର ସକଳ ସଦ୍‌ଗୁଣ, ସଦାଚାର ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ । ତଥାପି ଏକପାଦ ଅଧର୍ମର ପ୍ରଭାବରୁ ସେହି ବିଶ୍ୱତ୍ରାଣକାରୀ ରାମ ସୁଦ୍ଧା ତ୍ରାହି ପାଇ ନାହାନ୍ତି । ନିଜେ ଯନ୍ତ୍ରୀ ହୋଇ ସୁଦ୍ଧା ଯନ୍ତ୍ରିତ ; ମାୟା ମୋହ ଲୋଭ ବିକାର ରହିତ ହୋଇ ମଧ୍ୟ ମୋହିତ, ପ୍ରଲୁବ୍ଧ ଓ ପ୍ରବଞ୍ଚିତ । ରାମାବତାର ପରିଣତି ପ୍ରସଙ୍ଗରେ ଓଡ଼ିଆ ଭାଗବତକାରଙ୍କ ମୃଦୁ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ—

"ପିତୃ ବଚନ ଶିରେ ଧରି
ଯେ ରାଜ୍ୟ ଦୂରେ ପରିହରି
ଧର୍ମିଷ୍ଠ ପଣେ ପଶି ବନେ
ଯନ୍ତ୍ରିତ ପ୍ରିୟାର ବଚନେ
ଧାଇଁଲେ ମାୟାମୃଗ ଅର୍ଥେ
ବନ ଗହନ ଘୋର ପଥେ" ।

ରାମଙ୍କ ପରି ଦିବ୍ୟ ଚେତନାଶୀଳ ମହାପୁରୁଷଙ୍କର ମଧ୍ୟ ବିନାଶକାଳେ ବିପରୀତ ବୁଦ୍ଧି ଘଟିଛି । ଦ୍ୱାପର ଯୁଗ ଶେଷରେ ଦ୍ୱାରକାଧିପତି ଶ୍ରୀକୃଷ୍ଣ ଅଭୂତପୂର୍ବ ସଂଘର୍ଷ ଘଟାଇ ବିରାଟ ଯଦୁ ବଂଶ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ମର୍ତ୍ତ୍ୟରୁ ମହାପ୍ରସ୍ଥାନ କରିଛନ୍ତି । କିନ୍ତୁ ପୁରୁଷୋତ୍ତମ ତତ୍ତ୍ୱ ସଂପୂର୍ଣ୍ଣ ଭିନ୍ନ । ନିଜେ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଚେତାବନୀ ଶୁଣାଇଥିଲେ—"ଜଳେ ଦ୍ୱାରକା ନାଶ ଯିବ, ମାତ୍ର ବସତି ମୋର ଥିବ" । ସେହି ନିତ୍ୟ ବସତି ହିଁ ନୀଳକନ୍ଦର, ଯେଉଁଠାରେ ମହାପ୍ରଳୟକାଳରେ ଅବିନାଶୀ ବ୍ରହ୍ମ ବଟପୁଟରେ ବାସ କରିଥାଆନ୍ତି ।

ଜଗନ୍ନାଥ ମହାପ୍ରଭୁ ସମଗ୍ର ସନାତନ ହିନ୍ଦୁ ଜଗତର ପରମାରାଧ୍ୟ ଦେବତା । ସେ ସର୍ବଧର୍ମ ସମନ୍ୱୟର ପ୍ରତୀକ, ମୈତ୍ରୀ ମମତାର ଆଧାର, ସଂସ୍କୃତି ପରଂପରାର ପ୍ରତିଫଳନ, ଧର୍ମବିଶ୍ୱାସର ଅବିଚଳ ସ୍ତମ୍ଭ ଏବଂ ସାମ୍ୟ, ଶାନ୍ତି ଓ ପ୍ରେମର ଉତ୍ସ । ସେଇଥିପାଇଁ ସାରା ପୃଥିବୀ ଆଜି ଏହି ମହାନ୍ ସଂସ୍କୃତି ପ୍ରତି ଆକୃଷ୍ଟ । ପ୍ରତ୍ୟେକ ହିନ୍ଦୁ ନରନାରୀ ଜୀବନକାଳ ମଧ୍ୟରେ ଥରଟିଏ ଜଗନ୍ନାଥ ଧାମ ମାଡ଼ିନଗଲେ, ନନ୍ଦିଘୋଷ ରଥ ଉପରେ ବାମନ ଦର୍ଶନ ନକଲେ ଜୀବ ଅମୋକ୍ଷ, କାୟା ଅପବିତ୍ର ରହିଯାଏ ବୋଲି ବିଶ୍ୱାସ ରହିଛି । ଜଗନ୍ନାଥଙ୍କୁ ଓଡ଼ିଆ ଜାତି ତାର ସର୍ବସ୍ୱ କରି ନେଇଛି । ଓଡ଼ିଶାର ଜନ ଜୀବନର ଛତ୍ରେ ଛତ୍ରେ ଜଗନ୍ନାଥ ପ୍ରେମ ପ୍ରତିଫଳିତ । ଆମର ଚିନ୍ତା ଚେତନା ଚଳଣି ଧର୍ମ ଭାଷା ସଂସ୍କୃତି ସାହିତ୍ୟ, ସବୁର ପ୍ରାଣବିନ୍ଦୁ ଜଗନ୍ନାଥ । ସେହି ମହାନ୍ ନାମକୁ ମୂଳ କରି ଆମର ଐତିହ୍ୟ ଓ ଗୌରବ ପ୍ରକଟିତ ଓ ସଚରାଚର ପରିବ୍ୟାପ୍ତ । "ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଯା ଲୋମକୂପେ ବିରାଜଇ"—(ଭାଗବତ), ସେ କି କମ୍ ବଡ଼ ! ସେଇଥିପାଇଁ ତା ଦାଣ୍ଡ ବଡ଼, ଦେଉଳ ବଡ଼ , ଗଡ଼ ବଡ଼, ପାଚେରୀ ବଡ଼ , ଭାଗ ବଡ଼, ଭୋଗ ବଡ଼—ସବୁ ବଡ଼ । ଓଡ଼ିଆ କବି ଦୃଷ୍ଟିରେ ସେ 'କମ୍ପୁ କଟକ ରାଜା' ଏବଂ ଆଧ୍ୟାତ୍ମିକ ଜଗତରେ ସାର୍ବଭୌମ ଦେବାଧିଦେବ, ଭକ୍ତ ଜନ ବାମ୍ୟ ଏବଂ ସାମ୍ୟନୀତି ପରାୟଣ । ତେଣୁ, "ସ୍ୱରି ବର୍ଣ୍ଣେ ଚଉବର୍ଗ ହେବାକୁ ସମର୍ଥ" (ଭ. ଭଞ୍ଜ) । ରାଜା ଅନଙ୍ଗଭୀମ କହିଥିଲେ, "ଓଡ଼ିଶାର ରାଜା ଜଗନ୍ନାଥ, ମୁଁ ନୁହେଁ । ରାଜା କପିଳେନ୍ଦ୍ର ମଧ୍ୟ ଏହି ବିଶ୍ୱାସରେ କାର୍ଯ୍ୟ କରୁଥିଲେ" (ପ୍ରାଚୀନ ଉତ୍କଳ ପୃ ୫୩୪) । ଦେଶପ୍ରାଣ ଉତ୍କଳମଣି ଭାବୋଚ୍ଛ୍ୱାସରେ ଦିନେ ଉତ୍କଳବାସୀଙ୍କୁ ଆଶ୍ୱାସନା ବାଣୀ ଶୁଣାଇ ଗାଇଥିଲେ—"ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ" ।

ଜଗନ୍ନାଥ ଓ ଜଗନ୍ନାଥ ଧାମର ଗୌରବ ଗରିମାକୁ ଯୁଗେ ଯୁଗେ ସୁପ୍ରତିଷ୍ଠିତ କରାଇବା ପାଇଁ ଓଡ଼ିଆ କବିପ୍ରାଣର ବ୍ୟାକୁଳତା ଓଡ଼ିଆ କାବ୍ୟ କବିତାର ଛତ୍ରେ ଛତ୍ରେ ଜାଜ୍ୱଲ୍ୟମାନ । ପ୍ରମାଣ ତ ବହୁତ । ଉଦାହରଣ ସ୍ୱରୂପ ଏଠାରେ ତ୍ରେତାବତାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଶ୍ରୀକ୍ଷେତ୍ର ଭ୍ରମଣ ଓ ଜଗନ୍ନାଥ ଦର୍ଶନ ତଥ୍ୟର ଅବତାରଣା କରାଯାଇ-ପାରେ ।

ସତ୍ୟସନ୍ଧ ରାମଚନ୍ଦ୍ର ପିତୃସତ୍ୟ ପାଳି ଭାଇ ଭାର୍ଯ୍ୟାଙ୍କ ସଙ୍ଗେ ଚତୁର୍ଦ୍ଦଶ ବର୍ଷ ବନବାସ କାଳରେ ଉତ୍ତର ଭାରତଠାରୁ ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଗତିପଥରେ ବହୁ ନଦନଦୀ, ଗିରିକାନ୍ତାର, ପୁରପଲ୍ଲୀ, ଧର୍ମପୀଠ, ଋଷି ଆଶ୍ରମାଦି ପର୍ଯ୍ୟଟନ କରିଥିବା ମୂଳ ବାଲ୍ମୀକି ରାମାୟଣରେ ସୂଚିତ ହୁଏ । ଚିତ୍ରକୂଟ ଅବସ୍ଥାନ ପରେ ଦାକ୍ଷିଣାତ୍ୟ ଅଭିମୁଖେ ଯାତ୍ରା କରି ଦଣ୍ଡକାରଣ୍ୟ ପ୍ରବେଶ ଯାଏ ଗତିପଥର ସବିଶେଷ ବିବରଣୀ ସେଥିରେ ସ୍ଥାନ ପାଇ ପାରିନାହିଁ । ଦ୍ୱିତୀୟ ବାଲ୍ମୀକି ନାମେ ବିଦିତ ମହାତ୍ମା ତୁଳସୀ ଦାସଜୀ ମଧ୍ୟ ଏ ବିଷୟରେ ନୀରବ । ଏହାର କାରଣ ନିର୍ଦ୍ଦେଶ କରିବା ଏକ ନିଷ୍ଫଳ ପ୍ରୟାସ । ଯାହାହେଉ, ଏତାଦୃଶ ନୀରବତା ଆନ୍ଦୋଳିତ କରିଛି ଓଡ଼ିଆ କବିପ୍ରାଣକୁ । ତା ଆଗରେ ଉଭାହୋଇଛି ଏକ ବିରାଟ ପ୍ରଶ୍ନବାଚୀ । ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ପ୍ରାଚୀନ ଉତ୍କଳିଙ୍ଗ ଭୂଖଣ୍ଡ କଣ ଶ୍ରୀରାମଙ୍କ ପର୍ଯ୍ୟଟନ ପରିସର ମଧ୍ୟକୁ ଆସିନଥିଲା ? ଯାହା ମନେହୁଏ, ଏ ପ୍ରଶ୍ନ ଏକ ଭାବପ୍ରବଣ ଗଠନମୂଳକ ପ୍ରତିକ୍ରିୟା ସୃଷ୍ଟି କରିଛି ଓଡ଼ିଆ କବି ପ୍ରାଣରେ, ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀଠାରୁ । 'ଶ୍ରୀରାମ ଚରିତ ମାନସ' ରଚୟିତା ମହାତ୍ମା ତୁଳସୀ ଦାସଙ୍କର ପ୍ରାୟ ସମସାମୟିକ ଉତ୍କଳ ବାଲ୍ମୀକି କୃପାସିନ୍ଧୁ ବଳରାମ ଦାସ ବସ୍ତୁତଃ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୋଇ ତାଙ୍କ ରଚିତ „ଜଗମୋହନ ରାମାୟଣ'ରେ ବନବାସୀ ଶ୍ରୀରାମ ଲକ୍ଷ୍ମଣ ସୀତାଙ୍କର ଉତ୍କଳ ଭ୍ରମଣ ଗାଥାର ଏକ ମନୋଜ୍ଞ ବର୍ଣ୍ଣନା ଦେଇଛନ୍ତି । ଶ୍ରୀରାମଙ୍କ ପରି ବିଷ୍ଣୁ ଅଂଶୀ ମହା ପୁରୁଷଙ୍କୁ ଦେବଭୂମି ଉତ୍କଳରେ ପରିଭ୍ରମଣ କରାଇବା, ବିଶେଷତଃ କ୍ଷେତ୍ରୋତ୍ତମ ଶ୍ରୀକ୍ଷେତ୍ରରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ଭେଟ କରାଇବାର ପରିକଳ୍ପନାକୁ ଅବାନ୍ତର ବା ଅତିରଞ୍ଜିତ କହି ହେବନାହିଁ । ରାମଚନ୍ଦ୍ର ଥିଲେ ସନାତନ ଧର୍ମର ଅଭିଭାବକ ପୁରାଣ ପ୍ରସିଦ୍ଧ ସୂର୍ଯ୍ୟବଂଶର ଶ୍ରେଷ୍ଠ ଦାୟାଦ । ଚିତ୍ରକୂଟଠାରୁ ଦଣ୍ଡକାରଣ୍ୟ ମଧ୍ୟରେ ଦୀର୍ଘ ଦଶ ବର୍ଷ ଅତିବାହିତ କରିଥିବା-ବେଳେ ଗତିପଥରେ ତାଙ୍କର କୁଳଦେବତାଙ୍କର ବସତି ଭୂଗୋଳିକ ନୀଳକନ୍ଦରକୁ ଏଡ଼ାଇ ଦେଇଯିବେ କିପରି ? ଜଗନ୍ନାଥଙ୍କ ବିଷୟରେ ସେ ସଂପୂର୍ଣ୍ଣ ଅବହିତ ଥିଲେ । ରାକ୍ଷସରାଜ ବିଭୀଷଣଙ୍କ ପ୍ରତି ଶ୍ରୀରାମଙ୍କର ମହାପ୍ରସ୍ଥାନ କାଳୀନ ଉପଦେଶ ଏଠାରେ ପ୍ରଣିଧାନଯୋଗ୍ୟ । ରାମ ବିଭୀଷଣଙ୍କୁ କହିଛନ୍ତି—

"ଯାବତ୍ ପ୍ରଜା ଧରିଷ୍ୟନ୍ତି
ତାବତ୍ତ୍ୱଂ ବୈ ବିଭୀଷଣ
ରାକ୍ଷସେନ୍ଦ୍ର ମହାବୀର୍ଯ୍ୟ
ଲଙ୍କାସ୍ଥଃ ତ୍ୱଂ ଧରିଷ୍ୟସି
ଯାବଚ୍ଚନ୍ଦ୍ରଶ୍ଚ ସୂର୍ଯ୍ୟଶ୍ଚ
ଯାବତ୍ତିଷ୍ଠତି ମେଦିନୀ
ଯାବତ୍ ମତ୍ କଥା ଲୋକେ
ତାବ ଦ୍ରାଜ୍ୟଂ ତବାସ୍ତ୍ୱିହ" (ଉତ୍ତରା କାଣ୍ଡ, ସର୍ଗ ୧୦୮)

ଅର୍ଥାତ୍ ଯେତେଦିନ ଯାଏ ପ୍ରଜା ରହିଥିବେ, ଯେପର୍ଯ୍ୟନ୍ତ ଚନ୍ଦ୍ର ସୂର୍ଯ୍ୟ ବିଦ୍ୟମାନ ଥିବେ, ଯେପର୍ଯ୍ୟନ୍ତ ପୃଥିବୀ ରହିଥିବ ଏବଂ ଯେପର୍ଯ୍ୟନ୍ତ ରାମ କଥା ଜଗତରେ ପ୍ରଚଳିତ ହେଉଥିବ, ସେ ପର୍ଯ୍ୟନ୍ତ ଲଙ୍କାରେ ବିଭୀଷଣଙ୍କର ରାଜତ୍ୱ ସ୍ଥିରହୋଇ ରହିଥିବ । ପୁନଶ୍ଚ ଇନ୍ଦ୍ର ଏବଂ ସମସ୍ତ ଦେବଗଣଙ୍କ ସହିତ ସର୍ବଦା ଆରାଧନୀୟ ଇକ୍ଷ୍ୱାକୁ କୁଳର ଇଷ୍ଟଦେବ ଜଗନ୍ନାଥଙ୍କୁ ଆରାଧନା କରିବା ପାଇଁ ଉପଦେଶ ଦେଇ କହିଛନ୍ତି—

"ଆରାଧୟ ଜଗନ୍ନାଥ ମିକ୍ଷ୍ୱାକୁ କୁଳଦୈବତମ୍
ଆରାଧନୀୟ ମନିଶଂ ସର୍ବୈ ଦେବୈଃ ସବା ସବୈଃ" (ଉ. କା. ୧୦୮–୨୯)

ଏ ପ୍ରସଙ୍ଗରେ ଏକ ପୁରା ପ୍ରଚଳିତ ବଦ୍ଧମୂଳ ବିଶ୍ୱାସ ରହିଆସିଛି ଯେ, ଉପରୋକ୍ତ ମତେ ଉପଦିଷ୍ଟ କାଳଜୟୀ ରାକ୍ଷସରାଜ ବିଭୀଷଣ ନିତି ନିଶାର୍ଦ୍ଧରେ ସମୁଦ୍ର ପଥ ଦେଇ ଶ୍ରୀକ୍ଷେତ୍ରକୁ ଆସନ୍ତି ଏବଂ ଜଗନ୍ନାଥ ଦର୍ଶନ ଓ ସେବାପୂଜା କରି ଲଙ୍କାକୁ ବାହୁଡ଼ି-ଯାନ୍ତି । ବଳରାମ ଦାସ ସମ୍ଭବତଃ ଏହି ବିଶ୍ୱାସକୁ ଭିତ୍ତି କରି ତାଙ୍କର 'ବଟ ଅବକାଶ' ଗ୍ରନ୍ଥରେ ଜଗନ୍ନାଥଙ୍କ ସଙ୍ଗେ ତାଙ୍କର ଲଙ୍କାପୁରୀ ଯାତ୍ରାର ଏକ ଅଲୌକିକ ଘଟଣାର ଉଲ୍ଲେଖ କରିଛନ୍ତି । ଅଧ୍ୟାପକ ଦେବେନ୍ଦ୍ର ମହାନ୍ତିଙ୍କ ପଞ୍ଚସଖା ଓଡ଼ିଆ ସାହିତ୍ୟ' (ପୃ ୬୧) ଅନୁକରଣରେ ଘଟଣାଟିର ସଂକ୍ଷିପ୍ତ ସୂଚନା ଦିଆଯାଉଛି ।

ବହୁକାଳରୁ ଭକ୍ତ ବଳରାମ ଦାସ ତାଙ୍କର ଲଙ୍କା ଦର୍ଶନ ମନୋବାଞ୍ଛା ସଂପର୍କରେ ପ୍ରଭୁ ଜଗନ୍ନାଥଙ୍କୁ ନିବେଦନ କରିଥିଲେ । ଦିନେ ପ୍ରଭୁଙ୍କର ଲଙ୍କା ଯାତ୍ରା ଅନୁକୂଳବେଳେ ବଳରାମ ନିଜର ଆକାଂକ୍ଷା ପ୍ରକାଶ କରନ୍ତେ ତାଙ୍କର ଶ୍ରୀମନ୍ଦିରରେ ବ୍ୟବହୃତ ସ୍ୱର୍ଣ୍ଣଝରୀଟି ହାତରେ ଧରି ତାଙ୍କ ପଛେ ପଛେ ଯିବାକୁ ଶ୍ରୀମୁଖରୁ ଆଦେଶ ହେଲା । ଆଦେଶ ପ୍ରତିପାଳନ କରି ବଳରାମ ସ୍ୱର୍ଣ୍ଣଝରୀ ଧରି ପ୍ରଭୁଙ୍କର ଅନୁସରଣ କରି ଗଲିଲେ । ଲଙ୍କାରେ ପ୍ରବେଶ କରନ୍ତେ 'ଇକ୍ଷ୍ୱାକୁ—କୁଳଦେବତା' ଜଗନ୍ନାଥଙ୍କର ଚିରାନୁଗତ ସେବକ ଚିରଞ୍ଜୀବୀ ବିଭୀଷଣ ଦେବାଙ୍ଗବସ୍ତ୍ର, ଜଳା ମଲ୍ଲୀ ଫୁଲର ହାର ଓ ମୁକ୍ତାମାଳ ଉପହାର ଦେଲେ ଏବଂ ଜଗନ୍ନାଥେ ବିଭୀଷଣଙ୍କ ହସ୍ତରେ ଛୁରୀ, ଖଣ୍ଡା ଇତ୍ୟାଦି ପ୍ରଦାନ କଲେ । ଲଙ୍କାରୁ ଫେରି ଜଗନ୍ନାଥେ ବିଜେ କଲେ ବଡ଼ ଦେଉଳକୁ ଏବଂ ବଳରାମ ଗଲେ ତାଙ୍କ ମଠକୁ । ଶ୍ରୀମନ୍ଦିରର ସ୍ୱର୍ଣ୍ଣଝରୀଟି ବଳରାମଙ୍କ ପାଖରେ ରହିଗଲା । ସକାଳେ ଯେତେବେଳେ ଝରୀଟି ହେରିଯାଇଛି ବୋଲି ଖୋଜା ପଡ଼ିଲା, ବଳରାମ ଖବର ପାଇ ଅସନ୍ଦିଗ୍ଧ ଚିତ୍ତରେ ଝରୀଟି ଆଣି ମନ୍ଦିରରେ ଦାଖଲ କରିଦେଲେ । ଏ ଘଟଣା ବଳରାମଙ୍କ ଚରିତ୍ର ଉପରେ ଏକ ସନ୍ଦେହଜନକ ବାତାବରଣ ସୃଷ୍ଟି କଲା । ରାଜା ପ୍ରତାପରୁଦ୍ର ବଳରାମଙ୍କ ଏତାଦୃଶ ଅଶୋଭନୀୟ ଓ ନିନ୍ଦନୀୟ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରନ୍ତେ ସେ ଦୋଷ କ୍ଷାଳନ ପାଇଁ ପୂର୍ବରାତ୍ରର ଘଟଣାଟି ବର୍ଣ୍ଣନା କରିଥିଲେ । ସମସ୍ତେ ବିସ୍ମିତ ହେଲେ । ତାପରେ ବିଭୀଷଣ ଜଗନ୍ନାଥଙ୍କୁ ଦେଇଥିବା ଉପହାରଗୁଡ଼ିକୁ ଦେଖି ରାଜା ପ୍ରତାପରୁଦ୍ର କଥାଟିକୁ ନିରାଟ ସତ୍ୟ ବୋଲି ଗ୍ରହଣ କରିନେଲେ ।

ରାମାୟଣର ପୂର୍ବୋକ୍ତ ଉକ୍ତିରୁ 'ଇକ୍ଷ୍ୱାକୁକୁଳଦୈବତଃ' ବୋଲି ନୀଳାଚଳ ଜଗନ୍ନାଥଙ୍କୁ ଲକ୍ଷ୍ୟ କରି କୁହାଯାଇଛି କି ନାହିଁ,
କେହି କେହି ସନ୍ଦେହ ପ୍ରକାଶ କରନ୍ତି । କିନ୍ତୁ ଏ ଉକ୍ତିକୁ ଖଣ୍ଡନ କରୁଥିବା ଅନ୍ୟ କୌଣସି ବଳିଷ୍ଠ ଯୁକ୍ତି ବା ତଥ୍ୟ ଉପସ୍ଥାପିତ
ନହେଲାଯାଏ, ଶ୍ରୀରାମଙ୍କ ମୁଖରେ ପ୍ରକାଶିତ ବାଲ୍ମୀକିଙ୍କ ଉଲ୍ଲେଖନକୁ ସନ୍ଦେହ କରିବାର ଅବକାଶ କାହିଁ ? ଏବେବି
ଜଗନ୍ନାଥ, ଠାକୁରରାଜା ସୂର୍ଯ୍ୟବଂଶୀ ଗଜପତିଙ୍କର କୁଳଦେବତା ; ଏବେବି ସୁଦୂର ହିମାଳୟ ରାଜ୍ୟ ନେପାଳର ରାଜ
ପରିବାର ଜଗନ୍ନାଥଙ୍କ ସେବାର ଅଧିକାରୀ । ତ୍ରେତା ଯୁଗରେ ଜଗନ୍ନାଥଙ୍କ ଅସ୍ତିତ୍ୱକୁ ଦୃଢ଼ଭାବେ ଅସ୍ୱୀକାର ନହେଲାଯାଏ,
ତାଙ୍କର ଇକ୍ଷ୍ୱାକୁକୁଳଦୈବତଃ' ମର୍ଯ୍ୟାଦାକୁ ସନ୍ଦେହଯୁକ୍ତ କୁହାଯିବ କେଉଁ ନ୍ୟାୟରେ ? ଯାହାହେଉ, ଏହିପରି ନାନା
ପ୍ରାସଙ୍ଗିକ ତଥ୍ୟ, ପୌରାଣିକ ଉପାଦାନ, ପ୍ରଚଳିତ କିମ୍ବଦନ୍ତୀ, ରାମାୟଣର ବିଶିଷ୍ଟ ଚରିତ୍ରମାନଙ୍କର ନାମ ସଂପୃକ୍ତ ଦେବଦେବୀ,
ମଠ ମନ୍ଦିରାଦି ଅନୁଷ୍ଠାନ ଏବଂ କେତେକାଂଶରେ ଘଟଣା ପ୍ରବାହର ଯୁକ୍ତିଯୁକ୍ତ ସମ୍ଭାବନାକୁ ଆଶ୍ରୟ କରି ଜାତୀୟ
ଭାବରେ ଅନୁପ୍ରାଣିତ ଉତ୍କଳ ବାଲ୍ମୀକି ଶ୍ରୀରାମାଦିଙ୍କର ଉତ୍କଳ ଭ୍ରମଣ ଏବଂ ଜଗନ୍ନାଥ ଦର୍ଶନକୁ ତାଙ୍କର ସ୍ୱତନ୍ତ୍ର ସୃଷ୍ଟି ଓଡ଼ିଆ
ରାମାୟଣରେ ଏକ ତଥ୍ୟଭିତ୍ତିକ ଉପାଦାନ କରି ଉପସ୍ଥାପିତ କରିବା ପାଇଁ ପ୍ରୟାସୀ ହୋଇଛନ୍ତି । ପ୍ରଥମେ ସେ ରାମ-
ଚନ୍ଦ୍ରାଦିଙ୍କୁ ଦେବଭୂମି ଉତ୍କଳର ଚନ୍ଦ୍ରଭାଗା ତୀର୍ଥରେ ପ୍ରବେଶ କରାଇଛନ୍ତି । ତୀର୍ଥସ୍ଥାନ ପରେ ଦକ୍ଷିଣାଭିମୁଖୀ ହୋଇ
ଯାତ୍ରା କରୁଥିବାବେଳେ ଶ୍ରୀରାମଙ୍କ କଣ୍ଠ ବିଲମ୍ବିତ ରୁଦ୍ରାକ୍ଷ ମାଳାରୁ ଗୋଟିଏ ଚ୍ୟୁତହୋଇ ତଳେ ପଡ଼ିଯିବା କଥା
ଅନୁଗାମୀ ଲକ୍ଷ୍ମଣ ସୂଚାଇ ଦିଅନ୍ତେ ସ୍ମିତାଧର ରାମ କହିଲେ ଯେ, ମାଳାଚ୍ୟୁତ ରୁଦ୍ରାକ୍ଷ ବୀଜରୁ ଏକ ବୃକ୍ଷ ଉପନ୍ନ ହେବ ଏବଂ
ତାହାର ଫଳ 'ରାମରୁଦ୍ରାକ୍ଷ' ନାମେ ଯୁଗେ ଯୁଗେ ଖ୍ୟାତ ହେବ । ପରେ ପରେ ଭରତାଭିମୁଖୀ ରାମଚଣ୍ଡୀ ପ୍ରତିଷ୍ଠା,
ବିଶ୍ୱନାଥ ଆରାଧନା , ପଥରେ ପଡ଼ିଥିବା ପଥର ବକ୍ଷରେ ଶରମୁନ ଦ୍ୱାରା ଅଙ୍କିତ ଦେବୀମୂର୍ତ୍ତିକୁ 'ପାଷାଣଚଣ୍ଡୀ' ନାମରେ
ଅଭିହିତ କରି ଏକାମ୍ର କ୍ଷେତ୍ରରେ ଉପସ୍ଥିତ ହୋଇଛନ୍ତି । ସେଠାରେ ବିନ୍ଦୁସାଗରରେ ସ୍ନାନ କରି ରାତ୍ରିଯାପନ କରିଛନ୍ତି ।
ଲିଙ୍ଗ ସେତୁ ଭୁବନେଶ୍ୱରରେ ସଂପ୍ରତି ବିଦ୍ୟମାନ ରାମ, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ସୀତାଙ୍କ ନାମ ସଂପୃକ୍ତ କେତେକ ମନ୍ଦିର ଓ
ଅନୁଷ୍ଠାନକୁ ସେକାଳର ସ୍ମୃତିସ୍ମାରକୀ ରୂପେ ସର୍ବସାଧାରଣରେ ଚିହ୍ନା କରାଯାଏ । ତାପରେ ଚିତ୍ରୋତ୍ପଳା ନଦୀରେ ସ୍ନାନ,
ଦକ୍ଷିଣ ବାରାଣସୀରେ ବିଷ୍ଣୁ ବିଗ୍ରହ ଦର୍ଶନ, ବାଲୁକେଶ୍ୱର ଲିଙ୍ଗ ପ୍ରତିଷ୍ଠାଦି ପୁଣ୍ୟ କାର୍ଯ୍ୟ ସମାପନ କରି ଶ୍ରୀକ୍ଷେତ୍ରାଭିମୁଖେ ଯାତ୍ରା
କରନ୍ତି । ଶ୍ରୀକ୍ଷେତ୍ର ବିଷୟରେ କୁହାଯାଇଛି—

"ଅଯୋଧ୍ୟା ଦ୍ୱାରକା ଯେ କାଶୀ · ମଥୁରା ବୃନ୍ଦାବନ–ବାସୀ
ଏହି କ୍ଷେତ୍ରରୁ ଜାତ ହୋଇ ଶ୍ରେଷ୍ଠ ପୂଜା ଲଭିଲେ ମହୀ" (ବି. ରା.)

ଏହି କ୍ଷେତ୍ରକୁ ସର୍ବୋଚ୍ଚ ସ୍ଥାନ ଦେଇ ଆମର କବିସମ୍ରାଟ ଭଞ୍ଜ କହନ୍ତି—

"ଅନ୍ୟ କ୍ଷେତ୍ର ସମସ୍ତଙ୍କ ଏ ମଉଡ଼ମଣି ଯେ"

ପୁରୀର ପ୍ରଧାନ ପଞ୍ଚତୀର୍ଥ ହେଲ—ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ ଓ ମହୋଦଧି । ଶ୍ରୀରାମାଦି ମହୋଦଧିରେ ସ୍ନାନ କରି ବଡ଼ ଦେଉଳରେ ଦାରୁବ୍ରହ୍ମ ଦର୍ଶନ କରନ୍ତି । ଦର୍ଶନ କାଳରେ ରାମ, ଲକ୍ଷ୍ମଣ, ସୀତାଙ୍କୁ ଯଥାକ୍ରମେ ଜଗନ୍ନାଥ ବଳଭଦ୍ର, ସୁଭଦ୍ରାଙ୍କ ସଙ୍ଗେ ସାମ୍ୟ ବା ସାଦୃଶ୍ୟ ପ୍ରତିପନ୍ନ କରି କବି ବଳରାମ ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ପ୍ରଣିଧାନ କରାଯାଉ—

"ନୀଳଧବଳ ବର୍ଣ୍ଣ ଯେ ଅଳକାର ମୂର୍ତ୍ତି
ଜଗନ୍ନାଥ ଛାମୁରେ ଶ୍ରୀରାମ ଉଭା ହୋଇ
ସୀତା ସୁଭଦ୍ରା ଯେ ହେଉଛନ୍ତି ଭେଟ ବେନି
ଶ୍ରୀରାମ ଜାଣିଲେ ମୁଁ ଯେ ଅଟେ ଜଗନ୍ନାଥ
ଲକ୍ଷ୍ମଣ ଯେ ବଳରାମ ଏକ ସାଙ୍ଗ ହୁନ୍ତି
ତ୍ରିବିଧ ରୂପ ତହିଁ ଦେଖିଲେ ସୀତାପତି
ଲକ୍ଷ୍ମଣ ବଳରାମଙ୍କ ସନ୍ନିଧକୁ ଯାଇ
ତିନି ଦେବତା ହୋଇ ସେ ତିନିମୂର୍ତ୍ତି ଘେନି
ସୀତା ସୁଭଦ୍ରା ଯେ ବେନି ଅଟନ୍ତି ସଂକାତ
ଏସନକ ମତେ ତହୁଁ ଦେବ ଚଳି ଯାନ୍ତି" ।

ରାମାୟଣ ଯୁଗ ସହ ଉତ୍କଳ ତଥା ଜଗନ୍ନାଥଙ୍କର ସଂପୃକ୍ତି ଉପରେ ଆଲୋକପାତ କରିବାର ବଳରାମଙ୍କ ପ୍ରଥମ ପ୍ରଚେଷ୍ଟା ପରବର୍ତ୍ତୀ ବିଶିଷ୍ଟ ଓଡ଼ିଆ ରାମାୟଣିକଙ୍କ ଉପରେ ବଳିଷ୍ଠ ପ୍ରଭାବ ପକାଇଥିବା ଲକ୍ଷ୍ୟ କରାଯାଏ । ପଞ୍ଚସଖା ଯୁଗ ପରେ ରୀତି ଯୁଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର ରାମକାବ୍ୟ ବୈଦେହୀଶବିଳାସର ଧନୁଭଙ୍ଗ ଓ ସୀତା ସ୍ୱୟମ୍ବର ବର୍ଣ୍ଣିତ ଲୋକପ୍ରିୟ "ବିତଳକୁ ଆଲିଙ୍ଗନ......"ଛାନ୍ଦରେ ଅନ୍ୟାନ୍ୟ ବହୁ ପୁରାଣଯୁଗୀୟ ଭାରତୀୟ ନରପତିଙ୍କ ସହ ଉତ୍କଳ ଓ କଳିଙ୍ଗର ନରପତିମାନଙ୍କୁ ଜନକଙ୍କ ରାଜସଭାରେ ଉପସ୍ଥିତ କରାଇଛନ୍ତି । ସଭା ମଣ୍ଡପରେ ଆବିର୍ଭୂତ ଶ୍ରୀରାମଙ୍କ ଶୋଭା ସନ୍ଦର୍ଶନରେ ଲୋଭିତ ବା ଅଭିଭୂତ ହୋଇଥିବା ରାଜାମାନଙ୍କ ମଧ୍ୟରେ ଉତ୍କଳେଶ ଓ କଳିଙ୍ଗେଶ ଥିଲେ ଅନ୍ୟତମ । ବର୍ଣ୍ଣନାଟି ଏହିପରି—

"ବିଚପନ କଲେ ନେଇ ତପନବଂଶୀଙ୍କ ତହିଁ ସଭାରେ ଲୋଭା ଅନାଇଁ, ନୃପ ସକଳ
ବିଦର୍ଭ କର୍ଣ୍ଣାଟ ଭୋଟ ସେଉରାଷ୍ଟ୍ର ମରହଟ କୁନ୍ତଳ କେରଳ ମ୍ଳେଚ୍ଛ, ସିନ୍ଧୁ ଉତ୍କଳ
ବାହ୍ଲିକ ତୁରସ ନିଷେଧ, ବଙ୍ଗ ଅଙ୍ଗ କଳିଙ୍ଗ ତ୍ରୈଲଙ୍ଗ ମଗଧ" ।

ଦଣ୍ଡକାରଣ୍ୟବାସୀ ଅତ୍ରିମୁନିଙ୍କ ଆଶ୍ରମକୁ ଯିବା ବାଟରେ କବିସମ୍ରାଟ ରାମଚନ୍ଦ୍ରାଦିଙ୍କୁ ଉତ୍କଳ ଭୂମିରେ ପଦାର୍ପଣ କରାଇଛନ୍ତି । ଚନ୍ଦ୍ରଭାଗା, ଋଷିକୁଲ୍ୟାଦି ତୀର୍ଥ ଭ୍ରମଣ କଥା ଉଲ୍ଲେଖ କରିବାକୁ ଯାଇ କହିଛନ୍ତି—

"ବିପଥେ ଚନ୍ଦ୍ରଭାଗାରେ ସଞ୍ଚରି ବାଲୁକାରେ ଶିବ ଶିବଦ କରି
ବିହୀନ, ଋଷିକା ସ୍ପର୍ଶିବାରେ ; ବିନୋଦ ଋଷିବାରକୁଲ୍ୟା ତୀରେ"

ଏଠାରେ 'ବିପଥେ' ଶବ୍ଦର ପ୍ରୟୋଗ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ ବୋଧ ହୁଏ । ଯାହାହେଉ, ସେ ଆଲୋଚନାକୁ ଉପସ୍ଥିତ ଆଲୋଚନାର ଅଙ୍ଗୀଭୂତ କରାଯାଉ ନାହିଁ । ଭଞ୍ଜକବି ଏକ ଅର୍ଥପୂର୍ଣ୍ଣ ଯୁକ୍ତିଦ୍ୱାରା ଶ୍ରୀରାମଙ୍କ ଉତ୍କଳ ଭ୍ରମଣର ଯାଥାର୍ଥ୍ୟ ପ୍ରତିପାଦନ କରିଛନ୍ତି—

"ବାସ ତୀର୍ଥରାଜ ତୀରରେ ଯେଣୁ ବୁଲିଲେ ତୀର୍ଥମାନଙ୍କରେ ତେଣୁ" (ବୈ:ବି ୨୧ଶ ଛାନ୍ଦ)

ଏହାର ତାତ୍ପର୍ଯ୍ୟ ହେଲ, ତୀର୍ଥରାଜ ମହୋଦଧିକୂଳରେ ଦାରୁବ୍ରହ୍ମ ରୂପେ ଅବସ୍ଥାନ କରି ଶ୍ରୀକ୍ଷେତ୍ରକୁ ପବିତ୍ରତମ ତୀର୍ଥରେ ପରିଣତ କରିଥିବା ରାମଚନ୍ଦ୍ର ଭାଇ ଭାର୍ଯ୍ୟାଙ୍କ ସହ ଉତ୍କଳର ଚନ୍ଦ୍ରଭାଗାଦି ନାନା ତୀର୍ଥ ଭ୍ରମଣ କଲେ ।

ଉତ୍କଳର ଅନ୍ୟତମ ପ୍ରାଚୀନ ରାମାୟଣିକ, ଲୋକପ୍ରିୟ 'ଶ୍ରୀରାମଲୀଳା' ଲେଖକ ବୈଶ୍ୟ ସଦାଶିବ, ବିଚିତ୍ର ରାମାୟଣର କବି ବିଶ୍ୱନାଥ ଖୁଣ୍ଟିଆଙ୍କ ପରି ଶ୍ରୀରାମାଦିଙ୍କୁ ସିଧାସଳଖ ଚିତ୍ରକୂଟରୁ ନେଇ ଦଣ୍ଡକାରଣ୍ୟରେ ପହଞ୍ଚାଇ ନ ଦେଇ, ଉତ୍କଳ ବାଲ୍ମୀକି ବଳରାମଙ୍କ ପଦାଙ୍କାନୁସରଣ କରିଛନ୍ତି । ବନବାସ କାଳର ପ୍ରଥମ ଦଶବର୍ଷର ଅବସ୍ଥାନକୁ ସେ କିପରି ବର୍ଣ୍ଣନା କରିଛନ୍ତି ଦେଖାଯାଉ—

"କେଉଁଠାରେ ଶ୍ରୀରାମ ଯେ ବରଷେ ରହନ୍ତି କେଉଁଠାରେ ଷଡ଼ମାସ କାହିଁଦିନେ ବଞ୍ଚି
କାହିଁ ଚାରିମାସ କେଉଁଠାରେ ବେନିମାସ, କାହିଁ ଆଠଦିନ କେଉଁଠାରେ ଏକମାସ
ଏହି ରୂପେ ଆନନ୍ଦେ ବଞ୍ଚନ୍ତି ବନବାସ ବେନି ପାଞ୍ଚବରଷ ଯେ ହୋଇଗଲ ଶେଷ" ରଘୁରାଜାଙ୍କ ଦିଗ୍‌ବିଜୟ ବର୍ଣ୍ଣନାରେ ମହାକବି କାଳିଦାସ ତାଙ୍କର 'ରଘୁବଂଶ' କାବ୍ୟରେ କହିଥିଲେ—"ଉତ୍କଳାଦର୍ଶିତ ପଥଃ କଳିଙ୍ଗାଭିମୁଖଂ ଯଯୌ" । ସୁତରାଂ

ସେହି ବଂଶର ଦାୟାଦ ଦୀର୍ଘକାଳ ପରିଭ୍ରମଣରତ ରଘୁନାଥ ରାମ ତାଙ୍କର ଦାକ୍ଷିଣାତ୍ୟ ଯାତ୍ରା ପଥରେ ପୁରାଣ ପ୍ରସିଦ୍ଧ ଉତ୍କଳିଙ୍ଗ ଦେଶକୁ ଅତିକ୍ରମ କରିଯାନ୍ତେ କିପରି? ଗଙ୍ଗା ପାରି ହେବା ପରେ ନର୍ମଦା, ମଣିଭଦ୍ରା, ପୁଷ୍କର, ଚନ୍ଦ୍ରଭାଗା ଚିତ୍ରୋତ୍ପଳା, ଋଷିକୁଲ୍ୟାଦି ନଦୀ ସ୍ନାନ ; ଅର୍କପୀଠ ଦର୍ଶନ, ରାମରୁଦ୍ରାକ୍ଷ ବୀଜ ସ୍ଥାପନ ; କୋଣାର୍କ ଚଣ୍ଡୀଙ୍କର ରାମଚଣ୍ଡୀ ନାମ କରଣ ; ବିଶ୍ୱନାଥ, ଖଣ୍ଡେଶ୍ୱର, ଭୁବନେଶ୍ୱରାଦି ଲିଙ୍ଗପୂଜା ସମାପନ କରି ମକର ମାସରେ ଏକାମ୍ର (ଏକାମ୍ର) ବନରେ ପ୍ରବେଶ କରିଛନ୍ତି । ସେଠାରେ ବିନ୍ଦୁସାଗର ସ୍ନାନ, ରାମେଶ୍ୱର ପୂଜା ଓ ସୀତାମଠ ପ୍ରତିଷ୍ଠା କରି ନୀଳଗିରି ଯାତ୍ରା କରନ୍ତି । ଶ୍ରୀକ୍ଷେତ୍ରରେ ଶ୍ରୀରାମାଦିଙ୍କ ଜଗନ୍ନାଥ ଦର୍ଶନାଦିର ବର୍ଣ୍ଣନା ବଳରାମ ଦାସଙ୍କ ବର୍ଣ୍ଣନାର ଅନୁରୂପ––

"ଦକ୍ଷିଣ ସିନ୍ଧୁରେ ସ୍ନାନ କରି ରଘୁସାଇଁ — ଦାରୁବ୍ରହ୍ମ ରୂପକୁ ଦେଖିଲେ ତହୁଁ ଯାଇ
ଅପୂର୍ବ ମୂରତି ଯେ ଦେଖିଲେ ରଘୁସାଇଁ — ଶ୍ରୀଜଗନ୍ନାଥ ମୂରତି ପାଶେ ଉଭା ହୋଇ
ବଳଭଦ୍ର ପାଖରେ ଲକ୍ଷ୍ମଣ ଉଭା ହେଲେ — ଜାନକୀ ସୁଭଦ୍ରା ଦେବୀ ଛାମୁରେ ହୋଇଲେ
ଶ୍ରୀ ରଘୁନାଥ ବୋଲନ୍ତି ଜଗନ୍ନାଥ ମୁହିଁ — ସୀତା ସୁଭଦ୍ରା ଲକ୍ଷ୍ମଣ ବଳଭଦ୍ର ହୋଇ"

ଚଳିତ ବିଂଶ ଶତାବ୍ଦୀର ବିଶିଷ୍ଟ ରାମାୟଣ ଗ୍ରନ୍ଥକାର ରତ୍ନାକର ଗର୍ଗବଟୁ ଆଲୋଚ୍ୟ ଦିଗ ସଂପର୍କରେ, କିଞ୍ଚିତ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ରୀତିରେ, ପ୍ରାୟ ପୂର୍ବ ସୁରୀଙ୍କ ପଦାଙ୍କ ଅନୁସରଣ କରିଛନ୍ତି । ଶ୍ରୀରାମଙ୍କ ବନବାସ କାଳ ଯାପନକୁ ସେ ନିମ୍ନମତେ ବର୍ଣ୍ଣନା କରିଛନ୍ତି––

"ବରଷେ ରହନ୍ତି କାହିଁ କାହିଁ ଦଶମାସ — କେଉଁ ସ୍ଥାନେ ପାଞ୍ଚ ସାତଦିନ କରିଶେଷ
ଦୁଇମାସ ତିନିମାସ ରହି କେଉଁ ସ୍ଥାନେ — ସେ ସ୍ଥାନକୁ ଛାଡ଼ି ପୁଣି ଯାନ୍ତି ଅନ୍ୟ ସ୍ଥାନେ
କେବଣ ଠାବରେ ରହି ଦୁଇ-ତିନି ଦିନ — କେଉଁ ସ୍ଥାନୁ ଗ୍ଭଲିଯାନ୍ତି ଶେଷ କରି ସ୍ନାନ
ଏହିପରି ବୁଲୁବୁଲୁ ଦଶ ସମ୍ବତ୍ସର — ନିରାପଦେ ଶେଷ କଲେ ପ୍ରଭୁ ରଘୁବୀର" (ଆରଣ୍ୟକ କାଣ୍ଡ)

ଗଙ୍ଗାନଦୀ ପାର ହେବା ପରେ ଶ୍ରୀରାମାଦି ଉତ୍କଳ ଭୂମିରେ ପଦାର୍ପଣ କରିଛନ୍ତି । ଗର୍ଗବଟୁ ସେମାନଙ୍କୁ ଏକ ଭୌଗୋଳିକ ସୀମାରେଖାରେ ଉତ୍କଳ ଭ୍ରମଣ କରାଇ ଦକ୍ଷିଣ ଦିଗର ସୁତୀକ୍ଷ୍ଣ ଋଷିଙ୍କ ଆଶ୍ରମକୁ ନେଇଯାଇଛନ୍ତି । ପ୍ରଥମେ ନର୍ମଦା ଓ ପୁଣ୍ୟଭଦ୍ରା (ମଣିଭଦ୍ରା ?) ନଦୀ ଅତିକ୍ରମ କରି ଅର୍କ କ୍ଷେତ୍ର ଉପକଣ୍ଠସ୍ଥ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନପୂଜାଦି କରନ୍ତି । ପରେ ପରେ ରାମରୁଦ୍ରାକ୍ଷ ବୃକ୍ଷ ଜନନ, ରାମଚଣ୍ଡୀ ନାମକରଣ, ପୁଣ୍ୟତୋୟା ନଦୀରେ ରାମଘାଟ କୀର୍ତ୍ତି ସ୍ଥାପନ, ଉତ୍କଳ ଜାହ୍ନବୀ ଚିତ୍ରୋତ୍ପଳା କୂଳେ ବାଲୁକେଶ୍ୱର ଲିଙ୍ଗ ପ୍ରତିଷ୍ଠା ; ଏକାମ୍ର କ୍ଷେତ୍ରରେ ବିନ୍ଦୁହ୍ରଦରେ ସ୍ନାନ, ରାମେଶ୍ୱର ଲିଙ୍ଗ ଓ ସୀତାଂମେଢ଼ (ସୀତାମଠ ?) ସ୍ଥାପନାଦି କାର୍ଯ୍ୟ ସମାପନ କରି––

"ଦକ୍ଷିଣ ଜଳଧି କୂଳେ ହେଲେ ପରବେଶ — ଯେଉଁ କ୍ଷେତ୍ରେ ବିଜେ କରିଛନ୍ତି ଜଗଦୀଶ
ନୀଳଗିରି ମହୋଦଧି ଅଟଇ ତା ନାମ — ସାଗର ଜଳରେ ସ୍ନାନ କଲେ ସୀତାରାମ
ଲକ୍ଷ୍ମଣ ସହିତେ ସନ୍ଧ୍ୟା ତର୍ପଣ ସାରିଲେ — ନୀଳାଚଳେ ଦାରୁବ୍ରହ୍ମ ମୂରତି ଦେଖିଲେ" ।

ଏଠାରେ ଜଗନ୍ନାଥଙ୍କ ସଙ୍ଗେ ଶ୍ରୀରାମଙ୍କ ଅବତାର-ଅବତାରୀ ତାତ୍ତ୍ୱିକ ସଂପର୍କକୁ ପୂର୍ବସୂରୀ ବଳରାମ ଓ ବୈଶ୍ୟ ସଦାଶିବଙ୍କ ପ୍ରତିପାଦିତ ତଥ୍ୟ ଭିତ୍ତିରେ, କବି ଗର୍ଗବଟୁ ବଡ଼ ଅର୍ଥପୂର୍ଣ୍ଣ ଭାଷାରେ ବ୍ୟକ୍ତ କରିଛନ୍ତି––

"ନିଜ ଆତ୍ମା ତାହାଙ୍କର ଅଟନ୍ତି ସେ ବ୍ରହ୍ମ
ଲୌକିକ ମତରେ ତାଙ୍କୁ ପୂଜା କଲେ ରାମ" ।

ଆମର ପ୍ରଚଳିତ ଲୌକିକ ପରଂପରା ଓ ବିଶ୍ୱାସ ଅନୁସାରେ ପ୍ରତ୍ୟେକ ତୀର୍ଥଯାତ୍ରୀ କ୍ଷେତ୍ର ପରିସୀମା ମଧ୍ୟରେ ତ୍ରିରାତ୍ର, ପଞ୍ଚରାତ୍ର, ସପ୍ତରାତ୍ର ବା ଅଧିକ ହେଲେ ତ୍ରିପକ୍ଷ ଅବସ୍ଥାନ କରିବା ବିଧି । ହୁଏତ ଏହି ପାରଂପରିକ ବିଶ୍ୱାସ ଉପରେ ଗର୍ଗବଟୁ ମହାଶୟ ଶ୍ରୀରାମାଦିଙ୍କର ଶ୍ରୀକ୍ଷେତ୍ର ଅବସ୍ଥାନକୁ ନ୍ୟୁନ ପକ୍ଷେ ତିନିଦିନରେ ସୀମାବଦ୍ଧ କରି କହିଛନ୍ତି–

"ସେ କ୍ଷେତ୍ରରେ ତିନିଦିନ ରହି ତିନିଜଣ — ତହିଁ ପରେ ସଙ୍ଗେ ଘେନି ଶ୍ରୀରାମ ଲକ୍ଷ୍ମଣ
ଦକ୍ଷିଣ ମୁଖରେ ଯାତ୍ରା କଲେ ରଘୁନାଥ — ଋଷିକୁଲ୍ୟା ତୀରେ ଗଲେ ଲଂଘି ବହୁ ପଥ" ।

ଏ ଯାବତ ଆଲୋଚିତ ଓଡ଼ିଆ ରାମାୟଣିକମାନଙ୍କର ସାହିତ୍ୟ ସାଧନା କ୍ଷେତ୍ରରେ ପ୍ରକଟିତ ଜାତୀୟ ଚିନ୍ତା ଚେତନା ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ହୋଇ ଏ ଆଲୋଚକ ନିଜେ ତାର ସ୍ୱରଚିତ ଅଭିନବଶୈଳୀ ସଂପନ୍ନ ସମଗ୍ର ରାମାୟଣର ନାଟ୍ୟରୂପ 'ଶ୍ରୀରାମଲୀଳା ଗୀତିନାଟ୍ୟ' ର ଆରଣ୍ୟକ କାଣ୍ଡ, ତୃତୀୟ ଖଣ୍ଡରେ ଶ୍ରୀରାମାଦିଙ୍କର ଉତ୍କଳ ଭ୍ରମଣ ପର୍ଯ୍ୟାୟରେ 'ଶ୍ରୀମନ୍ଦିରରେ ଦେବଦର୍ଶନ ଓ ଭକ୍ତ ନିକଟରେ ସ୍ୱରୂପ ପ୍ରକାଶ' ବିଷୟକ ଗୋଟିଏ ସ୍ୱତନ୍ତ୍ର ଦୃଶ୍ୟ ସଂଯୋଗ କରିବାକୁ ଗୌରବାନ୍ୱିତ ମନେ କରିଛି । ଏ ପ୍ରସଙ୍ଗରେ ଉତ୍କଳୀୟ ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଅଚ୍ୟୁତାନନ୍ଦ ଦାସଙ୍କ ଦ୍ୱାରା ନିରୂପିତ 'ପାଞ୍ଚଯୁଗରେ ପଞ୍ଚସଖା' ତତ୍ତ୍ୱର ଅନୁସରଣରେ ପଞ୍ଚଦଶ–ଷୋଡ଼ଶ ଶତାବ୍ଦୀର କଳିଯୁଗାବତାର ଦା

ନାମାବତାର ଶ୍ରୀ ଚୈତନ୍ୟଦେବଙ୍କ ଅନ୍ତରଙ୍ଗ ସଖା ଅତିବଡ଼ି ଜଗନ୍ନାଥ ଦାସଙ୍କୁ ତୀର୍ଥଗୁରୀ ତ୍ରେତାବତାର ତ୍ରିମୂର୍ତ୍ତିଙ୍କ ସହ ଏକ ତୀର୍ଥବାସୀ ବଟୁ ପଣ୍ଡା ଭୂମିକାରେ ଉପସ୍ଥାପିତ କରାଯାଇଛି । ଚମ୍ପା ଗଡୁ, ତାଳବନ୍ତ ଛତ୍ରଧାରୀ, ମୁଣ୍ଡିତମସ୍ତକ ବଟୁ ସିଂହଦ୍ୱାର ସମ୍ମୁଖସ୍ଥ ଅରୁଣସ୍ତମ୍ଭ ନିକଟରେ ବୁଲି ବୁଲି ଦର୍ଶନାଭିଳାଷୀ ଯାତ୍ରୀ ଅନୁସନ୍ଧାନରେ ଅଛି । ଓଡ଼ିଆ ଜାତିର ମହତ୍ ପରମ୍ପରା ଓ ସୁମହତ୍ ଐତିହ୍ୟ, ଓଡ଼ିଆ ଶିଳ୍ପୀର ସୂକ୍ଷ୍ମ କଳାନୈପୁଣ୍ୟ, ଓଡ଼ିଆ ଗଜପତିଙ୍କର ଗୌରବଗାଥା, କ୍ଷେତ୍ର ମାହାତ୍ମ୍ୟ, କଳ୍ପ କଳ୍ପାନ୍ତରେ ଜଗନ୍ନାଥଙ୍କର ସ୍ଥିତି ବର୍ଣ୍ଣନା, ବଟୁ କଣ୍ଠରେ ତୋଳିଛି ମଧୁର ସ୍ୱର ଝଙ୍କାର । ଆଜି ତା ଭାଗ୍ୟକୁ ମିଳିଛନ୍ତି ତିନିଜଣ ଠକ ଯାତ୍ରୀ । ସେମାନଙ୍କୁ ନେଇ ନୀଳକନ୍ଦରର ଅନ୍ଧି କନ୍ଧି ବୁଲାଉଛି.........ଦେଖାଉଛି.......ସବୁ କଥା ଗୋଟି ଗୋଟି ବୁଝାଉଛି । ଜଗନ୍ନାଥଙ୍କ ପ୍ରକାଶ କାଳ ସମ୍ବନ୍ଧରେ ଲକ୍ଷ୍ମଣଙ୍କ କୌତୂହଳୋଦ୍ଦୀପକ ଛଳ ପ୍ରଶ୍ନର ଉତ୍ତରରେ ବଟୁ ହାସ୍ୟସମ୍ବରଣ କରି ନପାରି ଉତ୍ତର ଦେଉଛି—"ହେ ଭଗବାନ, ଜଗନ୍ନାଥଙ୍କ ଅସ୍ତିତ୍ୱ ପୁଣି ବର୍ଷ ମାସରେ ଗଣନା କରାଯିବ ! କି କଥା କହୁଛନ୍ତି ମହାରାଜ, ଆପଣ କଣ ଶାସ୍ତ୍ର ପଢ଼ି ନାହାନ୍ତି ? ତାପରେ ଭାବଭୋଳେ ବୟାନ କରିଛି ସେହି ସୁପ୍ରତିଷ୍ଠିତ ଭାଗବତ ତତ୍ତ୍ୱ—"ଯୁଗକୁ ଯୁଗ ଏହି ମତେ, ପରମାନନ୍ଦ ଏ ଜଗତେ" । ଜଗନ୍ନାଥଙ୍କ ପ୍ରାଚୀନତାର ପ୍ରମାଣ ଦର୍ଶାଇବା ପାଇଁ ପୁଣି ପ୍ରେମୋନ୍ମତ୍ତରେ ଗାନ କରେ ପ୍ରାଚୀନ କବିଙ୍କର ସେହି ଭାବଗମ୍ଭୀର ମଧୁର ପଦାବଳୀ—

"କୋଟିଏ କୋଟି କଳ୍ପଯୁଗ ଗଗଣି ନୀଳାଦ୍ରିରେ ଭୋଗ
ଯେହୁ ଗୋଲକ ନିତ୍ୟସ୍ଥଳ ସେ ଅଟେ ଶିରୀ ନୀଳାଚଳ
ଏବେ ବଉଧ ରୂପେ ଜାତ ନୀଳାଦ୍ରି ପ୍ରଭୁ ଜଗନ୍ନାଥ" ଇତ୍ୟାଦି ।

ଶ୍ରୀ ମନ୍ଦିରରେ ଦେବଦର୍ଶନ ବେଳେ ବଳରାମ ଓ ସଦାଶିବଙ୍କ ବର୍ଣ୍ଣନାନୁରୂପ ରାମ, ଲକ୍ଷ୍ମଣ, ସୀତାଙ୍କର ସ୍ୱରୂପ ଦର୍ଶନର ଅବତାରଣା କରାଯାଇଛି ।

ଶ୍ରୀମନ୍ଦିରର ସାହାଣ ମେଳା । ଜୟ ଜଗନ୍ନାଥ ଧ୍ୱନିରେ ଜଗମୋହନ ବିକମ୍ପିତ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସମ୍ମୁଖରେ ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଦଣ୍ଡାୟମାନ । ବିସ୍ମୟାଭିଭୂତ ବଟୁ ଚର୍ମଚକ୍ଷୁ ମୁଦ୍ରିତ କରି ଦିବ୍ୟଚକ୍ଷୁରେ ଦେଖୁଛି—"ବିମ୍ବାଦ୍ ବିମ୍ବମିବୋଦ୍ଭିତୌ" (ରାଜାରାମଙ୍କ ସଙ୍ଗେ ଜଟା ବଲ୍କଳଧାରୀ ଋଷିକୁମାର ଲବକୁଶଙ୍କର ସୌସାଦୃଶ୍ୟ ପ୍ରସଙ୍ଗରେ ଉକ୍ତ ; ବାଲ୍ମୀକି ରାମାୟଣ, ଉ: କା: ୯୪—୧୨), ଅର୍ଥାତ୍ ଏକ ପ୍ରତିବିମ୍ବରୁ ଅନ୍ୟ ଏକ ପ୍ରତିବିମ୍ବକୁ ଉଦ୍ଭୂତ ହୋଇଥିବା ପରି, ତ୍ରେତାବତାର ତ୍ରିମୂର୍ତ୍ତି ରତ୍ନସିଂହାସନାସୀନ ଦାରୁବ୍ରହ୍ମ ମୂର୍ତ୍ତି ତ୍ରୟ ସହିତ ପୁରାପୁରି ସମାନ । ଦିବ୍ୟଦର୍ଶନ ପରେ ପରେ ବଟୁର ବାଷ୍ପ ଗଦ୍ ଗଦ୍.......ତାଦ୍‌ଗତ୍ୟ କଣ୍ଠରୁ ଉଠିଛି ସଙ୍ଗୀତର ମୂର୍ଚ୍ଛନା—

"ତୁମେ ସତ୍ୟ ତୁମେ ସୁନ୍ଦର
ତୁମେ ଜ୍ୟୋତି, ତୁମେ ବ୍ରହ୍ମ, ତୁମେ ଚରାଚର ବିଶ୍ୱ ଠାକୁର ।
ତୁମେ ଗିରି—ଗହନ—ବିହାରୀ ତୁମେ ଗଗନ ପବନଗ୍ରାରୀ
ତୁମ ଉଦରେ ଉଦଧି ବାରି ତୁମ ଚରଣ ଜାହ୍ନବୀ ଆଧାର ।
ତୁମେ ସକଳ ଜଗତ ତୀର୍ଥ ତୁମେ ସକଳ ମାନସ ବ୍ରତ
ତୁମେ ସକଳ ଜନର ନାଥ ତୁମେ ଅଗତିର ଗତି ମାତର ।
ତୁମେ ରୂପାନନ୍ଦ ଅରୂପାନନ୍ଦ
ତୁମେ ଆନନ୍ଦ ତୁମେ ନିରାନନ୍ଦ
ତୁମେ ନୀଳକନ୍ଦର ଆଦିକନ୍ଦ ଜଗତ—ବନ୍ଦନ ଜଗଦାନନ୍ଦ
ତୁମେ ପରଂବ୍ରହ୍ମ ପରମେଶ୍ୱର" ।

ଘର ନଂ ୪ ଆର—୨୮୩
ଖର୍ଗନଗର
ଭୁବନେଶ୍ୱର—୧

# ଶ୍ରୀକ୍ଷେତ୍ରରେ ରାମାୟଣର ଅବଶେଷ

ଶ୍ରୀ ହରେକୃଷ୍ଣ ଦାଶ

ରାମାୟଣ ଯୁଗେ ଯୁଗେ ପତିତଜନମାନଙ୍କୁ ପରିତ୍ରାଣ କରିବା ଲାଗି ଅଭୟ ବର ପ୍ରଦାନ କରି ଆସିଛି । ଏହି ରାମାୟଣରେ ଭଗବତ୍ ଆଲୋକର ଏଭଳି ଏକ ପରିସ୍ଫୁଟନ ଘଟିଛି ଯାହା ବୁଝି ବସିଲେ ମନରେ ଅପାର ଆନନ୍ଦ ସୃଷ୍ଟି ହୁଏ । ଏହି ପୌରାଣିକ ପୋଥିଟି ଯୁଗ ନିର୍ବିଶେଷରେ ସମଗ୍ର ମାନବ ଜାତି ନିମନ୍ତେ ଏକ ଆଶାର ବାର୍ତ୍ତା ବହନ କରି ଆସିଛି । ଆମର ପ୍ରଧାନ ମନ୍ତ୍ରୀ ଶ୍ରୀ ମୋରାରଜୀ ଭାଇ ଗୁରୁତ୍ୱ ସହକାରେ ଘୋଷଣା କରିଛନ୍ତି ଯେ ଦେଶର ଘରେ ଘରେ ରାମାୟଣ ଭଳି ପବିତ୍ରଗ୍ରନ୍ଥ ପଠିତ ହେବା ଉଚିତ । ଏଥିରେ ଶାନ୍ତି ଓ ସମୃଦ୍ଧିର ପଥ ନିର୍ଦ୍ଦେଶ କରାଯାଇ ଥିବାରୁ ଏହି ଗ୍ରନ୍ଥଟି ସର୍ବତ୍ର ଆଦୃତ ହୋଇଛି । ଜାତିର ଜନକ ମହାତ୍ମାଗାନ୍ଧୀ ଦେଶରେ ରାମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ । ସମଗ୍ର ମାନବ ଜାତିକୁ ବିପର୍ଯ୍ୟୟ ତଥା ଧ୍ୱଂସ ମୁଖରୁ ରକ୍ଷା କରିବା ଲାଗି ଏଭଳି ଏକ ଚିନ୍ତାଧାରାକୁ ପୁନର୍ଜୀବିତ ଓ ଜାଗରିତ କରିବା ଉଦ୍ଦେଶ୍ୟରେ ସକଳ ପ୍ରକାର ଉଦ୍ୟମ ହେବା ବାଞ୍ଛନୀୟ । ରାମାୟଣ ପ୍ରତି ଲୋକମାନଙ୍କର ଆଗ୍ରହ ପ୍ରକାଶ ପାଇଲେ ଅଜ୍ଞାନତା ତଥା ନିଷ୍କ୍ରିୟତାରୁ ସୁପ୍ତଆତ୍ମା ଜାଗ୍ରତ ହୋଇଥାଏ । ଏଣୁ ସମସ୍ତ ଜାତୀୟ ନେତାମାନଙ୍କର ଆହ୍ୱାନକ୍ରମେ ନିଷ୍ଠାରସହ କାର୍ଯ୍ୟ କରାଯାଇ ପାରିଲେ ଜୀବନର ଲକ୍ଷ୍ୟ ଅଚିରେ ହାସଲ କରାଯାଇ ପାରିବ ।

ରାମାୟଣ ହେଉଛି ଏକ ପୂର୍ଣ୍ଣାଙ୍ଗ ପୌରାଣିକ ଗ୍ରନ୍ଥ । ଏଥିରେ ଆଉ ଅଧିକା କିଛି ସଂଶ୍ଳିଷ୍ଟ କରିବା ସମ୍ଭବ ନୁହେଁ । ଯୁଗାବତାର ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମତରେ "ରାମାୟଣ ହେଉଛି ଏକ ସୀମାହୀନ ସାଗର, ଯେଉଁଥିରୁ ଅସଂଖ୍ୟ ଜଳ ପ୍ରଣାଳୀ ଖୋଳାଯାଇ ଜଳ ଅଣାଯାଇ ପାରିବ ।" ଆଉ ରାମ ହେଉଛନ୍ତି ସମଗ୍ର ଜଗତର ଅକ୍ଷୟ ବୀଜ । ସେ ଏହି ଜଗତର ପରମାତ୍ମା ପରମେଶ୍ୱର ଓ ସେ ହେଉଛନ୍ତି ସତ୍ୟ ଶିବ ସୁନ୍ଦର । ଏହି ଧରାଧାମରେ ଶ୍ରୀରାମଚନ୍ଦ୍ରଙ୍କର ଆବିର୍ଭାବ ଆଧ୍ୟାତ୍ମିକ ଜଗତକୁ ନୂତନ ଭାବରେ ଶକ୍ତିମନ୍ତ କରିଥିଲା । ଭଗବାନ ମହାଦେବ ମଧ୍ୟ ରାମଚନ୍ଦ୍ରଙ୍କର ଆଗମନ ସଂପର୍କରେ ବହୁପୂର୍ବରୁ ଆଦିମାତା ପାର୍ବତୀଙ୍କୁ ସୂଚନା ଦେଇଥିଲେ । ଭଗବାନ ରାମଚନ୍ଦ୍ର ଅବତୀର୍ଣ୍ଣ ହେବା ଫଳରେ ଧରାଧାମରେ ଲୋକମାନେ ତାଙ୍କୁ ସଶରୀରରେ ଅବଲୋକନ କରିବାର ସୁଯୋଗ ପାଇଲେ । ଭକ୍ତଗଣଙ୍କର ଆକୁଳ ପ୍ରାର୍ଥନା ଫଳରେ ଭଗବାନ ରାମଚନ୍ଦ୍ର ପୃଥିବୀରେ ଅବତରଣ କରିଥିଲେ । ଏପରିକି ବର୍ତ୍ତମାନ ମଧ୍ୟ ଶ୍ରୀରାମ ମହୋତ୍ସବ ସମଗ୍ର ଦେଶରେ ମହାସମାରୋହରେ ପାଳିତ ହୁଏ । ରାମାୟଣର ଅତୀତ ଗୌରବ ଆଜି ଏ ଅଂଚଳରେ ଲୋକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ପ୍ରେରଣା ଜାଗ୍ରତ କରେ । ସ୍ଥାନୀୟ ପର୍ବପର୍ବାଣି ତଥା ପୁରାଣ ସାହିତ୍ୟରେ ରାମାୟଣ ସଂପର୍କରେ କେତେକ ମତପାର୍ଥକ୍ୟ ଦେଖାଯାଇଥାଏ । ପୁରୀଠାରେ ଅନୁଷ୍ଠିତ ହେଉଥିବା ରାମଲୀଳା ସଂପର୍କରେ ଯୁଗ ଯୁଗ ବ୍ୟାପୀ ରହିଥିବା ରହସ୍ୟକୁ ଉଦ୍‌ଘାଟନ କରିବା ହେଉଛି ଏହି ପ୍ରବନ୍ଧର ମୌଳିକ ଲକ୍ଷ୍ୟ ।

ବିଶିଷ୍ଟ ସନ୍ଥ ସୁରଦାସ ପ୍ରତିଗୋଟି ଦୃଷ୍ଟିଭଙ୍ଗୀରୁ ଭଗବତ୍ ଧାରଣା ସଂପର୍କରେ ବିଶ୍ଳେଷଣ କରିଛନ୍ତି ଓ ସେଗୁଡ଼ିକ ହେଲା—ମୂର୍ତ୍ତି ବିଗ୍ରହ ରାମଚନ୍ଦ୍ର, ଅବତାର ପୁରୁଷ ଶ୍ରୀରାମ, ଆତ୍ମାରାମ ଓ ପରମାତ୍ମା ରାମଚନ୍ଦ୍ର । ସେଗୁଡ଼ିକ ଏକ ଓ ଅଭିନ୍ନ । ଓଡ଼ିଶାର ରଘୁନାଥଜୀଙ୍କୁ ଓଡ଼ିଶାର ଜନସାଧାରଣ ପୂଜା କରିଥାନ୍ତି ସତ, ଜଗନ୍ନାଥ କିନ୍ତୁ ଶ୍ରୀରାମଙ୍କର ଅବତାର ବିଗ୍ରହରୂପେ ବହୁଦିନରୁ ଉପାସିତ ହୋଇଛନ୍ତି ।

ଜଗନ୍ନାଥଙ୍କର ପ୍ରତିମୂର୍ତ୍ତିରେ ତାଙ୍କର ରୂପ ସଂପୂର୍ଣ୍ଣଭାବେ ବ୍ୟକ୍ତ ହୋଇନାହିଁ । ତେଣୁ ଏହା ବିଶେଷ ଭାବେ ପ୍ରାକୃତିକ ହୋଇ ନଥିବାର ଅନୁମାନ କରାଯାଏ । ତୁଳସୀ ଦାସ ଗୋସ୍ୱାମୀ ଏକଦା ଆସି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଓ ସେତିକି ବେଳେ ତାଙ୍କ ମନରେ ଏକ ପ୍ରଶ୍ନର ଉଦ୍ରେକ ହେଲା ଓ ସେ ନିଜେ ମନକୁ ମନ ପଚାରିଲେ, "ଏ କ'ଣ ସେହି ରାମଚନ୍ଦ୍ର?" ଗୋପୀବଲ୍ଲଭ ଶ୍ରୀକୃଷ୍ଣ, କୋଦଣ୍ଡଧାରୀ ରାମଚନ୍ଦ୍ର ବେଶରେ ବୃନ୍ଦାବନଠାରେ ସନ୍ଥ ତୁଳସୀ ଦାସଙ୍କୁ ନିଜର ସ୍ୱରୂପ ଦେଖାଇ ଥିଲେ ।

ସନ୍ଥ ତୁଳସୀ ଦାସ ନିରାଶ ହୋଇ ଏକ ନିକଟସ୍ଥ ସ୍ଥାନକୁ ଫେରିଆସିଥିଲେ ଓ ସେଠାରେ ରାତ୍ରି ଯାପନ କରିଥିଲେ । ସ୍ୱପ୍ନରେ ପ୍ରଭୁ ଜଗନ୍ନାଥ ସନ୍ଥ ତୁଳସୀଦାସଙ୍କୁ ପୁନରାୟ ମନ୍ଦିର ଦର୍ଶନ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ । ପ୍ରଭୁ ଜଗନ୍ନାଥ ଶ୍ରୀରାମଙ୍କ ବେଶରେ ସ୍ୱପ୍ନରେ ଆବିର୍ଭୂତ ହୋଇଥିଲେ । ଏହାଫଳରେ ସନ୍ଥ ତୁଳସୀଙ୍କର ସନ୍ଦେହ ଦୂରୀଭୂତ ହେଲା ।

ଯୁଗେ ଯୁଗେ ଶ୍ରୀ ଜଗନ୍ନାଥଙ୍କୁ ଶ୍ରୀ ରାମଚନ୍ଦ୍ରଙ୍କ ଅବତାର ରୂପେ ଗ୍ରହଣ କରାଯାଇଛି । ଶ୍ରୀ ଲକ୍ଷ୍ମଣଙ୍କୁ ଶ୍ରୀ ବଳଭଦ୍ର ଓ ଯୋଗମାୟା ସୁଭଦ୍ରାଙ୍କୁ ସ୍ନେହମୟୀ ଆଦିମାତା ସୀତା ରୂପେ ଗ୍ରହଣ କରାଯାଇଛି । ଶ୍ରୀ ଲକ୍ଷ୍ମଣ ଦ୍ୱାପର ଓ କଳିଯୁଗରେ ରାମଚନ୍ଦ୍ରଙ୍କ ଜ୍ୟେଷ୍ଠ ଭ୍ରାତାର ଆସନ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କଠାରୁ ଆଶୀର୍ବାଦ ଲାଭ କରିଥିଲେ । ଶ୍ରୀ ରାମଙ୍କ ଆଶୀର୍ବାଦ ଫଳରେ ବଳଭଦ୍ରଙ୍କୁ ମନ୍ଦିରର ରତ୍ନ ସିଂହାସନରେ ଆସୀନ କରାଯାଇଛି ।

ଶ୍ରୀଜଗନ୍ନାଥଙ୍କୁ ବିଗ୍ରହ ପୁରୁଷୋତ୍ତମ ଓ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ଗ୍ରହଣ କରାଯାଇଛି । ଏଭଳି ନାମକରଣରେ କିଛି ହିଁ ପାର୍ଥକ୍ୟ ନାହିଁ ଓ ସେ ଏକ ଏବଂ ଅଭିନ୍ନ । ଅନୈକ୍ୟ ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରିବା ହେଉଛି ଏକ ଜାଗତିକ ଧର୍ମ । ଭଗବାନ ଶ୍ରୀ ବାବା ମାନବ ଜାତି ପାଇଁ ବାର୍ତ୍ତା ଦେଇ କହିଛନ୍ତି ଯେ ଶ୍ରୀରାମ ହେଉଛନ୍ତି ଧର୍ମର ଅଭିବ୍ୟକ୍ତି ଓ ଶ୍ରୀକୃଷ୍ଣ ହେଉଛନ୍ତି ସାର୍ବଜନୀନ ପ୍ରେମ ଓ ଶ୍ରଦ୍ଧାର ଅବତାର ପୁରୁଷ । ଜଗନ୍ନାଥ ହେଉଛନ୍ତି ଧର୍ମର ଆଦି ପ୍ରବର୍ତ୍ତକ । ସେ ଜାଗତିକ କରୁଣା ଓ ଶ୍ରଦ୍ଧାର ପ୍ରତୀକ ।

ଶ୍ରୀରାମ ଓଡ଼ିଶାର ପବିତ୍ରଭୂମିରେ ପଦସ୍ପର୍ଶ କରିଥିଲେ । ସେ କୋରାପୁଟ ଜିଲ୍ଲାର ଦଣ୍ଡକାରଣ୍ୟରେ ଅବସ୍ଥାନ କରିଥିବାର କିମ୍ବଦନ୍ତୀ ରହିଛି । ଏଠାରେ ଏକ ଉଲ୍ଲେଖନୀୟ ବିଷୟର ଅବତାରଣା କରାଯିବ ଯେଉଁଥିରେ ଶ୍ରୀଜଗନ୍ନାଥ ବିଶେଷଭାବେ ସଂଶ୍ଳିଷ୍ଟ । ଶ୍ରୀ ରାମଚନ୍ଦ୍ରଙ୍କ ପୁରୀଠାରେ ରହଣି ସମୟରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ସମୁଦ୍ରରେ ସ୍ନାନ କରି ଶ୍ରୀମନ୍ଦିର ଦର୍ଶନ କରିଥିଲେ ଓ ସେଠାରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏ ବିଷୟରେ ବଳରାମ ଦାସଙ୍କ ଦାଣ୍ଡି ରାମାୟଣରେ ବିଶେଷ ଉଲ୍ଲେଖ ରହିଛି ।

ବିଲଙ୍କା ରାମାୟଣରେ ମାତା ସୀତାଙ୍କୁ ଏକ ବିଶିଷ୍ଟ ସ୍ଥାନ ଦିଆଯାଇଛି । ତାଙ୍କୁ ଶାନ୍ତି, ସହନଶୀଳତା, ଅନୁକମ୍ପା ପ୍ରେମ ଓ ଦୟାର ପ୍ରତିରୂପେ ବର୍ଣ୍ଣନା କରାଯାଇଛି । ଶ୍ରୀରାମ ମାତା ସୀତାଙ୍କର ଅସୀମ ଶକ୍ତିର ସୁଯୋଗ ନେଇ ବିଲଙ୍କା ରାଜ୍ୟର ହଜାର ମୁଣ୍ଡ ବିଶିଷ୍ଟ ରାକ୍ଷସକୁ (ସହସ୍ର-ଶିରା ରାବଣ) ବଧ କରିବାକୁ ପ୍ରୟାସ କରିଥିଲେ । ଏଠାରେ ଯଥାର୍ଥରେ ବ୍ୟକ୍ତ କରାଯାଇଛି ଯେ ଶ୍ରୀରାମଙ୍କ ବିନା ମାତା ସୀତା ଶକ୍ତିଶୂନ୍ୟ ଓ ମାତା ସୀତାଙ୍କ ବ୍ୟତିରେକେ ଶ୍ରୀରାମ ସ୍ୱ-ପ୍ରକାଶ ରହିତ । ଏମାନଙ୍କ ପାରସ୍ପରିକ ସହଯୋଗିତା ଓ ନିର୍ଭରଶୀଳତା କିପରି ଓତପ୍ରୋତ ଭାବରେ ଜଡ଼ିତ ତାହା ସହଜରେ ଅନୁମେୟ । ମାତା ସୀତା ସେ ଯୁଗର ଧର୍ମସର୍ବସ୍ୱ ପୃଷ୍ଠଭୂମିରେ ଯେପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ମୂଳ ବାଲ୍ମୀକି ରାମାୟଣରେ ବିସ୍ମୃତ ପ୍ରାୟ । ଏହିଭଳି ଗୌରବମୟ ଆଖ୍ୟାନର ଭିତ୍ତିରେ ଓଡ଼ିଶାରେ ପ୍ରତିବର୍ଷ ପାଳନ କରାଯାଏ ଶ୍ରୀରାମନବମୀ ମହୋତ୍ସବ ।

ରାବଣ ଦଶଗୋଟି କୁ-ପ୍ରବୃତ୍ତିର ଏକ ମୂର୍ତ୍ତିମନ୍ତ ବିଗ୍ରହ ବୋଲି ରାମାୟଣରେ ବର୍ଣ୍ଣନା କରାଯାଇଛି । ସେଗୁଡ଼ିକ ହେଲା—କାମ, ରାଗ, ଲୋଭ, ଆସକ୍ତି, ଅହଂକାର ବିତୃଷ୍ଣା, ପ୍ରତିହିଂସାପରାୟଣତା ମିଥ୍ୟାବାଦିତା, ଗର୍ବ ତଥା ବ୍ୟଭିଚାର କୁ ପ୍ରବୃତ୍ତି ମାନବର ରିପୁଶତ୍ରୁ । ତେଣୁ ତାକୁ ଧ୍ୱଂସ କରିବା ଲାଗି ଶ୍ରୀ ଜଗନ୍ନାଥଙ୍କ ଏକ ଉତ୍ସବରେ ସ୍ଥିର କରାଯାଇଥିଲା । ଏହି ଉତ୍ସବଟିକୁ ଜନସାଧାରଣ ବେଣ୍ଟଯାତ୍ରା ବୋଲି କହିଥାଆନ୍ତି । ଶରତ ଋତୁରେ ଏହି ଉତ୍ସବଟି ପାଳିତ ହୋଇଥାଏ । ଶ୍ରୀରାମ ବେଶରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ଏହି ଖରାପ ଗୁଣଗୁଡ଼ିକୁ ନଷ୍ଟ କରିବା ଲାଗି ରଥଯାତ୍ରାରେ ଉପଗତ ହୋଇଥାନ୍ତି । ଶ୍ରୀରାମ ସତ୍ୟ, ମହତଗୁଣ ତଥା ଅହିଂସାର ମୂଳନୀତି ପ୍ରବର୍ତ୍ତିତ କରିଥିଲେ । ତେଣୁ ସେ କ୍ଷୁଦ୍ର ପଶୁମାନଙ୍କୁ କିପରି ବଧ କରି ପାରିବେ ରାଘବେନ୍ଦ୍ର ଦଶଗୋଟି କୁପ୍ରବୃତ୍ତି ସ୍ୱରୂପ ଦଶଗୋଟି ସୁସଜ୍ଜିତ ନାରିକେଳ ପ୍ରତି ଶର ନିକ୍ଷେପ କରିଥିଲେ । ପୂଜକଗଣ ଏହି ସମୟରେ ସଂପୃକ୍ତ ମନ୍ତ୍ରପାଠ କରି ଥାଆନ୍ତି। ଏହି କୁପ୍ରବୃତ୍ତିଗୁଡ଼ିକୁ ଧ୍ୱଂସ କରାଯାଇ ପାରିଲେ ଯୋଗାଭ୍ୟାସ କ୍ଷେତ୍ରରେ ଏହା ବିଶେଷ ସାହାଯ୍ୟ କରିଥାଏ । ସାରଳା ଦାସ ସହଜ ଓ ସାବଲୀଳ ଭାଷାରେ ରାମାୟଣଟିକୁ ବିଶେଷ ବିଶ୍ଳେଷଣାତ୍ମକଭାବେ ବ୍ୟାଖ୍ୟା କରିଛନ୍ତି । ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାଙ୍କୁ ଯଥାକ୍ରମେ ଚାରୋଟି ସନ୍ତାନ ଜନ୍ମଦେଇଥିବା କୈକେୟୀ, ସୁମିତ୍ରା ଓ କୌଶଲ୍ୟାଙ୍କ ସହିତ ତୁଳନା କରାଯାଇଛି । ଶ୍ରୀରାମଙ୍କ ଜନ୍ମ ସହ ସୁଷୁମ୍ନା ଉନ୍ମୀଳନ ବିଶେଷଭାବେ ଜଡ଼ିତ । ଏହା ଏକ ସର୍ପଶକ୍ତିର ଉନ୍ମୀଳନ । ଏହା ନିଜ ମଧ୍ୟରେ ଥିବା ଦିବ୍ୟତ୍ୱ ପ୍ରକଟିତ କରିଥାଏ । ମାନବଙ୍କୁ ମାଧବରେ ରୂପାନ୍ତରିତ କରିବା ଏହାର ଉଦ୍ଦେଶ୍ୟ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପର୍ବପର୍ବାଣିଗୁଡ଼ିକ ମଧ୍ୟରେ ପୁଷ୍ୟାଭିଷେକ ଉତ୍ସବଟି ଅତି ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ସଂପର୍କରେ ସ୍କନ୍ଦପୁରାଣରେ ବର୍ଣ୍ଣନା ରହିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏଭଳି ଅଭିଷେକ ଉତ୍ସବ ପ୍ରତିବର୍ଷ ମହା ସମାରୋହରେ ପାଳିତ ହୋଇଥାଏ । ଏହି ଅବସରରେ ପ୍ରଭୁ ଜଗନ୍ନାଥ ପବିତ୍ର-ଘୃତରେ ସ୍ନାନ କରିଥାନ୍ତି । ଏହି ପବିତ୍ର ଉତ୍ସବ ଅବସରରେ ହନୁମାନ ଓ ଲକ୍ଷ୍ମଣ ଶ୍ରୀ ରାମଚନ୍ଦ୍ରଙ୍କୁ ଭକ୍ତିପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନ କରିଥାନ୍ତି । ତତ୍‌ପରେ ବିଶ୍ୱନିୟନ୍ତା ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭକ୍ତି ସହକାରେ ପ୍ରାର୍ଥନା ଗାନ କରାଯାଏ । ଏହିହେଲା ଏଭଳି ଏକ ମହନୀୟ ଘଟଣାର ସଂକ୍ଷିପ୍ତ ବିବରଣୀ ।

ଏତଦ୍‌ବ୍ୟତୀତ ମନ୍ଦିରର ଗରୁଡ଼ ସ୍ତମ୍ଭ ନିକଟରେ ବିଭୀଷଣଙ୍କ ପୂଜା ବନ୍ଦନା ଉତ୍ସବ ମହାସମାରୋହରେ

ପାଳିତ ହୋଇଥାଏ । ଏହା ବହୁ ଦିନରୁ ପ୍ରଚଳିତ ହୋଇ ଆସୁଅଛି । ବିଭୀଷଣ ଓ ତାଙ୍କର ଅନ୍ୟ ଛଅଜଣ ସଖା ଅମରତ୍ୱ ଲାଭ କରିଥିବା ବିଷୟ ପୁରାଣରେ ବର୍ଣ୍ଣିତ ହୋଇ-ଅଛି । ପ୍ରଭୁ ଶ୍ରୀରାମ ତାଙ୍କର ନିଜସ୍ୱ ସ୍ୱର୍ଗୀୟ ନିବାସକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କଲେ । ଶ୍ରୀରାମଙ୍କର ଅବର୍ତ୍ତମାନରେ ବିଭୀଷଣ କାହାକୁ ପୂଜା କରିବେ ସେଥିପାଇଁ ସେ ପ୍ରଭୁଙ୍କର ପରାମର୍ଶ ଲୋଡ଼ିଲେ । ଶ୍ରୀରାମ ପରଂପରାରେ ପରମେଶ୍ୱର ଜଗନ୍ନାଥଙ୍କୁ ପୂଜା ଆରାଧନା କରିବା ଲାଗି ବିଭୀଷଣଙ୍କୁ ଉପଦେଶ ଦେଲେ । ଏ ସମ୍ପର୍କରେ ବାଲ୍ମୀକି ରାମାୟଣରେ ସ୍ପଷ୍ଟ ଉଲ୍ଲେଖ ରହିଛି । ପ୍ରଭୁ ରାମଚନ୍ଦ୍ରଙ୍କ ଉପଦେଶ ପାଳନ କରି ବିଭୀଷଣ ପ୍ରତ୍ୟହ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି । ଏକଦା ଏକ ଗରିବ ବ୍ରାହ୍ମଣ ନିଜର ଏକମାତ୍ର ପୁଅର ବ୍ରତୋପନୟନ ପାଇଁ ଆବଶ୍ୟକ ଅର୍ଥ ମଂଜୁର କରିବା ଉଦ୍ଦେଶ୍ୟରେ ପ୍ରଭୁ ଜଗନ୍ନାଥଙ୍କୁ ଗୁହାରି ଜଣାଇଲେ । ଭକ୍ତର ଆକୁଳ ପ୍ରାର୍ଥନାରେ ପ୍ରଭୁ ଜଗନ୍ନାଥ ପ୍ରସନ୍ନ ହୋଇ ବିଭୀଷଣଙ୍କ ସହିତ ସାକ୍ଷାତ କରିବା ଲାଗି ଭକ୍ତକୁ ପରାମର୍ଶ ଦେଲେ । ଗରିବ ବ୍ରାହ୍ମଣଟି ତଦନୁଯାୟୀ ବିଭୀଷଣଙ୍କ ସହିତ ସାକ୍ଷାତ କଲେ ଓ ବିଭୀଷଣ ତାଙ୍କୁ ଏକ ସୁନାର କଙ୍କଣ ପ୍ରଦାନ କଲେ । ଏହି ସ୍ୱର୍ଣ୍ଣ କଙ୍କଣର ବିଶିଷ୍ଟ ଭାଗଟିକୁ ଅଦ୍ୟାବଧି ପୁରୀ ସହରର ଏକ ନିକାଞ୍ଚନ ଗୃହରେ ସାଇତି ରଖାଯାଇଛି । ଏ ସଂକ୍ରାନ୍ତରେ ଅନ୍ୟ ଏକ ସ୍ମରଣୀୟ ଘଟଣାକୁ ଲୋକ-ଲୋଚନକୁ ଆଣିବା ସର୍ବାଦୌ ବାଞ୍ଛନୀୟ । ଏଭଳି ଏକ ଘଟଣା ସଂପର୍କରେ ଭକ୍ତକବି ବଳରାମ ଦାସ ତାଙ୍କ ଦ୍ୱାରା ରଚିତ "ବଟ ଅବକାଶ" ପୁସ୍ତକରେ ନିଖୁଣଭାବେ ଚିତ୍ରଣ କରିଛନ୍ତି । ଏହା ଦେବାଦେବୀମାନଙ୍କର ଏକ ନୈସର୍ଗିକ ତଥା ଅସାଧାରଣ ପୂଜା ମହୋତ୍ସବ । ଦେବାଦେବୀ ମାନଙ୍କର ଏଭଳି ଏକ ମହାମିଳନ ମନ୍ଦିରର ପହଡ଼ପରେ ରାତ୍ରିର ମଧ୍ୟଯାମରେ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ଋଷିଗଣ ଓ ଗନ୍ଧର୍ବମାନେ ପୃଥିବୀକୁ ଅବତରଣ କରି ଉକ୍ତ ଉତ୍ସବରେ ଯୋଗଦାନ କରନ୍ତି ବୋଲି ପ୍ରବାଦ ଅଛି । କଥିତ ଅଛି ଯେ କାଶୀବିଶ୍ୱେଶ୍ୱର, ନେପାଳର ନୀଳ କଣ୍ଠେଶ୍ୱର, ମା' ସରସ୍ୱତୀ ଓ ଲକ୍ଷ୍ମୀ ବିଶ୍ୱମାତା ଦୁର୍ଗା ଓ ଅନ୍ୟାନ୍ୟ ସ୍ଥାନୀୟ ଦେବାଦେବୀମାନେ ଏଭଳି ଏକ ଅଲୌକିକ ନୈସର୍ଗିକ ମହୋତ୍ସବରେ ଯୋଗଦାନ କରନ୍ତି ।

ମରଶରୀରଧାରୀ ମାନବ ପକ୍ଷେ ଏହି ନୈସର୍ଗିକ ଦୃଶ୍ୟ ଅବଲୋକନ କରିବା ସଂଭବ ହୋଇନଥାଏ । ଏଭଳି ମହୋତ୍ସବପରେ ଏକଦା ପ୍ରଭୁ ଜଗନ୍ନାଥ ଅମରତ୍ୱ ଲାଭ କରିଥିବା ସେହି ବିଭୀଷଣଙ୍କୁ ସାକ୍ଷାତ କରିବା ଲାଗି ଭକ୍ତକବି ବଳରାମ ଦାସଙ୍କ ସହିତ ଶ୍ରୀଲଙ୍କା ଯାଇଥିଲେ । ବଳରାମ ଦାସ ପ୍ରଭୁ ଜଗନ୍ନାଥଙ୍କର ରତ୍ନଜରି ବହନ କରିଥିଲେ । ସେ ଉଭୟେ ଶ୍ରୀଲଙ୍କା ଯାଇ ବିଭୀଷଣଙ୍କୁ ସାକ୍ଷାତ କରିଥିଲେ । ବିଭୀଷଣ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ବିଶେଷ ଭାବମୁଗ୍ଧ ହୋଇଥିଲେ । ଭକ୍ତର ଘରେ ଭଗବାନଙ୍କର ଏଭଳି ଏକ ମିଳନ ବାସ୍ତବରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭକ୍ତ ବିଭୀଷଣ ପ୍ରଭୁ ଜଗନ୍ନାଥଙ୍କର ପାଦପଦ୍ମକୁ ଧୌତକରି ତାଙ୍କର ପଦ ଯୁଗଳରେ ଶିର ଅବନତ କରିଥିଲେ ଓ ଏହାପରେ ପ୍ରଭୁଙ୍କୁ ହୀରା ତଥା ମଣିହାର ଉପହାର ଦେଇଥିଲେ । ପ୍ରଭୁ ଜଗନ୍ନାଥ ସେହି ରାତ୍ରରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । କିନ୍ତୁ ତା' ପରଦିନ ପ୍ରଭାତରେ ପୂଜକଗଣ ମହାପ୍ରଭୁଙ୍କ ରତ୍ନଜରି ଦେଖିବାକୁ ପାଇନଥିଲେ । ଏ ସଂପର୍କରେ ରାଜା ପ୍ରତାପ-ଚନ୍ଦ୍ର ଦେବଙ୍କୁ ଜଣାଇ ଦିଆଗଲା । ଭକ୍ତ ବଳରାମ ଦାସ ରାଜାଙ୍କ ନିକଟରେ ସମସ୍ତ ଗୁପ୍ତ ବିଷୟ ପ୍ରକାଶ କରି ସତ୍ୟର ଅବତାରଣା କରିଥିଲେ । ଏ ତଥ୍ୟଟି ଜନ-ସାଧାରଣଙ୍କୁ ଅସ୍ୱାଭାବିକ ତଥା ଅବିଶ୍ୱାସଯୋଗ୍ୟ ପ୍ରତୀତ ହେଉଥିଲେ ମଧ୍ୟ ରାଜା ପ୍ରତାପଚନ୍ଦ୍ର ଦେବ ଏହାର ସତ୍ୟତା ସଂପର୍କରେ ନିଜେ ଅନୁସଂଧାନ ଚଳାଇ ଥିଲେ । ଏହାହିଁ ହେଉଛି ପୁରାଣ କଥିତ ଆଖ୍ୟାୟିକାର ସାରାଂଶ ।

ପୁରୀଧାମରେ ଆଉ ଏକ ସ୍ମୃତିମଣ୍ଡିତ ଧର୍ମ ଉତ୍ସବ ଅନୁଷ୍ଠିତ ହୋଇଥାଏ । ତାହାକୁ ରାମନବମୀ ଦିବସ ରୂପେ ପାଳନ କରାଯାଇଥାଏ । ଜନସାଧାରଣ ଏହାକୁ ରାମଲୀଳା କିମ୍ବା ସାହିଯାତ୍ରା ବୋଲି ଅଭିହିତ କରିଥାନ୍ତି । ଏହି ଅବସରରେ ପୁରୀର ସାହିଗୁଡ଼ିକରେ ପଞ୍ଚାୟତ ଆଖଡ଼ାମାନ ଅନୁଷ୍ଠିତ ହୋଇଥାଏ । ଏହି ଉତ୍ସବ ପାଳନ ସମୟରେ ଦେଶର ଅତୀତ ଗୌରବ, ଜାତୀୟ ସଭ୍ୟତା ଓ ସଂସ୍କୃତିର ସ୍ପଷ୍ଟ ପ୍ରତିଫଳନ ଘଟିଥାଏ । ଦେଶର ସାହିତ୍ୟ, କଳା ଓ ସଂଗୀତ ମଧ୍ୟ ଏହି ଉତ୍ସବ ସମୟରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଏହି ଅବସରରେ ଜନସାଧାରଣ ବିଭିନ୍ନ ଆସନ ଅଭ୍ୟାସ କରନ୍ତି । ଦୈହିକ ଶକ୍ତି ତଥା ସୁସ୍ୱାସ୍ଥ୍ୟ ଲାଭ କ୍ଷେତ୍ରରେ ଏହା ଯଥେଷ୍ଟ ସାହାଯ୍ୟ କରିଥାଏ । ଏହି ସାହିଯାତ୍ରାଟି ଦୀର୍ଘ ଦଶଦିନ ପାଳିତ ହୁଏ । ଏହି ଅବସରରେ ପୌରାଣିକ ନାଟକମାନ ଅଭିନୀତ ହୁଏ । ଏହି ସବୁ ନାଟକର ବିଭିନ୍ନ ଅଂଶରେ ସୀତା ହରଣ, ଯଜ୍ଞ ରକ୍ଷା ପାଇଁ ଖର ଦୂଷଣ ସହିତ ଯୁଦ୍ଧ ରାମ-ରାବଣ ଯୁଦ୍ଧ ଓ ପବିତ୍ର ରାମ ଜନ୍ମ ପ୍ରଭୃତି ଅଭିନୀତ ହୋଇଥାଏ । ଜନସାଧାରଣଙ୍କ ଚିତ୍ତ-ବିନୋଦନ ନିମିତ୍ତ ଏଭଳି ପାଣ୍ଡ ସାଙ୍ଗକୁ କେଳା-କେଳୁଣୀ ଓ ଶବର-ଶବରୁଣୀ ତଥା ଏକାଙ୍କିକା ଅଭିନୟମାନ ଅନୁଷ୍ଠିତ ହୋଇଥାଏ । ଆବାଳ ବୃଦ୍ଧ ବନିତା ଏହି ଉତ୍ସବରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ଏହି ଉପଲକ୍ଷେ ଅଧିକାଂଶ ଲୋକ ଅଷ୍ଟଭୁଜା, ଦଶଭୁଜା ତଥା ମହାଦେବ ବେଶ ହୋଇ ଆସି ଥାଆନ୍ତି । ଏହା ଫଳରେ ଧରିତ୍ରୀ ସ୍ୱର୍ଗପୁରୀ କୈଳାସପୁରୀ ବା ଇନ୍ଦ୍ର-ପୁରୀରେ ପରିଣତ ହେବା ଭଳି ଅନୁଭବ କରାଯାଏ । ଏହି ସମୟରେ ସମସ୍ତେ ଈଶ୍ୱର-ଚେତନାରେ ଅଭିଭୂତ ହୋଇ ପଡ଼ନ୍ତି । ରାମାୟଣରେ ପୁରୀ ସହରର ସାମାଜିକ ଧର୍ମଗତ ତଥା ଆଧ୍ୟାତ୍ମିକ ଜୀବନର ପରିସ୍ଫୁଟନ ଘଟିଛି । ଗଣନା କାର୍ଯ୍ୟ ପ୍ରଭୁ ରାମଙ୍କ ପବିତ୍ର ନାମରେ ଆରମ୍ଭ କରାଯାଏ । ଶ୍ମଶାନ ଭୂମିରେ 'ରାମ ନାମ ସତ୍ୟ ଆଉ ସବୁ ମିଥ୍ୟା' ବୋଲି ଗାୟନ କରାଯାଏ । ଭଗବାନ ସାଇବାବା କହନ୍ତି ଏହା ସ୍ମରଣ ରଖିବାକୁ ହେବ ଯେ ମୃତ୍ୟୁ ସମୟରେ ରାମ ନାମ ମନୁଷ୍ୟର ନିଶ୍ୱାସ-ପ୍ରଶ୍ୱାସରେ ସ୍ୱତଃ ପ୍ରବାହିତ ହୋଇଥାଏ । ନିଷ୍ଠାର ସହ ଭଗବତ ଆରାଧନା କଲେ ମନୁଷ୍ୟ ଭଗବାନଙ୍କ ସହ ଯୋଗସୂତ୍ର

ହୁଏ ବୋଲି ବାବା ମତ ବ୍ୟକ୍ତ କରନ୍ତି । ଏହାଫଳରେ ପାର୍ଥିବ ସଂସାରର ଦୋଷ-ଦୃଷ୍ଟି ଶୂନ୍ୟ ହୋଇ ମନୁଷ୍ୟ ଭଗବତାଲୋକରେ ବିଚରଣ କରିପାରେ । ସ୍ୱାର୍ଥର ବନ୍ଧନୀରୁ ମୁକ୍ତ ହୋଇ ସେ ଭଗବାନଙ୍କ ସହିତ ସତତ ଯୁକ୍ତ ହୋଇ ପାରେ । କେବଳ ସତ୍ୟର ସନ୍ଦର୍ଶନ ନୁହେଁ, ସତ୍ୟରେ ହିଁ ସେ ବାସ କରିପାରେ । ତେଣୁ ଆମେ ଜୀବନକୁ ଈଶ୍ୱରମୁଖୀ କରିବା ଆବଶ୍ୟକ । ଏହାହିଁ ଭାରତରେ ରାମ ରାଜ୍ୟର ସ୍ୱପ୍ନ ସାର୍ଥକ କରି ପାରିବ ।

ଅଧ୍ୟାପକ, ଦର୍ଶନ ବିଭାଗ
ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ



## ଗ୍ରାମାଞ୍ଚଳର ଯୁବକମାନଙ୍କ ପାଇଁ ପ୍ରାଥମିକ ପଶୁ ଚିକିତ୍ସା ସଂପର୍କରେ ତାଲିମ ବ୍ୟବସ୍ଥା

ଗ୍ରାମାଞ୍ଚଳର ଯୁବକମାନଙ୍କୁ କୃତ୍ରିମ ପ୍ରଜନନ ଓ ପ୍ରାଥମିକ ପଶୁ ଚିକିତ୍ସା ସଂପର୍କରେ ତାଲିମ୍ ଦେବା ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଦୁଇଟି ତାଲିମ୍ କେନ୍ଦ୍ର ଖୋଲିବାକୁ ସ୍ଥିର କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ କେନ୍ଦ୍ରରେ ୩୦ ଜଣ ଯୁବକଙ୍କୁ କୃତ୍ରିମ ପ୍ରଜନନ ଓ ପ୍ରାଥମିକ ପଶୁ ଚିକିତ୍ସା ସଂପର୍କରେ ଏକ ଷଣ୍ମାସିଆ ତାଲିମ୍ ଦିଆଯିବ । ତାଲିମ୍ ସମୟରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ମାସିକ ୬୦ ଟଙ୍କା (ଷାଠିଏ ଟଙ୍କା) ଲେଖାଏଁ ଭତ୍ତା ଦିଆଯିବ । ତାଲିମ ଶେଷ ହେବା ପରେ ୬ ମାସ ପର୍ଯ୍ୟନ୍ତ ସେମାନେ ନିଜ ନିଜର କର୍ମ ସଂସ୍ଥାନ କରିବା ନିମନ୍ତେ ମାସିକ ୮୦ ଟଙ୍କା (ଅଶୀ ଟଙ୍କା) ହିସାବରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଭତ୍ତା ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ଫଳରେ ତାଲିମ ପ୍ରାପ୍ତ ଯୁବକମାନେ ପାରିଶ୍ରମିକ ମାଧ୍ୟମରେ ଗାଁ ଗହଳରେ ପଶୁମାନଙ୍କୁ ଚିକିତ୍ସା କରି ନିଜ ନିଜର କର୍ମ ସଂସ୍ଥାନ କରି ପାରିବେ ।

ଏହିଭଳି ଏକ ତାଲିମ୍ କେନ୍ଦ୍ର ଗତ ବର୍ଷ କଟକଠାରେ ଖୋଲା ଯାଇ ୬୦ ଜଣ ଯୁବକଙ୍କୁ ତାଲିମ୍ ଦିଆଯାଇଛି ।

ଏହି କାର୍ଯ୍ୟକ୍ରମ ଫଳରେ ଚଳିତ ବର୍ଷ କଟକ, ବ୍ରହ୍ମପୁର ଓ ସମ୍ବଲପୁର ତାଲିମ କେନ୍ଦ୍ରମାନଙ୍କରେ ଦୁଇଟି ପର୍ଯ୍ୟାୟରେ ୧୮୦ ଜଣ ଯୁବକଙ୍କୁ ତାଲିମ ଦିଆଯିବ ।

# ଗୁଣ୍ଡିଚା ବିଜେ

## କବି ବ୍ରଜନାଥ

ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ

ଅଷ୍ଟାଦଶ ଶତକର ଶେଷାର୍ଦ୍ଧର କବି ବ୍ରଜନାଥ ବଡଜେନା ବହୁ କାବ୍ୟ, ପ୍ରବନ୍ଧ, ଛାନ୍ଦ, ପୋଇ ଲେଖି ଓଡିଆ ସାହିତ୍ୟକୁ
ଉଜ୍ଜ୍ୱଳିତ କରିଯାଇଛନ୍ତି । ଚତୁର ବିନୋଦ, ସମର ତରଙ୍ଗ, ଶ୍ୟାମରାସୋତ୍ସବ, ଅମ୍ବିକା ବିଳାସ, ଗୋପୀ ବିଳାପ
ପ୍ରଭୃତି ତାଙ୍କର ରଚନା ଗୁଡିକ ଯେପରି ଓଡିଆ ସାହିତ୍ୟରେ ଗୋଟିଏ ଉଲ୍ଲେଖଯୋଗ୍ୟ ସୃଷ୍ଟି
ସେହିପରି ହିନ୍ଦୀ ଖୋରଠା ଭାଷାରେ ଲିଖିତ 'ଗୁଣ୍ଡିଚ୍ଚ ବିଜେ' ତାଙ୍କ ଲେଖନୀର ଏକ ଚତୁର୍ଦ୍ଦିଗସ୍ପର୍ଶୀ ସାର୍ଥକ ଚିତ୍ରଣ ।
'ଗୁଣ୍ଡିଚ୍ଚବିଜେ' କ୍ଷୁଦ୍ର କାବ୍ୟରେ ବିଭିନ୍ନ ମାନବୀୟ ଆଶା ଆକାଂକ୍ଷାର ଯେପରି ସଫଳ ରୂପାୟନ ଘଟିଛି ସେହିପରି
ମନୁଷ୍ୟର ଚିର ସ୍ମରଣ ଠାକୁ ପ୍ରାଣରେ ଦେବାବତରଣ ପରି ବିଚିତ୍ର ଅନୁଭୂତିରେ ଅନୁରଣିତ ହୋଇ ଉଠିଛି ।
ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ଦେଖିବା ପାଇଁ ଭାରତ କାହିଁକି, ସାରା ପୃଥିବୀର
ବିଭିନ୍ନ ପ୍ରାନ୍ତରୁ ବହୁ ଜନସମାଗମ ହୋଇଥାଏ । ଏଣୁ କବି କେବଳ ଓଡିଆ ଭାଷାରେ ଏହି କାବ୍ୟଟିକୁ ରଚନା ନକରି
ହିନ୍ଦୀ ଓ ଓଡିଆ ଉଭୟ ଭାଷାର ସଂମିଶ୍ରଣରେ ସମଗ୍ର ବିଷୟ ବିନ୍ୟାସର ପରିପାଟୀକୁ ରସାତ୍ମକରି ପାଠକମାନଙ୍କ ନିକଟରେ
ପରିବେଷଣ କରିଛନ୍ତି । ଏଣୁ କାବ୍ୟଟି ଓଡିଆ ଓ ଅଣଓଡିଆ ଉଭୟଙ୍କ ଦ୍ୱାରା ବିଶେଷ ସମାଦୃତ ହୋଇଛି । ସର୍ବୋପରି
ବେଶି ଆନନ୍ଦର କଥା, ତତ୍କାଳୀନ ଓଡିଆ ସାହିତ୍ୟର ପରିପ୍ରେକ୍ଷୀରେ ବ୍ରଜନାଥଙ୍କ ପରି ଜଣେ ନିର୍ଭୀକ ସ୍ରଷ୍ଟା ଓଡିଆ
ବ୍ୟତିରେକ ଅନ୍ୟଭାଷାରେ କାବ୍ୟ-କବିତା ଲେଖି ଜଣେ ଶୁଦ୍ଧ ମହାଭାରତୀୟ ଚିନ୍ତା ଚେତନାର ଚରମ ସଂଯୋଜକ ଭାବରେ
ଦଣ୍ଡାୟମାନ ହୋଇଛନ୍ତି । ତାଙ୍କ ପୂର୍ବରୁ ତାଙ୍କ ସମସାମୟିକ ଭାବରେ କିମ୍ବା ପରେ ମଧ୍ୟ କୌଣସି ଓଡିଆ କବି ସମଗ୍ର
ଭାରତରେ ବହୁଳ ପ୍ରଚଳିତ ହିନ୍ଦୀ ଭାଷାରେ ବଳିଷ୍ଠ ସାହିତ୍ୟ ପ୍ରଣୟନ କରିଥିବା ବିଷୟ ଏପର୍ଯ୍ୟନ୍ତ ସାହିତ୍ୟର ଇତିହାସରେ
ଲିପିବଦ୍ଧ ହୋଇ ନାହିଁ । ବ୍ରଜନାଥଙ୍କର 'ଗୁଣ୍ଡିଚ୍ଚବିଜେ'ର ଶବ୍ଦ ବିନ୍ୟାସ ଓ ପ୍ରୟୋଗ ପରଂପରାରେ ମଧ୍ୟଭାରତ, ମଧ୍ୟ
ପ୍ରଦେଶ, ପଶ୍ଚିମ ବିହାର ଓ ମଧ୍ୟ ଉତ୍ତର ପ୍ରଦେଶ ପ୍ରଭୃତିରେ ପ୍ରଚଳିତ ଭାଷାର ପ୍ରୟୋଗ ବାସ୍ତବିକ ବ୍ରଜନାଥଙ୍କ ବହୁ
ଭାଷା ଜ୍ଞାନର ପରିଚୟ ପ୍ରଦାନ କରେ । ସମଗ୍ର କାବ୍ୟଟିର କ୍ଷୁଦ୍ର ପରିସର ମଧ୍ୟରେ କବି ବହୁ ଭଜନ, ଦୋହା ବଚନିକା,
ହିନ୍ଦୀ ରାଗରାଗିଣୀର ସଂଯୋଜନା କରିଛନ୍ତି ଏବଂ ଏ ଗୁଡିକର ମାଧ୍ୟମରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ
ରଥାସୀନ ପୂର୍ବ ଓ ପରବର୍ତ୍ତୀ ବିଧିବିଧାନର ଏକ ସୁନିୟନ୍ତ୍ରିତ ଅଥଚ ସଂକ୍ଷିପ୍ତ ବର୍ଣ୍ଣନା ପ୍ରଦାନ କରି ଅଛନ୍ତି ।

କବି କାବ୍ୟର ପ୍ରାରମ୍ଭରେ ସେହି ପରମକାରୁଣିକ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ମଙ୍ଗଳା ଚରଣ ଜଣାଇ ଆଷାଢ଼ମାସ ଶୁକ୍ଳପକ୍ଷ
ଦ୍ୱିତୀୟାରେ ଶୁଭ ଗୁଣ୍ଡିଚ୍ଚ ଯାତ୍ରାର ଆୟୋଜନ ସଂପର୍କରେ କାବ୍ୟର ପ୍ରାସଙ୍ଗିକତା ଦୃଷ୍ଟିରୁ ସୂଚନା ଦେଇ ଲେଖିଛନ୍ତି—

ଶ୍ରୀ ରାଧାପତି ଚିନ୍ତକେ ସକଲ ବିଘ୍ନକରନାଶ
କରତହୁଁ ନରହରି ଗୁଣ୍ଡିଚ୍ଚ ଜାତ ବିଧି ପରକାଶ ।
ମାସ ଆଷାଢ଼ ପ୍ରବେଶଭଏଁ ଦୁସରେ ପ୍ରତୀପକେଦିନ
ଦୀନହୀନ ଜନବନ୍ଧୁ ଯୋ ନେତ୍ର ଜାତ ବିଧିକିନ୍ ।
ଦ୍ୱିତିଓଁକେ ବଡି ଭୋରସେ ଚଞ୍ଚଲ ଲୋକତଯାର
ସବ୍ ନିଜ ସେବକ ସ୍ୱାମୀକେ ଦାଖିଲ ଦେଉଳଦ୍ୱାର ।
ପରିଛା ତଲଛ କିଏ ଭୋରସେ ଦଏତାପତି ପଢିହାର
ପଣ୍ଡାୟତ ପଶୁପାଲକେଓୀର୍ ଖିଦ୍‌ମତ୍ ଗାର ।
ଗହଗହ ଉଛୁଲେ ଯୋ କ୍ଷୀର ନୀର ନିଧିବାନ
ଜୟ ଜୟ ହରି ହରି ହୋତହୁଁ ପୂରଗଇ ସବକାନ ।

ଶ୍ରୀକ୍ଷେତ୍ରର ଧୂଳିମାଟି ଏହି ଉତ୍ସବର ନବୀନ ସ୍ପନ୍ଦନରେ ସ୍ପନ୍ଦିତ ହୋଇ ଉଠୁଛି । ଆକାଶ ସମୁଦ୍ର ସେହି ମହିମାମୟଙ୍କର ଗୁଣ କୀର୍ତ୍ତନରେ ଝଙ୍କୃତ । ସର୍ବତ୍ର ହରି ହରି ଧ୍ୱନି ମୁଖରିତ ହେଉଛି । ଜଗତର ଜନମାନସକୁ ଆଲୋଡ଼ିତ କରି ସିଂହଦ୍ୱାରର ବିଶାଳ ଦ୍ୱାରକୁ ଉନ୍ମୁକ୍ତ କରି ଆସୁଛନ୍ତି ଶ୍ରୀ ଜଗନ୍ନାଥ, ସଙ୍ଗରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ । ଶ୍ରୀ ଜଗନ୍ନାଥ ଦୂର ବାଟର ବାଟୋଇ ହେବେ । ଏଣୁ ପଥଶ୍ରାନ୍ତିର ଅପନୋଦନ ପାଇଁ ଘଣ୍ଟ ମର୍ଦ୍ଦଳ ମୃଦଙ୍ଗର ମଧୁର ତାଳ ମଧ୍ୟରେ ସେ ଖେଚଡ଼ି ମଣୋହି ସାରୁଛନ୍ତି । କବି ବ୍ରଜନାଥଙ୍କ ଚଟୁଳ ଭାଷାରେ ଏହା ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି ।

ଖିଚିଡି ଭୋଗକି ଧୂପ ବିନୋଦକୁ
ସାରକେ ନନ୍ଦ କୁମାର ହେ ତ୍ୟାରି
ମଙ୍ଗଳ ଆରତି ଖ୍ୟାଲ ଭର୍ୟେ ଚଲେ
ସାଥମେ ଦେବୀ ନୀଳାୟର ଧାରୀ ।
ମର୍ଦ୍ଦଲ ଘଣ୍ଟ ସୁର୍ ଦଙ୍ଗା ଉପାଙ୍ଗ ଔର୍
ବେଣୁ ବୀଣା ବୀରକାହାଲ ଭେରୀ ।

ଏଣେ ବଡ ଦାଣ୍ଡର ମୁକ୍ତ ଆକାଶ ତଳେ ଭକ୍ତର ପ୍ରାଣ ଭକ୍ତି ଭାବରେ ପ୍ରମତ୍ତ ହୋଇ ଉଠିଛି । ସେ ସେହି ପରମାତ୍ମାଙ୍କ ପ୍ରତ୍ୟକ୍ଷ ଦର୍ଶନ କରି ନୟନ ମନ ସାର୍ଥକ କରିବା ସଙ୍ଗେ ସଙ୍ଗେ ଅନ୍ତରର ଶୁଦ୍ଧ ପୂତ ନୈବେଦ୍ୟ ଅର୍ପଣ କରିବା ପାଇଁ ବ୍ୟଗ୍ର ହୋଇ ଉଠିଛି । ଭକ୍ତର ଆବେଗ ଉତ୍କଣ୍ଠା ବଢ଼ି ଗ୍ଲଣିଛି । ଭକ୍ତ ଚିନ୍ତାମଣି ଭାବଗ୍ରାହୀ ଅନାବିଳ ଭାବଭକ୍ତିରେ ଭୋଳ ହୋଇ ଭାବନିଷ୍ଠା ଓ ବିଶ୍ୱାସର ଅଧୀନତା ସ୍ୱୀକାର କରି ରତ୍ନ ସିଂହାସନରୁ ଅବତରଣ କରି ଆସୁଛନ୍ତି, ଭକ୍ତର ଭାବ ବିହ୍ୱଳତା ମଧ୍ୟରେ ନିଜକୁ ହଜାଇ ଦେବା ପାଇଁ ସେହିଥିରେ ହିଁ ତାଙ୍କର ପରମ ଆନନ୍ଦ । ଏ ପ୍ରସଙ୍ଗରେ କବିବ୍ରଜନାଥଙ୍କର ଅନ୍ୟ କାବ୍ୟ ସମରତରଙ୍ଗରେ ତାଙ୍କର ଭକ୍ତିପୂତ ପ୍ରାଣର ଯେଉଁ ଉଚ୍ଛ୍ୱାସ ତାହା ଲକ୍ଷ୍ୟ କରିବାର କଥା—

ପତିତଜନକୁ କରି ମୁକୃତ
ଉଡାଇ ପତିତପାବନ କେତ
ପରମାନନ୍ଦ ସୁନ୍ଦର ସ୍ୱରୂପ
ଦରଶନେ ହୀନ କରନ୍ତି ତାପ
କୃପାସିନ୍ଧୁ ଦୀନବନ୍ଧୁ
ନିଖିଳ ଭୁବନ ମାନର କୁମୁଦ ବିକାଶକୁ ପୂର୍ଣ୍ଣ ଇନ୍ଦୁ ଯେ ।

କବି "ଗୁଣ୍ଡିଚ୍ଚା ବିଜେ"ରେ ସେହି କ୍ରମ ରକ୍ଷା କରିଛନ୍ତି । ସେ ନିଜେ ମହାଭାବମୟ । ମହାଲୋକମୟ ମହାମୂର୍ତ୍ତିର ସାକ୍ଷାତ ଦ୍ରଷ୍ଟା ତାଙ୍କ ପ୍ରାଣର ଗଭୀର ଆଧ୍ୟାତ୍ମିକ ଅନୁଭବର ବାସ୍ତବ ପ୍ରତିଫଳନ ଅନବଦ୍ୟ ଭାଷା ବିନ୍ୟାସର ଶୈଳୀ ମଧ୍ୟରେ ଆତ୍ମ ପ୍ରକାଶ କରିଛି—

ନିହୋଁମୁର ନରନାଥ ଯୋ ଭୃତ୍ୟଭାଓ ପରବେଶ
କ୍ୟା ବଲପଣ୍ଡା ଚଲାଏଁ ଯୋ ନାଥ ହେଁ ମେରୁ ସଦୃଶ
ନୀଳ ଗହନ ଗିରି କୋଟରସେଁ ନିକଶତ ଶ୍ୟାମଲ ସିଂହ
ପାତକୀ ପାତକ ହାଥୀକୁ ମାରନେକୁ ଚଲେଁ ହ ।

ମେରୁ ସଦୃଶ ଜଗନ୍ନାଥ ନୀଳକନ୍ଦରର ଗୁମ୍ଫା ମଧ୍ୟରୁ ସିଂହ ରୂପରେ ବାହାରକୁ ବାହାରି ଆସୁଛନ୍ତି ପାପୀର ପାପ ରୂପକ ଗଜକୁ ଦଳନ କରିବା ପାଇଁ । ବାସ୍ତବିକ କବିଙ୍କର କି ଅପୂର୍ବ ପରିକଳ୍ପନା!ପରେ ପରେ ବଡ ଠାକୁର ଭାଇଭଉଣୀଙ୍କୁ ସଙ୍ଗରେ ଧରି ପହଣ୍ଡି ବିଜେ କରୁଛନ୍ତି । ଭକ୍ତ, ପଣ୍ଡା, ପ୍ରତିହାରୀ, ସେବକ ସମସ୍ତେ ଲାଗି ପଡ଼ିଛନ୍ତି ନିଜର ଶକ୍ତି ଦେଇ ସେହି ମହା ମହିମାମୟ ମେରୁ ସଦୃଶ ଠାକୁରଙ୍କୁ ଟାଣି ଓଟାରି ରଥ ଉପରକୁ ନେଇ ଯିବା ପାଇଁ । ଘରିଆଡ଼ ହରିବୋଲ ହୁଳହୁଳି ଧ୍ୱନିରେ ମୁଖରିତ ହୋଇ ଉଠୁଛି । ଆଶା ଆନନ୍ଦ ଉତ୍କଣ୍ଠା ମଧ୍ୟରେ ଭାବ ବିନୋଦିଆ କଳାକାହ୍ନୁ ପାଟହାତୀ ପରି ଝୁଲି ଝୁଲି ଓହ୍ଲାଇ ଆସୁଛନ୍ତି । ପାଟ ସୂତୁଳିର ଦଉଡ଼ି ଦେଇ ଭକ୍ତ ଟାଣୁଛି ଆଗକୁ—ମୁଣ୍ଡରେ ଫୁଲର ଟାହିୟା ଦୋଳନ କରି ସତେ ଯେପରି ଜଗନ୍ନାଥ ତାଙ୍କର ଭକ୍ତମାନଙ୍କୁ ଇସାରା ଦେଇ ଡାକୁଛନ୍ତି—"ଆସ ସମସ୍ତେ ଆସ—ଆଜି ତୁମମାନଙ୍କ ପାଇଁ—ମୁଁ ରତ୍ନସିଂହାସନ ଛାଡି ଓହ୍ଲାଇ ଆସିଛି ତମରିମାନଙ୍କ ମେଳକୁ"! ପ୍ରଭୁ ଯୁଗେ ଯୁଗେ ଭକ୍ତର ଅଧୀନ—ଏ ପ୍ରସଙ୍ଗରେ କବି ବ୍ରଜନାଥଙ୍କର ବର୍ଣ୍ଣନା ପାଠକର ପ୍ରାଣରେ ପୁଲକ ସୃଷ୍ଟି କରେ—

ଖେଂଚତ କଟୀ ପାଟ ଡୋର
ଯୋର କରତେ ଫେର ଫେର

ତୋଲିଧରତ ଦେକେ ସୋର

ଗୋଲ ବିପୁଲ ବାହା

ଯାଯା ଲଲକାର ମାର ଠେଲତ

କୋଇ ବାର ବାର

ଧୀରେ ଧୀରେ ଝୁଲି ଚଲତ ଯେଁ ସେ ହାଥୀ ହା ହା ॥

ରଥ ଉପରକୁ ଯଥାକ୍ରମେ ବିଜେ କରିବେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ । ଭକ୍ତକବି ବ୍ରଜନାଥ ଦିବ୍ୟ ଦ୍ରଷ୍ଟା ଭାବରେ ଦେଖୁଛନ୍ତି ତ୍ରିମୂର୍ତ୍ତିଙ୍କର ଶୋଭା ଆଉ ତାଙ୍କ ବର୍ଣ୍ଣନା-ବିଭବର ଚତୁରୀ ମଧ୍ୟରେ ପ୍ରକାଶ କରୁଛନ୍ତି–

ନନ୍ଦିଘୋଷ ରଥ ଉପରକୁ    ଚଲତ ହେଁ ନବଘନ ଶ୍ୟାମ
ମାନୁ ବିଜୟେ ବିମାନ ସେ    ଶୋହତ ନବ ଛବି କାମ ।
ରଥ ତାଲ ଧ୍ଵଜ ପର ବୈଠକ    ଯୋ ପ୍ରବଲ ଦେକ ହଲହାତ
ଉଦୟା ଚଲକୀ ମାଥମେ    ଉଦେ ଯେଇସେଁ ନନାଥ ।
ସରସିଜ ଧ୍ଵଜ ରାଥମେ    ବିଜୟେ କିନ୍ ଜଗନ୍ନାଥ
କ୍ଷୀର ନୀର ନିଧି ମାଝମେ    ଉଦୟ କି ପୂର୍ଣ୍ଣ ନିଶିନାଥ ।
ରଜତମ ସତ୍ ଧାମ ହେ    ଦେବୀ ରାମ ଘନଶ୍ୟାମ
ମେରୁ ରଜତ ଧର ଅଂଜନ    ଗିରି ଗଞ୍ଜନ ଅଭିରାମ ।

ଏଥର ପ୍ରଭୁ ରଥରେ ବସ୍ତିଗଲେ । ରଥାସୀନ ପ୍ରଭୁଙ୍କର ସମ୍ମାର୍ଜନା ପାଇଁ ଆସୁଛନ୍ତି ଉତ୍କଳର ଗଜପତି ହସ୍ତରେ ସୁବର୍ଣ୍ଣ ମାର୍ଜନୀ ଆଉ କସ୍ତୁରି, କର୍ପୂର, ଚନ୍ଦନ ମିଶ୍ରିତ ଜଳ ଦେଇ ତିନି ରଥରେ ଜଳ ସିଞ୍ଚନ କରି ସେ ରଥ ସମ୍ମାର୍ଜନା କରିବେ ଏହାହିଁ ଓଡ଼ିଆ ମହାରାଜାଙ୍କ ବଂଶର ପରଂପରା–

କବି ବ୍ରଜନାଥ ଲେଖିଛନ୍ତି–

ମୃଗମଦ କର୍ପୁର ମିଶ୍ରିତ ଚନ୍ଦନ
କନକର ସେଚନ ଝାଡକେ ସ୍ୟନ୍ଦନ
ଚିତ୍ରିତ ପଟ ତୁଲି ଶିରଲେ ରାଜନ
ଠେଲତ ସୁନ୍ଦର ରଥ ବର ଘନ ଘନ ।

ପରବର୍ତ୍ତୀ କାର୍ଯ୍ୟକ୍ରମ ରଥ ଟଣା ହେବ । ବିରାଟ ଜନ ସମୁଦ୍ର ମଧ୍ୟରେ ଅଗଣିତ ଭକ୍ତଙ୍କର ସମାବେଶ–ସେମାନଙ୍କ ମନରେ କି ଅପୂର୍ବ ଆବେଗ ଓ ଆନନ୍ଦ । ଚିତ୍ର ବୈଚିତ୍ର୍ୟପୂର୍ଣ୍ଣ ରଥ ତ୍ରୟ, ବାଦ୍ୟ ଧ୍ୱନି, ଭକ୍ତ ଭାବୁକମାନଙ୍କର ଆବେଗ-ମୟ ଭଜନ ମାଧୁରୀ, ଦିବ୍ୟ ଦ୍ରଷ୍ଟା ଭକ୍ତ ବ୍ରଜନାଥଙ୍କ ଚକ୍ଷୁ ସମ୍ମୁଖରେ କେବଳ ମନୋରମ ଦୃଶ୍ୟ ସୃଷ୍ଟି କରି ନାହିଁ ବରଂ ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଭାବ ପୁଲକିତ ହୋଇ ଉଠିଛି । ଗୁଣ୍ଡିଚ୍ଚା ବିଜେ ରଥ ଯାତ୍ରାକାଳୀନ ବଡ ଦାଣ୍ଡକୁ ବଡ ଜେନା ସମୁଦ୍ର ପରି ଦେଖିଛନ୍ତି । ସେଥିରେ ତିନି ଠାକୁରଙ୍କର ରଥ ହେଉଛି ତିନୋଟି ବୋଇତ । ରଥ ଉପରେ ବସିଥିବା ପ୍ରଭୁ ଜଗନ୍ନାଥ ଜଣେ ଧନୀ ସାଧବ । ସ୍ନେହ ପ୍ରେମ କରୁଣାର ସୁଧା ଭକ୍ତମାନଙ୍କୁ ବିକିବା ପାଇଁ ବାହାରକୁ ବାହାରିଛନ୍ତି–

ତୀନୋ ଜାହାଜ ଚଲି ଆଓ୍ୱତ ତିନି ସ୍ୟନ୍ଦନବର
ସହାଁ ମାଧବ ଧନୀ ମାଧବ ହଲଲଙ୍ଗଲଧର
ଜାହାଜବେ ପର ବୈଠକେ ଦୟା ପସରା ଲେ ହାଥ
ଐସେ ଚିଜ କୋ ବେଚତେ ହେଁ ଯୋ
ସଓଦାଗର ଜଗନ୍ନାଥ ।

ରଥ ଟାଣିବାରେ ରାଜା ପ୍ରଜା ଧନୀ ନିର୍ଦ୍ଧନ ଉଚ୍ଚ ନୀଚ ସମସ୍ତେ ମନ ପ୍ରାଣ ଦେଇ ଲାଗି ପଡିଛନ୍ତି, ଅନ୍ତରେ ଉଚ୍ଛ୍ୱାର ଭାବାବେଶରେ । ରଥ କଟ କଟ ଘୁଂ ଘୁଂ ଶବ୍ଦ କରି ବଡ ଦାଣ୍ଡରେ ଆଗେଇ ଚାଲିଛି ବଡ ଦାଣ୍ଡରେ ନାହିଁ ନଥିବା ଭିଡ । ଲୋକ ସମୁଦ୍ର ମଧ୍ୟରେ କବି କେବଳ ରଥାରୂଢ଼ ତ୍ରିମୂର୍ତ୍ତିଙ୍କୁ ଚାହିଁ ନାହାନ୍ତି, ତାଙ୍କ ଆଖି ଆଗରେ ବହୁ ଦୂର ଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କର ଗତି ବିଧି ପ୍ରତି ଦୃଷ୍ଟି ପଡିଛି । କେଉଁଠି ପ୍ରାଣବନ୍ଧୁ ତାର ପ୍ରାଣ ସଙ୍ଗିନୀକୁ ରଥାରୂଢ଼ ତ୍ରିମୂର୍ତ୍ତିଙ୍କୁ ଚିହ୍ନାଇ ଦେଉଛି ଅତି ସରସ ମଞ୍ଜୁଳ ଭାଷାରେ –

ଦେଖଓ ବଲଦେବ ତାଲଧ୍ଵଜ ରଥ ରଥୀ କାମପାଲ
ଧବଲ ବରନ ଦଇତ କାଲ ମନ୍ଦମନ୍ଦ ହାସୀ
କାଦମ୍ବରୀ ମଦିରମଗ ବହତ କରୁଣ ରାଶି ।

× × × ×

ନନ୍ଦି ନିକେତନ ସ୍ୟନ୍ଦନେ କେ ପର
ବୈଠତ ଯୋ ଜଗନ୍ନାଥ ସେ ପ୍ୟାରେ
ବାଦଲ କାଇ ଜଲାମ୍ବୁଜ କାନ୍ତି
ସୁକାନ୍ତ କଲ୍ପ ମୁଖରାଜତ ଯାରେ ।।

× × × ×

ଓ ଦେବୀ ସୁଭଦ୍ରା ଭର୍ଯ ଭକ୍ତ ଭଦ୍ରା
ସର୍ବୋ ଲୋକମାଧା ଭବାନୀ ଦୟାର୍ଦ୍ରା
ଓହି ହେମ ଗୋରୀ ସଦାହେ କିଶୋରୀ
ସୁଭୋଗୀ ବିଳାସୀ ଅନାଶି ଅଛିଦ୍ରା ।।

× × × ×

ରଥ ମଝିରେ ମଝିରେ ରହି ଯାଉଛି । ଭାବ ଭୋଳା ଭକ୍ତ ଦଉଡ଼ି ଧରି ଟାଣୁଛନ୍ତି । ଜଗନ୍ନାଥ ସତେ ଯେପରି ତାଙ୍କର ଭକ୍ତମାନଙ୍କୁ ଚେତାଇ ଦେଉଛନ୍ତି । ଦୁର୍ବାର ଗତିରେ ତା ଜୀବନର ରଥକୁ ଦୁଃଖ ଯନ୍ତ୍ରଣା ବାଧାକୁ ଠେଲିଦେଇ ଆଗକୁ ଟାଣି ନେବାପାଇଁ । ଆଜି ଜଗତର ପ୍ରଭୁ ନିଜେ ସତ୍ତ୍ୱ ରଜଃ ଓ ତମଃ ଗୁଣର ସମନ୍ୱୟରେ ଗଢ଼ା ଏହି ବିଚିତ୍ର ରଥରେ ଆସୀନ— ତାଙ୍କରି ପୁଣ୍ୟ ପ୍ରେରଣା ହିଁ ଜଗତର ସକଳ ଯାତ୍ରା ପଥରେ ପାଥେୟ ହେଉ । ଭାବ ଭକ୍ତିର ଅବାରିତ ଧାରା ମଧ୍ୟରେ କବି ନିଜେ ଏ ମାଧୁରୀ ଉପଭୋଗ କରୁଛନ୍ତି । ଭାବାବିଷ୍ଟ ଭକ୍ତ ପ୍ରାଣର ଅନିର୍ବଚନୀୟ ଆନନ୍ଦ ଓ ନାନା ପ୍ରକାର ସ୍ତୁତି, ସ୍ତବ ପାଠରେ ଅଧୀର ହୋଇପଡୁଛି । ଭାବ ତଦ୍‌ଗତ କବି ହୃଦୟ ସେହି ରସରେ ମଗ୍ନ ହୋଇ ଯାଇଛି । ମୁନି ଋଷି ଦେବ ଗନ୍ଧର୍ବମାନଙ୍କ ସଙ୍ଗୀତର ମଧୁର ବିତାନକୁ ଅନୁସରଣ କରି ସମସ୍ୱରରେ ସେହି ମହିମାମୟଙ୍କର ମହାପ୍ରଶସ୍ତି ଗାନ କରିଛନ୍ତି—

ଋଷି ମୁନିଗଣ ଜଗଦୀଶକେ ସ୍ତବନ ପାଠ ଯଶ ଗୁଣ
ଗାଓ ତ ଦେବ ବିନୋଦମୁ ଗଦଗଦ ମୋହିତ ଧୁନ ।।
ଜୟ ଜୟ ତିନି ଭୁବନ ଭୂପ ନୀଲଜଲଦ ଶ୍ୟାମ ରୂପ
ନଳିନ ନୟନ କରୁଣାମୟ କୋଟି କଲୁଷହାରି ।।

କବି କେବଳ ଶ୍ରୀମନ୍ଦିରରୁ ରଥଯାତ୍ରାର ଦୃଶ୍ୟ ବର୍ଣ୍ଣନା କରି କାବ୍ୟର ପରିସମାପ୍ତି କରି ନାହାନ୍ତି । ବରଂ ପରବର୍ତ୍ତୀ ଗୁଣ୍ଡିଚା ମନ୍ଦିରର ରୀତି ନୀତି ଭୋଗରାଗର ବର୍ଣ୍ଣନା ଅତି ପ୍ରାଞ୍ଜଳଭାବରେ ଦେଇଛନ୍ତି । ମଧ୍ୟଯୁଗୀୟ ଶୃଙ୍ଗାରିଚେତ କବି-ମାନସର ପ୍ରଭାବରୁ ବ୍ରଜନାଥ ସଂପୂର୍ଣ୍ଣ ମୁକ୍ତ ନୁହନ୍ତି । ନବ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ବିରହୀ ଜଗନ୍ନାଥଙ୍କ ପ୍ରାଣ, ପ୍ରାଣପ୍ରିୟା ଲକ୍ଷ୍ମୀଙ୍କ ବିରହରେ ଆକୁଳିତ ହୋଇ ଉଠୁଛି । ମେଘ ମେଦୁରିତ ଆଷାଢ଼ର ବର୍ଷାରାତି ତାଙ୍କୁ ଦଣ୍ଡକ ଯୁଗ ପରି ଲାଗୁଛି । ଏ ପ୍ରସଙ୍ଗରେ କବିଙ୍କର ବର୍ଣ୍ଣନା-ଚାତୁରୀ ଅତି ନିଖୁଣ ଭାବରେ ପ୍ରକାଶ ପାଇଛି—

ପ୍ରାନ ପ୍ରିୟା ବିନ ଶ୍ୟାମ କୋ କାମ କିୟା ବଡ଼ ହାଲ
ନବଘନ ଶ୍ୟାମ କୋ ଯାଦ ଭଏ
ନବ ରୋଜ ଭି ନବ ଯୁଗ
ଚଞ୍ଚଳ ମନ ପୁଣି ଚଞ୍ଚଳ ପ୍ରେମ ପ୍ରୀତି ରସ ରାଗ
କାମ ବିଷାଦ ମେଁ ବଡ଼ ଦୁଃଖ ଭାରୀ
କମଳିନୀ କେଳି କଲ୍ପ ଅନୁରାଗୀ
ନିଜ ପୁର ଗମନ କରନେ ମତି ଭୋଲ୍ଲ
ରଥପର ବୈଠତ ଦ୍ୱିଜକ ଡୋଲା

ଭାବ ଭକ୍ତି ଭୋଳା କବି ବ୍ରଜନାଥ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ବର୍ଣ୍ଣନା କରି କାବ୍ୟର ଯବନିକା ଟାଣିଛନ୍ତି । ତାଙ୍କର ନୟନ ଯୁଗଳ ନୟନାଭିରାମ ଜଗନ୍ନାଥଙ୍କୁ ଦର୍ଶନ କରି ଭାବ ଭକ୍ତିରେ ତଦ୍‌ଗତ ହୋଇ ଉଠିଛି । ଜଣେ ଶୁଦ୍ଧ ପୂତ ସାଧକ ଭାବରେ, ଭକ୍ତ ଭାବରେ ଓ ସର୍ବୋପରି ଜଣେ ଦିବ୍ୟଦ୍ରଷ୍ଟା ରୂପେ ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚା ବିଜେ ଉତ୍ସବ ଅବଲୋକନ କରି ହୃଦୟ ପୁଲକିତ ହୋଇ ଉଠିଛି—କବି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସେହି ପରମ କାରୁଣିକ ଶ୍ରୀ ଜଗନ୍ନାଥଙ୍କ ଛାମୁରେ ଉପସ୍ଥିତ ହୋଇ ଜଣାଉଛନ୍ତି—

ନୟନ ମେ ଆନନ୍ଦ ନୀର ଝରେ ଭର
ପୁଲକିତ ସେ ତନୁ ଫୁଲ୍ଲ
ଏ ସମୟେ ବ୍ରଜନାଥ ହୀନା
ଜଗନ୍ନାଥ ଦଇରେ ମେ ମଗ୍ନ ।

କବି ବ୍ରଜନାଥ "ଗୁଣ୍ଡିଚା ବିଜେ" କାବ୍ୟରେ ରଥଯାତ୍ରାର ପ୍ରତ୍ୟେକ ବିଧି ବିଧାନ ପ୍ରତି ଦୃଷ୍ଟିଦେଇଛନ୍ତି । କବିଙ୍କର ବର୍ଣ୍ଣନାରେ ପରିନିବଦ୍ଧ ନୂତନ ରଙ୍ଗ ରସରେ ଅତୁଳନୀୟ ହୋଇ ଉଠିଛି । ଅଷ୍ଟାଦଶ ଶତକର ଜଣେ ଓଡ଼ିଆ କବି ହିନ୍ଦୀ ଖୋରଠା ଭାଷାରେ ଏପରି କାନ୍ତ କୋମଳ ପଦାବଳୀର ସମନ୍ୱୟରେ ଗୁଣ୍ଡିଚାବିଜେ ପରି ଏକ କ୍ଷୁଦ୍ର କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ପଥ ପ୍ରଦର୍ଶକ ଭାବରେ ସ୍ମରଣୀୟ ହୋଇ ପାରିଛନ୍ତି ।

ଭାରତୀ ମଠ ଲେନ୍
(ବଳଭଦ୍ର ଗଳି), ପୁରୀ



## ରାଜ୍ୟର ପ୍ରତି ପଞ୍ଚାୟତରେ ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠା କରାଯିବ

### ଚଳିତ ବର୍ଷ ୨୦୦ଟି ନୂତନ ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠିତ ହେବ

ଗୋଟିଏ ଲେଖାଏଁ
ରାଜ୍ୟ ସରକାର ପଶୁମାନଙ୍କର ସୁଚିକିତ୍ସା ଓ ରୋଗ ନିୟନ୍ତ୍ରଣ ନିମନ୍ତେ ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ପଶୁ ସହାୟକ କେନ୍ଦ୍ର (ଷ୍ଟକ୍‌ମ୍ୟାନ ସେଣ୍ଟର) ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି କରିଛନ୍ତି । ତଦନୁଯାୟୀ ଚଳିତ ବର୍ଷ ପଶୁପାଳନ ବିଭାଗ ତରଫରୁ ୨୦୦ ଟି ନୂତନ ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି ନିମନ୍ତେ ୨୦୦ ଟି ପଶୁ ସହାୟକ ଏବଂ ୨୦୦ଟି ଆଟେଣ୍ଡାଣ୍ଟ ପଦବୀ ମଞ୍ଜୁର କରାଯାଇଛି । ଗତବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୧,୨୨୫ଟି ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । ଚଳିତ ବର୍ଷ ମଞ୍ଜୁରୀ ପାଇଥିବା ଏହି ୨୦୦ଟି କେନ୍ଦ୍ରକୁ ମିଶାଇଲେ ରାଜ୍ୟରେ ମୋଟ୍ ୧୪୨୫ଟି ପଶୁ ସହାୟକ କେନ୍ଦ୍ର ହେବ ।

ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁସାରେ ପ୍ରତି ୧୦ ହଜାର ଜନ ସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଗୋଟିଏ ଲେଖାଏଁ ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠା କରାଯିବା ପାଇଁ ସ୍ଥିର ହୋଇଥିଲା । କିନ୍ତୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ପରିବର୍ତ୍ତନ କରି ପଶୁମାନଙ୍କର ସୁଚିକିତ୍ସା ଓ ରୋଗ ନିରାକରଣ ପାଇଁ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପଶୁ ସହାୟକ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତ୍ତି କରିଛନ୍ତି ।

ପଶୁମାନଙ୍କର ସୁଚିକିତ୍ସା ନିମନ୍ତେ ପ୍ରତ୍ୟେକ ସହାୟକ କେନ୍ଦ୍ରର ବାର୍ଷିକ ଔଷଧ ଖର୍ଚ୍ଚ ପାଇଁ ଗତବର୍ଷ ୬୦୦ ଟଙ୍କା ମଞ୍ଜୁର କରାଯାଇଥିବା ସ୍ଥଳେ ଚଳିତ ବର୍ଷ ଏହା ୧ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।



# ଜୟ କଳାବଦନ

ଶ୍ରୀ କାଲଚନ୍ଦ୍ର ମହାନ୍ତ

[ ବୃତ୍ତ—ଚକା ନୟନକୁ ପତିତ କହି ]

ଜୟ ଜୟ ପ୍ରଭୋ ! କଳାବଦନ କି ଶୋଭା ଦିଶୁଛି ଚକା ନୟନ
ଚନ୍ଦନ ଚର୍ଚ୍ଚିତ କି ମନୋହର ଆଦିଅନ୍ତ ପର ନାହିଁ ଯାହାର ହେ
କାଳିଆ ନାମ ବିସ୍ତାରି ହେ....କାଳିଆ ନାମ ବିସ୍ତାରି ।। ଘୋଷା ।।
ବିଜେ କରିଅଛ ରତ୍ନ ସିଂହାସନେ,
ଦେବାଦେବୀ ସଙ୍ଗେ ଧରି ହେ
କାଳିଆ ନାମ ବିସ୍ତାରି ।। ୧ ।।

କଳିଯୁଗେ ନାମ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିରେ ବିଜେ କରି ଅଛତ
ନବ ଦିନ ପାଇଁ କରିଲ ଯାତ ଶ୍ରୀଗୁଣ୍ଡିଚା ନାମେ ଅଛି ବିଦିତ ହେ
ବଡ଼ ଦାଣ୍ଡ ଉଠେ ପୂରି ହେ....ବଡ଼ ଦାଣ୍ଡ ଉଠେ ପୂରି
ତିନି ଗୋଟି ରଥ ହୋଇ ସୁସଜ୍ଜିତ,
ରହିଛି ଅପେକ୍ଷା କରି ହେ
ବଡ଼ ଦାଣ୍ଡ ଉଠେ ପୂରି ।। ୨ ।।

ତାଳଧ୍ୱଜ ରଥେ ବଡ଼ ଠାକୁର ଦେବଦଳନ ତ ସୁଭଦ୍ରାଙ୍କର
ନିଜେ ନନ୍ଦିଘୋଷେ ହେବ ବାହାର ଗରୁଡ ସ୍ତମ୍ଭ ନିକଟେ ତୁମ୍ଭର ହେ
ଅପେକ୍ଷାରେ ଛନ୍ତି ରହି ଯେ....ଅପେକ୍ଷାରେ ଛନ୍ତି ରହି
କିମ୍ପାଇଁ ନିଷ୍ଠୁର ହୁଅ ଚକାଡୋଳା,
ଦର୍ଶନ କି ଦେବ ନାହିଁ ହେ
ଅପେକ୍ଷାରେ ଛନ୍ତି ରହି ।। ୩ ।।

ବଡ଼ ଠାକୁର ଯେ ନାମ ବୋଲାଇ ବଡ଼ ବାନା ସବୁ ଅଛ ଉଡ଼ାଇ
ବଡ଼ ଦୀପ ଶ୍ରୀମନ୍ଦିରେ ଜଳଇ ବଡ଼ରୁ କଳଙ୍କ ଶୀଘ୍ର ଛାଡ଼ଇ ହେ
ଭାଇ ଭଗ୍ନୀଙ୍କୁ ତ ନେଇ ହେ....ଭାଇ ଭଗ୍ନୀଙ୍କୁ ତ ନେଇ
ରକ୍ଷା କଲ ମାଉସୀଙ୍କ ନିମନ୍ତ୍ରଣ,
ଲକ୍ଷ୍ମୀଙ୍କୁ ତ ଛାଡ଼ି ଦେଇ ହେ
ଭାଇ ଭଗ୍ନୀଙ୍କୁ ତ ନେଇ ।। ୪ ।।

ସେବାକାରୀମାନେ ଅଛନ୍ତି ରହି ଅନ୍ଧାରେ ଦଉଡ଼ି ଦେବେ ଗୁସାଇଁ
ଛେରା କରି ଆଉ ହେବ ବାହାର କି କଷ୍ଟ ପାଇବ ବଡ଼ ଠାକୁର ହେ
ଶୁଭେ ବେଦ ଗରଜନ ହେ....ଶୁଭେ ବେଦ ଗରଜନ
ଦେବ, ଗଜ, ରଜ, ତିନୋଟି ଦର୍ଶନେ,
ମୋକ୍ଷ ହେବେ ବହୁ ଜନ ହେ
ଶୁଭେ ବେଦ ଗରଜନ ।। ୫ ।।

ଦେଖି ଆଜି ନୀଳାଚଳ ବିହାରୀ ବାଇଶି ପାବଚ୍ଛେ ଆସନ୍ତି ଢଳି
ଶତେ ଚନ୍ଦ୍ର ତାଙ୍କୁ ନହେବେ ସରି କାଳନ୍ଦୀ ଲେଖାଇ ତାଙ୍କୁ ତ ସୁରି ହେ
ସାଲବେଗ ଛନ୍ତି ରହି ଯେ....ସାଲବେଗ ଛନ୍ତି ରହି
ଭକ୍ତି ଡୋରେ ବନ୍ଧା କମଳାଙ୍କ ସାଇଁ,
ଦର୍ଶନ କରିବା ପାଇଁ ହେ
ସାଲବେଗ ଛନ୍ତି ରହି ।। ୬ ।।

ଓଡ଼ିଶା ସହକାରୀ ମୁଦ୍ରଣାଳୟ, କଟକ



# ଜୟ ଜଗନ୍ନାଥ

ଶ୍ରୀମତୀ ବିନୋଦିନୀ ଗନ୍ତାୟତ

ନମସ୍ତେ କରୁଣା ସିନ୍ଧୁ	ଦେବ ଜଗନ୍ନାଥ ।
କରଯୋଡ଼ି ପାଦତଳେ	କରେ ପ୍ରଣିପାତ ।।
ଜୟ ଜୟ ପରଂବ୍ରହ୍ମ	ପ୍ରଭୁ ନାରାୟଣ ।
ଜଗତ ଠାକୁର ତୁମେ	ଭକ୍ତ ପ୍ରାଣଧନ ।।

ନମସ୍ତେ ନିର୍ଗୁଣାନନ୍ଦ	କମଳ ଲୋଚନ ।
ସତ୍ୟ-ଅଧିଷ୍ଠିତ ବିଷ୍ଣୁ	ମହା ତେଜବାନ ।।
କ୍ଷମାର ସାଗର ପ୍ରଭୁ	ସର୍ବ ଭୂତେଶ୍ୱର ।
ସମସ୍ତଜୀବରେ ବାସ	ପରମ ଈଶ୍ୱର ।।

ସ୍ଥାବର ଜଙ୍ଗମ ଯାଏ	ତୁମେ ବିଦ୍ୟମାନ ।
ଚଉଦ ଭୁବନ ପତି	ନିବେଦନ ଘେନ ।।
ଆର୍ତ୍ତତ୍ରାଣ ହରି ତୁମେ	ପ୍ରଭୁ ଚକାଡ଼ୋଳା ।
ବୈରିଭୟ ଦୂରକର	କରନାହିଁ ହେଳା ।।

ପଦ୍ମନାଭ ହୃଷୀକେଶ	ନୀଳାଚଳେ ବାସ ।
କରପତ୍ର ଯୋଡ଼ି ମାଗେ	ଦିଅ ଶୁଭାଶିଷ ।।
ବ୍ରହ୍ମାଣ୍ଡ ପାଳନକାରୀ	ତୁମେ ମହାପ୍ରଭୁ ।
ଭବ ଜଳାଧିପତି ହେ	ଉଦ୍ଧାର ଏ ରଭୁ ।।

ଯାଦବ କୁଳ ଚନ୍ଦ୍ରମା	ବନ୍ଦେ ତବ ପଦେ ।
ରଜ ତମ ଯୁକ୍ତେ ପ୍ରଭୁ	ସ୍ଥାନ ଦିଅ ହୃଦେ ।।
ରଥେ ଯେବେ ଚଳିଯାଅ	ବଡ଼ଦାଣ୍ଡ ଶୋଭା ।
କିଏ ବର୍ଣ୍ଣିବ ମର୍ତ୍ତ୍ୟରେ	ଆହା କି ସେ ଆଭା ।।

ଭକ୍ତ ଅନୁଗ୍ରହ ବ୍ରତୀ	ସୁଶୋଭନ ମୂର୍ତ୍ତି ।
ଶରଣ ରକ୍ଷଣ ବାନା	ତବ ବିଶ୍ୱପତି ।।
ଜଳଜ-ଲୋଚନ ଦେବ	ଅଚ୍ୟୁତ ମାଧବ ।
କ୍ଷମା ଦେଇ କ୍ଷୟକର	ପାପୀର ଏ ଜୀବ ।।


ବଡ଼ ଦେଉଳେ ବିଖ୍ୟାତ	ଜଗନ୍ନାଥ ନାମ ।
ଜୀବନେ ଦର୍ଶନ ଦେଇ	ତୃଷାହର ମମ ।।
ରମାକାନ୍ତ ଲକ୍ଷ୍ମୀପତି	ପ୍ରହ୍ଲାଦ ରକ୍ଷକ ।
ତୁମ ପଦ ପଦ୍ମପ୍ରାନ୍ତେ	ହେବି ମୁଁ ସେବକ ।।

ନିର୍ଘଣ ଜୀବନେ ମୋର	ଭରି ଦିଅ ଆଶା ।
ମୂକ ପ୍ରାଣେ ଦିଅ ପ୍ରଭୁ	ବର୍ଣ୍ଣିବାର ଭାଷା ।।

ମାର୍ଫତ : ଡଃ ବିଜୟ ପ୍ରସାଦ ଗନ୍ତାୟତ ଏମ୍. ଏସ୍.
ବାରକ ହଲ ରୋଡ୍, ବ୍ରହ୍ମପୁର-୧
ଗଞ୍ଜାମ (ଓଡ଼ିଶା) ।





# ତ୍ରିରଥ ବର୍ଣ୍ଣନା



ଶ୍ରୀ ଜଗନ୍ନାଥଙ୍କ ରଥଙ୍କ ନାମ ନନ୍ଦିଘୋଷ—ଏହା ଇନ୍ଦ୍ରଙ୍କ ପ୍ରଦତ୍ତ । ଉଚ୍ଚତା ୩୩ ହାତ ପାଞ୍ଚ ଆଙ୍ଗୁଳି । ୮୩୨ ଖଣ୍ଡ କାଠରେ ନିର୍ମିତ—୧୬ଟି ଚକ—ଏହାର ରକ୍ଷକ ସ୍ୱୟଂ ଗରୁଡ଼—ଧ୍ୱଜାରେ ହନୁମାନଜୀ ବିରାଜମାନ କରନ୍ତି—ଆୟୁଧ ଚକ୍ର ଓ ଶଙ୍ଖ । ରଥର ଆବରଣ ରକ୍ତ ପୀତ—ରଥ ଶିରରେ ଅବସ୍ଥିତ ଦେବତା—କଲ୍ୟାଣ ସୁନ୍ଦର—ଶକ୍ତି ବିମଳା ଓ ବିରଜା । ରଥର ଚତୁଃପାର୍ଶ୍ୱରେ ନବ ଦେବତା ବିଦ୍ୟମାନ ଯଥା—ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥର ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ସାରଥିଙ୍କ ନାମ ଦାରୁକ—ରଥର ରଜ୍ଜୁ ହେଲେ ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ । ରଥର ମୁଖ ହେଲେ ନନ୍ଦୀମୁଖ । ରଥର ଦେବୀ ହେଉଛନ୍ତି ଯୋଗମାୟା । ରଥ ଭୈରବ—ଏକପାଦ । ନନ୍ଦ ଓ କୁବେର ସ୍ମରଣ—ରଥ ଯକ୍ଷ ହେଲେ ହର୍ଯ୍ୟକ୍ଷ—ରଥ ଗର୍ଭାଧୀଶ୍ୱର ହେଉଛନ୍ତି ହିରଣ୍ୟଗର୍ଭା—ରଥ ଶକ୍ତି ହେଲେ ବିମଳା । ଉଚର୍ଷିଣୀ—କ୍ରିୟା, ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା । ମଣ୍ଡି ପଟାରେ ନାରଦ, ଦେବଳ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର ଆଦି ଅଷ୍ଟ ଋଷି ବିଦ୍ୟମାନ । ରଥ କୁମ୍ଭର ନାମ ହିରଣ୍ମୟ । ଦ୍ୱାରପାଳ ହେଲେ ଜୟ ଓ ବିଜୟ । ନେତର ନାମ ତ୍ରୈଲୋକ୍ୟମୋହିନୀ । ରଥର ଅଧୀଶ୍ୱର—ଶ୍ରୀ ଜଗନ୍ନାଥ ।

ବଳଭଦ୍ରଙ୍କ ରଥ ନାମ ତାଳଧ୍ୱଜ । ଏହାକୁ ଦେବତାମାନେ ତାଙ୍କ ବନରେ ପ୍ରଦାନ କରିଥିଲେ । ଏହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି । ୭୬୩ଟି କାଠ ଦ୍ୱାରା ନିର୍ମିତ । ଏ ରଥର ୧୪ଟି ଚକ । ରଥ ରକ୍ଷକ ସ୍ୱୟଂ ବାସୁଦେବ । ଆୟୁଧ ହେଲା ହଳ ଓ ମୂଷଳ । ଭଦ୍ରପୀଠ ଅଷ୍ଟଦଳ ପଦ୍ମ ନିର୍ମିତ । ରଥର ଆବରଣ ରକ୍ତନୀଳ । ରଥର ଶିରରେ ଅନନ୍ତ ନାଗ ରହିଛନ୍ତି । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ ପ୍ରଣନ୍ଧାରୀ, ଗଦାଚକାରୀ, ହରିହର, ତ୍ରୈମୂକ, ବାସୁଦେବ, ନାଟାମ୍ବର, ଅଘୋର, ତ୍ରିପୁରାରି ଶିବ । ସାରଥିଙ୍କ ନାମ ମାତଳି । ରଥ ରକ୍ଷକ ହେଲେ ସ୍ୱସର । ଅଶ୍ୱମାନେ ହେଲେ ତୀବ୍ର, ଘୋର, ଦୀର୍ଘ, ଶ୍ରମ ଓ ସ୍ୱର୍ଣନାଭ । ସ୍ୱୟଂ ବାସୁକୀ ଏହାର ରଜ୍ଜୁ ରୂପରେ ବିରାଜିତ । ରଥମୂର୍ଦ୍ଧି—କେତୁଭଦ୍ରା । ଚର ଦେବତା ବ୍ରହ୍ମା ଓ ଶିବ । ରଥର ଭୈରବ ହେଲେ କ୍ଷେତ୍ରପାଳ । ଗନ୍ଧର୍ବଙ୍କ ନାମ ହୁ ହୁ । ସ୍ମରଣ ଦ୍ୱୟ ମହାସିଦ୍ଧ ଓ ଭଲେମୀ । ଗର୍ଭାଧୀଶ୍ୱରୀ ଶକ୍ତି—ତୁଙ୍ଗା, ତୁଙ୍ଗଭଦ୍ରା, ପ୍ରଭ, ସୁପ୍ରଭ, ଧାତ୍ରୀ, ବିଧାତ୍ରୀ, ନନ୍ଦା, ସୁନନ୍ଦା । ଋଷିପଟାରେ ଅଙ୍ଗିର, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କଶ୍ୟପ, ଏହି ଅଷ୍ଟ ଋଷି ବିରାଜମାନ କରିଛନ୍ତି । ରଥ କୁମ୍ଭର ନାମ—ଭୁବନ, ବିମ୍ବ, ପୃଥିବୀ, ଚନ୍ଦ୍ରାୟୁଧ, ହୁଁ ବୀଜ । ଦ୍ୱାରପାଳ ହେଲେ ନନ୍ଦ ଓ ସୁନନ୍ଦ । ନେତର ନାମ ଉନ୍ନାନି ।





ସୁଭଦ୍ରାଙ୍କ ରଥ ଦର୍ପଦଳନ ଦେବତାଙ୍କ ପଦର । ଏହାର ଉଚ୍ଚତା ୩୧ ହାତ । ୫୯୩ ଖଣ୍ଡ କାଷ୍ଠରେ ନିର୍ମିତ । ୧୨ଟି ଚକ । ଏହାର ରକ୍ଷକ ଜୟଦୁର୍ଗା । ଧ୍ୱଜାରେ ତ୍ରିପୁରସୁନ୍ଦରୀ ବିରାଜମାନା । ଆୟୁଧ—ପଦ୍ମକହ୍ଲାର । ରଥର ଆବରଣ କୃଷ୍ଣଲୋହିତ । ରଥ ଶିରର ଦେବତା ହେଲେ ଉର୍ଦ୍ଧ୍ୱଶିମେଧ । ଚାମର ସେବା କରନ୍ତି ସୁମେଧା ଦେବୀ । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡିକା, ମଙ୍ଗଳା, ବାରହୀ, କାତ୍ୟାୟିନୀ, ଜୟଦୁର୍ଗା, କାଳୀ । ସାରଥିଙ୍କ ନାମ ଅର୍ଜୁନ । ଉଗ୍ରଚଣ୍ଡା ଏ ରଥକୁ ରକ୍ଷା କରନ୍ତି । ଏ ରଥର ୪ଟି ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା । ସ୍ୱର୍ଣଚୂଡ଼ ନାମକ ନାଗ ଏ ରଥର ରଜ୍ଜୁ ହୋଇଛନ୍ତି । ରଥର ମୁଖ ହେଲା ବ୍ରହ୍ମବର୍ତ୍ତା । ରଥର ଦେବୀ ଶ୍ରୀ ଭୂ । ଏହାର ଗନ୍ଧର୍ବଙ୍କ ନାମ ହା ହା—ରଥ ରଥଗ୍ରରଣଙ୍କ ନାମ ମହାକର । ଯକ୍ଷଙ୍କ ନାମ ହେଉଛି—କିଂକ୍ଷିକା । ଗର୍ଭର ଅଧିଶ୍ୱରୀ ହେଲେ—ଶର୍ତ୍ତିଶପା, ଜୟା, ବିଜୟା, ଶୋଗ, ଅଘୋର, ସୁକ୍ଷ୍ମା, ଜ୍ଞାନା । ଋଷିପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ନାମା ଛ' ଜଣ ଋଷି ବିରାଜମାନ କରନ୍ତି । ରଥ କୁମ୍ଭର ନାମ ଅମୃତା, ଜୀବା, କାୟା, ହ୍ରିଂ ବୀଜ । ଦ୍ୱାଦଶ ତରଣ ଭୁବନେଶ୍ୱରୀ, ଚନ୍ଦ୍ର, ଗଙ୍ଗା, ଯମୁନା, ଦ୍ୱାରପାଳିକା । ନେତର ନାମ ନାଦାମ୍ବିକା ।






ତୁମେ ପ୍ରଭୁ ଜଗନ୍ନାଥ । ଅଛ କି ନ ଅଛ, । . .
ସେ ଯୁକ୍ତିରେ ଖେଳାଏନା ମଥା,
ତୁମ ବଡ ଦେଉଳରେ ବସି କେବେ ପୂଜିନାହିଁ
ତୁମକୁ ଦେବତା, ରଖି ଏକାଗ୍ରତା ।

ଜପ, ତପ ତୁମ ଲାଗି କରିବାକୁ କେବେ
ମନେ ମୋର ଜାଗି ନି ବାସନା,
ଧର୍ମ, ଅର୍ଥ, କାମ, ମୋକ୍ଷ ଲାଗି
କରିନି ବି କେବେ ମୁଁ ସାଧନା ।

ତୁମରି ଅସଂଖ୍ୟ ନାମ, ତୁମର ଅଜସ୍ର କୀର୍ତ୍ତି
ଜାଣିବାକୁ ପଢ଼ିନି ପୁରାଣ,
ତେଲଲୁଣ-ସଂସାରରେ ନିଜ କଥା ଭାବି ଭାବି
ବ୍ୟତିବ୍ୟସ୍ତ ହୋଇଅଛି ମନ ।

ଜୀବନର ଯାତ୍ରାପଥେ ମାତ୍ର ହେ କାଳିଆ କାହ୍ନୁ !
ଯେତେବେଳେ ଝୁଂଟି ମୁଁ ପଡ଼ିଛି,
ତୁମ ନାମ ସଂବୋଧନେ କି ଅପୂର୍ବ ସାନ୍ତ୍ୱନା ମୁଁ
ପାଇ ପୁଣି ଅଣ୍ଟା ମୋ ଭିଡ଼ିଛି ।

ଦୁର୍ଦ୍ଦଶାର ଦୃଷାନଳେ....ଜଳି ଯାଉଥିବା ବେଳେ ...
ଧରିଛି ମୁଁ ଯେବେ ତବ ନାମ,
କି ସ୍ୱର୍ଗୀୟ ସାନ୍ତ୍ୱନାରେ ପ୍ରାଣମନ ଉଠିଅଛି ଭରି....
ହୋଇଛି ମୋ ପୀଡ଼ା ଉପଶମ ।

ତୁମ ନାମ ଯେବେ ମୋର ମନେ ଆସେ..
                    ତୁଷ୍ଟର କରିବାକୁ ନ ହୁଏ ସାହସ,
ତୁମେ ତ ସବୁଠି ଅଛ--ମୋ ଛଳନ ଦେଖି କାଳେ
                    ମୋ ଉପରେ ବଢ଼ିବ ହେ ରୋଷ....

ସେ ଲାଗି ମୁଁ ମୋର ଜୟ-ପରାଜୟ, ଲାଭକ୍ଷତି,
                    ନିର୍ବିକାରେ ନେଉଅଛି ସହି ,
ପ୍ରାଣର ଦହନେ ମୋର ତୁମ ନାମ ଉଚ୍ଚାରଣ
                    ସାଂତ୍ୱନାର ମଳୟ ତ ଦେଉଛି ବୁହାଇ

ଦୁଃଖ ପରେ ଦୁଃଖ ଦେଇ ତୁମେ ଯଦି ଠାକୁର ହେ !
                    କରୁଛ ପରୀକ୍ଷା--
ବରି ନେଇ ତାକୁ ମୁହିଁ ତବ ମହାଦାନ ରୂପେ,
                    ଜଳାଇବି ତବ ଜୟ-ଶିଖା ।

ଯା ଦେଇଛ--ତାକୁ କରି ଜୀବନ-ସଂଖାଳି,
                    ଭୁଲିବି ମୁଁ ତେଜି ଦୁଃଖ, ଭୟ,
ଶୋକ ଅଶ୍ରୁ—ପାଇବିତ ତୁମନାମେ ଆଶ୍ୱାସନା,
                    ଦୟାମୟ ! ହେ ସାଂତ୍ୱନାମୟ !!

ଶିକ୍ଷକ, ଫକୀରପୁର ହାଇସ୍କୁଲ
ଫକୀରପୁର
କେଂନ୍ଦୁଝର-୭୫୮୦୨୨



## ଆଦିବାସୀ ହରିଜନମାନଙ୍କୁ ଜମି ଯୋଗାଣ

ଭୂମିହୀନ ଆଦିବାସୀ ଓ ହରିଜନମାନଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଘରଡ଼ିହ ଓ ଚାଷୋପଯୋଗୀ ଜମି ଯୋଗାଇ ଦିଆଯାଇଛି ।

୧୯୭୭-୭୮ ମସିହା ସୁଦ୍ଧା ୧ ଲକ୍ଷ ୫୫ ହଜାର ୩୦୪ ଜଣ ଆଦିବାସୀଙ୍କୁ ୨ ଲକ୍ଷ ୯୦ ହଜାର ୨୦୩ ଏକର ସରକାରୀ ପତିତ ଜମି, ୨୭ ହଜାର ୪୩୭ ଜଣ ଆଦିବାସୀଙ୍କୁ ୪୦ ହଜାର ୩୪୭ ଏକର ସିଲିଂ ବହିର୍ଭୂତ ଜମି ଏବଂ ୫୯ ହଜାର ୧୩୫ ଜଣ ଆଦିବାସୀଙ୍କୁ ୩ ହଜାର ୬୦୨ ଏକର ଘରଡ଼ିହ ଯୋଗାଇ ଦିଆଯାଇଥିଲା । ସେହିପରି ୬୧ ହଜାର ୧୬୫ ଜଣ ହରିଜନଙ୍କୁ ୧ ଲକ୍ଷ ୧୩ ହଜାର ୪୬୨ ଏକର ସରକାରୀ ପତିତ ଜମି, ୨୨ ହଜାର ୪୧୭ ଜଣ ହରିଜନଙ୍କୁ ୨୮ ହଜାର ୨୨୫ ଏକର ସିଲିଂ ବହିର୍ଭୂତ ଜମି ଏବଂ ୪୫ ହଜାର ୨୫୫ ଜଣ ହରିଜନଙ୍କୁ ୨ ହଜାର ୩୫୮ ଏକର ଘରଡ଼ିହ ଯୋଗାଇ ଦିଆଯାଇ ଥିଲା । ଏହା ବ୍ୟତୀତ, ପୋଡୁ ଚାଷ କରୁଥିବା ୩ ହଜାର ୨୦୫ଟି ଆଦିବାସୀ ପରିବାରଙ୍କୁ ୧୦୫ଟି କଲୋନୀରେ ଥଇଥାନ କରାଯାଇଛି ।

ପ୍ରଥମ ଇଂରେଜୀ ସାହେବ Captain Bruton, 1633 ମସିହାରେ ପୁରୀକୁ ଆସି ରଥଯାତ୍ରା ଦର୍ଶନ କରି ତାଙ୍କର ମନ୍ତବ୍ୟ ପ୍ରକାଶ କରିଛନ୍ତି—

"And when it (the chariot of Jaggarnat) is going along the city, they are many that will offer themselves as sacrifice to this idol, and desperately lie down on the ground that the chariot wheels may run over them whereby they are killed out right, some get broken arms, some broken legs, so that many of them are destroyed, and by this means they think to merit Heaven.

ସ୍ୱେଚ୍ଛାକୃତ ଭାବେ ରଥତଳେ ଆତ୍ମୋତ୍ସର୍ଗ କରିବା ବିଷୟ 1667 ମସିହାରେ Bernier ସାହେବ ମଧ୍ୟ ଉଲ୍ଲେଖ କରିଛନ୍ତି—

XX "Persons are found (it is no fiction which I recount) so blindly credulous and so full of wild motions as to throw themselves upon the ground in the way of its ponderous wheels, which pass over and crush to atoms the bodies of the wretched fanatics XXX the victims believe that Jagannat will receive them as children, and recall them to life in a state of happiness of dignity."

Capt. Bruton ଓ Mr. Bernierଙ୍କ ଭଳି 1727 ମସିହାରେ Alexander Hamilton ଉଲ୍ଲେଖ କରିଛନ୍ତି ଯେ ଏହିଭଳି ଅନ୍ଧବିଶ୍ୱାସର ଶିକାର ହୋଇ ବହୁ ବ୍ୟକ୍ତି ରଥ ଚକତଳେ ଆତ୍ମହତ୍ୟା କରନ୍ତି ।

"XXXX As it passes through the street, many fall on the ground to have the honour to be crushed to pieces by the coach wheels."

କିନ୍ତୁ 1818 ମସିହାରେ Mr. Sterling ରଥଯାତ୍ରା ଦର୍ଶନ କରି ଲେଖିଛନ୍ତି—"During four years that I have witnessed the ceremony three cases only of this revolting species of immolation have occurred, one of which I may observe as doubtful, and should probably be associated to accident, in the others the victims had long been suffering from some excruciating complaints and chose this method of ridding themselves of the burden of life in preference to other modes of suicide so prevalent with the lower orders under similar circumstances".

ଅନୁରୂପ ବିବରଣୀ ୧୮୩୮ ମସିହାରେ Mr. Fergusson ଲେଖିଛନ୍ତି—XXHe saw victims crushed under the wheel, and none had been heard of for many years before. Dr. William Hunter ଙ୍କ ବିବରଣୀ ଅନୁଯାୟୀ "In a closely packed eager throng of a hundred thousand men and women, many of them unaccustomed to exposure and hard labour and all of the tugging and streaming to the utmost under the blazing tropical sun, deaths must occasionally occur". (Hunter's Orissa)

ରଥ ବଳଗଣ୍ଡି ହେଲେ ମଧ୍ୟାହ୍ନକାଳୀନ ରୌଦ୍ରକ୍ଳାନ୍ତି ଅନୁଭବ କରି ଜଗନ୍ନାଥ ଦେବ ଓ ସେବକଗଣ ବିଶ୍ରାମ କରନ୍ତି । ସନ୍ତାପ ଶାନ୍ତି ନିମିତ୍ତ ପଞ୍ଚାମୃତ, ଚନ୍ଦନ ଓ କର୍ପୂରାଦି ସର୍ବାଙ୍ଗରେ ଲେପନ କରାଯାଏ ଚାମର, ସୁଶୀତଳ ବ୍ୟଞ୍ଜନାଦି ଦ୍ୱାରା ବ୍ୟଜନ ଏବଂ ସୁବାସିତ ଜଳରେ ଅଭିଷେକ କରାଯାଏ । ନାରିକେଳ, ଖର୍ଜୁର, ତାଳ, ପଣସ, ପକ୍ୱ ରମ୍ଭାଦି ସୁସ୍ୱାଦୁ ଫଳ ଓ କର୍ପୂର, ଲବଙ୍ଗ ଓ ତାମ୍ବୁଳାଦି ଉପକରଣ ଦ୍ୱାରା ପୂଜନ ହୁଏ ।

"ମଧ୍ୟାହ୍ନ ଭୋଗଂ ବଳିମଣ୍ଡପେଚ

ହୂର୍ଯାତ୍ ସ ଆଶ୍ୱର୍ଯବରେ ବିଧିଜ୍ଞ ।"

(ବାମଦେବ ସଂହିତା)

ଅପରାହ୍ନରେ ରଥ ଗୁଣ୍ଡିଚା ମନ୍ଦିର ଦ୍ୱାରରେ ଉପସ୍ଥିତ ହୁଏ । ରାତ୍ରିରେ ଶ୍ରୀ ବିଗ୍ରହଙ୍କ ଭୋଗରାଗାଦି ରଥ ଉପରେ ହୁଏ । ପରଦିନ ସାୟଂକାଳରେ ଯଜ୍ଞବେଦୀକୁ ପହଣ୍ଡି ବିଜୟ ହୋଇଥାଏ ।

ପୂର୍ବେ ଏକାଦିନକେ ରଥ ପହଞ୍ଚି ପାରୁ ନ ଥିଲା । ସମୟ ସମୟରେ ଏଥିପାଇଁ ୩।୪ ଦିନ ଯାଉଥିଲା । Mr. Sterling ଉଲ୍ଲେଖ କରିଛନ୍ତି—"The large number of men employed—owing to want of proper supervision the cars move very slowly and three to four afternoons are devoted to carry them a distance of 2 miles to a garden and a suite of temples at the other end of the greatest highway.

ରଥ ଯାତ୍ରାର ଚତୁର୍ଥ ଦିବସ ଅର୍ଥାତ୍ ପଞ୍ଚମୀ ତିଥିକୁ ହେରପଞ୍ଚମୀ କୁହାଯାଏ । ଉକ୍ତ ତିଥିରେ ଶ୍ରୀ ଯମେଶ୍ୱର ଶିବ ଓ ଦେବଦାସୀଙ୍କ ସହ ଶ୍ରୀ ଲକ୍ଷ୍ମୀଦେବୀ ଗୁଣ୍ଡିଚା ମନ୍ଦିର ପ୍ରଥମ ଦ୍ୱାରରେ ଉପସ୍ଥିତ ହୁଅନ୍ତେ ଦଇତାଗଣ ଶ୍ରୀ ଜଗନ୍ନାଥଙ୍କ ଭୋଗମନ୍ଦିର ଦ୍ୱାର ବନ୍ଦ କରି ଦିଅନ୍ତି । ଶ୍ରୀ ଲକ୍ଷ୍ମୀଦେବୀ ରୁଷ୍ଟା ହୋଇ ଜଗନ୍ନାଥଙ୍କ ରଥର ଗୋଟିଏ ଚକ (ମେଡାଙ୍ଗରେ ଖଣ୍ଡିଏ କାଠ) ଭାଙ୍ଗିଦେଇ ଆସନ୍ତି । ତାପରେ ହେରଗୋହରୀ ସାହିରେ ବିଜେ କରନ୍ତି । ଭୋଗଲାଗି ହୁଏ । ସପ୍ତମଦିନ ସନ୍ଧ୍ୟା ଆରତୀ ସମୟ ପରେ 'ସନ୍ଧ୍ୟାଦର୍ଶନ' ଉତ୍ସବ ହୁଏ । ନବମ ଦିବସରେ ପ୍ରାତଃ କାଳରେ ମହା-ସମାରୋହରେ ଶ୍ରୀ ବିଗ୍ରହଙ୍କୁ ପୂର୍ବବତ୍ ରଥରେ ଅଧିଷ୍ଠିତ କରାଇ ଶ୍ରୀ ମନ୍ଦିରାଭିମୁଖେ ରଥତ୍ରୟକୁ ଆକର୍ଷଣ କରି ଆଣନ୍ତି ।

ଯେଉଁ ଭାଗ୍ୟବାନ ବା ଭାଗ୍ୟବତୀ ସପ୍ତାହକାଳ ଭଗବାନ ଜଗନ୍ନାଥଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କାଳରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ପୁରୁଷୋତ୍ତମଙ୍କୁ ଦର୍ଶନ କରେ ସେ ସାଧାରଣ ମାନବ ନୁହେଁ, ଦେବତୁଲ୍ୟ ! ସେ ସପ୍ତକୁଳକୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ବୈକୁଣ୍ଠ ପ୍ରାପ୍ତି ହୋଇ ପରମଗତି ଲାଭ କରେ ।

"ସପ୍ତାହଂ ଯୋ ନରୋ ନାରୀ ନସ୍ୟା ହ୍ୟକ୍ତମାନୁଷୀ" (ଶ୍ରୀ ସ୍କନ୍ଦପୁରାଣ)

ପୁନଶ୍ଚ ଶ୍ରୀ ବାମଦେବ ସଂହିତାରେ ଉଲ୍ଲେଖ ଅଛି—

"ସପ୍ତାହକେ ମଣ୍ଡପକେ ସ୍ଥିତାଂଶ୍ଚ
ପଶ୍ୟନ୍ତି ଯେଽପୀହ ଜନାର୍ଦ୍ଦନଂ ଚ ॥

ତେ ମାନବାଃ ସପ୍ତକୁଳାନି ନୀତ୍ୱା
ବସନ୍ତି ବୈକୁଣ୍ଠ ପଦେ ଚିରାୟ ॥

ସପ୍ତାହକେ ଯେଽପି ବସନ୍ତି ତତ୍ର
ତେ ବୈ ଜଗନ୍ନାଥ ପଦଂ ଲଭନ୍ତେ ॥

ଅସ୍ମିଂଶ୍ଚ କାଳେ ସରସୀନ୍ଦ୍ର ଖ୍ୟାତେ
ସ୍ନାନଂ ଚ କୃତ୍ୱା ପରିମୁଣ୍ଡନଂ ଚ ॥

ରଥ ଶରଧାବାଲି ବା ଶରଧା ବାଲିର ଉପରଦେଇ ଅର୍ଦ୍ଧାସନୀ ଦେବୀ (ମାଉସୀ ମା) ମନ୍ଦିର ନିକଟରେ ଉପସ୍ଥିତ ହେଲେ ସେଠାରେ 'ପୋଡ଼ପିଠା' ଭୋଗହୁଏ । ଉଲ୍ଲେଖ ଅଛି ନରସିଂହ ଦେବ ତ୍ରୟୋଦଶ ଶତାବ୍ଦୀରେ ଅଠରନଳା (ଶଙ୍ଖୁଆ) ସେତୁ ବନ୍ଧାଇଥିଲେ । ତାଙ୍କର ମହିଷୀଙ୍କ ନାମ 'ଶ୍ରଦ୍ଧାଦେବୀ' । ସେଇ ଶଙ୍ଖୁଆ ନଦୀର ଏକଧାର 'ମାଳିନୀ' ବଡ଼ଦାଣ୍ଡ ଓ ଗୁଣ୍ଡିଚା ମନ୍ଦିରକୁ ପୃଥକ୍ କରିଥିଲା ଏବଂ ସେଥିସକାଶେ ୬ଟି ରଥ ନିର୍ମାଣ ହେଉଥିଲା ଓ ନଦୀର ଉଭୟ ପାର୍ଶ୍ୱରେ ତିନୋଟି ଲେଖାଏଁ ରଥ ହୁଏ । ଶ୍ରଦ୍ଧା ଦେବୀ ସେତୁ ନିର୍ମାଣ ପୂର୍ବକ ଗୁଣ୍ଡିଚା ମନ୍ଦିର ନିକଟ ଭୂମି ରଥ ଚଳନାର ଉପଯୋଗୀ କରିବାରୁ ଉକ୍ତ ନଦୀର ବାଲୁକା ଭୂମି 'ଶ୍ରଦ୍ଧା ବାଲି' ନାମରେ ଖ୍ୟାତ ।

ରଥ ରାଜପ୍ରାସାଦ ସମ୍ମୁଖରେ ଉପସ୍ଥିତ ହେଲେ ଶ୍ରୀ ଲକ୍ଷ୍ମୀଦେବୀ ଦାସୀଗଣଙ୍କସହ, ପାଲିଙ୍କିରେ ବିଜେ କରନ୍ତି । ଶ୍ରୀ ଜଗନ୍ନାଥଙ୍କ ହୃଦର ମାଳା ଶ୍ରୀଲକ୍ଷ୍ମୀ ଦେବୀ ଧାରଣ କରନ୍ତି । ଶ୍ରୀଲକ୍ଷ୍ମୀ ତଣ୍ଡୁଳ, ଦୁର୍ବା, ପ୍ରଦୀପଦ୍ୱାରା ଜଗନ୍ନାଥଙ୍କ ଆରତ୍ରିକ (ବନ୍ଦାପନା) କରି ରଥ ପରିକ୍ରମଣ କରନ୍ତି ଓ ତାପରେ ଶ୍ରୀମନ୍ଦିରକୁ ବିଜେ କରନ୍ତି । ଏହାକୁ 'ଲକ୍ଷ୍ମୀ ନାରାୟଣ ଭେଟ' କୁହାଯାଏ । ସିଂହଦ୍ୱାରେ 'ଅଧରପଣା' ଭୋଗ ହୁଏ । ବିପୁଳ ହରି ସଂକୀର୍ତ୍ତନ ମଧ୍ୟରେ ରଥୋତ୍ସବ ସମାପ୍ତ ହୁଏ । ଏକାଦଶୀ ଦିନ ଲୀଳା ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ସ୍ୱର୍ଣ୍ଣାଳଂକାରରେ ବିଭୂଷିତ ହୋଇ 'ରାଜବେଶ' ହୁଅନ୍ତି । ଏ ପରମ ରମଣୀୟ 'ରାଜବେଶ' ଦର୍ଶନ କ୍ୱଚିତ୍ ଭାଗ୍ୟବାନଙ୍କ ଜୀବନରେ ଘଟିଥାଏ । ଦ୍ୱାଦଶୀଦିନ ଶ୍ରୀ ଜଗନ୍ନାଥଙ୍କ ନୀଳାଦ୍ରି ଉତ୍ସବ ଅର୍ଥାତ୍ ଶ୍ରୀ ମନ୍ଦିରରେ ବିଜୟୋତ୍ସବ ପାଳନ ହୁଏ । ଶ୍ରୀ ଲକ୍ଷ୍ମୀ ଦେବୀ ଶ୍ରୀ ଜଗନ୍ନାଥଙ୍କ ଉପରେ ଅଭିମାନ ପୂର୍ବକ ଶ୍ରୀ ମନ୍ଦିର ଦ୍ୱାର ରୁଦ୍ଧ କରନ୍ତି । ଶ୍ରୀ ଜଗନ୍ନାଥଙ୍କ ପ୍ରତିନିଧି ଦଇତାପତିଙ୍କ ସହ ଶ୍ରୀ ଲକ୍ଷ୍ମୀ ଦେବୀଙ୍କ ପ୍ରତିନିଧି 'ମାହାରୀ' ଦେବଦାସୀର କିଛି ସମୟ ବଚସା ହୁଏ । ଶ୍ରୀ ଜଗନ୍ନାଥ ବଚସାରେ ପରାଜିତ ହେଲେ ଦ୍ୱାର ଖୋଲା ହୁଏ ଏବଂ 'ବନ୍ଦାପନା' ପରେ ଶ୍ରୀ ଜଗନ୍ନାଥ ରତ୍ନ ସିଂହାସନରେ ବିଜେ କରନ୍ତି ।

ରଥଯାତ୍ରା ସମୟରେ ଯଦି ରଥର ଚକ୍ର, ଧ୍ୱଜ, କଳସ, ପତାକା, ସାରଥି ଓ ପ୍ରତିମା ଭଗ୍ନ ହୁଏ ତେବେ ଏହା ବିପର୍ଯ୍ୟୟର ସୂଚନା ଦିଏ ଏବଂ ସେଥି ସକାଶେ ଶାସ୍ତ୍ରୀୟ ମତରେ ବିଭିନ୍ନ ପ୍ରାୟଶ୍ଚିତ୍ତ କରିବାକୁ ପଡ଼େ ।

ଅନାବୃଷ୍ଟି ର୍ଧୁରାଭଙ୍ଗେ ପୀଠକେ ତୁ ପ୍ରଜାକ୍ଷୟଃ ।
ରଥସ୍ୟ ଚକ୍ରଭଙ୍ଗେ ଚ ପରଚକ୍ରାଗମୋ ଭବେତ୍ ॥

ଧ୍ୱଜସ୍ୟ ପତନେ ଦେବି ଜାୟତେଽନ୍ୟୋ ନୃପୋଦ୍ଧ୍ରୁବମ୍ ।
କଳଶସ୍ୟ ତୁ ଭଙ୍ଗେନ ଦୁର୍ଭିକ୍ଷଂ ପ୍ରାଣି ସଂକ୍ଷୟଃ ॥

ଶିଖରଭଙ୍ଗେ ଜାୟମାନେ ପୁତ୍ର ଭ୍ରାତୃ ଧନକ୍ଷୟଃ ।
ଛେଦନେଽପି ପତାକାୟା ଉଦ୍‌ବେଗାୟୋତ୍ପଯୁକ୍ତଃ ॥

ବିଭଙ୍ଗୋ ତୋରଣାନାଂ ଚ ଶତ୍ରୁଣାଂ ବର୍ଦ୍ଧନଂ ମହତ୍ ।
ପତନେ ନିତ୍ୟମଶ୍ୱାନାମନା ବୃଷ୍ଟିଶ୍ଚ ଜାୟତେ ॥

ସାରଥେ ର୍ଭଙ୍ଗ ମାତ୍ରେଣ ସର୍ବଭଙ୍ଗୋ ଭବେତ୍ ପ୍ରିୟେ ।
ରଥସ୍ୟ କର ଭଙ୍ଗେଽପି ପ୍ରଜାପୀଡ଼ାଦିକଂ ଭବେତ୍ ॥

ପ୍ରତିମା ଚଲ୍ୟମାନାଚେତ୍ ରାଜ୍ଞୋ ମରଣ ମାଦିଶେତ୍ ।
ରଥେ ବିପର୍ଯ୍ୟୟେ ଦେବି ସର୍ବଜାନ ପଦକ୍ଷୟଃ ॥

(ଶ୍ରୀ ବାମଦେବ ସଂହିତା)

ବୈଷ୍ଣବମାନଙ୍କ ମତରେ ଗୁଣ୍ଡିଚା ମନ୍ଦିର ବୃନ୍ଦାବନ ଓ ଭଗବାନ ଶ୍ରୀ ଜଗନ୍ନାଥ (ଶ୍ରୀକୃଷ୍ଣ) ଗୋପୀମାନଙ୍କ ସହ ରାସ କରନ୍ତି । ଗୁଣ୍ଡିଚା ମନ୍ଦିରର ପାର୍ଶ୍ୱବର୍ତ୍ତୀ ସ୍ଥାନ 'ବୈଷ୍ଣବ ଖଣ୍ଡ' ରୂପେ ପରିଚିତ । ସେଠାରେ କେତେକ ବୈଷ୍ଣବାଶ୍ରମ ଦେଖାଯାଏ । ଶ୍ରୀ ଚୈତନ୍ୟ ଦେବ କୀର୍ତ୍ତନାନ୍ତେ ଗୁଣ୍ଡିଚା ମନ୍ଦିରର ପାର୍ଶ୍ୱବର୍ତ୍ତୀ 'ଆଇମା ଟୋଟା'ରେ ବିଶ୍ରାମ କରୁଥିଲେ ।

Dr. Rajendralal Mitraଙ୍କ ମତରେ ବୁଦ୍ଧଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ରଥଯାତ୍ରାର ଉତ୍ପତ୍ତି । ପ୍ରମାଣ ସ୍ୱରୂପ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଫାହିୟାନ ବୁଦ୍ଧଙ୍କ ରଥଯାତ୍ରା ବର୍ଣ୍ଣନା କରିଛନ୍ତି ।

"In the beginning of fifth century, Fahian, however, found in Behar something very like the modern Rath used in carrying about Buddhist images in religious processions."—"Antiquities of Orissa."

କିନ୍ତୁ ଅନ୍ୟାନ୍ୟ ପ୍ରତ୍ନତତ୍ତ୍ୱବିତ୍‌ମାନେ କହନ୍ତି, ଫାହିୟାନ୍‌ଙ୍କ ପାଟଳିପୁତ୍ରରେ ରଥୋତ୍ସବ ଦିନ ବୁଦ୍ଧଦେବଙ୍କ ଜନ୍ମୋତ୍ସବ ପାଳିତ ହେଉଥିଲା । ବୁଦ୍ଧଦେବଙ୍କ ଜନ୍ମୋତ୍ସବ ସକାଶେ ରଥ ଯାତ୍ରାର ସୃଷ୍ଟି ହୋଇ ନାହିଁ, କାରଣ ଫାହିୟାନ୍‌ଙ୍କ ପୂର୍ବତନ ବୌଦ୍ଧାଦିଗଣଙ୍କ ମଧ୍ୟରେ ଭିନ୍ନ ଭିନ୍ନ ସମୟରେ ଏ ଉତ୍ସବ ଅନୁଷ୍ଠିତ ହୁଏ । ଭାରତରେ ପ୍ରାଚୀନ ଜୈନ ଓ ଶୈବଙ୍କ ମଧ୍ୟରେ ରଥ ଯାତ୍ରାର ପ୍ରଚଳନ ଅଛି । ଏପରି କି ଭାଦ୍ର ମାସର ପ୍ରଥମ ଭାଗରେ ୟୁରୋପ ଅନ୍ତର୍ଗତ ସିସିଲି ଦ୍ୱୀପରେ 'ରଥ ଯାତ୍ରା' ହୁଏ । ସୂର୍ଯ୍ୟଦେବଙ୍କ ରଥର ଜ୍ୟୋତିଷ୍କ ଓ ନବଗ୍ରହ ମୂର୍ତ୍ତି ଭଳି ସୁବୃହତ ମୂର୍ତ୍ତି ରଥରେ ଦେଖାଯାଏ ।

Madam Henrietta Caraciolo ବର୍ଣ୍ଣନା କରିଛନ୍ତି, "A colossal car is dragged by a long team of buffaloes through the irregular and ill paved streets. Upon this are erected a great variety of objects, such as sun, moon and principal planets, set in rotary motion and diminishing proportionately in size as they approach the summit of the structure. This erection is in itself really imposing, sumptuously decorated and put in movement in honour of her, who gave birth to the God of charity. But its functions recall to mind the famed car of Jagannath" —(Memories of Henrietta Caraciolo).

ତ୍ରୟୋଦଶ ଶତାବ୍ଦୀର ପ୍ରାରମ୍ଭରେ ନରସିଂହଦେବଙ୍କ ନିର୍ମିତ କୋଣାର୍କ ମନ୍ଦିର ରଥ ଆକାରର ଓ ନିମ୍ନ ଦେଶରେ ସୁବୃହତ୍ ଚକ୍ର ଓ ଘୋଟକ ମଧ୍ୟ ଦୃଷ୍ଟ ହୁଏ । ଭୁବନେଶ୍ୱରଙ୍କ ରଥ ଯାତ୍ରା ଚୈତ୍ର ଶୁକ୍ଳାଷ୍ଟମୀରେ ଅନୁଷ୍ଠିତ ହୁଏ । ନେପାଳରେ ବୌଦ୍ଧ ଓ ଶୈବଗଣ ରଥୋତ୍ସବ ପାଳନ କରିଥାଆନ୍ତି ।

"The Buddhist festival is evidently adopted from the Hindu festival of Jagannath, in honour of Jagannath and his brother Balaram, and the Kumari representing their Sister Subhadra"—

(Oldfield's Sketches from Nepal Vol. II)

ରଥୋତ୍ସବର ଉତ୍ପତ୍ତି ନିର୍ଣ୍ଣୟ କରିବା ଅସମ୍ଭବ । ପୃଥିବୀର ସର୍ବପ୍ରାଚୀନ ଶାସ୍ତ୍ର ବେଦରେ 'ରଥ' ଶବ୍ଦର ଉଲ୍ଲେଖ ଅଛି । କଠୋପନିଷଦର ପ୍ରଥମ ଅଧ୍ୟାୟର ତୃତୀୟ ବଲ୍ଲରୀର ୩ୟ ମନ୍ତ୍ରରେ ଉଲ୍ଲେଖ ଅଛି—

ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ ।
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମେବଚ ।।

ଯଦିଓ ସାରଥି ପ୍ରଭୃତି ଶବ୍ଦ ରୂପକଭାବେ ବ୍ୟବହୃତ ହୋଇଛି ତଥାପି 'ରଥ'ର ଅସ୍ତିତ୍ୱ ଏଥିରୁ ପ୍ରମାଣ ପାଏ । ଶ୍ରୀରାମାୟଣ, ଶ୍ରୀମହାଭାରତ, ଶ୍ରୀମଦ୍‌ଭାଗବତ ଗ୍ରନ୍ଥରେ ଯୁଦ୍ଧ ବର୍ଣ୍ଣନା ବେଳେ ରଥର ବ୍ୟବହାର ଦେଖାଯାଏ । କୁରୁକ୍ଷେତ୍ରରେ ଅର୍ଜ୍ଜୁନ ରଥରେ ଶ୍ରୀକୃଷ୍ଣ ସାରଥି । ବେଦରେ ବିଷ୍ଣୁ ଓ ସୂର୍ଯ୍ୟଙ୍କ ରଥର ଉଲ୍ଲେଖ ଅଛି । ଶ୍ରୀ ପଦ୍ମ ପୁରାଣ, ଶ୍ରୀ ଭବିଷ୍ୟ ପୁରାଣ, ଶ୍ରୀ ସ୍କନ୍ଦପୁରାଣରେ ଭଗବାନଙ୍କ ରଥାରୋହଣର ଅଗଣିତ ପ୍ରମାଣ ଦେଖାଯାଏ । ଭବିଷ୍ୟ ପୁରାଣାନୁଯାୟୀ ବୁଦ୍ଧଦେବଙ୍କ ଜନ୍ମର ବହୁ ସହସ୍ର ବର୍ଷ ପୂର୍ବେ ସତ୍ୟ ଯୁଗରେ ଶ୍ରୀ ପ୍ରହ୍ଲାଦ ପ୍ରଥମେ ମହାବିଷ୍ଣୁଙ୍କ ରଥ ଟାଣିଥିଲେ ଓ ତପରେ ଦେବତା, ସିଦ୍ଧ, ଗନ୍ଧର୍ବଗଣ ଏହି ରଥ ଯାତ୍ରାର ଅନୁଷ୍ଠାନ କରିଥିଲେ ।

ସଂସ୍କୃତ ଗ୍ରନ୍ଥରେ ଅସଂଖ୍ୟ ପ୍ରକାର ରଥର ବର୍ଣ୍ଣନା ଦେଖାଯାଏ, ଯଥା—ଯୋଗ୍ୟରଥ, ପରିଯାନିକା, ରଥ ଗର୍ଭକ, କର୍ଣ୍ଣିରଥ, ସତାଙ୍ଗ, ମରୁତ୍‌ରଥ, ସ୍ୟନ୍ଦନ ଓ ପୁଷ୍ପରଥ ଇତ୍ୟାଦି । ପୁଷ୍ପରଥ ଆମୋଦ ପ୍ରମୋଦରେ, ମରୁତ୍‌ରଥ ଭଗବାନଙ୍କୁ ନେବା ଆଣିବା ପାଇଁ, ଯୋଗ୍ୟରଥ ନ୍ୟାୟାଧିକରଣଙ୍କ ପାଇଁ, ପରିଯାନିକା ଭ୍ରମଣ ଉଦ୍ଦେଶ୍ୟରେ, କର୍ଣ୍ଣିରଥ ଯୁଦ୍ଧାଦି କାର୍ଯ୍ୟରେ, ରଥଗର୍ଭକ ସିଂହାସନ କାର୍ଯ୍ୟରେ ବ୍ୟବହୃତ ହେବାର ଉଲ୍ଲେଖ ଅଛି । Prof. Wilson ଙ୍କ ମତରେ ବୈନାୟିକା (Vainaika) ହେଉଛି ଯୁଦ୍ଧରେ ବ୍ୟବହୃତ ରଥ (War Chariot and a State Car)

ତେଣୁ ରଥୋତ୍ସବ ବୌଦ୍ଧଗଣଙ୍କ ଅନୁକରଣରେ କରାଯାଉନାହିଁ । ଇଂରେଜ ରାଜତ୍ୱ କାଳରେ, ୱେଲ୍‌ସଲିଙ୍କ ସମୟରେ ଅଠରନଳା ଓ ଲୋକନାଥ ଘାଟରେ ଯାତ୍ରୀକର ଆଦାୟ ହୁଏ । ତିନି ପ୍ରକାର ଯାତ୍ରୀ (୧) ଲାଲ ଯାତ୍ରୀ, (୨) ଭୁରଙ୍ଗ, (୩) କାଙ୍ଗାଳ । ଲାଲ ଯାତ୍ରୀଙ୍କ ମୁଣ୍ଡ ପିଛା ଟ୧୦.୦୦, ଭୁରଙ୍ଗ ଟ୨.୦୦ ଓ କାଙ୍ଗାଳ ଯାତ୍ରୀ କିଛି ଦେଉନଥିଲେ । ଯାତ୍ରୀମାନଙ୍କୁ ଯାଞ୍ଚ କରି କରଧାର୍ଯ୍ୟ କରାଯାଉଥିଲା ।

ଲାଲ ଯାତ୍ରୀମାନେ ତାଙ୍କ ଟିକେଟ୍ ଦେଖାଇ ମାସେ କାଳ ଦର୍ଶନ କରିପାରୁଥିଲେ । ଭୁରଙ୍ଗମାନେ ମାତ୍ର ୪ଦିନ ଦର୍ଶନ କରୁଥିଲେ । କାଙ୍ଗାଳମାନେ ବହୁ କଷ୍ଟ ସ୍ୱୀକାର କରୁଥିଲେ ଓ କେତେକ ପତିତପାବନଙ୍କୁ ଦର୍ଶନ କରି ଯାଉଥିଲେ । ପଞ୍ଚକୋଶୀ (ପିପିଲିଠାରୁ ମାଣିକପାଟଣା) ପର୍ଯ୍ୟନ୍ତ କର ଦେଉନଥିଲେ । ଏମାନେ ହେଲେ 'ଖୈରତି' ଯାତ୍ରୀ । ରଜା, ସମ୍ଭ୍ରାନ୍ତ ଯାତ୍ରୀ, ସନ୍ନ୍ୟାସୀ, ମଠ ମହନ୍ତ ଓ ଗଙ୍ଗାଜଳୀ (ଗଙ୍ଗାଜଳ ନେଇ ଆସୁଥିବା) ଯାତ୍ରୀମାନେ କର ଦେଉନଥିଲେ । ସେତେବେଳେ ବର୍ଷକୁ ୨ ଲକ୍ଷଟଙ୍କା ଆଦାୟ ହେଉଥିଲା । ଜଗନ୍ନାଥ ମନ୍ଦିର ପରିଚାଳନା ସକାଶେ ଯେଉଁ ଅଧିକ ଟଙ୍କା ଖର୍ଚ୍ଚ ହୁଏ ସେଥିରୁ ମନ୍ଦିର ମରାମତି ସହ ରାସ୍ତାର ମଧ୍ୟ ମରାମତି ହୁଏ ।

ଏବେ କୌଣସି କର ଧାର୍ଯ୍ୟ ହେଉନାହିଁ । ପୂର୍ବଭଳି ଯାତ୍ରାର କଷ୍ଟ ମଧ୍ୟ ଅନୁଭବ କରିବାକୁ ପଡୁନାହିଁ ଯେହେତୁ ରେଳଗାଡି, ବସର ଚଳାଚଳ ଖୁବ୍ ସୁଗମ ହୋଇଯାଇଛି । ଆବାଳବୃଦ୍ଧବନିତା ଦେଶ ବିଦେଶରୁ ପରମ ପାବନ କ୍ଷେତ୍ର ପୁରୁଷୋତ୍ତମକୁ ଆସି ମହାପ୍ରଭୁଙ୍କୁ ଦର୍ଶନକରି ଆପଣାକୁ ଧନ୍ୟ ମଣିବା ସଙ୍ଗେ ସଙ୍ଗେ ମହାପୁଣ୍ୟର ଅଧିକାରୀ ହେଉଛନ୍ତି ।

ମହାବେଦୀଂ ପ୍ରକଟଂ ତଂ ରଥସ୍ଥଂ ପୁରୁଷୋତ୍ତମମ୍
ବଳଭଦ୍ରଂ ସୁଭଦ୍ରାଂ ଚ ଜନ୍ମକୋଟି ସମୁଦ୍ଭବମ୍ ।

ଦୃଷ୍ଟ୍ୱାଂ ପାପଂ ନାଶୟତି ନାତ୍ର କାର୍ଯ୍ୟା ବିଚାରଣା
ରଥଚ୍ଛାୟାଂ ସମାକ୍ରମ୍ୟ ବ୍ରହ୍ମହତ୍ୟା ବ୍ୟପୋହତି ।

(ଶ୍ରୀ ପଦ୍ମପୁରାଣ)

ଇଞ୍ଜିନିୟର,
ବାଶେଳୀ ସାହି, ପୁରୀ

## ଆଦିବାସୀ ଲୋକକଥା

# ପ୍ରଳୟ ପରେ ସୃଷ୍ଟି

ଶ୍ରୀ ରମେଶ ପଣ୍ଡି

ବହୁବର୍ଷ ତଳର କଥା । ସେତେବେଳେ ନୂଆ ହୋଇ ପୃଥିବୀ ସୃଷ୍ଟି ହୋଇଥାଏ । ପୃଥିବୀ ଚାରିପଟେ ସମୁଦ୍ର ଘେରିରହିଥାଏ । ପୃଥିବୀଟି ଖୁବ୍ ସୁନ୍ଦର ଦେଖାଯାଉଥାଏ । ତା'ରି ଉପରେ ଗଛ ଲତା ଫୁଲ ଫଳ ସବୁ ବିଛେଇ ହୋଇ ଯାଇଥାନ୍ତି । ଏଇଠି ଜୀବ ଜନ୍ତୁ ବାଘ ଭାଲୁ ମଣିଷ ଆଦି ସମସ୍ତେ ମିଳିମିଶି ସମୟ ବିତାଉଥାନ୍ତି ।

ଦିନେ କ'ଣ ହେଲା, କୌଣସି କାରଣରୁ ସମୁଦ୍ର ଦେବତା ରାଗିଉଠିଲେ । ସଙ୍ଗେ ସଙ୍ଗେ ସମୁଦ୍ରରେ ବଡ଼ ବଡ଼ ଲହଡ଼ି ଉଠିଲା । ଘୁ ଘୁ ଗର୍ଜନ କରି ଲହଡ଼ି ସବୁ ପୃଥିବୀ ଆଡ଼କୁ ମାଡ଼ି ଆସିଲା । କ୍ଷଣିକ ଭିତରେ ପୃଥିବୀଟା ସମୁଦ୍ର ଭିତରେ ବୁଡ଼ି ନିଶ୍ଚିହ୍ନ ହୋଇଗଲା । ଗୋଟା ଗାଇ ଜୀବଜନ୍ତୁ ମଣିଷ ସବୁକିଛି ମରିଗଲେ ।

ସେତେବେଳେ କିନ୍ତୁ ଆଦିବାସୀମାନଙ୍କ ଦେହେରୀ (ପୂଜକ) ତାର ବିମ୍ ଦେବତାକୁ ଡଙ୍ଗାରେ ବସାଇ ସମୁଦ୍ର ଉପରେ ଭାସିବାକୁ ଲାଗିଲା ।

ଏହିପରି ଅନେକ ଦିନ କଟିଗଲା । ଦିନେ ଦେହେରୀ ବିମ୍‌ଦେବତାକୁ କହିଲା—ବିମ୍ ! ପୃଥିବୀତ ସମୁଦ୍ରରେ ବୁଡ଼ିଗଲା ସବୁ ଲୋକ ଜୀବଜନ୍ତୁ ବୁଡ଼ିମଲେ । ତେଣୁ ପୃଥିବୀକୁ କିପରି ରକ୍ଷା କରାଯିବ ତାର ବ୍ୟବସ୍ଥା କର ।

ଦେହେରୀର କଥା ଶୁଣି ବିମ୍ ଦେବତା କିଛି ସମୟ ଚିନ୍ତାକଲେ ଏବଂ କହିଲେ—ସବୁ ତୁମ୍ଭ (ଦେବତା) ମାନଙ୍କୁ ଡାକି ଗୋଟିଏ ସଭା କରିବା ଏବଂ ସେମାନଙ୍କୁ କହିବା ସେମାନଙ୍କ ଭିତରୁ କେହି ଜଣେ ପୃଥିବୀକୁ ରକ୍ଷା କରନ୍ତୁ ।

ତାପରେ ସଭା ଡ଼କାହେଲା । ସଭାରେ କିଟଂ, ଦାଣ୍ଡି, ପିନ୍ଧୁ ଆଦି ସମସ୍ତ ଆଦିବାସୀ ଦେବତା ଜମା ହେଲେ । ହେଲେ ପୃଥିବୀକୁ ଉଦ୍ଧାର କରିବାପାଇଁ କେହି ସାହସ କଲେନାହିଁ । ଏତିକିବେଳେ ବିମ୍ ଦେବତାର ଛୋଟିଆ ଝିଅଟିଏ କହିଲା—ବାପା, ଚିନ୍ତା କରୁଛ କାହିଁକି ? ମୁଁ ପୃଥିବୀକୁ ରକ୍ଷା କରିବି ।

ଝିଅର କଥା ଶୁଣି ଦେବତାମାନେ ହସି ଉଠିଲେ । ବିମ୍ ଦେବତା କହିଲା—ନାଇଁଲୋ ମା, ତୁ ପିଲା ଲୋକ । ଜାଣିଛୁ, ପୃଥିବୀ ସମୁଦ୍ର ଭିତର ଦେଇ ପାତାଳପୁରରେ ପଶି ଯାଇଛି । ତେଣୁ ତାକୁ ରକ୍ଷା କରିବା ପାଇଁ ସେଭଳି ସାହସ ତୁ କରନି ।

ହେଲେ ଝିଅ କ'ଣ ମାନିବା ପିଲା ? ସେ ସଙ୍ଗେ ସଙ୍ଗେ ସମୁଦ୍ରକୁ ଡେଇଁପଡ଼ିଲା । ଜଳରେ ବୁଡ଼ି ବୁଡ଼ି ଯାଇ ପାତାଳ ପୁରରେ ପହଞ୍ଚିଲା । ସେତେବେଳେ ପାତାଳ ପୁରରେ ନାଗ ଦେବତା ଫଣାଟେକି ରହିଥାନ୍ତି । ତାଙ୍କ ଫଣା ଉପରେ ଝିଅଟିର ପାଦ ବାଜିଲା । ନାଗ ଦେବତା ସଙ୍ଗେ ସଙ୍ଗେ ରାଗିଯାଇ କହିଲେ—ତୁ କିଏରେ ମୋ ରାଜ୍ୟକୁ ଆସିଛୁ ? ତୋର କ'ଣ ଜୀବନକୁ ଭୟ ନାହିଁ ?

ଝିଅଟି କହିଲା—ମୁଁ ବିମ୍ ଦେବତାଙ୍କ ଝିଅ । ପୃଥିବୀଟା ତୁମ ପାତାଳ ପୁରରେ ବୁଡ଼ି ଯାଇଛି । ତାକୁ ଉଦ୍ଧାର କରିବା ପାଇଁ ଆସିଛି ।

ଛୋଟିଆ ଝିଅଟିକୁ ଦେଖି ଓ ତା କଅଁଳିଆ କଥା ଶୁଣି ନାଗ ଦେବତାଙ୍କ ଦୟା ହେଲା । ସେ କହିଲେ—ଚିନ୍ତା କରନି ମା । ତୁ ଯେତେବେଳେ ଏତେ ଦୂରରୁ ଆସିଛୁ ସେଥିପାଇଁ ମୁଁ ନିଶ୍ଚୟ ତୋ କଥା ବୁଝିବି ଓ ପୁଣି ଗୋଟିଏ ପୃଥିବୀ ତିଆରି ଦେବି । ପୃଥିବୀ ପାଇଁ ଜୀବଜନ୍ତୁ ମଣିଷ ଆଦି ଗଢ଼ି ଦେଇ ସାରିଲା ପରେ ମୋ ଫଣାରେ ତାକୁ ଟେକି ଉପରକୁ ଉଠାଇ ଦେବି ।

ଏହାପରେ ଖୁବ୍ ଜୋରରେ ସେ ଫୁଙ୍କି ଦେଲେ । ତାଙ୍କ ପବନର ଫୁତ୍କାରରେ ଝିଅଟି ଖୁବ୍ ବେଗରେ ସମୁଦ୍ର ଉପରକୁ ଉଠି ଆସିଲା । ସେତେବେଳେ ତା ଦେହରେ ପାତାଳ ପୁରର କାଦୁଅ ଚକ ଲାଗିଥିଲା । ସେ ସମୁଦ୍ର ଉପରେ ପହଞ୍ଚି ତା ଦେହକୁ ଝାଡ଼ି ଝୁଡ଼ି ଦେଲା । ତା ଦେହରେ ଲାଗିଥିବା ପାତାଳର ପଙ୍କସବୁ ବିଛେଇ ହୋଇ ପଡ଼ି ସମୁଦ୍ର ଉପରେ ଗୋଟିଏ ଟାଣ ଆବରଣ ହୋଇଗଲା । ତାରି ଉପରେ ଛନଛନିଆଁ କଅଁଳିଆ ଘାସ ଉଠିଲା, ଗଛଲତା ଜନ୍ମିଲା । ପୁଣି କେତେ ପ୍ରକାରର ଜୀବଜନ୍ତୁ ସେଠାରେ ଆସି ବିଚରଣ କଲେ ।

ଏହା ଦେଖି ଦେହେରୀ ଓ ଦେବତା ମାନେ ଝିଅଟିର ଭୂରି ଭୂରି ପ୍ରଶଂସା କଲେ ।

ବୁର୍ଜା, ମୁରତାମା, ଉମରକୋଟ
କୋରାପୁଟ

# ସୁଖ କହିବି କି ଦୁଃଖ କହିବି

ଗଣେଶ୍ୱର ମିଶ୍ର

'ମାଆ ଗୋଟିଏ ଗପ କହ' । ମୁଁ କହେ, କି ଗପ କହିବି ? ସୁଖ କହିବି କି ଦୁଃଖ କହିବି, ନା, ଯାହା ଅଙ୍ଗେ ଲିଭେଇଛି ତା'କହିବି ?' ମାଆ କହେ ।

'ଯାହା ହେଲେ କହ ।' ମୁଁ କହେ । ମାଆ ଆରମ୍ଭ କରେ—

ଥରେ ଗୋଟିଏ ରାଇଜରେ ଏମିତି ହେଲା ଯେ ଗରିଆଡ଼େ ଖାଲି ଅଧର୍ମ ବ୍ୟାପିଗଲା । ନିଆଁ ରେ ମୁତିଲେ ମୁତ ସୁନା ହୋଇ ଯାଉଥାଏ । ରାଇଜର ସବୁ ପ୍ରଜା ନିଆଁ ରେ ମୁତି ସୁନାପାଇ ଧନୀ ହେଲେ । ଗୋଟିଏ ଦେଉଳରେ ଗୋଟିଏ ବୁଢ଼ା ବ୍ରାହ୍ମଣ ଥାଏ । ସେଇ ଖାଲି ନିଆଁ ରେ ମୁତୁନଥାଏ । ରାଇଜର ସମସ୍ତେ ଧନୀହୋଇ ପରମ ସୁଖରେ ଦିନକଟାଉ ଥାନ୍ତି । ଏକା ସେଇ ବ୍ରାହ୍ମଣଟି ଗରିବ ହୋଇ ଦୁଃଖରେ ରହିଥାଏ । ପ୍ରଜାମାନେ ଦିନେ ତାକୁ କହିଲେ, 'ଆମେ ସମସ୍ତେ ତ ନିଆଁ ରେ ମୁତି ଏତେ ସୁନା ପାଇ ପରମ ସୁଖରେ ରହୁଛୁ । ତୁମେ କାହିଁକି ନିଆଁ ରେ ମୁତୁ ନାହଁ ?' ଗରିବ ବ୍ରାହ୍ମଣଟି କହିଲା, 'ମୁଁ ଯୋଉଦିନ ନିଆଁ ରେ ମୁତିବି, ସେଦିନ ଆଉ ରାଇଜରେ ଜଣେ ବି ଧର୍ମବନ୍ତ ଲୋକ ରହିବେ ନାହିଁ । ସେଦିନ ପୃଥିବୀରୁ ଧର୍ମ ଧ୍ୱଂସ ହୋଇଯିବ । ନିଆଁ ରେ ମୁତିଲେ ତେଣିକି ଆଉ ମୁତ ସୁନା ନହୋଇ ରକ୍ତ ପାଇଟି ଯିବ ।'

ଏମିତି ଅନେକ ଗପ । ରାତିରେ ଶୋଇବାକୁ ଯିବା ଆଗରୁ ଗପଟିଏ ଶୁଣିବାକୁ ମୁଁ ମାଆକୁ କହେ । ମାଆ ଗପଟିଏ କହେ । ଗପ ଶୁଣିବାକୁ ମୋର ଆଗ୍ରହ କମେ ନାହିଁ, ମାଆର ଗପବି ସରେ ନାହିଁ । କିନ୍ତୁ ମୋ ପିଲାଦିନ ସରିବା ଆଗରୁ ମୋ ମାଆର ଦିନ ସରିଗଲା । ଆଉରି କେତେ ଗପ ସେ ହୁଏତ କହିଥାନ୍ତା, କହି ପାରିଲା ନାହିଁ । ମାଆ ମଲା-ଦିନୁ ମୁଁ ଆଉ କାହାକୁ ପାଉନାହିଁ କହିବାକୁ—'ଗପଟିଏ କହ ।'

ନାତି ନାତୁଣୀଙ୍କ ଆଗରେ ଅଜା ଆଈ, ଜେଜେବାପା, ଜେଜେମାଆମାନେ ଗପ କହିବା କେଉଁ ଯୁଗରୁ କେଜାଣି ଚଳି ଆସିଛି । ଖାଲି ଆମ ଦେଶରେ ନୁହେଁ, ସାରା ପୃଥିବୀରେ । ମୁଁ ମୋ ପିଲାଦିନେ ମୋ ମାଆଠାରୁ ଯେମିତି ଗପ ଶୁଣିଛି, ସେମିତି ବି ଶୁଣିଥିବେ ଅନ୍ୟମାନେ । କିନ୍ତୁ ମୋତେ ଲାଗୁଛି, ମୋ ମାଆ ହୁଏତ ଏମିତି କେତୋଟି ଗପ ଜାଣିଥିଲା ଯାହା ହୁଏତ ଆଉ କେହି ଜାଣିନଥିଲେ । ଅନ୍ତତଃ କେହି କେଉଁଠାରେ ସେ ଗପସବୁ ଲେଖିଥିବା ମୁଁ ଦେଖିନାହିଁ । ତେବେ ଗପଟି କହୁଥିବା ଲୋକ ଉପରେ ଅନେକ ପରିମାଣରେ ନିର୍ଭରକରେ, ସେ ଗପଟିର ରୂପ ଓ ଅର୍ଥ ମୋ ମାଆ ବେଶ୍ ବନେଇ ଚୁନେଇ ଗପ କହିପାରୁଥିଲା । ଆମର ରୁଳଘର, ଡିବି ଆଲୁଅ, ଛାତି ଉପରେ ମଣ୍ଡାମାନଙ୍କ ଖଡ୍ ଖଡ୍ ଏମିତି ଗପପାଇଁ ଯେମିତି ସୃଷ୍ଟିକରୁଥିଲା ଉପଯୁକ୍ତ ପରିବେଶ । ଗପଟିଏ ଶୁଣୁ ଶୁଣୁ ମୋତେ ନିଦ ଲାଗି ଆସୁଥିଲା । ନିଦ ନ ଲାଗିଲେ ମାଆ କହୁଥିଲା କୋଉ ଭୁତ କି ଚିରୁଗୁଣୀ କଥା, ସେ ଭୂତ କି ଚିରୁଗୁଣୀ ରାତିରେ ସମସ୍ତଙ୍କ ଦୁଆର ଠକ୍ ଠକ୍ କରି କ'ଣ ମାଗେ—

'ରଘୁବୋଉ ରଘୁବୋଉ
ଭୁଜା ଗଣ୍ଡିଏ ଦବକି,—
ମୋ ' ରଘୁଟି ବଡ଼ଦୁଷ୍ଟ,
କହୁଣି ମାରୁଚି ରଟରଟ,
ଦୂର୍ ପଳା ଦୂର୍ ପଳା ।'

'ଜଗୁଲି ବୋଉ ଜଗୁଲି ବୋଉ,
ପିଠା ଖଣ୍ଡିଏ ଦବକି—
ମୋ ଜଗୁଲି ବଡ଼ ଦୁଷ୍ଟ,
କହୁଣୀ 'ମାରୁଚି ରଟ ରଟ,
ଦୂର୍ ପଳା ଦୂର୍ ପଳା ।

ଭୁତ କି ଚିରୁଗୁଣୀ ଆମ ଦୁଆରେ ଠକ୍ ଠକ୍ କରିବା ଆଗରୁ ମୁଁ ସବୁଦିନେ ଶୋଇ ପଡ଼ିଥାଏ ।

ଏହି ଲୋକ କାହାଣୀ ଓ ଗୀତଗୁଡ଼ିକ ସବୁ ସାହିତ୍ୟର ଅମୂଲ୍ୟ ସଂପଦ । ଯେଉଁମାନେ ଏଇ ଗପ ଓ ଗୀତ ସବୁ

ଗାଉଥିଲେ, ସେମାନଙ୍କନାଆଁ ଆଜି କେହି ଜାଣନ୍ତି ନାହିଁ । କିନ୍ତୁ ଶହ ଶହ ବର୍ଷ ହେଲା ଏଇ ଗପ ଓ ଗୀତ ସବୁ ତୁଣ୍ଡରୁ ତୁଣ୍ଡକୁ ଡେଇଁ ଡେଇଁ ବଞ୍ଚି ରହିଛି । ଆଜିର ବହି, ପତ୍ରିକା ଓ ଛପା ଅକ୍ଷରର ଯୁଗରେ କିନ୍ତୁ ଏଇ ଲୋକକାହାଣୀ ଓ ଲୋକଗୀତର ପରମ୍ପରା ଉପରେ ଭୟଙ୍କର ବିପଦ-ଦେଖାଦେଇଛି । ଖୁବ୍ ଦ୍ରୁତଗତିରେ ଏଭଳି ଗପ କହିବା ଓ ଗୀତ ବୋଲିବା ଲୋକଙ୍କ ସଂଖ୍ୟା କମି ଯାଉଛି । ଖୁବ୍ ଦ୍ରୁତଗତିରେ ଅସଂଖ୍ୟ ଲୋକ ଗୀତ ଓ କାହାଣୀ ସବୁ ଦିନପାଇଁ ଲୋପ ହୋଇଆସୁଛି । ମୁଁ ଯେଉଁ ବୟସରେ ମୋ ମା ଠାରୁ ଏଇ ଗପ ଓ ଗୀତସବୁ ଶୁଣିଥିଲି, ବର୍ତ୍ତମାନ ମୋର ଦୁଇଟି ପୁଅ ସେଇ ବୟସର । ସେମାନେ କିନ୍ତୁ ସେମିତି ଗୀତ ଓ ଗପ ଶୁଣିବାର କୌଣସି ଉପାୟ-ନାହିଁ । ସେମାନେ ଯେଉଁ ଦୁନିଆରେ ବଢୁଛନ୍ତି, ସେ ଦୁନିଆଁ ମୋ ଦୁନିଆଁ ଠାରୁ ଅନେକ ଭିନ୍ନ । ସେମାନେ ତେଣୁ ଗାଉଛନ୍ତି—ରିଙ୍ଗା ରିଙ୍ଗା ରୋଜେସ୍, ପକେଟ ଫୁଲ ଅବ୍ ପୋଜେସ୍' । ଭୂତ ବା ଚିରିଗୁଣୀ ରାତିରେ କବାଟ ଖଡ୍ ଖଡ୍ କରିବ ବୋଲି କହିଲେ ସେମାନେ ହୁଏତ କହିବେ-ପୁଲିସ୍‌କୁ ଖବର ଦେବା ଉଚିତ୍ । ଅନେକ ପରିବାରରେ ଏହିପରି ପରିବର୍ତ୍ତନ ହୋଇଥିବ ବୋଲି ମନେହୁଏ । ସେ ପୁରୁଣା ଗପ କହିବା ପାଇଁ ଲୋକ ନାହାନ୍ତି ; ଗପଶୁଣାଳି ମାନେ ବି ଯାଉିତରେ ବଦଳି ଗଲେଣି ।


ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରସାର ଫଳରେ ଏବେ ଦେଶ ଓ ସମାଜ ଅତି ଦ୍ରୁତଗତିରେ ବଦଳି ଯାଉଛି । ଏହା ଫଳରେ ଅନେକ ପୁରୁଣା ଜିନିଷ ଆମକୁ ହରାଇବାକୁ ପଡୁଛି । ଲୋକ ଗଳ୍ପ ଓ ଲୋକଗୀତ ସେଇ ହଜିଯାଉଥିବା ଜିନିଷ ମଧ୍ୟରୁ ଅନ୍ୟତମ । ଏକଥା ସତଯେ ଦେଶ ଓ ସମାଜ ବଦଳିଗଲେ ଅନେକ ପୁରୁଣା ଉତ୍ସବ, ଅନୁଷ୍ଠାନ ଓ କଳା ଲୋପ ପାଇଯାଏ କିମ୍ବା ନୂଆପରିସ୍ଥିତିରେ ନୂଆରୂପ ଗ୍ରହଣ କରେ । ସମାଜର ପରମ୍ପରା, ଐତିହ୍ୟ ଓ ସଂସ୍କୃତିର କ୍ରମାନ୍ୱୟତା ରକ୍ଷା କରିବାକୁ ହେଲେ ଆମର ଦେଖିବା ଉଚିତ୍‌ଯେ ଆମର ପୁରୁଣା ଅନୁଷ୍ଠାନ ଓ କଳା-ସବୁ ଲୋପ ନ ପାଇ ଯେପରି ନୂଆ ରୂପ ଗ୍ରହଣକରି ବଞ୍ଚି ରହେ । ୟୁରୋପରେ ଦୁଇଶହବର୍ଷ ହେଲା ଶିଳ୍ପ ବିପ୍ଳବ ସଂଘଟିତ ହୋଇ ସେ ମହାଦେଶର ଚେହେରା ଏତେ ବଦଳି ଗଲଣି ଯେ ହୁଏତ ପାଞ୍ଚଶହ ବର୍ଷତଳେ ୟୁରୋପରେ ରହୁଥିବା ଜଣେ ଲୋକ ବର୍ତ୍ତମାନ କବରତଳୁ ବଞ୍ଚି ଉଠିଲେ ନୂଆ ୟୁରୋପକୁ ଚିହ୍ନି ପାରିବନାହିଁ । କିନ୍ତୁ ପୁରୁଣା ଅନୁଷ୍ଠାନ ଓ କଳାଗୁଡ଼ିକ ଯେପରି ନୂଆ ରୂପରେ ବଞ୍ଚିରହେ ଓ ସଂପୂର୍ଣ୍ଣ ଲୋପପାଇ ନଯାଏ, ସେଥିପାଇଁ ୟୁରୋପରେ ସମସ୍ତେ ଚେଷ୍ଟା କରୁଛନ୍ତି । ଆମ ଭାରତ ଓ ଓଡ଼ିଶାରେ କିନ୍ତୁ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରସାର ଫଳରେ ଅନେକ ଅନୁଷ୍ଠାନ ଓ କଳା ଲୋପ ପାଇ ଆସୁଥିଲେ ମଧ୍ୟ ସେ ସବୁର ସଂରକ୍ଷଣ ପାଇଁ ତଥା ସେଗୁଡ଼ିକୁ ନୂଆ ରୂପଦେଇ ବଞ୍ଚାଇ ରଖିବା ପାଇଁ ଆବଶ୍ୟକୀୟ ଉଦ୍ୟମ ହେଉ ନାହିଁ । ଏଠାରେ କ୍ଷୁଦ୍ର ଉଦାହରଣଟିଏ ଦେଉଛି । ପୂର୍ବେ ବିଲତରେ ପ୍ରେକ୍ଷାଳୟମାନଙ୍କରେ ଦିହୁଡ଼ି ଜଳା ଯାଉଥିଲା । ସେତେବେଳେ ବିଦ୍ୟୁତ୍ ଆଲୋକର ପ୍ରଚଳନ ହୋଇନଥିଲା । ପରେ କିନ୍ତୁ ଯେତେବେଳେ ବିଦ୍ୟୁତ୍ ଆଲୋକର ପ୍ରଚଳନ ହେଲା, ପୁରୁଣା ପ୍ରେକ୍ଷାଳୟମାନଙ୍କରେ ଦିହୁଡ଼ି ପରି ଦିଶୁଥିବା ବଲ୍‌ବ ସବୁ ବ୍ୟବହାର କରାଗଲା । ଏହା ଫଳରେ ବିଦ୍ୟୁତ୍ ଆଲୋକର ପ୍ରଚଳନ ପରେ ମଧ୍ୟ ଦିହୁଡ଼ି ଜଳାଇବାର ପ୍ରାଚୀନ ପରମ୍ପରାକୁ କେତେକାଂଶରେ ବଞ୍ଚାଇ ରଖାଗଲା । ଆଧୁନିକତା ଓ ପ୍ରାଚୀନତାର ଉପ-ଯୁକ୍ତ ସମନ୍ୱୟର ଏହା ଏକ ଉଦାହରଣ । ଆମେ ପୁରୀ ଶ୍ରୀମନ୍ଦିରରେ ଏବେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କରିଛୁ । କିନ୍ତୁ ଦୀପ ବା ଦିହୁଡ଼ି ଆକାରର ବଲ୍‌ବ୍ ବ୍ୟବହାର କରିଥିଲେ ଆମେ ଆମର ପୁରୁଣା ପରମ୍ପରା ଯାତ୍ରୀମାନଙ୍କୁ ସ୍ମରଣ କରାଇ ଦେଇପାରିଥାନ୍ତେ ।


ବର୍ତ୍ତମାନ ଆମର ଲୋକଗଳ୍ପ ଓ ଲୋକଗୀତ ଗୁଡ଼ିକ ଲୋପହୋଇ ଆସୁଥିବା ଦୃଷ୍ଟିରୁ ସେଗୁଡ଼ିକର ସଂରକ୍ଷଣ ଓ ପରିବର୍ତ୍ତିତ ପରିସ୍ଥିତିରେ ସେଗୁଡ଼ିକୁ ନୂତନ ରୂପରେ ବଞ୍ଚାଇ ରଖିବାପାଇଁ ବିଶେଷ ଉଦ୍ୟମହେବା ଆବଶ୍ୟକ । ଲୋକଗଳ୍ପ ଓ ଲୋକଗୀତ ଗୁଡ଼ିକ କେବଳ ଯେ ଲିଖିତ ରୂପରେ ସଂରକ୍ଷିତ ହେବା ଉଚିତ୍ ତା' ନୁହେଁ, ଟେପ୍ ସାହାଯ୍ୟରେ ସେଗୁଡ଼ିକୁ ସଂରକ୍ଷିତ କରା-ଯିବା ମଧ୍ୟ ଆବଶ୍ୟକ । କାରଣ ଲୋକ ଗଳ୍ପ ଓ ଲୋକ-ଗୀତ ଗୁଡ଼ିକ ବାକ୍‌ପରମ୍ପରା ବା ଓରାଲ ଟ୍ରାଡ଼ିସନର ଅଂଶ ବିଶେଷ ଏବଂ ଏହାର ଭାଷା, ଭାବ ଓ ରୂପ ମଣିଷର କଣ୍ଠସ୍ୱର-ଅନୁସାରୀ । ମୁଦ୍ରଣ ଉଦ୍ଦେଶ୍ୟରେ ଲେଖା ଯାଉଥିବା ସାହିତ୍ୟଠାରୁ ଆବୃତ୍ତି ଓ କଥନ ଉଦ୍ଦେଶ୍ୟରେ ସୃଷ୍ଟ ସାହିତ୍ୟର ସ୍ୱରୂପ କେତେକାଂଶରେ ଭିନ୍ନ ହେବାକୁ ବାଧ୍ୟ ।

ୟୁରୋପ ଓ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ଦେଶରେ ମୁଦ୍ରଣ ଶିଳ୍ପର ପ୍ରସାର ଓ ଟେଲିଭିଜନ, ରେଡ଼ିଓ ପ୍ରଭୃତି ମାସ ମେଡ଼ିଆର ବହୁଳ ବ୍ୟବହାର ଫଳରେ ବାକ୍ ପରମ୍ପରା ବିଶେଷତଃ ଜଣେ ଅନ୍ୟକେତେ ଜଣକୁ ଗପଟିଏ କହିବା ବା ଜଣେ ଅନ୍ୟ କେତେ ଜଣଙ୍କ ଆଗରେ ଗୀତଟିଏ ବୋଲିବା ଆଉ ଦେଖିବାକୁ ମିଳୁନାହିଁ । ରେଡ଼ିଓ ଓ ଟେଲିଭିଜନ ଜଣେ ମଣିଷର ସ୍ୱର ଅନ୍ୟମାନଙ୍କ ନିକଟରେ ପହଞ୍ଚାଇ ଦେଉଛି । ଆମ ଭାରତ ଓ ଓଡ଼ିଶାରେ କିନ୍ତୁ ବର୍ତ୍ତମାନ ସୁଦ୍ଧା ପଲ୍ଲୀ ଅଞ୍ଚଳରେ ଲୋକ ଗଳ୍ପ ଓ ଲୋକ ଗୀତ କଥିତ ସାହିତ୍ୟ ଭାବରେ ଜୀବନ୍ତ ରହିଛି । ଆମ ଦେଶର ସଂସ୍କୃତି, ଇତିହାସ, ଧର୍ମ ଓ ସାମାଜିକ ମୂଲ୍ୟ-ବୋଧ ଏହି କଥିତ ସାହିତ୍ୟରେ ଯେଉଳି ପ୍ରକାଶିତ ହେଉଛି ଅର୍ଥାତ୍ ଆମ ଦେଶର ପାଣି ପବନ ସହିତ ଏହି ସାହିତ୍ୟର ଯେଉଳି ନିଗୂଢ଼ ସଂପର୍କ ରହିଛି, ଦୁଇ ଶହ ବର୍ଷ ଧରି ଗଢିଉଠୁଥିବା ମୁଦ୍ରିତ ସାହିତ୍ୟରେ ସେଉଳି ହୋଇଛି ବୋଲି ମନେହୁଏ ନାହିଁ । ଆମ ଦେଶର ଲେଖକମାନେ ଏହି ଲୋକ ସାହିତ୍ୟର ଅଧ୍ୟୟନ କଲେ ଅନେକ ବିଷୟ-ବସ୍ତୁ ଓ ଆଙ୍ଗିକର ସନ୍ଧାନ ପାଇ ପାରିବେ, ଏଥିରେ ସନ୍ଦେହ ନାହିଁ । ରବୀନ୍ଦ୍ରନାଥ ଠାକୁର ସ୍ୱୀକାର କରିଛନ୍ତି ଯେ, ତାଙ୍କର ଅନେକ ଗୁଡ଼ିଏ କବିତା ଓ ନାଟକର ବିଷୟ-ବସ୍ତୁ ଓ ଆଙ୍ଗିକ ପାଇଁ ସେ ଲୋକଗଳ୍ପ ଓ ଲୋକଗୀତରୁ

ପ୍ରେରଣା ପାଇଥିଲେ । ଭାରତର କେତେକ ଔପନ୍ୟାସିକ ଓ ଗଳ୍ପକାର ସେମାନଙ୍କ ଉପନ୍ୟାସ ଓ ଗଳ୍ପ ଗୁଡ଼ିକୁ ଆମଦେଶର ଲୋକଗଳ୍ପର ପରଂପରାରେ ଲେଖି ବେଶ୍ ସଫଳ ହୋଇପାରିଛନ୍ତି । ଇଂରାଜୀରେ ଲେଖୁଥିବା ଭାରତୀୟ ଔପନ୍ୟାସିକ ରାଜାରାଓଙ୍କ ନାମ ଏ ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ ।

ଅଧ୍ୟାପକ, ଇଂରାଜୀ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର—୪





# ଓଡ଼ିଆ ଯୁବକଙ୍କ କୃତିତ୍ୱ

ଗତ ମଇ ମାସରେ ପ୍ରକାଶିତ ଆଇ. ଏ. ଏସ୍. ଓ ଆଇ.ଏଫ୍.ଏସ୍. ପରୀକ୍ଷାରେ ଓଡ଼ିଶାର ଗ୍ରାମାଞ୍ଚଳର ଜଣେ ଛାତ୍ର ଶ୍ରୀମାନ୍ ହୃଷୀକେଶ ପଣ୍ଡା ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଏହି ପରୀକ୍ଷାରେ ୨୦ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ ।

ଶ୍ରୀମାନ୍ ହୃଷୀକେଶ ବାଲେଶ୍ୱର ଜିଲ୍ଲା ବାସୁଦେବପୁର ନିକଟସ୍ଥ କାଳିଦାସପୁର ଗ୍ରାମର ସ୍ୱର୍ଗତ ଡାକ୍ତର ବୃନ୍ଦାବନ ଚନ୍ଦ୍ର ପଣ୍ଡାଙ୍କର ମଧ୍ୟମ ପୁତ୍ର । ୧୯୫୬ ମସିହାରେ କଳାହାଣ୍ଡି ଜିଲ୍ଲାର ଖରିଆର ରୋଡ଼ରେ ସେ ଜନ୍ମ ହୋଇଥିଲେ ଓ ଢେଙ୍କାନାଳ, କୋରାପୁଟ ତଥା ବାଲେଶ୍ୱର ଜିଲ୍ଲାରେ ବି. ଏସ୍. ସି. ପର୍ଯ୍ୟନ୍ତ ପଢ଼ିଥିଲେ । ସେ ସମୟରେ ପିତାଙ୍କ ଦେହାନ୍ତ ହେବାରୁ ତାଙ୍କର ମାମୁଁ ବାସୁଦେବପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ତାସକାନ୍ତ ପାଢ଼ୀ ତାଙ୍କୁ ଜଣେ ଆଦର୍ଶ ଛାତ୍ର ହେବାପାଇଁ ପ୍ରେରଣା ଦେଇଥିଲେ । ରସାୟନ ବିଦ୍ୟାରେ ବାଣୀବିହାରରୁ ପ୍ରଥମ ଶ୍ରେଣୀରେ ଏମ୍. ଏସ୍. ସି. ପାଶ୍ କରି ସେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆରେ ସହକାରୀ ପର୍ସନାଲ୍ ଅଫିସରଭାବେ ଯୋଗ ଦେଇଥିଲେ ।

ଆଜିର ବିଜ୍ଞାନ

# ବିନା ମାଟିରେ ଚାଷ

ଶ୍ରୀ ସୂର୍ଯ୍ୟମଣି ଦେବଦେବ

ଭାରତ ଏକ ଜନ ବହୁଳ ଦେଶ । କୃଷିକ୍ଷେତ୍ର ସୀମିତ ଥିବା ସ୍ଥଳେ ଜନ ସଂଖ୍ୟା କ୍ରମ ବର୍ଦ୍ଧମାନ ଅବସ୍ଥାରେ ରହିଛି । ସୁତରାଂ କୃଷିକ୍ଷେତ୍ରରୁ ଏକାଧିକ ଅମଳ ପାଇଁ ବୈଜ୍ଞାନିକଗଣ ପଥ ପ୍ରଦର୍ଶନ କଲେ ସୁଦ୍ଧା ଜନ ସମୁଦ୍ରର ଖାଦ୍ୟାଭାବ ଦୂର କରିବା ସମ୍ଭବ ହେଉ ନାହିଁ । ଫଳତଃ 'ବିନା ମାଟିରେ ଚାଷ' ସମ୍ଭବ କି ? ଏଇ ପ୍ରଶ୍ନର ଉତ୍ତର ପାଇଁ ସଂପ୍ରତି ଚେଷ୍ଟା ଚାଲିଛି । ଆଉ ସେ ପ୍ରଶ୍ନର ସମାଧାନ ଆଜି ହୋଇ ସାରିଲାଣି । ତେବେ ଏଥିପାଇଁ ଯେଉଁ ଆୟୋଜନ, ସେଥିପ୍ରତି ଧ୍ୟାନ ଦେଲେ, ଏହି ଚାଷର ସୁଫଳ ବାସ୍ତବିକ ବେଶ୍ ଲାଭପ୍ରଦ ହେଉଥିବାର ପରିଲକ୍ଷିତ ହେଉଅଛି ।

ବିନା ମାଟିରେ ଚାଷ ? ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବ । କିନ୍ତୁ ଆମେ ଏପରି ସମୟରେ ଆଜି ଆସି ପହଞ୍ଚିଲୁଣି ଯେତେବେଳେ ରକେଟ୍ ଯାନରେ ଯାଇ ଚନ୍ଦ୍ର ମଣ୍ଡଳରେ ପହଞ୍ଚି ସେଠାରୁ ତଥ୍ୟ ସଂଗ୍ରହ କରି ଏବେ ମଙ୍ଗଳ ଓ ଶୁକ୍ର ଗ୍ରହ ଯାତ୍ରା ପାଇଁ ମନ ବଳେଇଲୁଣି । ଖାଲି ଗ୍ରହ-ଗ୍ରହାନ୍ତର ଯାତ୍ରା କାହିଁକି, କୃଷି କ୍ଷେତ୍ରରେ ଅବା ରୋଗ ନିରାକରଣ କ୍ଷେତ୍ରରେ ବା କଳ କାରଖାନା ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଆମେ ବହୁତ ଅଗ୍ରଗତି କରି ସାରିଲୁଣି । ସୁତରାଂ ବିଜ୍ଞାନର ଏହି ଅଭୂତପୂର୍ବ ସାଫଲ୍ୟର ଜୟ ଜୟକାର ହେଉଥିବା ସମୟରେ 'ବିନା ମାଟିରେ ଚାଷ' ଆଦୌ ଅସମ୍ଭବ ହୋଇ ରହିନାହିଁ । ଏହି ଅସମ୍ଭବ କଥା କିପରି ସମ୍ଭବ ହୋଇ ପାରିଛି, ତାର ଏକ ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

ସାଧାରଣତଃ ବୃକ୍ଷଲତାର ଅଭିବୃଦ୍ଧି ମୁଖ୍ୟତଃ ତିନିଗୋଟି ଅବସ୍ଥା ଉପରେ ନିର୍ଭର କରିଥାଏ । ଯଥା— ଜଳ, ବାୟୁ ଓ ସୂର୍ଯ୍ୟାଲୋକ । ଏହି ତିନିଗୋଟି ଅବସ୍ଥାର ସାହଚର୍ଯ୍ୟରେ ବୃକ୍ଷଲତା ସମୂହ ଅଙ୍ଗାର ଆତ୍ମୀକରଣ ପ୍ରକ୍ରିୟାରେ ସେମାନଙ୍କର ଖାଦ୍ୟ ପ୍ରସ୍ତୁତି କରିଥାନ୍ତି । ଉପରୋକ୍ତ ପ୍ରକ୍ରିୟାର ସୁସଂଚାଳନ ପାଇଁ ମାଟି ଏକ ମାଧ୍ୟମ ମାତ୍ର । କାରଣ ମାଟିରୁ ଜଳୀୟ ଅଂଶ ତଥା କେତେକ ଦ୍ରବୀଭୂତ ଲବଣ ଇତ୍ୟାଦି ବୃକ୍ଷଲତା ସେମାନଙ୍କର ଚେର ଦ୍ୱାରା ଆହରଣ କରିଥାନ୍ତି ଏବଂ ବାୟୁ ତଥା ସୂର୍ଯ୍ୟାଲୋକର ପ୍ରାଚୁର୍ଯ୍ୟରେ ପତ୍ର ସାହାଯ୍ୟରେ ସେମାନେ ସେମାନଙ୍କର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ।

ବୈଜ୍ଞାନିକଗଣ ଭାବିଲେ ଯଦି କୌଣସି ଗଛ କିମ୍ବା ଲତାର ଅଭିବୃଦ୍ଧି ପାଇଁ ଏକ ଦ୍ରବଣ ପ୍ରସ୍ତୁତ କରାଯାଏ ଏବଂ ସେହି ଦ୍ରବଣରେ ଯଦି ଗଛର ଅଭିବୃଦ୍ଧି ପାଇଁ ଦରକାର ହେଉଥିବା ସମସ୍ତ ଖାଦ୍ୟ ଦ୍ରବୀଭୂତ ଅବସ୍ଥାରେ ରଖାଯାଏ, ତେବେ ବାୟୁ ତଥା ପ୍ରଚୁର ସୂର୍ଯ୍ୟାଲୋକ ପାଇ ମାଟି ସାହାଯ୍ୟ ବିନା ଗଛଟି ବେଶ୍ ବଢିପାରିବ । ଉପରୋକ୍ତ ତାତ୍ପର୍ଯ୍ୟର ପରୀକ୍ଷା ପାଇଁ ବୈଜ୍ଞାନିକଗଣ ଯେଉଁ ମୁଖ୍ୟ ଦ୍ରବଣର ସୂଚନା ଦେଇଥିଲେ, ସେଥିରେ ସେମାନେ ଦେଖିଲେ ଯେ ସେହି ଦ୍ରବଣରେ ମାଟିର ସାହାଯ୍ୟ ବ୍ୟତିରେକେ ଯେ କୌଣସି ଗଛଲତା ବେଶ୍ ସୁନ୍ଦର ବଢି ପାରୁଛି। ଉପରୋକ୍ତ ପରୀକ୍ଷାର ସୁଫଳ ବଶତଃ ବର୍ତ୍ତମାନ ଆମେରିକା, ଜାପାନ ଆଦି ଦେଶମାନଙ୍କରେ 'ବିନା ମାଟିରେ ଚାଷ' ଏକ ପ୍ରକାର ଫେସନରେ ପରିଣତ ହୋଇଛି । ନିଜ ଘର ସଜାଇବାରେ ଏ ପ୍ରକାର ଚାଷ ଯେତିକି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି, ଠିକ୍ ତାରି ସଙ୍ଗେ ସଙ୍ଗେ ବିଭିନ୍ନ ଧରଣର ଉତ୍କୃଷ୍ଟ ଫୁଲ ତଥା ପନିପରିବାର ଉତ୍ପାଦନ ସେମାନଙ୍କର ଦୈନନ୍ଦିନ ଖର୍ଚ୍ଚର ମାତ୍ରା ହ୍ରାସ କରାଇବାରେ ମଧ୍ୟ ସାହାଯ୍ୟ କରୁଛି । ଆମ ଦେଶରେ ମଧ୍ୟ ଏହାର ପ୍ରସାର ହେଲାଣି । ଟିକିଏ ପରିଶ୍ରମ କରି ଘରର ଛାତ ଉପରରେ ତଥା କାଠ ବାକ୍ସମାନଙ୍କରେ ଆମେ ଏପରି ଚାଷ ସହଜରେ କରି ପାରିବା ।

**ଚାଷ କରିବାର ପ୍ରଣାଳୀ—**

ପୂର୍ବରୁ ବର୍ଣ୍ଣିତ ଯେଉଁ 'ମୁଖ୍ୟ ଦ୍ରବଣ' କଥା କୁହାଯାଇଅଛି, ସେହି ଦ୍ରବଣଟିର ପ୍ରସ୍ତୁତି ପାଇଁ ନିମ୍ନଲିଖିତ ରାସାୟନିକ ପଦାର୍ଥ ଗୁଡ଼ିକ ଦରକାର । ଯଥା—

| | ଗ୍ରାମ୍ |
|---|---|
| ୧—ସୋଡ଼ିୟମ୍ ନାଇଟ୍ରେଟ୍ | ୮୦୦ |
| ୨—ପଟାସିୟମ ସଲ୍‌ଫେଟ | ୧୧୫ |
| ୩—ସୁପର ଫସଫେଟ୍ ଅଫ୍ ଲାଇମ୍ | ୪୦୦ |
| ୪—ମେଗ୍ନେସିୟମ ସଲଫେଟ୍ | ୨୫୦ |
| ୫—ବୋରିକ୍ ଏସିଡ୍ | ୧୫ |
| ୬—ମାଙ୍ଗାନିଜ୍ ସଲଫେଟ୍ | ୬ |
| ୭—ଆଇରନ୍ ସଲଫେଟ୍ | ୮·୫ |

ଦ୍ରବଣ (କ)—ଏହି ଦ୍ରବଣଟି ପ୍ରସ୍ତୁତ କରିବା ପାଇଁ ପ୍ରଥମ ଚାରିଗୋଟି ରାସାୟନିକ ଦ୍ରବ୍ୟ ଗୁଡ଼ିକୁ (୧ ନମ୍ବର ଠାରୁ ୪ ନମ୍ବର ପର୍ଯ୍ୟନ୍ତ) ପରିମାଣ ମୁତାବକ ଓଜନ କରି ନେଇ ୪୫୦ ଲିଟର ଜଳରେ ଭଲ ଭାବରେ ଘାଣ୍ଟି ମିଶାଇଦେବାକୁ ହେବ ।

ଦ୍ରବଣ (ଖ)—ଏହି ଦ୍ରବଣଟି ତିଆରି କରିବା ପାଇଁ ଶେଷ ତିନିଗୋଟି ରାସାୟନିକ ଦ୍ରବ୍ୟ ଦରକାର (୫ ନମ୍ବର ଠାରୁ ୭ ନମ୍ବର ପର୍ଯ୍ୟନ୍ତ) । ଠିକ୍ ଓଜନ କରି ପରିମାଣ ମୁତାବକ ରାସାୟନିକ ପଦାର୍ଥଗୁଡ଼ିକୁ ନେଇ ମାତ୍ର ଅଧ ଲିଟର ପାଣିରେ ମିଶାଇ ଭଲ ଭାବରେ ଘାଣ୍ଟି ଦ୍ରବଣଟି ପ୍ରସ୍ତୁତ କରିବାକୁ ହେବ ।

ଉପରୋକ୍ତ ଦୁଇ ଦ୍ରବଣର ପ୍ରସ୍ତୁତ ପରେ ବର୍ତ୍ତମାନ ଦ୍ରବଣ (ଖ)କୁ ମାତ୍ର ୧୫ ସି: ସି: ବା ମିଲିଲିଟର ନେଇ ଦ୍ରବଣ (କ)ରେ ମିଶାଇବାକୁ ହେବ । ଏହି ମିଶ୍ରିତ ଦ୍ରବଣଟି ହେଲା ମୁଖ୍ୟ ଦ୍ରବଣ । ଏହି ଦ୍ରବଣଟିରେ ଗଛ ବଢ଼ିବା ପାଇଁ ଯାହା ଯାହା ଦରକାର, ସେ ସମସ୍ତ ସୁକ୍ଷ୍ମ ଭାବରେ ସନ୍ନିବେଶିତ ।

ଅଧ୍ୟାପକ, ରସାୟନ ବିଦ୍ୟା ବିଭାଗ,
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ
ପୁରୀ—୭୫୨୦୦୧

ବର୍ତ୍ତମାନ ଗୋଟିଏ କାଠ ବାକ୍ସ ନେଇ ତହିଁ ଭିତରେ ବାଲି କିମ୍ବା ଛୋଟ ଛୋଟ ପଥର ଖଣ୍ଡମାନ ନେଇ ଏକ ଶଯ୍ୟା ପ୍ରସ୍ତୁତ କରିବାକୁ ହେବ ।

ତା' ପରେ କୌଣସି ମଞ୍ଜି କିମ୍ବା ଗଛ ରୋପଣ କରି (ବିଶେଷତଃ ପନିପରିବା ଗଛ), ସେହି ପ୍ରସ୍ତୁତ ଦ୍ରବଣରୁ କିଛି ଅଂଶ ଢ଼ାଳି ଶଯ୍ୟାଟିକୁ ସର୍ବଦା ଓଦା ରଖିବାକୁ ହେବ । ଉପରୋକ୍ତ ପ୍ରକ୍ରିୟାରେ ଦେଖା ଯାଇଛି ଯେ ଗଛ ବେଶ୍ ସୁନ୍ଦର ବଢ଼ୁଛି ଏବଂ ଫଳ ପୁଷ୍ପରେ ବିମଣ୍ଡିତ ହୋଇ ଶ୍ରମର ମୂଲ୍ୟ ପରିଶୋଧ କରୁଛି ।

ଏଠାରେ ଗୋଟିଏ କଥା ଉଲ୍ଲେଖଯୋଗ୍ୟ ଯେ, ଯେଉଁ ଦ୍ରବଣଟି ଆମେ କାଠ ବାକ୍ସରେ ଢ଼ାଳି ଶଯ୍ୟାଟିକୁ ଓଦା ରଖୁଛୁ, ତାର ପୁନଃ ବ୍ୟବହାର ପାଇଁ କାଠ ବାକ୍ସ ତଳେ ଛୋଟ ଛୋଟ କଣା କରି ତା' ତଳେ ଆଉ ଏକ ପାତ୍ର ରଖି ତଳକୁ ଗଳି ଯାଉଥିବା ଦ୍ରବଣକୁ ପୁଣି ସଂଗ୍ରହ କରାଯାଇ ପାରେ ଓ ତାର ପୁନଃ ବିନିଯୋଗ ମଧ୍ୟ କରାଯାଇପାରେ ।

---

## ମତ୍ସ୍ୟଜୀବୀ ସମବାୟ ସମିତିକୁ ଯାନ୍ତ୍ରିକ ନୌକା ପାଇଁ ସାହାଯ୍ୟ

ଯାନ୍ତ୍ରିକ ନୌକା ସାହାଯ୍ୟରେ ମାଛ ଧରିବା ଲାଗି ବାଲେଶ୍ୱର ଜିଲ୍ଲାର କୀର୍ତ୍ତନୀୟା ମତ୍ସ୍ୟଜୀବୀ ସମବାୟ ସମିତିକୁ ୫୦ଟି ଯାନ୍ତ୍ରିକ ନୌକା ନିର୍ମାଣ କରିବା ପାଇଁ ୫୫ ଲକ୍ଷ ୩୫ ହଜାର ଟଙ୍କା ମଞ୍ଜୁର କରାଯାଇଛି । ତନ୍ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ରିହାତି ବାବଦରେ ୧୬ ଲକ୍ଷ ୩ ହଜାର ଟଙ୍କା ଅନ୍ତର୍ଭୁକ୍ତ । ଅବଶିଷ୍ଟ ୩୯ ଲକ୍ଷ ୩୨ ହଜାର ଟଙ୍କା କୃଷି ପୁନଃ ଅର୍ଥ ଯୋଗାଣ ଓ ଉନ୍ନୟନ କର୍ପୋରେସନଙ୍କ ଦ୍ୱାରା ରାଜ୍ୟ ସମବାୟ ବ୍ୟାଙ୍କ ଜରିଆରେ ଯୋଗାଇ ଦିଆଯିବ । ସମିତି ନିଜର ୧୦ଟି ନୂତନ ଯାନ୍ତ୍ରିକ ନୌକା ନିର୍ମାଣ କରି ମାଛ ଧରୁଛନ୍ତି ଏବଂ ଆଉ ଅଧିକ ୧୩ଟି ଯାନ୍ତ୍ରିକ ନୌକା ନିର୍ମିତ ହେଉଛି ।

ଏହି ଜିଲ୍ଲାର ରାଜଲକ୍ଷ୍ମୀ ମତ୍ସ୍ୟଜୀବୀ ସମବାୟ ସମିତିକୁ ମଧ୍ୟ ୫୦ଟି ଯାନ୍ତ୍ରିକ ନୌକା ସାହାଯ୍ୟରେ ସମୁଦ୍ରରୁ ମାଛ ଧରିବା ପାଇଁ କୃଷି ପୁନଃ ଅର୍ଥ ଯୋଗାଣ ଓ ଉନ୍ନୟନ କର୍ପୋରେସନ ୫୫.୩୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ରାଜ୍ୟ ସରକାର ଏହି ସମିତିକୁ ରିହାତି ଆକାରରେ ୧୬ ଲକ୍ଷ ୩ ହଜାର ଟଙ୍କା ଦେବେ । ଉକ୍ତ ସମିତି ୧୦ଟି ଯାନ୍ତ୍ରିକ ନୌକା ସାହାଯ୍ୟରେ ସମୁଦ୍ରରୁ ମାଛ ଧରୁଛନ୍ତି ।

ଏହା ବ୍ୟତୀତ ଯାନ୍ତ୍ରିକ ନୌକା ସାହାଯ୍ୟରେ ସମୁଦ୍ରରୁ ମାଛ ଧରିବା ଲାଗି ଆଉ ଦୁଇଟି ନୂତନ ସଂସ୍ଥା ଯଥା:—ମା-ଧାମରେଇ ମତ୍ସ୍ୟଜୀବୀ ସମବାୟ ସମିତି ଓ ଅନ୍ତରଙ୍ଗ ମତ୍ସ୍ୟଜୀବୀ ସମବାୟ ସମିତିକୁ କୃଷି ପୁନଃ ଅର୍ଥ ଯୋଗାଣ ଓ ଉନ୍ନୟନ କର୍ପୋରେସନ ମଧ୍ୟ ଅର୍ଥ ମଞ୍ଜୁର ପାଇଁ ସମ୍ମତି ଦେଇଛନ୍ତି । ସେମାନେ ସର୍ବମୋଟ ୬୭ଟି ଯାନ୍ତ୍ରିକ ନୌକା ମାଛଧରା କାର୍ଯ୍ୟରେ ବ୍ୟବହାର କରିବେ ।

# ମଞ୍ଚ ଓ ବେତାର ନାଟ୍ୟକଳା

**ଶ୍ରୀ ଯତୀନ ଦାସ**

ମନୋରଞ୍ଜନ ଦୃଷ୍ଟିରୁ ମଞ୍ଚ ନାଟକ ଏବଂ ବେତାର ନାଟକର ଲକ୍ଷ୍ୟ ଏକା ହେଲେ ମଧ୍ୟ ଏଗୁଡ଼ିକର ପରିବେଷଣ ପଦ୍ଧତି ସଂପୂର୍ଣ୍ଣ ଭିନ୍ନ । ଏପରିକି ନାଟ୍ୟ ରଚନା ଏବଂ ଅଭିନୟ ଦିଗରୁ ମଧ୍ୟ ଦୁଇଟି ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ଯାନ୍ତ୍ରିକ ଚତୁରୀ ଏବଂ ଅଦୃଶ୍ୟ ମାନବର ବାହାଦୁରୀ ହେଉଛି ବେତାର ନାଟକର ବିଶେଷତ୍ୱ । ସେଇଥି ପାଇଁ ବେତାର ନାଟ୍ୟ ଶିଳ୍ପ ଏକ ସ୍ୱତନ୍ତ୍ର କଳା ରୂପେ ବିବେଚିତ ହୁଏ । ଏହାର ସବିଶେଷ କାରଣ ଜାଣିବାକୁ ହେଲେ ମଞ୍ଚ ନାଟକଠାରୁ ବେତାର ନାଟକ କେଉଁ କେଉଁ ବିଷୟରେ ଭିନ୍ନ, ପ୍ରଥମେ ସେ ବିଷୟ ଆମେ ଜାଣିବା ଦରକାର ।

ଗୋଟିଏ କାଳ୍ପନିକ ଘଟଣାକୁ ଅଭିନୟ ଦ୍ୱାରା ଜୀବନ୍ତ ରୂପ ଦେବା ପାଇଁ ଯେଉଁ ଆନୁସଂଗିକ ପରିବେଶ ଆବଶ୍ୟକ ହୁଏ ବେତାର ନାଟକରେ ସେପରି ପରିବେଶ ସୃଷ୍ଟିର ସୁବିଧା ନାହିଁ । ମଞ୍ଚ ନାଟକରେ ନାନା ପ୍ରକାର ସିନ୍, ସିନେରି ଅଛି, ମଞ୍ଚ ଉପକରଣ ରହିଛି, ବିଭିନ୍ନ ରଙ୍ଗର ଲାଇଟ୍ ବ୍ୟବସ୍ଥା ଅଛି, ଷ୍ଟେଜ ପଛରେ ଆର୍ଟିଷ୍ଟମାନଙ୍କର ପ୍ରସାଧନକକ୍ଷ (ଗ୍ରିନ୍ ରୁମ୍) ଏବଂ ସାମନାରେ ଦର୍ଶକ-ମାନଙ୍କ ସକାଶେ ବସିବାର ମଧ୍ୟ ସ୍ଥାନ ରହିଛି । ହେଲେ ରେଡ଼ିଓରେ, କେବଳ ଗୋଟିଏ ଫାଙ୍କାରୁମ୍, ଗୋଟିଏ କିମ୍ବା ଯୋଡ଼ିଏ ମାଇକ୍ରୋଫୋନ୍ ଏବଂ ବସିବା ଲାଗି କେଇ ଖଣ୍ଡ ଚେୟାର ଛଡ଼ା, ଅଭିନୟରେ ସହାୟକ ହୋଇ ପାରିଲା ଭଳି ଅନ୍ୟ କୌଣସି ଜିନିଷପତ୍ର ସେଠାରେ ନାହିଁ । କେବଳ କଣ୍ଠ ହେଉଛି ବେତାର ଶିଳ୍ପୀର ଏକ ମାତ୍ର ଭରସା । ପ୍ରସଙ୍ଗତଃ ଉଲ୍ଲେଖ କରାଯାଇ ପାରେ ଯେ ରେଡ଼ିଓ ଆର୍ଟିଷ୍ଟମାନଙ୍କୁ ବେତାର ଶିଳ୍ପୀ ଏବଂ ଟେଲିଭିଜନ ଆର୍ଟିଷ୍ଟମାନଙ୍କୁ ଟାଲେଣ୍ଟ କୁହାଯାଏ ।

ମଞ୍ଚ ନାଟକରେ ଦୃଶ୍ୟର ଦୁଇ ପ୍ରକାର କ୍ରିୟା ରହିଛି । ସେଇଥିଯୋଗୁଁ ଷ୍ଟେଜ ଉପରେ ଯାହାସବୁ ଘଟଣା ଘଟେ, ଦର୍ଶକମାନେ ସେସବୁ ପ୍ରତ୍ୟକ୍ଷ ଭାବରେ ଦେଖନ୍ତି ଏବଂ ନଟ-ନଟୀମାନଙ୍କ କଥାବାର୍ତ୍ତା ସ୍ପଷ୍ଟ ଭାବରେ ଶୁଣି ପାରନ୍ତି । ଉଦାହରଣ ସ୍ୱରୂପ ଜଣେ ଲୋକ, ଆଉ ଜଣଙ୍କ ପେଟରେ ଛୁରା ଭୁଷ୍ଠି ଦେଇ ପକେଇଲା, କିମ୍ବା ଜଣେ ଉତ୍ତେଜିତ ହୋଇ ତା ନିଜ ସ୍ତ୍ରୀର ତଣ୍ଟି ଚିପି ମାରି ପକେଇଲା, ଅଥବା ହାକିମଙ୍କ ହୁକୁମରେ ପୁଲିସ୍ ଆସାମୀ ହାତରେ ହାତକଡ଼ା ଓ ଅଣ୍ଟାରେ ଦଉଡ଼ି ବାନ୍ଧି କୋର୍ଟରେ ଆଣି ହାଜର କଲା । ଏସବୁ ଘଟଣା ପ୍ରେକ୍ଷାଳୟ ଭିତରେ ଦର୍ଶକମାନଙ୍କ ଆଖି ଆଗରେ ଘଟିଲା । ସେମାନେ ସବୁ ଦେଖିଲେ, ସବୁ ଶୁଣିଲେ, ଫଳରେ ଘଟଣା ଉପଲବ୍ଧି କରିବାରେ ସେମାନଙ୍କୁ କୌଣସି ଅସୁବିଧା ହେଲା ନାହିଁ । କିନ୍ତୁ ବେତାର ନାଟକ ହେଉଛି କେବଳ ଶ୍ରୁତିଗୋଚର ହେଉଥିବା ଅଦୃଶ୍ୟ ମାନବର ବାହାଦୁରି । ଶୁଣିବା, ଉପଲବ୍‌ଧି କରିବା ଏବଂ ବିଷୟବସ୍ତୁ ବିଷୟରେ କଳ୍ପନା କରିବା ବ୍ୟତୀତ ଦେଖିବାର କୌଣସି ଉପାୟ ନାହିଁ ।

ବେତାର ନାଟକର ଭାଷା, ଶବ୍ଦ ଯୋଜନା, ଉଚ୍ଚାରଣ ଓ ପରିବେଷଣ କରିବାର ଟେକ୍‌ନିକ୍ ମଧ୍ୟ ମଞ୍ଚକଳା ଅପେକ୍ଷା ଭିନ୍ନ । ମଞ୍ଚ ନାଟକ ଦର୍ଶକମାନଙ୍କ ଲାଗି ଏବଂ ଗଳ୍ପ ଓ ଉପନ୍ୟାସ ପାଠକମାନଙ୍କ ସକାଶେ ଲେଖାହୁଏ । ଏସବୁର ରଚନା ପ୍ରଭାବ ଆଖିଦ୍ୱାରା ଗ୍ରହଣ କରାଯାଏ, ହେଲେ ବେତାର ନାଟକର ପ୍ରଭାବ, କେବଳ ଶ୍ରବଣ ମାଧ୍ୟମରେ ଗ୍ରହଣ କରିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ।

ଏ ସଂପର୍କରେ ବ୍ରିଟିଶ ବ୍ରଡ୍‌କାଷ୍ଟିଂ ସର୍ଭିସ୍ (ବି. ବି. ସି.)ର ନାଟକ ବିଭାଗୀୟ ଡ଼ାଇରେକ୍‌ଟରଙ୍କ ମତ ହେଉଛି—"Broad-Casting is simply another medium of telling a story. The novelist uses the medium of words. The theatre uses the medium of living actors. The cinema uses the medium of camera and broad-casting uses that of the microphone."

ମାଇକ୍ରୋଫୋନ୍‌ର ବିନା ସାହାଯ୍ୟରେ ବେତାର ଶିଳ୍ପୀ ସ୍ୱର ଶ୍ରୋତାମାନଙ୍କ ପାଖରେ ପହଁଞ୍ଚିବା କଦାପି ସଂଭବ ନୁହେଁ । ଯେହେତୁ ବେତାର ନାଟକ କେବଳ ଶ୍ରବଣ ମାଧ୍ୟମ ଉପରେ ନିର୍ଭର କରେ, ଶୁଣିବା ବ୍ୟତୀତ ନାଟକର ରସ ଆସ୍ୱାଦନ କରିବାର ଅନ୍ୟ କୌଣସି ଉପାୟ

ନିଏ । ସେଇଥି ଯୋଗୁଁ କେବଳ ଭାଷା, ଧ୍ୱନି ଓ ସଂଗୀତ ସଂଯୋଜନା ଦ୍ୱାରା ନାଟକର ବିଷୟବସ୍ତୁଗୁଡ଼ିକୁ ଏଭଳି ସହଜ, ସରଳ ଭାବରେ ଚିତ୍ରଣ କରାଯାଇ ବ୍ରଡ୍‌କାଷ୍ଟ ହୁଏ ଯେ, ଶ୍ରୋତାମାନେ ଆଖିରେ ନଦେଖିଲେ ମଧ୍ୟ ନାଟକ ଉପଭୋଗ କରିବା ସେମାନଙ୍କ ପକ୍ଷରେ ଆଦୌ କଷ୍ଟକର ହୁଏ ନାହିଁ । ଉଦାହରଣ :

ଅଜୟବାବୁ ଜଣେ ରିଟାୟାର୍ଡ ମାଜିଷ୍ଟ୍ରେଟ । ବୟସ ପ୍ରାୟ ପଞ୍ଚଷଠି କିମ୍ବା ତା'ଠାରୁ ଟିକିଏ ବେଶି ହୋଇପାରେ । ଚନ୍ଦାମୁଣ୍ଡ, ଆଖିରେ ଆଠ ମିଲିମିଟର ମୋଟା ଦଳା ଫ୍ରେମ୍‌ର ଚଷମା । ଆରାମ ଚେୟାରରେ ବସି ସେ ସକାଳ ଖବର କାଗଜ ଉପରେ ଆଖି ବୁଲଉ ଥିଲେ । ସେତିକି ବେଳେ ଅବିନାଶ ବାବୁ ଆସି ପହଞ୍ଚିଲେ । ଅଜୟବାବୁ, ଅବିନାଶ ବାବୁଙ୍କର ଘନିଷ୍ଠ ବନ୍ଧୁ । ବହୁ ଦିନ ପରେ ତାଙ୍କୁ ଦେଖି ଅଜୟ ବାବୁ ଭାରି ଖୁସି ହେଲେ । ଚାକରକୁ ଡ଼ାକି କହିଲେ, 'ମକରା, ମା'ଙ୍କୁ କହ ଅବିନାଶ ବାବୁ ଆସିଛନ୍ତି । ଆଉ ଶୁଣ୍, ଦି'କପ୍ ଗରମ୍ ଚା ଦେଇ ଯା....

ମକରା ଚା ଦେଇଗଲା । ଅଜୟବାବୁ ସିଗାରେଟଟିଏ ଧରେଇ କଥାଟା ନିଜେ ଆରମ୍ଭ କଲେ । ବୁଝିଲେ ଅବିନାଶ ବାବୁ, ଚାକରଟିଏ ରଖିବାକୁ ବାଧ୍ୟ ହେଲି । ସ୍ତ୍ରୀଙ୍କର ହାଇ ବ୍ଲଡ୍ ପ୍ରେସର, ବେଶି ପରିଶ୍ରମ କରିବାକୁ ଡ଼ାକ୍ତର ମନା କରିଛନ୍ତି । ତା ନହୋଇଥିଲେ, ଆଜିକାଲି ଯାହା ଦିନକାଳ ପଡ଼ିଛି, ସେଥିରେ ଚାକର ରଖିବାର ମୋର ଆଦୌ ଇଚ୍ଛା ନଥିଲା, ଇତ୍ୟାଦି........ଇତ୍ୟାଦି ।

ମଞ୍ଚ ନାଟକରେ ଏଇ ଡ଼ାଇଲଗ୍ କେଉଁପଦ ନକହି-ଥିଲେ ମଧ୍ୟ ଚଳିଯାଇ ଥାଆନ୍ତା । କିନ୍ତୁ ବେତାର ନାଟକରେ ଏ ସବୁର ପ୍ରୟୋଜନ ଅଛି । କାରଣ ଅଜୟ ବାବୁ ସେତକ ଡାଇଲଗ୍ କହି ନଥିଲେ ମକରା ଚାକର କିମ୍ବା ଅନ୍ୟ କେହି, ରେଡ଼ିଓ ନାଟକର ଶ୍ରୋତାମାନଙ୍କ ପାଖରେ ସେ କଥା ଅଜ୍ଞାତ ରହି ଯାଇ ଥାଆନ୍ତା । ମଞ୍ଚନାଟକର ଦର୍ଶକମାନେ, ମକରାର ପୋଷାକ, ମେକ୍‌ଅପ୍ ଓ ତାର ଢଙ୍ଗ ଢାଙ୍ଗ ଦେଖି ଚାକର ବୋଲି ଠଉରେଇ ପାରି ଥାଆନ୍ତେ ।

ମଞ୍ଚ ନାଟକରେ ଯେତିକି ସୁବିଧା ଅଛି, ସେତିକି ଅସୁବିଧା ମଧ୍ୟ ରହିଛି । ମଞ୍ଚ ଉପରେ ଘୋଡ଼ା ଦୌଡ଼ିବା, ବିମାନ ଉଡ଼ିବା, ବୋମା ପକେଇବା, ପ୍ରଭୃତି କେତେକ ଦୃଶ୍ୟ ଦେଖାଇବା ସମ୍ଭବ ନୁହଁ । କିନ୍ତୁ ବେତାର ନାଟକରେ ଏସବୁ ଅତି ସହଜ କଥା । ସେହିଭଳି ଘନ ଘନ ଦୃଶ୍ୟ ପରିବର୍ତ୍ତନ କରିବା ମଧ୍ୟ ମଞ୍ଚ ନାଟକର ଗୋଟିଏ ବିଷମ ସମସ୍ୟା ।

ମଞ୍ଚ ନାଟକର ଜଣେ ଅଭିନେତା ରାଜକୀୟ ପୋଷାକ ପିନ୍ଧି ପ୍ରଥମ ଦୃଶ୍ୟରେ ଅଭିନୟ କଲା ପରେ, ତତ୍‌କ୍ଷଣାତ୍ ତାଙ୍କୁ ଯୁଦ୍ଧ ପୋଷାକ ପିନ୍ଧେଇ ଦ୍ୱିତୀୟ ଦୃଶ୍ୟରେ ରଣକ୍ଷେତ୍ରକୁ ପଠେଇବା ସହଜ କାମ ନୁହଁ । ସେଇଥି ପାଇଁ ନାଟକ ରଚନା କଲାବେଳେ ନାଟ୍ୟକାରଙ୍କୁ ଏ ବିଷୟଟି ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ । ବେତାର ନାଟକର ବେଶଭୂଷାର କୌଣସି ସମସ୍ୟା ନାହିଁ । ବେତାର ଅଭିନେତାମାନେ ନିଜ ନିଜର ସାଧାରଣ ପୋଷାକ ପିନ୍ଧି ରାଜା ମହାରାଜାଠାରୁ ଆରମ୍ଭ କରି ଦାଣ୍ଡର ଭିଖାରୀ ପର୍ଯ୍ୟନ୍ତ ବିଭିନ୍ନ ଭୂମିକାରେ ଅଭିନୟ କରନ୍ତି । ଯୁଦ୍ଧ ସକାଶେ ରଣ ସମ୍ଭାର ପ୍ରୟୋଜନ ହୁଏ ନାହିଁ । ବିନା ହତିଆରରେ ସେମାନେ ଯୁଦ୍ଧ ଜୟ କରନ୍ତି ।

ଦୃଶ୍ୟ ପରିବର୍ତ୍ତନର ଅସୁବିଧା ଯୋଗୁଁ ବିଶେଷ କରି ଅତୀତ ଜୀବନର ଘଟଣାବଳୀ ପ୍ରତ୍ୟକ୍ଷ ଭାବରେ ମଞ୍ଚ ନାଟକରେ ରୂପାୟିତ କରିବା ସଂଭବ ହୋଇ ପାରେ ନାହିଁ । ସେଇଥି ପାଇଁ ସେସବୁ ସଂଳାପ ଦ୍ୱାରା ପ୍ରକାଶ କରାଯାଏ । କିନ୍ତୁ ବେତାର ନାଟକରେ ପ୍ରୟୋଜନ ହେଲେ ଏସବୁକୁ ପ୍ରତ୍ୟକ୍ଷ ରୂପରେ ପରିବେଷଣ କରାଯାଇ ପାରେ । ଏଥି ସକାଶେ "ଫ୍ଲାଶବେକ୍ ବା ସ୍ମୃତି-ଦୃଶ୍ୟର" ବ୍ୟବସ୍ଥା ରହିଛି ! ଏହାକୁ ବିଗତାବସ୍ଥାଦୃଶ୍ୟ ବୋଲି ମଧ୍ୟ କୁହାଯାଇପାରେ ।

ମଞ୍ଚ ନାଟକ ପାଇଁ ଦର୍ଶକମାନଙ୍କୁ ଟିକଟ ସଂଗ୍ରହ କରିବାକୁ ପଡ଼େ । କୌଣସି କାରଣରୁ ଅଭିନୟ ଯଦି ସେମାନଙ୍କୁ ଭଲ ନଲାଗେ ଯେହେତୁ ସେମାନେ ଟଙ୍କା ଖର୍ଚ୍ଚ କରି ଥାଆନ୍ତି, ସେଇଥି ଯୋଗୁଁ ନାଟକ ଶେଷ ନହେବା ପର୍ଯ୍ୟନ୍ତ ବାଧ୍ୟ ହୋଇ ଅପେକ୍ଷା କରନ୍ତି । କିନ୍ତୁ ବେତାର ନାଟକର ଶ୍ରୋତାମାନଙ୍କ ପକ୍ଷରେ ଏପ୍ରକାର କୌଣସି ବନ୍ଧନ ନଥାଏ । ନାଟକ ଶୁଣିବା ସକାଶେ ସେମାନଙ୍କୁ ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ନିଜ ନିଜ ଘରେ ନିଜର ପରିବାର ଏବଂ ବନ୍ଧୁବାନ୍ଧବମାନଙ୍କ ଗହଣରେ ବସି ସେମାନେ ନାଟକ ଶୁଣନ୍ତି ।

ମୂଳରୁ ଯଦି ବେତାର ନାଟକର ବିଷୟବସ୍ତୁ କିମ୍ବା ଅଭିନୟ, ସେମାନଙ୍କ ମନରେ ରେଖାପାତ ନକରେ କିମ୍ବା ନିରସତାର ସାମାନ୍ୟ ସୂଚନା ମିଳେ, ତାହାହେଲେ ନାଟକ ଶୁଣିବା ପାଇଁ ସେମାନଙ୍କୁ କେହି ବାଧ୍ୟ କରି ପାରିବେ ନାହିଁ । ସେମାନେ ରେଡ଼ିଓ ବନ୍ଦ କରିଦେବେ କିମ୍ବା ମିଟର ବଦଳାଇ ଅନ୍ୟ ପ୍ରୋଗ୍ରାମ ଶୁଣିବେ । ଏହି ସବୁ କାରଣରୁ ମଞ୍ଚନାଟକ ତୁଳନାରେ ବେତାର ନାଟକର ଦାୟିତ୍ୱ ଅପେକ୍ଷାକୃତ ବେଶି ।


ଅଭିନୟ ଦିଗରୁ ମଧ୍ୟ, କାହାରି ସହିତ କାହାରି ସାମଞ୍ଜସ୍ୟ ନାହିଁ । ମଞ୍ଚ ନାଟକରେ ସାଧାରଣତଃ ଚଡ଼ା ଗଳାରେ ଅଭିନୟ କରିବାକୁ ହୁଏ । ଏପରିକି ପ୍ରେମ କିମ୍ବା ଷଡ଼ଯନ୍ତ୍ର ଦୃଶ୍ୟରେ ମଧ୍ୟ ବଡ଼ ପାଟିରେ ନକହିଲେ ପ୍ରେକ୍ଷାଳୟର ଶେଷ ଧାଡ଼ିରେ ବସିଥିବା ଦର୍ଶକମାନେ ଶୁଣି ପାରନ୍ତି ନାହିଁ ।

ବେତାର ନାଟକରେ ଏସବୁ ଅସ୍ୱାଭାବିକ ମନେ ହୁଏ । ମଞ୍ଚ ଅପେକ୍ଷା ଯାତ୍ରାରେ ଆହୁରି ଚଡ଼ାଗଳା ଦରକାର ହୁଏ, କିନ୍ତୁ ରେଡ଼ିଓରେ କେବଳ ମାଇକ୍ ସିଟିଂ ବା ମାଇକ୍

ଉପଯୋଗୀ ଗଳା ବ୍ୟତୀତ ଚଢ଼ା ଗଳା ବିଶେଷ କାମ ଦିଏ ନାହିଁ । କେବଳ ଏଇଥିଯୋଗୁଁ ମଞ୍ଚ ଓ ଯାତ୍ରା ଜଗତର ପ୍ରଖ୍ୟାତନାମା କଳାକାରମାନେ ବେତାର ନାଟକରେ ବିଶେଷ ସାଫଲ୍ୟ ଅର୍ଜନ କରି ପାରନ୍ତି ନାହିଁ । ରେଡ଼ିଓ ନାଟକରେ ଲୋକପ୍ରିୟ ସିନେମା ଆର୍ଟିଷ୍ଟମାନଙ୍କର ମଧ୍ୟ ବ୍ୟର୍ଥତାର ଦୃଷ୍ଟାନ୍ତ ରହିଛି ।

ସି—୧୩୦ ସାଉଥ୍ ମୋତିବାଗ୍
ନୂଆଦିଲ୍ଲୀ—୧୧୦୦୨୧

ମୋଟ ଉପରେ ରଚନା, ପ୍ରଯୋଜନା, ଅଭିବ୍ୟକ୍ତି ତଥା ପରିବେଷଣ କରିବାର ଟେକ୍‌ନିକ୍ ଏହିସବୁ ଦୃଷ୍ଟିରୁ ମଞ୍ଚ ଏବଂ ବେତାର ନାଟକ ମଧ୍ୟରେ ଯଦି ତୁଳନାତ୍ମକ ବିଚାର କରାହୁଏ ତାହାହେଲେ ଏକଥା ନିଃସନ୍ଦେହରେ କୁହାଯାଇ ପାରିବ ଯେ ରେଡ଼ିଓ ନାଟ୍ୟ ଶିଳ୍ପ ଏବଂ ମଞ୍ଚ ନାଟ୍ୟ ଶିଳ୍ପ ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ ।



## ଓଡ଼ିଶାରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସଫଳତା

୧୯୭୮-୭୯ ଆର୍ଥିକ ବର୍ଷରେ ଗର୍ଭ ନିରୋଧ ଅସ୍ତ୍ରୋପଚାର ଏକ ଲକ୍ଷକୁ ଟପିଲା

୧୯୭୮-୭୯ ଆର୍ଥିକ ବର୍ଷରେ ଆମ ରାଜ୍ୟରେ ୧,୦୩,୯୮୪ ଗର୍ଭ ନିରୋଧ ଅସ୍ତ୍ରୋପଚାର କରାଯାଇଛି । ୭୮,୩୦୧ ବିବାହିତା ମହିଳାଙ୍କ ପ୍ରଜନନ ନିରୋଧ ଅସ୍ତ୍ରୋପଚାର ( Tubectomy ) ଏହାର ଅନ୍ତର୍ଭୁକ୍ତ ।

ସନ୍ତାନ ଜନ୍ମରେ ବ୍ୟବଧାନ ରକ୍ଷା କରିବା ଲାଗି ଉକ୍ତ ଆର୍ଥିକ ବର୍ଷରେ ୧୪,୦୧୬ ଜଣ ବିବାହିତା ମହିଳା ଲୁପ୍ ଓ ୬,୫୬୪ ଜଣ ବିବାହିତା ମହିଳା କପର ଟି ( Cut ) ଗ୍ରହଣ କରିଛନ୍ତି ।

ଏହା ଛଡ଼ା ଉକ୍ତ ବର୍ଷରେ ବିବାହିତ ଦମ୍ପତିଙ୍କୁ ୩,୬୬୬,୪୭୮ ନିରୋଧ, ୩,୪୧୬ ଫେଣ ବଟିକା, ୮୨୯ ଜେଲିକ୍ରିମ୍ ଓ ୧୪ ଖାଇବା ବଟିକା ଆଦି ଗର୍ଭ ନିରୋଧ ଉପକରଣ ବଣ୍ଟନ କରାଯାଇଛି ।

ଆଉ ମଧ୍ୟ ଅବାଞ୍ଛିତ ଶିଶୁ ଜନ୍ମରୁ ଅବ୍ୟାହତି ପାଇବା ଲାଗି ୧୦,୫୭୬ ମହିଳା ଉକ୍ତ ବର୍ଷରେ ଆଇନାନୁମୋଦିତ ଗର୍ଭପାତ କରାଇଛନ୍ତି ।

## ଆନ୍ତର୍ଜାତିକ ଶିଶୁବର୍ଷ ଉପଲକ୍ଷେ

# ଶିଶୁର ଖାଦ୍ୟ ସମସ୍ୟା

**ଶ୍ରୀ କିଶୋର ସ୍ୱାଇଁ**

ଶିଶୁର ସ୍ୱାଭାବିକ ଶରୀର ଗଠନ ଓ ଉତ୍ତମ ସ୍ୱାସ୍ଥ୍ୟ ଲାଗି ବିଭିନ୍ନ ପୁଷ୍ଟିକର ଖାଦ୍ୟ ଆବଶ୍ୟକ । ଏଭଳି ଖାଦ୍ୟରେ ପ୍ରୋଟିନ୍, ଚର୍ବି, କାର୍ବୋହାଇଡ୍ରେଟ୍, ଖଣିଜ ଲବଣ ଏବଂ ଭିଟାମିନ୍ ଆଦି ରହିବା ଆବଶ୍ୟକ । କେବଳ ମାଂସପେଶୀ ଓ ଅନ୍ୟାନ୍ୟ ଟିସୁ ଗଠନ ପାଇଁ ନୁହେଁ, ସଜୀବ ଯୌଗିକ ପଦାର୍ଥ ଯଥା ଏନ୍‌ଜାଇମ୍ ଓ ହରମୋନ୍‌ଗୁଡ଼ିକର ଗଠନ ପାଇଁ ତଥା ବିଭିନ୍ନ ସଂକ୍ରାମକ ରୋଗର ନିରବଚ୍ଛିନ୍ନ ପ୍ରତିରୋଧ କରୁଥିବା ରକ୍ତର ବିଶେଷ ପ୍ରୋଟିନ୍ ପଦାର୍ଥ ଗୁଡ଼ିକର ଗଠନ ଲାଗି ମଧ୍ୟ ପ୍ରୋଟିନ୍‌ର ଆବଶ୍ୟକତା ରହିଛି । ପଶୁଜାତ ଖାଦ୍ୟର ସମାନ ମୂଲ୍ୟ ବିଶିଷ୍ଟ ପ୍ରୋଟିନ୍ ଖାଦ୍ୟ ଖାଇଲେ ଶିଶୁର ଶରୀରରେ ସଜୀବ ପଦାର୍ଥ ଗଠିତ ହୋଇପାରେ ! ପଶୁଜାତ ପ୍ରୋଟିନ୍‌ରେ ସମସ୍ତ ଆବଶ୍ୟକୀୟ ଆମିନୋ ଏସିଡ୍ ରହିଛି ; କିନ୍ତୁ ଆମ ସମାଜରେ ଅଧିକାଂଶ ପରିବାର ଶିଶୁକୁ କେବଳ ପଶୁଜାତ ପ୍ରୋଟିନ୍ ଦେବା ସଂଭବ ହୋଇ ପାରୁନାହିଁ । ତେଣୁ ପ୍ରତି ୧୦ ଗ୍ରାମ୍ ପଶୁଜାତ ପ୍ରୋଟିନ୍ ସହ ପ୍ରାୟ ୩୦ ଗ୍ରାମ୍ ପନିପରିବା ଜାତୀୟ ପ୍ରୋଟିନ୍ ଶିଶୁକୁ ଖାଇବାକୁ ଦେବା ଉଚିତ । ଶରୀରର ପ୍ରତି ୧ କିଲୋଗ୍ରାମ୍ ଓଜନ ପାଇଁ ୧ ବର୍ଷର ପିଲାମାନଙ୍କୁ ୩·୫ ଗ୍ରାମ୍‌ରୁ ୪ ଗ୍ରାମ୍ ପର୍ଯ୍ୟନ୍ତ, ୧ ବର୍ଷରୁ ୫ ବର୍ଷର ପିଲାଙ୍କ ପାଇଁ ୨·୫ ଗ୍ରାମ୍‌ରୁ ୩ ଗ୍ରାମ୍, ୫ ବର୍ଷରୁ ୧୦ ବର୍ଷ ପିଲାଙ୍କ ପାଇଁ ୨ରୁ ୨·୫ ଗ୍ରାମ୍ ପ୍ରୋଟିନ୍ ଆବଶ୍ୟକ । ଦେହର ସମାନ ଓଜନ ପାଇଁ ଗର୍ଭବତୀ ଓ ପ୍ରସୂତି ସ୍ତ୍ରୀମାନଙ୍କ ପକ୍ଷେ ୨ ଗ୍ରାମ୍ ପ୍ରୋଟିନ୍ ଆବଶ୍ୟକ । ଗର୍ଭବତୀ ଓ ପ୍ରସୂତୀ ସ୍ତ୍ରୀମାନେ ଆବଶ୍ୟକ ପରିମାଣରେ ପ୍ରୋଟିନ୍ ନପାଇଲେ ଭ୍ରୂଣର ଆଭ୍ୟନ୍ତରୀଣ ବିକାଶ ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟ ବ୍ୟାହତ ହୋଇଥାଏ । ପ୍ରତି ୧୦୦ ଗ୍ରାମ୍ ମାଂସରେ ମାତ୍ର ୧୨·୯ ଗ୍ରାମ୍ ପ୍ରୋଟିନ୍ ଥିବା-ସ୍ଥଳେ ପନିପରିବା ମଧ୍ୟରେ ମଟର ଓ ବିନ୍‌ରେ ୨୧·୪ ଗ୍ରାମ୍ ପ୍ରୋଟିନ୍ ଥାଏ । ସେହିପରି ଗାଈ ଦୁଧରେ ୩·୦ ଗ୍ରାମ୍, ଛେଳି ଦୁଧରେ ୩·୩ ଗ୍ରାମ୍, ମାଛରେ ୧୮·୭ ଗ୍ରାମ୍, ଅଣ୍ଡାରେ ୧୨·୮ ଗ୍ରାମ୍ ପ୍ରୋଟିନ୍ ଥାଏ । ପନି ପରିବା ମଧ୍ୟରେ ଗାଜର ଓ ବିଲାତି ବାଇଗଣରେ ୧·୧ ଗ୍ରାମ୍, ଶୁଖିଲା ମଟର ବା ଚଣାରେ ୨୩·୮ ଗ୍ରାମ୍, ଆଳୁରେ ୧·୮ ଗ୍ରାମ୍ କୋବିରେ ୨·୪ ଗ୍ରାମ୍, ପନିପରିବା ଝୋଳରେ ୦·୩ ଗ୍ରାମ୍ ଓ ଗହମରେ ୧୨·୬ ଗ୍ରାମ୍ ପ୍ରୋଟିନ୍ ରହିଥାଏ ।

ସେହିପରି ଶିଶୁର ଶରୀର ଗଠନ ପାଇଁ ଭିଟାମିନ 'ସି'ର ପ୍ରୟୋଜନ ହୋଇଥାଏ । ଭିଟାମିନ୍ 'ସି'କୁ ଆସ୍କୋର୍ବିକ୍ ଏସିଡ୍ ମଧ୍ୟ କୁହାଯାଏ । ଭିଟାମିନ୍ 'ସି'ର ଅଭାବରେ ଶିଶୁକୁ ସ୍କର୍ଭି ନାମକ ରୋଗ ଆକ୍ରମଣ କରେ । ଯେଉଁ ଶିଶୁ ବହୁଦିନ ଧରି ଫଳ ଓ ଟଟକା ପନି ପରିବା ଖାଆନ୍ତି ନାହିଁ , ସେମାନେ ହିଁ ଏ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ଅପମିଶ୍ରିତ ଦୁଗ୍ଧଜାତ ଖାଦ୍ୟ ଖାଇ ଶିଶୁମାନେ ଏହି ରୋଗରେ ପଡୁଛନ୍ତି । ସ୍କର୍ଭିର ଲକ୍ଷଣ ହେଲା ରକ୍ତହୀନତା, ଦାନ୍ତ ମୂଳରୁ ରକ୍ତ ବାହାରିବା, ରୋଗ ପ୍ରତିରୋଧ କରିବାର କ୍ଷମତାର ହ୍ରାସ, ଇତ୍ୟାଦି । ଲେମ୍ବୁଜାତୀୟ ଫଳ, ଆପେଲ, ବିଲାତି ବାଇଗଣ, ଆଳୁ, କିସ୍‌ମିସ୍, ମେଥି ଓ ସକାଳର ସୂର୍ଯ୍ୟକିରଣରେ ମଧ୍ୟ ଭିଟାମିନ୍ 'ସି' ରହିଛି । ପ୍ରତ୍ୟେକ ଶିଶୁ ପାଇଁ ଦୈନିକ ପ୍ରାୟ ୫୦ ମିଲିଗ୍ରାମ୍‌ର ଭିଟାମିନ୍ 'ସି' ଦରକାର ଓ ସ୍କୁଲ ଯିବା ବୟସ ହେଲେ ପିଲାକୁ ୬୦ରୁ ୭୫ ମିଲିଗ୍ରାମ୍ ଆବଶ୍ୟକ ହୋଇଥାଏ । ପିଲାକୁ ଦୁଧ ଖୁଆଉଥିବା ମାଆମାନଙ୍କ ପାଇଁ ୧୫୦ରୁ ୨୦୦ ମିଲିଗ୍ରାମ୍‌ର ଭିଟାମିନ୍ 'ସି' ଆବଶ୍ୟକ ହୋଇଥାଏ ।

କିନ୍ତୁ ସଂପ୍ରତି ପୃଥିବୀରେ ଜନ୍ମଲାଭ କରୁଥିବା କୋଟି କୋଟି ଶିଶୁକୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ବର୍ତ୍ତମାନ ସୁଦ୍ଧା ଏକ ପ୍ରଧାନ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟା ହୋଇ ରହିଛି । ବିଶ୍ୱ ଜନସଂଖ୍ୟାର ପ୍ରାୟ ଶତକଡ଼ା ୫୦ ଭାଗରୁ ଅଧିକ ଶିଶୁ ଦୀର୍ଘଦିନ ଧରି

ଅନାହାର ଓ ପୁଷ୍ଟିହୀନତା ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ଅର୍ଥନୀତିବିତ୍ ଟମାସ୍ ମାଲଥୁଶ୍ ତାଙ୍କ ସମୟରୁ ପ୍ରମାଣ କରିଛନ୍ତି ଯେ ପୃଥିବୀରେ ଜନସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଉଛି ସେହି ତୁଳନାରେ ଖାଦ୍ୟ ଉତ୍ପାଦନ ଯଥେଷ୍ଟ ପଛରେ ପଡ଼ିଛି । ଅନାହାର ମୃତ୍ୟୁ ହିଁ ହେଉଛି ବିକାଶଶୀଳ ମାନବ ସମାଜ ସମ୍ମୁଖରେ ଏକ ଜଟିଳ ସମସ୍ୟା । ସୁସ୍ଥ ସବଳ, ଶିକ୍ଷିତ, କର୍ମ ତତ୍ପର ଏବଂ ମାନବ ଜାତିର ଉଜ୍ଜ୍ୱଳ ଭବିଷ୍ୟତ ତଥା ଆଦର୍ଶର ସୁରକ୍ଷା ଲାଗି ଦେଶ ଏକ ସମର୍ଥ ଶିଶୁକୁଳ କାମନା କରେ । କିନ୍ତୁ ସାରା ପୃଥିବୀରେ ବର୍ତ୍ତମାନ ସୁଦ୍ଧା କୋଟି କୋଟି ଶିଶୁ ବର୍ଣ୍ଣ ବୈଷମ୍ୟ, କ୍ଷୁଧା ଓ ପୁଷ୍ଟିହୀନତାଜନିତ ବିଭିନ୍ନ ବ୍ୟାଧି ଭୋଗୁଥିବା ଗଭୀର ଦୁଃଖର ବିଷୟ ।

ଶିଶୁ ଜନ୍ମ ହେବାର କେତୋଟି ସପ୍ତାହ ପର୍ଯ୍ୟନ୍ତ ମା'କ୍ଷୀର ଦେବା ନିତାନ୍ତ ପ୍ରୟୋଜନ । କିନ୍ତୁ ଦୁଃଖର ବିଷୟ, ବିଶେଷ କରି ସହରାଞ୍ଚଳରେ ବାସ କରୁଥିବା ମାଆମାନେ ସେମାନଙ୍କର ଶିଶୁମାନଙ୍କୁ ମାତ୍ର କେତୋଟି ସପ୍ତାହ ପର୍ଯ୍ୟନ୍ତ କ୍ଷୀର ଦେବାକୁ ସମର୍ଥ ହୁଅନ୍ତି ନାହିଁ । ଦିନ ଭିତରେ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ମାଆକୁ କ୍ଷୀର ଦେବାକୁ ପଡୁଥିବାରୁ ଏବଂ ଏହି ସମୟ ଭିତରେ ସେ ବନ୍ଧୁମାନଙ୍କୁ ଭେଟିବା, ବିଭିନ୍ନ ଆମୋଦକର ଆଳାପ ଆଲୋଚନା ଓ ସିନେମା ଥିଏଟରରୁ ବଞ୍ଚିତ ହେଉଥିବାରୁ ଗାଈ କ୍ଷୀର କିମ୍ବା ବିଭିନ୍ନ ଶିଶୁ ଖାଦ୍ୟ ବୋତଲରେ ପୂରାଇ ଆୟା ହାତରେ ଧରାଇ ଦେଇ ମାଆ ସ୍ତନ୍ୟ ଦାନପରି କ୍ଲାନ୍ତିକର କାର୍ଯ୍ୟରୁ ମୁକ୍ତି ପାଇଯାଆନ୍ତି । ତା'ଛଡ଼ା ପ୍ରତ୍ୟେକ ଝିଅ ମାତୃତ୍ୱ ପାଇସାରି ମଧ୍ୟ ନିଜର ଯୁବତୀ ସୁଲଭ ରୂପକୁ ବଜାୟ ରଖିବା ଆଶାରେ ଶିଶୁକୁ ନିଜର ସ୍ତନ୍ୟଦାନରୁ ବଞ୍ଚିତ କରିଥାନ୍ତି । ବଜାରରେ ମିଳୁଥିବା ବିଭିନ୍ନ ଶିଶୁଖାଦ୍ୟ କିମ୍ବା ଗାଈକ୍ଷୀରର ବିଶୁଦ୍ଧତା ନିର୍ଭରଯୋଗ୍ୟ ହୋଇ ନଥିବାରୁ ପୁଷ୍ଟିହୀନତା ଯୋଗୁଁ ଶିଶୁର ଶାରୀରିକ ଗଠନ ବାଧାପ୍ରାପ୍ତ ହୁଏ ।

ଶିଶୁ ଖାଦ୍ୟ ବା ବେବି ଫୁଡ୍ ଶବ୍ଦଟି ଆଜିକାଲି ସମାଜରେ ବେଶ୍ ପ୍ରଚଳିତ ହୋଇଗଲାଣି । ସୁବିଧା ଅନୁଯାୟୀ ଶିଶୁଖାଦ୍ୟ ଯୋଗାଇ ଦିଆଯାଉନାହିଁ ଓ ଶିଶୁ ଖାଦ୍ୟର ମୂଲ୍ୟବୃଦ୍ଧି ଶୀଘ୍ର ବଢ଼ିବାରେ ଲାଗିଛି । ଶିଶୁ ଖାଦ୍ୟ ବଣ୍ଟନରେ ଦେଖା ଦେଉଥିବା ବିଭ୍ରାଟ ହିଁ ଦର ବୃଦ୍ଧିର ମୁଖ୍ୟ କାରଣ । ଭାରତର ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ ଦୁଗ୍ଧ ଯୋଗାଣ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ୧୯୬୯-୭୦ ମସିହା ବେଳକୁ ଦେଶରେ ୯୧ଟି ଗୋଶାଳା ମଧ୍ୟରୁ ୪୭ଟି ତରଳ ଦୁଗ୍ଧ ଶିଳ୍ପ କେନ୍ଦ୍ର, ୭ଟି ଦୁଗ୍ଧଜାତ ଦ୍ରବ୍ୟ କାରଖାନା ଓ ୩୭ଟି ମୁଖ୍ୟ ଦୁଗ୍ଧ ଯୋଜନା କେନ୍ଦ୍ର ସ୍ଥାପନ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଦୁଗ୍ଧ ଯୋଗାଣ ସଂସ୍ଥା କେବଳ ଆର୍ଥିକ ସମ୍ବଳର ଅଭାବ ଯୋଗୁଁ କ୍ଷତିଗ୍ରସ୍ତ ହୋଇ ଛନ୍ତି । ତେଣୁ ଦେଶରେ ଶିଶୁ ଖାଦ୍ୟର ଅଭାବ ଦେଖାଯିବା ସ୍ୱାଭାବିକ ।

କେବଳ ଭାରତ ନୁହେଁ, ପ୍ରାୟ ସମସ୍ତ ବିକାଶଶୀଳ ଦେଶମାନଙ୍କରେ ମଧ୍ୟ ସଂପ୍ରତି ଶିଶୁ ଖାଦ୍ୟର ଅଭାବ ଦେଖା ଦେଇଛି । ଅଳ୍ପଦିନ ତଳେ ବିଶ୍ୱ ବ୍ୟାଙ୍କର ସଭାପତି ମିଷ୍ଟର ରବର୍ଟ ମ୍ୟାକ୍‌ନାମରା, ନାଇରୋବିଠାରେ କହିଛନ୍ତି ଯେ, ବିକାଶଶୀଳ ଦେଶମାନଙ୍କରେ ଏକ ହଜାର ନିୟୁତର ଅର୍ଦ୍ଧାଂଶରୁ ଏକ ତୃତୀୟାଂଶ ପର୍ଯ୍ୟନ୍ତ ଲୋକ ଭୋକ ଉପାସ ବା ପୁଷ୍ଟିହୀନତା ଭୋଗ କରୁଛନ୍ତି । ଶତକଡ଼ା ୨୦ରୁ ପଚିଶ ଭାଗ ଶିଶୁ ପାଞ୍ଚବର୍ଷ ନପୂରୁଣୁ ମୃତ୍ୟୁ ମୁଖରେ ପଡ଼ୁଛନ୍ତି ଏବଂ ନିୟୁତ ସଂଖ୍ୟାର ଶିଶୁ ଯେଉଁମାନେକି ମୃତ୍ୟୁ ମୁଖରୁ ବର୍ତ୍ତି ଯାଉଛନ୍ତି, ସେମାନେ ପୁଷ୍ଟିହୀନତା ଯୋଗୁଁ ବିକଳାଙ୍ଗ ହେଉଛନ୍ତି । କେବଳ ଦୋକାନରେ ଧାଡ଼ିବାନ୍ଧି ଶିଶୁ ଖାଦ୍ୟର ବିକ୍ରି ବ୍ୟବସ୍ଥା କଲେ ହେବ ନାହିଁ । ପ୍ରକୃତରେ ଶିଶୁମାନଙ୍କ ନିକଟରେ ଶିଶୁ ଖାଦ୍ୟ ପହଞ୍ଚି ପାରୁଛି କି ନାହିଁ ସେ ବିଷୟରେ ସରକାର ଅନୁଧ୍ୟାନ କରିବା ବାଞ୍ଛନୀୟ । ବଜାରରେ ଯାହାକିଛି ଶିଶୁ ଖାଦ୍ୟ ମିଳୁଛି ତାହା ପ୍ରକୃତ ପକ୍ଷେ ଶିଶୁମାନଙ୍କ ନିକଟରେ ନ ପହଞ୍ଚି ବୟସ୍କମାନେ ନିଜର ଦୈନନ୍ଦିନ ବ୍ୟବହାର ପାଇଁ ସାଇତି ରଖୁଛନ୍ତି । ଜାତିର ଭବିଷ୍ୟତ ବଂଶଧରଙ୍କ ମୁହଁରୁ ଖାଦ୍ୟ ଛଡ଼ାଇ ନେଇ ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହିଛନ୍ତି ସେମାନଙ୍କୁ ଦେଶଦ୍ରୋହୀ ଛଡ଼ା ଆଉ କ'ଣ କୁହାଯାଇପାରେ ?

କ୍ୱା : ନଂ : ୨୪।୨, ଟାଇପ୍–୨
ୟୁନିଟ୍-୩, ଭୁବନେଶ୍ୱର

**ମରୁଡ଼ିଗ୍ରସ୍ତ ରଇକିଆ ଅଞ୍ଚଳରେ ପଶୁପାଳନ ଯୋଜନା**

ଫୁଲବାଣୀ ଜିଲ୍ଲା ରାଇକିଆ ପଞ୍ଚାୟତର ମରୁଡ଼ିଗ୍ରସ୍ତ ଅଂଚଳରେ ଉନ୍ନତ ଧରଣର ପଶୁପାଳନ କରାଯିବା ପାଇଁ କେତେକ ପଦକ୍ଷେପ ନିଆଯାଇଛି । ଚିର ମରୁଡ଼ି ଅଞ୍ଚଳ କାର୍ଯ୍ୟକ୍ରମ (ଡ଼ି. ପି. ଏ. ପି.) ଅନୁଯାୟୀ ୨୦୮ ଜଣ ଚାଷୀଙ୍କୁ ୨୦୮ ଏକର ଜମି ଘାସ ଚାଷ ପାଇଁ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଗାଈ କିଣିବା ପାଇଁ ମଧ୍ୟ ବ୍ୟାଙ୍କରୁ ଆବଶ୍ୟକୀୟ ଋଣ ଯୋଗାଇ ଦିଆଯାଇଛି ।

# ମଦ ନୁହେଁ, ମହାକାଳ ବିଷ

ଡାକ୍ତର ଧ୍ରୁବ ଚରଣ ନାଥ

ଆଧୁନିକ ଜଗତରେ ମଦ୍ୟପାନ ସବୁଠାରୁ ମାରାତ୍ମକ ବ୍ୟାଧି । ମାନବ ମଦ୍ୟପାନ କରେ ନାହିଁ, ପରନ୍ତୁ ମଦ୍ୟ ମଣିଷକୁ ପାନ କରି ତାର ଜୀବନ ଧ୍ୱଂସ କରେ । ମଦ୍ୟପାନ ଥରେ ଅଭ୍ୟାସରେ ପରିଣତ ହୋଇଗଲେ, ଏହା ଏକ ଦୁରାରୋଗ୍ୟ ବ୍ୟାଧି ହୋଇ ନାନା ଜଟିଳ ଶାରୀରିକ, ମାନସିକ ଓ ସାମାଜିକ ସମସ୍ୟା ସୃଷ୍ଟି କରେ । ମଦ୍ୟପାନକାରୀ ତ ସ୍ୱେଚ୍ଛାରେ ଦୁଃଖ ଭୋଗ କରେ, ମାତ୍ର ଏ ଦୁଃଖରେ ଭୋଗୀ ହୁଅନ୍ତି ତାର ସ୍ତ୍ରୀ-ପିଲା, ବନ୍ଧୁ ଓ କୁଟୁମ୍ବ । ପରୋକ୍ଷ ଭାବରେ ସମାଜକୁ ଏହାର କୁଫଳ ଭୋଗିବାକୁ ପଡ଼େ ।

ଥରେ ଏଇ ମନ୍ଦ ଅଭ୍ୟାସର ବଶବର୍ତ୍ତୀ ହେଲେ ପିଉଥିବା ଲୋକ ମଦ ଉପରେ ଏତେ ନିର୍ଭରଶୀଳ ହୋଇପଡ଼େ ଯେ ସେ ଅଧିକରୁ ଅଧିକ ପରିମାଣ ମଦ ପିଇଥାନ୍ତି । ଏହା ଫଳରେ ନାନା ଶାରୀରିକ ଏବଂ ମାନସିକ ବିକାର ଦେଖାଦିଏ ଓ ସ୍ୱାସ୍ଥ୍ୟହାନି ଘଟେ । ସେମାନେ ନିଜର ସାମାଜିକ ଏବଂ ଅର୍ଥନୈତିକ ଦାୟିତ୍ୱ ସୁରୁଖୁରୁରେ ବହନ କରିବାକୁ ଅକ୍ଷମ ହୁଅନ୍ତି ।

ମଦ ପିଇବାରେ ତାର ଅଜସ୍ର ଅର୍ଥ ଅପବ୍ୟୟ ହୁଏ । ସେ ଅଭାବଗ୍ରସ୍ତ ଓ ଅସହିଷ୍ଣୁ ହୋଇପଡ଼େ । ମଦ ନିଶାରେ ସେ ଅମୂଲ୍ୟ ସମୟ, ଶକ୍ତି ଓ ଅର୍ଥ ଅପବ୍ୟୟ କରେ । ଦେଶରେ ଘଟୁଥିବା ଯାନବାହାନ ଦୁର୍ଘଟଣାର ପ୍ରଧାନ କାରଣ ହେଉଛି; ମଦପିଇ ଗାଡ଼ି ଚଳାଇବା । ଏହା ଫଳରେ ଅସଂଖ୍ୟ ଅମୂଲ୍ୟ ଜୀବନ ଏବଂ କୋଟି କୋଟି ଟଙ୍କାର ସଂପଦ ନଷ୍ଟ ହେଉଛି ।

ମଦ ଅଭ୍ୟାସ ହୁଏ କାହିଁକି ?

ମଦ୍ୟପମାନଙ୍କର ସାଧାରଣ ଚରିତ୍ର ହେଉଛି ସେମାନେ ପାଉଥିବା ଶିକ୍ଷା ଦକ୍ଷରେ ବା ପାରିପାର୍ଶ୍ୱିକ ଅବସ୍ଥା ଯୋଗେ ଜୀବନର ଘାତ ପ୍ରତିଘାତ ଦୃଢ଼ତାର ସହିତ ସମ୍ମୁଖୀନ ହୋଇ ପାରନ୍ତି ନାହିଁ । ଅନ୍ୟ ପକ୍ଷରେ ଏସବୁ ବାସ୍ତବତାରୁ ଦୂରେଇ ଯିବା ପାଇଁ ମଦର ଆଶ୍ରୟ ନିଅନ୍ତି । ଅନେକ ଲୋକ ମାନସିକ ଦୁଶ୍ଚିନ୍ତା, ପାରିବାରିକ ଓ ସାମାଜିକ ଅଶାନ୍ତିରୁ ସାମୟିକ ମୁକ୍ତି ପାଇବା ପାଇଁ ଓ କେତେକ ଲୋକ ବିଳାସ ସାମଗ୍ରୀ ଭାବେ ଏବଂ କେତେକ ସୁନିଦ୍ରା ଆଶାରେ ମଦ୍ୟପାନ କରିଥାନ୍ତି । ମଦ ନିଶାରେ ମଣିଷ ସାମୟିକ ଭାବେ ତାର ଦୁଃଖ କଷ୍ଟ ଭୁଲିଯାଏ ସତ, ମାତ୍ର ତାର ଏକ ଅପରିପୂର୍ଣ୍ଣ ମନୋଭାବ ବଢ଼ିଥାଏ । ଫଳରେ ଅଧିକରୁ ଅଧିକ ମଦ୍ୟପାନ କରି ସେ ନିଶାବ୍ୟାଧିଗ୍ରସ୍ତ ହୋଇପଡ଼େ । "ବୁଡ଼ିଗଲ ଗୋଡ଼ ତଳକୁ ତଳକୁ"—ଏହି ଉକ୍ତିର ଯଥାର୍ଥତା ଉପଲବ୍ଧି କରିବାବେଳକୁ ମଦ ଛାଡ଼ିବାକୁ ସେ ଅକ୍ଷମ ଓ ଅସହାୟ ହୋଇପଡ଼େ ଓ ସେଥିରୁ ସହଜରେ ଆଉ ନିବୃତ୍ତ ହୋଇପାରେ ନାହିଁ ।

ମଦ୍ୟ ପାନର ଅପକାରିତା

ମଦ ଗ୍ରହଣୀ ଓ କ୍ଷୁଦ୍ରାନ୍ତ୍ର ଦ୍ୱାରା ଶୋଷିହୋଇ ରକ୍ତରେ ମିଶେ । ଶତକଡ଼ା ୯୦ ଭାଗ ମଦ ଯକୃତ ଦ୍ୱାରା ଖଣ୍ଡିତ ହୋଇ ଆସିଟାଲଡ଼ିହାଇଡ଼ରେ ପରିଣତ ହୁଏ । ଅବଶିଷ୍ଟ ୧୦ଭାଗ ନିଃଶ୍ୱାସପ୍ରଶ୍ୱାସ ଓ ପରିସ୍ରାରେ ନିଃସୃତ ହୁଏ । ଶରୀର ଅଧିକାଂଶ ଜୀବକୋଷରେ ଥିବା ଏନ୍‌ଜାଇମ୍ ଆଲଡ଼ିହାଇଡ୍ ଡ଼ିହାଇଡ୍ରୋଜେନେଜ ଦ୍ୱାରା ଏହା ଆସିଟେଟ୍‌ରେ ପରିଣତ ହୁଏ । ଏହି ଆସିଟେଟ୍ ସାଇଟ୍ରିକ ଏସିଡ୍‌ଚକ୍ରରେ ପ୍ରବେଶ କରି ଅଙ୍ଗାରକାମ୍ଳ ଓ ଜଳରେ ପରିଣତ ହୁଏ ।

ମଦର ପ୍ରଧାନ ଓ ମୁଖ୍ୟ କାର୍ଯ୍ୟ ହେଉଛି କେନ୍ଦ୍ରୀୟ ସ୍ନାୟୁ ସଂସ୍ଥାକୁ ଅବନତ କରି ରଖିବା । ମସ୍ତିଷ୍କର ସାମନା ଅଂଶଟି ଆମର ସ୍ମୃତି ଶକ୍ତିର ବାହକ । ଏହା ସୂକ୍ଷ୍ମ ବିଚାର, ହିତାହିତ ଜ୍ଞାନ ଓ ଆଚରଣ ନିୟନ୍ତ୍ରଣ କରେ । ଏହା ଫଳରେ ଆମ୍ଭେମାନେ କଥାବାର୍ତ୍ତା, ଆଚାର-ବ୍ୟବହାରରେ ସଂଯମୀ ହେଉ ଏବଂ ନାନା ଜଟିଳ ସମସ୍ୟା ଗୁଡ଼ିକର ସମାଧାନ କରିପାରୁ । ମାତ୍ର ମଦନିଶା ମସ୍ତିଷ୍କର ଏହି ଅଂଶଟିକୁ ଦୁର୍ବଳ କରି ପକାଏ । ଏହା ଫଳରେ ଆତ୍ମସଂଯମ ଜ୍ଞାନ, ସୂକ୍ଷ୍ମ ବିଚାର, ସିଦ୍ଧାନ୍ତ, କର୍ତ୍ତବ୍ୟବୋଧ ଏବଂ ସ୍ମୃତି ଶକ୍ତି ଲୋପ ପାଏ । ମଦ୍ୟପମାନେ ପ୍ରଗଳ୍ଭ ଓ ଅସଂଯତ କଥୋପକଥନରେ ନିମଗ୍ନ ରହନ୍ତି । ସ୍ନାୟୁ ପ୍ରକ୍ରିୟା

ଦୁର୍ବଳ ହେବାରୁ ସେମାନେ ଚାଲିଲାବେଳେ ଟଳ ଟଳ ହୁଅନ୍ତି । କଥା କହିଲାବେଳେ ପାଟି ଖନିବାକେ । ମଦ ପ୍ରଭାବରୁ ଲୋକ ନିଜର ବେଶଭୂଷା ପ୍ରତି ଯତ୍ନହୀନ, ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଅସାବଧାନ ଏବଂ ସତର୍କହୀନ ହୁଅନ୍ତି । ପରବର୍ତ୍ତୀ ଅବସ୍ଥାରେ ସେମାନେ ଖୁବ୍ ନିଦରେ ବା ସଂଜ୍ଞାହୀନ ହୋଇ ଯେକୌଣସି ସ୍ଥାନରେ ପଡ଼ିରହନ୍ତି । ସ୍ମୃତି ଶକ୍ତି ହ୍ରାସ, ଚିନ୍ତା ବିଭ୍ରମ । କୌଣସି ବସ୍ତୁକୁ ନିରୀକ୍ଷଣ କରି ଚାହିଁ ରହିଲେ ଆଖିଡୋଳା ଏପଟ ସେପଟ ହେବା (ନିଷ୍ଟାଗ୍‌ମସ୍), ସ୍ଥିର ଗତିରେ ଚାଲିନହେବା (ଆଟାକ୍‌ସିଆ) ଓ ଅପସ୍ମାର ଭଳି ବାତ ମାରିବା ଆଦି ଦେଖାଯାଏ । ମଦ୍ୟାସକ୍ତ ବ୍ୟକ୍ତି ଯଦି ଗୋଟିଏ ରାତି ମଦ ପିଇବାକୁ ନପାଏ, ସେ ଶୋଇ ପାରେ ନାହିଁ । ଅସ୍ଥିରତା ପ୍ରକାଶ କରେ । ମନରେ ଅହେତୁକୀ ଆଶଙ୍କା, ଆଖି ଆଗରେ କାଳ୍ପନିକ ବୀଭତ୍ସ ଦୃଶ୍ୟ ଏବଂ କାନରେ କାନରେ କାଳ୍ପନିକ ବିକଟାଳ ଶବ୍ଦ ଶୁଣାଯାଏ । ଆଙ୍ଗୁଠି ଓ ହାତଗୋଡ଼ ଥରେ । ମାତ୍ର ମଦପିଇ ଦେଲେ ଏସବୁ ଭଲେଇ ଯାଏ । ଏହାକୁ ମଦ୍ୟ ନିବୃତ୍ତି ରୋଗ ବା ଉଇଥ-ଡ୍ରଲ ସିଣ୍ଡ୍ରୋମ୍ କହନ୍ତି ।

ମଦ୍ୟପମାନେ ଅତି ସନ୍ଦେହୀ ଏବଂ ବେଳେବେଳେ ପ୍ରତିହିଂସା ପରାୟଣ ହୋଇ ଅମାନୁଷିକ କାଣ୍ଡ ଘଟାଇ ଥାନ୍ତି । ପ୍ରଥମେ ସେମାନେ ନିଜର ସ୍ତ୍ରୀ ଓ ପିଲାମାନଙ୍କୁ ସନ୍ଦେହ କରି ପାରିବାରିକ ଅଶାନ୍ତି ସୃଷ୍ଟି କରନ୍ତି । ଆତ୍ମହତ୍ୟା ପ୍ରବୃତ୍ତି ମଦ୍ୟପମାନଙ୍କ ମଧ୍ୟରେ ସାଧାରଣ ଲୋକଙ୍କ ତୁଳନାରେ ୮୬ ଗୁଣ ଅଧିକ ବୋଲି ଜଣାଯାଉଛି ।

ସ୍ୱାସ୍ଥ୍ୟ ବିଭାଗ ପରେ ମଦର କୁ ପ୍ରଭାବ ଚର୍ବି ଜାତୀୟ ଖାଦ୍ୟ, ପରିପାକ କ୍ରିୟା ଉପରେ ପ୍ରତ୍ୟକ୍ଷ ଭାବେ ଅନୁଭୂତ ହୁଏ । ମଦ ଖାଦ୍ୟର କାର୍ଯ୍ୟ କରି କିଛି ଶକ୍ତି ଯୋଗାଏ ସତ, ମାତ୍ର ଏଥିରେ କୌଣସି ଜୀବନିକା, ପୁଷ୍ଟିସାର ବା ଧାତବ ଲବଣ ନ ଥାଏ । ଅତ୍ୟଧିକ ମଦ୍ୟପାନ ଯୋଗୁଁ ଶରୀରର ମେଦ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଖାଦ୍ୟ ପ୍ରାଣ 'ଖ' ଓ 'ଗ' (ଭିଟାମିନ୍ 'ବି' କଂପଲେକ୍ସ ଓ ଭିଟାମିନ୍ 'ସି') ଅଭାବରୁ ସ୍ୱାସ୍ଥ୍ୟ ହାନି ଘଟେ । ଦେହ ରକ୍ତହୀନ ହୋଇଯାଏ । ମାଂସପେଶୀଗୁଡ଼ିକ ଶକ୍ତିହୀନ ହେବା ସଙ୍ଗେ ସଙ୍ଗେ ଶୋଷାବିନ୍ଧା ଓ ଦରଜ ହୁଏ । ଏପରିକି ହାତ ଓ ଗୋଡ଼ ସରୁ ହୋଇଯାଏ ।

ମଦ ଯକୃତରେ ଚର୍ବି ଜାତୀୟ ଖାଦ୍ୟ ପ୍ରଚୁର ପରିମାଣରେ ଜମା କରିଦିଏ । ବହୁ ପରିମାଣ ମଦ୍ୟପାନ ଫଳରେ ଯକୃତ ଚର୍ବିର ଗଚ୍ଛାଘରରେ ପରିଣତ ହୋଇ କାର୍ଯ୍ୟ କରିବାକୁ ଅକ୍ଷମ ହୁଏ । ଏହାକୁ ଚର୍ବିଳ ଯକୃତ କହନ୍ତି । ଶତକଡ଼ା ୧୦ ଭାଗ ମଦ୍ୟପଙ୍କର ଯକୃତରେ "ପେରି ପୋର୍ଟାଲ ନେକ୍ରୋସିସ୍ ଓ ଫାଇବ୍ରସ ରିପେଆର" ସୃଷ୍ଟି ହୋଇ ଥିବାର ପରୀକ୍ଷା କରି ଦେଖା ଯାଇଛି । ନିୟମିତ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ଯକୃତ୍ ପ୍ରଦାହ, ଯକୃତ ବୃଦ୍ଧି, କାମଳ ରୋଗ, ଜଳଉଦର ଓ ରକ୍ତ ବାନ୍ତି ଆଦି ରୋଗର ଶୀକାର ହେବାର ଦେଖା ଯାଉଥାଏ ।

ମଦ୍ୟପାନ ଯୋଗୁଁ ପାକସ୍ଥଳୀରେ କ୍ଷତ ସୃଷ୍ଟି ହୁ
କାରଣ ମଦ ଯୋଗୁଁ ବେଶୀ ପରିମାଣରେ ଲଘୁଲବଣା
ଓ ଗ୍ରାଷ୍ଟିନ୍ ପାଚକରସ ପାକସ୍ଥଳୀରେ କ୍ଷରିତ ହୋଇଥାଏ
ମଦ୍ୟପମାନେ ସାଧାରଣତଃ ଭୋଜନ ପୂର୍ବରୁ କି
ଯେ କୌଣସି ସମୟରେ ମଦ୍ୟପାନ କରିଥାନ୍ତି । ଏ
କାରଣରୁ ଅତ୍ୟଧିକ ପାଚକରସ କ୍ଷରିତ ହୋଇ ପା
ସ୍ଥଳୀରେ କ୍ଷତ ସୃଷ୍ଟି ହୋଇଥାଏ ।

ପାଟି ଏବଂ ଗଳନଳୀର କର୍କଟ ରୋଗ ସାଧାରଣ ଲୋ
ତୁଳନାରେ ମଦ୍ୟପମାନଙ୍କ ମଧ୍ୟରେ ଅଧିକ ପରିମାଣରେ
ପରିଲକ୍ଷିତ ହୋଇଥାଏ । ରକ୍ତରେ ସ୍ନେହାମ୍ଳ, କୋଲେ
ଷ୍ଟ୍ରଲ, ୟୁରିକ୍ ଏସିଡ୍ ଆଦି ବୃଦ୍ଧିଲାଭ କରେ । ଏହିସବ
ଅନିଷ୍ଟକାରୀ ଉପାଦାନ ଯକୃତ୍, ହୃତ୍‌ପିଣ୍ଡ ଓ ବୃକ୍କରେ
ଜମି ଯାଇ ଯଥାକ୍ରମେ ଯକୃତ୍ ପ୍ରଦାହ, ବେରି ବେ
ହୃତ୍‌ପିଣ୍ଡର ସ୍ପନ୍ଦନ ଓ ହୃତ୍‌ପିଣ୍ଡ ମାଂସପେଶ
ମଧ୍ୟରେ ରକ୍ତ ସଂଚାଳନର ବ୍ୟାଘାତ ସୃଷ୍ଟି ହୋଇଥାଏ
ମଦ ହୃତ୍‌ପିଣ୍ଡର ପେଶୀକୁ ନଷ୍ଟ କରି "କାର୍ଡ଼ିଓ ମାଓପାଥି
ରୋଗ ସୃଷ୍ଟି କରେ । କେତେକ କ୍ଷେତ୍ରରେ ରକ୍ତଚା
ବୃଦ୍ଧି ହେବାର ଦେଖାଯାଏ । ପରିଶେଷରେ ହଠାତ
ହୃତ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇ ମୃତ୍ୟୁ ଘଟିଥାଏ ।

'ପାନକ୍ରିୟାଙ୍ଗ'ରେ ପ୍ରଦାହ ଏବଂ ପଥର ଜମିବା
ଫଳରେ ବହୁମୂତ୍ର, ବଦ ହଜମି ସହ ବହୁବାର ପତଳା
ଝାଡ଼ା ହେବା (ଷ୍ଟିଆଟୋରିଆ) ଲକ୍ଷଣ ପ୍ରକାଶ ପାଇଥାଏ ।

ମଦ୍ୟପାନ ଯୋଗୁଁ ମସ୍ତିଷ୍କ ମଧ୍ୟରେ ଥିବା ପୋଷ୍ଟିରୀୟ
ପିଟୁଟାରୀ ଗ୍ରନ୍ଥିରୁ କମ୍ ପରିମାଣରେ ଆଣ୍ଟି ଡାଇରେ-
ଟିକ୍ ହରମୋନ୍ କ୍ଷରଣ ଯୋଗୁଁ ବେଶୀ ପରିମାଣରେ
ପରିସ୍ରା ହୋଇଥାଏ ।

ଶ୍ୱେତ ରକ୍ତକଣିକା ଶରୀର ରକ୍ଷାକାରୀ ସୈନିକ
ଅଟେ । ମଦ୍ୟପାନ ଶ୍ୱେତ ରକ୍ତକଣିକାର ଗତି ଓ ଅଭି-
ବୃଦ୍ଧିରେ ପ୍ରତିବନ୍ଧକ ସୃଷ୍ଟି କରେ । ଫଳରେ ଯେ କୌଣସି
ରୋଗ ଜୀବାଣୁ ମଦ୍ୟପମାନଙ୍କଠାରେ ପ୍ରବେଶ କରନ୍ତି ।
ଏହି କାରଣରୁ ମଦ୍ୟପମାନଙ୍କୁ ଅନେକ କ୍ଷେତ୍ରରେ ଯକ୍ଷ୍ମା
ରୋଗ ହେବାର ମଧ୍ୟ ଦେଖାଯାଉଥାଏ ।

ଅନେକ ଲୋକଙ୍କର ଭୁଲ ଧାରଣା ଯେ ମଦ କାମଶକ୍ତି ବୃଦ୍ଧି କରାଏ । ମାତ୍ର ମଦଯୋଗୁଁ କାମ ଉତ୍ତେଜନା ସୃଷ୍ଟି ହେଲେ ବି ପ୍ରକୃତ ସମ୍ଭୋଗ କ୍ରିୟାକୁ ଏହା ହ୍ରାସ କରିଦିଏ ।

ବହୁଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ବ୍ୟବହାର ଓ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ହୁଏ । ସେମାନଙ୍କର ନୈତିକତା ହ୍ରାସ ପାଇ ଯିବାରୁ ନିଜର ବ୍ୟବହାର ଦ୍ୱାରା ସେମାନେ ସମାଜରେ ଏକ ବିପଦ ରୂପେ ଦେଖା ଦିଅନ୍ତି । ସେମାନଙ୍କର ଚେତନା ଓ ଆତ୍ମସମ୍ମାନ ଜ୍ଞାନ କ୍ଷୁର୍ଣ୍ଣ ହୋଇ ଯିବାରୁ ସେମାନେ ନିଜର ସାମାଜିକ ବ୍ୟବହାର ଠିକ୍ ରଖି ପାରନ୍ତି ନାହିଁ ।

ବିଶିଷ୍ଟ ଚିକିତ୍ସକ ଉଲିୟମ୍ ସେଲରଙ୍କ ଭାଷାରେ– "ମଦ ଲୋକଙ୍କ କାର୍ଯ୍ୟଦକ୍ଷତା ବଢ଼ାଇବା ପରିବର୍ତ୍ତେ ତାମକୁ ଲକ୍ଷହୀନ ଭାବରେ ପରିଗ୍ଳିତ କରିଥାଏ ।" ବାସ୍ତବିକ୍ ଏହାଁ ପ୍ରଣିଧାନର ବିଷୟ ।

ପ୍ରତିଷେଧ –ମଦ୍ୟପାନ ନିରୋଧ ପାଇଁ ଶରୀର ଏବଂ ମନ ଉପରେ ଏହାର ଦୁଷ୍ପ୍ରଭାବଗୁଡ଼ିକୁ ଜନସାଧାରଣ ବିଶେଷ କରି ଯୁବକମାନଙ୍କ ମଧ୍ୟରେ ବ୍ୟାପକ ଭାବରେ ପ୍ରସ୍ତୁତ କରିବାକୁ ହେବ । ମଦ୍ୟପମାନଙ୍କ ପ୍ରତି କ୍ରମଶଃ ଆମର ଦୃଷ୍ଟିଭଙ୍ଗୀ ଯେପରି ଅଧିକରୁ ଅଧିକତର ସହନଶୀଳ ହେଉଛି, ତାହା ସମାଜରେ ମଦ୍ୟପମାନଙ୍କ ସଂଖ୍ୟା ବୃଦ୍ଧିରେ ସାହାଯ୍ୟ କରୁଛି । ଚୀନ ଦେଶ ସମାଜରେ ମାତାଲ ବ୍ୟବହାରକୁ ନାପସନ୍ଦ କରୁଥିବାରୁ ଚୀନରେ ମାତାଲ ଦେଖା ଯାଆନ୍ତି ନାହିଁ । ମାତ୍ର ଆମ ସମାଜରେ ଆମେ ଯାତ୍ରା ଥିଏଟର ବା ସିନେମାରେ ମାତାଲ ଅଭିନୟ ଦେଖିଲେ ଆନନ୍ଦ ଏବଂ କୌତୁହଳ ଅନୁଭବ କରୁ । କେହି ମଦ ପିଇ ରାସ୍ତା କଡ଼ରେ ପଡ଼ିଥିଲେ ଆମେ ଆମର ସାମାଜିକ ଦାୟିତ୍ୱ ଏଡ଼ାଇ ଦେଇ ହସି ଦେଇ ଚାଲିଯାଉ । ଏଭଳି ମତିଗତି ପରିହାର କରି ମଦ୍ୟପମାନଙ୍କୁ ନ୍ୟୂନ ଓ ଘୃଣା ଚକ୍ଷୁରେ ଦେଖିବା ଉଚିତ୍ ।

ଇଂଲଣ୍ଡ ଓ ଆମେରିକା ଭଳି ପାଶ୍ଚାତ୍ୟ ଦେଶରେ ମଦ୍ୟପମାନଙ୍କୁ ମଦ୍ୟ ପାନରୁ ନିବୃତ କରାଇବା ପାଇଁ ବେସରକାରୀ ସେବା ସଂସ୍ଥାମାନ ଗଠନ କରାଯାଇଛି । ବିଶିଷ୍ଟ ସମାଜସେବୀ, କବି, ଲେଖକ, ସାମ୍ବାଦିକ, ଅଧ୍ୟାପକ, ରାଜନୀତିଜ୍ଞ ଆଦି ସବୁ ଶ୍ରେଣୀର ଲୋକେ ଏହି ସଂସ୍ଥାର ସଭ୍ୟ । ଏହି ସଂସ୍ଥା ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କୁ ବାରମ୍ବାର ବୁଝାଇ ଓ ଉପଯୁକ୍ତ ଚିକିତ୍ସା କରାଇ ମଦ୍ୟପାନ ପରିତ୍ୟାଗ କରାଇବାରେ ସକ୍ଷମ ହୁଅନ୍ତି । ଏହି ସଂସ୍ଥାକୁ "ଆଲକୋହଲିକ୍ ଏନୋନିମସ୍" ବା ସାର୍ବଜନୀନ ମଦ୍ୟ ନିରୋଧ ସଂସ୍ଥା କୁହାଯାଏ ।

ଚିକିତ୍ସା :–ମଦର ଉତ୍ପାଦନ, ବଣ୍ଟନ ଇତ୍ୟାଦି କିପରି ନିଷିଦ୍ଧ କରାଯିବ ତାହା ମୁଁ ଏଠାରେ ଆଲୋଚନା କରିବାକୁ ଯାଉନାହିଁ ; ମାତ୍ର ଜଣେ ଚିକିତ୍ସକ ହିସାବରେ ଆମକୁ ଯେଉଁ କେତେକ ପଦକ୍ଷେପ ନେଇ ମଦ ଅଭ୍ୟାସ ପରିତ୍ୟାଗ କରିହେବ ; ତାହା ଆଲୋଚନା କରୁଛି । ଆରମ୍ଭରୁ ମୁଁ କହି ରଖେ ଯେ ଏପରି କିଛି ଔଷଧ ନାହିଁ ଯାହା ଖୁଆଇ ମଦ ଅଭ୍ୟାସ ଛଡ଼ାଇ ହେବ । ଏଥିପାଇଁ ମଦ୍ୟପାନ କରୁଥିବା ବ୍ୟକ୍ତିର ଦୃଢ଼ ଆତ୍ମ ସଂକଳ୍ପ ଓ ତା'ର ବନ୍ଧୁବାନ୍ଧବମାନଙ୍କର ସମ୍ବେଦନଶୀଳ ସହଯୋଗ ଏକାନ୍ତ ଆବଶ୍ୟକ । ପାରିବାରିକ ଏବଂ ସାମାଜିକ ପରିବେଶର ଉନ୍ନତି ଫଳରେ ମଦ୍ୟପାନରୁ ନିବୃତ ହେବା ସହଜସାଧ୍ୟ ଓ ସୁଗମ ହେବ । ଡ଼ାକ୍ତରୀ ଚିକିତ୍ସା ଏକ ଅବଲମ୍ବନ ମାତ୍ର ।

ସାଧାରଣତଃ ମଦ୍ୟପମାନେ ପୁଷ୍ଟିସାରହୀନ ହୋଇଥାଆନ୍ତି । ଏମାନଙ୍କର ସାଧାରଣ ସ୍ୱାସ୍ଥ୍ୟର ଏକ ଯଥାଯୁକ୍ତ ଉନ୍ନତି ନ ଘଟିଲେ ସେମାନେ ମଦ ଛାଡ଼ିବାକୁ ମନ ବଳାଇବେ ନାହିଁ । ମଦ୍ୟପମାନଙ୍କୁ ହଠାତ୍ ଓ ସବୁଦିନ ପାଇଁ ମଦ ବନ୍ଦ କରିବାକୁ ସଂକଳ୍ପବଦ୍ଧ ହେଲେ ଚିକିତ୍ସାର କିଛି ମୂଲ୍ୟ ଅଛି ।

ମଦ୍ୟ ନିବୃତ୍ତି ଜନିତ ଯେଉଁ ଅସ୍ୱାଭାବିକ ଲକ୍ଷଣ ତଥା ଶରୀର ପୀଡ଼ା, ମନର ଅସ୍ଥିରତା, ନିଦ୍ରାହୀନତା ଆଦି ଦେଖା ଦେଇଥାଏ, ସେଥିପାଇଁ କିଛି ନିଦ ଔଷଧ ବା ମାନସିକ ସ୍ଥିରତା ରକ୍ଷାକାରୀ ଔଷଧ (ଟ୍ରାଙ୍କୁଲାଇଜର-) ଦିଆଯାଏ । ମାତ୍ର ଏସବୁ ଔଷଧ ଖୁବ୍ ଅଳ୍ପ ଦିନ ମଧ୍ୟରେ ଧୀରେ ଧୀରେ ବନ୍ଦ କରିବାକୁ ହେବ । ନଚେତ୍ ମଦ ପରିବର୍ତ୍ତେ ଔଷଧ ଏକ ଅଭ୍ୟାସରେ ପରିଣତ ହେବାର ଆଶଙ୍କା ରହିଛି । ମାନସିକ ବିକାରଗୁଡ଼ିକର ଉପଯୁକ୍ତ ମାନସିକ ଚିକିତ୍ସା ଆବଶ୍ୟକ ।

ମଦ୍ୟପାନ ପ୍ରତି ଅରୁଚି ପ୍ରକାଶ କରିବା ନିମନ୍ତେ ମଦ୍ୟ ସହିତ କେତେକ ଔଷଧ ମିଶାଇ ଦେଲେ ତାହା ମଦ୍ୟପାନ ପ୍ରତି ଅରୁଚି, ଭୟ ଦେଖାଇବା ସଙ୍ଗେ ସଙ୍ଗେ ବାନ୍ତି କରାଇ ଥାଏ । ତେଣୁ ମଦ୍ୟପାନ ପ୍ରତି ଘୃଣା ଜାତ ହୁଏ । ଏହି ଧରଣର ଔଷଧ ହେଲା–ସାଇଟ୍ରେଟେଡ୍ କାଲସିୟମ କାରବାଇଡ୍ ଏଣ୍ଟାବୁଜ୍ ଓ ଡାଇସଲଫିରାମ୍ । ଏହିସବୁ ଔଷଧ ଅଭାବରେ ମଦରେ ମେଟ୍ରୋନିଡାଜୋଲ ମିଶାଇ ଦେଲେ ଦେହରେ ପୋକ ଚାଲିବା ଓ ପୋକ କାମୁଡ଼ିବାର ଅନୁଭୂତି ସୃଷ୍ଟି ହୁଏ ।

ଅନ୍ୟ ଏକ ଉପାୟ ହେଉଛି ମଦ୍ୟପାନର ଅବ୍ୟବହିତ ପରେ ଡାକ୍ତର ତାକୁ ଏକ ବାନ୍ତି କରିବା ଇଂଜେକସନ୍ ଦିଅନ୍ତି କିମ୍ବା ତାକୁ ଏକ ପ୍ରକାର ବିଦ୍ୟୁତ୍ ସ୍ପନ୍ଦନ (ଇଲେକଟ୍ରିକ୍ ସକ୍) ଦିଆଯାଏ । ଏହା ଫଳରେ ମଦ୍ୟପାନ ପ୍ରତି ତା'ର ମନରେ ସଦା ସର୍ବଦା ଭୟ ଜାତ ହୁଏ ।

ଭେଷଜ ବିଶାରଦ
ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା,
କୋରାପୁଟ

# ସମବାୟ ଭିତ୍ତିରେ ସାହିତ୍ୟ ସେବା ଓ ପୁସ୍ତକ ପ୍ରକାଶନ

ଶ୍ରୀ ଉପେନ୍ଦ୍ର ନାଥ ହୋତା

ସମବାୟ ଆନ୍ଦୋଳନର ପ୍ରାରମ୍ଭରୁ କୃଷିଜାତ ଦ୍ରବ୍ୟ, ବନଜାତ ଦ୍ରବ୍ୟ, ବସ୍ତୁତାତ୍ତ୍ୱିକ ଓ ପ୍ରାକୃତିକ ଉପାଦାନଗୁଡ଼ିକୁ ନେଇ ବ୍ୟାବସାୟିକ ଭିତ୍ତିରେ ପ୍ରଗତି ପଥରେ ଆଗେଇ ଚାଲିବା ମାନବ ସମାଜର ଏକ ଅବଲମ୍ବନ ରୂପେ ଗୃହୀତ ହୋଇ ଆସୁଛି । ହଠାତ୍ ସାହିତ୍ୟ କ୍ଷେତ୍ରରେ ସମବାୟ ଉଦ୍ୟମର ସୂଚନାକୁ ଅନୁଶୀଳନ କଲେ ଯେ କେହି ବିସ୍ମିତ ହେବେ । ସଂଖ୍ୟାଧିକ ଲେଖକ ଓ ସାହିତ୍ୟିକ ନିଜ ନିଜର ପ୍ରତିଭାକୁ ଯଥାର୍ଥ ଭାବରେ ପ୍ରକାଶ କରିବା ପାଇଁ ସୁଯୋଗ ଓ ପ୍ରେରଣା ପାଉ ନଥିବାରୁ ନୂତନ ଆଭିମୁଖ୍ୟ ନେଇ ସମ୍ପ୍ରତି ସମବାୟ ଭିତ୍ତିକ ସାହିତ୍ୟ ସାଧନାର ପରିକଳ୍ପନା କରାଯାଉଛି । ସମାଜରେ ବାସ୍ତବ ପ୍ରତିଭାକୁ ଯଥେଷ୍ଟ ସମ୍ମାନ ଦେବାରେ ବହୁ ପ୍ରତିବନ୍ଧକ ସୃଷ୍ଟି ହେଉଥିବାରୁ ବୁଦ୍ଧିଜୀବୀ ଲେଖକଗଣ ଏହି ନୂତନ ସଂଗଠନ ମାଧ୍ୟମରେ ନିଜ ନିଜର ଲୁକ୍କାୟିତ ସାରସ୍ୱତ ପ୍ରତିଭାକୁ ଜନସମାଜ ସମ୍ମୁଖରେ ଯଥାର୍ଥ ଭାବରେ ଉପସ୍ଥାପିତ କରିବା ପାଇଁ ବଦ୍ଧପରିକର ହୋଇ ଉଠିଛନ୍ତି ।

ମଧ୍ୟ ଯୁଗର ରାଜକୀୟ ପୃଷ୍ଠପୋଷକତା ଯେପରି ଏକ ମୁଷ୍ଟିମେୟ ସଭାସଦଙ୍କୁ କବି, ପଣ୍ଡିତ, ଲେଖକ ଇତ୍ୟାଦି ଆସନରେ ଅଧିଷ୍ଠିତ କରି ପାରିଥିଲା, ବର୍ତ୍ତମାନ ଠିକ ସେହିପରି ସମାଜର କେତେକ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କର ଆର୍ଥିକ ନିୟନ୍ତ୍ରଣ ଦ୍ୱାରା ଉଦୀୟମାନ ବାସ୍ତବ ପ୍ରତିଭା ବିକାଶଲାଭ କରି ପାରୁ ନାହିଁ । ଶସ୍ତା ପ୍ରଚାର କୌଶଳ ଏବଂ କେତେକ ପ୍ରକାଶକଙ୍କର ପୃଷ୍ଠପୋଷକତା ବଳରେ ଅନେକ ଲେଖକ ଆଜି ସାହିତ୍ୟ ଜଗତରେ ନିଜ ନିଜର ମନୋମୁଖୀ ଅବାସ୍ତବ ଓ ଅପରିପକ୍ୱ ଚିନ୍ତାଧାରା ପରିବେଷଣ କରିବାରେ ଲାଗିଛନ୍ତି । ଉଦାହରଣ ସ୍ୱରୂପ କୌଣସି ବ୍ୟକ୍ତି ଦୁର୍ବୋଧ୍ୟ କେତେପଦ କବିତା କିମ୍ବା ଅମିତ୍ରାକ୍ଷର ଛନ୍ଦ ଲେଖି ଆଜି ବିଶିଷ୍ଟ କବି ରୂପେ ପରିଚିତ ହେଲେଣିତ, ଆଉ କେହି ବିଭିନ୍ନ ଭାଷାର ପୁସ୍ତକକୁ ଅନୁକରଣ କରି ବିଶିଷ୍ଟ ସାହିତ୍ୟିକ ପଦବାଚ୍ୟ ହେଲେଣି । ବଣମଲ୍ଲୀ ବଣରେ ଫୁଟି ଝାଉଁଳିଗଲା ଭଳି ସୁସାହିତ୍ୟିକଗଣ ଆର୍ଥିକ କାରଣରୁ ନିଜ ନିଜର ଲିଖିତ ପାଣ୍ଡୁଲିପି ପ୍ରକାଶନର ସୁଯୋଗ ନ ପାଇ ଜୀବଦ୍ଦଶାରେ ସାହିତ୍ୟ ସେବାରେ ଉତ୍ସାହିତ ହୋଇ ପାରୁନାହାନ୍ତି । ଏଥି ପୂର୍ବରୁ ଆମ ଭାରତବର୍ଷର କେରଳ ତାମିଲନାଡୁ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ପ୍ରଭୃତି କେତେକ ରାଜ୍ୟରେ ସମବାୟ ଭିତ୍ତିରେ ସାହିତ୍ୟ ସେବା କରାଯିବା ପାଇଁ ଓ ଦୁଃସ୍ଥ ଲେଖକମାନଙ୍କୁ ଉତ୍ସାହିତ କରିବାପାଇଁ ରାଇଟର୍ସ କୋ-ଅପରେଟିଭ୍ ସୋସାଇଟିମାନ ଗଢ଼ା ହୋଇଛି ଓ ସେ ସମସ୍ତ ରାଜ୍ୟମାନ ସାହିତ୍ୟର ବିକାଶ ପଥରେ ଆଗେଇ ଚାଲିଛନ୍ତି । ଏବେ କେତେକ ରାଜ୍ୟରେ ମଧ୍ୟ ଆଞ୍ଚଳିକ ଭାଷାକୁ ସରକାରୀ ଭାଷାରୂପେ ପ୍ରଚଳନ କରାଗଲଣି । ମାତୃ ଭାଷାର ଉନ୍ନତି ପାଇଁ ଆମ ପୂର୍ବାଗ୍ରଜମାନଙ୍କର ମହତ୍ ବାଣୀକୁ ସ୍ମରଣ ରଖି ଆଜି ଆମେ ସାହିତ୍ୟ ସାଧନାରେ ଅଗ୍ରସର ହେବାର ବେଳ ଆସିଛି । ସେମାନେ କହି ଯାଇଛନ୍ତି :

"ବଡ଼ ହେବାପାଇଁ କର ଯେବେ ଆଶା
ବଡ଼କର ଆଗ ନିଜ ମାତୃ ଭାଷା ।

× × × × ×

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବ ତାଙ୍କୁ ଭକ୍ତିରେ ଦିବସ ରଜନୀ ।"

ନଗ୍ନ ଚିତ୍ର ସହିତ ଅଶ୍ଳୀଳ ଚିନ୍ତାଧାରାକୁ ନେଇ ଯଦି ଆମେ ଆଜି କୌଣସି ପୁସ୍ତକ ପ୍ରକାଶ କରିବାକୁ ଯିବା ତେବେ ଆଜିର ଯୁବ ସମାଜ ତାର କୁପରିଣାମ ଭୋଗ

ଜନିବେ । ଏହାଦ୍ୱାରା ହୁଏତ ପ୍ରକାଶକ କିମ୍ବା ବ୍ୟବସାୟୀ-ଲେଖକ ଲାଭବାନ ହୋଇ ଯାଉଛନ୍ତି, ମାତ୍ର ଜନସାଧାରଣଙ୍କର ଏଥିରେ ନିଶ୍ଚିତଭାବେ କ୍ଷତି ହେବ । ଏଣୁ ସମାଜର ଏତାଦୃଶ କ୍ଷତି ପାଇଁ ଲେଖକମାନେହିଁ ଦାୟୀ । ଟିକିଏ ଚିନ୍ତାକରି ଦେଖିଲେ ଜଣାଯିବ ଯେ, ଏ ପ୍ରକାର ସାହିତ୍ୟ ସୃଷ୍ଟି ପ୍ରକୃତ ସାହିତ୍ୟ ପଦବାଚ୍ୟ ନୁହେଁ । ପ୍ରଥମତଃ ଏଥିରେ ନୈତିକ ଉନ୍ନତିର ମୂଲ୍ୟବୋଧ ନ ଥାଏ ଓ ଦ୍ୱିତୀୟରେ ଏହା ଲେଖକଙ୍କ ପ୍ରତିଭାର ଅବାସ୍ତବ ଉପଯୋଗ ! ଯେଉଁ ଦେଶ ମାତୃଜାତି ଓ ମାତୃଭାଷାର ଯେତେ ଅଧିକ ସମ୍ମାନ ବଢ଼ାଇ ପାରିଛି, ସେ ଦେଶ ସେତେ ଉନ୍ନତ । ଜର୍ମାନୀର ଶାସକ ହିଟ୍‌ଲରଙ୍କ ସମୟରେ ତାଙ୍କର ଉପଦେଷ୍ଟା ଗୋଏବଲସ୍ ତାଙ୍କୁ ଅତ୍ୟନ୍ତ ତୋଷାମଦ କରି ଯେପରି ବିଭ୍ରାନ୍ତିକର ତଥ୍ୟମାନ ଯୋଗାଉଥିଲେ, ତାହା ହୁଏତ ସେତେବେଳେ ତାଙ୍କୁ ଭଲ ଲାଗୁଥିବ, କିନ୍ତୁ ପରୀକ୍ଷାର ଠିକ୍ ପୂର୍ବ ମୁହୂର୍ତ୍ତରେ ଗୋଏବ୍‌ଲସ୍‌ଙ୍କର ଉପଦେଶ କୌଣସି କାର୍ଯ୍ୟରେ ଆସି ନଥିଲା । ଆଜିର ଶସ୍ତା ଉପନ୍ୟାସ ଓ ଅଶ୍ଳୀଳ ରଚନା ହୁଏତ ଏ ମୁହୂର୍ତ୍ତରେ ଲେଖକ, ପ୍ରକାଶକ ଓ ଅସଂଯତ ପାଠକ ଗୋଷ୍ଠୀଙ୍କୁ ଭଲ ଲାଗିପାରେ କିନ୍ତୁ ପ୍ରତିଭା ଓ ବ୍ୟକ୍ତିତ୍ୱର ବାସ୍ତବ ପରୀକ୍ଷା ସମୟରେ ଏସବୁ କୌଣସି କାମରେ ଲାଗିବ ନାହିଁ । ଏହିପରି କେତେକ ଚିନ୍ତାଧାରାକୁ ଆଖି ଆଗରେ ରଖି ଏହି ସମବାୟଭିତ୍ତିକ ସାହିତ୍ୟ ବିକାଶ ପରିକଳ୍ପନାରେ ଆଜି ସାହିତ୍ୟର ଚିରନ୍ତନ ମୂଲ୍ୟବୋଧକୁ ଅଗ୍ରାଧିକାର ଦିଆ ଯିବାର ସମୟ ଆସିଛି । ତାହା ଅର୍ଥ ନୁହେଁ ଯେ ଏ ସମବାୟ ସଙ୍ଗଠନ କେବଳ ଏକ ନୈତିକ ବା ଧାର୍ମିକ ଅନୁଷ୍ଠାନ । ସମାଜର ବିଭିନ୍ନ ସ୍ତରରେ ଘଟୁଥିବା ଅନେକ ମୌଳିକ ସମସ୍ୟା ଯଥା—ଅର୍ଥନୈତିକ, ରାଜନୈତିକ, ଆଧ୍ୟାତ୍ମିକ, ଦାର୍ଶନିକ, ପାରମାର୍ଥିକ, ବୈଜ୍ଞାନିକ, ସାଂସ୍କୃତିକ, ଐତିହାସିକ, ଭୌଗୋଳିକ ଓ ଯୌଗିକ ଆଦି ବିଭିନ୍ନ ସମସ୍ୟାକୁ ନେଇ ପ୍ରବନ୍ଧ, କବିତା, ନାଟକ, ଗଳ୍ପ, ଉପନ୍ୟାସ, ଗବେଷଣାତ୍ମକ ରଚନା, ଲଳିତ ରଚନା, ହାସ୍ୟରସାତ୍ମକ ରଚନା, ବୈଷୟିକ, ଅର୍ଥନୈତିକ, ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଭାବପରିପୂର୍ଣ୍ଣ ଚିନ୍ତାଶୀଳ ସାହିତ୍ୟ ପ୍ରକାଶ କରିବା ଏହି ସମବାୟ ଅନୁଷ୍ଠାନର ପ୍ରଧାନ ଲକ୍ଷ୍ୟ । ଏହା ବ୍ୟତୀତ ରଚନା ଶୈଳୀର ଅଭିବୃଦ୍ଧିରେ ପ୍ରେରଣା ଦେବାପାଇଁ ଏବଂ ଦୁଃସ୍ଥ ଲେଖକ ତଥା କବିଗଣଙ୍କର ଏତାଦୃଶ ସାହିତ୍ୟ ସେବାଭାବାତ୍ମକ ଉତ୍ସାହକୁ ଦ୍ୱିଗୁଣିତ କରି ସ୍ୱାର୍ଥପର ବ୍ୟବସାୟୀ-ଲେଖକ ଗୋଷ୍ଠୀ ଓ ଫାଇଦାଖୋର ଅର୍ଥଲୋଲୁପୀ ପ୍ରକାଶକ ଗୋଷ୍ଠୀଙ୍କର ଲାଭଖୋର ମନୋବୃତ୍ତି ମୂଳରେ କୁଠାରାଘାତ କରିବାପାଇଁ ଆଜି ଲେଖକକୁ ଜାଗ୍ରତ ହେବାକୁ ପଡ଼ିବ । ଏ ସଙ୍ଗଠନ ମାଧ୍ୟମରେ ଏପରି ନୀତିଗତ ଜାଗରଣ ଆଣିବାକୁ ପଡ଼ିବ, ଯେପରିକି ଜଣେ ଲେଖକ ପ୍ରତିଷ୍ଠା ଲାଭକଲାପରେ ଅନ୍ୟ ଉତ୍ସାହୀ ଲେଖକଙ୍କର ଉନ୍ନତି ପାଇଁ ସେ ସବୁଦିଗରୁ ସାହାଯ୍ୟ କରି ପାରେ । ଏହାହିଁ ହେବ ପ୍ରକୃତରେ ସମବାୟ ସୂତ୍ରରେ ସାହିତ୍ୟ ତଥା ଉତ୍କଳ ଭାରତୀଙ୍କ ସେବା । କେରଳରେ ଏହି ପ୍ରକାର ସମବାୟ ସମିତି ବିଗତ ୨୦ ବର୍ଷ ତଳେ ପ୍ରତିଷ୍ଠିତ ହୋଇଥିଲା । ଏବେ ଏହା ଭାରତର ଏକ ଅଗ୍ରଗଣ୍ୟ ଅନୁଷ୍ଠାନ ରୂପେ ଖ୍ୟାତି ଲାଭ କରିଛି । ଏହି ଅନୁଷ୍ଠାନର ବାର୍ଷିକ ପୁସ୍ତକ ପ୍ରକାଶନ ବର୍ତ୍ତମାନ ୨,୦୦୦ ଓ ଏହାଦ୍ୱାରା ଲେଖକମାନେ ଯଥେଷ୍ଟ ପାରିଶ୍ରମିକ ପାଇପାରୁଛନ୍ତି । ତଥାପି ଆମ ଓଡ଼ିଆ ଲେଖକଭାଇଙ୍କର ମୋହନିଦ୍ରା ଭାଙ୍ଗୁନାହିଁ । ସେ ଭାବୁଛି ମୁଁ ନିଜେ ଲବ୍ଧପ୍ରତିଷ୍ଠ ହେଲେ ଓ ମୋ ନିଜ ପରିବାର କୌଣସି ପ୍ରକାର ଚଳିଗଲେ ଗଲା । ଅନ୍ୟ କଥା କିଏ ପଚାରେ ?

ସମବାୟଭିତ୍ତିକ ସାହିତ୍ୟସାଧନାର ଇତିହାସ ଅନୁଶୀଳନ କଲେ ଜଣାଯାଏ ଯେ, ଅଷ୍ଟାଦଶ ଶତାବ୍ଦୀରେ କେତେକ ଫରାସୀ, ଇଂରେଜ ଓ ଜର୍ମାନ୍ ଚିନ୍ତକଙ୍କର ପ୍ରବର୍ତ୍ତନାରେ ଯେଉଁ "ଗୋଷ୍ଠୀ ସମାଜବାଦ" ବା ଗିଲ୍‌ଡ୍ ସୋସିଆଲିଜିମ୍‌ର ଚିନ୍ତାଧାରା ସୃଷ୍ଟି ହୋଇଥିଲା, ତାହାର ପରିଣାମ ସ୍ୱରୂପ ସେ ସବୁ ଦେଶରେ ଶତାଧିକ ଲେଖକ-ଗୋଷ୍ଠୀ "ରାଇଟର୍ସ ଗିଲ୍‌ଡ୍" ପ୍ରତିଷ୍ଠା କରାଯାଇ ଥିଲା । କ୍ରମଶଃ ଅନ୍ୟାନ୍ୟ ଦେଶ ଏହି ଗୋଷ୍ଠୀ ଚେତନାକୁ ଗ୍ରହଣ କଲେ । ଓଡ଼ିଶାରେ ମଧ୍ୟ ଏଥି ପୂର୍ବରୁ ଆର୍ତ୍ତବାବୁଙ୍କର ପ୍ରାଚୀ ସମବାୟ ସମିତି ପ୍ରଥମେ କିଛିଦିନ ଚାଲିଥିଲା । ପରେ ଶ୍ରୀଯୁକ୍ତ ଅନନ୍ତ ପ୍ରସାଦ ପଣ୍ଡା ଓ ଡକ୍ଟର ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ୧୯୪୭ରେ ସହଯୋଗ ସମିତି ଓ ପୁସ୍ତକ ପ୍ରକାଶନ ସଂସ୍ଥା ଗଠନ କରାଯାଇଥିଲା । ଏ ଅନୁଷ୍ଠାନ ପ୍ରଥମେ "ଉଦୟ" ନାମକ ଏକ ପତ୍ରିକା ପ୍ରକାଶନ କରିଥିଲେ ଓ ଏହି ସମିତି ଆନୁକୂଲ୍ୟରେ ଅଳ୍ପ କେତେକ ଓଡ଼ିଆ ପୁସ୍ତକ ପ୍ରକାଶ କରାଯାଇଥିଲା । ସହଯୋଗ ଅଭାବରୁ ପରେ ଏହାର ବିଲୟ ଘଟିଥିଲା । ଦ୍ୱିତୀୟଥର ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କ "ଲୟ ବିଲୟ" ଉପନ୍ୟାସ ପ୍ରକାଶ ପାଇଲା ପରେ ଏ ସମିତିଟି ମଧ୍ୟ ବିଲୟ ପ୍ରାପ୍ତହେଲା । ୧୯୫୬ ମସିହାଠାରୁ ଏ ପର୍ଯ୍ୟନ୍ତ ବହୁ ଉତ୍ସାହୀ ଲେଖକ ଏକ ଉନ୍ନତ ଧରଣର ଲେଖକ ସମବାୟ ସମିତି ଗଠନ କରିବା ପାଇଁ ବାରମ୍ବାର ଚେଷ୍ଟା କରି ଆସୁଥିଲେ । ଆଜି ଏହି ତୃତୀୟ ବାର ପ୍ରଚେଷ୍ଟା ରୂପରେଖ ନେଇ ଆତ୍ମ ପ୍ରକାଶ କରିଛି । ଦୀର୍ଘଦିନର ସ୍ୱପ୍ନ ଆଜି ବାସ୍ତବ ସତ୍ୟରେ ପରିଣତ ହୋଇଛି । ଏ ଲେଖକ ସମବାୟ ସମିତିର ବାଇ ଲ କେରଳ ଲେଖକ ସମବାୟ ସମିତି ବାଇ ଲ ପରି ଅତି ଉନ୍ନତ ଧରଣର ଓ ଆଭିମୁଖ୍ୟ ଅତି ମହତ୍ । ଏଣୁ ଲେଖକମାନଙ୍କୁ ଆଉ ପ୍ରକାଶକମାନଙ୍କ ଦ୍ୱାରା ପ୍ରତାରିତ ହେବାକୁ ପଡ଼ିବ ନାହିଁ କିମ୍ବା ସେମାନଙ୍କର ଦ୍ୱାରସ୍ଥ ହୋଇ ଅନୁଗ୍ରହର ପାତ୍ର ହେବାକୁ ପଡ଼ିବନାହିଁ । ଏହି ସମବାୟ ସମିତି ଶସ୍ତା ଦରରେ ଉପାଦେୟ ପୁସ୍ତକମାନ ପାଠକମାନଙ୍କୁ ଯୋଗାଇ ଦେଇ ପାରିବ ।

ଏହି ପ୍ରକାର ସମବାୟ ଚିନ୍ତାଧାରାର ପ୍ରଭାବ ବ୍ରିଟିଶ ଶାସନ ସମୟରେ ବିଭିନ୍ନ ରାଜ୍ୟରେ ପଡ଼ିଥିଲା । ବଙ୍ଗ, କେରଳ, ମାଡ୍ରାଜ, ଉତ୍ତର ପ୍ରଦେଶ ଲେଖକ ଗୋଷ୍ଠୀ ଏକତ୍ରିତ ହୋଇ ତତ୍‌କାଳୀନ ସମାଜର ପ୍ରକୃତ ପ୍ରତିଚ୍ଛବି ପ୍ରତିଫଳନ କରୁଥିଲେ । ମାତ୍ର ଆମ ଓଡ଼ିଶାରେ ଏ ପ୍ରକାର ଚିନ୍ତାଧାରାର ସୃଷ୍ଟି ସତ୍ୟବାଦୀ ଯୁଗରୁ ହିଁ

ଆରମ୍ଭ ହୁଏ । ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଆଚାର୍ଯ୍ୟ ହରିହର ଓ ଗୋଦାବରୀଶ ପ୍ରଭୃତିଙ୍କର ମିଳିତ ଉଦ୍ୟମରେ ସତ୍ୟବାଦୀର ସାହିତ୍ୟିକ ଗୋଷ୍ଠୀ ସେତେବେଳେ ସମବାୟ ମନୋବୃତ୍ତି ନେଇ ସାପ୍ତାହିକ ପତ୍ରିକା ମାଧ୍ୟମରେ ପ୍ରକୃତ ସାହିତ୍ୟ ସାଧନା କରୁଥିଲେ । କ୍ରମଶଃ ଓଡ଼ିଶାରେ ଏହିଦିନୁ କେତେକ ପ୍ରକାଶକଙ୍କର ବ୍ୟକ୍ତିଗତ ମାଲିକାନା ଓ ମନୋମୁଖୀ ସାହିତ୍ୟ ପ୍ରକାଶନର ଉଦ୍ୟମ ଆରମ୍ଭ ହେଲା । ଅବଶ୍ୟ ଉତ୍କଳ ସାହିତ୍ୟ ସମାଜ, କୋଶଳ ସାହିତ୍ୟ ସମାଜ, କଳିଙ୍ଗସାହିତ୍ୟ ସମାଜ ଓ ଉକ୍ତ ସାହିତ୍ୟ ପ୍ରେମୀ ବିଜୟ ବାବୁଙ୍କର କଳିଙ୍ଗ ଭାରତୀ ଅନୁଷ୍ଠାନ ପ୍ରକୃତ ପ୍ରତିଭା ଅନ୍ୱେଷଣରେ ବ୍ରତୀ ହୋଇଥିଲେ । କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଅନେକ ଅପରିହାର୍ଯ୍ୟ କାରଣ ବଶତଃ ଏ ପ୍ରକାର ସାରସ୍ୱତ ସେବା ମାର୍ଗ ଅନ୍ୱେଷଣ କରିବା ପାଇଁ ଅନେକ ବ୍ୟକ୍ତି ପ୍ରସ୍ତୁତ ନୁହନ୍ତି ।

ଏହା ବାସ୍ତବ କଥା ଯେ ସବୁ ଲେଖକ ସେକ୍ସପିୟର, ରବୀନ୍ଦ୍ରନାଥ, ବ୍ୟାସ, ବାଲ୍ମୀକି, ଜଗନ୍ନାଥ ଦାସ, ଭଞ୍ଜ, ଗୋପାଳକୃଷ୍ଣ, ଯଦୁମଣି, ଗଙ୍ଗାଧର, ରାଧାନାଥ କିମ୍ବା ପଣ୍ଡିତ ଗୋପବନ୍ଧୁ ହୋଇ ନ ପାରନ୍ତି ମାତ୍ର ଦେଶର ମାତୃଭାଷାସେବୀ ଜଣେ ଜଣେ ଦୀନବନ୍ଧୁ ତ ପ୍ରତ୍ୟେକ ହୋଇ ପାରିବେ ଓ ସେହି ଆଦର୍ଶର ଦୀପଶିଖାକୁ ପ୍ରଜ୍ୱଳିତ କରି ରଖିବା ତ ସାହିତ୍ୟସେବୀଙ୍କ ପକ୍ଷେ ଅସମ୍ଭବ ହେବ ନାହିଁ । ଉନ୍ନତ ଧରଣର ସାହିତ୍ୟ ରଚନା ପାଇଁ ଆମ ଉତ୍କଳରେ ଯଥେଷ୍ଟ ଶକ୍ତି ଓ ସମ୍ଭାବନା ଥିଲେ ମଧ୍ୟ କେତେକ ଲେଖକଙ୍କର ଈର୍ଷାତ୍ମକ ମନୋବୃତ୍ତି ଓ ଶସ୍ତା ସାହିତ୍ୟ ଲେଖି ଅର୍ଥ ଉପାର୍ଜନ କରିବାର ଲାଳସା ଯୋଗୁଁ ସାହିତ୍ୟ ସାଧନାରେ ପ୍ରତିବନ୍ଧକ ସୃଷ୍ଟିହେବା ସ୍ୱାଭାବିକ । ତେଣୁ ସମସ୍ତ ଅହଂକାର, ଆଭିଜାତ୍ୟ ଓ ଆଧିପତ୍ୟ ମନୋବୃତ୍ତିକୁ ପରିତ୍ୟାଗ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ କଲ୍ୟାଣକାମୀ ଲେଖକମାନଙ୍କୁ ନେଇ ସମବାୟ ସୂତ୍ରରେ ମାତୃଭାଷା ସେବକଗୋଷ୍ଠୀଙ୍କର ମଙ୍ଗଳ ବିଧାନ ଓ ଦୁଃସ୍ଥ ଲେଖକମାନଙ୍କର ଉନ୍ନତି ବିଧାନ ପାଇଁ ଏକ ଲେଖକ ସହଯୋଗ ସମିତି ଏବେ ଗଠନ କରାଯାଇ ଏହା ରେଜିଷ୍ଟ୍ରେସନ କରାଯାଇଅଛି । ଓଡ଼ିଶା ମଧ୍ୟରେ ଏହା କାର୍ଯ୍ୟକାରୀ ହେବ ବୋଲି ସ୍ଥିର କରାଯାଇଛି । ଲେଖକ ସମସ୍ୟାର ସମାଧାନ ନିମିତ୍ତ ଆଜି ସାହିତ୍ୟ ସେବୀ ତଥା ପ୍ରତ୍ୟେକ ଯୁବ ଲେଖକଙ୍କୁ ଉତ୍ସାହର ସହିତ ଏ ସମବାୟ ଆନ୍ଦୋଳନରେ ଭାଗ ନେବାକୁ ହେବ । ଏହାହିଁ ହେବ ସମସ୍ୟାର ସମାଧାନ ପନ୍ଥା ଓ ସମବାୟ ଭିତ୍ତିରେ ତଥା ସଂଘବଦ୍ଧ ଭାବରେ ସାହିତ୍ୟ ସାଧନା । ଏ ସଂଗଠନକୁ ଆଗେଇ ନେବାପାଇଁ ସହଯୋଗ ଓ ସୁଚିନ୍ତିତ ଉପାୟମାନ ଉଦ୍ଭାବନ କରିବାର ଏହାହିଁ ପ୍ରକୃଷ୍ଟ ସମୟ ।

ସହାୟକ, ସମବାୟ ବିଭାଗ
ଭୁବନେଶ୍ୱର

## ଆଦିବାସୀ ଅଞ୍ଚଳରେ ସୁଲଭ ମୂଲ୍ୟ ଦୋକାନ

ରାଜ୍ୟର ୧୦ ଗୋଟି ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳମାନଙ୍କରେ ଆଦିବାସୀମାନଙ୍କୁ ମହାଜନ ଓ ବେପାରିମାନଙ୍କ ଶୋଷଣରୁ ରକ୍ଷା କରିବା ନିମନ୍ତେ ୨୬୩ ଟି ସୁଲଭ ମୂଲ୍ୟ ଦୋକାନ ତଥା କ୍ରୟ କେନ୍ଦ୍ର ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ (ଟି. ଡି. ସି. ସି.) ପକ୍ଷରୁ ଖୋଲା ଯାଇଛି ।

ଆଦିବାସୀମାନଙ୍କ ବଳକା କୃଷିଜାତ ଦ୍ରବ୍ୟ ଓ ସଂଗୃହୀତ କୃଷିଜାତ ଦ୍ରବ୍ୟ ଉଚିତ୍ ମୂଲ୍ୟରେ କିଣି ନେଇ ସେଗୁଡ଼ିକର ବିକ୍ରିବଟା କରାଇବା ସଙ୍ଗେ ସଙ୍ଗେ ଉକ୍ତ କର୍ପୋରେସନ ସୁଲଭ ମୂଲ୍ୟ ଦୋକାନ ଜରିଆରେ ସେମାନଙ୍କୁ ଅତ୍ୟାବଶ୍ୟକ ତଥା ଖାଉଟି ଦ୍ରବ୍ୟମାନ ଯୋଗାଇ ଦେଉଅଛି । ଏହାଛଡ଼ା ଅଭାବ ସମୟରେ ସେମାନଙ୍କୁ ଋଣ ଯୋଗାଇ ଦେଉଅଛି । ସେମାନଙ୍କଠାରୁ ସଂଗୃହୀତ କୃଷିଜାତ ଦ୍ରବ୍ୟ ମଧ୍ୟରେ ବିଭିନ୍ନ ଖାଦ୍ୟ ଶସ୍ୟ, ଖାଦ୍ୟୋପଯୋଗୀ ତୈଳବୀଜ, ଡ଼ାଲି ଜାତୀୟ ଶସ୍ୟ, ମସଲା ଓ ହଳଦୀ ଅନ୍ତର୍ଭୁକ୍ତ । ଏହାଛଡ଼ା ଖାଦ୍ୟ ଅନୁପଯୋଗୀ ତୈଳବୀଜ, ତେନ୍ତୁଳି, ଝାଡୁ, କୋଚିଲା, ହରିଡ଼ା ଓ ପାତାଳ ଗରୁଡ଼ ଆଦି ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ସେମାନଙ୍କଠାରୁ ଉଚିତ୍ ମୂଲ୍ୟରେ ସଂଗ୍ରହ କରାଯାଉଛି । ୧୯୭୭-୭୮ ମସିହାରେ ଏମାନଙ୍କଠାରୁ ସଂଗୃହୀତ ହୋଇଥିବା ୯୮୯ ମେଟ୍ରିକ୍ ଟନ୍ ତେନ୍ତୁଳି ଇରାକ୍‌କୁ ରପ୍ତାନି କରାଯାଇଥିଲା ।

ଷଷ୍ଠ ଯୋଜନା କାଳରେ ଉକ୍ତ କର୍ପୋରେସନର କାର୍ଯ୍ୟ ପରିସର ବୃଦ୍ଧି କରାଯାଇ ଆଦିବାସୀମାନଙ୍କଠାରୁ ଅଧିକ ପରିମାଣ କୃଷି ତଥା ଜଙ୍ଗଲଜାତ ଦ୍ରବ୍ୟ କିଣିବା ପାଇଁ ବ୍ୟବସ୍ଥା ହୋଇଛି । ଏ ପର୍ଯ୍ୟନ୍ତ ୪୭ଟି ପଞ୍ଚାୟତ ସମିତି, ୩୧ଟି ପ୍ରାଥମିକ ସମବାୟ ସମିତି ଏବଂ ୧୯୦ଟି 'ଲ୍ୟାମ୍ପସ୍' ଏହି କର୍ପୋରେସନର ସଭ୍ୟଭୁକ୍ତ କରାଯାଇଛି ।


# ଜିଲ୍ଲା ପରିକ୍ରମା

## ମୁଁ ତାଉଡରା କହୁଛି

**ଶ୍ରୀ ନିତ୍ୟାନନ୍ଦ ମିଶ୍ର**

ସୁଖ କହିବି ନା ଦୁଃଖ କହିବି, ଯାହା ଅଂଗେ ନିଭେଇଛି ତାହା କହିବି । ପିଲ୍ଲଟି ଦିନରୁ ମୋ ଭାଗ୍ୟରେ ଅନେକ ଝଡ଼, ଝଞ୍ଜା ବହି ଯାଇଛି । ଅନେକ ସମୟରେ ଆଖିରେ ଲୁହ ଆସିଛି । ମୋ' ନିଜ ଉପରେ ଅତୀତ ଦିନ ଗୁଡ଼ିକରେ ଘଟି ଯାଇଥିବା ଚୋରୀ, ଡକେଇତି ଓ ଅତ୍ୟାଚାରର ଦୃଶ୍ୟ ଆଜି ମନେ ପଡ଼ିଲେ ମୋ' ଦେହ ଉପରେ ଶୀତେଇ ଉଠୁଛି । ପକ୍କା ସଡ଼କଠାରୁ ବହୁତ ଦୂରରେ ବିଚ୍ଛିନ୍ନାବସ୍ଥାରେ ରହି ମୁଁ ନିର୍ବାସିତାର ବିଳାପ କରିଛି । ଅଶିକ୍ଷାର ଘନ ତମିସ୍ରା ମଧ୍ୟରେ ଥାଇ ଛଟ ପଟ ହୋଇଛି ଓ ଅନେକ ସମୟରେ ପେଟରେ ଓଦାକନା ପକାଇ "ହା-ଅନ୍ନ, ହା-ଅନ୍ନ"ର ଚିତ୍କାର କରିଛି ମଧ୍ୟ । ବେଢ଼ି ଉପରେ କୋରଡ଼ା ପରି ମୋର ସାହି ସାହି ମଧ୍ୟରେ ଅମେଳ, ଘର ଘର ମଧ୍ୟରେ ମନାନ୍ତର, ମୋକଦ୍ଦମା ମୋ' ମାନସିକ ଅବସ୍ଥାକୁ ଦୁର୍ବଳ କରିବା ସଂଗେ ସଂଗେ ମୋ' ବକ୍ଷକୁ ଚିରି ଦୁଇ ଖଣ୍ଡ କରୁଥିବା କୁଶଭଦ୍ରା ନାଳ ପାଣ୍ଡବମାନେ ମାରିଥିବା ପାଞ୍ଚଖଣ୍ଡ ପଡ଼ା ପରି ମୋର ପାଞ୍ଚୋଟି ସାହିର ଐକ୍ୟ ସୃଷ୍ଟିରେ ଘୋର ପ୍ରତିବଂଧକ ସୃଷ୍ଟି କରିଛି । ମୁଁ ଆଜ୍ଞା କିଏ ଜାଣନ୍ତି ? ମୋ' ବି. ଡ଼ି. ଓ. ମହୋଦୟ ମୋତେ କୁହନ୍ତି " ଗେଟ୍ ୱେ ଅଫ୍ ବିଂଝାର ପୁର ବ୍ଲକ" । ଲୋକ-ମାନେ ଡ଼ାକନ୍ତି "ତାଉଡରା" ।

ଚକ୍ରବତ ପରିବର୍ତ୍ତନ୍ତେ ଦୁଃଖାନି ଚ ସୁଖାନି ଚ । ଏହି ଶ୍ଳୋକର ସତ୍ୟତା ଅନୁଭବ କଲି ୧୯୭୭ ମସିହା ମାର୍ଚ୍ଚ ମାସରେ । ଭାରତୀୟ ରାଜନୀତି ରଙ୍ଗ-ମଞ୍ଚର ଦୃଶ୍ୟ ବଦଳିଲା । ଜୁନ୍ ମାସର ପ୍ରଚଣ୍ଡ ନିଦାଘରେ ମୁଁ ଅନୁଭବ କଲି ଅଦିନ ମଳୟର ସ୍ପର୍ଶ । ହଠାତ୍ ଦିନେ ଜଣେ ଅତିଥିଙ୍କର ପାଦ ପଡ଼ିଲା ମୋ' ଘରେ । ମୋ' ଛୁଆପିଲା ତାଙ୍କୁ ଘେରି ଯାଇ ଆଦର ସନ୍ମାନ କଲେ । ପରିଚୟ ନେବାରେ ଜାଣିଲି ସେ ହେଉଛନ୍ତି ନବାଗତ ବିଂଝାରପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ମହାନ୍ତି । ମୋ' ପିଲାମାନେ ତାଙ୍କୁ ମୋର ଦୁଃଖ କାହାଣୀ କହିଲେ । ବି. ଡ଼ି. ଓ. ମହାଶୟ ସେଦିନ ମୋର ପାଞ୍ଚଟି ପଡ଼ା ମଧ୍ୟରୁ ତିନୋଟି ପଡ଼ାର ଲୋକଙ୍କୁ ଏକାଠି କରାଇ ସେମାନଙ୍କୁ ଏକତାବଦ୍ଧ ହୋଇ ମୋ' ଅବସ୍ଥା ବଦଳାଇବାକୁ ଉପଦେଶ ଦେବା ସଂଗେ ସଂଗେ ସେହି ବର୍ଷ ଚନ୍ଦନ ପୂର୍ଣ୍ଣିମାରେ ଗୋଟିଏ ଭଗବତ ମେଳଣର ଆୟୋଜନ କରାଇ ପାଞ୍ଚୋଟି ସାହି ମଧ୍ୟରେ ଥିବା ଅମେଳ ଓ ମନାନ୍ତରକୁ ପୂର୍ଣ୍ଣାହୁତି ଦେଇଥିଲେ । ମୋ' ମହନି ସେଦିନ ଏହି ଭଗବତ ମେଳଣ ମାଧ୍ୟମରେ ପାଞ୍ଚୋଟି ମନକୁ ମିଳେଇବାରେ ଅଣ୍ଟା ଭିଡ଼ି ଆଗକୁ ବାହାରି ଥିବାରୁ ମୁଁ ତା' ଉପରେ ଭାରି ଖୁସି ହୋଇଥିଲି । ତା'ପରେ ମୋ' ଅବସ୍ଥାର ଉନ୍ନତି ପାଇଁ ମୋ ପିଲାମାନେ ବି. ଡ଼ି. ଓ ମହୋଦୟଙ୍କ ନିକଟରେ ଅନେକଗୁଡ଼ିଏ ଅଭି- କରିବା ସମେତ ସର୍ବପ୍ରଥମେ ରାସ୍ତାଟିଏ କରିବାକୁ ଦାବୀ କରିଥିଲେ । ବି. ଡ଼ି. ଓ ମହୋଦୟ ସର୍ତ୍ତ କଲେ ଯଦି ମୋର ପ୍ରତ୍ୟେକ ପରିବାର ସରକାରଙ୍କର ସଂଚୟ ଯୋଜନାରେ ଅଂଶ ଗ୍ରହଣ କରିବେ, ତେବେ ରାସ୍ତାଟିଏ କରାଯିବ । ସର୍ତ୍ତ ରହିଲା, ରାସ୍ତା ହେଲା । ମୋଟ ୧୫୫ ପରିବାର ମଧ୍ୟରୁ ସମସ୍ତ ପରିବାର ସଂଚୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ, ମୋଟ ୧୦,୭୭୫ ଟଙ୍କା ଡ଼ାକଘରେ ସଞ୍ଚୟ କରି ଗତ ଜାନୁଆରୀ ମାସ ୨୭ ତାରିଖରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ଝସକେତନ ସାହୁଙ୍କ ଦ୍ୱାରା ମୋତେ ସଞ୍ଚୟ ଗ୍ରାମ ବୋଲି ଘୋଷଣା କରାଇବାର ସୌଭାଗ୍ୟରେ ମଣ୍ଡିତ କଲେ । ଦ୍ୱିତୀୟ ସର୍ତ୍ତରେ ସେହି ମାଟି ରାସ୍ତାର ଦୁଇ କଡ଼ରେ ଗ୍ରାମବାସୀମାନଙ୍କଦ୍ୱାରା ବୃକ୍ଷ ରୋପଣ ହେବାରୁ ବ୍ଲକ୍ ତରଫରୁ ରାସ୍ତାରେ ବାଲି ଓ ନାଲି ଗୋଡ଼ି ପଡ଼ିଲା । ବୃକ୍ଷ ରୋପଣ ସପ୍ତାହର ଉଦ୍‌ଘାଟନ ଦିବସରେ ଯାଜପୁର ଏସ୍. ଡ଼ି. ଓ ମହାଶୟଙ୍କ ଦ୍ୱାରା ରୋପିତ ପ୍ରଥମ ବୃକ୍ଷଟି ଆଜି ପଲ୍ଲବିତ ହେଲଣି ।




ହରିଜନ ଉନ୍ନୟନ ଫଣ୍ଡ ମାଧ୍ୟମରେ ବସନ୍ତ ଜେନାଙ୍କ ସେଚ କୂପ ଜିଲ୍ଲାପାଳ ଶ୍ରୀଯୁକ୍ତ ଝା ପରିଦର୍ଶନ କରୁଛନ୍ତି ।

ଜଳସେଚନର ଅସୁବିଧା ଯୋଗୁ ମୋ' ପିଲାଏ କୃଷି କାମରେ ସବୁଦିନେ ପଛରେ ପଡ଼ିଥିଲେ । ଏହି ଦିଗରେ ସାହାଯ୍ୟ କରିବାକୁ ସେମାନେ ପୁଣି ପଞ୍ଚାୟତ ସମିତିର ଦ୍ୱାରସ୍ଥ ହେଲେ । ପୁଣି ସେମାନଙ୍କୁ ଗୋଟିଏ ସର୍ତ୍ତାବଦ୍ଧ ହେବାକୁ ପଡ଼ିଲା । ସମସ୍ତେ ଯଦି ସମବାୟ ସମିତିର ସଭ୍ୟ ହେବେ, ତେବେ ଜଳସେଚନର ସୁବିଧା କରାଯିବ । ସୁନା ପିଲା ପରି କଥା ମାନିଲେ ମୋର ପିଲାଏ । ପ୍ରାୟ ସମସ୍ତ ପରିବାର ମୋ'ର ଆଜି 'ଅରେଇ ସେବା ସମବାୟ ସମିତି'ର ସଭ୍ୟ । 'ଶସ୍ୟ ମାଧ୍ୟମରେ କାର୍ଯ୍ୟ' ଯୋଜନାରେ ନିର୍ମାଣ କରାଗଲା "ତାରତରା କ୍ଷୁଦ୍ର ଜଳସେଚନ ଯୋଜନା" ଯଦ୍ୱାରା ମୋର ୧୦୦ ଏକର କୃଷିକ୍ଷେତ୍ରରେ ଜଳାଭାବ ଦୂର ହେଲା ଓ ମୋର ୨୦ ଜଣ କ୍ଷୁଦ୍ର ଓ ୨୯ ଜଣ ନାମମାତ୍ର ଚାଷୀ ଉପକୃତ ହେଲେ । ଅରେଇ ହରିଜନ ସାହିର ୪ଟି ଜଳସେଚନ କୂଅ ଦେଖି ମୋର ଦୁଇଟି ହରିଜନ ପୁଅ ଓ ଦୁଇଟି ସବର୍ଣ୍ଣ ପୁଅ ଜଳସେଚନ କୂଅ କରି ବସିଲେଣି ।

କି ହେବ ଶୁଆ ପୋଷିଲେ, ହରି ନାମ ନ ଭଜିଲେ । ସେହିପରି ଜଳସେଚନର ସୁବିଧା ହେବା ସଂଗେ ସଂଗେ କୃଷିର ଆଭିମୁଖ୍ୟ ବଦଳିବା ଦରକାର । ତେଣୁ ବ୍ଲକର କେବଳ ବି. ଡି. ଓ କିମ୍ବା କୃଷି ସଂପ୍ରସାରଣ ଅଫିସର

ଶ୍ରୀ ବାବାଜୀ ଚରଣ ସାହୁ ନୁହନ୍ତି, ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଅଭିନ୍ନ ଚରଣ ମହାନ୍ତି ଏବଂ ଯାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାୟକଙ୍କ ଦ୍ୱାରା ପ୍ରଭାବିତ ହେଲେ ମୋ' ପିଲାଏ । ମୋ' ଚାଷୀ ପୁଅମାନେ ଗଢ଼ିଲେ 'କୃଷକ ସମାଜ' । ଯୁବକମାନେ ଗଢ଼ିଲେ ଯୁବକ ସଂଘ ଓ ମହିଳାମାନଙ୍କ ଦ୍ୱାରା ଗଢ଼ାଗଲା ତାରିଣୀ ଠାକୁରାଣୀଙ୍କ ନାମରେ 'ମା ତାରିଣୀ ମହିଳା ସମିତି' । ଏମାନେ ସମସ୍ତେ ହେଲେ କୃଷିର ଅଗ୍ରଦୂତ । ଯୁବକ ସଂଘ ମାଧ୍ୟମରେ ମୋ' ପିଲାଏ କରିଛନ୍ତି ୨୩ ଏକର କପା ଚାଷ । ମହିଳା ସମିତି ଆନୁକୂଲ୍ୟରେ ୫ ଏକର ଲଙ୍କା ମରିଚ ଚାଷ ପ୍ରକୃତରେ ଲକ୍ଷ୍ୟ କରିବାର କଥା । ମୋର ମୋଟ ୧୫୫ଟି କୃଷି ପରିବାରର ୩୫୦ ଏକର ଚାଷ ଜମିରେ ବିରି ଓ ମୁଗ ସହିତ ମୋ ପିଲାଏ ୮ ଏକର ଆଳୁ, ୨ ଏକର ବରଗୁଡ଼ି, ୧ ଏକର ବାଦାମ, ୧ ଏକର ସୂର୍ଯ୍ୟମୁଖୀ ଚାଷ କରି ତିନି ଫସଲ ଉଠାଇବାରେ ଅଭ୍ୟସ୍ତ ହୋଇ-ଗଲେଣି ।

ମୋର ଆର୍ଥିକ ମେରୁଦଣ୍ଡ ସବଳ କରିବା ପାଇଁ ସମବାୟ ସମିତି ମାଧ୍ୟମରେ ମୋର ଜଣେ ହରିଜନ ପୁଅକୁ ହରିଜନ ଉନ୍ନୟନ ଋଣ ଆକାରରେ ରିକ୍ସାଟିଏ,



ତା ୫ । ୨ । ୧୯୭୯ ରିଖରେ ବିଂଝାରପୁର ବ୍ଲକର ତାରତରା ଗ୍ରାମରେ କଟକ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୋଦ ଝା ଆନୁଷ୍ଠାନିକ ଭାବେ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

କୁମ୍ଭାର ପୁଅକୁ ହାଣ୍ଡି ଗଢ଼ିବାକୁ, ଧୋବା ପୁଅକୁ ଲଣ୍ଡ୍ରିଟିଏ କରିବାକୁ ଓ ବାରିକ ପୁଅକୁ ମୋ' ଛକରେ ସେଲୁନଟିଏ କରିବାକୁ ଋଣ ଦେବା ସଂଗେ ସଂଗେ ଉନ୍ନତ ଧରଣର କୃଷି କାମ ପାଇଁ ଟଙ୍କା ଓ ସାର ସହିତ ଜଳସେଚନର ସୁବିଧା ପାଇଁ କୂଅ ଓ ନଳ କୂଅ ଋଣ ରିହାତି ସୂତ୍ରରେ ଯୋଗାଇ ଦିଆ ଯାଇଛି । ମୋ' ରାମଚନ୍ଦ୍ର ଋଣ ନେଇ କରିଥିବା ଗୋବର ଗ୍ୟାସ ପ୍ଲାଣ୍ଟ ପ୍ରକୃତରେ ଏ ଅଞ୍ଚଳରେ ଏକ ନୂତନ ପଦକ୍ଷେପ । ଏ ଦିଗରେ ସହକାରୀ ନିବନ୍ଧକଙ୍କ ତାଗିଦ୍, ବି. ଡ଼ି. ଓ. ଙ୍କ ତଦାରଖ ଓ ସମବାୟ ସଂପ୍ରସାରଣ ଅଫିସର ଶ୍ରୀ ଦୁର୍ଯ୍ୟୋଧନ ଦାସ ଓ ଶ୍ରୀ ଚୂଡ଼ାମଣି ରାଉତଙ୍କ ତତ୍ପରତା ମୁଁ କେବେ ଭୁଲି-ପାରିବିନି । ଅରେଇ ସେବା ସମବାୟ ସମିତିର ସେକ୍ରେଟାରୀ ଓ ବିଂଝାରପୁର "ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ"ର ଆନ୍ତରିକତା ପ୍ରକୃତରେ ମୋର ସବୁଦିନେ ମନେରହିବ ।

ସରକାରଙ୍କର 'ଅନ୍ତ୍ୟୋଦୟ' କାର୍ଯ୍ୟକ୍ରମରେ ମୋର ପାଞ୍ଚଟି ଦୁଃସ୍ଥ, ନିଃସହାୟ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କର ଅବସ୍ଥା ସୁଧାରିବା ପାଇଁ ସମବାୟ ସମିତି ମାଧ୍ୟମରେ ସେମାନଙ୍କୁ ଦୁଧିଆଳି ଗାଈ, ଛେଳି ଓ କୁକୁଡ଼ା ଇତ୍ୟାଦି ପାଳନ କରିବାକୁ ଋଣ ଦିଆହେଲଣି । ଧନ୍ୟ ସରକାର, ଧନ୍ୟ ଏହି ଯୋଜନା ।

ଶିକ୍ଷା ଦିଗରେ ମୁଁ ପଛରେ ପଡ଼ିଥିବାରୁ ମୋ' ପ୍ରବାସୀ ପୁଅ ରାମଚନ୍ଦ୍ରକୁ ଲଜ୍ଜା ଲାଗିଲା । ଶିକ୍ଷାର ଉନ୍ନତି ପାଇଁ ସେ ବି. ଡ଼ି.ଓ.ଙ୍କ ଉପଦେଶ ଫଳରେ ଦଶ ହଜାର ଟଙ୍କା ଦାନ କଲା । ଅନ୍ୟ ପିଲାଏ ମୋର ଅଣ୍ଟାଭିଡ଼ିଲେ । ପିଲାଙ୍କ ଉତ୍ସାହ ଦେଖି 'ଶସ୍ୟ ମାଧ୍ୟମରେ କାର୍ଯ୍ୟ' ଯୋଜନାରେ ବି. ଡ଼ି. ଓ.ଗଢ଼ିଲେ ନୂଆ ସ୍କୁଲ୍ ଘର । ଦାତାଙ୍କ ନାମ ଅନୁସାରେ ସ୍କୁଲର ନାମ ରହିଲା "ରାମଚନ୍ଦ୍ର ଉଚ୍ଚ ବାଳିକା ବିଦ୍ୟାଳୟ" । ପ୍ରକୃତରେ ଏ ରାମଚନ୍ଦ୍ର ମୋର ତ୍ରେତୟାର ରାମଚନ୍ଦ୍ର । ଗତ ଦୁଇ ବର୍ଷ ମଧ୍ୟରେ ମୋର ଦୁଇଟି ପିଲା ଯେଉଁଦିନ ବୃତ୍ତି ପାଇଲେ, ମୋ ଛାତି ଆନନ୍ଦରେ ଫାଟି ପଡ଼ିଲା । ବର୍ତ୍ତମାନ ମୋର ୧୬୦ ଜଣ ପୁଅଝିଅ ଏ ସ୍କୁଲରେ ପଢୁଛନ୍ତି ।

ଶିକ୍ଷା ସହିତ ସ୍ୱାସ୍ଥ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସରକାରଙ୍କର ସ୍ୱାସ୍ଥ୍ୟରକ୍ଷା ନିୟମକୁ ମୋ' ପିଲାଏ ମାନନ୍ତି । ଏହି ବର୍ଷ ମୋର ୪୭ ଜଣ ପିଲାକୁ ଡ଼ିପ୍ଥେରିଆ ପ୍ରତିଷେଧକ ଇଞ୍ଜେକ୍ସନ ଓ ୧୩ ଜଣ ପିଲାଙ୍କୁ ଗୋବୀଜଟିକା ଦେବା ସଙ୍ଗେ ସଙ୍ଗେ ମହିଳା ସମିତି ଆନୁକୂଲ୍ୟରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ସହାୟତାରେ ମୋ'ର ଛୋଟ ଛୁଆମାନଙ୍କର ଓଜନ ଓ ଉଚ୍ଚତା ମାପ ପ୍ରତିମାସରେ ରଖା-ଯାଉଛି ଓ ଅନ୍ଧାରକଣା ରୋଗର ପ୍ରତିଷେଧ ପାଇଁ ଭିଟା-ମିନ୍ -'ଏ' ଦ୍ରବଣ ମଧ୍ୟ ପିଲାମାନଙ୍କୁ ଦିଆ ହୋଇଛି । ମୁଁ ବିଶେଷ ଖୁସି ଯେ ସରକାରଙ୍କ ପରିବାର କଲ୍ୟାଣ କାର୍ଯ୍ୟ-କ୍ରମରେ ୨୫ ଜଣ ପୁରୁଷ ଓ ୩ ଜଣ ସ୍ତ୍ରୀ ଅସ୍ତ୍ରୋପଚାର ଦ୍ୱାରା ଜନ୍ମ ନିରୋଧ କରିଛନ୍ତି । ମୋ' ପିଲାଙ୍କର ଦେହପା ଭଲ ମନ୍ଦରେ ଦେଖିବା ପାଇଁ ଗୋଟିଏ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ମୋ' ପୁଅ ଗୌରୀଶ୍ୟାମ ମଧ୍ୟ ୧୦ ହଜାର ଟଙ୍କା ଦେଇଛି । ଟଙ୍କା ସିନା ଡ଼ାକଘରେ ଜମା ରହିଲା ! ହେଲେ ବି. ଡ଼ି. ଓ.ଙ୍କର ଆହୁରି ଏକ ଅଗ୍ନି ପରୀକ୍ଷାରେ ପଡ଼ିଲେ ମୋ' ପିଲାମାନେ । ସବୁ ପରିବାର ଯେମିତି ରେଡ଼କ୍ରସ୍ ସୋସାଇଟିର ସଭ୍ୟହେବେ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୋ ପିଲାଏ । ଆଜି ସବୁ ପରିବାର ମୋର ରେଡ଼କ୍ରସର ସଭ୍ୟ । ଗତ ଫେବୃଆରୀ ମାସରେ କଟକ ଜିଲ୍ଲାପାଳ ମୋତେ "ରେଡ଼କ୍ରସ ଗ୍ରାମ" ବୋଲି ଘୋଷଣା କଲାବେଳେ ମୋ ଛାତି ଗର୍ବରେ ଫୁଲିଉଠିଥିଲା ଓ ମୁଁ ହେଲି କଟକ ଜିଲ୍ଲାର ପ୍ରଥମ ରେଡ଼କ୍ରସ ଗ୍ରାମ ।

କେବଳ ଏତିକି ନୁହେଁ । ଆନ୍ତର୍ଜାତିକ ଶିଶୁ ବର୍ଷ ପୂର୍ତ୍ତିରେ ବ୍ଲକ୍‌ର ଗ୍ରାମସେବିକାମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'କେୟାର' ସଂସ୍ଥା ମାଧ୍ୟମରେ ଶିଶୁମାନଙ୍କୁ ଖାଦ୍ୟ ଯୋଗାଇ, ସେମାନଙ୍କୁ ଶୃଂଖଳାବଦ୍ଧ କରି ପ୍ରାରମ୍ଭିକ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିଛନ୍ତି ମହିଳା ସମିତିର ସଭ୍ୟାମାନେ । ସେହିପରି ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟ-କ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଯୁବକସଂଘ ମାଧ୍ୟମରେ ମୋ ହରିଜନ ସାହିରେ ଖୋଲଯାଇଛି ପ୍ରୌଢ଼ଶିକ୍ଷା କେନ୍ଦ୍ର । ସରକାରଙ୍କର ଏହି କାର୍ଯ୍ୟକ୍ରମଗୁଡ଼ିକ ପୂର୍ଣ୍ଣ ଫଳପ୍ରସୂ ହେଉଛି ବୋଲି ମୁଁ ହୃଦୟଙ୍ଗମ କରୁଛି ।

ମୋ ପିଲାଙ୍କ ମନରେ ଭଗବତ୍ ବିଶ୍ୱାସ ବୃଦ୍ଧି କରିବା ପାଇଁ ଭଗବତ୍ ପ୍ରେମୀ 'ମହନ୍ତି' ମୋର ମନ୍ଦିରଟିଏ ତୋଳିବାକୁ କଥା ଦେଇଛି, ଜମି ଦେଇଛି ମହେନ୍ଦ୍ର । ସେହିପରି ମୋ' ପିଲାଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବା ପାଇଁ ମୋ ସ୍ୱାଧୀନତା ସଂଗ୍ରାମୀ ପୁଅ 'କପିଳ' ମୋ' ଛକ ଉପରେ ପ୍ରତିଷ୍ଠା କରିଛି ଉତ୍କଳମଣିଙ୍କର ପ୍ରତିମୂର୍ତ୍ତିଟିଏ । ପ୍ରକୃତରେ ସେଦିନର ସେହି ମହା ବିପଦସଙ୍କୁଳ "ଡାଉନରା-ବରୁଣା" ଛକ ଆଜି ପବିତ୍ର ଗୋପବନ୍ଧୁ ଛକରେ ପରିଣତ ହୋଇଛି । ସାବାସ୍ ଦେଶପ୍ରେମୀ, ଧନ୍ୟ ବୀର ଓଡ଼ିଆ ।

ମୋର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକଗୁଡ଼ିଏ ଯୋଜନା କରୁଛନ୍ତି ବି. ଡ଼ି. ଓ. ମହାଶୟ । ସେଥିରୁ ପିଲାମାନଙ୍କ ପାଇଁ ବାଲ୍‌ଓ୍ୱାଡ଼ି କେନ୍ଦ୍ର, କପାସ୍ୱଷ ହୋଇ-ଥିବା ଯୋଗୁଁ ମହିଳାସମିତି ମାଧ୍ୟମରେ ସୂତାକଟା ପାଇଁ ଚରଖା ଯୋଗାଣ, ଅର୍ଥନୈତିକ ଉନ୍ନତି ପାଇଁ ଦୁଧିଆଳି ଗାଈ ଯୋଗାଣ ଓ ଗୋଟିଏ କିଚିନ୍ ଗାର୍ଡେନ୍‌ର ପ୍ରତିଶ୍ରୁତି ମୋର ମନେଅଛି ।

ଅନୁବିଭାଗୀୟ ସୂଚନା ଓ ଲୋକସଂପର୍କ
ଅଧିକାରୀ, ଯାଜପୁର

# ଯୋଜନାର ସଫଳତା: ଗଞ୍ଜାମ ଜିଲ୍ଲା

[୧୯୭୯ ମଇ ୮ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଗଞ୍ଜାମ ଜିଲ୍ଲାରେ ନଳ ଓ ସେଚକୂପ ବିଦ୍ୟୁତ୍‌କରଣ, ସମବାୟ ଶୀତଳ ଭଣ୍ଡାର ଓ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ଗୃହର ଭିତ୍ତି ସ୍ଥାପନ ଏବଂ ଟେଲିପ୍ରିଣ୍ଟର ସଂଯୋଗ ବ୍ୟବସ୍ଥା ଉଦ୍‌ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ ଯେଉଁସବୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ସେସବୁର ସଂକ୍ଷିପ୍ତ ବିବରଣ ନିମ୍ନରେ ପ୍ରଦତ୍ତ ହେଲା :]

ବ୍ରହ୍ମପୁର ସମୀପବର୍ତ୍ତୀ ଆଙ୍କୁଶପୁର ଗ୍ରାମରେ ଏକ ବିରାଟ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ କହିଲେ ଯେ ଆମ ଦେଶର ଅର୍ଥନୀତି କୃଷିଭିତ୍ତିକ । ଆମ ରାଜ୍ୟର ଶତକଡ଼ା ପ୍ରାୟ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି ।

## ଉତ୍ପାଦନର ମେରୁଦଣ୍ଡ

ଜଳସେଚନ କାର୍ଯ୍ୟକ୍ରମକୁ ସରକାର ବିଶେଷ ଗୁରୁତ୍ୱ ଦେଉଥିବା ବିଷୟ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ, ଜଳସେଚନର ପୂର୍ଣ୍ଣ ବିନିଯୋଗ ପାଇଁ ରାଜ୍ୟର ସମସ୍ତ ନଦୀ-ନାଳର ସର୍ଭେ କରି କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯିବ । କିନ୍ତୁ ଏହା ସମୟସାପେକ୍ଷ ହୋଇଥିବାରୁ ଯଥାଶୀଘ୍ର ଜଳସେଚନର ସୁବିଧା ଯୋଗାଇ କୃଷି ବିକାଶ କରିବାକୁ ହେଲେ ନଳ ଓ ସେଚକୂପଗୁଡ଼ିକର ବିଦ୍ୟୁତ୍‌କରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ଅତୀବ ପ୍ରୟୋଜନ । ଶ୍ରୀ ରାଉତରାୟ ଏ ଦିଗରେ ଗତବର୍ଷ ଓ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା କାର୍ଯ୍ୟକ୍ରମ ଉଲ୍ଲେଖନୀୟ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ୬୧୭ ଟି ସେଚ ଓ ନଳକୂପର ବିଦ୍ୟୁତ୍‌କରଣ ଉଦ୍‌ଘାଟନ କରିଥିଲେ । ୩୭ଟି ବ୍ୟାଙ୍କ ପକ୍ଷରୁ ୮,୮୬୫ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷିଶ୍ରମିକ ଏବଂ ଗ୍ରାମ୍ୟ କାରିଗରଙ୍କର ଅର୍ଥନୈତିକ ବିକାଶ ପାଇଁ ମଞ୍ଜୁର ହୋଇଥିବା ଦୁଇକୋଟି ଛୟାଅଶୀ ଲକ୍ଷ ଟଙ୍କାର ମଧ୍ୟମ ଓ ଦୀର୍ଘ ମିଆଦୀ ଋଣର ମଞ୍ଜୁରୀ ଆଦେଶନାମା ବଣ୍ଟନ କରିଥିଲେ । ଗଞ୍ଜାମ ଜିଲ୍ଲାରେ ଗତ ଦୁଇବର୍ଷ ଭିତରେ ହୋଇଥିବା ଉନ୍ନୟନ କାର୍ଯ୍ୟକ୍ରମ ସଂପର୍କରେ ଏକ ପୁସ୍ତିକା ମଧ୍ୟ ବିତରଣ କରାଯାଇଥିଲା ।

ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ରାଇମୋହନ ଦାସ ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମ ଓ ଅନ୍ତ୍ୟୋଦୟ ଯୋଜନାର ସଫଳତା



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ସେଚକୂପ ବିଦ୍ୟୁତ୍‌କରଣ ଉଦ୍‌ଘାଟନ କରୁଛନ୍ତି ।

ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗ ଓ ବ୍ୟାଙ୍କର ସମନ୍ୱିତ ଉଦ୍ୟମ ଫଳରେ ସମ୍ଭବପର ହୋଇଥିବା କଥା ପ୍ରକାଶ କରିଥିଲେ ।

ଏହି ସଭାରେ ସଭାପତିତ୍ୱ କରି ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହରିହର ସ୍ୱାଇଁ ଜଳସେଚନର ସୁବିଧା ଯୋଗାଇ ଦେଇ କୃଷି ଉତ୍ପାଦନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସେଚ କୂପଗୁଡ଼ିକର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ ଓ ପମ୍ପ କିଣିବା ପାଇଁ ଆର୍ଥିକ ସାହାଯ୍ୟ ବାବଦରେ ସରକାର ପ୍ରତି କୂପ ପାଇଁ ପ୍ରାୟ ୫୦ ହଜାର ଟଙ୍କା ବ୍ୟୟ କରିବେ ବୋଲି ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସବୁ ଶ୍ରେଣୀର ଲୋକେ ସାହାଯ୍ୟ କରିବାକୁ ସେ ନିବେଦନ କରିଥିଲେ ।

ବିଧାନସଭା ସଦସ୍ୟ ସର୍ବଶ୍ରୀ ଯୋଗେଶଚନ୍ଦ୍ର ରାଉତ, ଉଦୟ ନାରାୟଣ ଦେବ, ଉଦୟ ନାୟକ ଓ ଘନଶ୍ୟାମ ବେହେରା ସମବାୟ ଆନ୍ଦୋଳନ, ଜଳସେଚନ ଓ କୃଷି କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଉନ୍ନୟନ ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ସଦସ୍ୟା ଶ୍ରୀମତୀ ରତ୍ନମଞ୍ଜରୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୃଷ୍ଟିହୀନଙ୍କ ପାଇଁ ବିଦ୍ୟାଳୟ

ସେହିଦିନ ଆମ୍ପୁଆଠାରେ ମୁଖ୍ୟମନ୍ତ୍ରୀ ୧୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ସମବାୟ ଶୀତଳ ଭଣ୍ଡାର ଓ ଜିଲ୍ଲା ରେଡ଼କ୍ରସ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଦୃଷ୍ଟିହୀନ ବିଦ୍ୟାଳୟ ଗୃହର ଭିତ୍ତି ସ୍ଥାପନ କରିଥିଲେ । ଏହି ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ରାଉତରାୟ କହିଲେ ଯେ ଦୃଷ୍ଟିହୀନମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ କରାଇବା ସରକାର ଓ ସମାଜ ଉଭୟଙ୍କର ଦାୟିତ୍ୱ । ଏହି ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ବାଙ୍ଗୁରବ୍ରଦର୍ସ ୧ ଲକ୍ଷ ଟଙ୍କା ଦାନ କରୁ-ଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମାଜର ସବୁ ଶ୍ରେଣୀର ଲୋକେ ଏ ଦିଗରେ ଆଗଭର ହେବାକୁ ନିବେଦନ କରିଥିଲେ । ରାଜ୍ୟ ସରକାର ଏହି ଅନୁଷ୍ଠାନର ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବେ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇ-ଥିଲେ । ସମବାୟ ଶୀତଳ ଭଣ୍ଡାର ବିଷୟ ଉଲ୍ଲେଖ କରି ସେ କହିଲେ ଯେ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ସଂରକ୍ଷଣ ସୁବିଧା ନଥିବାରୁ କୃଷକ ବାଧ୍ୟ ହୋଇ ଶସ୍ତାରେ ଉତ୍ପାଦିତ ଦ୍ରବ୍ୟ ବିକ୍ରି କ୍ଷତିଗ୍ରସ୍ତ ହୁଏ । କୃଷି ଅର୍ଥନୀତିର ସୁଦୃଢ଼ୀ-କରଣ ଓ କୃଷିଜୀବୀଙ୍କର ଆର୍ଥିକ ବିକାଶ ଦିଗରେ ଏହି ଶୀତଳ ଭଣ୍ଡାର ବିଶେଷ ସହାୟକ ହୋଇ ପାରିବ ବୋଲି ସେ ମତ ଦେଇଥିଲେ ।

## ବାସଗୃହ ଯୋଜନା

ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା ପକ୍ଷରୁ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଓ ନିମ୍ନ ଆୟକାରୀ ଲୋକଙ୍କ ପାଇଁ ନିର୍ମିତ ଏକ ବାସଗୃହ ଯୋଜନା ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ହୁଡ୍‌କୋ ସାହାଯ୍ୟରେ ୧ ଲକ୍ଷ ୪ ହଜାର ଟଙ୍କା ଖର୍ଚ୍ଚ କରି ୮୪ଟି ବାସଗୃହ ଗୋଉଡୁଣି-ଠାରେ ଏହି ଉନ୍ନୟନ ସଂସ୍ଥା ନିର୍ମାଣ କରିଛନ୍ତି । ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ହୋଇଥିବା ଉଦ୍ୟମର ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଲୋକଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ସରକାର ସଚେତନ ଅଛନ୍ତି । ଉନ୍ନୟନ ସଂସ୍ଥାର ସଭାପତି ଶ୍ରୀ ପ୍ରେମାନନ୍ଦ ତ୍ରିପାଠୀ ଏହି ସଂସ୍ଥା ପକ୍ଷରୁ ୮୫ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ସୂଚନା ଦେଇଥିଲେ ।

## ନାଗରିକ ସମ୍ବର୍ଦ୍ଧନା

ସେହିଦିନ ପୂର୍ବାହ୍ନରେ ବ୍ରହ୍ମପୁର ପୌରସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ପୌର ସଭାର ଅଧ୍ୟକ୍ଷ ଶ୍ରୀ ବୃନ୍ଦାବନ ନାୟକ ସହରର ବିଭିନ୍ନ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଶ୍ରୀ ରାଉତରାୟ ବ୍ରହ୍ମପୁର ସହରର ବିଭିନ୍ନ ସମସ୍ୟା ସଂପର୍କରେ ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି ସୂଚନା ଦେଇ ରଷିକୁଲ୍ୟା ଜଳ ଯୋଗାଣ ଯୋଜ-ନାର କାର୍ଯ୍ୟାରମ୍ଭ, ଦକ୍ଷିଣପୁରଠାରୁ ଦ୍ୱିତୀୟ ପାଇପ୍ ଲାଇନ୍ ନିର୍ମାଣ ଦିଗରେ ନିଆ ଯାଇଥିବା ବିବିଧ ପଦକ୍ଷେପ ସଂପର୍କରେ ବର୍ଣ୍ଣନା କରିଥିଲେ । ଏହା କାର୍ଯ୍ୟକାରୀ ହେଲେ ୧୯୮୧ ମସିହା ସୁଦ୍ଧା ସହରର ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅସୁବିଧା ଦୂର ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହାପରେ ବ୍ରହ୍ମପୁର ସୂଚନା କେନ୍ଦ୍ରଠାରେ ମୁଖ୍ୟମନ୍ତ୍ରୀ ପି. ଟି. ଆଇ. ର ଏକ ଟେଲିପ୍ରିଣ୍ଟର ସଂଯୋଗ ବ୍ୟବସ୍ଥା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭିକ ଭାଷଣ ଦେଇ ଲୋକସଂପର୍କ ନିର୍ଦ୍ଦେଶକ ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର ଚଳିତ ବର୍ଷ ସମ୍ବଲପୁର ଓ ରାଉରକେଲାଠାରେ ଟେଲିପ୍ରିଣ୍ଟର ଯୋଗାଯୋଗ ସ୍ଥାପିତ ହେବା ସଙ୍ଗେ ସଙ୍ଗେ



ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ ବ୍ରହ୍ମପୁର ସୂଚନା କେନ୍ଦ୍ରଠାରେ ଟେଲିପ୍ରିଣ୍ଟର ସଂଯୋଗ ବ୍ୟବସ୍ଥା ଉଦ୍‌ଘାଟନ କରିବା ପରେ ସମ୍ବାଦ ପାଠ କରୁଛନ୍ତି ।

ପର୍ଯ୍ୟାୟକ୍ରମେ ସବୁ ଜିଲ୍ଲା ସଦର ମହକୁମାରେ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ । ବିଧାନ ସଭା ସଦସ୍ୟ ଶ୍ରୀ ଉଦୟ ନାରାୟଣ ଦେବ ଏଥିରେ ସଭାପତିତ୍ୱ କରି ଜିଲ୍ଲାର କେତେକ ଉଲ୍ଲେଖନୀୟ ଅଭାବ ଅସୁବିଧା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର ଏହି ଦିନିକିଆ ଗସ୍ତ ସମୟରେ ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଆମ ସାଫଲ୍ୟର କେତୋଟି ଦିଗ

**ଡାକ୍ତର ବିପିନ ବିହାରୀ ଦାସ**

ଭାରତ ଗୋଟିଏ ଗ୍ରାମ ବହୁଳ ଦେଶ । ଆମ ଦେଶରେ ଓଡ଼ିଶା ଗୋଟିଏ ଗ୍ରାମ ବହୁଳ ରାଜ୍ୟ । ଏଠାରେ ଶତକଡ଼ା ୪୦ ଭାଗ ଲୋକ କେବଳ ଆଦିବାସୀ, ହରିଜନ ତଥା ସମାଜର ଦୁର୍ବଳ ଶ୍ରେଣୀର ଅନ୍ତର୍ଭୁକ୍ତ । ସମୁଦାୟ ଜନସଂଖ୍ୟାର ପ୍ରାୟ ପଞ୍ଚମାଂଶ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ସେ ଦୃଷ୍ଟିରୁ ଗ୍ରାମାଞ୍ଚଳ ଲୋକମାନଙ୍କର ଉନ୍ନତତର ସ୍ୱାସ୍ଥ୍ୟ ଓ ଚିକିତ୍ସାମୂଳକ ସେବା କ୍ଷେତ୍ରରେ ସଂପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆ ଯାଇଛି ।

ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାର ୨୯ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏହା ଅଧୀନରେ ଥିବା ୨୧୫ଟି ଉପକେନ୍ଦ୍ର ମାଧ୍ୟମରେ ରୋଗ ପ୍ରତିଷେଧ, ଚିକିତ୍ସା ଓ ସାଧାରଣ ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ଆମର ପ୍ରଧାନ ଲକ୍ଷ୍ୟ । ଏହି ପରିକଳ୍ପନାର ଗୋଟିଏ ପ୍ରଧାନ ଅଙ୍ଗ ହିସାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ତାଲିମ୍ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ୧୯୭୭ ମସିହା ଅକ୍‌ଟୋବର ୨ ତାରିଖ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମ ତିଥିରେ ସମଗ୍ର ଭାରତ ଭଳି ଆମ ଜିଲ୍ଲାର ରାଜସୁନାଖଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଫେବୃୟାରୀ ପହିଲାରୁ ହଳଦିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତାଲିମ ପରିସର ଭୁକ୍ତ କରାଯାଇଛି । ଅଦ୍ୟାବଧି ଏହି ପରିକଳ୍ପନାରେ ୪୦ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ତାଲିମ ପାଇ ସାରିଲେଣି ଓ ବର୍ତ୍ତମାନ ୨୦ଜଣ ତାଲିମ୍ ପାଉଛନ୍ତି ।

ଏହି ପରିକଳ୍ପନା ଅନୁସାରେ ପ୍ରତି ୧ ହଜାର ବା ୨ ହଜାର ଲୋକସଂଖ୍ୟାବିଶିଷ୍ଟ ଗ୍ରାମର ଅଧିବାସୀମାନେ ସେହି ଗ୍ରାମର ସେମାନଙ୍କର ବିଶ୍ୱାସଭାଜନ ହେଲାଭଳି ଓ ସମାଜ ସେବା କଲାଭଳି ଜଣେ ଗ୍ରାମବାସୀଙ୍କୁ ମନୋନୀତ କରିବେ । ଏହି ଯୋଜନା ପରିସର ମଧ୍ୟରେ ସମଗ୍ର ଭାରତର ୫ ଲକ୍ଷ ୮୦ ହଜାର ଗ୍ରାମକୁ ଜଣେ ଲେଖାଏଁ କର୍ମୀ ଯୋଗାଇ ଦିଆଯିବ । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ସେମାନଙ୍କର ୩ ମାସ ତାଲିମ କାଳ ମଧ୍ୟରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନାର ପ୍ରସାର ଓ ପ୍ରାଥମିକ ଚିକିତ୍ସା ବିଷୟରେ ଆବଶ୍ୟକୀୟ ତାଲିମ ପାଇବେ । ଗ୍ରାମବାସୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ହିସାବରେ ସେମାନେ କାମ କରିବେ । ଗୁରୁତର ଧରଣର ରୋଗ ଓ ସଂକ୍ରାମକ ରୋଗ ସମ୍ବନ୍ଧରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରଙ୍କୁ ତୁରନ୍ତ ଜଣାଇ ତାର ଚିକିତ୍ସା ବ୍ୟବସ୍ଥା କରିବେ । ତାଲିମ କାଳ ମଧ୍ୟରେ ସେମାନଙ୍କୁ ମାସିକ ଟ୨୦୦ ଲେଖାଏଁ ଭତ୍ତା, ତାଲିମ ଶେଷରେ ଗୋଟିଏ ଔଷଧ ବାକ୍‌ସ ଓ ମାସିକ ଟ୫୦ ଲେଖାଏଁ ଭତ୍ତା ମିଳିବାର ବ୍ୟବସ୍ଥା ରହିଛି । ସଂପୃକ୍ତ ସ୍ୱାସ୍ଥ୍ୟକର୍ମୀ ନିଜର ବୃତ୍ତିଗତ ଧନ୍ଦା ସହିତ ପ୍ରତ୍ୟହ ୨।୩ ଘଣ୍ଟା ସାଧାରଣ ଲୋକଙ୍କ ସେବାରେ ବିନିଯୋଗ କରିବେ । ମାତ୍ର ସେମାନେ ସରକାରୀ କର୍ମଚାରୀ ହିସାବରେ ପରିଗଣିତ ହେବେ ନାହିଁ । ଏହାଦ୍ୱାରା ଅବହେଳିତ ପଲ୍ଲୀବାସୀଙ୍କ ଦୁଆର ମୁହଁରେ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥା ପହଞ୍ଚାଇ ଦିଆଯାଇ ପାରିବ ।

ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ପରିକଳ୍ପନା ଏ ଦିଗରେ ଅନ୍ୟ ଏକ ବଳିଷ୍ଠ ପଦକ୍ଷେପ । ଏହି ପରିକଳ୍ପନା ଅନୁସାରେ ପ୍ରତି ୫ ହଜାର ଲୋକଙ୍କ ପାଇଁ ଜଣେ ଲେଖାଏଁ ପୁରୁଷ କର୍ମୀ ଓ ପ୍ରତି ୮ ହଜାର ଲୋକଙ୍କ ପାଇଁ ଜଣେ ଲେଖାଏ ମହିଳା କର୍ମୀଙ୍କୁ ବୃତ୍ତିଗତ ତାଲିମ ଦିଆଯାଇ ମୁତୟନ କରାଯିବ । ୧୯୮୮ ମସିହା ବେଳକୁ ଏହି ପରିକଳ୍ପନା ଦେଶର ସମଗ୍ର ଅଞ୍ଚଳକୁ ସଂପ୍ରସାରିତ ହେବାର ଲକ୍ଷ୍ୟ ରଖା ଯାଇଛି । ଏହି ଯୋଜନାରେ ମୌଳିକ ଲକ୍ଷ୍ୟ ହେଲା ୫ ହଜାର ଲୋକସଂଖ୍ୟାବିଶିଷ୍ଟ ଗୋଟିଏ ଗୋଟିଏ ୟୁନିଟ୍‌ରେ ଜଣେ ଜଣେ କର୍ମୀଙ୍କୁ ସବୁ ପ୍ରକାର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ । ସଂପ୍ରତି ହଇଜା, ବସନ୍ତ, ମ୍ୟାଲେରିଆ, ବାତଜ୍ୱର, ପରିବାର କଲ୍ୟାଣ ଆଦି ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଏହିଳି ବୃତ୍ତିଗତ ତାଲିମ ଦିଆଯାଉଛି । ସେମାନେ ଜଣେ ଜଣେ ମୌଳିକ ସ୍ୱାସ୍ଥ୍ୟ କର୍ମୀ ହିସାବରେ ପ୍ରତି ୫ ହଜାର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବିବିଧ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ କେନ୍ଦ୍ରୀଭୂତ ଧ୍ୟାନ ଦେବେ ।



ଭୁବନେଶ୍ୱରଠାରେ ୧୯୭୯ ଅପ୍ରେଲ ୩୦ ତାରିଖ ଦିନ ପୂର୍ବାଞ୍ଚଳ ଶିକ୍ଷା କେନ୍ଦ୍ରର ନବମ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ରବି ରାୟ ତାଲିମ ନେଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡିପ୍ଲୋମା ପ୍ରଦାନ କରୁଛନ୍ତି ।




ମଇ ପହିଲା ଦିନ କଟକ କଲେକ୍ଟୋରେଟ୍‌ଠାରେ ଏକ ସାମ୍ବାଦିକ ପ୍ରକୋଷ୍ଠ ଉଦ୍‌ଘାଟନ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର ଏବଂ କଟକ ଜିଲ୍ଲାପାଳଙ୍କ ଗହଣରେ ସ୍ଥାନୀୟ ସମ୍ବାଦପତ୍ର ପ୍ରତିନିଧି ବୃନ୍ଦ ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ଭଗବତ୍ ଦୟାଳ ଶର୍ମା ୧୯୭୯ ମଇ ୨୮ ତାରିଖ ଦିନ ରେଡ଼କ୍ରସ୍ ସଭ୍ୟ ସଂଗ୍ରହ ଅଭିଯାନରେ ସର୍ବଶ୍ରେଷ୍ଠ କୃତିତ୍ୱ ଅର୍ଜନ କରିଥିବା ଯୋଗୁଁ କେନ୍ଦୁଝର ଜିଲ୍ଲାପାଳଙ୍କୁ ଭୁବନେଶ୍ୱର ରାଜଭବନଠାରେ ସିଲ୍ଡ ପ୍ରଦାନ କରୁଛନ୍ତି ।



ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ଏସ୍. ଏମ୍. ଏଚ. ବର୍ଣ୍ଣେ ଯୋଜନା କାର୍ଯ୍ୟକ୍ରମ ଓ ଏହାର ଅଗ୍ରଗତି ସମୀକ୍ଷା କରିବାପାଇଁ କଟକଠାରେ ୧୯୭୯ ଅପ୍ରେଲ ୨୨ ତାରିଖରେ ଉତ୍ତରାଞ୍ଚଳ ଉନ୍ନୟନ ସମ୍ମିଳନୀ ଉଦ୍‌ଘାଟନ କରୁଛନ୍ତି ।



ଡକ୍ଟର ହରେକୃଷ୍ଣ ମହତାବ ମଇ ପହିଲା ଦିନ ଭୁବନେଶ୍ୱର ସୂଚନା ଭବନଠାରେ ଦୈନିକ "ପ୍ରଗତିବାଦୀର" ଉଦ୍‌ଘାଟନ ଉତ୍ସବରେ ପ୍ରଥମେ କାଗଜ କିଣୁଛନ୍ତି ।

ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ରବି ରାୟ, ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ପାର୍ଲିଆ-ମେଣ୍ଟ ସଦସ୍ୟ ଶ୍ରୀ ପ୍ରଦ୍ୟୁମ୍ନ କିଶୋର ବଳ ଓ 'ସମାଜ' ସମ୍ପାଦକ ଡକ୍ଟର ରାଧାନାଥ ରଥ ଯୋଗ ଦେଇଥିଲେ ।



ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ଏସ୍. ଏମ୍. ଏଚ୍. ବର୍ଣ୍ଣେଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁରଠାରେ ୧୯୭୯ ଅପ୍ରେଲ ୨୭ ରୁ ୨୯ ତାରିଖ ଯାଏ ଅନୁଷ୍ଠିତ ଡିଭିଜନାଲ ଉନ୍ନୟନ ସମ୍ମିଳନୀରେ ବହୁ ବିଧାନସଭା ସଦସ୍ୟ ଓ ଉଚ୍ଚ ସରକାରୀ ଅଫିସରମାନେ ଯୋଗ ଦେଇଥିଲେ ।



କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ୧୯୭୯ ମଇ ୧୭ ତାରିଖ ଦିନ କଟକ ଜିଲ୍ଲା ଅହିୟାସ ଗ୍ରାମରେ କୃଷକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏହି ସମ୍ମିଳନୀରେ ପୌରୋହିତ୍ୟ କରିଥିଲେ ।

ଫଳରେ ଗାଁ ସହରର ଅର୍ଥନୈତିକ ଭିତ୍ତିଭୂମିକୁ ଦୃଢ଼ୀଭୂତ କରିବା ପାଇଁ ଜନସାଧାରଣଙ୍କର ସ୍ୱାସ୍ଥ୍ୟୋନ୍ନତି, ରୋଗ ପ୍ରତିଷେଧକ ଓ ଚିକିତ୍ସା ଏହି ବିବିଧ ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ଏଥି ପାଇଁ ବିଭିନ୍ନ ଶ୍ରେଣୀର କର୍ମଚାରୀଙ୍କର୍ ଆବଶ୍ୟକତା ଆଉ ରହିବ ନାହିଁ ।

ସେଇଭଳି ପ୍ରତ୍ୟେକ ୧ଲକ୍ଷ ଗର୍ଭବତୀ ସ୍ତ୍ରୀମାନଙ୍କ ମଧ୍ୟରୁ ଆମ ଦେଶରେ ୫୭୩ ଜଣଙ୍କର ପ୍ରସବକାଳୀନ ମୃତ୍ୟୁ ହୁଏ ଓ ଏହି ମୃତ୍ୟୁ ହାର ସମଗ୍ର ପୃଥିବୀରେ ସର୍ବୋଚ୍ଚ । ପୁଷ୍ଟିକର ଖାଦ୍ୟାଭାବ ଯୋଗୁଁ ଶତକଡ଼ା ୧୭ ଭାଗ ଗର୍ଭବତୀ ସ୍ତ୍ରୀ ଅକାଳରେ ପ୍ରସବ କରି ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାନ୍ତି । ଶିଶୁ ମୃତ୍ୟୁର ହାର ମଧ୍ୟ ଆମ ଦେଶରେ ଅତ୍ୟନ୍ତ ହୃଦୟ ବିଦାରକ । ବାର୍ଷିକ ଜନ୍ମ ଲଭ କରୁଥିବା ୨୧ ନିୟୁତ ଶିଶୁମାନଙ୍କ ମଧ୍ୟରୁ ୧ ନିୟୁତ ଶିଶୁ ସେମାନଙ୍କ ପ୍ରଥମ ଜନ୍ମଦିନ ପୂର୍ବରୁ ମୃତ୍ୟୁ ମୁଖରେ ପଡ଼ନ୍ତି । ସ୍କୁଲକୁ ଯିବା ପୂର୍ବରୁ ଅର୍ଥାତ୍ ୫ ବର୍ଷ ମଧ୍ୟରେ ଆଉ ସାଢ଼େ ୩ ନିୟୁତ ଶିଶୁ ମୃତ୍ୟୁର ଶିକାର ହୁଅନ୍ତି । ପ୍ରାୟ ଅଧ ନିୟୁତ ଶିଶୁ ଦେଶର ନାଗରିକ ହେବା ପୂର୍ବରୁ ସେହି ଅଫେରା ପଥର ପଥିକ ହୁଅନ୍ତି । ଏହି ସମସ୍ୟାର ସମାଧାନ ପାଇଁ ପ୍ରତି ୧ ହଜାର ଲୋକଙ୍କ ପାଇଁ ଜଣେ ଲେଖାଏଁ ତାଲିମପ୍ରାପ୍ତ ଧାଈ ଯୋଗାଇ ଦେବାର ପରିକଳ୍ପନା କରାଯାଇଛି । ଏହି ଧାଈମାନେ ଗର୍ଭବତୀ ସ୍ତ୍ରୀ ମାନଙ୍କର ପ୍ରସବ ପୂର୍ବ ଓ ପରବର୍ତ୍ତୀ କାଳରେ ଆବଶ୍ୟକୀୟ ଚିକିତ୍ସା, ନିରାପଦ ପ୍ରସବ ମା ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଆଦି ଦାୟିତ୍ୱ ତୁଲେଇବେ । ପ୍ରତ୍ୟେକ ପ୍ରସବ ପାଇଁ ସେମାନଙ୍କୁ ସରକାର ୨ ଟଙ୍କା ହିସାବରେ ପାରିଶ୍ରମିକ ଦେବେ । ଆମ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୮୩ ଜଣ ଧାଈ ତାଲିମ ପାଇ ସାରିଲେଣି । ବ୍ୟାପକ ଭାବରେ ଏହା କାର୍ଯ୍ୟକାରୀ ହେଲେ ତାହା ଫଳରେ ଏକ ସୁଖୀ ଓ ସମୃଦ୍ଧିଶାଳୀ ସମାଜ ଗଠିତ ହୋଇପାରିବ ।

ଜନସଂଖ୍ୟା ବିସ୍ଫୋରଣ ଆମ ଦେଶର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ୧୯୭୧ ମସିହାରେ ଭାରତର ଜନ ସଂଖ୍ୟା ୫୪୮ ନିୟୁତ ଥିବାବେଳେ ୧୯୭୭ ରେ ଏହା ୬୩୦ ନିୟୁତରୁ ଅଧିକ ହେଲଣି । ସମଗ୍ର ଜନସଂଖ୍ୟାର ଶତକଡ଼ା ୨ଭାଗ ତଥା ବାର୍ଷିକ ୧୨ ନିୟୁତ ହିସାବରେ ବର୍ତ୍ତମାନ ଜନସଂଖ୍ୟା ସହିତ ମିଶିବାରେ ଲାଗିଛି । ଜନସଂଖ୍ୟା ବୃଦ୍ଧିକୁ ଏହି ହାରରେ ଯଦି ଘଟିବାକୁ ଦିଆଯାଏ ତେବେ ଏ ଶତାବ୍ଦୀର ଶେଷ ବେଳକୁ ଦାରିଦ୍ର୍ୟର କଷାଘାତ ମଧ୍ୟରେ ବଞ୍ଚିରହିବା ପାଇଁ ମଣିଷ ମଣିଷ ମଧ୍ୟରେ ସଂଘର୍ଷ ଓ ପରିଣାମରେ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି ହେବ ।

ଦାରିଦ୍ର୍ୟ ଓ ନିଷ୍ପେଷଣରୁ ଏ ଦେଶକୁ ରକ୍ଷା କରିବା ଲାଗି ୧୯୭୬ ମସିହା ଅପ୍ରେଲ ମାସରେ ଆମର ଜାତୀୟ ଜନସଂଖ୍ୟା ନୀତି ପ୍ରଣୟନ କରାଗଲା । ଏଥିରେ ୧୯୭୮-୭୯ ଓ ୧୯୮୩-୮୪ ବେଳକୁ ଜନ୍ମସଂଖ୍ୟା ପ୍ରତି ହଜାରରେ ଯଥାକ୍ରମେ ୩୦ ଓ ୨୫କୁ କମେଇ ଦେବାର ଲକ୍ଷ୍ୟ ରଖାଯାଇଥିଲା । ୧୯୭୭ ମସିହା ଜୁନ୍ ମାସରେ ନୂତନ ସରକାର ଦାୟିତ୍ୱ ନେଲାପରେ ଏହି କାର୍ଯ୍ୟକ୍ରମରେ କେତେକ ସ୍ୱତନ୍ତ୍ର ଆଭିମୁଖ୍ୟ ପ୍ରକାଶ ପାଇଛି । ଫଳରେ ସ୍ୱାସ୍ଥ୍ୟ, ମାତୃ ଓ ଶିଶୁ ମଙ୍ଗଳ, ପରିବାର କଲ୍ୟାଣ, ପୁଷ୍ଟି ସାଧନ ଆଦି ନୂତନ ପରିକଳ୍ପନା ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି । ଛୋଟ ପରିବାର ଗଠନ କାର୍ଯ୍ୟକ୍ରମକୁ ସବୁ ପ୍ରକାର ବାଧ୍ୟବାଧକତା ଓ ବଳପ୍ରୟୋଗର ଊର୍ଦ୍ଧ୍ୱରେ ରଖାଯାଇ କେବଳ ପ୍ରବର୍ତ୍ତନା ଓ ପ୍ରୋତ୍ସାହନ ଜରିଆରେ ଏହା କାର୍ଯ୍ୟକାରୀ କରାଯାଉଛି । ଆଗାମୀ ୫ ବର୍ଷ ମଧ୍ୟରେ ୨୫ ନିୟୁତ ନରନାରୀଙ୍କୁ ସ୍ୱେଚ୍ଛାକୃତ ନିର୍ବୀଯ୍ୟ କରଣ କିମ୍ବା ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପାଇଁ ଲକ୍ଷ୍ୟ ରଖାଯାଇଛି । ତାହା ଛଡ଼ା ୫୦ ଲକ୍ଷ ମହିଳାଙ୍କୁ ଗର୍ଭନିରୋଧ ପଦ୍ଧତିରେ ଅନ୍ତର୍ଭୁକ୍ତ କରାଯିବାର ପରିକଳ୍ପନା କରାଯାଇଛି । ଏଗୁଡ଼ିକ ମାତୃ ଓ ଶିଶୁମଙ୍ଗଳ ଭଳି ଏକ ବ୍ୟାପକ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ କରାଯାଇ ଜନସାଧାରଣଙ୍କ ସୁଖ ସମୃଦ୍ଧି ଓ କଲ୍ୟାଣ ପାଇଁ ବିନିଯୋଗ କରାଯାଇଛି । ଏହି ଯୋଜନାର ଏକ ଅଂଶୀଦାରରୂପେ ପୁରୀ ଜିଲ୍ଲାରେ ଗତ ୧୯୭୮ ମସିହାରେ ୨,୦୩୦ ଜଣ ପୁରୁଷ ଓ ୮,୨୩୫ ଜଣ ସ୍ତ୍ରୀଙ୍କୁ ଅସ୍ତ୍ରୋପଚାର କରାଯାଇଛି ଓ ୧,୦୮୪ ଜଣଙ୍କୁ ଗର୍ଭନିରୋଧ ପଦ୍ଧତିର ଅନ୍ତର୍ଭୁକ୍ତ କରାଯାଇଛି ।

ପକ୍ଷାନ୍ତରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ଏକ ମୁଖ୍ୟ ଅଙ୍ଗ ରୂପେ, ମା ଓ ଶିଶୁର ସ୍ୱାସ୍ଥ୍ୟ ସଂରକ୍ଷିତ ରଖିବା ପାଇଁ ଯେଉଁ ଯୋଜନାମାନ ହାତକୁ ନିଆଯାଇଛି ତନ୍ମଧ୍ୟରେ ମା ଓ ଶିଶୁମାନଙ୍କର ପୁଷ୍ଟିକର ଖାଦ୍ୟାଭାବ ଜନିତ ରକ୍ତହୀନତା, ଶିଶୁମାନଙ୍କର ଦୃଷ୍ଟିଶକ୍ତିହୀନତା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ୫ ବର୍ଷ ମଧ୍ୟରେ ସମଗ୍ର ଦେଶରେ ୭୩୦ ନିୟୁତ ମା ଓ ଶିଶୁମାନଙ୍କୁ ଫଲିଫର ବଟିକା, ଭିଟାମିନ୍ 'ଏ' ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆଲୋଚିତ ସମୟ ମଧ୍ୟରେ ୧,୩୨୦ ନିୟୁତ ଶିଶୁଙ୍କୁ ଡିପ୍‌ଥେରିଆ, ଟିଟାନସ୍, ହୁପିଙ୍ଗ କଫ୍ ପ୍ରତିଷେଧକ ଟିକା ଦେବାର ଲକ୍ଷ୍ୟ ରଖାଯାଇଛି । ଏହି ପରିକଳ୍ପନା ଅନୁଯାୟୀ ଆମ ଜିଲ୍ଲାରେ ବିଗତ ବର୍ଷ ମଧ୍ୟରେ ୯,୩୭୦ ଜଣ ଗର୍ଭବତୀ ମା' ମାନଙ୍କୁ ଟିଟାନସ୍ ଟକ୍ସଏଡ୍, ୨ ବର୍ଷ ବୟସ ମଧ୍ୟରେ ୯,୫୬୦ ଜଣ ଶିଶୁଙ୍କୁ ଡି. ପି. ଟି. ଓ ୬ ବର୍ଷ ବୟସ ମଧ୍ୟରେ ୨୫,୭୮୫ ଜଣ ଶିଶୁଙ୍କୁ ଡି. ଟି, ପ୍ରଭୃତି ପ୍ରତିଷେଧକ ଟିକାମାନ ଦିଆଯାଇଛି । ମା' ଓ ଶିଶୁମାନଙ୍କର ରକ୍ତହୀନତା, ଦୃଷ୍ଟିଶକ୍ତିହୀନତା ଆଦି ଦୂରୀକରଣ ପାଇଁ ଆମ ଜିଲ୍ଲାରେ ୨୪,୫୮୩ ଜଣ ମା' ଓ ୩୮,୮୭୮ ଜଣ ଶିଶୁଙ୍କୁ ଫଲିଫର ବଟିକା ଓ ୬୪,୯୦୫ ଜଣଙ୍କୁ ଭିଟାମିନ୍ 'ଏ' ସଲ୍ୟୁସନ ଯୋଗାଇ ଦିଆଯାଇଛି । ମା' ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ଏହା ଯଥାର୍ଥ ଭାବରେ ସହାୟକ ହେବ ବୋଲି ଆଶା ।

ଏଭଳି ଏକ ସମୟରେ ୧୯୭୯ ମସିହାକୁ ଆନ୍ତର୍ଜାତିକ ଶିଶୁମଙ୍ଗଳ ବର୍ଷ ରୂପେ ପାଳନ କରାଯାଉଥିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ମିଳିତ ଜାତିସଂଘ ଆନୁକୂଲ୍ୟରେ ପ୍ରତିଷ୍ଠିତ ୟୁନିସେଫ ନାମକ ଶିଶୁ କଲ୍ୟାଣ ପାଣ୍ଠିରୁ ସମଗ୍ର ବିଶ୍ୱର ଶିଶୁମାନଙ୍କ କଲ୍ୟାଣ ପାଇଁ ଅର୍ଥ ବିନିଯୋଗ କରାଯାଉଛି । ଆଜିର ଯିଏ ଶିଶୁ କାଲିର ରାଷ୍ଟ୍ର ନିର୍ମାତା । ଭଲ ଖାଇବା ଭଲ ପିନ୍ଧିବା, ଶିକ୍ଷାଦୀକ୍ଷା, ଆଦରଯତ୍ନ ତାର ଜନ୍ମଗତ

ଅଧିକାର । ସୁସ୍ଥସବଳ ହୋଇ ସେ ହେବ ଆଗାମୀ କାଲିର ନାଗରିକ । ଅଭାବ ଅନଟନ ଚକାଭଉଁରୀ ମଧ୍ୟରେ ପେଷିହୋଇ ଯେଉଁ ୫ ନିୟୁତ କୋମଳମତି ଶିଶୁ ଅକାଳରେ ବୃନ୍ତଚ୍ୟୁତ ହେଉଛନ୍ତି ତାଙ୍କ କଥା ବୁଝୁଛି କିଏ ? ରୋଗ ବ୍ୟାଧିର ସଂଘର୍ଷ ମଧ୍ୟରେ ଯେଉଁମାନେ ଅକର୍ମଣ୍ୟ, ବିକଳାଙ୍ଗ ହୋଇ ବଞ୍ଚିରହୁଛନ୍ତି ସେମାନେ ପରବର୍ତ୍ତୀ କାଳରେ ବିସ୍ଫୋଟକ ଟଙ୍କ ସଦୃଶ ସମାଜର ଅର୍ଥନୈତିକ ଓ ଅବାଞ୍ଛିତ ବୋଝ ରୂପେ ଦେଖାଦିଅନ୍ତି । ଏହି ଆହ୍ୱାନର ମୁକାବିଲା କରିବାକୁ ଆଜି ମିଳିତ ଜାତିସଂଘ ଆଗଭର । ଆଦର, ଯତ୍ନ, ସ୍ନେହ, ଶ୍ରଦ୍ଧା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମାଧ୍ୟମରେ ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ଘଟେଇବା ଏହି ଶିଶୁ କଲ୍ୟାଣ ବର୍ଷର ଲକ୍ଷ୍ୟ । ଜନ୍ମ ହେବା ମାତ୍ରେ ଶିଶୁମାନଙ୍କ ଦେହରେ ରୋଗ ପ୍ରତିରୋଧ ଶକ୍ତି ଅଭାବରୁ ସେମାନେ ଖୁବ୍ ଶୀଘ୍ର ବିଭିନ୍ନ ପ୍ରକାର ସଂକ୍ରାମକ ଓ ଡିଆଁ ରୋଗରେ ଆକ୍ରାନ୍ତ ହୁଅନ୍ତି । ତେଣୁ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବଢ଼େଇ ରୋଗ ବ୍ୟାଧିକୁ ପରାସ୍ତ କରିବା ପାଇଁ ବିଭିନ୍ନ ସମୟରେ ପ୍ରତିଷେଧକ ଟିକାମାନ ଦିଆଯିବାର ବ୍ୟବସ୍ଥା କରାଯାଉଛି । ସେଗୁଡ଼ିକ ହେଲା ଧନୁଷ୍ଟଙ୍କାର, ବସନ୍ତ, ଯକ୍ଷ୍ମା, ଡିପ୍‌ଥେରିଆ, ଅଙ୍ଗ ପୋଲିଓ, ମିଳିମିଳା, ଟାଇଫଏଡ୍ ଇତ୍ୟାଦି । ଆମ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଯାୟୀ ଏବର୍ଷ ୧୭,୧୦୦ ଜଣ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରତିଷେଧକ ଟିକା ଦେବାର ଲକ୍ଷ୍ୟ ରଖାଯାଇଛି ଓ ଗତ ୨ ମାସ ମଧ୍ୟରେ ୪,୬୨୧ ଜଣଙ୍କୁ ଏହି ଟିକା ଦିଆ ସରିଲାଣି ।

ଗତ ୧୯୭୫ ମସିହା ଜାନୁଆରୀ ୬ ତାରିଖରୁ ଓଡ଼ିଶାରୁ ବସନ୍ତ ରୋଗ ମୂଳପୋଛ ହୋଇ ଯାଇଥିବା ଅନ୍ୟ ଏକ ଐତିହାସିକ ସାଫଲ୍ୟ । ଏହି ରୋଗରେ ୧୯୭୪ ଓ ୧୯୭୫ ମସିହାରେ କଣାସ ବ୍ଲକ୍‌ରେ ଯଥାକ୍ରମେ ୧୨୦ ଓ ୬ ଜଣ ଆକ୍ରାନ୍ତ ହୋଇ ୨୭ ଓ ୧ ଜଣ ମୃତ୍ୟୁ ବରଣ କରିଥିଲେ । ସେ ସମୟରେ ଏହା ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲା । ତତ୍ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ରାଜ୍ୟ ତଥା ଜିଲ୍ଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ମିଳିତ ପ୍ରଚେଷ୍ଟାରେ ଏ ରୋଗକୁ ଆୟତ୍ତ କରାଯାଇଥିଲା । ସଂପ୍ରତି ହାଡ଼ଫୁଟି ଓ ମିଳିମିଳା ଜିଲ୍ଲାର କେତେକ ଅଞ୍ଚଳରେ ଦେଖାଦେଇଛି । ମାତ୍ର ବସନ୍ତରୋଗ ହୋଇଛି ବୋଲି ସାଧାରଣ ଲୋକେ ତଥାକଥିତ ୧ ହଜାର ଟଙ୍କା ପୁରସ୍କାର ଦାବୀ କରୁଥିବା ପ୍ରସଙ୍ଗ କ୍ରମେ ଉଲ୍ଲେଖନୀୟ । ବସନ୍ତ ରୋଗ ନିରାକରଣର ପରବର୍ତ୍ତୀ କାଳରେ ସଂପୃକ୍ତ କର୍ମଚାରୀମାନଙ୍କୁ ସଂପ୍ରସାରିତ ରୋଗ-ମୁକ୍ତି କାର୍ଯ୍ୟକ୍ରମ ଭଳି ଏକ ଦାୟିତ୍ୱପୂର୍ଣ୍ଣ ଓ ବ୍ୟାପକ କାର୍ଯ୍ୟକ୍ରମ ମୁଣ୍ଡକୁ ନେବାକୁ ପଡ଼ିଛି । ଗତ ବର୍ଷ ଏ ଜିଲ୍ଲାରେ ୫୯୬୩୧ ଜଣ ଶିଶୁଙ୍କୁ ବସନ୍ତ ପ୍ରତିଷେଧକ ପ୍ରାଥମିକ ଟିକା ଓ ୯୧,୫୧୫ ଜଣଙ୍କୁ ପୁନର୍ବାର ଟିକା ଦିଆଯାଇଛି ।

୧୯୭୮ ମସିହା ସେପ୍ଟେମ୍ବର ମାସରେ ଏ ଜିଲ୍ଲାର ୧୬ଟି ବ୍ଲକରେ ୮୯ଟି ପଞ୍ଚାୟତ ଅଧୀନସ୍ଥ ୫୭୫ଟି ଗ୍ରାମରେ ପ୍ରଳୟଙ୍କରୀ ବନ୍ୟା ପ୍ଲାବନ ହୋଇଥିଲା । ବହୁ ଦୁର୍ଗମ ଅଞ୍ଚଳ ଗସ୍ତ କରି ଧାନ ବିଲ ଉପରେ ୧୨/୧୪ ଫୁଟ ପାଣି ଜମି ଯାଇଥିବାର ଦେଖାଗଲା । କୂପ ଓ ନଳ କୂପ ଗୁଡ଼ିକ ବନ୍ୟାଜଳରେ ବୁଡ଼ିଯାଇ ପିଇବା ପାଣି ସବୁ ଦୂଷିତ ହୋଇଯାଇଥିଲା । ହଇଜା, ମହାମାରୀ, ମ୍ୟାଲେରିଆ, କାଶ, ଥଣ୍ଡା ପ୍ରଭୃତି ବ୍ୟାପିଯିବାର ଆଶଙ୍କା କରା ଯାଉଥିଲା । କିନ୍ତୁ ଆମର କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଏଭଳି ଆଶଙ୍କାକୁ ପରାହତ କରିଥିଲେ । ଏହି ସମୟରେ ୧,୨୩,୨୮୭ ଜଣଙ୍କୁ ହଇଜା ପ୍ରତିଷେଧକ ଇଞ୍ଜେକ୍‌ସନ ଦିଆଯାଇଥିଲା ଓ ୧୮,୧୧୪ ଟି କୂପ ଓ ୧,୪୮୪ଟି ପୁଷ୍କରିଣୀର ଘାଟ ଏକାଧିକବାର ବିଶୋଧନ କରାଯାଇଥିଲା । ସ୍ଥାୟୀ ଉପକେନ୍ଦ୍ରଗୁଡ଼ିକୁ ଛାଡ଼ି ୪୮ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇ ୧୬,୭୮୨ ଜଣଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା । କେନ୍ଦ୍ରୀୟ ବନ୍ୟା ଅନୁଧ୍ୟାନକାରୀ ଦଳ ଗତ ନଭେମ୍ବର ମାସର ପ୍ରଥମଭାଗରେ ଏ ଜିଲ୍ଲା ପରିଦର୍ଶନ କରି ବନ୍ୟା ସମୟରେ ନିଆଯାଇଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥାମାନଙ୍କରେ ସନ୍ତୋଷ ପ୍ରକାଶ କରିଥିଲେ ।

ଏହି ଜିଲ୍ଲାକୁ କଲେରା ଏଣ୍ଡେମିକ୍ ହିସାବରେ ଅନ୍ତର୍ଭୁକ୍ତ କରା ଯାଇଥିବାରୁ ୨୯ଟି ବ୍ଲକ୍ ମଧ୍ୟରୁ ୨୪ ଟି ବ୍ଲକ୍‌ରେ କଲେରା କଣ୍ଟ୍ରୋଲ ଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ଅଧୀନରେ ଜଣେ ଡାକ୍ତର, ୧୮ ଜଣ ସ୍ୱାସ୍ଥ୍ୟ ବିଭାଗ ଇନସ୍‌ପେକ୍‌ଟର, ୮୫ ଜଣ କଲେରାଓ୍ୱାର୍କର, ୨ଜଣ ଏ. ଏନ୍. ଏମ୍ ଓ ଜଣେ ଡ୍ରାଇଭର କାର୍ଯ୍ୟ କରୁଛନ୍ତି । ଗତ ବର୍ଷ ଏହି ଜିଲ୍ଲାରେ ହଇଜାରେ ୬୦ ଜଣ ଆକ୍ରାନ୍ତ ହୋଇ ୬ଜଣ ମୃତ୍ୟୁ ବରଣ କରିଥିବା ବେଳେ ଝାଡ଼ା ବାନ୍ତିରେ ୧୯୫ ଜଣ ଆକ୍ରାନ୍ତ ହୋଇ ୨୦ ଜଣ ମୃତ୍ୟୁ ବରଣ କରିଥିଲେ । ଆଲୋଚ୍ୟ ବର୍ଷ ମଧ୍ୟରେ ୫୪୨,୫୬୭ ଜଣ ଲୋକଙ୍କୁ ହଇଜା ପ୍ରତିଷେଧକ ଇଞ୍ଜେକ୍‌ସନ ଦିଆ ଯାଇଥିଲା ଓ ୭,୭୦୮ ଟି କୂପ ୭,୨୪୬ଟି ଘାଟ ବିଶୋଧନ କରାଯାଇଥିଲା । ବହୁ ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ପିଇବା ପାଣି ପାଇଁ କୂପ କିମ୍ବା ନଳକୂପ ବ୍ୟବସ୍ଥା ନ ଥିବା ଏ ରୋଗ ନିରାକରଣରେ ଅନ୍ତରାୟ ସୃଷ୍ଟି କରିଛି । ଅବଶ୍ୟ ଏଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଅଗ୍ରାଧିକାର ଭିତ୍ତିରେ ବହୁ ଗ୍ରାମକୁ ନଳକୂପ ଯୋଗାଣ ବ୍ୟବସ୍ଥା ସଂପ୍ରସାରିତ ହୋଇଛି । ତଥାପି କୃଷ୍ଣ ପ୍ରସାଦ, କଣାସ, ବ୍ରହ୍ମଗିରି ଚିଲିକା ଉପକୂଳବର୍ତ୍ତୀ କେତେକ ଅଞ୍ଚଳରେ ଲୁଣିପାଣି ହେତୁ ଯେଉଁଠି ନଳକୂପ ଲୋକଙ୍କ ସେବାରେ ଲାଗି ପାରୁନାହିଁ ସେଠାରେ ବନ୍ୟା ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶ ଅନୁଯାୟୀ ପରୀକ୍ଷାମୂଳକ ଭାବରେ ରାଜସ୍ଥାନର ପ୍ରଚଳିତ ବର୍ଷା ପାଣି ଭଣ୍ଡାର କାର୍ଯ୍ୟକାରୀ କରିବା ପାଇଁ ବିଚାରାଧୀନ ଅଛି । ଏହା କାର୍ଯ୍ୟକାରୀ ହେଲେ ସେ ସବୁ ଅଞ୍ଚଳରେ ପିଇବାପାଣି ଦୁଃଖ ଦୂରୀଭୂତ ହେବାର ଆଶା ।

ମ୍ୟାଲେରିଆ ରୋଗ ପୂର୍ବଭଳି ପୁଣି ବ୍ୟାପକ ଭାବରେ ଦେଖା ଦେଉଥିବା ଘଟଣା ଚାରିଆଡ଼େ ଭୟ ସୃଷ୍ଟି କରିଛି । ଏହି ଅବସ୍ଥାର ସମ୍ମୁଖୀନ ହେବା ଲାଗି ଗତ ୧୯୭୭ ମସିହା ଅପ୍ରେଲ ପହିଲାଠାରୁ ପୂର୍ବ ପ୍ରଚଳିତ ଯୋଜନାରେ କେତେକ

ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇ ଏହାକୁ ଆହୁରି ବ୍ୟାପକ ଓ ଆଶୁ କର୍ମାଭିମୁଖୀ କରାଯାଇଛି । ସେଥିପାଇଁ ମଶାମରା ଔଷଧ ପକାଇବା ଓ ଅଧିକ ସଂଖ୍ୟାରେ ଜ୍ୱର ବଟିକା ବିତରଣ କେନ୍ଦ୍ରମାନ ଖୋଲିବା ଉପରେ ଅଗ୍ରାଧିକାର ଦିଆଯାଇଛି । ୧୯୭୮ ମସିହାରେ ୨,୭୦୬ଟି ଗ୍ରାମରେ ଡ୍ରଗ ଡିଷ୍ଟ୍ରିବିଉସନ ସେଣ୍ଟର ଖୋଲା ଯାଇଥିବା ସ୍ଥଳେ ୨,୩୦୮ଟି ଗ୍ରାମରେ ଡି. ଡି. ଟି. ସ୍ପ୍ରେ କରାଯାଇଛି । ଆଲୋଚ୍ୟ ବର୍ଷ ମଧ୍ୟରେ ୨୯୧,୦୧୭ ଟି ରକ୍ତ କାଚ (ବ୍ଲଡ୍ ସ୍ଲାଇଡ୍) ସଂଗ୍ରହ କରାଯାଇ ୨୭୯,୮୮୯ଟି ସ୍ଲାଇଡ୍ ପରୀକ୍ଷା କରାଯାଇଛି । ତନ୍ମଧ୍ୟରୁ ୧୮,୮୫୩ ଜଣଙ୍କ ରକ୍ତରୁ ମ୍ୟାଲେରିଆ ଜୀବାଣୁ ବାହାରିଥିବାରୁ ସେମାନଙ୍କୁ ତୁରନ୍ତ ଔଷଧ ଦିଆ ଯାଇ ଚିକିତ୍ସା କରାଯାଇଛି । ଏହି ପରିବର୍ତ୍ତିତ ବ୍ୟବସ୍ଥାମାନ ବିଶେଷ ଫଳପ୍ରଦ ଓ ଜନ ସହାୟକ ହୋଇଥିବା ଦେଖାଯାଉଛି ।

ଏକ ରୋଗମୁକ୍ତ ସୁଖୀ, ସୁସ୍ଥ ଓ ସମୃଦ୍ଧିଶାଳୀ ସମାଜ ଓ ରାଷ୍ଟ୍ର ଗଠନ କରିବା ପାଇଁ ବହୁବିଧ ଯୋଜନାର ଯେଉଁ ଜୟଯାତ୍ରା ଚାଲିଛି ଏଥିରେ ସର୍ବସାଧାରଣ, ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସକ୍ରିୟ ସାହାଯ୍ୟ ସହାନୁଭୂତି ଏକାନ୍ତ ଆବଶ୍ୟକ । ତା'ନହେଲେ ଭାରତଭଳି ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିବର୍ତ୍ତିତ ସମାଜରେ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଯଥାର୍ଥ ଭାବରେ ରୂପାୟିତ କରିବା ସହଜସାଧ୍ୟ ହେବନାହିଁ । ଜୟ ଜଗନ୍ନାଥ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ
ପୁରୀ

# ମତ୍ସ୍ୟ ଚାଷରୁ ଲାଭ

**ଶ୍ରୀ ପ୍ରାଣକୃଷ୍ଣ ବେହେରା**

ଗାଁ ଗହଳରେ, କେବଳ କୃଷି ଉପରେ ନିର୍ଭର କରି ଲୋକଙ୍କର ଆର୍ଥିକ ଅବସ୍ଥାରେ ହଠାତ୍ ପରିବର୍ତ୍ତନ ଆଣିବା ସମୟସାପେକ୍ଷ । କାରଣ ଲୋକସଂଖ୍ୟା ତୁଳନାରେ ଜମିର ପରିମାଣ ଖୁବ୍ ସୀମିତ ଓ ବର୍ତ୍ତମାନ କୃଷିକାର୍ଯ୍ୟରେ ବହୁ ଅର୍ଥ ଲଗାଇବାକୁ ପଡୁଛି । କୃଷି ସହ ଅନ୍ୟାନ୍ୟ କାର୍ଯ୍ୟ ହାତକୁ ନେଲେ ଆମେ ଗ୍ରାମର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିପାରିବା ବୋଲି ବର୍ତ୍ତମାନ ସରକାର ଚିନ୍ତା କରୁଛନ୍ତି ଓ ସେଥିଲାଗି ବିଭିନ୍ନ ଯୋଜନା ଯଥା—ମତ୍ସ୍ୟଚାଷ, ଗୋପାଳନ, କୁକୁଡ଼ାପାଳନ ଇତ୍ୟାଦି ପାଇଁ ସରକାର ଖୁବ୍ ଉତ୍ସାହିତ କରୁଛନ୍ତି ।

ମତ୍ସ୍ୟଚାଷରେ ଖୁବ୍ ଲାଭ ବର୍ତ୍ତମାନ ହେଉଛି । ଦେଖାଯାଉଛି ଯେ, ପ୍ରତି ଏକର ଜମିରେ ୧୨ ହଜାର ଟଙ୍କାରୁ ଅଧିକା ଲାଭ ମାତ୍ର ୧୦ ମାସ ଭିତରେ ହୋଇପାରିଛି । ଭୁବନେଶ୍ୱରସ୍ଥିତ କୃଷି ବିଶ୍ୱବିଦ୍ୟାଳୟର ଅପରେସନ ଓ ରିସର୍ଚ୍ଚ ବିଭାଗ ଡେଲଙ୍ଗ ବ୍ଲକର କୁଆପଦ ଗ୍ରାମରେ ଦେଢ଼ ଏକର ଜମି ବିଶିଷ୍ଟ ଏକ ପଞ୍ଚାୟତ ପୁଷ୍କରିଣୀରେ ପରୀକ୍ଷାମୂଳକ ଭାବରେ ମିଳିତ ମତ୍ସ୍ୟ (Composite Pisciculture) ଚାଷ କରିଥିଲେ । ୧୯୭୮ ସେପେଟମ୍ବର ମାସରେ ଏହା ଆରମ୍ଭ କରାଯାଇଥିଲା । ଏଥିରେ ସିଲିଭରକାର୍ପ (ଚାଇନା ଜାତୀୟ ) ଜାଆଁଳ ୮୧୦, କମନ କାର୍ପ (ଚାଇନା ଜାତୀୟ) ଜାଆଁଳ ୩୦, ରୋହି ଜାଆଁଳ ୧୩୩୦, ଭାକୁର ଜାଆଁଳ ୧୧୪୦, ମିର୍କାଳୀ ଜାଆଁଳ ୮୦୦ ଓ ଅନ୍ୟାନ୍ୟ ଜାଆଁଳ ୧୫୦ ଛଡା ଯାଇଥିଲା । ଏହାପରେ ପୋଖରୀରେ ମାସକୁ ୧୨ କିଲୋଗ୍ରାମ ସୁପର, ୧୨ କିଲୋଗ୍ରାମ ୟୁରିଆ ଓ ୫୦୦ କିଲୋଗ୍ରାମ ଗୋବର ଦିଆଯାଇଥିଲା । ଏହା ବ୍ୟତୀତ, ମାଛଚାଷ ଆରମ୍ଭର ୩ ମାସ ପରେ ମାସକୁ ୧୦ କିଲୋଗ୍ରାମ କରି ୩୦ କିଲୋଗ୍ରାମ ଚୂନ ପକାଯାଇଥିଲା । ଆରମ୍ଭରେ ମଧ୍ୟ ୧,୦୦୦ କିଲୋଗ୍ରାମ ଗୋବର ଦିଆଯାଇଥିଲା । ପୋଖରୀଟିକୁ ଦଳସଫା ଓ ମାଛ ଜାଆଁଳମାନଙ୍କୁ ଖାଦ୍ୟ ଯୋଗାଇବାରେ ୩,୯୦୦ ଟଙ୍କା ଖର୍ଚ୍ଚ ହୋଇଛି । ୧୯୭୯ ଅପ୍ରେଲ ୧୧ ତାରିଖ ଦିନ ଅର୍ଥାତ୍ ୬ ମାସ ମଧ୍ୟରେ ପରୀକ୍ଷାମୂଳକ ଭାବେ ଏ ପୋଖରୀରୁ ମାଛ ଧରାହୋଇ ଦେଖାଗଲା ଯେ, ଚାଇନା ଜାତୀୟ ମାଛ ପ୍ରାୟ ଦେଢ଼ କିଲୋରୁ ଊର୍ଦ୍ଧ୍ୱ ହୋଇଛନ୍ତି । ଆସନ୍ତା ଜୁଲାଇମାସ ବେଳକୁ ଅର୍ଥାତ୍ ଦଶ ମାସ ପରେ ଏଥିରୁ ୩୦ କୁଇଣ୍ଟାଲରୁ ଅଧିକ ମାଛ ବାହାରିବ ବୋଲି ଏକ ପ୍ରାରମ୍ଭିକ ହିସାବରୁ ଜଣାପଡ଼ିଲା । ଏହି ମାଛର ଦାମ୍ ଖୁବ୍ କମ୍‌ରେ କିଲୋଗ୍ରାମ ପ୍ରତି ୭ଟଙ୍କା ବିକ୍ରି କରାଗଲେ ୨୧ ହଜାର ଟଙ୍କା ମିଳିବ । ସମସ୍ତ ଖର୍ଚ୍ଚ ବାଦ୍ ଯାଇ ୧୦ ମାସ ମଧ୍ୟରେ ଦେଢ଼ ଏକର ଜମିରୁ ୧୭ ହଜାର ଟଙ୍କା ଲାଭ ନିଶ୍ଚିତ ବୋଲି ଜଣାଯାଏ ଅର୍ଥାତ୍ ଏକ ଏକର ଜମିରୁ ୧୦ମାସ ମଧ୍ୟରେ ୧୧

ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲଭ ମିଳିବ ଯାହାକି କୌଣସି କୃଷି କାର୍ଯ୍ୟରେ ସମ୍ଭବ ହେବ ନାହିଁ ।

ଏହି କ୍ଷେତ୍ର ପ୍ରଦର୍ଶନ ଫଳରେ ଆଖପାଖ ଗ୍ରାମଗୁଡ଼ିକରେ ବର୍ତ୍ତମାନ ମତ୍ସ୍ୟଚାଷ ଖୁବ୍ ଲୋକପ୍ରିୟ ହେବାକୁ ଯାଉଛି । ଏଥିରେ ଅନୁପ୍ରାଣିତ ହୋଇ ଶାରିଗିଆ-ଘୋରଡିହା ଗାଁରେ ଏକ ମତ୍ସ୍ୟ ଉନ୍ନୟନ ସମବାୟ ସମିତି ଗଠନ କରାଯାଇଛି । ଏହି ସମବାୟ ସମିତି ୪୭ ଏକର ବିଶିଷ୍ଟ ତରା ପୁଷ୍କରିଣୀରେ ମତ୍ସ୍ୟଚାଷ ଯୋଜନା ହାତକୁ ନେଇଛନ୍ତି । ଏହି ସମବାୟ ସମିତିକୁ ପୁରୀ ଗ୍ରାମ୍ୟ ବ୍ୟାଙ୍କ ଋଣ ଦେଉଛନ୍ତି ଓ ଏଥିରେ ୧୩୮ ଜଣ ସଭ୍ୟ ବର୍ତ୍ତମାନ ରହିଛନ୍ତି ।

ଏହି ମତ୍ସ୍ୟଚାଷ ଯୋଜନା ଏ ଅଂଚଳର ମାଛ ଚାହିଦା ମେଣ୍ଟାଇବା ସଙ୍ଗେ ସଙ୍ଗେ ପୁରୀ ଓ ଭୁବନେଶ୍ୱର ସହରକୁ ମଧ୍ୟ ମାଛ ରପ୍ତାନି କରୁଛି ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପୁରୀ

# ସଖୀପଡ଼ା ଗ୍ରାମର ବିକାଶ କାହାଣୀ

ଶ୍ରୀ ବିଶ୍ୱମ୍ଭର ପାଢ଼ୀ

ବୌଦ୍ଧ କନ୍ଧମାଳ ଜିଲ୍ଲାର କନ୍ଧମାଳ ସବ୍‌ଡ଼ିଭିଜନ ମଧ୍ୟରେ ଅନୁନ୍ନତ ଗରିବ ହରିଜନ ଆଦିବାସୀ ଅଧ୍ୟୁଷିତ ଫିରିଂଗିଆ ପଞ୍ଚାୟତ ସମିତି ଅବସ୍ଥିତ । ଉକ୍ତ ଫିରିଂଗିଆ ପଞ୍ଚାୟତ ସମିତିରେ ପ୍ରାକୃତିକ ଶୋଭାପରିପୂର୍ଣ୍ଣ ପାହାଡ଼ ଜଙ୍ଗଲଭରା ସଖୀପଡ଼ା ଗ୍ରାମ ଅବସ୍ଥିତ । ବୌଦ୍ଧକନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀଠାରୁ ୩୬ କି. ମି. ଦୂରରେ ରାଜ୍ୟ ରାଜପଥ ନିକଟରେ ଏବଂ ଫିରିଂଗିଆ ପଞ୍ଚାୟତ ସମିତିର ଦକ୍ଷିଣରେ ଏହି ଗ୍ରାମଟି ଅବସ୍ଥିତ । ସଖୀପଡ଼ା ପାଞ୍ଚଟି ପଡ଼ାକୁ ନେଇ ଗଠିତ । ଏହି ଗ୍ରାମରେ ସର୍ବମୋଟ ଅଣିଟି ପରିବାର ବସ ବାସ କରନ୍ତି । ଗ୍ରାମର ପ୍ରଧାନ ଅଧିବାସୀ ହେଉଛନ୍ତି ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀଭୁକ୍ତ ଲୋକ । ଏହି ଗ୍ରାମର ସମସ୍ତ ପରିବାର ମୁଖ୍ୟତଃ କୃଷିକର୍ମରେ ନିଯୁକ୍ତ । ଗ୍ରାମରେ ସର୍ବମୋଟ ୫୬ ହେକ୍ଟର ଜମି ଅଛି । ସେଥି ମଧ୍ୟରୁ ପ୍ରାୟ ୩୦।୪୫ ହେକ୍ଟର ଜମିରେ ଧାନଚାଷ କରାଯାଏ । ଏହା ବ୍ୟତୀତ ବିରି, ମୁଗ, ମକା, ସୋରିଷ, କୁଆର, ଆଳୁ ଏବଂ ପନିପରିବା ଚାଷ ମଧ୍ୟ କରାଯାଏ । ଏମାନଙ୍କ ମଧ୍ୟରେ ଆଗୁଆ ଚାଷୀମାନେ ହେଲେ ନିବର୍ତ୍ତନ ବେହେରା, ପାତ୍ରି ବିଶୋଇ, ବ୍ରହ୍ମା ବେହେରା, ଚକ୍ରଧର ସାହୁ, ମହେନ୍ଦ୍ର ବିଶୋଇ, ପ୍ରସନ୍ନ ବେହେରା, ଜଳଧର ସାହୁ, ଧବଳେଶ୍ୱର ସାହୁ, ନରୋତ୍ତମ ବିଶୋଇ, ଏବଂ ସୁଦର୍ଶନ ଭୁତ୍ରା । ବ୍ଲକର କୃଷି ସଂପ୍ରସାରଣ ଅଫିସରଙ୍କ ଉଦ୍ୟମରେ କୃଷିର ଉନ୍ନତି ପାଇଁ ପରିକଳ୍ପନାମାନ ହାତକୁ ନିଆଯାଇଅଛି । ଉକ୍ତ ଗ୍ରାମଟି ଉତ୍କୃଷ୍ଟ କଂପୋଷ୍ଟ ଖତ ଉତ୍ପାଦନ କରୁଥିବା ଯୋଗୁଁ ଏହାକୁ କଂପୋଷ୍ଟ ପ୍ରତିଯୋଗିତା ପାଇଁ ବଛା ଯାଇଛି । ସମବାୟ ସଂସ୍ଥା ମାଧ୍ୟମରେ ଗ୍ରାମରେ ଦୁଇଟି ସେଚକୂପ ଖନନ କରାଯାଇଛି । କୃଷିର ଉନ୍ନତି ପାଇଁ ଗତବର୍ଷ ଖରିଫ ଋତୁରେ ପନ୍ଦର ଜଣ କୃଷକଙ୍କୁ ଟ୩,୫୦୦ ଋଣ ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଖରିଫ ଚାଷ ପାଇଁ ୨୫ ଜଣ କୃଷକଙ୍କୁ ଟ୧୦,୦୦୦ ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହାବ୍ୟତୀତ ସାତଜଣ କୃଷକଙ୍କୁ ବଳଦ କିଣିବା ପାଇଁ ଋଣ, ପାଞ୍ଚଜଣ କୃଷକଙ୍କୁ ଛେଳି ପାଳିବା ପାଇଁ ଋଣ ଏବଂ ଦୁଇଜଣ କୃଷକଙ୍କୁ ଶଗଡ଼ କିଣିବା ପାଇଁ ଋଣ ଦେବାକୁ ନିଷ୍ପତି ନିଆଯାଇଛି ।

ସମନ୍ୱିତ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକ୍ରମରେ ଏହି ଗ୍ରାମରେ ତିରିଶ ଗୋଟି ଘର ନିର୍ମାଣ କରାଯାଉଛି । ସେଥିମଧ୍ୟରୁ ହରିଜନମାନଙ୍କପାଇଁ କୋଡ଼ିଏଟି, ଆଦିବାସୀମାନଙ୍କ ପାଇଁ ଆଠଟି ଓ ଅବଶିଷ୍ଟ ଅନୁନ୍ନତ ଗୋଷ୍ଠୀର ଲୋକଙ୍କପାଇଁ ଉଦ୍ଦିଷ୍ଟ । ଏତଦ୍ ବ୍ୟତୀତ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗୋଟିଏ ନଳକୂପ ଖନନ କରାଯାଇଛି । ହରିଜନମାନଙ୍କର ପାନୀୟ ଜଳର ଅଭାବ ଦୂର କରିବା ପାଇଁ ଉକ୍ତ ହରିଜନ ପଡ଼ାରେ ଏକ କୂଅ ମଧ୍ୟ ଖୋଳାଯାଇଛି । ଖାଦ୍ୟପାଇଁ କାମ ଯୋଜନା ମାଧ୍ୟମରେ ଗ୍ରାମ ମଧ୍ୟରେ ବିଭିନ୍ନ ରାସ୍ତାର ଉନ୍ନତି କରାଯାଉଛି । ପ୍ରାଥମିକ ଶିକ୍ଷାର ସୁବିଧା ପାଇଁ ଏଠାରେ ଏକ ପ୍ରାଥମିକ ସ୍କୁଲ ରହିଛି । ଗ୍ରାମର ୬ବର୍ଷରୁ ୧୧ବର୍ଷ ବୟସର ୫୧ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ଭର୍ତ୍ତି କରାଯାଇଛି । ସ୍କୁଲଟିକୁ ଏକ ଆଦର୍ଶ ସ୍କୁଲରେ ପରିଣତ କରିବା ପାଇଁ ଗ୍ରାମବାସୀଙ୍କର ଉଦ୍ୟମ ପ୍ରଶଂସନୀୟ । ଅନ୍ୟାନ୍ୟ ଅନୁଷ୍ଠାନ ମଧ୍ୟରେ ଗ୍ରାମରେ ଏକ ମହିଳା ସମିତି ମଧ୍ୟ ରହିଛି । କେୟାର ସଂସ୍ଥା ଜରିଆରେ ୨୫ ଜଣ ମହିଳାଙ୍କୁ ଓ ପଞ୍ଚାନବେ ଜଣ ଶିଶୁଙ୍କୁ ନିୟମିତ ଖାଦ୍ୟ ଦିଆଯାଏ । ବର୍ତ୍ତମାନ ଆମ ଜାତୀୟ

ପବିତ୍ର ରଥଯାତ୍ରା ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା ଓ
ପୃଷ୍ଠପୋଷକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛୁ ।

# ସମାଜ

ଓଡ଼ିଶାର ବହୁଳ ପ୍ରଚାରିତ ଦୈନିକ ସମ୍ବାଦପତ୍ର

( ପ୍ରତିଷ୍ଠିତ : ୧୯୧୯ )

## ପ୍ରତିଷ୍ଠାତା

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ଗୋପବନ୍ଧୁ ଭବନ
ବକ୍ସି ବଜାର
କଟକ-୭୫୩୦୦୨

ଗ୍ରାମ : ସମାଜ
ଫୋନ : ୨୦୯୯୪, ୨୦୬୪୪, ୨୦୭୩୩ ଓ ୨୨୭୮୪

ସର୍ବୋତ୍ତମ ସଂବାଦ — ବଳିଷ୍ଠ ଆଭିମୁଖ୍ୟ

ନିର୍ଭୀକ ସଂବାଦ ପରିବେଷଣରେ ଅଗ୍ରଗାମୀ

# ପ୍ରଜାତନ୍ତ୍ର

ଓଡ଼ିଶାର ପ୍ରାଚୀନତମ

ଓଡ଼ିଆ ଭାଷାର ବୌଦ୍ଧିକ ମାସିକ ପତ୍ରିକା

# ଝଙ୍କାର

ଶିଶୁ ସାହିତ୍ୟର ମୁଖଶାଳା

ଶିଶୁମାନଙ୍କ ମନୋରଂଜନ ପାଇଁ ମାସିକ ପତ୍ରିକା

# ମୀନାବଜାର

ପରିବେଷକ : ପ୍ରଜାତନ୍ତ୍ର ପ୍ରଚାର ସମିତି

କଟକ-୭୫୩୦୦୨

ଫୋନ : ୨୩୫୯୦, ୨୧୩୬୬, ୨୦୮୨୪, ୨୩୮୬୬

ପ୍ରତିଷ୍ଠାତା—ଡକ୍ଟର ହରେକୃଷ୍ଣ ମହତାବ୍

ସର୍ବଶେଷ ତଟକା ସମ୍ବାଦ ଓ ନିରପେକ୍ଷ
ମତାମତ ପାଇଁ ପଢ଼ନ୍ତୁ ଏକମାତ୍ର ଜାତୀୟ
ଓଡ଼ିଆ ଦୈନିକ ସମ୍ବାଦପତ୍ର

# ସ୍ୱରାଜ୍ୟ

ସବୁ ପ୍ରକାର ବ୍ୟବସାୟିକ ବିଜ୍ଞାପନର
ଏକମାତ୍ର ଉପଯୁକ୍ତ ମାଧ୍ୟମ

**ସଂପାଦକ—ଶ୍ରୀ ବୈରାଗୀ ଚରଣ ମହାନ୍ତ**
କେଦାରଗୌରୀ ରୋଡ
ଭୁବନେଶ୍ୱର-୨

ବିଶେଷ ଆକର୍ଷଣ:—

ଏଥିରେ ଧାରାବାହିକଭାବେ ପ୍ରକାଶିତ ପ୍ରାଚ୍ୟ ଜଗତର ପୁରୁଖା ଓ ଅଭିଜ୍ଞ ରାଜନୀତିଜ୍ଞମାନଙ୍କ ମତାମତ । ଜାତୀୟ ଓ ଆନ୍ତର୍ଜାତିକ ସମସ୍ୟାବଳି ଉପରେ ପ୍ରାଚ୍ୟ ଭୂଖଣ୍ଡର ମହାନ୍ ରାଷ୍ଟ୍ରନୀତିଜ୍ଞ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ମନ୍ତବ୍ୟ ।

ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଆଲୋଚନା ତଥା ରାଜନୈତିକ ଓ ସାହିତ୍ୟିକ ବିଶ୍ଳେଷଣ ଏହି ସମ୍ବାଦପତ୍ରର କଳେବରକୁ ଋଦ୍ଧିମନ୍ତ କରିଛି ।

ଶକ୍ତି, ପ୍ରଗତି ଓ ସମୃଦ୍ଧି ର ପ୍ରତୀକ

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼

**ନୂତନ ଉତ୍ସାହର ସହିତ ଓଡ଼ିଶାବାସୀଙ୍କ ସେବାରେ ଆଗେଇ ଚାଲିଛି**
**ଏକ ଉନ୍ନତ ତଥା ଉଜ୍ଜ୍ୱଳତର ଭବିଷ୍ୟତ ପଥରେ**

- ସମ୍ପ୍ରତି ଏହାର ଜଳଜ-ତାପଜ ଶକ୍ତି ସଂଯୋଗରେ ପ୍ରତିଷ୍ଠିତ ଉତ୍ପାଦନକ୍ଷମ ୯୧୪ ମେଗାୱାଟ ବିଦ୍ୟୁତ ଶକ୍ତି ସମୁଦାୟ ରାଜ୍ୟର ଚାହିଦା ମେଣ୍ଟାଇବା ନିମନ୍ତେ ଯଥେଷ୍ଟ । ଏହା ବ୍ୟତୀତ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ପଡ଼ୋଶୀ ବିହାର, ଦାମୋଦର ଉପତ୍ୟକା କର୍ପୋରେସନର ବିଦ୍ୟୁତ ଚାହିଦା ପୂରଣ କରିବା ନିମନ୍ତେ ହାରାହାରି ୧୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଉଛି ।

- ସବୁ ଶ୍ରେଣୀର ବିଦ୍ୟୁତ୍ ବ୍ୟବହାରକାରୀଙ୍କୁ ଉପଯୁକ୍ତ ଭୋଲଟେଜ୍ ଓ ଯଥା ସମୟରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟବ୍ୟାପୀ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ସହ ବିଦ୍ୟୁତ୍ ସରବରାହ ସମ୍ପ୍ରସାରଣ କରାଯାଇଛି ।

- କେତେକ ପ୍ରଧାନ ବୈଶିଷ୍ଟ୍ୟ—

* ମୋଟ ୫୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନକ୍ଷମ ନୂତନ ବିଦ୍ୟୁତ୍ କେନ୍ଦ୍ର-ଗୁଡ଼ିକର ନିର୍ମାଣ ଚାଲିଛି ।

** ୧୯୭୭-୭୮ ମଧ୍ୟରେ ୨,୭୪୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ବିକ୍ରୟ କରାଯାଇଛି ।

*** ୧୯୭୮ ମାର୍ଚ୍ଚ ସୁଦ୍ଧା ୧,୭୯୯ଟି ଘୁକଘର ସମେତ ୧୫,୯୬୦ଟି ଗ୍ରାମକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି । ଏହା ଫଳରେ ମୋଟ ଗ୍ରାମଗୁଡ଼ିକର ଶତକଡ଼ା ୩୦ ଭାଗ ଗ୍ରାମକୁ ତଥା ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୫୧ ଭାଗ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।

**** ଅଗ୍ରଗାମୀ କୃଷି ଉଦ୍ୟୋଗୀଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବ୍-ଷ୍ଟେସନଠାରୁ ଏକ କିଲୋମିଟର ମଧ୍ୟରେ ଅବସ୍ଥିତ ସମସ୍ତ ବେସରକାରୀ ବ୍ୟକ୍ତିଗତ ଉଠାଜଳସେଚନ ପମ୍ପଗୁଡ଼ିକ ପର୍ଯ୍ୟନ୍ତ ବିଦ୍ୟୁତ୍ ବୋର୍ଡ ତରଫରୁ ମାଗଣାରେ ଏଲ୍. ଟି. ଲାଇନ୍ ନିର୍ମାଣ କରାଯାଇଥାଏ ।

ବିଦ୍ୟୁତ୍ ଚୋରି ସମ୍ପର୍କିତ ଚାବିକାଠି
ବୈଦ୍ୟୁତିକ ଯନ୍ତ୍ରପାତିଗୁଡ଼ିକର ସୁରକ୍ଷା କରନ୍ତୁ
ଏବଂ
ସଦାସର୍ବଦା ଆପଣମାନଙ୍କ ସେବା କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ ।

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼
ଭୁବନେଶ୍ୱର

OGP— MP ...

# ଆମ ରାଜ୍ୟ

## ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ପରିଷଦ ବୈଠକ

ମେଇ ୧୨ ତାରିଖ ଦିନ ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ ପରିଷଦର ୧୪ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଏଚ୍. ଏମ୍. ପଟେଲ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ସମ୍ମୋଳନରେ ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା, ବିହାର, ପଶ୍ଚିମ ବଙ୍ଗ ଓ ସିକିମ୍‌ର ମୁଖ୍ୟମନ୍ତ୍ରୀମାନେ, କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଧନିକ୍ ଲାଲ ମଣ୍ଡଳ ଏବଂ କେନ୍ଦ୍ର ଓ ସଂପୃକ୍ତ ରାଜ୍ୟମାନଙ୍କର ଉଚ୍ଚ ଅଫିସରବୃନ୍ଦ ଏଥିରେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟତଃ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଆନ୍ତଃ ରାଜ୍ୟ ସହଯୋଗ, ବିଦ୍ୟୁତ୍ ଶକ୍ତି ଯୋଗାଣରେ ଆନ୍ତଃ ରାଜ୍ୟ ଆଦାନ ପ୍ରଦାନ, ଖଣିଜ ସଂପଦର ଉତ୍ତୋଳନ ଓ ବିନିଯୋଗ ଏବଂ ରୟାଲ୍‌ଟି ହାର ନିର୍ଦ୍ଧାରଣ, ନିଶା ନିବାରଣ ନୀତିକୁ କାର୍ଯ୍ୟକାରୀ କରିବାରେ ଆନ୍ତଃ ରାଜ୍ୟ ସହଯୋଗ ଓ ସମନ୍ୱୟ ପ୍ରତିଷ୍ଠା, ତଫସିଲଭୁକ୍ତ ଜାତି ଓ ଉପଜାତିମାନଙ୍କର ଉନ୍ନତି ସାଧନ, ହରିଜନମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ପ୍ରତିକାର ବ୍ୟବସ୍ଥା ଆଲୋଚିତ ହୋଇଥିଲା ।



## ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଭାଷଣ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏହି ଅଧିବେଶନରେ ଯୋଗ ଦେଇଥିବା ସମ୍ମାନିତ ବ୍ୟକ୍ତିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ତାଙ୍କ ଭାଷଣରେ କହିଲେ ଯେ ଅର୍ଥନୈତିକ ଓ ରାଜନୈତିକ ବିଗ୍ରହରେ ଏହି ପୂର୍ବାଞ୍ଚଳ ରାଜ୍ୟମାନଙ୍କର ସାମୂହିକ ବିକାଶ ପାଇଁ ଅନେକ ବିଷୟରେ ପାରସ୍ପରିକ ସହାୟତାର ଆବଶ୍ୟକତା ରହିଛି । ଶ୍ରୀ ରାଉତରାୟ ପୁଣି କହିଲେ ପୂର୍ବାଞ୍ଚଳରେ




ଯେଉଁସବୁ ରାଜ୍ୟଗୁଡ଼ିକ ରହିଛି, ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସେଗୁଡ଼ିକ ମଧ୍ୟରେ ବହୁ ବିଷୟରେ ଅଧିକତର ସାମଞ୍ଜସ୍ୟ ରହିଛି । ଏହି ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ଦେଶର ଉତ୍କୃଷ୍ଟ ଖଣିଜ ସଂପଦ ଭରପୂର ହୋଇ ରହିଛି ଏବଂ ଏ ଅଞ୍ଚଳରେ ଲୁହା ଓ ଇସ୍ପାତ ଶିଳ୍ପର ଦ୍ରୁତ ଅଗ୍ରଗତି ଘଟୁଛି । ସଂପୃକ୍ତ ରାଜ୍ୟମାନଙ୍କରେ ତପସିଲଭୁକ୍ତ ସଂପ୍ରଦାୟର ଲୋକେ ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ମଧ୍ୟ ଅଧିକ ସଂଖ୍ୟାରେ ବାସ କରୁଛନ୍ତି । ଏ ସବୁ ଦୃଷ୍ଟିରୁ ଏହି ରାଜ୍ୟମାନଙ୍କ ମଧ୍ୟରେ ଘନ ଘନ ବିଗ୍ରହ ଆଲୋଚନା ଓ ମତ ବିନିମୟ ଘଟିଲେ ତଦ୍ୱାରା ପ୍ରତ୍ୟେକ ରାଜ୍ୟ ଅନ୍ୟ ରାଜ୍ୟର ଦୃଷ୍ଟିକୋଣ ଓ ବିଗ୍ରହ ଭଙ୍ଗୀକୁ ଭଲ ଭାବରେ ବୁଝି ପାରିବେ ଏବଂ ତଦନୁସାରେ ଯେଉଁସବୁ ସାଧାରଣ ସମସ୍ୟା ଦେଖା ଦେଉଛି ସେ ସବୁର ସମାଧାନ କରି-ପାରିବେ ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଏଚ୍. ଏମ୍. ପଟେଲ ବୈଠକରେ ପୌରୋହିତ୍ୟ କରି ଏହି ଅଧିବେଶନ ଯେପରି ନିୟମିତ ଭାବରେ ଓ ଯଥାଯଥ ସମୟ ବ୍ୟବଧାନରେ ଅନୁଷ୍ଠିତ ହୁଏ ସେ ଦିଗରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ ।

ଆଦିବାସୀ ଓ ହରିଜନଙ୍କ ଉପରେ ଅତ୍ୟାଚାରର ପ୍ରତିକାର ପାଇଁ ବିଭିନ୍ନ ରାଜ୍ୟ ଗ୍ରହଣ କରିଥିବା ବ୍ୟବସ୍ଥା-ମାନଙ୍କ ସଂପର୍କରେ ବୈଠକରେ ବିଶଦ ଆଲୋଚନା ହୋଇଥିଲା । ଏହି ସମସ୍ୟାର ସାମାଜିକ ତଥା ଅର୍ଥ-ନୈତିକ ସମାଧାନ ସଂପର୍କରେ ଆଲୋଚନା କରାଯାଇଥିଲା । ଅତ୍ୟାଚାରର ଘଟଣାବଳୀ ସଂପର୍କରେ ଦ୍ରୁତ ଓ ଫଳପ୍ରଦ ତଦନ୍ତ ତଥା ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ଦୁର୍ବଳତର ଶ୍ରେଣୀଙ୍କ ଅର୍ଥନୈତିକ ଉନ୍ନୟନ ପାଇଁ ଅଗ୍ରାଧିକାରମୂଳକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିବାକୁ ସଂପୃକ୍ତ ରାଜ୍ୟଗୁଡ଼ିକ ସମ୍ମତ ହୋଇଛନ୍ତି । ଯେଉଁ ହରିଜନ ଓ ଆଦିବାସୀମାନଙ୍କୁ ଜମିରୁ ଉଚ୍ଛେଦ କରାଯାଇଛି, ସେମାନଙ୍କ ଜମିର ପୁନରୁଦ୍ଧାର, ଆଦିବାସୀ ଉପ-ଯୋଜନା ତଥା ଆଦିବାସୀ ଅଞ୍ଚଳମାନଙ୍କରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଏବଂ ଜଙ୍ଗଲ ଉନ୍ନୟନ ବ୍ୟବସ୍ଥା ପ୍ରଭୃତିକୁ ତ୍ୱରାନ୍ୱିତ କରାଯିବା ଦିଗରେ ଯଥାଯଥ ପ୍ରଶାସନିକ ପଦକ୍ଷେପ ନେବାକୁ ମଧ୍ୟ ରାଜ୍ୟ ସରକାରମାନେ ରାଜି ହୋଇଛନ୍ତି । ବିଭିନ୍ନ ରାଜ୍ୟରେ ଘଟୁଥିବା ସାଂପ୍ରଦାୟିକ ଗଣ୍ଡଗୋଳ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଆନ୍ତଃ ରାଜ୍ୟ ଅପରାଧୀଙ୍କ ଅପରାଧ ନିୟନ୍ତ୍ରଣ ଦିଗରେ ରାଜ୍ୟମାନଙ୍କ ମଧ୍ୟରେ ଘନିଷ୍ଠତର ସହଯୋଗ ଓ ବୁଝା-ମଣାର ଆବଶ୍ୟକତା ଉପଲବ୍ଧି କରାଯାଇଥିଲା ।

# ଜନତାର ସେବାହିଁ ସମ୍ବାଦପତ୍ରର ପ୍ରଧାନ କର୍ତ୍ତବ୍ୟ

**ଶ୍ରୀ ନୀଳମଣି ରାଉତରାୟ**




ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୯ ମଇ ୨୬ ତାରିଖ ଦିନ ଭୁବନେଶ୍ୱରଠାରେ ଉତ୍କଳ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ଏକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଉଛନ୍ତି ।

ସମ୍ବାଦ ପତ୍ରର ସର୍ବ ପ୍ରଥମ ଓ ସର୍ବ ପ୍ରଧାନ ଦାୟିତ୍ୱ ହେଉଛି ଜନସାଧାରଣଙ୍କ ସେବା । ନିର୍ଭୁଲ ସମ୍ବାଦ ପରିବେଷଣ ସଂଗେ ସଂଗେ ନିରପେକ୍ଷ ତଥା ନିର୍ଭୀକ ମତାମତ ପ୍ରକାଶ କରି ଜନସାଧାରଣଙ୍କ ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ଜୀବନକୁ ଦିଗଦର୍ଶନ ଦେବା ହେଲା ସମ୍ବାଦ ପତ୍ରର ଧର୍ମ । ଏହି ଆଦର୍ଶ ଯେ କେବଳ ଓଡ଼ିଶା ବା ଭାରତବର୍ଷର ସମ୍ବାଦପତ୍ର ପ୍ରତି ପ୍ରଯୋଜ୍ୟ ତାହା ନୁହେଁ, ଏହା ହେଉଛି ସମଗ୍ର ବିଶ୍ୱର ସମ୍ବାଦ ପତ୍ର ତଥା ସାମ୍ବାଦିକତାର ମୂଳ-ନୀତି । କିନ୍ତୁ ବାସ୍ତବ କ୍ଷେତ୍ରରେ କେତେଦୂର ଏବଂ କି ଭଳି ଭାବରେ ଆମର ସମ୍ବାଦପତ୍ର ଗୁଡ଼ିକ ଏହି ଆଦର୍ଶ ଅନୁସରଣ କରୁଛନ୍ତି, ତାହାହିଁ ଚିନ୍ତା କରିବାର କଥା । ମୋର ଆଶଙ୍କା, ସ୍ୱାଧୀନତା ଲାଭର ପୂର୍ବବର୍ତ୍ତୀ କାଳରେ ଆମ ଦେଶର ସମ୍ବାଦପତ୍ର ଗୁଡ଼ିକ ଜନସାଧାରଣଙ୍କ ସମୂହ ସ୍ୱାର୍ଥ ପ୍ରତି ଆନୁଗତ୍ୟ ବଜାୟ ରଖି ଯେଉଁ ଭଳି ନିଷ୍ଠା, ଉତ୍ସାହ ଓ ଏକାତ୍ମବୋଧ ନେଇ କାର୍ଯ୍ୟ କରୁଥିଲେ, ବର୍ତ୍ତମାନ କାଳରେ ସେ ପରଂପରାର ଶୋଚନୀୟ ଅଧୋଗତି ଘଟିଛି । ସବୁଠାରୁ ବଳି ଦୁର୍ଭାଗ୍ୟର ବିଷୟ ହେଉଛି ଯେ ଏହି ଆଧୋଗତି ହିଁ କାଳକ୍ରମେ ଆମ ଆଗରେ ଏକ ଅପରିହାର୍ଯ୍ୟ ବାସ୍ତବତା ରୂପେ ଦେଖା ଦେଇଛି ଏବଂ ଜ୍ଞାତସାରରେ ହେଉ ବା ଅଜ୍ଞାତ ସାରରେ ହେଉ ଆମର ସମ୍ବାଦ ପତ୍ର ସାମ୍ବାଦିକ ଏପରିକି ଜନସାଧାରଣ ମଧ୍ୟ ଏହି ବାସ୍ତବତାର ଶୀକାର ହୋଇଛନ୍ତି । ଦିନେ ଯେଉଁ ମୂଲ୍ୟବୋଧ ନେଇ ସମ୍ବାଦ-ପତ୍ର ଗୁଡ଼ିକ ଜନସାଧାରଣଙ୍କ ଆଶା-ଆକାଂକ୍ଷାର ପ୍ରତି-ନିଧିତ୍ୱ କରୁଥିଲେ, ଆଜି ସେ ମୂଲ୍ୟବୋଧର ସତ୍ତା ନାହିଁ କହିଲେ ଚଳେ । ପ୍ରକାଶ୍ୟରେ ନିରପେକ୍ଷତା, ନିର୍ଭୀକତା ଓ ଜନ ସେବାର ମୁଖା ପିନ୍ଧି ଆମର ଅଧିକାଂଶ ସମ୍ବାଦପତ୍ର ପ୍ରଚ୍ଛନ୍ନ ଭାବରେ ଆଜି ଦଳ, ଗୋଷ୍ଠୀ ବା ବ୍ୟକ୍ତି- ବିଶେଷଙ୍କ ନ୍ୟସ୍ତ ସ୍ୱାର୍ଥର ସୁରକ୍ଷା ନିମନ୍ତେ ଏକ ସୁବିଧାବାଦୀ ଭୂମିକା ଗ୍ରହଣ କରିଛନ୍ତି । ଏକଥା କାହାରିକି ଅଛପା ନାହିଁ ଏବଂ ଏହାହିଁ ହେଉଛି ଆମର ବାସ୍ତବତା । ଏହି ବାସ୍ତବତା ଆଗରେ ସାମ୍ବାଦିକ ହିସାବରେ ଆପଣମାନେ ଯେପରି ଅନୁଭବ କରୁଛନ୍ତି, ନିରୀହ ଜନସାଧାରଣ ମଧ୍ୟ ସେହିପରି ପ୍ରତାରିତ ହେଉଛନ୍ତି ।

ପ୍ରଶ୍ନ ହେଉଛି, ଏ ପରିସ୍ଥିତିର ସମାଧାନ କେଉଁଠି ? ଜନସାଧାରଣଙ୍କ ପ୍ରତି ସମ୍ବାଦପତ୍ରର ଯେଉଁ ଦାୟିତ୍ୱ ରହିଛି, ସେ ଦାୟିତ୍ୱ ସଂପାଦନର ବିଚ୍ୟୁତି ଘଟିଲେ ଜନସାଧାରଣହିଁ ତାର ବିଚାର କରିବେ, ଏହା ଅବଶ୍ୟ ଏକ ସାଧାରଣ ଯୁକ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ସମ୍ବାଦପତ୍ରର ସ୍ୱେଚ୍ଛା-ଚାରିତା ବା ସୁବିଧାବାଦୀ ଭୂମିକା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଭଳି ଚେତନା ଓ ସାମର୍ଥ୍ୟ ଆମ ଜନ-ସାଧାରଣଙ୍କର ଅଛି କି ? ମୁଷ୍ଟିମେୟ କେତେକ ଚିନ୍ତାଶୀଳ ଓ ବିଚାରବୁଦ୍ଧି ସଂପନ୍ନ ଲୋକଙ୍କୁ ବାଦ ଦେଲେ ଏ ବିଷୟରେ ଚିନ୍ତା କରିବା ପାଇଁ ଦେଶର କୋଟି କୋଟି ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ନିର୍ଲିପ୍ତ ଏବଂ ଦାରିଦ୍ର୍ୟ-ପ୍ରପୀଡ଼ିତ ଜନସାଧାରଣଙ୍କ ଆଗ୍ରହ ବା ସୁଯୋଗ ନାହିଁ । ଅନ୍ୟ ଦିଗରେ, ସମ୍ବାଦପତ୍ରର ଭୂମିକା ନିର୍ଦ୍ଧାରଣ କରିବା ସମ୍ବାଦପତ୍ର ସଂପର୍କୀୟ ଆଚରଣ ବିଧିର କାର୍ଯ୍ୟକାରିତା ବିଚାର କରିବା ନିମନ୍ତେ ସରକାରୀ ସ୍ତରରେ ଯେଉଁ ପଦକ୍ଷେପ ନିଆ ଯାଉଛି, ତାହା ମଧ୍ୟ ଯଥେଷ୍ଟ ନୁହେଁ

ବୋଲି ମୋର ଧାରଣା । ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ସମ୍ବାଦପତ୍ରର ନିଷ୍ଠା, ଆନୁଗତ୍ୟ ଓ ସମ୍ବେଦନଶୀଳତା ବିଚାର କରିବ କିଏ ? ଏ ପ୍ରଶ୍ନ ଯେତେ ଜଟିଳ ହେଲେ ସୁଦ୍ଧା ମୋର ମନେ ହୁଏ ଏହାର ସମାଧାନ ରହିଛି ଆପଣମାନଙ୍କ ହାତରେ । ଯେଉଁ ମହାନ୍ ଲକ୍ଷ୍ୟ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆପଣମାନେ ସାମ୍ବାଦିକତାକୁ ଜୀବିକା ରୂପେ ଗ୍ରହଣ କରିଛନ୍ତି, କୌଣସି ପ୍ରକାରେ ଦୁର୍ବଳତା, ଲୋଭ ବା ଭୟର ବଶବର୍ତ୍ତୀ ନ ହୋଇ ସଂଘବଦ୍ଧ ଭାବରେ ଆପଣମାନେ ଯଦି ସେହି ଲକ୍ଷ୍ୟ ଓ ଆଦର୍ଶ ହାସଲ ନିମନ୍ତେ ଦୃଢ଼ପରିକର ହୁଅନ୍ତି ଏବଂ ସମସ୍ତ ଶକ୍ତି ଦେଇ ସୁବିଧାବାଦ ଓ ନ୍ୟସ୍ତସ୍ୱାର୍ଥର ଷଡ଼ଯନ୍ତ୍ର ପ୍ରତିରୋଧ କରିପାରନ୍ତି; ତେବେ ସାମ୍ବାଦିକତାର ଏକ ସୁସ୍ଥ ପରମ୍ପରା ସୃଷ୍ଟି ହେବା ସଂଗେ ସଂଗେ ସମ୍ବାଦପତ୍ର ପ୍ରତି ଜନସାଧାରଣଙ୍କ ଆସ୍ଥା ମଧ୍ୟ ବୃଦ୍ଧି ପାଇବ । ତେଣୁ ସମ୍ବାଦପତ୍ରର ଆଭିମୁଖ୍ୟ ବିଚାର କରିବା ପାଇଁ ଆପଣମାନେ ହିଁ ହେଉଛନ୍ତି ଜନସାଧାରଣଙ୍କ ପ୍ରତିନିଧି । ଆପଣମାନଙ୍କ ଚିନ୍ତାଧାରା ଓ ବିଚାର ବୁଦ୍ଧି ଉପରେ ଜନସାଧାରଣଙ୍କ ସ୍ୱାର୍ଥ ନିର୍ଭର କରେ । ନିଶ୍ଚିତ ଭାବରେ ଏହା ଆପଣମାନଙ୍କ ସମସ୍ତଙ୍କ ପକ୍ଷରେ ଏକ ଗୁରୁ ଦାୟିତ୍ୱ । କିନ୍ତୁ ଏ ଗୁରୁ ଦାୟିତ୍ୱ ସଂପାଦନ ପାଇଁ ଯଥେଷ୍ଟ ଶକ୍ତି ଓ ସାମର୍ଥ୍ୟ ଯେ ଆପଣମାନଙ୍କ ମଧ୍ୟରେ ଅଛି, ଏଥିରେ ମୋର ସନ୍ଦେହ ନାହିଁ ।

(୧୯୭୯ ମଇ ୨୬ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ ଉପଲକ୍ଷେ ପ୍ରଦତ୍ତ ଅଭିଭାଷଣରୁ)



## ରେଙ୍ଗାଲି ବାସହ୍ୟୁତ ପରିବାରଙ୍କୁ ୨ କୋଟି ୪୦ ଲକ୍ଷ ୬୨ ହଜାର ଟଙ୍କା କ୍ଷତିପୂରଣ ବଣ୍ଟନ

ରେଙ୍ଗାଲି ଯୋଜନା ଯୋଗୁ ବାସହ୍ୟୁତ ହେଉଥିବା ୪୫ ଗୋଟି ଗ୍ରାମର ୪ ହଜାର ପରିବାରଙ୍କୁ ଗତ ଆର୍ଥିକ ବର୍ଷ ମଧ୍ୟରେ ସେମାନଙ୍କ ଜମି, ଘର, ବାଡ଼ି ଓ ଗଛ ପ୍ରଭୃତି ବାବଦରେ ମୋଟ ୨ କୋଟି ୪୦ ଲକ୍ଷ ୬୨ ହଜାର ୨୪୫ ଟଙ୍କା ବଣ୍ଟନ କରାଯାଇଛି । ଏହା ବ୍ୟତୀତ, କ୍ଷତିପୂରଣ ଟଙ୍କା ମଧ୍ୟରୁ ୩ ଲକ୍ଷ ୪୨ ହଜାର ଟଙ୍କା ଭୂ ରାଜସ୍ୱ ବାବଦରେ ଦିଆଯାଇଛି ଓ ୪ ଲକ୍ଷ ୮୯ ହଜାର ୭୪୪ ଟଙ୍କା ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେଭିନ୍ୟୁ ଡିପୋଜିଟ୍ କରାଯାଇଛି । ଏହି ଡିପୋଜିଟରୁ ସେମାନେ ପରେ ଟଙ୍କା ଉଠାଇ ପାରିବେ ।

କ୍ଷତିପୂରଣ ଟଙ୍କା ସୁବିଧାରେ ଦିଆଯିବା ନିମନ୍ତେ ସମଗ୍ର ବୁଡ଼ି ଅଞ୍ଚଳକୁ ଦେବଗଡ଼–୧, ଦେବଗଡ଼–୨, ପାଲ୍ଲହଡ଼ା ଓ ରେଙ୍ଗାଲି ଡ୍ୟାମ୍ ସାଇଟ୍ ଏହିପରି ୪ ଗୋଟି ଜୋନ୍‌ରେ ବିଭକ୍ତ କରାଯାଇଛି ।

ଦେବଗଡ଼–୧ ଜୋନ୍‌ରେ କ୍ଷତିପୂରଣ ବାବଦରେ ଗତ ମାର୍ଚ୍ଚମାସ ମଧ୍ୟରେ ମଞ୍ଜୁର କରାଯାଇଥିବା ୩୪ ଲକ୍ଷ ୪୮ ହଜାର ୫୧୧ ଟଙ୍କା ମଧ୍ୟରୁ ୩୩ ଲକ୍ଷ ୨୨ ହଜାର ୯୦୪ ଟଙ୍କା ବାସହ୍ୟୁତ ପରିବାରଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ସେହିପରି ଦେବଗଡ଼–୨ ଜୋନ୍ ପାଇଁ ମଞ୍ଜୁର ହୋଇଥିବା ୬୦ ଲକ୍ଷ ୫୨ ହଜାର ୭୩୨ ଟଙ୍କା ମଧ୍ୟରୁ ୫୮ ଲକ୍ଷ ୪୦ ହଜାର ୬୧୫ ଟଙ୍କା, ରେଙ୍ଗାଲି ଜୋନ୍ ପାଇଁ ମଞ୍ଜୁର ହୋଇଥିବା ୪୨ ଲକ୍ଷ ୩୨ ହଜାର ୨୨୦ ଟଙ୍କା ମଧ୍ୟରୁ ୪୧ ଲକ୍ଷ ୫୩ ହଜାର ୬୮୪ ଟଙ୍କା ଓ ପାଲ୍ଲହଡ଼ା ଜୋନ୍ ପାଇଁ ମଞ୍ଜୁର ହୋଇଥିବା ୧ କୋଟି ୧୧ ଲକ୍ଷ ୬୮ ହଜାର ୭୦୫ ଟଙ୍କା ମଧ୍ୟରୁ ୧ କୋଟି ୭ ଲକ୍ଷ ୪୫ ହଜାର ୪୧ ଟଙ୍କା କ୍ଷତିପୂରଣ ବାବଦରେ ଦିଆଯାଇଛି ।

ବୁଡ଼ି ଅଂଚଳର ଲୋକମାନେ ଠିକ୍ ଭାବରେ କ୍ଷତିପୂରଣ ଟଙ୍କା ପାଉଛନ୍ତି କି ନାହିଁ ତାହା ଜାଣିବା ପକାଶେ ଉତ୍ତରାଞ୍ଚଳ ରେଭିନ୍ୟୁ କମିଶନର ଶ୍ରୀ ଭି. ନଟରାଜନ୍ ସେହିସବୁ ଗ୍ରାମରେ କ୍ଷତିପୂରଣ ଟଙ୍କା ବଣ୍ଟାଯାଉଥିବା ସମୟରେ ପରିଦର୍ଶନ କରିଥିଲେ । କ୍ଷତିପୂରଣ ଟଙ୍କାକୁ ପାଖରେ ନ ରଖି ସ୍ୱଳ୍ପ ସଂଚୟ ଯୋଜନାରେ ଖଟାଇଲେ ତହିଁରୁ ସୁଧ ମିଳିବା ସଙ୍ଗେ ସଙ୍ଗେ ତାହା ନିରାପଦରେ ରହି ପାରିବ ବୋଲି ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଚଳିତ ଆର୍ଥିକ ବର୍ଷ କ୍ଷତିପୂରଣ ଟଙ୍କା ବାଣ୍ଟିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ଏବଂ ବୁଡ଼ି ଅଞ୍ଚଳ ଲୋକଙ୍କୁ ତାହା ଶୀଘ୍ର ଦେବା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟକ୍ରମ ସ୍ଥିର କରାଯାଉଛି ।



OGP—MP-VI (I. & P. R.) 11—30,000—22-6-1979

ପବିତ୍ର ରଥଯାତ୍ରା ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା ଓ
ପୃଷ୍ଠପୋଷକମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛୁ ।

# ସମାଜ

ଓଡ଼ିଶାର ବହୁଳ ପ୍ରଚାରିତ ଦୈନିକ ସମ୍ବାଦପତ୍ର

( ପ୍ରତିଷ୍ଠିତ : ୧୯୧୯ )

ପ୍ରତିଷ୍ଠାତା

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ଗୋପବନ୍ଧୁ ଭବନ
ବକ୍ସି ବଜାର
କଟକ-୭୫୩୦୦୧

ଗ୍ରାମ : ସମାଜ

ଫୋନ : ୨୦୯୯୪, ୨୧୦୪୪, ୨୦୮୩ ଓ ୨୩୩୮୪

ସଦ୍ୟତମ ସଂବାଦ    ବଳିଷ୍ଠ ଆଭିମୁଖ୍ୟ

ନିର୍ଭୀକ ସଂବାଦ ପରିବେଷଣରେ ଅଗ୍ରଗାମୀ

# ପ୍ରଜାତନ୍ତ୍ର

ଓଡ଼ିଶାର ପ୍ରାଚୀନତମ

ଓଡ଼ିଆ ଭାଷାର ବୌଦ୍ଧିକ ମାସିକ ପତ୍ରିକା

# ଝଙ୍କାର

ଶିଶୁ ସାହିତ୍ୟର ମୁଖଶାଳା

ଶିଶୁମାନଙ୍କ ମନୋରଂଜନ ପାଇଁ ମାସିକ ପତ୍ରିକା

# ମୀନାବଜାର

ପରିବେଷକ : ପ୍ରଜାତନ୍ତ୍ର ପ୍ରଚାର ସମିତି

କଟକ-୭୫୩୦୦୧

ଫୋନ : ୨୩୫୯୦, ୨୧୩୬୬, ୨୦୮୨୪, ୨୩୮୬୬

ପ୍ରତିଷ୍ଠାତା—ଡକ୍ଟର ହରେକୃଷ୍ଣ ମହତାବ୍

ସର୍ବଶେଷ ଘଟଣା ସମ୍ବାଦ ଓ ନିରପେକ୍ଷ
ମତାମତ ପାଇଁ ପଢ଼ନ୍ତୁ ଏକମାତ୍ର ଜାତୀୟ
ଓଡ଼ିଆ ଦୈନିକ ସମ୍ବାଦପତ୍ର

# ସ୍ୱରାଜ୍ୟ

ସବୁ ପ୍ରକାର ବ୍ୟବସାୟିକ ବିଜ୍ଞାପନର
ଏକମାତ୍ର ଉପଯୁକ୍ତ ମାଧ୍ୟମ

**ସଂପାଦକ—ଶ୍ରୀ ବୈରାଗୀ ଚରଣ ମହାନ୍ତ**
କେଦାରଗୌରୀ ରୋଡ
ଭୁବନେଶ୍ୱର-୨

**ବିଶେଷ ଆକର୍ଷଣ:—**

ଏଥିରେ ଧାରାବାହିକଭାବେ ପ୍ରକାଶିତ ପ୍ରାଚ୍ୟ ଜଗତର ପୁରୁଖା ଓ ଅଭିଜ୍ଞ ରାଜନୀତିଜ୍ଞମାନଙ୍କ ମତାମତ । ଜାତୀୟ ଓ ଆନ୍ତର୍ଜାତିକ ସମସ୍ୟାବଳି ଉପରେ ପ୍ରାଚ୍ୟ ଭୂଖଣ୍ଡର ମହାନ୍ ରାଷ୍ଟ୍ରନୀତିଜ୍ଞ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ମନ୍ତବ୍ୟ ।

ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଆଲୋଚନା ତଥା ରାଜନୈତିକ ଓ ସାହିତ୍ୟିକ ବିଶ୍ଳେଷଣ ଏହି ସମ୍ବାଦପତ୍ରର କଳେବରକୁ ଋଦ୍ଧିମନ୍ତ କରିଛି ।

ଶକ୍ତି, ପ୍ରଗତି ଓ ସମୃଦ୍ଧିର ପ୍ରତୀକ

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼

## ନୂତନ ଉତ୍ସାହର ସହିତ ଓଡ଼ିଶାବାସୀଙ୍କ ସେବାରେ ଆଗେଇ ଚାଲିଛି
## ଏକ ଉନ୍ନତ ତଥା ଉଜ୍ଜ୍ୱଳତର ଭବିଷ୍ୟତ ପଥରେ

୧. ସମ୍ପ୍ରତି ଏହାର ଜଳଜ-ତାପଜ ଶକ୍ତି ସଂଯୋଗରେ ପ୍ରତିଷ୍ଠିତ ଉତ୍ପାଦନକ୍ଷମ ୯୧୪ ମେଗାୱାଟ ବିଦ୍ୟୁତ ଶକ୍ତି ସମୁଦାୟ ଘରୋଇ ଚାହିଦା ମେଣ୍ଟାଇବା ନିମନ୍ତେ ଯଥେଷ୍ଟ । ଏହା ବ୍ୟତୀତ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ପଡ଼ୋଶୀ ବିହାର, ଦାମୋଦର ଉପତ୍ୟକା କର୍ପୋରେସନର ବିଦ୍ୟୁତ ଚାହିଦା ପୂରଣ କରିବା ନିମନ୍ତେ ହାରାହାରି ୧୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଉଛି ।

୨. ସବୁ ଶ୍ରେଣୀର ବିଦ୍ୟୁତ୍ ବ୍ୟବହାରକାରୀଙ୍କୁ ଉପଯୁକ୍ତ ଭୋଲଟେଜ୍ ଓ ଯଥା ସମୟରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟବ୍ୟାପୀ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ସହ ବିଦ୍ୟୁତ୍ ସରବରାହ ସମ୍ପ୍ରସାରଣ କରାଯାଇଛି ।

୩. କେତେକ ପ୍ରଧାନ ବୈଶିଷ୍ଟ୍ୟ—

* ମୋଟ ୫୬୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନକ୍ଷମ ନୂତନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ନିର୍ମାଣ ଚାଲିଛି ।

** ୧୯୭୭-୭୮ ମଧ୍ୟରେ ୨,୭୪୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ବିକ୍ରୟ କରାଯାଇଛି ।

*** ୧୯୭୮ ମାର୍ଚ୍ଚ ସୁଦ୍ଧା ୧,୭୯୯ଟି ସ୍ୱଳଘର ସମେତ ୧୫,୯୬୦ଟି ଗ୍ରାମକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି । ଏହା ଫଳରେ ମୋଟ ଗ୍ରାମଗୁଡ଼ିକର ଶତକଡ଼ା ୩୦ ଭାଗ ଗ୍ରାମକୁ ତଥା ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୫୧ ଭାଗ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।

**** ଅଗ୍ରଗାମୀ କୃଷି ଉଦ୍ୟୋଗୀଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବ୍‌ଷ୍ଟେସନଠାରୁ ଏକ କିଲୋମିଟର ମଧ୍ୟରେ ଅବସ୍ଥିତ ସମସ୍ତ ବେସରକାରୀ ବ୍ୟକ୍ତିଗତ ଉଠାଜଳସେଚନ ପମ୍ପସେଟଗୁଡ଼ିକ ପର୍ଯ୍ୟନ୍ତ ବିଦ୍ୟୁତ୍ ବୋର୍ଡ ତରଫରୁ ମାଗଣାରେ ଏଲ୍. ଟି. ଲାଇନ୍ ନିର୍ମାଣ କରାଯାଇଥାଏ ।

ବିଦ୍ୟୁତ୍ ହିଁ ସମୃଦ୍ଧିର ଚାବିକାଠି
ବୈଦ୍ୟୁତିକ ଯନ୍ତ୍ରପାତିଗୁଡ଼ିକର ସୁରକ୍ଷା କରନ୍ତୁ
ଏବଂ
ସଦାସର୍ବଦା ଆପଣମାନଙ୍କ ସେବା କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ ।

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ
ଭୁବନେଶ୍ୱର




କେନ୍ଦ୍ର ଇସ୍ପାତ ଓ ଖଣିମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଓ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ରବି ରାୟ ୧୯୭୯ ମଇ ୨୭ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ପାଇକ ଆଖଡ଼ା ପ୍ରତିଯୋଗିତାରେ ଅଭିବାଦନ ଗ୍ରହଣ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୯ ମଇ ୩୦ ତାରିଖ ଦିନ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପାଇକ ଆଖଡ଼ା ସମାରୋହର ଉଦ୍‌ଯାପନ ଉତ୍ସବରେ ଶ୍ରେଷ୍ଠ କୃତିତ୍ୱ ଅର୍ଜନ କରିଥିବା ପାଇକ ଦଳକୁ ଶିଲ୍ଡ ପ୍ରଦାନ କରୁଛନ୍ତି ।

ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ଡକ୍ଟର ହରେକୃଷ୍ଣ ମହତାବ ଓ ସମାଜ ସମ୍ପାଦକ ... ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ ।

Vol. XXXV No. 11 UTKAL PRASANGA Regd.
Licence No. C. R. N. P. 5—Licensed to post without Pre-Pay



Printed at Orissa Government Press, Cuttack-10

N
rme

